ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର

ଗୋବିନ୍ଦ ଚନ୍ଦ୍ର ଚନ୍ଦ

ଆଧୁନିକ ଓଡ଼ିଆ ସାହିତ୍ୟର ଅର୍ଦ୍ଧଶତାବ୍ଦୀର ଐତିହ୍ୟ ଓ ଐଶ୍ୱର୍ଯ୍ୟର ଅନବଦ୍ୟ ଅଭିବ୍ୟକ୍ତି – ଝଙ୍କାର । ଦୀର୍ଘ ଚାରି ପିଢ଼ିର ସାରସ୍ୱତ ପ୍ରତିନିଧି ଭାବରେ ଏ ଐତିହ୍ୟସମ୍ପନ୍ନ ପତ୍ରିକା ଦେଶର ଲେଖକ ଓ ବୁଦ୍ଧିଜୀବୀବର୍ଗଙ୍କ ପ୍ରିୟ ମୁଖପତ୍ର ହୁଏଁ, ଆଧୁନିକ ଓଡ଼ିଶାର ସଚେତନ ଓ ସଂସ୍କୃତିସମ୍ପନ୍ନ ପାଠକବର୍ଗଙ୍କର ମଧ୍ୟ ଆଦରଣୀୟ ।

'ଝଙ୍କାର' – ପଚାଶ ବର୍ଷର ସାରସ୍ୱତ-ସଂସ୍କୃତିର ନିଖୁଣ ନଖଦର୍ପଣ । ଆଧୁନିକତାର ଉତ୍ତରଣ ଓ ଅତିକ୍ରମଣର ଉପାଖ୍ୟାନର ଭାବରେ ଏ ପତ୍ରିକାର ଅବଦାନ ଅନସ୍ୱୀକାର୍ଯ୍ୟ । ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନ ସହିତ ବହୁ ସାରସ୍ୱତ ବ୍ୟକ୍ତିଙ୍କ ସୃଷ୍ଟି-ସାଧନା ସମ୍ପର୍କରେ 'ଝଙ୍କାର' ହିଁ ଏକମାତ୍ର ବିଶ୍ୱାସଯୋଗ୍ୟ ମୁଖପତ୍ର ।

ପଚାଶ ବର୍ଷର ଆଧୁନିକ ଓଡ଼ିଆ ସାହିତ୍ୟର ଗତି, ପ୍ରବୃତ୍ତିରେ ଝଙ୍କାରର ସଂପୃକ୍ତି ସହିତ ଏକ ସୁଦୀର୍ଘ ଲେଖକୀୟ ରଚନା-ପଞ୍ଜି – ଏ ସନ୍ଦର୍ଭ ଗ୍ରନ୍ଥର ଅନନ୍ୟ ଆକର୍ଷଣ ।

ଓଡ଼ିଆ ସାହିତ୍ୟର
ବିକାଶ ଓ ବିବର୍ତ୍ତନରେ
ଝଙ୍କାର

ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ବିନୋଦ ବିହାରୀ, କଟକ-୨

ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର

ଲେଖକ : ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ପ୍ରକାଶକ : ଗଙ୍ଗାଧର ତ୍ରିପାଠୀ,
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ,
କଟକ - ୭୫୩୦୦୨

ପ୍ରଥମ ପ୍ରକାଶ : ୨୦୦୦

ପ୍ରଚ୍ଛଦ : ବିଜୟ ପ୍ରଧାନ

ମୁଦ୍ରଣ : ଟେକ୍‌ନୋ ଆର୍ଟସ୍ ଅଫସେଟ୍,
କଲ୍ୟାଣୀନଗର, କଟକ-୧୩

ଡି.ଟି.ପି : କସ୍‌ମିକ୍ କମ୍ପୁଟର ଏଣ୍ଡ୍ କମ୍ୟୁନିକେସନ୍

ମୂଲ୍ୟ : ୧୫୦/-

ODIA SAHITYARA BIKASA O BIBARTANARE JHANKARA

Author : Gobinda Chandra Chand

@ Archana Singh

Publisher : Gangadhar Tripathy,
Prachi Sahitya Pratisthana, Binod Behari,
Cuttack - 753 002, Ph: 619037

First Edition : 2000

Price: 150/-

ପିତା କ୍ଷୀରୋଦ ଚନ୍ଦ୍ର
ଓ
ମାତା ପ୍ରେମଲତାଙ୍କୁ...

ମନକଥା

ଡଃ ମହତାବଙ୍କ ରଚନାବଳୀ ସଂଗ୍ରହ କରିବା ଅବକାଶରେ ସାହିତ୍ୟ ପତ୍ରିକା 'ଝଙ୍କାର' (୧୯୪୯)ର ପୁରାତନ ପୃଷ୍ଠା ଓଲଟାଇବାର ଏକ ଅପୂର୍ବ ସୁଯୋଗ ମିଳିଲା । ଏହି ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାର ପ୍ରଥମ ଦୁଇ ଦଶନ୍ଧି(୧୯୪୮-୧୯୬୮) ସଂଖ୍ୟାଗୁଡ଼ିକର ପୃଷ୍ଠା ପଟଳରେ ଉତ୍କୀର୍ଣ୍ଣ ପ୍ରତିଶ୍ରୁତି ସମ୍ପନ୍ନ ବୈଚିତ୍ର୍ୟପୂର୍ଣ୍ଣ, ବିବିଧତାମୟ ସାରସ୍ୱତ ରଚନାଚୟ, ପ୍ରତିଷ୍ଠିତ ପ୍ରବୀଣ ସାହିତ୍ୟକାରଙ୍କ ସହ ପ୍ରତିଶ୍ରୁତି ମଣ୍ଡିତ ତରୁଣ ସାରସ୍ୱତ ସାଧକମାନଙ୍କ ପ୍ରତିଭାର ବିକାଶ ନିମିତ୍ତ ଗ୍ରହଣ କରିଥିବା ମହତ ଆଭିମୁଖ୍ୟ ଏଥିପ୍ରତି ସୃଷ୍ଟିକଲା ମୋ ମନରେ ଗଭୀର ଶ୍ରଦ୍ଧା ଓ ସମ୍ମୋହନ । 'ଘର','ପିତା ଓ ପୁତ୍ର', 'ଶ୍ରୀକୃଷ୍ଣଙ୍କ ଶେଷହସ', 'ଅନ୍ଧରାତିର ସୂର୍ଯ୍ୟ' 'ମନମର୍ମର', 'ଅନ୍ଧଗଳିର ଅନ୍ଧକାର', 'ସ୍ୱର୍ଗରେ ଇମର୍ଜେନସି', 'ଟାଇପ୍ ଫୋର୍', 'ଭଙ୍ଗା ଖେଳନା', 'ରବିବାସରୀୟ ସଂଗୀତ', 'ପାଟଦେଈ', 'ଓଟ', 'ରୂପାନ୍ତର','ଗ୍ରାମପଥ', 'ସୁନାସିଂହର ସ୍ୱପ୍ନ', 'କାଠଘୋଡ଼ା ପାଣି ପି','ଅଳକା ସାନ୍ୟାଲ', 'ଛୁଟିର ଖରା', 'ବେଙ୍ଗ', 'ଗୋବର ଗଣେଶ', 'ଜରା ଶବରର ସଂଗୀତ', 'ଅଗ୍ନିପୃଥୀ', 'ଲଣ୍ଡନ', 'ଚନ୍ଦ୍ରମାର ଚୁଡ଼ି', 'ଲାଲ ପାଗୋଡ଼ାର ପ୍ରେତ', 'ଅତିମାନବ' ଆଦି ବହୁ ସର୍ଜନାତ୍ମକ ସୃଷ୍ଟି ସହିତ ସଂଖ୍ୟାଧିକ ସମୃଦ୍ଧ ସମାଲୋଚନା ମନ ଭିତରେ ଉଦ୍‌ବେଳନ ସୃଷ୍ଟି କରିଛି । ମୁଁ ରୋମନ୍ଥନ କରିଛି ଏହି ସୃଷ୍ଟି ସମୂହର ପ୍ରଭାବକୁ ବାରମ୍ବାର,ପାଇଛି ଅନିର୍ବଚନୀୟ ଆନନ୍ଦ । ମୋ ପ୍ରଥମ ପରିଚୟ ମୁହୂର୍ତ୍ତର ପରଠାରୁ ଏହା ପ୍ରତି ରହିଆସିଛି ଅହେତୁକ ଆକର୍ଷଣ । ''ଓଡ଼ିଆ ସାହିତ୍ୟର ବିକାଶ ବିବର୍ତ୍ତନରେ ଝଙ୍କାର'' ସଂଦର୍ଭ ଏହି ସମ୍ମୋହନ, ଉଦ୍‌ବେଳନ ତଥା ଅନିର୍ବଚନୀୟ ଆନନ୍ଦର ସାର୍ଥକ ଫଳଶ୍ରୁତି ।

ହଁ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ରାଜରାସ୍ତା ପ୍ରଶସ୍ତ କରାଇବାର ଉଲ୍ଲେଖନୀୟ ଭୂମିକାରେ ଅବତୀର୍ଣ୍ଣ ହୋଇଛି 'ଝଙ୍କାର' । ବଳିଷ୍ଠ ସାହିତ୍ୟ ପତ୍ରିକାର ଅଭାବବୋଧ ମଧ୍ୟରେ ଆତ୍ମପ୍ରକାଶ କରି 'ଉତ୍କଳ ସାହିତ୍ୟ', 'ସହକାର' ପରେ 'ଝଙ୍କାର'

ଓଡ଼ିଶାର ସାରସ୍ୱତ ବିଭୂତିକୁ ଅନିର୍ବାଣ କରିରଖିବାର ଦାୟବଦ୍ଧ ଭୂମିକାକୁ ନିଷ୍ଠାର ସହ ନିର୍ବାହ କରି ଆସିଛି । ଆଜି ଏହା ପତ୍ରିକା ନୁହେଁ- ଏକ ପରମ୍ପରା । ଏହି ପରମ୍ପରାର ପବିତ୍ର ପ୍ରବହମାନ ଧାରାରେ ଅବଗାହନ କରି ବହୁ ସାରସ୍ୱତ ସାଧକ ସଫଳତାର ଶୀର୍ଷ ସୋପାନକୁ ଉତ୍ତୀର୍ଣ୍ଣ ହୋଇ ପାରିଛନ୍ତି । ଆଜି ସର୍ବଭାରତୀୟ ଦରବାରରେ ଓଡ଼ିଆ ସାହିତ୍ୟର ଯେଉଁ ବିଜୟ ବୈଜୟନ୍ତୀ ସଦର୍ପରେ ଫର ଫର ହୋଇ ଉଡ୍ଡୀୟମାନ, ସେଥିରେ 'ଝଙ୍କାର'ର ଅଗ୍ରଣୀ ଭୂମିକା ସ୍ୱୀକାର୍ଯ୍ୟ । ଝଙ୍କାର ପୃଷ୍ଠାରେ ଅର୍ଦ୍ଧଶତାବ୍ଦୀର ଓଡ଼ିଆ ସାହିତ୍ୟର ଗତି ଓ ପ୍ରବୃତ୍ତି, ଉତ୍କର୍ଷ ଓ ନିଷ୍କର୍ଷ ପ୍ରତିବିମ୍ବିତ । ପ୍ରତିଫଳିତ ଓଡ଼ିଶାର ପାଠକୀୟ ଅଭିରୁଚି ଓ ଲେଖକୀୟ ଆଭିମୁଖ୍ୟ । କେବଳ କଲମକାଳିରେ ନୁହେଁ; ରଙ୍ଗତୂଳୀ ଓ ଛାୟାଛବିରେ ସମୟ, ସମାଜ ଓ ଜନମାନସର ଅବସ୍ଥା ମଧ୍ୟ ଅଙ୍କିତ । ବିରାଟ କାନ୍‌ଭାସ୍ ଉପରେ ଦଣ୍ଡାୟମାନ ସାହିତ୍ୟ ପତ୍ରିକାଟି ସମ୍ପର୍କରେ ପ୍ରସ୍ତୁତ ସଂଦର୍ଭଟି ଏହି ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ନିର୍ଦ୍ଦିଷ୍ଟ ସାହିତ୍ୟ ପତ୍ରିକା ସମ୍ପର୍କରେ ପ୍ରସ୍ତୁତ ଏହି ସଂଦର୍ଭ ନିକଟ ଭବିଷ୍ୟତରେ ଅନ୍ୟାନ୍ୟ ସାହିତ୍ୟ ପତ୍ରିକା ସମ୍ପର୍କରେ ଗବେଷଣାର ପଥ ପରିଷ୍କାର କରିବ ବୋଲି ଆଶା ଓ ବିଶ୍ୱାସ ରଖୁଛି ।

ସଂଦର୍ଭର ପ୍ରଥମ ପରିଚ୍ଛେଦ- 'ଓଡ଼ିଆ ପତ୍ରପତ୍ରିକାର ପରମ୍ପରା ଓ ଝଙ୍କାର' । ଏଥିରେ ଓଡ଼ିଆ ସାହିତ୍ୟର ବିକାଶ ଓ ପ୍ରସାର କ୍ଷେତ୍ରରେ ପତ୍ରପତ୍ରିକା ଗ୍ରହଣ କରିଥିବା ଭୂମିକା, ଝଙ୍କାର ଭଳି ସାହିତ୍ୟ ପତ୍ରିକାର ଆବଶ୍ୟକତା ଓ ଝଙ୍କାରର ଜନ୍ମଜାତକ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି । ଝଙ୍କାରରେ ସ୍ଥାନିତ କବିତା, ଗଳ୍ପ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ ସମ୍ପର୍କରେ ଆଲୋକପାତ କରାଯାଇଛି 'ସର୍ଜନାତ୍ମକ ସୃଷ୍ଟି ଓ ଆକଳନ' ଶୀର୍ଷକ ଦ୍ୱିତୀୟ ପରିଚ୍ଛେଦରେ । ସୀମିତ ପରିସର ହେତୁ ସୃଷ୍ଟି ସଂଭାରର ଆଙ୍ଗିକ ଓ ଆତ୍ମିକ ସଂପଦ ସମ୍ପର୍କରେ ସୂଚନା ଏଥିରେ ପ୍ରଦତ୍ତ ହୋଇଛି । ଉଚ୍ଚକୋଟୀର ଗବେଷଣା ପତ୍ରିକା ରୂପେ 'ଝଙ୍କାର'ର ଖ୍ୟାତି ସର୍ବଜନବିଦିତ । ତୃତୀୟ ପରିଚ୍ଛେଦରେ ଦୀର୍ଘ ପଚାଶ ବର୍ଷର ଆଲୋଚନା ଓ ସମାଲୋଚନା ସହିତ ପୁସ୍ତକ ସମୀକ୍ଷାର ସ୍ୱରୂପ ଓ ପ୍ରକୃତି ସମ୍ପର୍କିତ ଆଲୋଚନା ପ୍ରଦତ୍ତ । ପତ୍ରପତ୍ରିକାର ସମ୍ପାଦକୀୟ ସେହି ପତ୍ରିକାର ଆଭିମୁଖ୍ୟ, ସ୍ଥାନିତ ସୃଷ୍ଟି ସମୂହର ବୈଚିତ୍ର୍ୟ ସମ୍ପର୍କରେ ପରିଚୟ ଦିଏ । ଉଚ୍ଚମାନର ସମ୍ପାଦକୀୟ ସମ୍ପାଦକ ଉପରେ ନିର୍ଭରଶୀଳ । ଚତୁର୍ଥ ପରିଚ୍ଛେଦରେ ଉଭୟ ସମ୍ପାଦକୀୟ ଓ ସମ୍ପାଦକଙ୍କ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସ୍ଥାନ ପାଇଛି । ଝଙ୍କାର ସହ 'ବିଷୁବ ମିଳନ'ର ସମ୍ପର୍କ ବେଶ୍ ନିବିଡ଼ । ଝଙ୍କାରକୁ ବିଚାର କଲାବେଳେ ବିଷୁବ ମିଳନକୁ ଏଡାଇବା ସାମ୍ଭବପର ନୁହେଁ । ଏହି ଦୃଷ୍ଟିକୋଣରୁ ବିଷୁବ ମିଳନ ଓ ଝଙ୍କାରର ସମ୍ପର୍କ, ବିଷୁବ ଅଭିଭାଷଣ, ବିଷୁବ ମିଳନକୁ ନେଇ 'ବିଷୁବ ବିଚାର' ଶିରୋନାମାରେ ପଞ୍ଚମ ପରିଚ୍ଛେଦଟି ପ୍ରସ୍ତୁତ । ଉପସଂହାରରେ ସଂଦର୍ଭର ସମଗ୍ର ବିଷୟବସ୍ତୁର ସାର ନିର୍ଯ୍ୟାସ ପ୍ରକାଶିତ । ସଂଦର୍ଭର ପରିଶିଷ୍ଟରେ ଝଙ୍କାରର ପ୍ରଥମ ରଚନା, ପ୍ରଥମ ସମ୍ପାଦକୀୟ, ଝଙ୍କାରରେ

ପ୍ରକାଶିତ ସମସ୍ତ ରଚନାବଳୀର ପରିସଂଖ୍ୟାନ ତାଲିକା ସହିତ ବହୁ ତଥ୍ୟ, ଓଡ଼ିଆ ସାହିତ୍ୟକ୍ଷେତ୍ରରେ ବହୁ ସୁପ୍ରତିଷ୍ଠିତ ସାହିତ୍ୟକାରଙ୍କ ମତାମତ ଓ ଉପାଦେୟ ଫଟୋଚିତ୍ର ସନ୍ନିବେଶିତ ।

ସଂଦର୍ଭ ପ୍ରସ୍ତୁତି ପାଇଁ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବା ସାହିତ୍ୟ ପତ୍ରିକା 'ଝଙ୍କାର'ର ମୁଖ୍ୟ ସଂପାଦକ ଶ୍ରୀଯୁକ୍ତ ନୃସିଂହହରି ମହତାବ ମୋର ସର୍ବାଗ୍ରେ ସ୍ମରଣୀୟ ।

ଏ ସନ୍ଦର୍ଭ ପ୍ରସ୍ତୁତିରେ ଦିଗ୍‌ଦର୍ଶକ ଡଃ ମନୋରଞ୍ଜନ ମହାନ୍ତିଙ୍କ ଉପାଦେୟ ପରାମର୍ଶ; ସରୋଜ ରଂଜନ ମହାନ୍ତି, ଡଃ ବୈଷ୍ଣବ ଚରଣ ସାମଲ, ଡଃ ରତ୍ନାକର ଚଇନି, ଡଃ ନଟବର ଶତପଥୀ, ଡଃ ବିଜୟ କୁମାର ଶତପଥୀ, ଡଃ ପ୍ରଦୀପ୍ତ କୁମାର ପଣ୍ଡା ଓ ଗିରିଜା କୁମାର ବଳୀୟାର ସିଂହଙ୍କୁ ସେମାନଙ୍କ ସମୟ ଉପଯୋଗୀ ସାହାଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ କରୁଛି ।

ଗବେଷଣାର ସଫଳତା କାମନା କରି ଜ୍ଞାନପୀଠ ବିଜେତା ସଚ୍ଚିଦାନନ୍ଦ ରାଉତରାୟଙ୍କ ଠାରୁ ଜଗଦୀଶ ମହାନ୍ତିଙ୍କ ଯାଏ ବହୁ ଯଶସ୍ୱୀ ସ୍ରଷ୍ଟା ସେମାନଙ୍କ ବହୁମୂଲ୍ୟ ସମୟରୁ କିଛି ବ୍ୟୟ କରିଥିବାରୁ ସେମାନଙ୍କ ସାହାଯ୍ୟ ଓ ସହୃଦୟତାକୁ ଜୀବନରେ ଭୁଲିବାର ନୁହେଁ ।

ସନ୍ଦର୍ଭଟିକୁ ଶୋଭନୀୟ କରିବାରେ ବନ୍ଧୁ ନୀଳମଣି ମୃଧାର ଓ ଶିଳ୍ପୀବନ୍ଧୁ ରାଜେଶ ନାୟକଙ୍କ ଶ୍ରମ କେବେ ଭୁଲିବାର ନୁହେଁ । ଝଙ୍କାର ଲେଖକଙ୍କ ରଚନା ତାଲିକା ପ୍ରସ୍ତୁତି ସମୟରେ ପତ୍ନୀ ଅର୍ଚ୍ଚନା ସିଂହ, ବଂଧୁ ଆଶୁତୋଷ ମିଶ୍ର, ସୁଷମାରାଣୀ କର; ଅନସୂୟା ସିଂହ ଓ ସାନଭାଇ ସନ୍ତୋଷ କୁମାର ଦାସଙ୍କ ଶ୍ରମ ମଧ୍ୟ ସ୍ମରଣୀୟ । ଏହି ଅବକାଶରେ ସେମାନଙ୍କୁ ବହୁତ ବହୁତ ଧନ୍ୟବାଦ । ଲେଖକଙ୍କ ରଚନା ତାଲିକାରେ ତ୍ରୁଟି ରହିବା ଅସମ୍ଭବ ନୁହେଁ ! ଏଥିପ୍ରତି ସଦୟ ଦୃଷ୍ଟିଆକର୍ଷଣ କଲେ ଏହାକୁ ସଂଶୋଧନ କରିନେବାକୁ ଚେଷ୍ଟାକରାଯିବ ।

ଏହାକୁ ପୁସ୍ତକ ରୂପେ ପ୍ରକାଶ କରୁଥିବାରୁ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଓ ବଂଧୁ ଗଙ୍ଗାଧର ତ୍ରିପାଠୀଙ୍କ ନିକଟରେ ମୁଁ କୃତଜ୍ଞ । ଧନ୍ୟବାଦ ଜଣାଉଛି ଶକ୍ତି ଓ ବିଭୁ ଙ୍କୁ ।

ଶ୍ରୀଗୁଣ୍ଡିଚା, ୧୯୯୯ — *ଗୋବିନ୍ଦ ଚନ୍ଦ୍ର ଚାନ୍ଦ*

ପତ୍ରପତ୍ରିକା ପରମ୍ପରାର ପ୍ରବର୍ତ୍ତକ ସାଧୁସୁନ୍ଦର ଦାସ

ଝଙ୍କାରର ପ୍ରାଣପ୍ରତିଷ୍ଠାତା ଡକ୍ଟର ହରେକୃଷ୍ଣ ମହତାବ

ସୂଚୀ

ପ୍ରଥମ ପରିଚ୍ଛେଦ ୧-୩୦

ଓଡ଼ିଆ ପତ୍ରପତ୍ରିକା ଓ ଝଙ୍କାର

ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଭୂମିକା (୪), ଓଡ଼ିଆ ପତ୍ରପତ୍ରିକା ଓ ସାହିତ୍ୟ ପତ୍ରିକା (୮), ଝଙ୍କାରର ଜନ୍ମକାତକ ଓ ଏହାର ଐତିହାସିକ ଆବଶ୍ୟକତା (୨୨)

ଦ୍ୱିତୀୟ ପରିଚ୍ଛେଦ ୩୧-୬୩

ସର୍ଜନାତ୍ମକ ସୃଷ୍ଟି ଓ ଆକଳନ

ଆଧୁନିକ କବିମଣ୍ଡଳ ସୃଷ୍ଟିରେ ଝଙ୍କାରର ନେତୃତ୍ୱ (୩୨), ଆଧୁନିକତା ପ୍ରତି ପ୍ରୋତ୍ସାହନ (୪୩), ଗଳ୍ପ ଓ ଗଳ୍ପକାର (୪୪), ନାଟକ ଓ ନାଟ୍ୟକାର (୫୦), ଉପନ୍ୟାସ ଓ ଉପନ୍ୟାସିକାର (୫୩), ପ୍ରବନ୍ଧ ଓ ପ୍ରାବନ୍ଧିକ(୫୬)

ତୃତୀୟ ପରିଚ୍ଛେଦ ୬୪-୯୦

ସମାଲୋଚନା

ପ୍ରାଚୀନ ସାହିତ୍ୟ ସଂପର୍କିତ ଆଲୋଚନା (୭୪), ଉପନ୍ୟାସ ଓ ଗଳ୍ପ ସମ୍ପର୍କିତ ଆଲୋଚନା (୭୭), ଆଧୁନିକ କବିତା ସମ୍ପର୍କିତ ଆଲୋଚନା (୭୮), ନାଟକ ସମାଲୋଚନା (୭୯), ପ୍ରବନ୍ଧ ସମାଲୋଚନା-ଅନୁବାଦ ସଂପର୍କିତ ଆଲୋଚନା (୮୦), ବିଶ୍ୱ ସାହିତ୍ୟ ସଂପର୍କିତ ସମାଲେଚନା (୮୨), ସାହିତ୍ୟିକ ତତ୍ତ୍ୱ ଓ ଦର୍ଶନ ସଂପର୍କିତ ଆଲୋଚନା (୮୩), ନିର୍ଦ୍ଦିଷ୍ଟ ଲେଖକ ବିଶେଷଙ୍କ ସମ୍ପର୍କିତ ସମାଲୋଚନା (୮୪), ନିର୍ଦ୍ଦିଷ୍ଟ ପୁସ୍ତକ ସଂପର୍କିତ ଆଲୋଚନା (୮୫), ଭାଷା ତାତ୍ତ୍ୱିକ ଆଲୋଚନା (୮୬),କଳା ସମ୍ପର୍କିତ ଆଲୋଚନା (୮୮), ପୁସ୍ତକ ସମୀକ୍ଷା (୮୯)

ଚତୁର୍ଥ ପରିଚ୍ଛେଦ ୯୧-୧୧୩

ସଂପାଦକୀୟ : ଦୃଷ୍ଟି ଓ ଦର୍ଶନ

ଝଙ୍କାର ସଂପାଦନରେ ସଂପାଦକ ବୃନ୍ଦ (୧୧୧)

ପଞ୍ଚମ ପରିଚ୍ଛେଦ ୧୧୪-୧୩୭

ବିଷୁବ ବିଚାର

ଝଙ୍କାର ଓ ବିଷୁବ ମିଳନ (୧୧୪), ବିଷୁବ ମିଳନ : ଓଡ଼ିଆ ସାହିତ୍ୟ ବିକାଶ ପଥେ (୧୧୫), ବିଷୁବ ଅଭିଭାଷଣ (୧୨୧), ବିଷୁବ ଅଭିନନ୍ଦନ (୧୨୪)

ଷଷ୍ଠ ପରିଛେଦ ୧୩୮-୧୫୦

ଉପସଂହାର

ସପ୍ତମ ପରିଚ୍ଛେଦ ୧୫୪-୩୯୮

ପରିଶିଷ୍ଟ - ୧

ଝଙ୍କାରର ପ୍ରଥମ ସମ୍ପାଦକୀୟ 'ସାମୟିକୀ' (୧୫୪), ଝଙ୍କାର (୧୫୬), ଶଙ୍କିତା (୧୫୮), ବିପ୍ଳବ ପୁରସ୍କାର (୧୬୦), ଝଙ୍କାର ପୁରସ୍କାର (୧୬୧), ବିଗତ ବର୍ଷମାନଙ୍କରେ ଝଙ୍କାରରେ ପ୍ରକାଶିତ ଲେଖାର ପରିମାଣ (୧୬୪),

ପରିଶିଷ୍ଟ - ୨

ମତମନ୍ତବ୍ୟ (୧୬୭)

ପରିଶିଷ୍ଟ - ୩

ଅର୍ଦ୍ଧଶତାବ୍ଦୀର ଝଙ୍କାରରେ ପ୍ରକାଶିତ ଗଳ୍ପ, ନାଟକ, ଏକାଙ୍କିକା ଓ ଉପନ୍ୟାସ (୧୯୫)

ପରିଶିଷ୍ଟ - ୪

ପଚାଶ ବର୍ଷର ଝଙ୍କାରରେ ପ୍ରକାଶିତ ପ୍ରବନ୍ଧ, ଆଲୋଚନା, ରମ୍ୟରଚନା ଓ ଭ୍ରମଣକାହାଣୀ (୨୪୮)

ପରିଶିଷ୍ଟ - ୫

ପଚାଶ ବର୍ଷ ଝଙ୍କାରର କବିତା (୩୨୦)

□□□

ପ୍ରଥମ ପରିଚ୍ଛେଦ

ଓଡ଼ିଆ ପତ୍ରପତ୍ରିକା ପରମ୍ପରା ଓ ଝଙ୍କାର

ଓଡ଼ିଆ ପତ୍ରପତ୍ରିକା ପରମ୍ପରା ଧର୍ମରୁ ସମ୍ବାଦ ଓ ସାହିତ୍ୟ ପୁଣି ହସ୍ତଲିପିରୁ ମୁଦ୍ରିତ ରୂପକୁ ଏକ ପରିବର୍ତ୍ତିତ ପ୍ରକ୍ରିୟା । ପରିବର୍ତ୍ତିତ ପ୍ରକ୍ରିୟାଟି 'କୁଜିବର ପତ୍ର' (୧୮୦୦)ରୁ 'ଉତ୍କଳ ଦୀପିକା' (୧୮୬୬) ଓ 'ଉତ୍କଳ ଦର୍ପଣ' (୧୮୭୩)କୁ ପରିବ୍ୟାପ୍ତ । 'କୁଜିବର ପତ୍ର', 'ଉତ୍କଳ ଦୀପିକା' କିମ୍ବା 'ଉତ୍କଳ ଦର୍ପଣ' ଏଠାରେ ପତ୍ରପତ୍ରିକା ନୁହନ୍ତି, ଗୋଟିଏ ଗୋଟିଏ ପ୍ରତିନିଧି ମାତ୍ର । ପ୍ରଥମଟି ଧର୍ମଭିତ୍ତିକ ପତ୍ରିକା ହୋଇଥିବା ବେଳେ ଅନ୍ୟ ଦୁଇଟି ଯଥାକ୍ରମେ ସମ୍ବାଦ ପତ୍ର ଓ ସାହିତ୍ୟ ପତ୍ରିକା । ପ୍ରଥମଟି ହାତଲେଖା ପରବର୍ତ୍ତୀ ଦୁଇଟି ମୁଦ୍ରିତ । ଓଡ଼ିଶାର ପତ୍ରପତ୍ରିକାର ପରମ୍ପରା ପ୍ରାଚୀନ ନ ହୋଇଥିଲେ ମଧ୍ୟ ପ୍ରାୟ ଦୁଇ ଶତାବ୍ଦୀର ଅବଧି ଉପରେ ପ୍ରତିଷ୍ଠିତ । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରୁ ମହାତ୍ମା ସାଧୁ ସୁନ୍ଦର ଦାସ (ସୁନ୍ଦରା ବାବାଜୀ)ଙ୍କଠାରୁ ଏହାର ଶୁଭାରମ୍ଭ ।[୧] ତାଙ୍କ ସମ୍ପାଦିତ ହାତଲେଖା ପତ୍ରିକା 'କୁଜିବର ପତ୍ର'ରୁ ଓଡ଼ିଆ ପତ୍ରପତ୍ରିକାର ପରିସର କ୍ରମ ବିକଶିତ । ଏହି ବିକାଶ କ୍ରିୟାରେ ମିଶନାରୀମାନଙ୍କ ଭୂମିକା ଯେପରି ସ୍ମରଣୀୟ, ଏହାକୁ ଶକ୍ତିଶାଳୀ ମାଧ୍ୟମରୂପେ ବ୍ୟବସ୍ଥିତ କରିବାରେ ନବୋଦ୍‌ଥିତ ଯୁବଶକ୍ତିର ସଫଳ ଓ ସଚେତନ ପ୍ରୟାସ ସେପରି ଗୁରୁତ୍ୱପୂର୍ଣ୍ଣ । ଧର୍ମମୂଳକ ଆଲୋଚନା, ସାମୟିକ ସମ୍ବାଦକୁ ନେଇ ପ୍ରକାଶିତ ମିଶନାରୀ ପତ୍ରିକା । 'ଜ୍ଞାନାରୁଣ' (୧୮୪୯), 'ପ୍ରବୋଧ ଚନ୍ଦ୍ରିକା' (୧୮୫୬), ଓ 'ଅରୁଣୋଦୟ (୧୮୬୧)'ର ପ୍ରଚାର ପ୍ରସାର ଆତ୍ମସଚେତନ ଶିକ୍ଷିତଶ୍ରେଣୀ ଅଭାବ ଓ ଅମାର୍ଜିତ, ଅପରିପକ୍ୱ ରଚନା କାରଣରୁ ବିଡ଼ମ୍ବିତ ହୋଇ ଯାଇଥିଲେ ମଧ ଏହି ପ୍ରାରମ୍ଭିକ ପ୍ରୟାସ

୧." This Sadhu may be called 'Doyen of Journalist' in Orissa as the first published manuscript Oriya Newspaper" Kujibar Patra" from 1800 to 1838 A.D. commenting on multifarious, subjects- Sahu, Lakshmi Narayan (Pamphlet No.4 Mahatma Sadhu Sundar Das of Kujibar Math' of Choudwar. Cuttack - 1946

ପତ୍ରପତ୍ରିକା ପ୍ରବାହକୁ ପ୍ରାଣ ପ୍ରାଚୁର୍ଯ୍ୟ ଯୋଗାଇଲା । ନାଇଁ ମାମୁଁ ଠାରୁ କାଣା ମାମୁଁ ଭଲ ନ୍ୟାୟରେ ସେହି ମହାନ୍ ଉଦ୍ୟମ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଦେଶୀୟ ଲୋକଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା (୧୯୬୬) ପତ୍ରପତ୍ରିକା ପରମ୍ପରାର ଉଜ୍ଜ୍ୱଳମୟ ଭବିଷ୍ୟତର ସ୍ମାରକୀ ରୂପେ ଉଭାହେଲା । ବହୁ ଓଡ଼ିଆ ପତ୍ରପତ୍ରିକା ପ୍ରକାଶରେ ଏହା ଉତ୍ସାହଜନକ ବାତାବରଣ ସୃଷ୍ଟି କରିବା ସବୁଠାରୁ ଉଲ୍ଲେଖନୀୟ ଘଟଣା । ଏଣୁ ଏହି ସମ୍ବାଦପତ୍ର ପ୍ରକାଶଠାରୁ ଊନବିଂଶ ଶତାବ୍ଦୀର ଶେଷଯାଏ ପ୍ରାୟ ଅଠାବନଗୋଟି ପତ୍ରପତ୍ରିକା ପ୍ରକାଶିତ ହୋଇଥିଲା ।[୨] 'ଉତ୍କଳ ଦୀପିକା' ପ୍ରକାଶପରେ କେବଳ ସମ୍ବାଦପତ୍ରର ଅୟମାରମ୍ଭ ହୋଇ ନ ଥିଲା ପରନ୍ତୁ ଭାଷା ସାହିତ୍ୟ କ୍ଷେତ୍ରରେ ସୃଷ୍ଟ ସଚେତନତା, ସାହିତ୍ୟ ପତ୍ରିକା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କଲା । ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), ଉତ୍କଳ ହିତୈଷିଣୀ (୧୮୬୯) ର ଅନୁରୂପ ଭୂମିକା ଓଡ଼ିଆ ସାହିତ୍ୟ ବିକାଶ ନିମନ୍ତେ ସ୍ୱତଃ ସୁଯୋଗ ଆଣିଦେଲା । ଜନ୍ମନେଲା ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' (୧୮୭୩) । ପତ୍ରପତ୍ରିକା ପରମ୍ପରାରେ ଅନ୍ୟ ଏକ ଅଭିନବ ଅଧ୍ୟାୟର ସୂତ୍ରପାତ ହେଲା । ଊନବିଂଶ ଶତାବ୍ଦୀର ପରବର୍ତ୍ତୀ ସମୟରେ ଏହି ଧାରାରେ 'ଉତ୍କଳ ମଧୁପ' (୧୯୭୮), 'ପ୍ରଦୀପ' (୧୮୮୫), 'ଉତ୍କଳ ପ୍ରଭା' (୧୮୯୧), 'ଇନ୍ଦ୍ରଧନୁ' (୧୮୯୩), 'ବିଜୁଳି' (୧୯୯୩) ଓ 'ଉତ୍କଳ ସାହିତ୍ୟ(୧୮୯୭)' ଯୋଗଦେଲା । ଏଠାରେ ସ୍ମରଣଯୋଗ୍ୟ ଯେ ପତ୍ରପତ୍ରିକା ପରମ୍ପରାର ଆରମ୍ଭରୁ ସାହିତ୍ୟ ପତ୍ରିକା ସୃଷ୍ଟିଯାଏ ଧର୍ମ, ସାହିତ୍ୟ, ସମ୍ବାଦ ତ୍ରିଧାରା ଏକତ୍ର କ୍ରମ ଗତିଶୀଳ 'କୁଜିବର ପତ୍ର' କିମ୍ବା ମିଶନାରୀ ପତ୍ରିକା ଧର୍ମକୁ ପ୍ରାଧାନ୍ୟ ଦେଲେ ହେଁ ସାହିତ୍ୟ ଓ ସମ୍ବାଦର ମୂଳରୂପ ଏଥିରେ ବେଶ୍ ସୁସ୍ପଷ୍ଟ । ଠିକ୍ ସେହିପରି 'ଉତ୍କଳ ଦୀପିକା' ସମପାଦପତ୍ର ହେଲେ ହେଁ ଏଥିରେ ସାହିତ୍ୟ ଓ ଧର୍ମ ସମ୍ପର୍କୀୟ ଆଲୋଚନା ବିବରଣୀ ଓ ସମ୍ବାଦ ସ୍ଥାନିତ । ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଊନବିଂଶ ଶତାବ୍ଦୀରେ 'ଜ୍ଞାନାରୁଣ'(୧୮୪୯), 'ପ୍ରବୋଧ ଚନ୍ଦ୍ରିକା'(୧୮୫୫), 'ଅରୁଣୋଦୟ' (୧୮୬୧), 'ପ୍ରଭାତୀ ତାରା'(୧୮୯୬),ଖ୍ରୀଷ୍ଟଧର୍ମକୁ, 'ନବସମ୍ବାଦ' (୧୮୮୭), 'ନବ ବିଧାନ' (୧୮୮୪),' ଧର୍ମ ବୋଧିନୀ' (୧୮୭୪), 'ଉତ୍କଳ ଶୁଭଙ୍କରୀ' (୧୮୬୮) ଓ 'ଆଶା' (୧୮୮୮), ବ୍ରହ୍ମଧର୍ମକୁ, 'ଭକ୍ତି ପ୍ରଦାୟିନୀ' ଓ 'ହରିଭକ୍ତି ପ୍ରଦାୟିନୀ' (୧୮୯୨) ହିନ୍ଦୁଧର୍ମକୁ, ପୃଷ୍ଟପୋଷକତା ଯୋଗାଇଥିବାରୁ ଧର୍ମମୂଳକ ପତ୍ରିକାରୂପେ ଗ୍ରହଣ କରାଯାଇଥିବା ବେଳେ 'ଉତ୍କଳ ଦୀପିକା' 'ସମ୍ବାଦ ବାହିକା', 'ଉତ୍କଳ ହିତୈଷିଣୀ'

୨. ସାମନ୍ତରାୟ, ଡଃ ନଟବର- ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି (୧୯୮୧)- ଉତ୍କଳ ପତ୍ରିକା (ଊନବିଂଶ ଶତାବ୍ଦୀ)- ପୃ-୯୯-୧୧୨

ସମ୍ବଲପୁର ହିତୈଷିଣୀ' ଆଦି ପତ୍ରପତ୍ରିକାର ମୁଖ୍ୟ ଲକ୍ଷ୍ୟ ଥିଲା ସମ୍ବାଦ ପରିବେଷଣ । 'ଉତ୍କଳ ଦର୍ପଣ', 'ଉତ୍କଳ ପ୍ରଭା', 'ଉତ୍କଳ ମଧୁପ' ଆଦି ସାହିତ୍ୟ ପତ୍ରିକା ଥିଲାବେଳେ ଉତ୍କଳ ପୁତ୍ର (୧୮୭୩), ବିଦେଶୀ (୧୮୭୪) ଓ ଉତ୍କଳ ସଂସ୍କାର (୧୮୭୪) ଆଦି ସମାଜ ସଂସ୍କାର ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲା । ସମ୍ବାଦପତ୍ର ସଂଖ୍ୟା ଅନ୍ୟ ପତ୍ରିକାଠାରୁ ଯଥେଷ୍ଟ ଅଧିକ ଥିଲା । ଊନବିଂଶ ଶତାବ୍ଦୀର ଶେଷ ପଇଁତ୍ରିଶ (୧୮୬୬-୧୯୦୦)ରେ ଓଡ଼ିଶାର ପତ୍ରପତ୍ରିକା ପରମ୍ପରା ଠାରୁ ସୁଦୃଢ଼ ତଥା ନିର୍ଦ୍ଦିଷ୍ଟ ରୂପ ପରିଗ୍ରହ କରି ପାରିଥିଲା ।

ପ୍ରଥମ ମୁଦ୍ରିତ ପତ୍ରିକା 'ଜ୍ଞାନାରୁଣ' (୧୮୪୯) ଠାରୁ ଊନବିଂଶ ଶତାବ୍ଦୀର ଶେଷ ପତ୍ରିକା 'ଆଲୋଚନା' (୧୯୦୦) ପର୍ଯ୍ୟନ୍ତ ପ୍ରକାଶିତ ପତ୍ରପତ୍ରିକା ମଧ୍ୟରୁ କେହି ଦୈନିକ ନୁହଁନ୍ତି । କେଉଁଟି ମାସିକ, କେଉଁଟି ପାକ୍ଷିକ ତ କେଉଁଟି ସାପ୍ତାହିକ । ଏଥି ମଧ୍ୟରୁ କେହି ସାମୟିକ ଅବା ଅନିୟମିତ ।[୩] ଅଧିକାଂଶ ଯୁବଚିତ୍ତର କ୍ଷଣିକ ଉନ୍ମାଦନା ଯୋଗୁଁ ଆତ୍ମ ପ୍ରକାଶ କରିଥିବାରୁ ଦୀର୍ଘସ୍ଥାୟୀ ନୁହଁନ୍ତି । ପ୍ରତି ଦଶକରେ ପତ୍ରପତ୍ରିକାର ପ୍ରକାଶନ ହାର ବୃଦ୍ଧି ବ୍ୟକ୍ତିଗତ ଓ ଜାତୀୟ ଜୀବନରେ ସଚେତନାର ପରିଚାୟକ ।

ପ୍ରାକ୍ ସ୍ୱାଧୀନତା କାଳ ବିଂଶ ଶତାବ୍ଦୀର ଓଡ଼ିଆ ପତ୍ରପତ୍ରିକା ଉଭୟ ସାହିତ୍ୟ ଓ ସମ୍ବାଦ ଉପରେ ଗୁରୁତ୍ୱ ପ୍ରଦାନ କଲା । ଏହି ସମୟରେ 'ଉତ୍କଳ ଦୀପିକା'ର ପ୍ରକାଶନ ବନ୍ଦ ହୋଇ ଯାଇଥିଲେ ମଧ୍ୟ 'ଦୈନିକ ଆଶା' ସାପ୍ତାହିକ ଓ ଦୈନିକ 'ସମାଜ' (୧୯୧୯), ସାପ୍ତାହିକ ଓ ଦୈନିକ 'ପ୍ରଜାତନ୍ତ୍ର' (୧୯୨୩) ଆଦି ସମ୍ବାଦପତ୍ର ସମ୍ବାଦ ପରିବେଷଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କଲେ । ସାହିତ୍ୟ ପତ୍ରିକା 'ମୁକୁର' (୧୯୦୬), 'ସମାଜବାଦୀ' (୧୯୧୫), 'ସହକାର' (୧୯୧୯), 'ଅବକାଶ' (୧୯୨୧), 'ବାରୁଣୀ' (୧୯୨୬), 'ଆରତି' (୧୯୩୦), 'ସହକାର' (୧୯୩୦), 'ଯୁଗବୀଣା' (୧୯୩୩), 'ନବଭାରତ' (୧୯୩୪), 'ଡଗର' (୧୯୩୬), 'ଆଧୁନିକ' (୧୯୩୬), 'ଶଙ୍ଖ' (୧୯୪୫) 'ଚତୁରଙ୍ଗ'(୧୯୪୬), 'ବୀଣା'(୧୯୪୬) ଆଦି ବହୁଳ ସାହିତ୍ୟ ପତ୍ରିକାର ପ୍ରକାଶନ ଓଡ଼ିଆ ସାହିତ୍ୟ ପାଇଁ ଥିଲା ମହତ୍ତ୍ୱପୂର୍ଣ୍ଣ । ବିବିଧ ଚିନ୍ତା ଚେତନା ଏବଂ ଭାବବସ୍ତୁର ପ୍ରାଚୁର୍ଯ୍ୟରେ ଓଡ଼ିଆ ସାହିତ୍ୟ ହେଲା ସମୃଦ୍ଧ । ସାହିତ୍ୟରେ ଜାତୀୟତାବାଦ୍ ରୋମାଣ୍ଟିକ ଭାବନା ଓ ସାମ୍ୟବାଦର ସ୍ୱର ଝଙ୍କୃତ ହେଲା । ଫଳରେ ବିଶ୍ୱ ସାହିତ୍ୟର ପ୍ରମୁଖ ଆନ୍ଦୋଳନଗୁଡ଼ିକ ସହ ଓଡ଼ିଆ ସାହିତ୍ୟ ସମ୍ପର୍କ ରକ୍ଷାକଲା ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଧାରାକୁ ଗତିଶୀଳ କରିବା ପାଇଁ ସାହିତ୍ୟ ପତ୍ରିକାର ଅନିବାର୍ଯ୍ୟ ଭୂମିକା ଥିବାବେଳେ ପୂର୍ବ ପ୍ରକାଶିତ ସାହିତ୍ୟ ପତ୍ରିକାଚୟ ନିଷ୍ପ୍ରଭ

୩. ଦାସ, ଡଃ ଦାଶରଥି- ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ରପତ୍ରିକା- ବିବିଧ ପ୍ରସ୍ତାବ (୧୯୯୩) ପୃ-୪୬

ହୋଇ ପଡ଼ିଥିବା ଦେଖାଯାଏ । ସ୍ୱାଧୀନତା ପରେ ରାଜନୈତିକ ସାଂସ୍କୃତିକ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ବିପୁଳ ପରିବର୍ତ୍ତନ ହେଲା, ତାହା ସାହିତ୍ୟକୁ ପ୍ରଭାବିତ କରିବା ସ୍ୱାଭାବିକ । ଦେଶ ଜାତିର ନିର୍ମାଣ ପର୍ବର ସନ୍ଧିକ୍ଷଣରେ ଓଡ଼ିଆ ସାହିତ୍ୟର ମୁଖପତ୍ର ରୂପେ ଓଡ଼ିଆ ସାହିତ୍ୟକୁ ନୂତନ ଦିଗଦର୍ଶନ ଦେବା, ସ୍ୱାଧୀନ ଜାତିର ଭାଷା ସାହିତ୍ୟକୁ ଏକ ସ୍ୱତନ୍ତ୍ର ଆସନ ପ୍ରଦାନ କରିବା ଲକ୍ଷ୍ୟନେଇ ପତ୍ରପତ୍ରିକାର ପରମ୍ପରାରେ ଯୋଗଦେଲା ନୂତନ ସାହିତ୍ୟ ପତ୍ରିକା 'ଝଙ୍କାର' (୧୯୪୯) । ଏହା ଘଟିଲା ଓଡ଼ିଶାରେ ମୁଦ୍ରିତ ସାହିତ୍ୟ ପତ୍ରିକାର ଏକଶତବର୍ଷ ପୂର୍ତ୍ତି (୧୮୪୯-୧୯୪୯)ରେ । ଏହି ପତ୍ରିକାର ଜନ୍ମ ଓଡ଼ିଆ ପତ୍ରପତ୍ରିକା ପରମ୍ପରା ପାଇଁ ଏକ ଉଲ୍ଲେଖନୀୟ ଘଟଣା ନିଶ୍ଚୟ । ସ୍ୱାଧୀନତା ଉତ୍ତର କାଳରେ ଓଡ଼ିଆ ସାହିତ୍ୟ ବିକାଶ କ୍ଷେତ୍ରରେ ଏହି ସାହିତ୍ୟ ପତ୍ରିକା କିଭଳି ସଫଳତା ହାସଲ କରିଛି, ତାହା ସର୍ବାଦୌ ବିଚାର୍ଯ୍ୟ ।

ସାହିତ୍ୟର ବିକାଶ ଓ ପତ୍ରପତ୍ରିକାର ଭୂମିକା

ସମାଜରେ ସାହିତ୍ୟର ସୃଷ୍ଟି, ପ୍ରଚାର ଓ ପ୍ରସାର ମଧ୍ୟ । ସମାଜ ପାଇଁ ସାହିତ୍ୟର ଭାବବସ୍ତୁ ଉଦ୍ଦିଷ୍ଟ । ସେଥିପାଇଁ ସାହିତ୍ୟ ଓ ସମାଜ ପରସ୍ପର ନିବିଡ଼ଭାବେ ସଂପୃକ୍ତ ଓ ଉଭୟ ପରସ୍ପରର ପରିପୂରକ । ସ୍ରଷ୍ଟା ହୃଦୟର ରସଘନ ପରିପ୍ରକାଶ ସାହିତ୍ୟ ସହୃଦୟ ସମାଜଦ୍ୱାରା ଆସ୍ୱାଦିତ ହୋଇ ସ୍ୱୀକୃତି ଓ ସାର୍ଥକତା ଲାଭକରେ । ସହୃଦୟ କାବ୍ୟାମୋଦୀ ସମାଜର ଆଦୃତି ପରେ ହିଁ ସୃଷ୍ଟିର ଉତ୍କର୍ଷ ବା ନିକର୍ଷ ଜଣାପଡ଼େ । କାଗଜର ଉଦ୍‌ଭାବନ ପରେ ତାଳପତ୍ର/ଭୂର୍ଜପତ୍ର ପରିବର୍ତ୍ତେ ପୁସ୍ତକ ଓ ପତ୍ରପତ୍ରିକା ସାହିତ୍ୟକୁ ବ୍ୟକ୍ତିବିଶେଷଙ୍କ ନିକଟବର୍ତ୍ତୀ କରିବାର ମାଧ୍ୟମ ହୋଇଛି । X X X ପୁସ୍ତକ ଓ ପତ୍ରିକା ଉଭୟରୁ ହିଁ ଜ୍ଞାନ ଲାଭ କରାଯାଇ ପାରେ । ତଥାପି ଦୁହିଁଙ୍କ ମଧ୍ୟରେ କିଞ୍ଚିତ ପ୍ରଭେଦ ଅଛି । ଖଣ୍ଡିଏ ପୁସ୍ତକରେ ସାଧାରଣତଃ ଗୋଟିଏ ବିଷୟରେ ଆଲୋଚନା କରାଯାଇଥାଏ । କିନ୍ତୁ ଖଣ୍ଡିଏ ପତ୍ରପତ୍ରିକାରେ ନାନା ବିଷୟରେ ଆଲୋଚନା ହୋଇଥାଏ, ସୁତରାଂ ଖଣ୍ଡିଏ ପତ୍ରିକା ମାଠରୁ ନାନା ପୁସ୍ତକ ପାଠର ଫଳ ନ୍ୟୂନାଧିକ ପରିମାଣରେ ମିଳେ । ପୁଣି ପାଞ୍ଚଖଣ୍ଡ ପୁସ୍ତକ କିଣିବା ଅସଂପନ୍ନ ଲୋକଙ୍କ ପକ୍ଷରେ କଠିନ ହୋଇପାରେ । ଅଥଚ ପତ୍ରିକା ଖଣ୍ଡିଏ କିଣିବା ସେତେଦୂର କଠିନ ନ ହୋଇ ପାରେ । ପତ୍ରିକା ଖଣ୍ଡକରେ ନାନା ବିଷୟକ ପ୍ରବନ୍ଧର ସମାବେଶ ଥିବାରୁ ବିଷୟ ପରିବର୍ତ୍ତନ କିୟତ ପରିମାଣରେ ମାନସିକ କ୍ଳାନ୍ତି ନିବାରଣ ଓ ଆଗ୍ରହ ସଂଚାର କରେ । X X ଏକାଧିକ ବ୍ୟକ୍ତି ମିଳିତ ହୋଇ ଖଣ୍ଡିଏ ପତ୍ରିକାର ଗ୍ରାହକ ହେବା ଅନେକ ସ୍ଥଳରେ ଦେଖାଯାଏ, କିନ୍ତୁ ଏକାଧିକ ବ୍ୟକ୍ତି ମିଳିତ ହୋଇ ଖଣ୍ଡିଏ ପୁସ୍ତକ କ୍ରୟ କରି ପଢ଼ିବା ଉଦାହରଣ ଅତି ବିରଳ । ପୁସ୍ତକ ପାଠରେ କୌଣସି ପାଠକ ଯେଉଁ

ଆୟାସ ଅନୁଭବ କରନ୍ତି, ପତ୍ରିକା ପାଠରେ ତାହା ସେ ପରିମାଣରେ ଅନୁଭୂତ ହୁଏ ନାହିଁ ।[୪] ପୁସ୍ତକ ଅପେକ୍ଷା ପତ୍ରିକା ସହଜ ଲବ୍ଧ ଓ ବିଷୟ ବୈଚିତ୍ର୍ୟ ଯୋଗୁଁ ଅଧିକ ଉପଯୋଗୀ । ଏହି କାରଣ ଯୋଗୁଁ ଆଧୁନିକ ସାହିତ୍ୟର ପ୍ରାକ୍‌କାଳରୁ ସାହିତ୍ୟର ଅଧିକାଂଶ ରଚନା ପ୍ରଥମେ ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରି ପରେ ପୁସ୍ତକ ରୂପେ ସଂକଳିତ । ଯଥାଶୀଘ୍ର ନିଜର ଭାବାବେଗକୁ, ଅଭିବ୍ୟକ୍ତିକୁ ପାଠକ ନିକଟରେ ଉପସ୍ଥାପନ କରିବାର ଲେଖକୀୟ ଉତ୍କଣ୍ଠା ପତ୍ରପତ୍ରିକା ମାଧ୍ୟମରେ ପ୍ରଶମିତ ହୋଇଛି । ଏଣୁ ପତ୍ରପତ୍ରିକା ହୋଇ ଆସିଛି ଲେଖକୀୟ ଉତ୍କଣ୍ଠାର ବାହକ, ପୃଷ୍ଠପୋଷକ ଦ୍ୱିତୀୟତଃ ନିର୍ଦ୍ଦିଷ୍ଟ ସମୟସୀମାରେ ସଂଗଠିତ ଯୁଗ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ସାହିତ୍ୟ ସୃଷ୍ଟି ବିଳମ୍ବରେ ଉପସ୍ଥାପିତ ହେଲେ ଗୁଣାତ୍ମକ ମୂଲ୍ୟ ହ୍ରାସ ହେବା ସ୍ୱାଭାବିକ । ଏ ପରିପ୍ରେକ୍ଷୀରେ ପୁସ୍ତକ ଅପେକ୍ଷା ପତ୍ରିକା ମାଧ୍ୟମରେ ପ୍ରକାଶ ପାଇବା ସମୟ ସ୍ୱଳ୍ପତା ଦୃଷ୍ଟିକୋଣରୁ ନିଶ୍ଚୟ ସହଜସାଧ୍ୟ । ସମାଲୋଚକଙ୍କ ଭାଷାରେ ବିଗତ ଶତାବ୍ଦୀର ମଧ୍ୟଭାଗରୁ ଯେଉଁ ନୂତନ ମୂଲ୍ୟବୋଧର ବିକାଶ ଓ ଉତ୍ତରଣ ଘଟିଲା ଓ ଚଳିତ ଶତାବ୍ଦୀରେ ତାହା ଯେପରି ଅଧିକ ଶାଣିତ ହୋଇ ଆତ୍ମପ୍ରକାଶକଲା ତାର ଏପରି ଦ୍ରୁତ ପରିବର୍ତ୍ତନ ଘଟିଲା ଯେ ତାକୁ କୌଣସି ବିପୁଳକାୟ ପୁସ୍ତକାଦିରେ ଦୀର୍ଘ ସମୟ ନେଇ ପ୍ରକାଶ କରି ବିଦଗ୍ଧ ପାଠକ ସମାଜ ନିକଟରେ ଉପସ୍ଥାପନ କରିବା ଅସମ୍ଭବ ମନେହେଲା । କାରଣ ଏ ଶତାବ୍ଦୀର ମଣିଷ, ମୁହୂର୍ତ୍ତର ମଣିଷ । ମୁହୂର୍ତ୍ତର ଜିଜ୍ଞାସା ତା'ର ସ୍ୱର ଓ ସ୍ୱାକ୍ଷର । ତେଣୁ ସେ ପ୍ରକାଶର ମାଧ୍ୟମ ରୂପେ ପତ୍ରପତ୍ରିକାକୁ ମୁଖ୍ୟ ଭାବରେ ଗ୍ରହଣ କରିନେଲା ।[୫]

ପତ୍ରପତ୍ରିକା ବହୁ ସାରସ୍ୱତ ସାଧକଙ୍କ ସାଧନାକୁ ସ୍ୱୀକୃତି ପ୍ରଦାନ କରିବାର ଅବକାଶ ସୃଷ୍ଟି କରିଛି । " ଏହା ବହୁ ଲେଖକଙ୍କ ଜନ୍ମଦାତା ଓ ସେମାନଙ୍କ ସୃଷ୍ଟି ସାମର୍ଥ୍ୟ ବିକାଶରେ ସହାୟକ ।" ଜାତୀୟ ସାହିତ୍ୟ ଭଣ୍ଡାର ଅଗଣିତ ଲେଖକଙ୍କ ସାଧନା ଫଳରେ ପରିପୁଷ୍ଟ ହୁଏ । ପରିସ୍ଥିତିର ଅନୁକୂଳବଶତଃ ବହୁ ଲେଖକ ସାହିତ୍ୟ ଇତିହାସରେ ସ୍ୱୀକୃତି ଓ ପ୍ରତିଷ୍ଠା ଲାଭ କରିଛନ୍ତି । କିନ୍ତୁ ସମୟର ଅତଳ ବିସ୍ମୃତି ମଧ୍ୟରେ ବିସ୍ମୃତ ବହୁ ଗୌଣ ଲେଖକଙ୍କ ସୃଷ୍ଟିକଳାର ଧାରକ ହୋଇ ରହେ ପତ୍ରିକା ସାହିତ୍ୟ । "ଏଥିପାଇଁ ପତ୍ରପତ୍ରିକା ସାହିତ୍ୟ ବିକାଶ ପାଇଁ ପରିବ୍ୟାପ୍ତ ସାହିତ୍ୟିକ ପରିବେଶ ସୃଷ୍ଟିକରେ । କଷଟି ପଥର ଭଳି ବହୁ ସାରସ୍ୱତ ପ୍ରତିଭାକୁ ପରଖିବାର ସୁଯୋଗର ପତ୍ରପତ୍ରିକା ହିଁ ଅଧିକାରୀ । ଏଣୁ ସାହିତ୍ୟିକ

୪. ମହାରଣା, ଚନ୍ଦ୍ର ମୋହନ - ସାହିତ୍ୟ ପତ୍ରିକାର ଉପଯୋଗିତା-ଉତ୍କଳ ସାହିତ୍ୟ (୧ମ ଭାଗ ୧ମ ସଂଖ୍ୟା, ପୁନଃମୁଦ୍ରଣ ପ୍ରଥମ ପ୍ରକାଶ ୧୯୭୨ ପୃ-୩)

୫. ସାମଲ ବୈଷ୍ଣବ ଚରଣ - ଓଡ଼ିଆ ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଅବଦାନ, ଝଙ୍କାର ୩୮ ବର୍ଷ, ତୃତୀୟ ସଂଖ୍ୟା ।

ସୃଷ୍ଟିକର୍ମ ପତ୍ରପତ୍ରିକା ଯୋଗୁ ଅଧିକ ତ୍ୱରାନ୍ୱିତ ହୋଇଥାଏ । ସୃଷ୍ଟି କାଳରୁ ସାହିତ୍ୟ ସ୍ୱତଃ ପତ୍ରପତ୍ରିକା ଉପରେ ସବାର ହୋଇଛି ।'' ୬

ଭାରତର ପ୍ରତି ପ୍ରାନ୍ତୀୟ ଆଧୁନିକ ସାହିତ୍ୟ ପତ୍ରପତ୍ରିକା ପ୍ରକାଶ ପରେ ହିଁ ସୃଷ୍ଟି ହୋଇଛି । ଜନ ସମାଜର ସେବାରେ ପ୍ରଯୁକ୍ତ ହୋଇଛି । ଏ କ୍ଷେତ୍ରରେ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ପ୍ରଦେଶ ବଙ୍ଗଳା ହିଁ ଅଗ୍ରଣୀ । ସାହିତ୍ୟର ଉପଯୋଗିତା ଓ ବଙ୍ଗଳା ଭାଷାରେ ପତ୍ରପତ୍ରିକାର ଆବିର୍ଭାବ ସଂପର୍କରେ Life of William Curay ଉପସ୍ଥାପିତ ବିବରଣୀ ବେଶ୍ ତାତ୍ପର୍ଯ୍ୟ ପୂର୍ଣ୍ଣ । କାରଣ ଏହା ଭାରତୀୟ ଭାଷାରେ ପ୍ରଥମ ପ୍ରକାଶିତ ପତ୍ରିକାର ପ୍ରକାଶ ପ୍ରକ୍ରିୟା ସଂପର୍କୀୟ ତଥ୍ୟ ପ୍ରଦାନ କରେ । " Literature cannot be said to exist for the people till the newspaper appears. Bengal was the first Non-Christian country into which the press had everbeen introduced. Above all forms of truth and faith christianity seek free discussion in place of that the missionaries lived under a shackled press law tempered by the higher instincts of rulers like Wellesly, Hastings and Bentick till Macauhlay and Metacalfe gained for it liberty when Dr. Manshman in 1818 proposed the publication of a Bengli Periodical, Dr. Curay impressed by a quarter of a country's intolerances consented only on the condition that it should be a monthly magazine and should avoid political discussion. Accordingly Dig Darshan appeared, anticipating in its contents and style the later. "Peay and saturday magazines are continued for three years. It's immediate success led to the first volume from the Sevampore press on the 31st May 1818 of the first newspaper ever printed in any oriental language the Samachar Darpan or News mirror."

ଭାରତୀୟ ଭାଷାମାନଙ୍କ ମଧ୍ୟରେ ପ୍ରଥମ ମୁଦ୍ରିତ ସଂବାଦପତ୍ର 'ସମାଚାର ଦର୍ପଣ' ପ୍ରକାଶ ପରେ ବଙ୍ଗଳା ଭାଷା/ସାହିତ୍ୟର ବିକାଶ ମାର୍ଗ ପ୍ରଶସ୍ତ ହେଲା । ପରେ ପରେ ବଙ୍ଗଳାର ପ୍ରଥମ ଦୈନିକ 'ସଂବାଦ ପ୍ରଭାକର' (୧୮୩୧) ସଂବାଦ ପତ୍ର ହେଲେ ହେଁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ବଙ୍କିମ ଚନ୍ଦ୍ର ଚାଟାର୍ଜୀ, ଦୀନବନ୍ଧୁ

୬. ମିଶ୍ର, ଡଃ ଶ୍ରୀନିବାସ - ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ (୧୯୭୪), ପୃ - ୧୩୪.

ମିତ୍ର , ରଙ୍ଗଲାଲ ବନ୍ଦୋପାଧ୍ୟାୟ ଆଦି ସାହିତ୍ୟିକ ଏହି ସଂବାଦପତ୍ରର ଲେଖକ ଥିଲେ । 'ତତ୍ତ୍ୱବୋଧିନୀ' (୧୮୪୩), କବିତା କୁସୁମାବଳୀ (ଢାକା, ୧୮୬୦), ପୂର୍ଣ୍ଣିମା (୧୮୫୯), ନବୀନ ମିହିରୋଦୟ (୧୮୬୭), ବଙ୍ଗ ଦର୍ପଣ (୧୮୭୨) ଆଦି ବଙ୍ଗୀୟ ପତ୍ରପତ୍ରିକା ସାହିତ୍ୟ ବିକାଶ ପାଇଁ କାର୍ଯ୍ୟ କରିଥିଲେ ।

ଅସମୀୟା ଭାଷାରେ ପ୍ରଥମ ପ୍ରକାଶିତ ମିଶନାରୀ ପତ୍ରିକା 'ଅରୁଣୋଦର' (୧୮୪୬) ଅସମୀୟା ଭାଷା ଓ ସାହିତ୍ୟର ନୂତନ ଚେତନା ଆଣିଥିଲା ଜ୍ଞାନ ବିକାଶ କ୍ଷେତ୍ରରେ ଏହି ପତ୍ରିକାଟି ବହିଃଜଗତ ସହ ସମ୍ପର୍କ ସ୍ଥାପନ କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଭାବଧାରା ସହ ପରିଚିତ କରାଇ ଅସମୀୟା ସାହିତ୍ୟରେ ଆଧୁନିକ ଭାବଧାରା ପ୍ରବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା ।[୭] 'ଆସାମ ମିହିର' (୧୮୭୨) 'ଆସାମ ଦର୍ପଣ' (୧୮୭୪) 'ଆସାମ ବିଳାସିନୀ' ଆଦି ପତ୍ରପତ୍ରିକା ଏହି ପତ୍ରିକାର ପ୍ରେରଣାରେ ପ୍ରକାଶିତ ହୋଇ ଅସମୀୟା ସାହିତ୍ୟ ଉନ୍ନତି କଳ୍ପେ କାର୍ଯ୍ୟ କରିଥିଲେ ।

କେବଳ ଓଡ଼ିଶାର ପ୍ରତିବେଶୀ ବଙ୍ଗୀୟ ଓ ଅସମୀୟା ସାହିତ୍ୟରେ ନୁହେଁ ଅନ୍ୟ ସମସ୍ତ ଭାରତୀୟ ପ୍ରାନ୍ତୀୟ ସାହିତ୍ୟରେ ପତ୍ରପତ୍ରିକା ହିଁ ଥିଲା ଆଧୁନିକତାର ବାର୍ତ୍ତାବହ । ହିନ୍ଦୀ ସାହିତ୍ୟ ଜଗତରେ 'ବେନାରସ ଅକବର' (୧୮୪୪), 'ସୁଧାକର' (୧୯୫୦), 'ବୃଦ୍ଧି ପ୍ରକାଶ' (୧୮୫୨) ସମ୍ବାଦପତ୍ର ଓ ପତ୍ରପତ୍ରିକାର ପ୍ରକାଶ ଦ୍ୱାରା ହିନ୍ଦୀ ସାହିତ୍ୟରେ ଆଧୁନିକତାର ବାର୍ତ୍ତା ଉଦ୍‌ଘୋଷିତ ହୋଇଥିଲା । 'ଦୀନ ପ୍ରଦାୟିନୀ' (୧୮୬୭), 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା', 'ପ୍ରଜା ହିତୈଷୀ' (୧୮୬୭), 'ହରିଶ୍ଚନ୍ଦ୍ର ପତ୍ରିକା' (୧୮୭୩), 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା', 'ଭରତ ମିତ୍ର', 'ହିନ୍ଦୀ ପ୍ରଦୀପ' (୧୮୭୫), 'ବ୍ରାହ୍ମଣ' (୧୮୮୪), 'ଆନନ୍ଦ କାଦମ୍ବିନୀ' (୧୮୮୦) ଆଦି ପତ୍ରପତ୍ରିକା ଆଧୁନିକ ହିନ୍ଦୀ ସାହିତ୍ୟକୁ ବହୁଭାବରେ ସମୃଦ୍ଧ କରିଥିଲା । ତେଲୁଗୁ ସାହିତ୍ୟରେ ଆଧୁନିକ ଯୁଗର ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇ ମୁଷ୍ଟିମେୟ ପ୍ରଥମ ପ୍ରକାଶିତ ପତ୍ରପତ୍ରିକାମାନଙ୍କ ଦ୍ୱାରା ହିଁ ସମ୍ଭବ ହୋଇଛି । 'ବିବେକବନ୍ଧିନୀ', 'ହାସ୍ୟ ସଞ୍ଜୀବନୀ', ଅମୁଦ୍ରିତ 'ଗ୍ରନ୍ଥ ଚିନ୍ତାମଣି', 'ବିବେକବର୍ଦ୍ଧିନୀ' ଆଦି ତେଲୁଗୁ ପତ୍ରପତ୍ରିକା ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । କନ୍ନଡ଼ ସାହିତ୍ୟରେ ନବ ଜାଗରଣ ସୃଷ୍ଟି ପାଇଁ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରକାଶିତ 'କାବ୍ୟ ମଞ୍ଜରୀ' (୧୮୯୬), 'କାବ୍ୟ କଳାନିଧି' (୧୮୯୯), 'ବାକ୍‌ଭୂମି' (୧୮୯୮), ଏବଂ 'ସୁଭାଷିନୀ' (୧୯୦୦) ଆଦି ପତ୍ରପତ୍ରିକାଙ୍କ ପ୍ରାରମ୍ଭିକ ଦାନ ସ୍ୱୀକାର୍ଯ୍ୟ ।

"୧୯୪୦ରେ ପ୍ରକାଶିତ 'ଦର୍ପଣ' ଓ 'ଦିଗ୍‌ଦର୍ଶନ' ଏବଂ ଏହା ପରେ ପ୍ରକାଶିତ 'ପ୍ରଭାକର' ଓ 'ନବୀନ ଚନ୍ଦ୍ରୋଦୟ' ପତ୍ରିକା ମରାଠୀ ଭାଷା ଓ ସାହିତ୍ୟରେ ଯୁଗୀୟ

୭. ଦାସ, ଡଃ ଲକ୍ଷ୍ମୀଧର- ଅସମୀୟା ସାହିତ୍ୟ ପରିକ୍ରମା (୧୯୮୫), ପୃ-୩୫

ଚେତନାର ବାହକ ଥିଲେ ।''[୮] ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଉଲ୍ଲେଖଯୋଗ୍ୟ ପତ୍ରପତ୍ରିକାର ଆବିର୍ଭାବ ଦ୍ୱାରା ଏହି ଭାଷାର ସାହିତ୍ୟ ଶକ୍ତିଶାଳୀ ହେଲା । ପଞ୍ଜାବୀ ସାହିତ୍ୟ ମଧ୍ୟ ଏହି ପତ୍ରପତ୍ରିକା ପ୍ରକାଶନ ପରେ ହିଁ ଆଧୁନିକ ରୂପ ପରିଗ୍ରହ କରିଥିଲା । 'ଖାଲସା ସମାଚାର' (୧୮୯୯), 'ପ୍ରୀତମ୍ ଫୁଲୱାରୀ' (୧୯୨୪) ଆଦି ପତ୍ରିକା ଏ କ୍ଷେତ୍ରରେ ସ୍ମରଣୀୟ । ଭାରତର ସମସ୍ତ ଭାଷାର ସାହିତ୍ୟ ପରି ଓଡ଼ିଆ ସାହିତ୍ୟରେ ଆଧୁନିକତାର ଶୁଭଶଙ୍ଖ ଫୁଙ୍କିଥିବା ଭଗୀରଥ ହେଉଛି ଉନବିଂଶ ଶତାବ୍ଦୀର ପତ୍ରପତ୍ରିକା । 'ଜ୍ଞାନାରୁଣ' (୧୮୪୯) ଠାରୁ ଆରମ୍ଭ କରି 'ଉତ୍କଳ ଦୀପିକା' (୧୮୬୬), 'ଉତ୍କଳ ଦର୍ପଣ' (୧୮୭୩) ଦେଇ 'ଆଲୋଚନା' (୧୮୮୦) ଯାଏ ଲମ୍ବି ଯାଇଥିବା ପତ୍ରପତ୍ରିକାର ଧାରା ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନ ପାଇଁ ପୂର୍ଣ୍ଣମାତ୍ରାରେ ଦାୟୀ । କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ପ୍ରବନ୍ଧ, ରମ୍ୟ ରଚନା, ଭ୍ରମଣ ବୃତ୍ତାନ୍ତ, ଜୀବନୀ ଆଦି ଆଧୁନିକ ସାହିତ୍ୟର ବିବିଧ ବିଭବର ବୈଚିତ୍ର୍ୟ ପତ୍ରପତ୍ରିକା ପୃଷ୍ଠାରେ ହିଁ ପର୍ଯ୍ୟବସିତ । ସମୟକ୍ରମେ ଏହି ବିଭାଗରେ ଆଙ୍ଗିକ ଓ ଆତ୍ମିକ ସ୍ତରରେ ହେଉଥିବା ପରିବର୍ତ୍ତନ ଓ ପରୀକ୍ଷା ନିରୀକ୍ଷା (Experiment) କୁ ପାଠକଶ୍ରେଣୀ ସମ୍ମୁଖରେ ଉପସ୍ଥାପନ କରିବାର ଭାର ପ୍ରାୟତଃ ସାରସ୍ୱତ ସମାଲୋଚନା ପତ୍ରପତ୍ରିକାର ପୃଷ୍ଠପୋଷକତାରେ କ୍ରମ ପରିବର୍ଦ୍ଧିତ ଓ ପରିମାର୍ଜିତ । ଏହି ପରିପ୍ରେକ୍ଷୀରେ ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଅବଦାନ ସର୍ବଦା ସ୍ମରଣୀୟ ।

ଓଡ଼ିଆ ପତ୍ରପତ୍ରିକା ଓ ସାହିତ୍ୟ ପତ୍ରିକା

ଓଡ଼ିଶାର ରାଜନୈତିକ ଇତିହାସରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର (୧୮୦୩) ଓ ପାଇକ ବିଦ୍ରୋହ (୧୮୧୭)ର ଗୁରୁତ୍ୱ ଯେପରି ଅନସ୍ୱୀକାର୍ଯ୍ୟ ସାଂସ୍କୃତିକ ଇତିହାସରେ ନୂତନ ଶିକ୍ଷା ବ୍ୟବସ୍ଥାର ଶୁଭକର୍ମ (୧୮୩୫) ଓ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା (୧୮୩୭) ମଧ ସେହିପରି ଅବିସ୍ମରଣୀୟ । ଉନବିଂଶ ଶତାବ୍ଦୀରେ ସାଂସ୍କୃତିକ ଇତିହାସର ଏହି ଦୁଇ ଯୁଗାନ୍ତକାରୀ ଘଟଣା ଆଧୁନିକ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ସୃଷ୍ଟି କଲା ସଚେତନ ଶିକ୍ଷିତ ମଧବିତ୍ତ ସଂପ୍ରଦାୟ । ଭାରତୀୟଙ୍କର କୁସଂସ୍କାର ବିନାଶ, ଚିନ୍ତା ଚେତନାର ବିକାଶ ଓ ବୈଷୟିକ ଉନ୍ନତି ନିମନ୍ତେ ଇତିହାସ, ବିଜ୍ଞାନ, ଇଂରେଜ ଓ ବିଭିନ୍ନ ଭାରତୀୟ ଭାଷା ବିଷୟକ ଜ୍ଞାନ ବିତରଣ ସର୍ବୋପରି ଧର୍ମତତ୍ତ୍ୱର ପ୍ରଚାର ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ଖ୍ରୀଷ୍ଟିୟାନ ମିଶନାରୀମାନେ, ଏହାର ବିଶ୍ୱବିଦ୍ୟାଳୟ ପରିପୂର୍ତ୍ତି ନିମନ୍ତେ ବିଦ୍ୟାଳୟ ପ୍ରତିଷ୍ଠା

୮. ମିଶ୍ର, ଡଃ ଗୋପାଳଚନ୍ଦ୍ର- ଓଡ଼ିଆ ସାହିତ୍ୟ ପତ୍ରପତ୍ରିକାର ଆଦିଯୁଗ-କୋଣାର୍କ, ୬୪, ୨ୟ, ପୃ - ୩.

ଓ ଶିକ୍ଷା ବିତରଣକୁ ପ୍ରଧାନ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ମିଶନାରୀମାନେ ଓଡ଼ିଶାକୁ ଧର୍ମ ପ୍ରଚାର ପାଇଁ ଆସିବା ପୂର୍ବରୁ ଶ୍ରୀରାମପୁରଠାରେ ଓଡ଼ିଆ ପଣ୍ଡିତମାନଙ୍କଠାରୁ ଭାଷା ସମ୍ପର୍କରେ ଅବଗତ ହୋଇ ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାର ନିମନ୍ତେ ଓଡ଼ିଆ ଅନୂଦିତ ବାଇବେଲ୍ ଓ କ୍ଷୁଦ୍ର ଧର୍ମ ପୁସ୍ତିକା (ଟ୍ରାକ୍ଟ) ପ୍ରସ୍ତୁତ କରାଯାଇ ଶ୍ରୀରାମପୁର ମିଶନ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଖ୍ରୀଷ୍ଟଧର୍ମ ପ୍ରଚାର ନିମନ୍ତେ ଉଇଲିୟମ ବାମ୍‌ପଟନ ଓ ଜେମ୍‌ସ ପେଗ୍‌ସ ୧୮୨୨ ଜାନୁୟାରୀ ୨୨ ତାରିଖରେ ଶ୍ରୀରାମପୁରରୁ ଓଡ଼ିଶା ଅଭିମୁଖେ ଯାତ୍ରା କଲେ । ସେହିବର୍ଷ ଫେବୃୟାରୀ ମାସ ୧୨ ତାରିଖରେ ସେମାନେ କଟକରେ ପହଞ୍ଚିଲେ । ପରେ ପରେ ଲେସି, ସଟନ୍, କ୍ରୁପର, ବ୍ରୁକ୍‌ସ୍, ଷ୍ଟବିନ୍‌ସ୍, ଫିଲିପସ୍, ମିଲର, ବେଲୀ ପ୍ରଭୃତି ମିଶନାରୀମାନେ ଓଡ଼ିଶାରେ ପହଞ୍ଚି ଧର୍ମ ପ୍ରଚାରରେ ବ୍ୟାପୃତ ହେଲେ । ମିଶନାରୀମାନଙ୍କ ହିନ୍ଦୁଧର୍ମ ବିଶ୍ୱାସ ପ୍ରତିମା ପୂଜାର ଅସାରତାକୁ ଖ୍ରୀଷ୍ଟଧର୍ମ ପ୍ରଚାରରେ ଉଲ୍ଲେଖ କରୁଥିବାରୁ ଏହା ହିନ୍ଦୁମାନଙ୍କୁ ଆତ୍ମସଚେତନ କଲା । ହିନ୍ଦୁଧର୍ମରେ ନବଜାଗରଣ ଦେଖାଦେଲା । ଏଥିରେ ନିରାଶ ନ ହୋଇ ଖ୍ରୀଷ୍ଟିୟାନ ମିଶନାରୀମାନେ ଧର୍ମ ପ୍ରଚାରର ସୁବିଧା ନିମନ୍ତେ ଜନସାଧାରଣଙ୍କୁ ପ୍ରଭାବିତ କରିବାର ସୁପରିକଳ୍ପିତ ପନ୍ଥା ବାଛିନେଲେ । ଏ ପରିପ୍ରେକ୍ଷୀରେ ୧୮୩୭ ମସିହାରେ କଟକରେ କଟକ ମିଶନ ପ୍ରେସ୍ ସ୍ଥାପିତ ହେଲା । ମିଶନାରୀମାନଙ୍କ ପ୍ରତିଷ୍ଠାରେ ପ୍ରଥମ ଓଡ଼ିଆ ମୁଦ୍ରିତ ପତ୍ରିକା 'ଜ୍ଞାନାରୁଣ' (୧୮୪୯) ପ୍ରକାଶ ପାଇଲା । ଅବଶ୍ୟ ଏ ପତ୍ରିକା ପ୍ରକାଶ ପଛରେ ଧର୍ମ ପ୍ରଚାରର ଉଦ୍ଦେଶ୍ୟ ନିହିତ ଥିଲା । 'ଜ୍ଞାନାରୁଣ' ପୂର୍ବରୁ ମହାତ୍ମା ସାଧୁସୁନ୍ଦର ଦାସଙ୍କ ସମ୍ପାଦନାରେ ହାତଲେଖା ପତ୍ରିକା 'କୁଜିବର ପତ୍ର' (୧୮୦୦) ପ୍ରକାଶିତ ହୋଇଥିଲା । ଏହି ପତ୍ରିକାର ସହକାରୀ ସମ୍ପାଦକ ଥିଲେ ଗଙ୍ଗାଧର ଷଡ଼ଙ୍ଗୀ ଓ ରାମଚନ୍ଦ୍ର ଜୀ ଯାଚକ । କୁଜିବର ପତ୍ରରେ ସମସ୍ତ ଲେଖା ପ୍ରକାଶିତ ହେବା ପୂର୍ବରୁ ବୈଦାନ୍ତିକ ସ୍କୁଲର ଛାତ୍ର ଓ ଶିକ୍ଷକଙ୍କ ଦ୍ୱାରା ଆଲୋଚିତ ହେଉଥିଲା । ରାଜନୀତି, ଧର୍ମନୀତି, ଖ୍ରୀଷ୍ଟନୀତି, ଖ୍ରୀଷ୍ଟ ସମ୍ବନ୍ଧୀୟ ଦର୍ଶନ ଓ ସମାଜର ସଂସ୍କାର ବିଷୟ ସହ ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗୋ, କୃଷି, ବାଣିଜ୍ୟ, ବ୍ରହ୍ମବିଦ୍ୟା, ସଙ୍ଗୀତ, ଦେଶ-ଜାତିର ଅଧଃପତନର କାରଣ ସଦୃଷ୍ଟାନ୍ତ ପ୍ରକାଶ ପାଉଥିଲା । କୁଜିବର ପତ୍ରର କେତେକାଂଶ ପାଦ୍ରୀମାନଙ୍କ ଦ୍ୱାରା ଅନୁବାଦ ହୋଇ ଇଂଲଣ୍ଡର ମିଶନାରୀ ଜର୍ଣ୍ଣାଲମାନଙ୍କରେ ମଧ୍ୟ ସ୍ଥାନିତ ହେଉଥିଲା ।[୯]

ଏଣୁ ପତ୍ରପତ୍ରିକା ପ୍ରକାଶନର ଆରମ୍ଭ ମିଶନାରୀମାନଙ୍କ ଓଡ଼ିଶା ଆଗମନ ଫଳରେ ଅଧିକ ତ୍ୱରାନ୍ୱିତ ହୋଇଥିଲେ ହେଁ ପ୍ରଥମ ଓଡ଼ିଆ ପତ୍ର ପତ୍ରିକା ରୂପେ କୁଜିବର ପତ୍ରକୁ ଗ୍ରହଣ କରାଯାଇ ପାରେ ।

୯. ସାହୁ, ଡାକ୍ତର କୃଷ୍ଣ ମୋହନ -ମହାତ୍ମା ସାଧୁ ସୁନ୍ଦର ଦାସ (୧ମ ଭାଗ- ୧୯୪୮) ପୃ ୨୪-୨୫.

ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରକମାନଙ୍କ ଉଦ୍ୟମରେ 'ଜ୍ଞାନାରୁଣ' (୧୮୪୯) ପରେ 'ପ୍ରବୋଧ ଚନ୍ଦ୍ରିକା' (୧୮୫୬) ଓ 'ଅରୁଣୋଦୟ' (୧୮୬୧) ପ୍ରକାଶିତ ହୋଇଥିଲା । ଜ୍ଞାନାରୁଣ ପତ୍ରିକାରେ ମିଶନାରୀମାନଙ୍କ କାର୍ଯ୍ୟକଳାପ ସମ୍ପର୍କୀୟ ସୂଚନାତ୍ମକ ବିବରଣୀ, ଖ୍ରୀଷ୍ଟଧର୍ମ ବିଷୟକ ତଥ୍ୟ ସ୍ଥାନ ପାଉଥିଲା ବେଳେ ଖ୍ରୀଷ୍ଟିୟାନ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟି ତରଫରୁ ପ୍ରକାଶିତ 'ଅରୁଣୋଦୟ' ପତ୍ରିକା ଖ୍ରୀଷ୍ଟଧର୍ମ ସାହିତ୍ୟ ପ୍ରକାଶ ପାଇଁ ଉଦ୍ଦିଷ୍ଟ ଥିଲା । 'ପ୍ରବୋଧ ଚନ୍ଦ୍ରିକା' ମିଶନାରୀ ପତ୍ରିକାମାନଙ୍କ ମଧ୍ୟରେ ଥିଲା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଲେସି ସାହେବ ସମ୍ପାଦିତ ଏହି ପତ୍ରିକାରେ ଦେଶ ବିଦେଶର ବିଭିନ୍ନ ସମାଚାର, ପ୍ରାଚୀନ ସଂସ୍କୃତ ସାହିତ୍ୟରୁ ସଂଗୃହୀତ କାହାଣୀ, ଓଡ଼ିଶାର ଲୋକାଚାର ଓ କାହାଣୀ, ସାଧାରଣ ଜ୍ଞାନ ଓ ବିଜ୍ଞାନ ସମ୍ବନ୍ଧୀୟ ଆଲୋଚନା ପ୍ରକାଶ ପାଉଥିଲା ।[୧୦] ସରକାରୀ ପୃଷ୍ଠପୋଷକତା ସତ୍ତ୍ୱେ ଓଡ଼ିଶାରେ ଶିକ୍ଷାର ଯଥାଯଥ ପ୍ରସାର ଅଭାବରୁ ଜନସାଧାରଣଠାରେ ଜ୍ଞାନାଲୋକ ବିକିରଣ, ରୁଚିର ବିକାଶ ସାଧନ ଏହି ପତ୍ରପତ୍ରିକାର ଲକ୍ଷ୍ୟ ଥିଲେ ହେଁ ଏହା ପଛରେ ଖ୍ରୀଷ୍ଟଧର୍ମର ପ୍ରଚାର ଉଦ୍ଦେଶ୍ୟ ନିହିତ ଥିବାରୁ ଏଥିପ୍ରତି ଅନାଗ୍ରହ ସୃଷ୍ଟି ହୋଇଥିଲା ।[୧୧] ଫଳତଃ ଏ ମିଶନାରୀ ପତ୍ରିକାତ୍ରୟ ଥିଲେ ଅଳ୍ପାୟୁ ।

ଆଧୁନିକ ଶିକ୍ଷାର ପ୍ରସାର, ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ ଦ୍ୱାରା ଓଡ଼ିଶାରେ ଜାତୀୟ ନବ ଜାଗରଣର ଆଭାସ ସୂଚୀତ ହେଉଥିଲା ବେଳେ, ଓଡ଼ିଆ କ୍ରମେ ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ବିଧି ବ୍ୟବସ୍ଥା ପ୍ରତି ସଚେତନ ହୋଇ ଉଠୁଥିବା ବେଳେ ଓଡ଼ିଶାର ଜାତୀୟ ଜୀବନରେ ନଅଙ୍କ ଦୁର୍ଭିକ୍ଷ (୧୮୬୫) ବିରାଟ ଧକ୍କା ପହଞ୍ଚାଇଲା । ''ବୃଷ୍ଟିର ଅଭାବ, ଦେଶର ଥିବା ଖାଦ୍ୟ ଶସ୍ୟର ବେପରୁଆ ଚାଲାଣ ଫଳରେ ଲୋକେ ମୋଟେ ଖାଇବାକୁ ପାଇଲେ ନାହିଁ । ବନ୍ଧରୁ କଇଁନାଡ଼, ଗେଣ୍ଡା, କୋଚିଆ, ବଣରୁ ନାନା ପ୍ରକାର କନ୍ଦା ଟେରଙ୍ଗା, ପିଠଳ, ଓଲ ସରିଗଲା, ଲୋକେ ନ ଖାଇ ନ ପିଇ ମଲେ । ମୃତ୍ୟୁ ସଂଖ୍ୟା ପ୍ରାକୃତିକ ଓଡ଼ିଶାରୁ ପ୍ରାୟ ଲକ୍ଷ ହୋଇଗଲା ।'' X X X

ଅଣ ଓଡ଼ିଆ କର୍ମଚାରୀମାନଙ୍କ ବେଖାତିର ଭାବ ତଥା ମିଥ୍ୟା ରିପୋର୍ଟ ଅବସ୍ଥାକୁ ସାଙ୍ଘାତିକ କରିଦେଲା । ସରକାରଙ୍କ ନିଦ ଭାଙ୍ଗିଲାବେଳକୁ ଆଉ କିଛି ନାହିଁ । ବିଦେଶରୁ ଚାଉଳ ଆଣି ଧର୍ମଛତ୍ର ଦେଲା ପରେ ମଧ୍ୟ ବହୁ ଲୋକ ମଲେ । ଦୁର୍ଭିକ୍ଷ ଦାଉରୁ କଙ୍କାଳସାର ହୋଇ ପଡ଼ିଥିବା ଲୋକେ ଥରେ ମାତ୍ର ପେଟପୁରା ଖାଇଦେଇ ମରିଗଲେ । ବଙ୍ଗ ସରକାର କଲିକତାରୁ ଓ ମାନ୍ଦ୍ରାଜ ସରକାର ମାନ୍ଦ୍ରାଜରୁ ଖାଦ୍ୟ ଯୋଗାଇ ଦେବା କହି ମାସ ମାସ ଧରି ବିତାଇ ଦେବା ଫଳରେ ଏଭଳି ମହାମାରୀ ଅବସ୍ଥା ଘଟିଲା । ବିଭିନ୍ନ ପ୍ରଦେଶରେ

୧୦. କର, ଡଃ ବାଉରୀବନ୍ଧୁ- ପ୍ରବୋଧ ଚନ୍ଦ୍ରିକା, ମେଘାସନୀ (୧ମ ବର୍ଷ, ୧୯୮୫)

୧୧. ମିଶ୍ର, ଶ୍ରୀନିବାସ- ଆଧୁନିକ ଗଦ୍ୟ ସାହିତ୍ୟ (୧୯୭୮) ପୃ-୯୨

ବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଆଭାଷୀ ଅଞ୍ଚଳରୁ ପ୍ରତିବାଦ ଉଠିଲା । 'ଆମେ ପୋକ ମାଛି ପରି ମରୁଛୁ ଅଥଚ ସରକାର ନିର୍ବିକାର ଭାବରେ ବସିଛି ।'- ଏହି ଧ୍ୱନି ସର୍ବତ୍ର ଶୁଣାଗଲା । ଓଡ଼ିଆଙ୍କର ତ ସମ୍ବାଦପତ୍ର ନ ଥିଲା । ଇଂରାଜୀ ତଥା ଅନ୍ୟ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ସବୁ ଅଣ ଓଡ଼ିଆଙ୍କ କର୍ତ୍ତୃତ୍ୱରେ ପରିଚାଳିତ ହେଉଥିଲା । ସେଥିରେ ଓଡ଼ିଶା କଥା ପ୍ରାୟ ରହୁ ନ ଥିଲା । ତେଣୁ ସରକାରଙ୍କ ଦୃଷ୍ଟିକୁ ଓଡ଼ିଆଙ୍କ ଦୁର୍ଦ୍ଦଶା ଆଣିବାର ଉପାୟ କିଛି ନ ଥିଲା ।[୧୨] ଓଡ଼ିଶାର ଏ ଦାରୁଣ ଦୁର୍ଦ୍ଦଶାକୁ ଉପସ୍ଥାପିତ କରିବା ପାଇଁ ଏକ ମୁଖପତ୍ରର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରାଗଲା ବେଳେ ନବ -ଅଭ୍ୟୁତ୍‌ଥିତ ଶିକ୍ଷିତ ଗୋଷ୍ଠୀର ସଫଳ ପ୍ରୟାସରେ ଓଡ଼ିଆ ଜାତିର ଆଶା ଆକାଙ୍‌କ୍ଷା ପ୍ରକାଶ ନିମିତ୍ତ ପ୍ରକାଶ ପାଇଲା ପ୍ରଥମେ ଓଡ଼ିଆ ସମ୍ବାଦପତ୍ର "ଉତ୍କଳ ଦୀପିକା' (୧୮୬୬) । ନବ ଅଭ୍ୟୁତ୍‌ଥିତ ଶିକ୍ଷିତ ଗୋଷ୍ଠୀ ବିନା ସମ୍ବାଦପତ୍ର ପ୍ରକାଶର କଳ୍ପନା ଆକାଶ କୁସୁମ ସଙ୍ଗେ ସମାନ ବୋଲି ଓଡ଼ିଶାର ଇତିହାସ ପୂର୍ବରୁ ପ୍ରମାଣ ଦେଇ ସାରିଥିଲା । କାରଣ ୧୮୦୫ ମସିହାର ବନ୍ୟା, ୧୮୨୩ର ବାତ୍ୟା ଓ ସମୁଦ୍ର ଜୁଆରର ପ୍ରକୋପ, ୧୮୩୧ ରେ ବାତ୍ୟା ଓ ସମୁଦ୍ର ଜୁଆରର ପାଦୁର୍ଭାବ, ୧୮୩୩ ମସିହାର ଅସହ୍ୟ ବୃଷ୍ଟି, ୧୮୫୮ ର ବନ୍ୟା ଓ ମରୁଡ଼ି ଓଡ଼ିଶାର ଜାତୀୟ ଜୀବନକୁ ବିପର୍ଯ୍ୟସ୍ତ କରିଥିଲେ ହେଁ କୌଣସି ବିହିତ ପ୍ରତିକାର କରାଯାଇ ନ ଥିଲା ।[୧୩] ପତ୍ରିକା ପ୍ରକାଶ ଓ ତାର ପରିଚାଳନା ଏକ ଜାଗ୍ରତ ଶିକ୍ଷିତ ଶ୍ରେଣୀ ଓ ଆତ୍ମ ସଚେତନ ଜାତି ଉପରେ ନିର୍ଭର କରେ । ଶିକ୍ଷିତ ଶ୍ରେଣୀର ଆତ୍ମ ସଚେତନତା 'ଉତ୍କଳ ଦୀପିକା' (୧୮୬୬) ରେ ପ୍ରକାଶିତ ହେଲା ।[୧୪] ନଅଙ୍କ ଦୁର୍ଭିକ୍ଷର ଦୁଇବର୍ଷ ପୂର୍ବରୁ ସ୍ଥାପିତ କଟକ ପ୍ରିଣ୍ଟିଙ୍ଗ କମ୍ପାନୀ (୧୮୬୪), ୧୮୬୫ ଜୁଲାଇ ୧ ତାରିଖରେ କାର୍ଯ୍ୟ କରିଥିଲା ।[୧୫] ଉତ୍କଳ ଦୀପିକାର ପ୍ରଥମ ପ୍ରକାଶ ଘଟିଲା ୧୮୬୬ ଅଗଷ୍ଟ ୪ ତାରିଖରେ ।[୧୬] ଡଃ ଗୋପାଳ ଚନ୍ଦ୍ର ମିଶ୍ର ସେଥିପାଇଁ ଯଥାର୍ଥରେ କହିଛନ୍ତି, "ଓଡ଼ିଶାର ସାମାଜିକ ତଥା ଅର୍ଥନୀତିକ ଦୁର୍ଗତି ଏବଂ ନଅଙ୍କ ଦୁର୍ଭିକ୍ଷ ଜନିତ ଶୋଚନୀୟ କରାଳ ଭୂମିକାରେ ହିଁ ଓଡ଼ିଶାର ପ୍ରଥମ ସମ୍ବାଦପତ୍ରର ଆବିର୍ଭାବ ।"[୧୭] ୧୮୬୬ ମସିହାରେ 'ଉତ୍କଳ ଦୀପିକା' ହିଁ ଥିଲା ଏକମାତ୍ର ଓଡ଼ିଆ ସମ୍ବାଦପତ୍ର । ଏଣୁ ଏହା

୧୨ - ମହାପାତ୍ର, ପଣ୍ଡିତ ଶ୍ରୀ ବାଇକୋଳି- ଓଡ଼ିଆ ଆନ୍ଦୋଳନର ଇତିହାସ (୧୯୭୬) ପୃ-୩୨

୧୩. ତତ୍ରୈବ- ପୃ-୩୧-୩୨

୧୪. ସାମନ୍ତରାୟ, ଡଃ ନଟବର- ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ପୃ- ୧୭୭-୧୭୮

୧୫. ମହାନ୍ତି, ଡଃ ବଂଶୀଧର- ଓଡ଼ିଆ ଭାଷା ଆନ୍ଦୋଳନ (୧୯୮୯) ପୃ-୧୪-୧୫

୧୬. କର, ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ (୧୯୮୯) - ପୃ- ୨୦୪

୧୭. ଓଡ଼ିଆ ପତ୍ରପତ୍ରିକାର ଆଦିଯୁଗ - କୋଣାର୍କ ୬ଷ୍ଠ ବର୍ଷ, ୨ୟ ସଂଖ୍ୟା - ପୃ- ୩୪

ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତିକ ଜୀବନର ମୁଖପତ୍ର ରୂପେ କାର୍ଯ୍ୟ ନିର୍ବାହ କଲା । ଏଥିରେ ବିଭିନ୍ନ ଆଞ୍ଚଳିକ ସମସ୍ୟା ଓ ଘଟଣା, ଦେଶ ବିଦେଶର ଖବର, ଶିକ୍ଷା, ସଂସ୍କୃତି, ଜାତୀୟ ଜୀବନ ସମ୍ବନ୍ଧୀୟ ବିବରଣୀ, ଦୁର୍ଭିକ୍ଷର କରାଳ ଚିତ୍ର, ଓଡ଼ିଶାର ଅଭାବ ଅସୁବିଧା, ଭାଷା ସାହିତ୍ୟ ଚର୍ଚ୍ଚା ତଥା ଛୁଟି ତାଲିକା ଓ ପଞ୍ଜିକା ପ୍ରକାଶ ପାଉଥିଲା । ଆଧୁନିକ ଶିକ୍ଷାର ପ୍ରସାର ଓ ମୁଦ୍ରାଯନ୍ତ୍ରର ସ୍ଥାପନ ଫଳରେ ଶିକ୍ଷିତ ଗୋଷ୍ଠୀର ଯେଉଁ ଜାଗରଣ ସୃଷ୍ଟି 'ଉତ୍କଳ ଦୀପିକା'ର ଆବିର୍ଭାବ ଫଳରେ ଏହି କ୍ରିୟା କ୍ରମଶଃ ସକ୍ରିୟ ହୋଇ ଉଠିଲା ।

ନଅଙ୍କ ଦୁର୍ଭିକ୍ଷର ପ୍ରକୋପ କ୍ରମଶଃ ଶିଥିଳ ହୋଇ ପଡୁଥିବା ବେଳେ ଓଡ଼ିଆ ଭାଷା ବିଲୋପ ଷଡ଼ଯନ୍ତ୍ର (୧୮୬୮-୭୦) ଓଡ଼ିଶାର ଜାତୀୟ ଜୀବନକୁ ପୁନଶ୍ଚ ଦୋହଲାଇ ଦେଲା । ଓଡ଼ିଶାରେ ବ୍ରିଟିଶ୍ ଶାସନର ଆରମ୍ଭରୁ ବଙ୍ଗୀୟ ସରକାରୀ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ନିରୀହ ସରଳ ଓଡ଼ିଶାବାସୀଙ୍କ ଉପରେ ବଙ୍ଗଳା ଭାଷା ଲଦିଦେବାକୁ ଚେଷ୍ଟାକଲେ । ଏହାକୁ ଦୃଷ୍ଟିରେ ରଖି ଗୌରୀଶଙ୍କର ରାୟଙ୍କ ପ୍ରଚେଷ୍ଟାରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅମୂଲ୍ୟଗ୍ରନ୍ଥମାନ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀ ପ୍ରେସ୍‌ରୁ ପ୍ରକାଶ ପାଇଲା । ଉତ୍କଳ ଭାଷାର ଉତ୍କୃଷ୍ଟ ପ୍ରାଚୀନ ଗ୍ରନ୍ଥ ପ୍ରକାଶ ଲକ୍ଷ୍ୟ ନେଇ ବାଲେଶ୍ୱରରେ ଗଢ଼ାହେଲା 'ଡ଼ି.ପି. ଦାସ ଏବଂ କମ୍ପାନୀ' । ଏହି କମ୍ପାନୀର କାର୍ଯ୍ୟ ନିର୍ବାହ ନିମନ୍ତେ ସ୍ଥାପିତ ହେଲା 'ଉତ୍କଳ ଭାଷା ବିଧାୟିନୀ' ସମାଜ । ନଅଙ୍କ ଦୁର୍ଭିକ୍ଷର ଠିକ୍ ପରେ ପରେ । ସ୍ୱତନ୍ତ୍ରତା ପାଇଁ ସ୍ଥାପିତ ହେଲା, ''ଉତ୍କଳ ଭାଷୋଦ୍ଦୀପନୀ ସଭା ।''

ସଂବଲପୁରରେ ହିନ୍ଦୀ, ଗଂଜାମ-ବ୍ରହ୍ମପୁରରେ ତେଲୁଗୁ ଭାଷା ଓ କଟକ - ପୁରୀ - ବାଲେଶ୍ୱରରେ ବଙ୍ଗଳା ଭାଷାର ଅଯଥା ଅତ୍ୟାଚାରରେ ମ୍ରିୟମାଣ ହେବା ଏ ସମୟର ଅନ୍ୟତମ ଉଲ୍ଲେଖଯୋଗ୍ୟ ଘଟଣା । ଉତ୍କଳ ଦୀପିକା ସେତେବେଳେ ଏ ପରିସ୍ଥିତିକୁ ଲକ୍ଷ୍ୟ କରି ଲେଖିଥିଲା, ''ଓଡ଼ିଆମାନେ ତିନି ସରକାରଙ୍କ ଅଧୀନରେ ଅଛନ୍ତି । ଉତ୍କଳ ଭାଷା ତିନି ଥେଣ୍ଟିଆ କାକୁଡ଼ି ବାଡ଼ି ପ୍ରାୟ ତୁଚ୍ଛାକୁ କ୍ଷତିଗ୍ରସ୍ତ ହେଉଛି ଓ ଏହା ଦୁଇଘର କୁଣିଆ ହୋଇ ଉପବାସରେ ଶୋଇଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ''[୧୮]

୧୮୬୮ ମସିହାରେ ଓଡ଼ିଶା ସ୍କୁଲ ବିଭାଗୀୟ ଇନିସ୍‌ପେକ୍ଟର ରବର୍ଟ ପେରିଙ୍କ ଓଡ଼ିଆ ବଦଳରେ ଓଡ଼ିଶା ଡ଼ିଭିଜନରେ ବଙ୍ଗ ଭାଷାର ପ୍ରଚଳନ ପାଇଁ ପରାମର୍ଶ, ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ରଙ୍କ 'କଟକ ଡ଼ିବେଟିଂ କ୍ଲବ' (୧୮୬୮)ରେ ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ପ୍ରଦତ୍ତ ବକ୍ତୃତା, ଉମାଚରଣ ହାଲଦାରଙ୍କ ଓଡ଼ିଆ ଭାଷା ବିରୋଧି

୧୮. ନାୟକ, ଡଃ କ୍ଷେତ୍ରବାସୀ - ଓଡିଆ ସାହିତ୍ୟ ଓ ସଂଗଠନ, ଝଙ୍କାର, ବିଷୁବ ୧୯୮୦, ପୃ - ୩୬

ମନୋଭାବ, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିୟା ସ୍ୱତନ୍ତ୍ର ଭାଷନୟ' ପୁସ୍ତକ ପ୍ରଣୟନ ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତକୁ ଅଧିକ ଇନ୍ଧନ ଯୋଗାଇ ଥିବା ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରକାଶ ପାଇଥିଲା 'ବାଲେଶ୍ୱର ସଂବାଦ ବାହିକା' (୧୮୬୮), ଉତ୍କଳ ହିତୈଷିଣୀ (୧୮୬୯) । ଦୀପିକା, ବାହିକା ଓ ହିତୈଷଣୀ ଭାଷା ବିଲୋପ ଆନ୍ଦୋଳନ ବିରୁଦ୍ଧରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାର ଜାତୀୟ ଜୀବନକୁ ଅଧିକ ବିପର୍ଯ୍ୟସ୍ତ କରି ଦେଇଥିବା ନଅଙ୍କ ଦୁର୍ଭିକ୍ଷ (୧୮୬୫) ଓ ଭାଷା - ଉଚ୍ଛେଦ ଅଭିସନ୍ଧି (୧୮୬୮-୭୦) ଓଡ଼ିଶାର ଶିକ୍ଷିତ ଯୁବଶକ୍ତିକୁ ଅଧିକ ଆତ୍ମ ସଚେତନ କରାଇ ଦେଇଥିଲା । "ଭାଷା ସଂକଟରୁ ଆତ୍ମରକ୍ଷା କରିବା ସଙ୍ଗେ ସଙ୍ଗେ ଦେଖାଦେଲା ଆତ୍ମ ପ୍ରକାଶର କାର୍ଯ୍ୟକ୍ରମ । ତତ୍ପରେ ଦେଶର ବୁଦ୍ଧିଜୀବୀମାନେ ଆପଣା ଜାତିର ଗୌରବ ବୃଦ୍ଧିରେ ବ୍ରତୀ ହେଲେ ।"[୧୯] ଏହି ଆତ୍ମପ୍ରକାଶ କାର୍ଯ୍ୟକ୍ରମ ଓଡ଼ିଆ ପତ୍ରପତ୍ରିକା ବିକାଶ ପାଇଁ ପ୍ରେରଣାପ୍ରଦ ହେଲା । ଏଣୁ ଅଧିକରୁ ଅଧିକ ପତ୍ରପତ୍ରିକା ପ୍ରକାଶ ପାଇବାର ଅବକାଶ ସୃଷ୍ଟିହେଲା । ସଂଗଠିତ ଭାବେ ସାହିତ୍ୟର ଅଭିବୃଦ୍ଧି ସାଧନ ନିମନ୍ତେ ଉତ୍କଳ ସଭା (୧୮୬୭), ଉତ୍କଳ ଭାଷା ଉଦ୍ଧିପନା ସଭା (୧୮୭୩), ଭଦ୍ରକ ଦେଶ ହିତୈଷିଣୀ ସଭା (୧୮୭୪), ବାମଣ୍ଡା ଆଲୋଚନା ସଭା (୧୮୯୪), ସାହିତ୍ୟ ସମାଲୋଚନା ସଭା (୧୮୯୫) ଆଦି ସଂଗଠନ ଗଢାଗଲା । ଅଧିକାଂଶ ଅନୁଷ୍ଠାନ ଜାତୀୟ ଚେତନାର ଉଦ୍ରେକ ଓ ସାମାଜିକ ମୂଲ୍ୟବୋଧ ପ୍ରତିଷ୍ଠା ନିମନ୍ତେ ବୌଦ୍ଧିକ ଆଲୋଚନାକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ପତ୍ରପତ୍ରିକା ଜରିଆରେ ଆପଣାର ଆଭିମୁଖ୍ୟ ପ୍ରକାଶ ଓ ସାହିତ୍ୟର ବିକାଶ କରିବାରେ ସମର୍ଥ ହେଲେ । ଏହା ଫଳରେ ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକରେ, 'ଉତ୍କଳ ପୁତ୍ର' (୧୮୭୦), 'ଓଡ଼ିଆ' (୧୮୮୭), 'ନବ ସଂବାଦ' (୧୮୮୭), 'ଓଡ଼ିଆ ଓ ନବ ସଂବାଦ' (୧୮୮୮), 'ସଂବଲପୁର ହିତୈଷିଣୀ' (୧୮୮୯), 'ପ୍ରଜାବଂଧୁ' (୧୮୮୨), 'ସେବକ' (୧୮୮୩), 'ସଂସ୍କାରକ' (୧୮୮୩), 'ଆଶା' (୧୮୮୬)ଆଦି ସଂବାଦଧର୍ମୀ ପତ୍ରିକା ପ୍ରକାଶ ପାଇଲା ।

ଊନବିଂଶ ଶତକର ସପ୍ତମ ଦଶକରେ ନୂତନ ପାଶ୍ଚାତ୍ୟ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁଦୟ ଓଡ଼ିଆ ସାହିତ୍ୟ ବିକାଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କଲା । ଆଧୁନିକ ରୁଚି କ୍ରମଶଃ ପରିବର୍ଦ୍ଧିତ ହେବାରୁ ଶିକ୍ଷିତ ସଂପ୍ରଦାୟ ଦ୍ୱାରା ପ୍ରାଚୀନ ସାହିତ୍ୟ ଆଦୃତ ହେଲାନାହିଁ । ଏ ଅସନ୍ତୋଷ ପ୍ୟାରିମୋହନ ଆଚାର୍ଯ୍ୟଙ୍କ 'ଉତ୍କଳ ସାହିତ୍ୟ' ଶୀର୍ଷକ ନିବନ୍ଧରେ ତତ୍କାଳୀନ ସାହିତ୍ୟ ସଂପର୍କୀୟ ରୁଚିବୋଧ ସ୍ପଷ୍ଟ ହୋଇଯାଏ । "ଉତ୍କଳ ସାହିତ୍ୟର ଅବସ୍ଥା ଯେ ଅଦ୍ୟାବଧି ଶୋଚନୀୟ ଏକଥା କିଏ ଅସ୍ୱୀକାର କରିବ ? ଆଜି ପର୍ଯ୍ୟନ୍ତ ସରଳ ସୁଲଳିତ

୧୯. ନାୟକ, ଡଃ କ୍ଷେତ୍ରବାସୀ - ଓଡିଆ ସାହିତ୍ୟ ଓ ସଂଗଠନ, ଝଙ୍କାର, ବିଷୁବ ୧୯୮୦, ପୃ-୩୬

ଶୃଙ୍ଗାର ରସ ବର୍ଜିତ, ମନୋଦୁଃଖହର ଓ ପ୍ରୀତିପଦ ଖଣ୍ଡିଏ ଗଦ୍ୟ କି ପଦ୍ୟ ମୂଳଗ୍ରନ୍ଥ ଓଡ଼ିଆ ଭାଷାରେ ଦେଖିବାକୁ ପାଇବା ଦୁଷ୍କର । ନାଟକ ଓ ଉପନ୍ୟାସ ରୀତି ତ ଅଦ୍ୟାବଧି ପ୍ରକୃଷ୍ଟ ରୂପେ ଏ ଭାଷାରେ ପ୍ରକାଶ ପାଇ ନାହିଁ ।xxx ଶୁଦ୍ଧ ସାହିତ୍ୟର ଗତି ସ୍ଥଳରେ ଆନନ୍ଦ ଦାୟକ ନୁହେଁ । ତେବେ ୀ ବିଭାଗରେ ପ୍ରକୃତରେ ଯାହା କିଛି ଅଛି, ତାହା କେବଳ ପୂର୍ବ କାଳୀୟ ଦୀର୍ଘ ଶବ୍ଦାଡମ୍ବର ବିଶିଷ୍ଟ ସ୍ୱାଭିକ ଭାବପୂର୍ଣ୍ଣ, ଅଶ୍ଳୀଳ ଭାଷାମଣ୍ଡିତ ଓ ସ୍ଥାନେ ସ୍ଥାନେ ଅବଶ୍ୟ ହୃଦୟମୋହନକାରୀ ସରଳ ଭାଷାରେ ଲିଖିତ ସୁଲଳିତ ଓ ସ୍ୱାଭାବିକ ଭାବଯୁକ୍ତ ଭଂଜ, ବ୍ରହ୍ମା, ଦାସ, ସାମନ୍ତ ସିଂହାର ପ୍ରଭୃତି କବି କଦମ୍ବଙ୍କ ଲୌହ ଲେଖନୀ ସଂଭୂତ କେତେ ଖଣ୍ଡି କାବ୍ୟ ।xx ଆଜିକାଲି ଲୋକଙ୍କ ରୁଚି କ୍ରମଶଃ ପରିବର୍ତ୍ତିତ ହେଉଅଛି । ଓଡ଼ିଶାରେ ଏ ଯାଏ ପରିବର୍ତ୍ତନ ଯଦି ବିଶେଷ ରୂପେ ପ୍ରତ୍ୟକ୍ଷୀଭୂତ ହୋଇ ନାହିଁ, ତଥାପି ଯେ ପରିବର୍ତ୍ତନର ସମୟ ଦୂରବର୍ତ୍ତୀ ଏକଥା ସ୍ପଷ୍ଟ ଦେଖାଯାଉଛି ।xx ଏହି ନୂତନରୁ ଠିକ୍ ଅନୁସରି ଭାରତରେ ସ୍ଥାନ - ସ୍ଥାନରେ ଏକ ନୂତନ ସାହିତ୍ୟ ଭଣ୍ଡାର ସଂଗଠିତ ହେଉଅଛି । ଓଡିଶାରେ ମଧ୍ୟ ଏହିପରି ହେବା ଉଚିତ ଓ ହେବ; ହେବାର ସମୟ ମଧ୍ୟ ଆସି ଉପସ୍ଥିତ ହେଲାଣି ଓ ଉଦ୍‌ଯୋଗ ଲାଗିଲାଣି ।''[୨୦] ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟର ଅନୁଶୀଳନ, ବ୍ରାହ୍ମଧର୍ମ, ବ୍ରାହ୍ମ ସମାଜ ଓ ମିଶନାରୀ ଧର୍ମର ପ୍ରଭାବରେ ସୃଷ୍ଟ ନୂତନ ସଂସ୍କାରଯୁକ୍ତ ମାନସ ଉତ୍ତରଣ ହେତୁ ଆଧୁନିକ ସାହିତ୍ୟ ପାଇଁ ଭିତ୍ତିଭୂମି ସ୍ଥାପିତ ହେଲା ।[୨୧] ଏହି ଭିତ୍ତିଭୂମି ଉପରେ ଓଡିଆ ସାହିତ୍ୟର ଆଧୁନିକ ପର୍ବ ବିକଶିତ ହେଲା । ସାହିତ୍ୟର ବିକାଶ ପାଇଁ ପ୍ରଧାନ ମାଧ୍ୟମ ହେଲା ସାହିତ୍ୟ ପତ୍ରିକା । ଉତ୍କଳ ଦର୍ପଣ (୧୮୭୩) ପ୍ରଥମ ବିଶୁଦ୍ଧ ସାହିତ୍ୟ ପତ୍ରିକା ରୂପେ ଆତ୍ମ ପ୍ରକାଶ କଲା । ଏଠାରେ ଉଲ୍ଲେଖ କରା ଯାଇପାରେ ଯେ ମିଶନାରୀ ପତ୍ରିକା 'ପ୍ରବୋଧ ଚନ୍ଦ୍ରିକା'ରେ ଓଡ଼ିଶାର ଢଗଢମାଳି, ଲୋକ କିମ୍ବଦନ୍ତୀ, ଧର୍ମଗ୍ରନ୍ଥ ଚରିତ୍ର ସମ୍ବନ୍ଧରେ ଆଲୋଚନା, ସଂସ୍କୃତ ହିତୋପଦେଶରୁ ସଂଗୃହୀତ କାହାଣୀମାନ ଓ ଓଡ଼ିଶାର ଲୋକ ଗଳ୍ପ କାହାଣୀ ଆଦି ପ୍ରକାଶ କରି ସାହିତ୍ୟିକ ଆଭିମୁଖ୍ୟକୁ ସ୍ପଷ୍ଟ କରିଦେଇ ଥିଲେ ହେଁ, ଏହା ସମାଚାର, ସାଧାରଣ ଜ୍ଞାନ, ବିଜ୍ଞାନ ଆଦି ବିବିଧ ବିଷୟର ମୁଖ୍ୟପତ୍ର ଥିଲା ।[୨୨] ଉତ୍କଳ ଦୀପିକା, ଉତ୍କଳ ହିତୈଷିଣୀ, ଉତ୍କଳ ପୁତ୍ର ଆଦି ପତ୍ରରେ ମଧ୍ୟ ଆଧୁନିକ ସାହିତ୍ୟ ସଂପର୍କରେ ସଂବାଦଧର୍ମୀ ସମାଲୋଚନା, କବିତା ପ୍ରକାଶ ପାଉଥିଲେ ହେଁ ଏସବୁ ଥିଲେ ମୁଖ୍ୟତଃ ସଂବାଦ ପତ୍ର । ଅବଶ୍ୟ ଏହା

---

୨୦. ଉତ୍କଳ ପୁତ୍ର, ୧୮୭୪ ସାଲ, ଜୁନ୍, ୩ୟ ସଂଖ୍ୟା

୨୧. ସାମଲ, ଡଃ ବୈଷ୍ଣବ ଚରଣ - ଓଡିଆ ସାହିତ୍ୟର ବିକାଶରେ ପତ୍ର ପତ୍ରିକାର ଅବଦାନ, ଝଙ୍କାର ୨୮ ବର୍ଷ ୩ୟ ସଂଖ୍ୟା, ପୃ - ୨୬୪

୨୨. କର, ଡଃ ବାଉରୀ ବନ୍ଧୁ - ନାନା ଆଲୋଚନା (୧୯୯୪) - ପୃ - ୧୦୮-୧୦୧

ସ୍ୱୀକାର୍ଯ୍ୟ ଯେ ଉତ୍କଳ ଦୀପିକା ଆଦି ସଂବାଦ ପତ୍ରରେ ସାହିତ୍ୟ ସଂପର୍କୀୟ ଆଲୋଚନା, ଗଠନ ମୂଳକ ବିବରଣୀ, ସାହିତ୍ୟ ସୃଷ୍ଟିପାଇଁ ପ୍ରେରଣା ସାହିତ୍ୟ ପତ୍ରିକା ପାଇଁ ପଥ ପରିଷ୍କାର କରି ଦେଇଥିଲା । 'ଉତ୍କଳ ଦର୍ପଣ'ରେ ଅନେକ ଉତ୍କୃଷ୍ଟ ରଚନା ସ୍ଥାନ ପାଇଥିଲା । ଏହି ପତ୍ରିକାରେ କବିବର ରାଧାନାଥ ରାୟ, ମଧୁସୂଦନ ରାଓ, ଭୋଳାନାଥ ଦାସ, ବିଶ୍ୱନାଥ ଶତପଥୀ ପ୍ରମୁଖ ଥିଲେ ନିୟମିତ ଲେଖକ । ରାଧାନାଥଙ୍କ ବହୁ କାବ୍ୟ କବିତା ଓ ଗଦ୍ୟ ରଚନା ଏହି ପତ୍ରିକାରେ ସ୍ଥାନ ପାଇଛି । ଉତ୍କଳ ଦର୍ପଣ ରାଧାନାଥଙ୍କ ସାରସ୍ୱତ ପ୍ରତିଭାର ଯଥାର୍ଥ ପୃଷ୍ଠପୋଷକ ଥିଲା । ବିଭିନ୍ନ ପାଠ୍ୟ ପୁସ୍ତକର ବ୍ୟାପକ ଆଲୋଚନା ପାଇଁ 'ଦର୍ପଣ' ହିଁ ସୁଯୋଗ ଦେଇଥିଲା ।

'ଉତ୍କଳ ଦର୍ପଣ' ପ୍ରକାଶ ପରେ ସାହିତ୍ୟ ପତ୍ରିକା ଧାରାରେ 'ଉତ୍କଳ ମଧୁପ' (୧୮୭୮), 'ପ୍ରଦୀପ' (୧୮୮୫), 'ଶିକ୍ଷାବଂଧୁ' (୧୮୮୬), 'ସମାଲୋଚନା' (୧୮୮୯), 'ଉତ୍କଳ ପ୍ରଭା' (୧୮୯୧), 'ଉତ୍କଳ ସାହିତ୍ୟ' (୧୮୯୭) ଓ 'ଆଲୋଚନା' (୧୯୦୦) ଯୋଗଦେଲେ । ଉନବିଂଶ ଶତାବ୍ଦୀର ଏହି ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟକୁ ନାନା ସାହିତ୍ୟିକ ବିଭାଗରେ ସମୃଦ୍ଧ କଲା । ସର୍ଜନାତ୍ମକ ସାହିତ୍ୟ କେବଳ କାବ୍ୟ କବିତାରେ ସୀମିତ ନ ରହି ପ୍ରବଂଧ, ରମ୍ୟ ରଚନା, ଗଳ୍ପ, ଉପନ୍ୟାସ କ୍ଷେତ୍ରକୁ ସଂପ୍ରସାରିତ ହେଲା । ନାଟକକୁ ଛାଡି ଆଧୁନିକ ସାହିତ୍ୟର ସବୁ ଶ୍ରେଷ୍ଠ ସଂପଦ ଏହି ସାହିତ୍ୟ ପତ୍ରର ଫସଲ । [୨୩] ଓଡିଆ ସାହିତ୍ୟରେ କାବ୍ୟର ଥିବା ଏକାଧିପତ୍ୟ କ୍ଷୁଣ୍ଣ ହେଲା । 'ଉତ୍କଳ ଦର୍ପଣ'ରେ ଓଡିଆ ସାହିତ୍ୟର ପ୍ରବଂଧ 'ବିବେକୀ' (୧୮୭୩) ପ୍ରକାଶିତ ହୋଇ ଏହି କ୍ରିୟାର ଶୁଭ ଦେଲା । 'ଉତ୍କଳ ମଧୁପ' ରାମ ଶଙ୍କର ରାୟଙ୍କ 'ସୌଦାମିନୀ' ଉପନ୍ୟାସକୁ ଧାରାବାହିକ ଭାବେ ପ୍ରକାଶ କରି ଏ କ୍ଷେତ୍ରରେ ଆଉ ଏକ ପାହୁଣ୍ଡ ଆଗେଇ ଯିବାର ଦେଖାଯାଏ । 'ଉତ୍କଳ ସାହିତ୍ୟ' ଫକୀରମୋହନଙ୍କ ଗଳ୍ପ 'ରେବତୀ' ପ୍ରକାଶ କରି ଓଡିଆ ଗଳ୍ପ ସାହିତ୍ୟର ଆରମ୍ଭ କରିଥିଲା । ଅବଶ୍ୟ ପୂର୍ବରୁ ବୋଧଦାୟିନୀରେ ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ଗଳ୍ପ 'ଲଛମନିଆ' ପ୍ରକାଶ ପାଇଥିଲା ।[୨୪]

'ଉତ୍କଳ ଦର୍ପଣ' ପରେ ପ୍ରକାଶିତ ସଫଳ ସାହିତ୍ୟ ପତ୍ରିକା 'ଉତ୍କଳ ମଧୁପ'ରେ ରାମଶଙ୍କର ରାୟ, ମଧୁସୂଦନ ରାଓ ଆଦିଙ୍କ ରଚନା ସ୍ଥାନ ପାଉଥିଲା । କୃଷ୍ଣ ମୋହନ ପଟ୍ଟନାୟକଙ୍କ ସଂପାଦିତ ଏହି ସାହିତ୍ୟ ପତ୍ରିକାରେ ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟ ବିଷୟରେ ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । 'ଶିକ୍ଷାବଂଧୁ' ପତ୍ରିକାରେ ସାହିତ୍ୟ ଓ

୨୩. ଦାସ, ଡଃ ଦାଶରଥୀ - ବିବିଧ ପ୍ରସ୍ତାବ (୧୯୯୩) - ପୃ - ୪୯.

୨୪. ସେନାପତି, ଫକୀରମୋହନ - ଆତ୍ମଜୀବନୀ ଚରିତ (୧୯୭୬) - ପୃ-୧୯୧.

ଶିକ୍ଷା ସଂପର୍କୀୟ ପ୍ରବଂଧ ଆଲୋଚନାମାନ ପ୍ରକାଶ ପାଉଥିଲା । ଅଧିକାଂଶ ପ୍ରବଂଧର ଲେଖକଙ୍କ ନାମୋଲ୍ଲେଖ ନ ଥିଲା । ରାଧାନାଥ ରାୟ, ମଧୁସୂଦନ ରାଓ ଙ୍କ କାବ୍ୟ କବିତା ସହ ଶରତଚନ୍ଦ୍ର ମୁଖୋପାଧ୍ୟାୟ, ରଘୁନାଥ ମିଶ୍ର, ଲଳିତ ମୋହନ ଚକ୍ରବର୍ତ୍ତୀ ପ୍ରମୁଖ ଏହି ପତ୍ରିକାର ଲେଖକ ଥିଲେ । ପ୍ରଶ୍ନୋତ୍ତର ବିଭାଗରେ କବିତାର ପ୍ରୟୋଗାତ୍ମକ ଆଲୋଚନା ପରିଦୃଷ୍ଟ । 'ଶିକ୍ଷାବଂଧୁ' ପତ୍ରିକା ଆଲୋଚନା କ୍ଷେତ୍ରରେ ଏକ ବ୍ୟତିକ୍ରମ ସୃଷ୍ଟି କରିଥିଲା । ଶ୍ରୀରାମଚନ୍ଦ୍ର ଭଂଜଦେବଙ୍କ ପୃଷ୍ଟପୋଷକତାରେ ପ୍ରକାଶିତ 'ଉତ୍କଳ ପ୍ରଭା' (୧୮୯୧) ଆଧୁନିକ ରୁଚିର କବିତା, ସମାଲୋଚନା, ଅନୁବାଦ, ସମସ୍ୟା ମୂଳକ ପ୍ରବଂଧ, ଉପନ୍ୟାସ, ପ୍ରକାଶ ପାଇଥିଲା । ମାତ୍ର ଅଳ୍ପ କେତୋଟି ବର୍ଷ (ଚାରିବର୍ଷ ନିୟମିତ ଓ ପରେ ଅନିୟମିତ ହୋଇ ୧୮୯୬ ଯାଏ) ପ୍ରକାଶିତ ହୋଇ ମଧ ଏହା ଲେଖକମଣ୍ଡଳୀରେ ସାହିତ୍ୟ ସୃଷ୍ଟି ପାଇଁ ଉତ୍ସାହ ସୃଷ୍ଟି କରିପାରିଥିଲା । ଲେଖକମାନଙ୍କୁ ପାରିତୋଷିକ ପ୍ରଦାନ କରିବାରେ ଏହାଥିଲା ପ୍ରଥମ ପତ୍ରିକା । ଏହି ପତ୍ରିକାରେ ଉତ୍କୃଷ୍ଟ ରଚନା ପାଇଁ ବାବୁ ଚନ୍ଦ୍ରମୋହନ ମହାରଣା, ବିଶ୍ୱନାଥ କର, କନ୍ହେଇ ଲାଲ ବସୁ, ନାରାୟଣ ରାୟ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଶର୍ମା, ରାଧାନାଥ ରାୟ, ବିଜୟ ଚନ୍ଦ୍ର ମଜୁମ୍‌ଦାର, ମଧୁସୂଦନ ରାଓ ଆଦି ବହୁ ସାହିତ୍ୟ ସ୍ରଷ୍ଟା ପୁରସ୍କୃତ ହୋଇଥିଲେ । ଉତ୍କଳ ପ୍ରଭାକୁ ଲକ୍ଷ୍ୟକରି ବ୍ୟାସକବି ଫକୀରମୋହନ ଦେଇଥିବା ମନ୍ତବ୍ୟ ଏଠାରେ ସ୍ମରଣଯୋଗ୍ୟ ।

" ପ୍ରଭା ଉଦେ ଦେଖି କବିଏ ଭାଳିଲେ
ଗଲା ଏବେ ସବୁ ଦୁଃଖ
ଲେଖିବୁଁ କବିତା, ନେବୁ ଟଙ୍କା ଗଣି
ପଢ଼ିବେ ସକଳ ଲୋକ ।"[୨୫]

x x x

"ବର୍ତ୍ତମାନ୍ ମୟୂରଭଂଜର ସଦା ବ୍ରତୀ-ବିନା ପଇସାରେ କବିତା ଛପା - ପୁଣି ଲୋକମାନେ ପଢ଼ିବେ ତାହା ଉପରେ ଦକ୍ଷିଣା - ଅମୃତ - ମହେନ୍ଦ୍ର - ଶୁଭଯୋଗ - ତ୍ରୟ ସ୍ୱର୍ଣ୍ଣ । ଆଷାଢ଼ିଆ ପାଣି ପାଇ ବ୍ରାହ୍ମଣୀ ବେଙ୍ଗ ପରି ଓଡ଼ିଶାର ଏମୁଣ୍ଡରୁ ସେମୁଣ୍ଡ ଯାଏ କବିମାନେ ରଡି ଛାଡିଲେ ।"[୨୬]

---

୨୫. ସେନାପତି, ଫକୀର ମୋହନ - ନନାଙ୍କ ପାଞ୍ଜି (ଫ.ମୋ.ଗ୍ରନ୍ଥାବଳୀ, ୨ୟ ଭାଗ ୨ୟ ସଂସ୍କରଣ ୧୯୬୩) ପୃ-୬୬୬.

୨୬. ତତ୍ରୈବ - ପୃ - ୬୬୪

ବହୁ ଲେଖକ ସୃଷ୍ଟିରେ ପ୍ରଭାର ଅବଦାନ ସମସାମୟିକ ଅନ୍ୟ କୌଣସି ସାହିତ୍ୟ ପତ୍ରିକାଠାରୁ ନ୍ୟୂନ ନୁହେଁ । କାବ୍ୟ, କବିତା, ଗଦ୍ୟାନୁବାଦ ଉଚ୍ଚକୋଟୀର ପ୍ରବନ୍ଧ ସମାଲୋଚନା ପ୍ରକାଶ କରି ସାହିତ୍ୟ କ୍ଷେତ୍ରରେ ନୂତନ ଚିନ୍ତାଚେତନାର ପ୍ଲାବନ ସୃଷ୍ଟି କରିଥିଲା 'ଉତ୍କଳ ପ୍ରଭା' । ଓଡ଼ିଶା ସାହିତ୍ୟ ପତ୍ରିକା ପରମ୍ପରାରେ 'ଉତ୍କଳ ସାହିତ୍ୟ' (୧୮୯୭) ହେଉଛି ବେଶ୍ ସ୍ମରଣୀୟ । ବିଶ୍ୱନାଥକରଙ୍କ ସୁସଂପାଦନାରେ ପ୍ରକାଶିତ ଏହି ପତ୍ରିକା ବ୍ରାହ୍ମଧର୍ମ ସମ୍ବନ୍ଧୀୟ ରଚନାବଳୀ, ଜୀବନୀ ଓ ଭ୍ରମଣ ବୃତ୍ତାନ୍ତ, ଆଧୁନିକ ଗଳ୍ପ ଓ ଉପନ୍ୟାସ, ସଂକ୍ଷିପ୍ତ ଆଲୋଚନା ଓ ସମାଲୋଚନା ସହିତ ଦର୍ଶନ, ସାହିତ୍ୟ, ବିଜ୍ଞାନ, ଇତିହାସ ବିଷୟକ ପ୍ରବଂଧ ରାଜି ପ୍ରକାଶିତ ହେଉଥିଲା । 'ଉତ୍କଳ ଦୀପିକା' ସଂବାଦ ପରିବେଷଣ କ୍ଷେତ୍ରରେ ଉଭୟ ଉନବିଂଶ ଓ ବିଂଶ ଶତାବ୍ଦୀକୁ ଦିଗ୍ ଦର୍ଶନ ଦେଇଥିବା ବେଳେ 'ଉତ୍କଳ ସାହିତ୍ୟ' ଏହି ଉଭୟ ଶତାବ୍ଦୀରେ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ଅପୂର୍ବ ବାତାବରଣ ସୃଷ୍ଟି କରିଥିଲା । 'ଉତ୍କଳ ସାହିତ୍ୟ' ଓଡ଼ିଆ ଗଦ୍ୟର ଶ୍ରୀ ସାଧନ କରିଛି, ତାକୁ ଗଳ୍ପ ଓ ଉପନ୍ୟାସରେ ଅପୂର୍ବ ରସ ସଂଚାରିଣୀ କ୍ଷମତା ଦେଇଛି,ଓଡିଆ ସାହିତ୍ୟ ସମୃଦ୍ଧ ହୋଇଛି । ସେଥିପାଇଁ 'ଉତ୍କଳ ସାହିତ୍ୟ' ଉନବିଂଶ ଶତାବ୍ଦୀର ଅସ୍ତରାଗ ନୁହେଁ, ବିଂଶ ଶତାବ୍ଦୀର ପୂର୍ବରାଗ ।''[୨୭]

ଏହି ପତ୍ରିକାର ପ୍ରବଂଧ ବିଭାଗରେ ମଧୁସୂଦନ ରାଓ, ସାଧୁ ଚରଣ ରାୟ, ବିଶ୍ୱନାଥ କର ଆଦିଙ୍କ ବ୍ରାହ୍ମଧର୍ମ ସଂପର୍କୀୟ ପ୍ରବଂଧ, ବିଶ୍ୱନାଥ କର, କୃଷ୍ଣ ପ୍ରସାଦ ବସୁ, ମଧୁସୂଦନ ରାଓ, ଅଭିରାମ ଭଂଜ, ମୃତ୍ୟୁଞ୍ଜୟ ରଥ, ଗୋପାଳ କୃଷ୍ଣ ପ୍ରହରାଜ ଙ୍କ ସମାଲୋଚନା/ ଆଲୋଚନା, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁଙ୍କ ଗବେଷଣାତ୍ମକ ରଚନା, ଜଳନ୍ଧର ଦେବ, ଶଶି ଭୂଷଣ ରାୟ, ଭୁବନାନନ୍ଦ ଦାସଙ୍କ ଭ୍ରମଣ ବୃତ୍ତାନ୍ତ, ରାଧାନାଥ ରାୟଙ୍କ ଠାରୁ ରାଧାମୋହନ ଗଡ଼ନାୟକଙ୍କ ପର୍ଯ୍ୟନ୍ତ କବିଙ୍କ କବିତା ଏଥିରେ ପ୍ରକାଶ ପାଉଥିଲା । ପତ୍ର ପତ୍ରିକା ପ୍ରକାଶ ପରେ ଗଦ୍ୟ ସାହିତ୍ୟରେ ଯେଉଁ ଅଭ୍ୟୁଦୟ ଦେଖାଦେଲା ତାହାକୁ ବହୁ ଭାବରେ ପରିପୁଷ୍ଟ କରିଥିଲା, ' ଉତ୍କଳ ଦର୍ପଣ' ।

'ଉତ୍କଳ ପୁତ୍ର'ରେ ପ୍ରକାଶିତ ବିଜୟ ଚନ୍ଦ୍ର ମଜୁମଦାରଙ୍କ ସାହିତ୍ୟ ଚର୍ଚ୍ଚା (ଉତ୍କଳ ପ୍ରଭା ୧/୭), ଲାଲା ରାମ ନାରାୟଣଙ୍କ କବି ଉପେନ୍ଦ୍ର ଭଂଜ (୧ମ ବର୍ଷ ୯ମ ସଂଖ୍ୟାରୁ ତୃତୀୟ ବର୍ଷ ୪ର୍ଥ ଯାଏଁ - ଛ' ଗୋଟି ସଂଖ୍ୟାରେ ପ୍ରକାଶିତ) ଓଡ଼ିଆ ସମାଲୋଚନା ସାହିତ୍ୟର ଭିତ୍ତିଭୂମି ପକାଇଲା । ଅବଶ୍ୟ ଏହି ପତ୍ରିକାରେ ଗଣପତି ଦାସ, ଅଭିନ୍ନ ନାୟକଙ୍କ ଉଚ୍ଚକୋଟୀର ପ୍ରବନ୍ଧ ପ୍ରକାଶିତ, ମାତ୍ର ଏହି ସମାଲୋଚନା ଦ୍ୱୟ ସାହିତ୍ୟ ସୃଷ୍ଟିପାଇଁ ଏକ

୨୭. ଦାସ, ଡଃ ଦାଶରଥୀ - ବିବିଧ ପ୍ରସ୍ତାବ୍ (୧୯୯୩) ପୃ - ୫୧.

ବିତର୍କିତ ବାତାବରଣ ସୃଷ୍ଟିକଲା । ବିଶେଷକରି ଲାଲା ରାମନାରାୟଣଙ୍କ ସମାଲୋଚନାରେ ନିର୍ଭିକ ଭାବରେ ଭଂଜଙ୍କୁ ସମାଲୋଚନା କରାଯାଇଥିବାରୁ ତାର ପ୍ରତିବାଦ ସ୍ୱର ଉତ୍କଳ ଦୀପିକାରେ ସ୍ଥାନିତ 'ହିତବାଦୀ' ଛଦ୍ମନାମରେ ଏକ ପତ୍ରରେ ଧ୍ୱନିତ ହେଲା । ଉଭୟଙ୍କ ପକ୍ଷନେଇ ମସୀଯୁଦ୍ଧକୁ ଅବତୀର୍ଣ୍ଣ ହେଲେ ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ଗୋପାଳ ବଲ୍ଲଭ ଦାସ,ବନମାଳୀ ସିଂହ ଓ ଚତୁର୍ଭୁଜ ପଟ୍ଟନାୟକ । ଆଧୁନିକତା ପ୍ରତି ସମର୍ଥନ ଜ୍ଞାପନ କଲେ ପ୍ୟାରିମୋହନ ଆଚାର୍ଯ୍ୟ ଓ ଦେବଗଡ଼ରୁ ପ୍ରକାଶିତ 'ସଂବଲପୁର ହିତୈଷିଣୀ' ।[୨୮] ପରେ ଏହି ସଂଘର୍ଷର ଫଳ ରୂପେ ରାଧାନାଥଙ୍କୁ ସମର୍ଥନ କରି 'ବିଜୁଳି' (୧୮୯୩) ଓ ଭଂଜଙ୍କୁ ସମର୍ଥନ କରି 'ଇନ୍ଦ୍ରଧନୁ' (୧୮୯୩)ର ଆତ୍ମ ପ୍ରକାଶ ହେଲା । ମୃତ କବି ସହ ଜୀବନ୍ତକୁ ନେଇ କୁତ୍ସାରଚନା, ଆକ୍ଷେପୋକ୍ତି ଏକ ଅସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ ହେଁ, ଏହା ପରେ ଓଡ଼ିଆ ସମାଲୋଚନା ସାହିତ୍ୟର ସୁଦୃଢ ପରମ୍ପରାର ଆରମ୍ଭ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଉନବିଂଶ ଶତାବ୍ଦୀର ଏହି ସାହିତ୍ୟ ପତ୍ରିକା ସହ ସମତାଳରେ ପ୍ରକାଶିତ ସମ୍ବାଦଧର୍ମୀ ପତ୍ରପତ୍ରିକାରେ ମଧ୍ୟ ସାହିତ୍ୟ ସୃଷ୍ଟି ସ୍ଥାନ ପାଉଥିଲା । 'ପ୍ରଜାବଂଧୁ', 'ସଂବଲପୁର ହିତୈଷିଣୀ'ରେ ଏସମୟରେ ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ପ୍ରକାଶ ପାଇଥିବାର ଦେଖାଯାଏ ।

ବିଂଶ ଶତାବ୍ଦୀରେ ପ୍ରକାଶିତ ପ୍ରଥମ ପ୍ରଭାବଶାଳୀ ସାହିତ୍ୟ ପତ୍ରିକା ହେଉଛି 'ମୁକୁର' (୧୯୦୬) । ବ୍ରଜ ସୁନ୍ଦର ଦାସଙ୍କ ସଂପାଦିତ ଏହି ପତ୍ରିକା ପ୍ରକାଶ ପୂର୍ବରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡିଆ ଭାଷା ସାହିତ୍ୟର ସମୁନ୍ନତି ନିମନ୍ତେ ଉତ୍କଳ ସମ୍ମିଳନୀ (୧୯୦୩) ଗଠିତ ହୋଇ ସାରିଥିଲା । ବ୍ରଜ ସୁନ୍ଦର ଜାତୀୟ ପ୍ରୀତିର ନାନ୍ଦିକାର ହୋଇଥିବାରୁ ଉତ୍କଳ ଜୀବନର ଯଥାର୍ଥ ପ୍ରତିଫଳନ 'ମୁକୁର'ରେ ଘଟିଥିଲା । ସାହିତ୍ୟ, ଇତିହାସ, ରାଜନୀତି ଓ ସମାଜ ସମ୍ବନ୍ଧିତ ରଚନାମାନ ଏଥିରେ ପତ୍ରସ୍ଥ ହେଉଥିଲା । ଏଥିରେ ଶ୍ରୀବତ୍ସ ପଣ୍ଡା, ନୀଳକଣ୍ଠ ଦାସ, ଜଗବଂଧୁ ସିଂହ, ଗୋଦାବରୀଶ ମିଶ୍ର,ଲକ୍ଷ୍ମୀକାନ୍ତ ମହାପାତ୍ର, ଆର୍ତ୍ତବଲ୍ଲଭ ମହାନ୍ତି, ଗୋପବଂଧୁ ଦାସ, ପଦ୍ମ ଚରଣ ପଟ୍ଟନାୟକ, ରାମଶଙ୍କର ରାୟ ଆଦିଙ୍କ ରଚନା ସ୍ଥାନ ପାଇଥିବାର ଦେଖାଯାଏ । ପତ୍ରିକାର ଗଦ୍ୟ ସାହିତ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବିଶେଷତଃ ଉପନ୍ୟାସ ସାହିତ୍ୟ ପାଇଁ ଏହି ପତ୍ରିକା ସ୍ମରଣଯୋଗ୍ୟ ଭୂମିକା ଗ୍ରହଣ କରିଥିଲା । ପତ୍ରିକାର ବିଶେଷ ଆକର୍ଷଣ 'ମୁକୁର ଉପନ୍ୟାସ ଗ୍ରନ୍ଥମାଳା'ରେ କୁନ୍ତଳା

---

୨୮. ମିଶ୍ର, ଡଃ ଗୋପାଳ ଚନ୍ଦ୍ର - ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ପ୍ରଭାବ (୧୯୮୩) ପୃ - ୯୩

କୁମାରୀଙ୍କ 'ପରଶମଣି', 'କାଳି ବୋହୂ'; ଚିନ୍ତାମଣି ମହାନ୍ତିଙ୍କ 'ବୁଢା ଫକୀର', ଚିନ୍ତାମଣି ଆଚାର୍ଯ୍ୟଙ୍କ, 'ସଫଳ ସ୍ୱପ୍ନ'; ଦୟାନିଧି ମିଶ୍ରଙ୍କ 'ମାନ ଭଂଜନ'; ଗୋବିନ୍ଦ ତ୍ରିପାଠୀଙ୍କ 'ପ୍ରମାଦ' ଆଦି ଉପନ୍ୟାସ ପ୍ରକାଶ ପାଇଥିଲା । ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ହେଁ ମୂଲ୍ୟବୋଧ ଦୃଷ୍ଟିରୁ ଏହି ପତ୍ରିକାରେ ସ୍ଥାନିତ କବିତା ଥିଲା ପ୍ରଭାବଶାଳୀ । ବିଂଶ ଶତାବ୍ଦୀର ଅନ୍ୟ ଏକ ସଫଳ ସାହିତ୍ୟ ପତ୍ରିକା ଥିଲା 'ସତ୍ୟବାଦୀ' (୧୯୧୫) । ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ଊନବିଂଶ ଶତାବ୍ଦୀରେ ଯେଉଁ ଜାତୀୟବାଦୀ ସଂକଳ୍ପର ସ୍ୱର ଉତ୍ତୋଳିତ ହୋଇଥିଲା ତାହାର ଉଗ୍ରଉଚ୍ଚାରଣ ପୂର୍ବ ଆଲୋଚିତ 'ମୁକୁର' ଓ 'ସତ୍ୟବାଦୀ'ରେ ଶୁଣା ଯାଇଥିଲା ।[୨୯] 'ସତ୍ୟବାଦୀ' ଏ କ୍ଷେତ୍ରରେ 'ମୁକୁର' ଠାରୁ ଆଗୁଆଥିଲା । ଏଥିରେ ସାହିତ୍ୟ ସଂପର୍କୀୟ ଆଲୋଚନା, ଛାତ୍ର ସମସ୍ୟା ଓ ଶିକ୍ଷା ବିଷୟକ ରଚନା, ରାଜନୀତି, ସମାଜନୀତି, ଇତିହାସ, ଛାତ୍ର ସମସ୍ୟା ଓ ଶିକ୍ଷା ବିଷୟକ ରଚନା, ରାଜନୀତି, ସମାଜନୀତି, ଇତିହାସ ବିଷୟକ ମୌଳିକ ପ୍ରବଂଧ, ପଲ୍ଲୀ ପ୍ରସଙ୍ଗ ପ୍ରକାଶିତ ହୋଇଥିବାରୁ ଓଡ଼ିଆ ଗଦ୍ୟ ସାହିତ୍ୟ ବହୁ ପରିମାଣରେ ସମୃଦ୍ଧ ହୋଇଥିଲା । ଜାତୀୟ ଜୀବନ, ଜାତୀୟ ଚରିତ୍ର,ଜାତୀୟ ସ୍ୱାଭିମାନର ଗୁରୁତ୍ୱ ଏଥିରେ ପ୍ରକାଶିତ ରଚନାରୁ ଜଣାପଡେ । ପତ୍ରିକାରେ ସତ୍ୟବାଦୀ ଲେଖକ ଗୋଷ୍ଠୀଙ୍କ ସହ ବିରୁପାକ୍ଷ କର, ଜଗବଂଧୁ ସିଂହ, ରତ୍ନାକର ପତି, ଜଗନ୍ନାଥ ମିଶ୍ର ଆଦିଙ୍କ ରଚନା ପ୍ରକାଶ ପାଇଥିଲା । ଛଅବର୍ଷ ପ୍ରକାଶ ପରେ ଜାତୀୟତାର ଜୟଗାନ କରୁଥିବା ଏହି ପତ୍ରିକା ବନ୍ଦ ହୋଇଯାଇଥିଲା । ଉତ୍କଳୀୟ ଉପାଦାନର ଅନୁବର୍ତ୍ତନ, ଆଦର୍ଶ ଓ ସୁନୀତି ଉପରେ ପ୍ରାଧାନ୍ୟ ପ୍ରକାଶ ପାଇଥିଲା ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଗୋପବଂଧୁଙ୍କ ସଂପାଦନାରେ ସାପ୍ତାହିକ ସଂବାଦ ପତ୍ର (ପରେ ଦୈନିକ) 'ସମାଜ' (୧୯୧୯) ପ୍ରକାଶ ପାଇଲା । ୧୯୧୬ରେ 'ଉତ୍କଳ ଦୀପିକା' ପ୍ରକାଶନ ବନ୍ଦ ହୋଇଗଲା ପରେ 'ସମାଜ' ହିଁ ତା'ର ସ୍ଥାନ ପୂରଣ କଲା । ଏହି ସମୟରେ ଅନ୍ୟତମ ସଂବାଦ ପତ୍ର 'ଆଶା' ମଧ୍ୟ ପ୍ରକାଶିତ ହେଉଥିଲା । 'ଆଶା' ଥିଲା ପ୍ରଥମ ଦୈନିକ ସଂବାଦପତ୍ର । ସାହିତ୍ୟ ପତ୍ରିକା 'ସହକାର' (ପୁରାତନ ପ୍ରସ୍ଥ ୧୯୧୯, ନୂତନ ପ୍ରସ୍ଥ ୧୯୩୦) ବିଂଶ ଶତକର ଅନବଦ୍ୟ ଓଡ଼ିଆ ପତ୍ରିକା ।ଏକଦା ବହୁ ସ୍ରଷ୍ଟାଙ୍କ କୃତିକୁ ପ୍ରକାଶ କରି ଏହି ପତ୍ରିକାମହିମାନ୍ୱିତ ହୋଇଥିବାର ଦେଖାଯାଏ । ଗୋବିନ୍ଦ ତ୍ରିପାଠୀ,

୨୯. ନାୟକ, ଡଃ କ୍ଷେତ୍ରବାସୀ - ଆଧୁନିକ ଓଡ଼ିଆକାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ (୧୯୭୬) - ପୃ - ୪୮

କୁଞ୍ଜ ବିହାରୀ ମହାନ୍ତି, ହରିଶ୍ଚନ୍ଦ୍ର ବଡ଼ାଲ, ମନମୋହନ ମିଶ୍ର, ବଳଭଦ୍ର ବହିଦାର ଆଦିଙ୍କ ପ୍ରବନ୍ଧ ଓ ଆଲୋଚନା, ମାୟାଧର ମାନସିଂହ, କାଳିନ୍ଦୀ ଚରଣ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କୁଞ୍ଜ ପ୍ରସାଦ ମହାନ୍ତିଙ୍କ କବିତା ଏଥିରେ ପ୍ରକାଶ ପାଇଥିଲା । ଏହାର 'ଆନନ୍ଦ ଲହରୀ' ଉପନ୍ୟାସ ମାଳାରେ ପଚିଶଗୋଟିରୁ ଊର୍ଦ୍ଧ୍ୱ ଉପନ୍ୟାସ ସାହିତ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ପତ୍ରିକା ଅନିୟମିତତା ଯୋଗୁ ପୂର୍ବ ଗୌରବ ବଜାୟ ରଖି ପାରିଲା ନାହିଁ । ଦ୍ୱିତୀୟ ଦଶକରେ ପ୍ରକାଶିତ 'ବାରୁଣୀ' (୧୯୨୬), 'ଆରତି' (୧୯୩୦), 'ଅବକାଶ' (୧୯୨୮) ସାହିତ୍ୟ ପତ୍ରିକା ଅଳ୍ପାୟୁ ହେଲେ ହେଁ ପତ୍ରପତ୍ରିକା ଧାରାରେ ନିର୍ଦ୍ଦିଷ୍ଟ ସ୍ଥାନ ଦାବୀ କରନ୍ତି । ୧୯୨୩ରେ ସମ୍ବାଦପତ୍ର କ୍ଷେତ୍ରରେ 'ପ୍ରଜାତନ୍ତ୍ର' ଯୋଗ ଦେଲା । ପ୍ରଥମେ ସାପ୍ତାହିକ ପ୍ରକାଶିତ ଏହି ସଂବାଦପତ୍ର ସ୍ୱାଧୀନତା ସଂଗ୍ରାମ ବିଷୟକୁ ସଂବାଦ, ଖଦିର ପ୍ରସାର, ଜାତୀୟ, ଆଞ୍ଚଳିକ ସଂବାଦ ପ୍ରକାଶ କରିଥିଲା । ଏଥିରେ ଇତିହାସ କାହାଣୀ ଓ ଭ୍ରମଣବୃତ୍ତାନ୍ତ ମଧ ମଝିରେ ମଝିରେ ପ୍ରକାଶ ପାଉଥିଲା । 'ସମାଜ' ପରେ ସଂବାଦପତ୍ର କ୍ଷେତ୍ରରେ ଏହା ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କଲା । ୧୯୩୨ ମସିହାରେ ଏ ସଂବାଦପତ୍ର ତତ୍କାଳୀନ ରାଜନୀତିକ ପରିସ୍ଥିତିରେ ବନ୍ଦ ହୋଇ ଯାଇଥିଲେ ହେଁ ସ୍ୱାଧୀନତାର ଅଳ୍ପ କେତୋଟି ଦିନ (ଅଗଷ୍ଟ ୮, ୧୯୪୭) ପୂର୍ବରୁ ପ୍ରକାଶ ପାଇ ନିଜର ଗୁରୁ ଦାୟିତ୍ୱ ବହନ କଲା । ଏହାର ସାହିତ୍ୟ ବିଭାଗ, ସହିତ ମୀନାବଜାର, ମନ ଗହନ, ନାରୀ ଜଗତ ଆଦି ବିଭାଗ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସିଦ୍ଧିର ଅଧିକାରୀ ହୋଇଥିଲା । ଏହାର ପୁରାତନ ପ୍ରସ୍ତରେ ପତ୍ରସ୍ଥ ବହୁ ଲେଖକଙ୍କର ଉଚ୍ଚମାନର ଗଦ୍ୟ ରଚନା ସ୍ଥାନ ପାଇଛି ।

୧୯୨୪ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦନାରେ ରାଜନୈତିକ, ସାଂସ୍କୃତିକ ଭାବଧାରାର ପରିପ୍ରକାଶ ମାଧ୍ୟମ ରୂପେ 'ନବଭାରତ' (୧୯୪୪) ପ୍ରକାଶ ପାଇଥିଲା । 'ନବଭାରତ' ପତ୍ରିକାରେ ଗୋପୀନାଥ ମହାନ୍ତି, ଡଃ ସଦାଶିବ ମିଶ୍ର, କାଳିନ୍ଦୀ-ଚରଣ ପାଣିଗ୍ରାହୀ, ରାଜକିଶୋର ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ବୈକୁଣ୍ଠ ନାଥ ପଟ୍ଟନାୟକ, ଶ୍ରଦ୍ଧାକର ସୂପକାର ଆଦିଙ୍କ ରଚନା ପ୍ରକାଶ ପାଇଥିଲା । ନବଯୁଗ ସାହିତ୍ୟ ସଂସଦରେ ମୁଖପତ୍ର 'ଆଧୁନିକ (୧୯୩୬) ବାସ୍ତବ ଜୀବନ ନେଇ ରଚିତ ଲେଖାମାନ ପ୍ରକାଶ କରୁଥିଲେ । ସାମ୍ୟବାଦୀ ଦର୍ଶନ ପ୍ରତି ଏହା ଆସ୍ଥାଶୀଳ ଥିଲା, 'ସବୁଜଗୋଷ୍ଠୀ'ର ସାହିତ୍ୟିକମାନଙ୍କ କଳ୍ପନା ବିଳାସର ଏ ପତ୍ରିକା ପରିପନ୍ଥୀ ଥିଲା । ସାମାଜିକ ବ୍ୟବସ୍ଥାର ପରିଣତ ଭାବରେ ସ୍ୱୀକାର କରିବା ଓ ବିଶ୍ୱର ପରିବର୍ତ୍ତିତ ବ୍ୟବସ୍ଥା ପ୍ରତି ନଜର ରଖି ତାହାକୁ

ପାଠକଙ୍କ ନିକଟରେ ପହଞ୍ଚାଇ ସଚେତନତା ସୃଷ୍ଟିକରିବା ଏହାର ମୁଖ୍ୟଲକ୍ଷ୍ୟ ଥିଲା । ଏହି ପତ୍ରିକାର ସଂପାଦକ ଥିଲେ ଭଗବତୀ ଚରଣ ପାଣିଗ୍ରାହୀ । ଅନନ୍ତ ପଟ୍ଟନାୟକ, ପ୍ରାଣବଂଧୁ କର, ଗୁରୁଚରଣ ପଟ୍ଟନାୟକ, ସଚ୍ଚି ରାଉତରାୟ ଆଦି ଲେଖକ ଏଥିରେ ଲେଖନୀ ଚାଳନା କରିଥିଲେ । ୧୯୩୬ରେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ହେଲା ଅନ୍ୟଏକ ଜଣାଶୁଣା ପତ୍ରିକା 'ଡଗର' । ଓଡ଼ିଆ ସାହିତ୍ୟ ପାଇଁ ଏହାର ମଧ ଉଲ୍ଲେଖନୀୟ ଭୂମିକା ରହିଛି । ଓଡିଆ ସାହିତ୍ୟର ବହୁ ରଥୀମହାରଥୀ ଏହାର ପୃଷ୍ଠପୋଷକତା ଲାଭ କରିଥିଲେ । ଶଙ୍ଖ (୧୯୪୫), ଚତୁରଙ୍ଗ (୧୯୪୬) ଯଥାକ୍ରମେ ମାୟାଧର ମାନସିଂହ ଓ ବ୍ରଜେନ୍ଦ୍ର ନାରାୟଣ ସିଂହଦେବଙ୍କ ସଂପାଦନାରେ ପ୍ରକାଶିତ ହୋଇ ପତ୍ରିକା ସାହିତ୍ୟର ଇତିହାସରେ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଶିକ୍ଷା-ସଂସ୍କୃତି ବିଷୟରେ ଶଙ୍ଖ ଅଧିକ ଚର୍ଚ୍ଚା କରିଥିଲା । ଜ୍ଞାନୀନ୍ଦ୍ର ବର୍ମା, ବାମଦେବ ମିତ୍ର, ମାୟାଧର ମାନସିଂହ, ଶ୍ରଦ୍ଧାକର ସୂପକାର ଆଦିଙ୍କ ରଚନା ଏଥିରେ ସ୍ଥାନ ପାଇଥିଲା । 'ଚତୁରଙ୍ଗ'ରେ ରାଜକିଶୋର ରାୟ, ନିତ୍ୟାନନ୍ଦ ମହାପାତ୍ର,ଅନନ୍ତ ପ୍ରସାଦ୍ ପଣ୍ଡା, ଲକ୍ଷ୍ମୀନାରାୟଣ ମହାନ୍ତି ଆଦିଙ୍କ ରଚନା ସ୍ଥାନ ପାଉଥିଲା । ସାହିତ୍ୟ ବିଷୟକ ରଚନା ସହ ସଂଗୀତ, ନୃତ୍ୟ, ଚିତ୍ରକଳାକୁ ମଧ ଏ ପତ୍ରିକାର୍ ଅବଦାନ ଉଲ୍ଲେଖଯୋଗ୍ୟ ।

ସ୍ୱାଧୀନତା ପରେ ପ୍ରକାଶନ ଶିକ୍ଷାର ବହୁଳ ପ୍ରଚାର, ବ୍ୟକ୍ତି ସଚେତନତା ବୃଦ୍ଧି ଓ ପୃଷ୍ଠପୋଷକତା ଲାଭରେ ସୁଯୋଗ ଓଡ଼ିଆର ପତ୍ରପତ୍ରିକା ସାମ୍ରାଜ୍ୟକୁ ବହୁବର୍ଣ୍ଣୀ ରୂପ ଦେଇଛି । କେବଳ ସଂବାଦ, ସାହିତ୍ୟ, ଧର୍ମ କ୍ଷେତ୍ରରେ ନୁହେଁ ଶିଶୁ ସାହିତ୍ୟ, ବ୍ୟଙ୍ଗ ସାହିତ୍ୟ, ଚଳଚ୍ଚିତ୍ର, ଶିଳ୍ପ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସଂଗଠନ, ସରକାରୀ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସାରିଲାଣି । ଏହାପରେ ବିଭିନ୍ନ ପତ୍ରପତ୍ରିକା ପ୍ରକାଶ ପାଇଁ ଅଧିକରୁ ଅଧିକ ଉଦ୍ୟମ ହୋଇଛି । ଉଦାହରଣ ସ୍ୱରୂପ ସମାଜ, ପ୍ରଜାତନ୍ତ୍ର ସହିତ ସଂବାଦ, ଧରିତ୍ରୀ, ପ୍ରଗତିବାଦୀ, ଦୈନିକ ଆଶା, ଦିନଲିପି, ହୀରାଖଣ୍ଡ, କୁରୁକ୍ଷେତ୍ର, ମାତୃଭୂମି, ସ୍ୱରାଜ୍ୟ ପ୍ରଭୃତି ପ୍ରକାଶ ପାଇ ଜନସାଧାରଣଙ୍କ ପ୍ରିୟ ଓ ଆଦରଣୀୟ ହୋଇ ସାରିଲାଣି । ମୀନାବଜାର, ମନପବନ, ଟୁଉକୁମୁଷି, ଶିଶୁଲେଖା, ସଂସାର ଆଦି ଶିଶୁ ସାହିତ୍ୟ ପତ୍ରିକା ଓ ନିଆଁ ଖୁଣ୍ଟା (୧୯୩୮), ଦୁର୍ମୁଖ (୧୯୭୦) ଆଦି ରାଜନୀତିକ ଓ ସାମାଜିକ ସମାଲୋଚନାମୂକ ପତ୍ରିକା ଆଦି ପତ୍ରିକାର ଗୁରୁତ୍ୱ ଅନୁଭବ କରାଗଲାଣି ।

ସ୍ୱାଧୀନତା ପରେ ପ୍ରକାଶିତ ସାହିତ୍ୟ ପତ୍ରିକାରେ ପ୍ରବଂଧ, ଗଳ୍ପ, କବିତା, ରମ୍ୟରଚନା, ଉପନ୍ୟାସ, ଗ୍ରନ୍ଥସମୀକ୍ଷା ଆଦି ପ୍ରକାଶ ପାଉଛି । କେତେକ ପତ୍ରିକା କେବଳ

କଥା ସାହିତ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏପରି ଦେଖାଯାଉଛି ଯେ ଗୋଟିଏ ଗୋଟିଏ ପତ୍ରିକାରେ ବିଭାଗଗୁଡ଼ିକର ନାମ ଗଳ୍ପ, ଉପନ୍ୟାସ ଆଦି ନ ଦେଇ ପ୍ରତୀକାତ୍ମକ ନାମ କରଣ କରାଯାଉଛି । ସାହିତ୍ୟର ଗୋଟିଏ ବିଭାଗକୁ ମଧ୍ୟ ବହୁ ଉପବିଭାଗରେ ବିଭକ୍ତ କରାଯାଉଛି । ବିଭିନ୍ନ ସ୍ରଷ୍ଟାଙ୍କ ନାମରେ ଓ ବିଭାଗ ନାମରେ ମଧ୍ୟ ବିଶେଷାଙ୍କମାନ ପ୍ରକାଶ ପାଉଛି । ପତ୍ରପତ୍ରିକା ଆଉ ନିର୍ଦ୍ଦିଷ୍ଟ ଲେଖକ ଭିତରେ ସୀମିତ ହୋଇ ରହିନାହିଁ । ଚିନ୍ତାଚେତନା କ୍ଷେତ୍ରରେ ବିପୁଳ ବିବର୍ତ୍ତନ ଫଳରେ ସ୍ରଷ୍ଟା ଓ ସୃଷ୍ଟିର ପରିମାଣ ଆଶାତୀତ ଭାବେ ବୃଦ୍ଧି ପାଇଛି । ଯୁବ ଚିତ୍ତର ସାମୟିକ ଉତ୍ତେଜନାରେ ପ୍ରକାଶିତ ବହୁ ପତ୍ରପତ୍ରିକା ଅଳ୍ପକାଳ ତିଷ୍ଠି ମଉଳି ଯାଇଛନ୍ତି, କିନ୍ତୁ ଏହି ପ୍ରକାଶନ ଧାରା ବନ୍ଦ ହୋଇନାହିଁ । ଏହା ହିଁ ସୁଖର କଥା ।

ସ୍ୱାଧୀନତା ଉତ୍ତରକାଳରେ ପ୍ରକାଶିତ ଯଦୁମଣି ପରିଡ଼ାଙ୍କ ଆସନ୍ତାକାଲି (୧୯୫୦), ଓଡ଼ିଆ ସାହିତ୍ୟ ଏକାଡ଼େମୀର ମୁଖପତ୍ର 'କୋଣାର୍କ' (୧୯୫୮), ରବୀନ୍ଦ୍ର କୁମାର ପରିଡ଼ାଙ୍କ 'ନବରବି' (୧୯୭୦), ମନୋଜ ଦାସଙ୍କ 'ଦିଗନ୍ତ' (୧୯୭୨), କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ମାନସ' (୧୯୭୨), ଜଗଦୀଶ ପାଣିଙ୍କ 'ସମାବେଶ' (୧୯୭୫), ରଜନୀକାନ୍ତ ଦାସଙ୍କ 'ନବପତ୍ର', ରଘୁନାଥ ମହାପାତ୍ରଙ୍କ 'ଅଧୁନା' (୧୯୭୯), ଡଃ ନିତ୍ୟାନନ୍ଦ ଶତପଥୀଙ୍କ 'ଇସ୍ତାହାର' (୧୯୭୭), ଓଡିଆ ଗବେଷଣା ପରିଷଦ ମୁଖପତ୍ର 'ଏଷଣା' (୧୯୮୦), ସୁଦତ୍ତା ପଟ୍ଟନାୟକଙ୍କ 'କଥା', ସଂବଲପୁର ବିଶ୍ୱବିଦ୍ୟାଳୟ ମୁଖପତ୍ର 'ସପ୍ତର୍ଷି' (୧୯୭୨) ଆଦି ଉଲ୍ଲେଖଯୋଗ୍ୟ । ସମାଲୋଚନା/ପ୍ରବଂଧ କ୍ଷେତ୍ରରେ ଏଷଣା, କୋଣାର୍କ, ପ୍ରଜ୍ଞା, ଇସ୍ତାହାର, ସମାବେଶ, ବିକଳ୍ପ ବିଚାର ଆଦି ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଗଳ୍ପ ସାହିତ୍ୟ ସୃଷ୍ଟିରେ ଗଳ୍ପ, କଥା, ଅଧୁନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସ୍ୱାଧୀନତା ପରେ ପତ୍ରପତ୍ରିକାରେ ପ୍ଳାବନ ସୃଷ୍ଟି ହୋଇଛି । ସାହିତ୍ୟ ପତ୍ରିକା କ୍ଷେତ୍ରରେ ଯେଉଁ ପ୍ରଗତି ଦେଖା ଦେଇଛି ତହିଁରେ ମୁଖ୍ୟଭୂମିକା ଗ୍ରହଣ କରିଛି ଝଙ୍କାର (୧୯୪୯) ।

ଝଙ୍କାରର ଜନ୍ମଜାତକ ଓ ଏହାର ଐତିହାସିକ ଆବଶ୍ୟକତା

୧୯୪୯ ମସିହା ବୈଶାଖ ମାସ (ଏପ୍ରିଲ) ବିଷୁବ ସଂକ୍ରାନ୍ତି ତିଥିରେ ଆଜିର ସଂଭ୍ରାନ୍ତ ସାହିତ୍ୟ ପତ୍ରିକା 'ଝଙ୍କାର'ର ଜନ୍ମ । 'ଉତ୍କଳ ସାହିତ୍ୟ' ପରେ ଏକ ସୁଦୃଢ ସାହିତ୍ୟିକ ପରମ୍ପରା ସୃଷ୍ଟିକରିବା ଏହି ପତ୍ରିକା ଦ୍ୱାରା ହିଁ ସଂଭବ ହୋଇଛି । ସ୍ୱାଧୀନତାର ଉତ୍ତର କାଳରେ ଓଡ଼ିଆ ସାହିତ୍ୟ ବିକାଶ ଓ ପ୍ରସାର କ୍ଷେତ୍ରରେ ଝଙ୍କାର କେବଳ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଗ୍ରହଣ କରିନାହିଁ ବରଂ ଏ କ୍ଷେତ୍ରରେ ସାଜିଛି ଦିଗ୍‌ଦର୍ଶକ । ଓଡ଼ିଆ ସାହିତ୍ୟର ସମୁନ୍ନତ କରିବା ଦିଗରେ ପ୍ରଭୂତ ସଫଳତା ହାସଲ କରିଥିବା ଏହି ସାହିତ୍ୟ ପତ୍ରିକାର ଐତିହାସିକ ପଟ୍ଟଭୂମି ବିଶେଷତଃ ଏକ ଅଙ୍ଗୀକାରବଦ୍ଧ ପତ୍ରିକା ରୂପେ ଆତ୍ମପ୍ରକାଶ ନିମିତ୍ତ ତତ୍କାଳୀନ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ବାତାବରଣ କିଭଳି ପ୍ରୋତ୍ସାହନ ଯୋଗାଇଥିଲା / ବାଧ କରିଥିଲା ତାହା ସର୍ବାଦୌ ବିଚାର୍ଯ୍ୟ ।

ଊନବିଂଶ ଶତାବ୍ଦୀର ଶେଷ ପାଦରେ 'ଉତ୍କଳ ସାହିତ୍ୟ' (୧୮୯୭) ତରୁଣ ସାହିତ୍ୟିକ ଗୋଷ୍ଠୀକୁ ପୃଷ୍ଠପୋଷକତା ଯୋଗାଇ ଓଡ଼ିଆ ସାହିତ୍ୟରେ ଅନୁକୂଳ ବାତାବରଣ ସୂତ୍ରପାତ କରିଥିଲା । ବାଗ୍ମୀ ବିଶ୍ୱନାଥ କରଙ୍କ ସୁଦକ୍ଷ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ଓ ସବୁଜ ସତୀର୍ଥମାନଙ୍କ ରଚନା ପ୍ରକାଶ ପାଉଥିବାରୁ ତତ୍କାଳୀନ ସମାଜରେ ତରୁଣ ସ୍ରଷ୍ଟାଙ୍କ ମନରେ ଉନ୍ମାଦନା ସୃଷ୍ଟି ହୋଇଥିଲା । ଅଧିକରୁ ଅଧିକ ନୂତନ ସାହିତ୍ୟିକ ଏ ଦିଗରେ ସଚେଷ୍ଟ ହୋଇ ଉଠିଲେ । ଲକ୍ଷ୍ମୀନାରାୟଣ ସାହୁଙ୍କ ସଂପାଦିତ 'ସହକାର' (୧୯୧୯) ମଧ୍ୟ ତରୁଣ ଲେଖକମାନଙ୍କୁ ଅନୁରୂପ ପ୍ରେରଣା ଓ ଉତ୍ସାହ ଯୋଗାଇଲା । ସହଜେ ତ ସବୁଜ ଗୋଷ୍ଠୀର ମୁଖପତ୍ର 'ଅବକାଶ'(୧୯୨୧) ଓ 'ଯୁଗବୀଣା' (୧୯୩୩) ତରୁଣ ସାହିତ୍ୟିକଙ୍କ ଦ୍ୱାରା ପ୍ରକାଶିତ ହେଉଥିଲା । ଏହି ତରୁଣ ସାହିତ୍ୟିକଙ୍କ ସାହିତ୍ୟ ସାଧନା ସମସାମୟିକ ଓ ପରବର୍ତ୍ତୀ ଲେଖକ ଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇଲା । ସାହିତ୍ୟର ଧାରା ବହୁମୁଖୀ ପ୍ରକାଶ ଭଙ୍ଗୀ; ମାନବିକତା ପ୍ରେରଣାମୂଳକ ରଚନାରେ ବୈଚିତ୍ର୍ୟମୟ ହୋଇ ଉଠିଲା ।[୩୦] ଏ ପ୍ରକାର ପରିବର୍ତ୍ତିତ ସାହିତ୍ୟିକ ପରିସ୍ଥିତିରେ ତରୁଣ ସ୍ରଷ୍ଟାଙ୍କର ସ୍ୱର ଓ ସ୍ୱାକ୍ଷର କ୍ରମଶଃ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଥିବା ବେଳେ ଏ ସମସ୍ତ ପତ୍ରିକାର ପ୍ରକାଶନ ସ୍ୱାଧୀନତା ପୂର୍ବରୁ ବନ୍ଦ ହୋଇଗଲା । ଅପର ପକ୍ଷରେ ନବଯୁଗ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରକାଶିତ ସାହିତ୍ୟ ପତ୍ରିକା 'ଆଧୁନିକ' (୧୯୩୬) ମଧ୍ୟ ତରୁଣ ସ୍ରଷ୍ଟାର ଚିତ୍ତରେ ଆଲୋଡନ ସୃଷ୍ଟି କରିଥିଲା । ୧୯୩୫ ମସିହାରେ ଗଠିତ ନବଯୁଗ ସାହିତ୍ୟ ସଂସଦର ପ୍ରାରମ୍ଭିକ ଅଧିବେଶନରେ ମାଳତୀ ଚୌଧୁରୀଙ୍କ କଣ୍ଠରେ ଗାନ କରାଯାଇଥିବା ଅନନ୍ତ ପଟ୍ଟନାୟକଙ୍କର ଉଦ୍‌ବୋଧିନୀ ସଂଗୀତ (ଯାହା ଏହା ନବଭାରତ, ଜାନୁୟାରୀ ୧୯୩୬ ସଂଖ୍ୟାରେ

୩୦. ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର - ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ପୃ - ୨୪୧

ସ୍ଥାନିତ)ରେ ଯୁବଗୋଷ୍ଠୀ ଜାଗରଣର ଆହ୍ୱାନରେ ଝଙ୍କୃତ ହୋଇଥିଲା ।[୩୧] ପଣ୍ଡିତ ନୀଳକଣ୍ଠ 'ନବଭାରତ' ପତ୍ରିକାରେ ନବଯୁଗ ସାହିତ୍ୟ ସଂସଦ ଉଦ୍ଦେଶ୍ୟରେ ନୂତନ ଭାବ ଓ ନୂତନ ଚିନ୍ତାର ସ୍ରୋତ ସମାଜ ଉପରେ ବୁହାଇ ଦେଇ ଜାତିର ଶ୍ରୀବୃଦ୍ଧି କାମନା କରିବା ଯଥାର୍ଥ ଯୁଗ ପ୍ରାଣର ପରିଚୟ ଦେଉଅଛି ।X X X ଯୁବକମାନଙ୍କର ଏ ନବୀନ ଉଦ୍ୟମ ସମୂହ ଭାବରେ ଦେଶକୁ ପ୍ରଭାବିତ କରୁ ବୋଲି ଆମେ ଚାହିଁରହିଲୁ । ଯୁବଶକ୍ତି ହିଁ ଦେଶର ଭବିଷ୍ୟତ । ପ୍ରବୀଣର ଫଳାଫଳ ଦର୍ଶିତା ଯୁବଶକ୍ତିର ପ୍ରେରଣାରେ ସର୍ବଦା ଉଜ୍ଜୀବିତ କରିବା ଉଚିତ୍ ।[୩୨] ଭଗବତୀ ଚରଣ ପାଣିଗ୍ରାହୀ 'ନିଜକଥା' ଶୀର୍ଷକରେ ଲିଖିତ ଆଧୁନିକ ପତ୍ରିକାର ପ୍ରଥମ ସଂପାଦକୀୟରେ କର୍ମରେ ଉଦ୍ଦୀପନା ସୃଷ୍ଟି ପାଇଁ ସାହିତ୍ୟିକ ପ୍ରକ୍ରିୟା ଜାରି ରଖିବାର

---

୩୧. " ନବୀନ ଯୁଗର ତରୁଣ ଜାଗରେ
ଜାଗ ବଂଧନହରା
ବକ୍ଷ ଶୋଣିତ ଲକ୍ଷ ଜୀବନେ
ଖେଳାଅ - ଆଲୋକ ଧାରା
ଛିନ୍ନ କରରେ ବନ୍ଧନ ରାଜି
କ୍ରନ୍ଦନ ହେଉ ଶେଷ
ଲୁପ୍ତ ହେଉରେ ଜାତି ଉପଜାତି
ଖଣ୍ଡିତ ଶତ ଦେଶ
ମହାମାନବର ଶଙ୍ଖ ଶବଦେ
ଶମୁରେ ଦୁଃଖଜ୍ୱାଳା
ଜାଗ ବଂଧନହରା ।
X X X
ଚିରି ଅତୀତର ଜୀର୍ଣ୍ଣ - ଜୀବନ
ଜାଗ ଆହେ ଭବିଷ୍ୟତ
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ
ଭାଙ୍ଗିପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା
ଜାଗ ବଂଧନହରା ।

୩୨. ଆଧୁନିକ - [illegible] ୪ମ ବର୍ଷ ୬ଷ୍ଠ/୭ମ ସଂଖ୍ୟା (ଅନନ୍ତ ପଟ୍ଟନାୟକ)

'ଆଧୁନିକ'ର ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି । 'ସାହିତ୍ୟରେ ଯୁବକ' ଶୀର୍ଷକ ଅଗ୍ରଲେଖାରେ ସାହିତ୍ୟ ରାଜ୍ୟରେ ତରୁଣ ଲେଖକଙ୍କୁ ସଂକୀର୍ଣ୍ଣ ମନୋଭାବ ଓ ଚିନ୍ତା ଶୂନ୍ୟତା ପୀଡ଼ନରୁ ମୁକ୍ତ ହୋଇ ନୂଆ ଟେକ୍‌ନିକ୍ ଓ ନୂଆ ଭାବଧାରାରେ ସାହିତ୍ୟ ସୃଷ୍ଟି କରିବା ପାଇଁ ମନ୍ତବ୍ୟ ଦେବା ଉଲ୍ଲେଖଯୋଗ୍ୟ ।[୩୩] ସଂକୀର୍ଣ୍ଣତା, କୂପମଣ୍ଡୁକ, ପରମ୍ପରାର ଗଡ୍‌ଡାଳିକା ପ୍ରବାହରୁ ସାହିତ୍ୟକୁ ମୁକ୍ତିଦେଇ ତହିଁରେ ନୂତନତାର ସଂଚାର, ପ୍ରଗତିଶୀଳ ଚିନ୍ତା ଚେତନାରେ ଓଡ଼ିଆ ସାହିତ୍ୟକୁ ନୂତନ ପ୍ରାଣଶକ୍ତି ଦେବାର ଯେଉଁ ଲକ୍ଷ୍ୟ ନବଯୁଗ ସାହିତ୍ୟ ସଂସଦ ପୋଷଣ କରିଥିଲା ।[୩୪] ଏହି ଲକ୍ଷ୍ୟର ପ୍ରୟୋଗାତ୍ମକ ପ୍ରକ୍ରିୟା ଆରମ୍ଭ ଫଳରେ ସାହିତ୍ୟ ହୋଇ ଉଠିଲା ପ୍ରଭାବଶାଳୀ । ନୂତନ ଚେତନାର ଆବର୍ତ୍ତନରେ ନବୀନ ଯୁବ ସାହିତ୍ୟିକ ଗୋଷ୍ଠୀର ଅଭ୍ୟୁଦୟ ହେଲା । ଛଅଗୋଟି ସଂଖ୍ୟା ପ୍ରକାଶ ପରେ 'ଆଧୁନିକ'ର ଅକାଳ ମୃତ୍ୟୁ ଘଟିଲା । ତରୁଣମାନଙ୍କ ମୁଖପତ୍ର ହୋଇ କୌଣସି ସାହିତ୍ୟ ପତ୍ରିକା ରହିଲା ନାହିଁ । ଏକ ସଫଳ ସାହିତ୍ୟ ପତ୍ରିକାର ଆବଶ୍ୟକତା ଅନୁଭବ କରାଯାଉଥିବା ପରିପ୍ରେକ୍ଷୀରେ ଦେଶର ସ୍ୱାଧୀନତା ଲାଭ (୧୯୪୭) ଅପୂର୍ବ ସଂଯୋଗ ରୂପେ କାର୍ଯ୍ୟ କଲା । ଦେଶ ଜାତିର ଦୀର୍ଘ ପ୍ରତୀକ୍ଷାର ଅବସାନ ସ୍ୱାଧୀନତା ଲାଭରେ ଘଟିବାରୁ ଏହା ଜାତି ପ୍ରାଣରେ ଉନ୍ମାଦନା ସୃଷ୍ଟିକଲା । ଯୁବପ୍ରାଣର ଉଦ୍‌ବେଳନ ଓ ସ୍ୱାଧୀନତା ଲାଭରେ ସୃଷ୍ଟି ଉନ୍ମାଦନା ଜୁଆରର ଇସ୍ତାହାର ହେଲା 'ଝଙ୍କାର' । ସେଥିପାଇଁ ଝଙ୍କାରର ସଂପାଦକ, ତାରୁଣ୍ୟର ପ୍ରସ୍ତାବକ ଡଃ ମହତାବ ଝଙ୍କାରର ଆଭିମୁଖ୍ୟ ବିଷୟରେ ସ୍ପଷ୍ଟ କରି ଦେଇଥିଲେ । ''ଯଦି ନବୀନ ଲେଖକମାନଙ୍କ ସଙ୍ଗରେ ଧାଡି ଦେବା ପାଇଁ କାହାରି ଅନିଚ୍ଛା ଥାଏ, ତେବେ ଆମ୍ଭେମାନେ ନାଚାର ।''[୩୫] ପୁନଶ୍ଚ ସେ ମଧ ଯୁବ ସାହିତ୍ୟିକଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରିଥିଲେ ସାହିତ୍ୟର ଗତିଧାରାକୁ ଅଧିକ କ୍ଷିପ୍ରତର କରିବାକୁ ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଓଡିଶାରୁ ପରାଧୀନତାର ଅଂଧକାରର ଅବସାନ ଘଟିଲା । ସ୍ୱାଧୀନ ଚିନ୍ତା ଚେତନା କ୍ଷେତ୍ରରେ ଦୂର ହେଲା ସମସ୍ତ ପ୍ରତିବନ୍ଧକ । ଏଣୁ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ନବ ଉନ୍ମାଦନା ପରିଲକ୍ଷିତ ହେଲା । ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଶିକ୍ଷିତ ମାନସରେ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟିକଲା । ସାହିତ୍ୟ ସୃଷ୍ଟି, ସମୀକ୍ଷା ଓ ଅଧ୍ୟୟନ କ୍ଷେତ୍ରରେ ଦେଖାଦେଲା ଅପେକ୍ଷାକୃତ ଅଧିକ ଆଗ୍ରହ । ଏହି ଆଗ୍ରହର ପରିପୂରଣ ପାଇଁ କୌଣସି ନିର୍ଭରଯୋଗ୍ୟ ସାହିତ୍ୟ ପତ୍ରିକାର ଅଭାବ ସେ ସମୟର ସ୍ମରଣୀୟ ଘଟଣା । ବିଂଶ ଶତାବ୍ଦୀର ସ୍ୱାଧୀନତା ପ୍ରାକ୍‌କାଳରେ ପ୍ରକାଶିତ ସମସ୍ତ ପ୍ରଭାବଶାଳୀ ପତ୍ରିକା 'ମୁକୁର', 'ଉତ୍କଳ ସାହିତ୍ୟ', 'ନବଭାରତ',

୩୩. ଆଧୁନିକ-୧୯୩୬, ଜୁନ୍

୩୪. ଶତପଥୀ, ଡଃ ବିଜୟ କୁମାର-ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ ଧାରା (୧୯୯୫) ପୃ-୨୧

୩୫. ମହତାବ, ଡଃ ହରେକୃଷ୍ଣ-ଝଙ୍କାର ସମ୍ପାଦକୀୟ

'ସତ୍ୟବାଦୀ', 'ଆଧୁନିକ', 'ଶଙ୍ଖ' ଆଦି କାଳର କବଳରେ ସମାଧି ପାଇ ସାରିଥିଲେ । ''ସହକାର ଓ ନବଭାରତ ବନ୍ଦ ହୋଇଯିବା ପରେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଯେଉଁ ଶୂନ୍ୟମଣ୍ଡଳ ସୃଷ୍ଟି ହୋଇଥିଲା ତାକୁ ଶ୍ରଦ୍ଧାର ସହିତ ପୂରଣ କରିବା ପାଇଁ ଆଗେଇ ଆସିଲେ ଡଃ ମହତାବ । କିନ୍ତୁ ନିଜେ ବ୍ୟକ୍ତିଗତ ଭାବରେ ଯେତେ ନୁହେଁ ଏକ ସଙ୍ଗଠିତ ପ୍ରକାଶ ମାଧ୍ୟମରେ ଏକ ସୁକଳ୍ପିତ ଯୋଜନା ଅନୁଯାୟୀ ତେତେ । X X ଝଙ୍କାର ସେଇ ସଙ୍ଗଠିତ ଉଦ୍ୟମର ଜୀବନ୍ତ ପ୍ରତୀକ ।'' [୩୬] 'ସହକାର' ପ୍ରକାଶ ପାଉଥିଲେ ହେଁ ଏଥିରେ ଅବକ୍ଷୟ ଆସି ଯାଇଥିଲା । ଯେତେ ପ୍ରକାରର ପରିବର୍ତ୍ତନକୁ ନିଜ ଲେଖାରେ ରୂପାୟିତ କରିପାରିବ ଏଥିରେ ସନ୍ଦେହ ନାହିଁ । କେବଳ ଆବଶ୍ୟକ ଉତ୍ସାହ ଓ କର୍ମ ପ୍ରବଣତା । ଏଠାରେ ଯୁବଶକ୍ତିର ଆବଶ୍ୟକ । ଯୁବକମାନେ ଶୀଘ୍ର ବୃଦ୍ଧ ହୋଇଯିବା ଯେପରି ଅସ୍ୱାଭାବିକ, ବୃଦ୍ଧମାନେ ଯୌବନର ଛଳନା କରିବା ସେପରି ଅସ୍ୱାଭାବିକ । ଯୁବକ ଯୁବତୀମାନେ ଯୌବନକୁ ଉପେକ୍ଷା ନ କରି ଯୁବ ସୁଲଭ ଉତ୍ସହରେ ଅଗ୍ରଗତି କରନ୍ତୁ । ଅତୀତରେ ଚିନ୍ତା କରିବାକୁ ସମୟ ନାହିଁ । ବର୍ତ୍ତମାନର ଚିନ୍ତାରେ ଅଧୀର ହେବା ଉଚିତ ନୁହେଁ । ଭବିଷ୍ୟତ ସ୍ୱପ୍ନରେ ଆତ୍ମହରା ହେବା ହିଁ ଧର୍ମ ।'' [୩୭] ଏଣୁ ଗୋଟିଏ ସ୍ୱାଧୀନ ଜାତିର ଭାଷା ସାହିତ୍ୟ ତଥା ନୂତନ ଚିନ୍ତା ଚେତନାକୁ ପୃଷ୍ଠପୋଷକତା ଯୋଗାଇବାର ଆବଶ୍ୟକତା 'ଝଙ୍କାର' ପ୍ରକାଶର ଅନ୍ୟତମ କାରଣ । ଏଣୁ ସ୍ୱାଧୀନତା ପରେ ପ୍ରକାଶ ପାଇଥିବା ନୂତନ ଚିନ୍ତା ଚେତନାକୁ ଏହା ବହନ କରିଛି । କେବଳ ସାହିତ୍ୟ ନୁହେଁ, ସାହିତ୍ୟ ଓ ସାହିତ୍ୟୋତ୍ତର ଉଭୟ କ୍ଷେତ୍ରରେ ପ୍ରତିନିଧିତ୍ୱ କରିଛି ।

ଝଙ୍କାର ପ୍ରକାଶ କ୍ଷେତ୍ରରେ ଅନବଦ୍ୟ ଭୂମିକା ଗ୍ରହଣ କରିଥିଲା ପ୍ରଜାତନ୍ତ୍ର-ପ୍ରଚାର-ସମିତି । ପ୍ରଜାତନ୍ତ୍ର-ପ୍ରଚାର-ସମିତି ହିଁ ଥିଲା ଝଙ୍କାରର ପ୍ରକାଶକ । ଏହା ବ୍ୟତୀତ ଏହି ସମିତି ତରଫରୁ ପୂର୍ବ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ପ୍ରଜାତନ୍ତ୍ର' (ଅଗଷ୍ଟ ୮, ୧୯୪୭) ହିଁ ଝଙ୍କାର ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ଏହି ସମ୍ବାଦପତ୍ରର ସାପ୍ତାହିକ ସାହିତ୍ୟ ବିଭାଗ 'ରବିବାର ପ୍ରଜାତନ୍ତ୍ର' ନାମରେ ୧୯୪୮ ମସିହା ଫେବୃୟାରୀ ମାସଠାରୁ ପ୍ରତି ରବିବାର /ସୋମବାର ସଂଖ୍ୟା ରୂପେ ପ୍ରକାଶ ପାଉଥିଲା । କେବଳ ସମ୍ବାଦପତ୍ର କ୍ଷେତ୍ରରେ ନିଜକୁ ସୀମିତ ନ ରଖି ପ୍ରଜାତନ୍ତ୍ର ସାହିତ୍ୟ ଓ ସଂସ୍କୃତି ସମୃଦ୍ଧି ଦିଗରେ ବ୍ରତୀ ହୋଇଥିଲା । [୩୮] 'ରବିବାର ପ୍ରଜାତନ୍ତ୍ର' ବିଷୟରେ ପ୍ରଫେସର ଗୋଲକ ବିହାରୀ ଧଳ କହନ୍ତି, ଦେଶରେ

---

୩୬. ରାଉତରାୟ, ଡଃ ସଚ୍ଚିଦାନନ୍ଦ- ଜୟନ୍ତୀ ସ୍ମରଣିକା (ମହତାବ), ୧୯୬୮, ପୃ-୧୬

୩୭. ମହତାବ, ଡଃ ହରେକୃଷ୍ଣ- ବିଷୁବ ଅଭିନନ୍ଦନ, ଝଙ୍କାର(୧୯୮୬) ପୃ-୩୭

୩୮. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର-ପ୍ରଜାତନ୍ତ୍ର ପ୍ରଥମ ଦଶକ (ପ୍ରଜାତନ୍ତ୍ର ସ୍ୱନକ୍ଷତ୍ର ସମାରୋହ ବିଶେଷାଙ୍କ) ତା ୯.୮.୯୪

ଲେଖକ ସୃଷ୍ଟି କରିବା ପ୍ରଜାତନ୍ତ୍ର ସାହିତ୍ୟ ବିଭାଗର ଥିଲା ଅନ୍ୟତମ ଲକ୍ଷ୍ୟ । ସେକାଳ ପ୍ରଜାତନ୍ତ୍ରରେ ସବୁଠାରୁ ବଡ଼ ଆକର୍ଷଣ ଥିଲା 'ରବିବାର ପ୍ରଜାତନ୍ତ୍ର' । ନୂତନ ଲେଖକମାନଙ୍କର ଲେଖା ପ୍ରକାଶ କରି ସେମାନଙ୍କୁ ଉତ୍ସାହିତ କରିବା କିଛି କମ୍ ଦାୟିତ୍ୱ ନୁହେଁ । ଏପରି ଦାୟିତ୍ୱ ଦିନେ ସାହିତ୍ୟିକ ବିଶ୍ୱନାଥ କର ବହୁ ଯୁବକ ଲେଖକଙ୍କୁ ପ୍ରବୀଣ ସାହିତ୍ୟିକରେ ପରିଣତ କରିଥିଲେ । ମୋର ମନେ ହୁଏ ପ୍ରକାଶ କାମନାରେ ବ୍ୟସ୍ତ ବିକଳ ବହୁ ନୂତନ ଲେଖକ ଲେଖିକାଙ୍କୁ ଆତ୍ମପ୍ରକାଶର ସୁଯୋଗ ଦେଇ ପ୍ରଜାତନ୍ତ୍ର ସାହିତ୍ୟ କ୍ଷେତ୍ରରେ ଯେଉଁ ସେବା ଆରମ୍ଭ କରିଥିଲା, ତାହା ପରେ ଅନ୍ୟାନ୍ୟ ସମ୍ବାଦପତ୍ର ପାଇଁ ଆଦର୍ଶ ରୂପେ କାର୍ଯ୍ୟ କରିଥିଲା ।''[୩୯] ନୂତନ ଲେଖକ ଲେଖିକା ସୃଷ୍ଟି କରି ତତ୍କାଳୀନ ଓଡ଼ିଆ ସାହିତ୍ୟର ଏନ୍ତୁଡ଼ିଶାଳା[୪୦] ର ଭୂମିକା ଗ୍ରହଣ କରିଥିବା ରବିବାର ପ୍ରଜାତନ୍ତ୍ର ପ୍ରକୃତରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେଉଁ ସମ୍ଭାବନା ଆଣିଦେଲା ତାହାକୁ ପାଥେୟ କରି ପ୍ରକାଶିତ ହେଲା 'ଝଙ୍କାର' । କାରଣ ଝଙ୍କାର ପ୍ରକାଶ ପରେ ଦେଖାଯାଇଛି ଯେଉଁମାନେ ଏଥିରେ (ରବିବାର ପ୍ରଜାତନ୍ତ୍ର) ନିଜକୁ ଦକ୍ଷତାର ସହ ଗଢ଼ିନେଇ ପାରନ୍ତି ସେମାନେ ପରବର୍ତ୍ତୀ ସମୟରେ ପ୍ରତିଭାର ଯଥାର୍ଥରେ କୁସୁମିତ ଅବସ୍ଥାରେ ଝଙ୍କାରରେ ଦେଖା ଦେଇଥାନ୍ତି ।[୪୧] ଏଣୁ ନବୀନ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିବା 'ରବିବାର ପ୍ରଜାତନ୍ତ୍ର'ର ସଫଳତା 'ଝଙ୍କାର' ପ୍ରକାଶ କରିବାରେ ଆତ୍ମପ୍ରତ୍ୟୟ ଆଣି ଦେଇଥିଲା । ସେଥିପାଇଁ ଝଙ୍କାରର ପ୍ରାଣ ପ୍ରତିଷ୍ଠାତା ଡକ୍ଟର ହରେକୃଷ୍ଣ ମହତାବ ସ୍ୱୀକାର କରିଥିଲେ, X X ଯେତେବେଳେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ହେଲା ଯେ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ବିଧିବଦ୍ଧ ଉଦ୍ୟମ କରିବାକୁ ହେବ ଓ 'ରବିବାର ପ୍ରଜାତନ୍ତ୍ର' ଯେଉଁ ସ୍ଥାପତ୍ୟ ଗଠନ କରି ଚାଲିଛି, ତା'ର ଶିଖର ମଧ୍ୟ ସ୍ଥାପନ କରିବାକୁ ହେବ, ସେତେବେଳେ ପୂର୍ବାପର ବିଚାର ନ କରି କର୍ମକ୍ଷେତ୍ରରେ ସହସା ପଶିବାକୁ ହୋଇଛି ।[୪୨] ସାଂସ୍କୃତିକ ସଙ୍ଗଠନର ଯେଉଁ ମନ୍ଦିର ଆମ୍ଭେମାନେ ନିର୍ମାଣ କରିଛୁ, ତା'ର ଚୂଡ଼ା ହେଉଛି 'ଝଙ୍କାର' ।

ସ୍ୱାଧୀନତା ପ୍ରାପ୍ତି ସମୟରେ ଓଡ଼ିଆ ସାହିତ୍ୟ ଅବସ୍ଥା ଆଜି ଭଳି ସୁଦୃଢ଼ ନ ଥିଲା । ମୁଷ୍ଟିମେୟ ଲେଖକ ଲେଖିକା ଅଳ୍ପ କେତୋଟି ପତ୍ରପତ୍ରିକା ଥିଲା ଓଡ଼ିଆ ସାହିତ୍ୟର ଭାଗ୍ୟ ନିୟନ୍ତ୍ରକ । ୧୯୪୬ ସାଲରେ 'ଉତ୍କଳ-ସାହିତ୍ୟ-ସମାଜ'କୁ ନେଇ ଗୋଷ୍ଠୀ ବିବାଦ

---

୩୯. ଧଳ, ଗୋଲକ ବିହାରୀ- ପ୍ରଜାତନ୍ତ୍ର ରଜତ ଜୟନ୍ତୀ (୧୯୭୨) ପୃ-୧୦୫

୪୦. ମୂଳିଆ, ମହେଶ୍ୱର- ପ୍ରଜାତନ୍ତ୍ର ରଜତ ଜୟନ୍ତୀ (୧୯୭୨) ପୃ-୧୯୩

୪୧ ସାମନ୍ତରାୟ,ଡଃ ନଟବର-ଆଧୁନିକ ଓଡ଼ିଆ ସାହିତ୍ୟକୁ ପ୍ରଜାତନ୍ତ୍ର ପ୍ରଚାର ସମିତିର ଅବଦାନ, ଝଙ୍କାର, ୨୪ଶ ବର୍ଷ, ୧୨ମ ସଂଖ୍ୟା, ପୃ-୧୧୧୯

୪୨. ମହତାବ- ଡଃ ହରେକୃଷ୍ଣ -ବିଷୁବ ଅଭିନନ୍ଦନ (୧୯୮୭) ପୃ-୯

ତୀବ୍ରତର ହେଲା । 'ସହକାର'ର ତତ୍କାଳୀନ ସମ୍ପାଦକ ବାଳକୃଷ୍ଣ କରଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା ସମାନ୍ତରାଳ ସାହିତ୍ୟ ଅନୁଷ୍ଠାନ ପରିଷଦ ।[୪୩] ସ୍ୱାଧୀନତାର ସୂର୍ଯ୍ୟ ଉଦିତ ହେବାକୁ ଅଳ୍ପ ସମୟ ବିଳମ୍ବ । ସ୍ୱାଧୀନତା ପରେ ସାହିତ୍ୟର ଧାରାର ଭବିଷ୍ୟତ ସନ୍ଦିହାନ । ସ୍ୱଳ୍ପ ଲେଖକ ଥିବାରୁ ସେମାନଙ୍କ ମଧ୍ୟରେ ବିବାଦରେ ପ୍ରାଚୀନ ସାହିତ୍ୟ ସଙ୍ଗଠନ ମଧ୍ୟ ଅଚଳ । ଉତ୍କଳ ସାହିତ୍ୟ ସମାଜର ଏହି ଅଚଳ ଅବସ୍ଥାକୁ ଦୂର କରିବା ପାଇଁ ଡଃ ମହତାବଙ୍କ ଉଦ୍ୟମ ଫଳପ୍ରଦ ହେଲା ନାହିଁ । କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଜକିଶୋର ପଟ୍ଟନାୟକ, ନବ କିଶୋର ଦାସ ପ୍ରମୁଖଙ୍କ ସହ ଦିନରାତି ଆଲୋଚନା କରି ମଧ୍ୟ ବ୍ୟର୍ଥହେଲେ । ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ଏ ପ୍ରକାର ଅଶାନ୍ତି ଓ ଆନୁଷ୍ଠାନିକ ଅସ୍ଥିରତା ଦୂରୀକରଣ କରିବାର ପ୍ରୟାସ ସାହିତ୍ୟ ପତ୍ରିକା ରବିବାର ପ୍ରଜାତନ୍ତ୍ର ଓ 'ଝଙ୍କାର' ପ୍ରକାଶନ ପାଇଁ ବାଧ୍ୟ କଲା ।

ଏହା ପ୍ରକାଶ କରିବା ମୂଳରେ ମହତାବଙ୍କ ଲକ୍ଷ୍ୟଥିଲା X X ବହୁଲେଖକ ଓ ଲେଖିକା ବାହାରି ପଡ଼ନ୍ତୁ । ସ୍ରୋତର ପ୍ରତିବନ୍ଧକ ଦୂର ହୋଇଗଲେ ଓଡ଼ିଆ ସାହିତ୍ୟ କ୍ରମେ ସ୍ୱାଭାବିକ ଅବସ୍ଥାକୁ ଆସିଯିବ ।''[୪୪] ଓଡ଼ିଆ ସାହିତ୍ୟର ସ୍ଥିତାବସ୍ଥା ଅବକ୍ଷୟ ଆଡ଼କୁ ଯିବାକୁ ନ ଦେଇ ଉତ୍ତରଣ କରିବା ଦିଗରେ ତଥା ସାଂସ୍କୃତିକ ରାଜମାର୍ଗକୁ ପ୍ରଶସ୍ତ କରିବା, ଆପଣାର ଭାଷା ସାହିତ୍ୟକୁ ଉନ୍ନତ କରିବା- ଏ ଥିଲା ଏହାର ପ୍ରକୃତ ଉଦ୍ଦେଶ୍ୟ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉନବିଂଶ ଶତାବ୍ଦୀର ସାହିତ୍ୟ କିମ୍ବା ବିଂଶ ଶତକର ପ୍ରାକ୍-ସ୍ୱାଧୀନତା କାଳୀନ ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟଠାରୁ ବ୍ୟାପକ ଥିଲା । ଅନ୍ୟ ଉନ୍ନତ ଭାଷା-ସାହିତ୍ୟ ସମକକ୍ଷ ହେବା, ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଆସନ ଲାଭ କରିବା ଏହି ସମୟର ସାହିତ୍ୟିକ ସାଧନର ଲକ୍ଷ୍ୟ ହେଲା । ଆଦର୍ଶହୀନତା, ଦ୍ୱେଷଦର୍ଶିତା, ନିରୀକ୍ଷାବାଦକୁ ପରିତ୍ୟାଗ କରି ସ୍ୱାଧୀନତା ପରେ ଏକ ସାରସ୍ୱତ ବଳୟ ସୃଷ୍ଟି କରିବା, ଏକ ସଫଳ ନେତୃତ୍ୱ ଉପରେ ହିଁ ନିର୍ଭରଶୀଳ । ଡଃ ହରେକୃଷ୍ଣ ମହତାବ ରାଜନୀତି କ୍ଷେତ୍ରରେ ଜଣେ ପ୍ରବାଦ ପୁରୁଷ ନ ଥିଲେ, ସେ ଥିଲେ ଏକାଧାରରେ ସୁସଙ୍ଗଠକ ଓ ସୁସାହିତ୍ୟିକ । ତାଙ୍କ ଜୀବନର ଏଇ ଦୁଇଦିଗ 'ଝଙ୍କାର' ପ୍ରକାଶ ପାଇଁ ଅନେକାଂଶରେ ଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ । ଦ୍ୱିତୀୟତଃ ସ୍ୱାଧୀନ ଓଡ଼ିଶାର ସେ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ । ଅନେକ କ୍ଷେତ୍ରରେ ଦୂରଦୃଷ୍ଟି ଓ ସାଙ୍ଗଠନିକ ଶକ୍ତିର ଅଭାବ ପତ୍ରପତ୍ରିକା ପ୍ରକାଶ ଓ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଲକ୍ଷ୍ୟ, ଉତ୍ସାହ ସହ ଏହା ମଧ୍ୟ ସର୍ବାଦୌ ଆବଶ୍ୟକ ।ସ୍ୱାଧୀନତା ପରେ ସାରା ଦେଶରେ 'ଗଣତନ୍ତ୍ର'ର ପ୍ରତିଷ୍ଠା ଆହ୍ୱାନ ଦେଲା । ସାହିତ୍ୟରେ ଗଣତାନ୍ତ୍ରିକ ଲକ୍ଷ୍ୟ ନେଇ ପ୍ରକାଶିତ ହେଲା 'ଝଙ୍କାର' ପୂର୍ବ

୪୩. ତତ୍ରୈବ-ପୃ-୨୨

୪୪. ମହତାବ, ଡଃ ହରେକୃଷ୍ଣ-ବିଷୁବ ଅଭିନନ୍ଦନ (୧୯୮୭) ପୃ-୨୭-୨୮

ପତ୍ରିକାମାନଙ୍କ ପରି ନିର୍ଦ୍ଦିଷ୍ଟ ଧାରା ବା ମତ ଉପରେ ଏହା ଆସ୍ଥା ପ୍ରକଟ କଲା ନାହିଁ । ବହୁ ମତ ବହୁ ପଥର ସମନ୍ୱୟ ବହୁ ଆଦର୍ଶ ବହୁ ଆଭିମୁଖ୍ୟର ମିଳନ ମଞ୍ଚ ହେଲା 'ଝଙ୍କାର' । ପ୍ରଗତିବାଦ ଓ ପ୍ରୟୋଗବାଦ, ସବୁଜ କଳ୍ପନା ଓ ଧୂସର ବାସ୍ତବତା, ଅଧ୍ୟାପକ ଓ ଛାତ୍ର, ନବୀନ ଓ ପୁରାତନକୁ ଗୋଟିଏ ମଞ୍ଚରେ ଉପସ୍ଥିତ କରିବାର ସଫଳ ପ୍ରୟାସ ଯାହା ଝଙ୍କାର ଦ୍ୱାରା ସମ୍ଭବ ହୋଇଛି ତାହା ସେ ସମୟର ଆହ୍ୱାନ ଛଡ଼ା ଅନ୍ୟ କିଛି ନୁହେଁ । ସ୍ୱାଧୀନତା ଲାଭ, ଦୁଇ ଦୁଇଟି ବିଶ୍ୱଯୁଦ୍ଧ ପରି ଯୁଗାନ୍ତକାରୀ ଘଟଣାର ପରିସମାପ୍ତି ପରେ ପରିବର୍ତ୍ତିତ ଯୁଗ ରୁଚି ଝଙ୍କାର ପ୍ରକାଶର ଅନ୍ୟତମ ମୁଖ୍ୟ କାରଣ । 'ସତ୍ୟବାଦୀ', 'ନବଭାରତ'ର ବିଶୁଦ୍ଧ ଜାତୀୟତାବାଦୀ ଭାବନା, ସାମ୍ୟବାଦୀ ପତ୍ରିକା 'ଆଧୁନିକ'ର ଆହ୍ୱାନ 'ଯୁଗବୀଣା', 'ଅବକାଶ'ର, ତଥାକଥିତ ରୋମାଣ୍ଟିକ ଭାବମୟତା ଦୁଇ ଦୁଇଟା ବିଶ୍ୱଯୁଦ୍ଧର ଘନଘଟା ପରେ ଅନେକାଂଶରେ ମ୍ଳାନ ପଡ଼ିଆସିଛି । ଯୁଗ ରୁଚି ଉପରେ ପ୍ରତିଷ୍ଠିତ ସାହିତ୍ୟର ପରିପ୍ରକାଶ ପାଇଁ ଯେଉଁ ମାଧ୍ୟମର ଆବଶ୍ୟକତା ଦେଖା ଦେଇଥିଲା, ତାହା ହିଁ ସ୍ୱାଧୀନତା ପରେ 'ଝଙ୍କାର'ର ପ୍ରକାଶନ ପାଇଁ ଯଥାର୍ଥରେ ପଥ ସୁଗମ କରିଦେଇଛି ।

'ଝଙ୍କାର' ନାମଟି ବେଶ୍ କଳାତ୍ମକ । 'ପ୍ରଜାତନ୍ତ୍ର' ପରି ଏକ ନୀରସ ରାଜନୈତିକ ନାମରେ ସାହିତ୍ୟ ପତ୍ରିକାଟିକୁ ନାମିତ ନ କରିବା ପାଇଁ ଲେଖକ, ପାଠକ ଓ ପୃଷ୍ଠପୋଷକମାନଙ୍କର ଆପତ୍ତିକ୍ରମେ ଏପରି ସାହିତ୍ୟିକ ନାମ କରଣରେ ସାହିତ୍ୟ ପତ୍ରିକାଟି ପ୍ରକାଶିତ । ସାହିତ୍ୟ ପତ୍ର 'ଝଙ୍କାର' ପ୍ରକାଶ ସମ୍ବନ୍ଧରେ ଡଃ ମହତାବଙ୍କ ମନ୍ତବ୍ୟ ହେଉଛି, ଆଜି ଓଡ଼ିଶାର ଯୁବ ପ୍ରାଣରୁ ଯେଉଁ ଝଙ୍କାର ଉତ୍‌ଥିତ ହେଉଛି, ତାହା ହିଁ ଓଡ଼ିଶାର ସଙ୍ଗୀତମୟ ଭବିଷ୍ୟତ ନିର୍ମାଣ କରି କରି ଯାଉଛି । ସେହି ଝଙ୍କାରର ସ୍ୱର ଶୁଣି ଡାକ ପକାଇବା ଆମର ଉଦ୍ୟମ X X [୪୫] ଯୁଗ ଯୁଗ ଧରି ଜୀବନ ଝଙ୍କାରର ଚିରନ୍ତନ ମୂର୍ଚ୍ଛନାରେ ଅନୁପ୍ରେରିତ ହେବାର ଆକାଙ୍‌କ୍ଷାକୁ ସାକାର କରିବା ପାଇଁ 'ଝଙ୍କାର'ର ପରିପ୍ରକାଶ ।[୪୬]

---

୪୫. ସାମୟିକୀ (ପ୍ରଥମ ସମ୍ପାଦକୀୟ)-ଝଙ୍କାର, ୧ମ ବର୍ଷ, ୧ ମ ସଂଖ୍ୟା, ପରିଶିଷ୍ଟ ଦ୍ରଷ୍ଟବ୍ୟ ।

୪୬. ଜୀବନ ଝଙ୍କାର ସେତ
ଆଶାମୟ ପ୍ରେମମୟ
ଉନ୍ମାଦନା ଭରା,
ଅନୁପ୍ରାଣୀ ସେହି ସ୍ୱରେ
କର୍ମମୟ ହେଉ ସର୍ବ
ଅନିତ୍ୟ ଜୀବନ ପସରା ।
-ଝଙ୍କାର, ୧ମ ବର୍ଷ, ୧ମ ସଂଖ୍ୟା,
ପରିଶିଷ୍ଟ ଦ୍ରଷ୍ଟବ୍ୟ ।

ଝଙ୍କାର ପତ୍ରିକା ଆକସ୍ମିକ ଭାବେ ଆତ୍ମପ୍ରକାଶ କରିଥିଲା । ତେଣୁ ପୂର୍ବ ପ୍ରସ୍ତୁତିର ଅଭାବ ଝଙ୍କାରର ୧ମ ସଂଖ୍ୟାରେ ପରିଲକ୍ଷିତ । ଏହାକୁ ସ୍ୱୀକାର କରି ଡଃ ମହତାବ ଲେଖିଛନ୍ତି, ''X X ଲେଖକ ଲେଖିକା ତଥା ପାଠକ ପାଠିକାମାନେ କୌତୁହଳ ବଶବର୍ତ୍ତୀ ହୋଇ ଥିଲେ, ଦେଖିବେ କି ଝଙ୍କାରର ପ୍ରଥମ ସଂଖ୍ୟା ? ଏହାର ଆକାର ଥିଲା ବଡ଼, ଯାହାକି ଯେକୌଣସି ମାସିକ ପତ୍ରିକା ପକ୍ଷରେ ଅସ୍ୱାଭାବିକ । ପୁଣି ସେ ସଂଖ୍ୟାଟିର କେତୋଟି ପୃଷ୍ଠାରେ 'ପ୍ରଜାତନ୍ତ୍ର' ଓ କେତୋଟି ପୃଷ୍ଠାରେ 'ଝଙ୍କାର' ବୋଲି ନାମ ମୁଦ୍ରିତ ହୋଇଛି । ଏ ସବୁର ପ୍ରମାଣ ହେଉଛି ପୂର୍ବ ପ୍ରସ୍ତୁତିର ଅଭାବ । ବାସ୍ତବିକ 'ଝଙ୍କାର' ପ୍ରକାଶ ପୂର୍ବରୁ କୌଣସି ପ୍ରକାର ଆୟୋଜନ କରାଯାଇ ନ ଥିଲା ।''[୪୭] ପ୍ରଥମ ସଂଖ୍ୟାରେ ସାମାନ୍ୟ ତ୍ରୁଟି ନିଶ୍ଚୟ ବର୍ଜନୀୟ । ମାତ୍ର ପରବର୍ତ୍ତୀ କାଳରେ ଏହାର ସାଂସ୍କୃତିକ ଆଭିମୁଖ୍ୟ ସଫଳ ହୋଇଛି । ପଚାଶ ବର୍ଷର ଓଡ଼ିଆ ସାହିତ୍ୟ ଇତିହାସରେ ସାହିତ୍ୟ ପତ୍ରିକା 'ଝଙ୍କାର'ର ଯେଉଁ ଐତିହାସିକ ଆବଶ୍ୟକତା ଉପଲବ୍ଧି ହୋଇଥିଲା ତାହା ପ୍ରାୟତଃ ପୂରଣ ହୋଇଛି । ଏହାର ଦିଗ୍‌ଦର୍ଶନରେ ପତ୍ରିକାର ଧାରା ସମୃଦ୍ଧ ହୋଇଛି, ନୂତନ ପ୍ରତିଭାମାନଙ୍କ ଅଭ୍ୟୁଦୟ ଘଟିଛି, ସାହିତ୍ୟର ରାଜପଥ ପ୍ରଶସ୍ତ ହୋଇଛି, ସାହିତ୍ୟ ପ୍ରତି ରୁଚି ବଢ଼ିଛି ତଥା ଓଡ଼ିଆ ସାହିତ୍ୟ ଭାରତୀୟ ସୀମା ସରହଦ ଟପି ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚିଗଲାଣି ।

ଏଣୁ ସମାଲୋଚକମାନଙ୍କ ଭାଷାକୁ ଦୋହରାଇ କୁହାଯାଇ ପାରେ 'କାଳ ଝଙ୍କାର'କୁ ଜନ୍ମ ଦେଇଥିଲେ ହେଁ ଝଙ୍କାର କାଳଜୟୀ କଳାକୁ ବକ୍ଷରେ ଧାରଣ କରି ଆଜି ଚିର ଭାସ୍ୱର ରୂପେ ଆମ ସମ୍ମୁଖରେ ବିରାଜମାନ ହୋଇଛି ।[୪୮]

---

୪୭. ଝଙ୍କାର- ସମ୍ପାଦକୀୟ, ୩ୟ ବର୍ଷ, ୧ମ ସଂଖ୍ୟା ପୃ- ୯୫.

୪୮. ସାମନ୍ତରାୟ, ଡଃ ନଟବର-ଆଧୁନିକ ଓଡ଼ିଆ ସାହିତ୍ୟକୁ ପ୍ରଜାତନ୍ତ୍ର ପ୍ରଚାର ସମିତିର ଅବଦାନ, ଝଙ୍କାର , ୨୪ଶ ବର୍ଷ, ୧୨ ଶ ସଂଖ୍ୟା ।

❑❑❑

ଦ୍ୱିତୀୟ ପରିଚ୍ଛେଦ

ସର୍ଜନାତ୍ମକ ସୃଷ୍ଟି ଓ ଆକଳନ

ସ୍ରଷ୍ଟାର ଆତ୍ମଗତ ଭାବୋଚ୍ଛ୍ୱାସରୁ ସର୍ଜନାତ୍ମକ ସାହିତ୍ୟର ସୃଷ୍ଟି । ଏଣୁ ଏହାର ପ୍ରକାଶ ସ୍ୱତଃସ୍ଫୂର୍ତ୍ତ । ପ୍ରଭାବଶାଳୀ ହୃଦୟର ଭାବ, ସ୍ୱର, ବର୍ଣ୍ଣ, ମହନୀୟ ଭାଷା ଓ ମନୋଜ୍ଞ ଶୈଳୀ ଏହି ସାହିତ୍ୟର ମୁଖ୍ୟ ଆଧାର । ଭିନ୍ନ ଭାବରେ କହିଲେ ଭାବ, ଶବ୍ଦ, ଛନ୍ଦ , ଅଳଙ୍କାର ଆଦି ଯେତେବେଳେ ଅପୂର୍ବ ମିଳନ ଭିତରେ ନିଜ ନିଜର ସ୍ୱାତନ୍ତ୍ର୍ୟ ହରାଇ ଗୋଟିଏ ଅଲୌକିକ ଆସ୍ୱାଦ ସୃଷ୍ଟି କରନ୍ତି, ସେତେବେଳେ ତାହା ସର୍ଜନାତ୍ମକ ସାହିତ୍ୟର ରୂପ ନିଏ । ପ୍ରାଣର ବାଙ୍ମୟ ଅଭିବ୍ୟକ୍ତି ହିଁ ସର୍ଜନାତ୍ମକ ସୃଷ୍ଟି । ଆନନ୍ଦବୋଧ ଏହାର ଆଦର୍ଶ । ଯୁଗ ଯୁଗ ଧରି ସର୍ଜନାତ୍ମକ ସାହିତ୍ୟ ପରିବେଷଣ କରି ଆସିଛି ଅନିର୍ବଚନୀୟ ଆନନ୍ଦ । ଆନନ୍ଦବୋଧ ମଧ୍ୟରେ ମଧ୍ୟ ଅତୀନ୍ଦ୍ରିୟ ଆନନ୍ଦାନୁଭୂତି ଆତ୍ମପ୍ରକାଶ କରେ । ସେଥିପାଇଁ କୁହାଯାଇଛି 'ଆନନ୍ଦାଦ୍ଧ୍ୟେବ ବା ଖଳୁ ଇମାନି ଭୂତାନି ଜାୟନ୍ତେ । ଆନନ୍ଦେନ ଜାଣନି ଜୀବନ୍ତି, ଆନନ୍ଦଂ ପ୍ରୟାନ୍ତି ଅଭିସଂବିଶନ୍ତୀତି, ଆନନ୍ଦୋ ବ୍ରହ୍ମେତି ବ୍ୟଜାନତ୍ ।'' ପ୍ରାଚୀନ ସାହିତ୍ୟକୁ ଲକ୍ଷ୍ୟକଲେ ସାହିତ୍ୟର ଚିରନ୍ତନ ଆନନ୍ଦ ପ୍ରଦାନ କରିବାର ପ୍ରବୃତ୍ତି ସ୍ପଷ୍ଟ ହୋଇଯାଏ । ଅବଶ୍ୟ ଏହା ଆଧ୍ୟାତ୍ମିକ ଭାବନା ବିଜଡ଼ିତ । ପରେ ଏହି ସାହିତ୍ୟ ପ୍ରେମମୟ, ବିଳାସବ୍ୟାସନକୁ ଆପଣାର ଭାବବସ୍ତୁ ଭାବେ ଆପଣାଇ ନେଲେ ମଧ ଏଥିରେ ଆବଦ୍ଧ ହୋଇ ରହିନାହିଁ । ଜଗତର ବାସ୍ତବ ଚିତ୍ର ଓ ଜୀବନର ବାସ୍ତବାନୁଭୂତି ସାହିତ୍ୟ ସୃଷ୍ଟିର ମୁଖ୍ୟ ଉପାଦାନ ହେଲା । ସାହିତ୍ୟ ହେଲା ବାସ୍ତବାଭିମୁଖୀ । ସମାଜ, ଜୀବନ, ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାହିତ୍ୟ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ମୁଖପତ୍ର ସାଜିଲା । ସାହିତ୍ୟରେ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ପରିପ୍ରକାଶ ଊନବିଂଶ ଶତକରେ ଆତ୍ମପ୍ରକାଶ କରିଥିଲେ ହେଁ ବିଂଶ ଶତାବ୍ଦୀରେ ଏହା ସର୍ଜନାତ୍ମକ ସାହିତ୍ୟର ମୁଖ୍ୟ ପ୍ରବୃତ୍ତି ହେଲା । ଊନବିଂଶ ଶତକରେ ରାଧାନାଥ, ଫକୀରମୋହନ , ମଧୁସୂଦନ ଆଦିଙ୍କ ଜରିଆରେ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ପରିଲକ୍ଷିତ ତୁମୁଳ ଆଲୋଡ଼ନରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ପ୍ରକ୍ରିୟାରେ ପତ୍ରପତ୍ରିକା ନେଲା ପ୍ରମୁଖ ଭୂମିକା ।

ପତ୍ରପତ୍ରିକା ପ୍ରକାଶନରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୂତନ ସାହିତ୍ୟିକ ଯୁଗର ଅୟମାରମ୍ଭ ହେଲା । ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ରୀତିଯୁଗୀୟ ପରମ୍ପରାରୁ ମୁକ୍ତି ଲାଭ କରି ଓଡ଼ିଆ କାବ୍ୟ କବିତା ପତ୍ରପତ୍ରିକାର ପୃଷ୍ଠପୋଷକତାରେ କ୍ରମେ ବଳିଷ୍ଠ ହେଲା । ଉଭୟ ଆତ୍ମିକ ଓ ଆଙ୍ଗିକରେ ନାନା ପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇ କାବ୍ୟ କବିତା ହେଲା ବୈଚିତ୍ର୍ୟମୟ । କେବଳ କାବ୍ୟକବିତା ନୁହେଁ ପତ୍ରପତ୍ରିକା ପ୍ରକାଶ ଇଂରେଜୀ ଗଦ୍ୟ ସାହିତ୍ୟ ଭଳି ଓଡ଼ିଆ ଗଦ୍ୟ ସାହିତ୍ୟ ଉନ୍ମେଷ ଓ ବିକାଶର ପଥ ଉନ୍ମୋଚନ କଲା ।[1] ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, ରମ୍ୟରଚନା ମାଧ୍ୟମରେ ସର୍ଜନାତ୍ମକ ଗଦ୍ୟ ସାହିତ୍ୟର ବହୁବର୍ଣ୍ଣୀ ରୂପ ପ୍ରକଟିତ ହେଲା ।

ଉତ୍କଳ ଦର୍ପଣ(୧୮୭୩) ଠାରୁ ଉତ୍କଳ ସାହିତ୍ୟ (୧୮୯୭) ଓ ଉତ୍କଳ ସାହିତ୍ୟ (୧୮୯୭) ଠାରୁ ଆଧୁନିକ (୧୯୩୬) ଯାଏ ପତ୍ରପତ୍ରିକା/ସାହିତ୍ୟ ପତ୍ରିକାମାନ ଯଥାକ୍ରମେ ଊନବିଂଶ ଶତକର ଓ ପ୍ରାକ୍ ସ୍ୱାଧୀନତାକାଳୀନ ବିଂଶ ଶତକର ସର୍ଜନାତ୍ମକ ସୃଷ୍ଟି ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ସ୍ୱାଧୀନତା ପରେ ସାହିତ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଯେଉଁ କେତୋଟି ସାହିତ୍ୟ ପତ୍ରିକା ସମୃଦ୍ଧ କରିଛନ୍ତି, ତନ୍ମଧ୍ୟରୁ 'ଝଙ୍କାର' କେବଳ ଅନ୍ୟତମ ନୁହେଁ, ଅଗ୍ରଣୀ ମଧ୍ୟ । ସର୍ଜନାତ୍ମକ ସାହିତ୍ୟର ସମସ୍ତ ବିଭାଗ (କବିତା, ଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା, ଉପନ୍ୟାସ, ନାଟକ/ଏକାଙ୍କିକା)କୁ ଦୀର୍ଘ ପାଞ୍ଚ ଦଶକ ଧରି ପୃଷ୍ଠପୋଷକତା ଦେଇ ଆସିଛି ଏହି ସାରସ୍ୱତ ପତ୍ରିକା ।

ଆଧୁନିକ କବିମଣ୍ଡଳୀ ସୃଷ୍ଟିରେ ଝଙ୍କାରର ନେତୃତ୍ୱ

ଊନବିଂଶ ଶତକରେ ରାଧାନାଥ, ମଧୁସୂଦନ, ଗଙ୍ଗାଧର, ଫକୀରମୋହନଙ୍କ ଦ୍ୱାରା ପ୍ରବର୍ତ୍ତିତ ରୋମାଣ୍ଟିକ, ଅତିଭୌତିକ ଓ ଜାତୀୟତାବାଦୀ କାବ୍ୟଧାରାଟି କ୍ରମଶଃ ବିଲୟ (୧୯୩୫-୩୬) ଭଜିଲା ବେଳକୁ ପ୍ରଗତିବାଦୀ କାବ୍ୟ ଚେତନାର ଉନ୍ମେଷ ଘଟେ । ତତ୍ ସଙ୍ଗେ ସଙ୍ଗେ ଏହି ସମୟ ବେଳକୁ ସବୁଜଗୋଷ୍ଠୀ ଓ ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ରୋମାଣ୍ଟିକ ଓ ଜାତୀୟତାବାଦୀ କାବ୍ୟଧାରା ଯଥାକ୍ରମେ ସାଧାରଣ ଜନତାଙ୍କ ସହିତ ସମ୍ପର୍କ ରକ୍ଷା କରି ନ ପାରି ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଭାରତମୁକ୍ତି ସଂଗ୍ରାମ ପ୍ରତି ଅଧିକ ଗୁରୁତ୍ୱ ଦେବା ହେତୁ ମଧ୍ୟ ଦୁର୍ବଳ ହୋଇ ପଡ଼ିଲା । ଏଣୁ

1. Jafferson, D.W.- The development, a little later of the newspaper and periodical Journalism, generally was another factor making for the utilitaration virtue in prose (Eighteenth century prose 1700-1800,P-xr)

୧୯୩୫-୩୬ ବେଳକୁ ଆଧୁନିକ ଓଡ଼ିଆ କବିତାର ଆଭିମୁଖ୍ୟ ପୂର୍ବ କାବ୍ୟ କବିତା ଧାରାଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇ ପଡ଼ିଲା । ଏହା ଧୂଳିଧୂଆଁରେ ଗାଧୋଉଥିବା, ଶୋଷକ - ଧନିକ ଗୋଷ୍ଠୀର ନାଲି ଆଖିର ଶିକାର ହେଉଥିବା ମେହନତୀ, ଦୁସ୍ଥ, ନିମ୍ନବର୍ଗର ମଣିଷମାନଙ୍କ କଥା କହିଲା । ଏଣୁ କବିତାରେ ବାସ୍ତବବାଦୀ ଓ ଅତିବାସ୍ତବବାଦୀ ଭାବଧାରା ସ୍ପଷ୍ଟ ହୋଇ ଉଠିଲା । ୧୯୩୯-୪୫ ମଧ୍ୟରେ ସଙ୍ଗଠିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାହିତ୍ୟ ରାଜ୍ୟରେ ତୁମୁଳ ପରିବର୍ତ୍ତନ ଘଟିଲା । ବିଶେଷ କରି କବିତା କ୍ଷେତ୍ରରେ ଏହି ପରିବର୍ତ୍ତନ ଥିଲା ପ୍ରବଳ । ପ୍ରଗତିବାଦୀ କବିଙ୍କ ବୈପ୍ଳବିକ ଭାବଧାରା ସ୍ଥାନରେ ସ୍ୱାଧୀନତା ପରବର୍ତ୍ତୀ ସ୍ୱପ୍ନଭଙ୍ଗ, ଜଡ଼ତା, ହତାଶା ଓ ଗ୍ଲାନି ସ୍ଥାନ ପାଇଲା । ଉଗ୍ର ସମାଜବାଦୀ ସ୍ୱର ଅତିବାସ୍ତବବାଦୀ ବ୍ୟକ୍ତିକୈନ୍ଦ୍ରିକରେ ହେଲା ପରିବର୍ତ୍ତିତ । କବିତାର ଆତ୍ମିକ କ୍ଷେତ୍ରରେ ଏହି ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇ ଉଠିଲା । ଗଦ୍ୟ କବିତା, ମୁକ୍ତ ଛନ୍ଦ ଓ ବାକ୍‌ରୀତିକୁ କବିତା ଆଦରି ନେଲା । ଯତିପାତ, ଉପଧାମିଳନ ଓ ପାରମ୍ପରିକ ଛନ୍ଦ ଏଥରୁ ତିରୋହିତ ହୋଇଗଲା । ପ୍ରତୀକ ରୂପକଳ୍ପ ମାଧ୍ୟମରେ କବିତା ପ୍ରଭାବଶାଳୀ ମନନଧର୍ମୀ ହେଲା । ଉପମା, ରୂପକ ପ୍ରତୀକ ମାଧ୍ୟମରେ କବି ଅବ୍ୟକ୍ତଭାବକୁ ବ୍ୟକ୍ତ କରିବାରେ ସକ୍ଷମ ହେଲା । କାବ୍ୟ କବିତାର ଉଭୟ ଆତ୍ମିକ ଓ ଆଙ୍ଗିକରେ ଏ ଯେଉଁ ପରିବର୍ତ୍ତନ ଘଟିଲା ତାହା ୧୯୫୦ ମସିହା ବେଳକୁ ବେଶ୍ ସ୍ପଷ୍ଟ ହୋଇଗଲା । ଏହି ପରିବର୍ତ୍ତିତ କାବ୍ୟଧାରାକୁ ପୃଷ୍ଠପୋଷକତା ଯୋଗାଇ ପାଠକ ପାଖରେ ପହଞ୍ଚାଇବା ପାଇଁ ତତ୍‌କାଳୀନ ନୂତନ ସାହିତ୍ୟ ପତ୍ରିକା 'ଝଙ୍କାର' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । ଏଣୁ ଆଧୁନିକ କାବ୍ୟ କବିତା ଯାହା କି ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧରେ ବିକଶିତ ହେଲା, ତାହାକୁ ଦ୍ୱିତୀୟାର୍ଦ୍ଧରେ ସମୃଦ୍ଧିର ପ୍ରଶସ୍ତ ପଥରେ ଆଗେଇ ନେବା ପାଇଁ ସମ୍ଭ୍ରାନ୍ତ ସାହିତ୍ୟ 'ଝଙ୍କାର'ର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ । ପରମ୍ପରା ଉପରେ ଦଣ୍ଡାୟମାନ ହୋଇ କବିତାରେ ସାମୟିକ ଭାବେ ପରିଲକ୍ଷିତ ଭାବଧାରାକୁ ସ୍ୱୀକାର କରିଛି ଝଙ୍କାର । ଏହି ନୂତନ ଭାବଧାରା ପରବର୍ତ୍ତୀକାଳରେ ଝଙ୍କାରର ଆଧାର ଭୂମି ହୋଇ ଆଗାମୀ ପରିବର୍ତ୍ତନକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇ ଯାଇଛି । ଏଣୁ ୧୯୪୯ ଠାରୁ ଆଜି ଯାଏ ଓଡ଼ିଆ କବିତାରେ ଭାବବସ୍ତୁ ଓ ଆଙ୍ଗିକ ସମ୍ପଦରେ ଯେଉଁ ପରିବର୍ତ୍ତନ ଆସିଛି ତାହା ଝଙ୍କାରରେ ପ୍ରତିଫଳିତ ହୋଇଛି ।

'ଝଙ୍କାର' (୧୯୪୯) ର ପ୍ରକାଶ କାଳରେ ଏହାର କବିତା ବିଭାଗରେ ସଚ୍ଚିଦାନନ୍ଦ ରାଉତରାୟ, ରାଧାମୋହନ ଗଡ଼ନାୟକ, ବିଦ୍ୟୁତ୍‌ପ୍ରଭା ଦେବୀ, ମାୟାଧର ମାନସିଂହ, ହରେକୃଷ୍ଣ ମହତାବ, ଅନନ୍ତ ପଟ୍ଟନାୟକ, ବୈକୁଣ୍ଠ ନାଥ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ

୨. ଶତପଥୀ, ନିତ୍ୟାନନ୍ଦ-ସବୁଜରୁ ସାଂପ୍ରତିକ (୧୯୭୯) ପୃ-୨୮୩

ଲେଖନୀ ଚାଳନା କରିଥିବାର ଦେଖାଯାଏ । ପୂର୍ବରୁ କବିତା କ୍ଷେତ୍ରରେ ଲେଖନୀ ଚଳାଇ ଥିବା ଏହି ସ୍ରଷ୍ଟାମାନେ 'ଝଙ୍କାର' କବିତା କ୍ଷେତ୍ରରେ ପ୍ରଥମ ପାଡ଼ିର ମର୍ଯ୍ୟାଦା ଲାଭ କରିବା ସ୍ୱାଭାବିକ । ଡଃ ହରେକୃଷ୍ଣ ମହତାବଙ୍କ 'ଝଙ୍କାର' ଶୀର୍ଷକ କବିତା ଝଙ୍କାରର ପ୍ରଥମ କବିତା ।[୩] ଅବଶ୍ୟ ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ଡଃ ମହତାବଙ୍କ ଏହି କବିତାଟିକୁ ବାଦଦେଲେ ସୂର୍ଯ୍ୟନାରାୟଣ ପାଢ଼ୀ, ଅଧ୍ୟାପକ ଗଗନବିହାରୀ ମହାନ୍ତି, ନାରାୟଣ ଚନ୍ଦ୍ର ରଥ, ବିଶ୍ୱେଶ୍ୱର ପରିଡ଼ା, ବୀର କିଶୋର ଦାସ, ହାଡ଼ିବନ୍ଧୁ ଦାସ, ଅଶ୍ୱିନୀ କୁମାର ପୂଜାରୀଙ୍କ କବିତା ପ୍ରକାଶ ପାଇଥିଲା । ପରବର୍ତ୍ତୀ ସଂଖ୍ୟା ଓଡ଼ିଆ କବିତା କ୍ଷେତ୍ରରେ ଯଶସ୍ୱୀ ସ୍ରଷ୍ଟାଙ୍କ ସୃଷ୍ଟିର ସ୍ୱାକ୍ଷର ବହନ କଲା । ଏଣୁ ଏମାନଙ୍କ ସୃଷ୍ଟି ସମୂହରେ ପରମ୍ପରା ପରିଚୟ ଯେପରି ପ୍ରତିଭାତ ହୁଏ, ଠିକ୍ ସେହିପରି ସେମାନଙ୍କ କାବ୍ୟସ୍ୱରରେ କିଛିଟା ପରିବର୍ତ୍ତନ ପରିଲକ୍ଷିତ ହୁଏ । ଝଙ୍କାରର ପ୍ରଥମ ଦଶନ୍ଧିରେ କବିତା କ୍ଷେତ୍ରରେ ବେଣୁଧର ରାଉତ, ଗୁରୁ ପ୍ରସାଦ ମହାନ୍ତି, ରମାକାନ୍ତ ରଥଙ୍କ ଆବିର୍ଭାବ ଏହି ପରିବର୍ତ୍ତନ କ୍ରିୟାକୁ ଗ୍ରହଣ କରି ନେଇଛନ୍ତି ନିଜ ନିଜକବିତାରେ । ଏହି ପରିବର୍ତ୍ତନରେ ପ୍ରେମ, ପ୍ରକୃତିରେ କାବ୍ୟିକ ବର୍ଣ୍ଣନା ଅପେକ୍ଷା ବାସ୍ତବ ଜଗତର ନିଷ୍ଠୁର ନିର୍ମମ ସତ୍ୟପ୍ରତି ଅଙ୍ଗିକାରବଦ୍ଧତା କ୍ରମବର୍ଦ୍ଧିଷ୍ଣୁ ହୋଇ ପଡ଼େ । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ମଣିଷର ମାନସିକତାରେ ତୁମୁଳ ତୋଫାନୀ ଆଲୋଡ଼ନ ଏହି କବିତାକୁ ସ୍ୱପ୍ନ ଅପେକ୍ଷା ସଂଘର୍ଷ, କଳ୍ପନା ଅପେକ୍ଷା ନିଷ୍ଠୁର ବାସ୍ତବତା, ସମ୍ମୋହନ ଅପେକ୍ଷା ସମକାଳୀନ ଜୀବନର ଯଥାର୍ଥ ଉପଲବ୍‌ଧିରେ ବାସ୍ତବଧର୍ମୀ କରି ଗଢ଼ିତୋଳିଛି । ବିଶ୍ୱର ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ଭିତରେ ଗତି କରୁଥିବା ବେଳେ ତାହାର ନିଛକ ପ୍ରତିଛବି କାବ୍ୟକବିତାକୁ ଉଦ୍‌ଭାସିତ ହୋଇ ଉଠିଛି । ସ୍ୱାଧୀନତା ପରେ ପୂର୍ବର ଯେଉଁ ପ୍ରତିଶ୍ରୁତି, ସୁନେଲିସ୍ୱପ୍ନ ପ୍ରତି ଗଭୀର ଆଶା ଜନଜୀବନରେ ସଂଚାର ହୋଇଥିବା ସ୍ୱାଧୀନତା ପରେ ହୋଇଛି କ୍ରମେ ବିଡମ୍ବିତ । ଏଣୁ କବିତାରେ କ୍ଲିଷ୍ଟତା, ଦୁର୍ବୋଧ୍ୟତା, ଚିନ୍ତନ ଓ କର୍ମ ମଧ୍ୟରେ ବିଚ୍ଛିନ୍ନତା, ନିସଙ୍ଗ ଜୀବନର ବିଲକ୍ଷଣ ପ୍ରତିଫଳିତ ହୋଇଛି । କବିତାର ଆତ୍ମିକ ରାଜ୍ୟରେ ଏହି ପରିବର୍ତ୍ତନ ଆଙ୍ଗିକ ପ୍ରକ୍ରିୟାକୁ ମଧ ପ୍ରଭାବିତ କରିଛି । ଓଡ଼ିଆ କବିତାରେ ପରିବର୍ତ୍ତିତ ସମୟର ଏହି ବାସ୍ତବ ସ୍ୱରକୁ ଝଙ୍କାର ସମ୍ମାନ ଜଣାଇଛି । ଯୁଗ ରୁଚିକୁ ଆଦରି ନେଇଛି । କବିତାରେ ପରିଲକ୍ଷିତ ଏହି ପ୍ରୟୋଗବାଦୀ ଧାରାଟି ଏ କ୍ଷେତ୍ରରେ କ୍ରମଃ ପରିବର୍ତ୍ତିତ ପ୍ରକ୍ରିୟା । ଏହାର କାରଣ ସହଜରେ ପରିବର୍ତ୍ତନ ସଙ୍ଗଠିତ ହୋଇନାହିଁ । କୌଣସି ବିପ୍ଲବ ଏହି କବିତା ପରମ୍ପରାରେ ବ୍ୟଥିତ କ୍ରିୟା ମୁଣ୍ଡ ଟେକି ନାହିଁ । ଏଣୁ କେହି ସମାଲୋଚକ ମତ ଦିଅନ୍ତି ନୂତନ ପରୀକ୍ଷା ନିରୀକ୍ଷା ଓ ପ୍ରୟୋଗ

୩. ପରିଶିଷ୍ଟ ଦ୍ରଷ୍ଟବ୍ୟ

ନାମରେ ଦୁର୍ବୋଧ୍ୟ ସାହିତ୍ୟିକ ଧାରା ଓ ନିଃସଙ୍ଗ ବ୍ୟକ୍ତିମୁଖୀ ଚେତନାର ଯେଉଁ ସୂତ୍ରପାତ ହୋଇଛି ତାହାର ସୂତ୍ରଧର ହେଉଛି 'ଝଙ୍କାର' । ଏ ଧାରଣା ଅମୂଳକ ।[୪] ଏହିଠାରେ Arnold Kettle ଙ୍କ ମତକୁ ଉଦ୍ଧାର କରି ସାହିତ୍ୟରେ ପରିଦୃଷ୍ଟ ଦୁର୍ବୋଧ୍ୟତାର କାରଣ ସମ୍ପର୍କରେ କୁହାଯାଇ ପାରେ, " It is generally assumed that the great Complexity of the modern life and the sense of flux and uncertainity of the revolutionary period make writing unusually difficulty" ଅର୍ଥାତ୍ ଆଧୁନିକ ଜୀବନର ଜଟିଳତା, ଅସ୍ୱଚ୍ଛତାବୋଧ ଓ ପରିବର୍ତ୍ତନମାନ ବୈପ୍ଳବିକ କାଳର ଅବ୍ୟବସ୍ଥିତତା ରଚନାକୁ ଦୁର୍ବୋଧ୍ୟ କରି ଦେଇଛି ।·କବିତାର ଆଙ୍ଗିକରେ ପରିଲକ୍ଷିତ ପରିବର୍ତ୍ତନକୁ ଲକ୍ଷ୍ୟକରି ଝଙ୍କାରର ସଂପାଦକୀୟରେ ପ୍ରକାଶ ପାଇଥିଲା, "ପ୍ରାଚୀନ କବିମାନଙ୍କୁ ଛାଡିଦେଲେ ଆଧୁନିକ ସମସ୍ତ ପ୍ରଧାନ କବି ଉପଧା ପ୍ରତି ଦୃଷ୍ଟି ଦେଇଛନ୍ତି । ଏଣୁ ଆମପରି ସାଧାରଣ ଲେଖକଙ୍କ ପକ୍ଷରେ 'ମହାଜନୋ ଯେନ ଗତଃ ସପନ୍ଥା' ନୀତି ଅବଲମ୍ବନ କରିବା ଉଚିତ ! ଉପଧା ମିଳିଲେ କବିତା ସୁଶ୍ରାବ୍ୟ ହୁଏ ଓ ସେଥିପାଇଁ ଯେଉଁ ଯତ୍ନ ଟିକକ କରାହୁଏ - ସେଥିରେ ମଧ୍ୟ ଆନନ୍ଦ ଅଛି । ଲେଖକମାନେ ଏଥିପ୍ରତି ଦୃଷ୍ଟିଦେଲେ ଭଲ ହୁଅନ୍ତା ।[୫] ଏଥିରୁ ସ୍ପଷ୍ଟ ହୋଇଯାଏ, ପାରମ୍ପରିକ କବିତା ରଚନା ପ୍ରତି ଝଙ୍କାର ନୂତନ କବିମାନଙ୍କ ଦୃଷ୍ଟି ଆକର୍ଷଣ କରି ତା'ର ଅନୁସାରୀ ହେବାକୁ ମଧ୍ୟ ଆହ୍ୱାନ ଦେଇଥିଲା । ମାତ୍ର ପରିବର୍ତ୍ତନର ପ୍ରବାହକୁ ଲକ୍ଷ୍ୟକରି ଏହାକୁ ଯୁଗରୁଚିଭାବେ ଝଙ୍କାର ମଧ୍ୟ ଗ୍ରହଣ କରିନେଲା ଓ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କଲା । ଏଣୁ ଏହା ସ୍ୱୀକାର୍ଯ୍ୟ ଝଙ୍କାର ଓଡିଆ କବିତା କ୍ଷେତ୍ରରେ ପରିଲକ୍ଷିତ ଏହି ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନକୁ ପୃଷ୍ଠପୋଷକତା ଦେଇଛି, ଓଡ଼ିଶାର ପାଠକଙ୍କ ପାଖରେ ପହଞ୍ଚାଇ ଦେଇଛି ଏବଂ ଆଧୁନିକ ଜୀବନର ବହୁମୁଖୀ ଦିଗକୁ ଆଦରି ନେଇଥିବା ସାହିତ୍ୟିକ ବିଭାଗ ପ୍ରତି ପାଠକ/ନୂତନ ଲେଖକ ଅନୁରାଗ ଜାତ କରିବା ପାଇଁ ଜଳବାୟୁ ସୃଷ୍ଟି କରିଛି । ଆଧୁନିକ କବିତା କ୍ଷେତ୍ରରେ ପରିଲକ୍ଷିତ ଏ ପ୍ରକାର ବିବର୍ତ୍ତନ ପ୍ରଖର ଥିଲାବେଳେ ଝଙ୍କାରର ପ୍ରଥମ ଦଶନ୍ଧିରେ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଜୟକୃଷ୍ଣ ମିଶ୍ର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, କାନ୍ତକବି

---

୪. ସାମଲ, ବୈଷ୍ଣବ ଚରଣ - "XX ନୂତନ ପରୀକ୍ଷା ନିରୀକ୍ଷା ଓ ପ୍ରୟୋଗ ନାମରେ ଯେଉଁ ଦୁର୍ବୋଧ ସାହିତ୍ୟିକ ଧାରାର ସୂତ୍ରପାତ ହେଲା ଏବଂ ନିସଙ୍ଗ ବ୍ୟକ୍ତିମୁଖୀ ଚେତନାର ଯେଉଁ ଓଁକାର ସୃଷ୍ଟି ହେଉଛି ତାହାର ସୂତ୍ରଧର 'ଝଙ୍କାର'କୁ କହିଲେ ବୋଧହୁଏ ଅପଳାପ ହେବନାହିଁ ।" (ଝଙ୍କାର - ଓଡ଼ିଆ ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଅବଦାନ (୩୮/୩) ପୃ - ୨୭୩

୫. ମହତାବ, ଡଃ ହରେକୃଷ୍ଣ - ସାହିତ୍ୟର ମାର୍ଗ ଉନ୍ମୋଚନ ୧ମ ଭାଗ (ସଂପାଦକୀୟ ସଂକଳନ, ୧୯୯୪) ପୃ - ୩ ।

ଲକ୍ଷ୍ମୀକାନ୍ତ ମହାପାତ୍ର, କୁଞ୍ଜବିହାରୀ ଦାଶଙ୍କ ପ୍ରକାଶିତ କବିତାଗୁଡିକର ଆତ୍ମିକ ଓ ଆଙ୍ଗିକରେ ପରମ୍ପରା ବିଚ୍ୟୁତ ନୂତନତାର କୌଣସି ଛାପ ଦେଖିବାକୁ ମିଳେନା । ପ୍ରେମ ପ୍ରକୃତି, ଦେଶାତ୍ମବୋଧ, ରୋମାଣ୍ଟିକ ଭାବଧାରାର ସ୍ୱଚ୍ଛନ୍ଦ ପ୍ରବାହ ଏହି କବିତାରେ ସୁସ୍ପଷ୍ଟ । ଅବଶ୍ୟ କୁଞ୍ଜବିହାରୀ ଦାଶଙ୍କ ଅଳ୍ପ କେତୋଟି କବିତାରେ ବେଦନାଯୁକ୍ତ ବୈପ୍ଲବିକ ସ୍ୱର ଅନୁରଣିତ । ଠିକ୍ ସେହିପରି କବି ବିନୋଦ ନାୟକଙ୍କ କାବ୍ୟସ୍ୱର ରୋମାଣ୍ଟିକ ଭାବଧାରା, ସ୍ୱପ୍ନପ୍ରବଣତା ଓ ଆବେଗ ପ୍ରଧାନ ହୋଇ ପଡିଥିବା ଦେଖାଯାଏଁ । ଏଣୁ ଝଙ୍କାରର ପ୍ରଥମ ଦଶନ୍ଧି (୧୯୪୯-୫୯) କବିତାରେ ପରମ୍ପରା, ପ୍ରଗତିବାଦୀ ଓ ପ୍ରୟୋଗବାଦୀ ଧାରା ତିନୋଟିଙ୍କୁ ଦେଖିବାକୁ ମିଳେ । କବିତାର ଏହି ବର୍ଣ୍ଣିଳ ଦଶନ୍ଧି ଡଃ ହରେକୃଷ୍ଣ ମହତାବ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସଚ୍ଚିଦାନନ୍ଦ ରାଉତରାୟ, ଗୋପାଳ ମିଶ୍ର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଡକ୍ଟର ମାୟାଧର ମାନସିଂହ, ବିନୋଦ ନାୟକ, ରାଧାମୋହନ ଗଡନାୟକ, ବେଣୁଧର ରାଉତ, ବିଦ୍ୟୁତ୍ ପ୍ରଭା ଦେବୀ, ଉମାଶଙ୍କର ପଣ୍ଡା, ତୁଳସୀ ଦାସ, ଜ୍ଞାନୀନ୍ଦ୍ର ବର୍ମା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୁରୁ ପ୍ରସାଦ ମହାନ୍ତି, କାଳନ୍ଦୀ ଚରଣ ପାଣିଗ୍ରାହୀ, ଦୁର୍ଗା ଚରଣ ସାମନ୍ତ, ରମାକାନ୍ତ ରଥ, କୁଂଜବିହାରୀ ଦାଶ, ଜଗନ୍ନାଥ ପ୍ରସାଦ ଦାସ, କୃଷ୍ଣ ଚରଣ ବେହେରା, ବାଇଧର ମହାନନ୍ଦିଆ, ପ୍ରାଣକୃଷ୍ଣ ସାମଲ, ଚିନ୍ତାମଣି ବେହେରା, ଭାନୁଜୀ ରାଓ, ଜାନକୀ ବଲ୍ଲଭ ମହାନ୍ତି, ବ୍ରହ୍ମୋତ୍ରୀ ମହାନ୍ତି, ଦୁର୍ଗାଚରଣ ପରିଡା, ସତ୍ୟାନନ୍ଦ ଚଂପତି ରାୟ ଆଦିଙ୍କ ଦ୍ୱାରା ସମୃଦ୍ଧ । ଏହି କବି/କବୟତ୍ରୀ ମାନଙ୍କ ମଧ୍ୟରୁ ବିନୋଦ ନାୟକ, ଜ୍ଞାନୀନ୍ଦ୍ର ବର୍ମା, ବେଣୁଧର ରାଉତ, ଦୁର୍ଗାଚରଣ ସାମନ୍ତ, ଦୁର୍ଗାଚରଣ ପରିଡା, ବିନୋଦ ରାଉତରାୟ, ସତ୍ୟାନନ୍ଦ ଚମ୍ପତିରାୟ, ଗୁରୁପ୍ରସାଦ ମହାନ୍ତି ନିଜ କାବ୍ୟ ରଚନାର ଉତ୍କର୍ଷ ଝଙ୍କାର ମାଧ୍ୟମରେ ପ୍ରତିପାଦନ କରିଥିବା ବେଳେ ରମାକାନ୍ତ ରଥ, ଭାନୁଜୀ ରାଓ, ବ୍ରହ୍ମୋତ୍ରୀ ମହାନ୍ତି, ଉମାଶଙ୍କର ପଣ୍ଡା, ତୁଳସୀ ଦାସଙ୍କ ସ୍ରଷ୍ଟା ଜୀବନର ପ୍ରଥମ ପର୍ବ ଏହି ପତ୍ରିକାରୁ ଆରମ୍ଭ ହେଲା । ଏଣୁ ପ୍ରାକ୍ ଷାଠିଏ ଦଶକରେ ଏବଂ ନିଜ ପ୍ରକାଶନର ପ୍ରଥମ ଦଶନ୍ଧିରେ ପ୍ରଥମ ନୂତନ କବିମଣ୍ଡଳୀ ସୃଷ୍ଟି କରିବାରେ 'ଝଙ୍କାର' ସକ୍ଷମ ହୋଇଥିଲା ।

୧୯୪୯-୫୮ ରେ ପ୍ରକାଶିତ ଝଙ୍କାରରେ ନଳିନୀପ୍ରଭା ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ହରେକୃଷ୍ଣ ମହତାବ, ଶ୍ୟାମ ସୁନ୍ଦର ମିଶ୍ର, ନଗେନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ମହାଲିକ ଆଦି ଅନୁବାଦକଙ୍କ ଦ୍ୱାରା ଟି. ଏସ୍. ଇଲିଅଟ୍, କାଜି ନଜରୁଲ୍ ଇସଲାମ୍,ଭର୍ତ୍ତୃହରି, ରବୀନ୍ଦ୍ରନାଥ, ଏଜରା ପାଉଣ୍ଡ, ଇକ୍‌ବଲ ଆଦିଙ୍କ କବିତାର ଓଡିଆ ରୂପାନ୍ତର ପ୍ରକାଶ ପାଇଛି । ଏହା ଦ୍ୱାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ କାବ୍ୟ କବିତା ସହ ଓଡ଼ିଆ ପାଠକମାନଙ୍କୁ ଅବଗତ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଛି । ଏତଦ୍‌ଭିନ୍ନ ଶ୍ରୀ ବି.ପି., ଉପଗୁପ୍ତ,

ଭଗ୍ନକବି, ଶ୍ରୀ ସୁଧୀନ୍ଦ୍ର, ଉତ୍କଳ ପୁତ୍ର, ଶିଖା ଛଦ୍ମନାମ୍ନୀ ଲେଖକଙ୍କର ରଚନା ପ୍ରକାଶିତ ହୋଇଛି । ଉପଗୁପ୍ତ ଛଦ୍ମନାମରେ ରାଧାମୋହନ ଗଡନାୟକଙ୍କ ଦ୍ୱାରା ରଚିତ 'ଶଙ୍କିତା' (୪/୬) ଓ ପ୍ରକୃତ ନାମରେ ରଚିତ 'ଧୂମକେତୁ ମୁହିଁ ଆଜି' (୧/୧୧) ଓ 'ପାନପାତ୍ର ମୋର' (୪/୧) ଝଙ୍କାରରେ ପ୍ରକାଶ ପାଇ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ନୂତନ ଚିନ୍ତାଧାରା, ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଉତ୍କୃଷ୍ଟ କବିତାକୁ ପୃଷ୍ଠପୋଷକତା କରି ଝଙ୍କାରକୁ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡ଼ିଛି । 'ଶଙ୍କିତା' ଓ ଧୂମକେତୁ ମୁହିଁ ଆଜି' ଏହାର ଜ୍ୱଳନ୍ତ ଉଦାହରଣ । ଏ ସଂପର୍କରେ ଗଡନାୟକ କହନ୍ତି, 'ଝଙ୍କାର' ପତ୍ରିକାରେ 'ଶଙ୍କିତା' ଯାହା ମୁଁ ଉପଗୁପ୍ତ ଛଦ୍ମନାମରେ ଲେଖିଥିଲି; ସେହି କବିତାରେ 'ସ୍ତନ ଉତରୀ ଖୋଲିଦିଅ ପ୍ରିୟା, ଦିଅ ଖୋଲି...' ପ୍ରଭୃତି କେତୋଟି ପଦକୁ ଅଶ୍ଳୀଳ ବୋଲି ଅଭିଯୋଗ କରି ମାତୃଭୂମିର ତତ୍କାଳୀନ ସାମ୍ବାଦିକ କବି ଭଗବାନ ପତି ଝଙ୍କାରର ତତ୍କାଳୀନ ମୁଖ୍ୟ ସଂପାଦକ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମରେ ମକଦ୍ଦମା କରିଥିଲେ । ସେତେବେଳେ କଟକର ଏସ୍.ଡି.ଏମ୍. ଶ୍ରୀ କିଶୋର ଦାସଙ୍କ କୋର୍ଟରେ ଏହି ମକଦ୍ଦମା ବହୁଦିନ ଯାଏ ଚାଲିଥିଲା । xxx'ସିଗାରେଟ୍' ସଂପର୍କରେ ଗୋଟିଏ କବିତା 'ଧୂମକେତୁ ମୁହିଁ ଆଜି' ମଧ୍ୟ ଝଙ୍କାରରେ ପ୍ରକାଶିତ ହେବାପରେ ଡଃ ମହତାବଙ୍କ ବିରୁଦ୍ଧରେ କେସ୍ ହୋଇଥିଲା ।[୬] ଏହି ମକଦ୍ଦମାରେ ଝଙ୍କାରକୁ ନ୍ୟାୟ ମିଳିଛି । ଏହି ସମସ୍ୟାର ସମ୍ମୁଖୀନ ହେବାହିଁ ତାକୁ ମୁଣ୍ଡ ଟେକି ଠିଆ ହେବାର ସହାୟତା ଯୋଗାଇଛି । ପ୍ରତ୍ୟୟ ସୃଷ୍ଟି କରିଛି, ନୂଆନୂଆ ଆଭିମୁଖ୍ୟ ଗ୍ରହଣ କରି ରଚିତ କବିତାକୁ ପ୍ରୋତ୍ସାହନ ଦେବା ପାଇଁ । କବିତା କ୍ଷେତ୍ରରେ ସୃଷ୍ଟ ସଚେତନତାର ସ୍ମାରକୀ 'ଝଙ୍କାର' ବହନ କରିଛି । ଡଃ କୁଂଜ ବିହାରୀ ଦାଶଙ୍କ କବିତା 'ବନ୍ଦନା ଲାଗି ଜଳୁଛି ଦିପାଳୀ' (୧୦/୧୧) କବିତା ପ୍ରତ୍ୟୁତ୍ତରରେ ରାଧାମୋହନ ଗଡନାୟକଙ୍କ ''ବନ୍ଦନା ଲାଗି ଜଳୁଛି ଦିପାଳୀ କାହିଁ ?'' (୯/୧୨) ଝଙ୍କାରରେ କବିତା ପ୍ରକାଶ ପାଇଛି । ଏହା କାବ୍ୟସ୍ରଷ୍ଟାଙ୍କ ସଚେତନତା ଏବଂ ଏ ସଚେତନତା ପାଇଁ ଝଙ୍କାରର ପ୍ରୋତ୍ସାହନକୁ ନିର୍ଦ୍ଦିଷ୍ଟ କରେ । ପ୍ରଥମ ଦଶନ୍ଧିର (୧୯୪୯-୧୯୫୮) ଝଙ୍କାରରେ '୧୫ ଅଗଷ୍ଟ' (୧/୫) 'ଧୂମକେତୁ ମୁହିଁ ଆଜି' (୧/୧୧), 'ସୁନାସିଂହର ସ୍ୱପ୍ନ' (୧/୧୧) 'ସରୀସୃପ' (୨/୧), 'ଆସିଚି ମୁଁ ଆସିଚି', 'ଝରା ପତ୍ର' (୩/୪), 'ଯତନ ନଗର' (୩/୧୧) 'ବାଉଲ ନଦୀର ତୀରେ' (୩/୭), 'ଛାୟା ପଥର ଯାତ୍ରୀ' (୩/୧୨), 'ପାନ ପାତ୍ର ମୋର' (୪/୨), 'ଗୋବର ଗଣେଶ' (୪/୨), 'ଶଙ୍କିତା' (୪/୬) 'ମାଟି ଓ ଲାଠି' (୫/୩, ୫/୪, ୫/୫, ୫/୮, ୫/୯),' ଗ୍ରାମପଥ' (୫/୫), 'ଅଳକା

୬. ସାକ୍ଷାତକାର, ପ୍ରଜାତନ୍ତ୍ର ବିଷୁବ ମିଳନ ବିଶେଷାଙ୍କ (୧୯୮୮)- ୧୨ ଏପ୍ରିଲ,୮୮-ପୃ-୯

ନିଃସଙ୍ଗ, ବ୍ୟକ୍ତିଗତ ସ୍ମୃତି, ଅନ୍ୱେଷା, ନୈରାଶ୍ୟ, ଏକାନ୍ତ ବ୍ୟକ୍ତିଗତ ଅନ୍ତରୀଣ ମୁହୂର୍ତ୍ତର ବିଖଣ୍ଡତାର ମୁଖପାତ୍ର ସାଜିଛି । ମାତ୍ର ପ୍ରଗତିବାଦୀ କାବ୍ୟସ୍ୱର ନୈରାଶ୍ୟ, ବିଷମ ସାମାଜିକ ବ୍ୟବସ୍ଥା, ହୀନମନ୍ୟତା, ଶୋଷଣ ଓ କଷଣକୁ ଦୂରେଇ ତାର ଏକ ନୂତନ ଅଭିନବ ସମାଜ ଗଠନର ଆଶା ଆକାଙ୍‌କ୍ଷାକୁ ନେଇ ପ୍ରକାଶ ପାଇଆସିଛି । ଭିନ ଭିନ ସମୟରେ ବ୍ରଜନାଥ ରଥ, ରବି ସିଂ, ରଘୁନାଥ ଦାସ ଆଦି ଏହି ସ୍ୱର ଉଠାଇ ଓଡିଆ କବିତାକୁ ଓଜଃସ୍ୱିନୀ କରିଛନ୍ତି । ଆଧୁନିକ ଓଡ଼ିଆ କବିତାର ଏ ଯେଉଁ ଗତିଧାରା ଝଙ୍କାର ପୃଷ୍ଠାରେ ଯଥାଯଥ ଭାବେ ପ୍ରତିବିମ୍ବିତ । ଏହା କ୍ରମାଗତ ଭାବେ ପ୍ରାୟ ଦୀର୍ଘ ୫୦ ବର୍ଷ ଧରି ଉଚ୍ଚମାନର ଓଡ଼ିଆ କବିତାକୁ ସ୍ଥାନ ଦେଇ ଆସିଛି । ଏହା ପାଠକକୁ ମୁଗ୍ଧ କରୁ ନାହିଁ କିମ୍ବା ସାମାଜିକ ସମସ୍ୟାକୁ ସମ୍ମୁଖୀନ ହୋଇ ନିରାକରଣ ପାଇଁ ଚିନ୍ତା ପ୍ରସୂତ ଅଭିବ୍ୟକ୍ତିକୁ ଜ୍ଞାପନ କରୁନାହିଁ । ୧୯୭୫ ପୂର୍ବରୁ ସାମାଜିକ ଅଙ୍ଗୀକାର, ନୂତନ ଭାବଧାରାକୁ ନେଇ ବହୁ ସ୍ରଷ୍ଟା ଯଥା- ଶ୍ରୀ ବି.ପି.,ଉପଗୁପ୍ତ, ଭଗ୍ନକବି, ସୁଧୀନ୍ଦ୍ର, ଉତ୍କଳପୁତ୍ର, ଶିଖଣ୍ଡି, ଅଧ୍ୟାପକଶ୍ରୀ, ଆଧ୍ୟାପକ ଶେଖର, ଶ୍ରୀ ବାମାଚାରୀ, ଶ୍ରୀ ଚନ୍ଦ୍ରହାସ୍ୟ ଆଦି ଛଦ୍ମନାମରେ କବିତାମାନ ପ୍ରକାଶ ପାଉଥିଲା । ଏଣୁ ଏହା ସ୍ପଷ୍ଟ ଯେ ଏକାଳରେ ଶସ୍ତା ଯଶ ଅର୍ଜନ କରିବା ସ୍ରଷ୍ଟାମାନଙ୍କର ଆଦୌ ଉଦ୍ଦେଶ୍ୟ ନଥିଲା । କବିତାରେ ସାମାଜିକ ଚେତନାର ନୂତନଧାରାର ସୃଷ୍ଟି ଥିଲା ଏହାର ମୁଖ୍ୟଲକ୍ଷ୍ୟ । ପରବର୍ତ୍ତୀ କାଳରେ ଏହା ବିଡମ୍ବିତ ହୋଇଛି । ଯାହା କିଛି ଦୁଇଧାଡି ଲେଖି ତହିଁରେ କବିତାର ମୋହର ମାରି ତା'ର ସ୍ରଷ୍ଟା ବୋଲି ଅହଙ୍କାର କରିବାର ପ୍ରବଣତା ସୃଷ୍ଟି ହୋଇଛି, ତେବେ ଯାହା ହେଉ ଏହା ହେଉଛି ଏ ଯୁଗର ରୁଚି ।

'ସ୍ୱାଧୀନ ଦେଶର ଜନ୍ମଦିନେ' (୨/୫) ଓ 'ଅଯୋଧ୍ୟାର ରାଜା' (୪୬/୭) ଶୀର୍ଷକ କବିତା ଦ୍ୱୟ ଓଡ଼ିଆ କବିତାର ସୁନାମଧନ୍ୟ ସ୍ରଷ୍ଟା ସଚ୍ଚିଦାନନ୍ଦ ରାଉତରାୟଙ୍କ ଦ୍ୱାରା ରଚିତ । ପ୍ରଥମଟି ଝଙ୍କାରର ଆଦି ପର୍ବର ହୋଇଥିବା ବେଳେ ଦ୍ୱିତୀୟଟି ପଞ୍ଚମ ଦଶନ୍ଧିର ଦ୍ୱିତୀୟାର୍ଦ୍ଧରେ ରଚିତ । କବିତାଦ୍ୱୟର ନାମକରଣର ବୈଷମ୍ୟକୁ ଆଲୋଚନାର ପରିସରକୁ ନେଲେ ଏହା ନିଶ୍ଚିତ ଯେ ପ୍ରଥମଟି ବ୍ୟାପକ ଭାବେ ମୁକ୍ତିର କଥା କହୁଥିବା ବେଳେ ଦ୍ୱିତୀୟଟି ପରାଧୀନତାର, ସଂକୀର୍ଣ୍ଣତା ଭାବକୁ ଉଦ୍ରେକ କରେ । ପ୍ରଥମ କବିତା ସ୍ୱାଧୀନଦେଶ ଭାରତ ବର୍ଷର କଥା କହୁଥିବା ବେଳେ ଦ୍ୱିତୀୟ କବିତାରେ ଅଯୋଧ୍ୟା ହିଁ ଭାରତ ବର୍ଷ । ଏ ଭାରତ ବର୍ଷ ସ୍ୱାଧୀନ ନୁହେଁ କାରଣ ଏହା ଶୋଷଣକାରୀ ରାଜାର ରାଜ୍ୟ । ପ୍ରଥମ କବିତାଟି ସ୍ୱାଧୀନତାରେ ଆସ୍ଥା ପ୍ରକଟିତ କଲାବେଳେ ଦ୍ୱିତୀୟଟିରେ ସ୍ୱାଧୀନତା ସୁଦୂର ପରାହତ, ଗଣତନ୍ତ୍ର ବିଡମ୍ବିତ । ପ୍ରଥମ କବିତାରେ 'ଆଦେଶ ଦିଏ ମୁଁ ଆଦେଶ ଦିଏ ମୁଁ' [୭], ର ତୂର୍ଯ୍ୟନାଦ

୭. ରାଉତରାୟ, ସଚ୍ଚିଦାନନ୍ଦ-ସ୍ୱାଧୀନ ଦେଶର ଜନ୍ମଦିନ, ଝଙ୍କାର ୨ୟ ବର୍ଷ, ୫ମ ସଂଖ୍ୟା, ପୃ - ୩୮୩.

ଶୁଭୁଥିଲା ବେଳେ ଦ୍ୱିତୀୟଟିରେ ନିଃସହାୟ, କର୍ତ୍ତୃତ୍ୱହୀନ, କାପୁରୁଷତ୍ୱ କହି ଉଠୁଛି, ''ମୁଁ ବନବାସୀ, ନିଃସ୍ୱ ଯାଯାବର xxx ମୋତେ ଛାଡ଼ି ମୋ ପାଦ କଠାଉ ବନି ଯାଏ ଅଯୋଧ୍ୟାର ରାଜା''[୮] । ପ୍ରଥମେ ମୁନାଫାଭୁକ୍ ବଣିକ ସଭ୍ୟତାକୁ ଦଳି ଚୂରି ପ୍ରଗତିର ଶିବିରରେ ଶୁଭଦିନର ସ୍ୱାକ୍ଷର କରିଥିବା କାବ୍ୟ ପୁରୁଷର ଆଖିରେ ହୋଇ ଯାଇଛି ''ସବୁ କିଛି ଓଲଟ ପାଲଟ/ ବିସ୍ମୃତି ଅକ୍ଷତ/ ସିଂହାସନ ଦିଶୁଚି ଶ୍ରୀହୀନ''[୯] । ନାମକରଣରୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟର ସୂକ୍ଷ୍ମ ବିଚାରବୋଧ ସୂଚୀତ । 'ସ୍ୱାଧୀନ ଦେଶର ଜନ୍ମଦିନ'ଠାରୁ 'ଅଯୋଧ୍ୟାର ରାଜା' ଯେପରି ପ୍ରତୀକାତ୍ମକ ସେପରି କଳାତ୍ମକ । ପ୍ରଥମଟିରେ ସ୍ୱାଧୀନତା ପରବର୍ତ୍ତୀ କାଳିର ସ୍ୱପ୍ନିଳ ଗଣତନ୍ତ୍ର ଆଜି ଶୋଷଣ କଷଣ ପୀଡ଼ିତ । ଠିକ୍ ସେହିପରି ଅନ୍ୟତମ ଯଶସ୍ୱୀ କବି ରମାକାନ୍ତ ରଥଙ୍କ 'ଯୀଶୁଖ୍ରୀଷ୍ଟ' (୧୫/୧୨) ଓ 'ଶ୍ରୀପଳାତକ' (୪୬/୭) କବିତା ଦ୍ୱୟରେ ପ୍ରଥମଟିରେ କାବ୍ୟ ପୁରୁଷ ସମାଜର ଅବକ୍ଷୟତାକୁ ସାମ୍ନା କରୁଛି । ଜାତୀୟ ଉନ୍ମାଦନା ଓ ଶ୍ରେଣୀହୀନ ସମାଜ ଗଠନର ଉଦ୍ଦାମ ଆହ୍ୱାନ ପରବର୍ତ୍ତୀ ପର୍ଯ୍ୟାୟରେ ସତ୍ତା ହରାଇଛି । 'ବନ୍ଦନା ଲାଗି ଜଳୁଛି ଦିପାଳୀ' (୯/୧୧)[୧୦]ର ପ୍ରତିବାଦର ସ୍ୱର ଉଠିଛି 'ବନ୍ଦନା ଲାଗି ଜଳୁଛି ଦିପାଳୀ କାହିଁ ?' (୯/୧୨)[୧୧]ରେ । ରୋମାଣ୍ଟିକ୍ ଓ ମିଷ୍ଟିକ୍ ଚେତନା ସହ ସମତାଳ ଦେଇଛି ଧୂସର ବାସ୍ତବତା । ଏହି ବାସ୍ତବତା ସମାଜବାଦୀ ଚିନ୍ତାଧାରାର ମୁକ୍ତ ଅଙ୍ଗନରୁ ବ୍ୟକ୍ତିବାଦୀ ଚେତନାର ସରହଦ ଭିତରେ ଅସହାୟ ହୋଇ ପଡ଼ିଛି - ଏଥିରୁ ଏହା ସୁସ୍ପଷ୍ଟ । ଅବକ୍ଷୟୀ ମୂଲ୍ୟବୋଧର ସ୍ପଷ୍ଟ ପ୍ରତିଧ୍ୱନି ସର୍ବତ୍ର ଗୁଂଜରିତ । ଏହି ଅବକ୍ଷୟୀ ମୂଲ୍ୟବୋଧ ଯୋଗୁ କାବ୍ୟ ପୁରୁଷ ପଳାତକ ସାଜିଛି । ସମୟ ଓ ସମସ୍ୟାକୁ ସମ୍ମୁଖୀନ ହେବାର ଆସ୍ପର୍ଦ୍ଧା ହରାଇ ବସିଛି । ଏଣୁ ଦୀର୍ଘ ପଚାଶ ବର୍ଷର ଆଧୁନିକ କବିତାରେ କାବ୍ୟ ପୁରୁଷର ତିନୋଟି ରୂପ ସ୍ପଷ୍ଟ ଆଙ୍କି ହୋଇଯାଏ । ପ୍ରଥମ ପର୍ଯ୍ୟାୟରେ ସ୍ରଷ୍ଟା ତାର ସୃଷ୍ଟିରେ ଆଙ୍କିଛି ବହୁ ଆଶା, ଆଶ୍ୱାସନା, ଆକାଙ୍‌କ୍ଷାର ଚିତ୍ର । ଏକ ସମୃଦ୍ଧଶାଳୀ ସଂସ୍କୃତି ସଂପନ୍ନ ସଭ୍ୟତାର ସଂଭାବ୍ୟରୂପ ତାର କାନ୍‌ଭାସରେ ରୂପାୟିତ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ସ୍ରଷ୍ଟା ସାମ୍ନାରେ ଅବକ୍ଷୟୀ ସମାଜର ରୂପ, ବହୁବିଧ ସମସ୍ୟାରେ ଆକ୍ରାମାକ୍ତା ମଣିଷର ଛବି । ସେହି ଛବି, ସେହି ସମସ୍ୟା ଜର୍ଜରିତ ମଣିଷର ଯନ୍ତ୍ରଣାସିକ୍ତ ସ୍ୱର ଏହି ପର୍ଯ୍ୟାୟରେ ସ୍ପଷ୍ଟ ରୂପେ ସୃଷ୍ଟି ମାନସରେ ରୂପାୟିତ । ଏହି ସମସ୍ୟାର ମୁକାବିଲା କରିବାର ଆହ୍ୱାନ

---

୮. ରାଉତରାୟ, ସଚ୍ଚିଦାନନ୍ଦ - ଅଯୋଧ୍ୟାର ରାଜା - ଝଙ୍କାର, ୪୬ଶ ବର୍ଷ, ୭ମ ସଂଖ୍ୟା, ପୃ - ୭୯୫.

୯. ରାଉତରାୟ, ସଚ୍ଚିଦାନନ୍ଦ-ଅଯୋଧ୍ୟାର ରାଜା,ଝଙ୍କାର ୪୬ ଶ ବର୍ଷ, ୭ମ ସଂଖ୍ୟା,ପୃ-୭୯୫.

୧୦. ଦାଶ, ଡଃ କୁଞ୍ଜବିହାରୀ-ଝଙ୍କାର ୯ମ ବର୍ଷ, ୧୧ଶ ସଂଖ୍ୟା, ପୃ-୧୦୩୧.

୧୧. ଗଡ଼ନାୟକ, ରାଧାମୋହନ- ଝଙ୍କାର ୯ମ ବର୍ଷ, ୧୨ ଶ ସଂଖ୍ୟା, ପୃ-୧୧୧୮.

ମଧ୍ୟ ଅଛି ବ୍ୟକ୍ତି କଣ୍ଠରେ । ମାତ୍ର ତୃତୀୟ ପର୍ଯ୍ୟାୟରେ ସମସ୍ୟା ବହୁଳ ସମାଜରେ କବିଟି ନିଜକଥା କହୁଛି । ସମାଜ ପ୍ରତି ସେ ବିମୁଖ । ପତିଆରା ଶୂନ୍ୟ ପୁରୁଷଟି ସିଏ । କ୍ଲୀବତ୍ୱର ଶିକାର ହୋଇ ସେହି ସମସ୍ୟାକୁ ସେ ଦୃଢ଼ମନା ହୋଇ ଚାହିଁ ପାରୁନାହିଁ ।

ଉତ୍କଳ ସାହିତ୍ୟ (୧୮୯୩) ରାଧାନାଥ ରାୟଙ୍କ ଠାରୁ ରାଧାମୋହନ ଗଡ଼ନାୟକଙ୍କ ଯାଏଁ ତିନୋଟି ପୀଢ଼ିର କବିଙ୍କୁ ପୃଷ୍ଠପୋଷକତା ଦେଇଥିବା ବେଳେ, ଝଙ୍କାର ଚାରୋଟି ପିଢ଼ିର ପୃଷ୍ଠପୋଷକତା କରିଛି । ଡଃ ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ହରିଶ୍ଚନ୍ଦ୍ର ବଡ଼ାଳ, ସଚ୍ଚିଦାନନ୍ଦ ରାଉତରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈଷ୍ଣବ ଚରଣ ପଟ୍ଟନାୟକ ଆଦି କବିଙ୍କ ସହ ଅନନ୍ତ ପଟ୍ଟନାୟକ, ବ୍ରଜନାଥ ରଥ, ମନମୋହନ ମିଶ୍ର ଆଦି ପ୍ରଗତିବାଦୀ କବିମାନେ ହେଉଛନ୍ତି ଝଙ୍କାରର ପ୍ରଥମ ପୀଢ଼ିର । ବିନୋଦ ନାୟକ, ବେଣୁଧର ରାଉତ, ଗୁରୁ ପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଆଦି କବିଙ୍କୁ ଦ୍ୱିତୀୟ ପୀଢ଼ିରେ ଗ୍ରହଣ କରାଯାଇପାରେ । ତୃତୀୟ ପୀଢ଼ିର ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମୋତ୍ରୀ ମହାନ୍ତି, ସୌଭାଗ୍ୟ ମିଶ୍ର, ଦୀପକ ମିଶ୍ର, ବିଭୁଦତ୍ତ ମିଶ୍ର, ହରପ୍ରାସଦ ଦାସ, ଶରତ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ପତି, ପ୍ରମୋଦ ମହାନ୍ତି, ରାଜେନ୍ଦ୍ର କିଶୋର ପଣ୍ଡା ଆଦିଙ୍କୁ ଗ୍ରହଣ କରାଯାଉଥିବା ସ୍ଥଳେ ଚତୁର୍ଥ ପିଢ଼ିରେ ସୁରେଶ ପରିଡ଼ା, ମନୋରଞ୍ଜନ ମହାନ୍ତି, ଖଗେଶ୍ୱର ମହତାବ, ଭଗବାନ ଜୟସିଂ, ହୃଷିକେଶ ମଲ୍ଲିକ, ଗିରିଜା ବଳିୟାରସିଂହ, ଏବଂ ଏହି ପୀଢ଼ିର ଦ୍ୱିତୀୟ ପର୍ଯ୍ୟାୟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ହୃଦାନନ୍ଦ ପାଣିଗ୍ରାହୀ, ସୌଭାଗ୍ୟବନ୍ତ ମହାରଣା, ସୁନୀଲ ପୃଷ୍ଟି, ଶ୍ରୀହରି ଧଳ ଆଦି ଅନ୍ତର୍ଭୁକ୍ତ । ଏଣୁ ପ୍ରଥମ ପୀଢ଼ିକୁ ବାଦ୍‌ଦେଲେ ତିନୋଟି ପୀଢ଼ିକୁ ସୃଷ୍ଟି କରିବା କ୍ଷେତ୍ରରେ ଝଙ୍କାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍ତର ନବେର କବିତା କ୍ଷେତ୍ରରେ ବହୁ ପ୍ରତିଭାଧର ସ୍ରଷ୍ଟା ଲେଖନୀ ଚାଳନା କରିଥିବା ଦେଖିବାକୁ ମିଳେ । ନିର୍ଦ୍ଦିଷ୍ଟ ପ୍ରତିଭାକୁ ପୃଷ୍ଠପୋଷକତା ଦେଇ ତାକୁ ତାର ଲକ୍ଷ୍ୟଆଡ଼କୁ ଆଗେଇ ନେବା କ୍ଷେତ୍ରରେ ସମସ୍ୟାମାନ ଉପୁଜୁଛି । କବିତା କ୍ଷେତ୍ରରେ ନିର୍ଭରଯୋଗ୍ୟ ସ୍ରଷ୍ଟାକୁ ଆବିଷ୍କାର କରିବା କଷ୍ଟକର ବ୍ୟାପାର ହୋଇ ପଡ଼ିଛି । ଏହି ସମସ୍ୟା ମଧ୍ୟ ଝଙ୍କାର ଉତ୍ତର ଚାଳିଶ ବର୍ଷରେ ସୁସ୍ପଷ୍ଟ । ଏହି ପତ୍ରିକାର ଶେଷ ଦଶନ୍ଧିରେ ସଂଖ୍ୟାଧିକ ନୂତନ ସ୍ରଷ୍ଟା ଆବିର୍ଭାବ ଘଟିଥିଲେ ହେଁ ଏକାନ୍ତ ନିର୍ଭରଯୋଗ୍ୟ କବିଟିକୁ ଚିହ୍ନିବା ବା ଚିହ୍ନେଇବା ଆୟାସସାଧ ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ଦିଗରେ ସାହିତ୍ୟ ପତ୍ରିକା ଅଧିକ ସଚେତନ, ଦୂରଦୃଷ୍ଟି ସଂପନ୍ନ ହୋଇ ଦାୟିତ୍ୱ ତୁଲାଇବା ଅପରିହାର୍ଯ୍ୟ ବୋଲି ମନେ ହୁଏ । ପ୍ରତିଭା ସଂପନ୍ନ କବିକୁ ଚିହ୍ନିବାକୁ ଉପଯୁକ୍ତ ପୃଷ୍ଠପୋଷକ ଦେଇ ଏହି ବେଗବାନ ସ୍ରୋତରେ ସାମିଲ କରିବା ମୂଳଲକ୍ଷ୍ୟ ହେବା ଉଚିତ୍ । ଏ କ୍ଷେତ୍ରରେ 'ଝଙ୍କାର' ଯଥାସମ୍ଭବ ନିଜ ଭୂମିକା ତୁଲାଇ ଚାଲିଛି ।

ଆଧୁନିକତା ପ୍ରତି ପ୍ରୋତ୍ସାହନ

୧୯୪୯ ରୁ ୧୯୯୮ ଯାଏ ପ୍ରାୟ ପଚାଶ ବର୍ଷ ଧରି ଝଙ୍କାର ଆଧୁନିକ କବିତାକୁ ଦେଇଥିବା ପ୍ରୋତ୍ସାହନ ବେଶ୍ ଉଲ୍ଲେଖଯୋଗ୍ୟ । ଝଙ୍କାରରେ କବିତାର କ୍ରମପ୍ରଗତି ଏହି ପ୍ରୋତ୍ସାହନର ସର୍ବଶ୍ରେଷ୍ଠ ନିଦର୍ଶନ । ଏହି ପତ୍ରିକାର ପ୍ରଥମ ଦଶନ୍ଧିରେ ୬୮୫ଟି, ଦ୍ୱିତୀୟ ଦଶନ୍ଧିରେ ୭୨୯ଟି, ତୃତୀୟ ଦଶନ୍ଧିରେ ୧୩୧୮ଟି, ଚତୁର୍ଥ ଦଶନ୍ଧିରେ ୧୬୮୪ଟି ଓ ଶେଷ ଦଶନ୍ଧିରେ ସଂଖ୍ୟାଧିକ କବିତା ପ୍ରକାଶ ପାଇଛି । ଏହି କବିତା ସମସ୍ତ ରଚନାର ଯଥାକ୍ରମେ ୨୯.୦୮୫, ୩୬.୯୬୭, ୪୫.୯୦୭, ୫୧.୯୫୯ ଓ ୫୫ ରୁ ଉର୍ଦ୍ଧ୍ୱ ପ୍ରତିଶତ ଅଟେ ।ଏହି କବିତା ମଧ୍ୟରୁ କୌଣସିଟି ନିର୍ଦ୍ଦିଷ୍ଟ ଭାବଧାରାର ପ୍ରତିନିଧିତ୍ୱ କରି ନାହିଁ । ପାରମ୍ପରିକ ଧାରାରେ କବିତା ରଚନା କରୁଥିବା ଡଃ ମାୟାଧର ମାନସିଂହ, କୁଞ୍ଜବିହାରୀ ଦାଶ,ରାଧାମୋହନ ଗଡନାୟକ, ପ୍ରଗତିବାଦୀ, କବି ମନମୋହନ ମିଶ୍ର, ରବୀନ୍ଦ୍ରନାଥ ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ (ଜଟାୟୁ) ଓ ପ୍ରୟୋଗବାଦୀ କାବ୍ୟ ପୁରୁଷ ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ରଥ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ବେଣୁଧର ରାଉତ ଆଦି ସବୁ ଭାବଧାରାର କବି/କବୟତ୍ରୀଙ୍କୁ ସମାନ ମର୍ଯ୍ୟାଦା ପ୍ରଦାନ କରି ଆସିଛି । ଝଙ୍କାର ପାରମ୍ପରିକ ଧାରା, ପ୍ରଗତିବାଦୀ ଧାରା ଓ ପ୍ରୟୋଗବାଦୀ ଧାରାକୁ ଯଥାର୍ଥ ଭାବେ ପ୍ରୋତ୍ସାହନ ଦେଇ ତ୍ରିବେଣୀ ସଂଗମ ସୃଷ୍ଟି କରିଛି । ଏହା ଝଙ୍କାରର ଗଣତାନ୍ତ୍ରିକ ତାର ଅନ୍ୟତମ ଜ୍ୱଳନ୍ତ ଉଦାହରଣ । କବିତା ପ୍ରତି ପାଠକଙ୍କ ସମ୍ମୋହନ କ୍ରମେ ଶିଥିଳ ହୋଇ ପଡ଼ିଥିଲେ କବିତା ରଚନା ପ୍ରତି ସ୍ରଷ୍ଟାର ଉଦ୍‌ବେଳନ ପତ୍ରପତ୍ରିକାର ପ୍ରୋତ୍ସାହନରେ ଅଧିକରୁ ଅଧିକ ସୃଷ୍ଟିମୁଖର ହୋଇ ଉଠିଛି । ବିଭିନ୍ନ ପର୍ଯ୍ୟାୟରେ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଯେଉଁ ବିବର୍ତ୍ତନର ସୂତ୍ରପାତ ହୋଇଛି ତାକୁ ବାଧା ନ ଦେଇ ଝଙ୍କାର ସମର୍ଥନ ଦେଇଛି । ଝଙ୍କାରର ଏହି ପ୍ରୋତ୍ସାହନ ବହୁ କବି/କବୟତ୍ରୀଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟକୁ ନେଇ ଜାତୀୟ ସ୍ତରର ସମ୍ମାନ ଦେଇଛି । ସ୍ୱାଧୀନତା ପରଠାରୁ ଆଜିଯାଏ ନିରବଚ୍ଛିନ୍ନ ଭାବରେ ଚାରିଗୋଟି ପିଢ଼ିର କବି ପ୍ରତିଭାକୁ ପୃଷ୍ଠପୋଷକତା ଯୋଗାଇ ଝଙ୍କାର ଆଧୁନିକ ଓଡ଼ିଆ କବିତାକୁ ସମୃଦ୍ଧ କରିବାରେ ଉଲ୍ଲେଖନୀୟ ଭୂମିକା ନେଇଛି । ଏହି ଭୂମିକାର ଅନ୍ୟ ସର୍ଜନାତ୍ମକ ବିଭାଗ ଅପେକ୍ଷା କବିତାର ପ୍ରାଧାନ୍ୟ ସ୍ୱୀକାର କରାଯାଇଛି ।

ଅନୁବାଦ କବିତା ପ୍ରତି ଝଙ୍କାର ମଧ୍ୟ ପ୍ରୋତ୍ସାହନ ଦେଇଆସିଥିଲେ ମଧ୍ୟ ଏଯାବତ୍ ପ୍ରାୟ ଏକଶତ ଅନୂଦିତ କବିତା ଝଙ୍କାରରେ ସ୍ଥାନ ପାଇଛି । ଏହି ଅନୁବାଦ ରଚନା ମଧ୍ୟରୁ ଅଳ୍ପ କେତୋଟି କବିତାର ବିଦେଶୀ ସାହିତ୍ୟ ହୋଇଥିବା ବେଳେ ଅଧିକାଂଶ ପ୍ରାନ୍ତୀୟ ଭାରତୀୟ ସାହିତ୍ୟିକମାନଙ୍କର ରଚନା । ଅନୁବାଦ ପାଇଁ ଡକ୍ଟର ମହତାବ ଅଧିକ ପ୍ରୋତ୍ସାହନ

ପ୍ରଦାନ କରୁଥିବା ବେଳେ[୧୨] ଅଳ୍ପ ସଂଖ୍ୟକ ଅନୂଦିତ କବିତା ପ୍ରକାଶ ପାଇଛି । ଟି. ଏସ୍. ଇଲିଅଟ୍, ରବର୍ଟ ଫ୍ରଷ୍ଟ, ଢି.କୋମାଇ, ଏଜରା ପାଉଣ୍ଡ, ବୋରିସ୍, ପାଷ୍ଟରନାକ୍, ରବୀନ୍ଦ୍ରନାଥ, ଇକ୍‌ବାଲ, ଭର୍ତ୍ତୃହରି, କାଜି ନଜରୁଲ୍ ଇସ୍‌ଲାମ୍, ଅଜ୍ଞେୟ ଆଦିଙ୍କ ରଚନା ଏହାର ଅନ୍ତର୍ଭୁକ୍ତ ।

ଗଳ୍ପ ଓ ଗଳ୍ପକାର

"X X ବୋଧଦାୟିନୀ ପତ୍ରିକାରେ ମୁଁ ଗୋଟିଏ ଗଳ୍ପ ଲେଖିଥିଲି ତାହା ନାମ 'ଲଛମନିଆ' । ବୋଧହୁଏ ଉତ୍କଳରେ ତାହା ହିଁ ପ୍ରଥମ ମୁଦ୍ରିତ ଗଳ୍ପ । ଲୋକେ ତାହା ଆଗ୍ରହର ସହିତ ପଢ଼ିଥିଲେ ।" [୧୩] ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଆଦ୍ୟନିର୍ମାତା ଫକୀର ମୋହନଙ୍କ ଏହି ସ୍ୱୀକାରୋକ୍ତି ୧୮୭୮ ମସିହାରେ 'ବୋଧଦାୟିନୀ' ପତ୍ରିକାରେ ପ୍ରକାଶିତ ପ୍ରଥମ ଓଡ଼ିଆ ଗଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ ହେଁ ତାହା ଗୋଚରୀଭୂତ ହୋଇ ପାରି ନାହିଁ । ଏଣୁ ଉତ୍କଳ ସାହିତ୍ୟର ୨ୟ ଭାଗ ୧୦ମ ସଂଖ୍ୟାରେ 'ଧୂର୍ଜଟୀ' ଛଦ୍ମନାମରେ ପ୍ରକାଶିତ 'ରେବତୀ'କୁ ପ୍ରଥମ କ୍ଷୁଦ୍ରଗଳ୍ପର ସ୍ୱୀକୃତି ମିଳିଛି । କ୍ଷୁଦ୍ରଗଳ୍ପ ହେଉଛି ଲୋକମୁଖରେ ପ୍ରଚଳିତ ଲୋକକଥା ଓ କାହାଣୀର କ୍ରମ ପରିଣାମ । ମାତ୍ର କ୍ଷୁଦ୍ରଗଳ୍ପ ଏହି ଲୋକକଥା ଓ କାହାଣୀ ଭଳି କଳ୍ପନା ପ୍ରସୂତ ନ ହୋଇ ବାସ୍ତବ ଜୀବନର କଥାବସ୍ତୁକୁ ନେଇ ଜୀବନ୍ତ, ବାସ୍ତବଧର୍ମୀ ଓ ପ୍ରଭାବଶାଳୀ ହୋଇପାରିଛି । ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟରୁ ପ୍ରଥମ ବିଶ୍ୱଯୁଦ୍ଧପର୍ଯ୍ୟନ୍ତ ପୃଷ୍ଠପୋଷକତା ଦେବାରେ 'ଉତ୍କଳ ସାହିତ୍ୟ' ,'ମୁକୁର' ଉଲ୍ଲେଖନୀୟ ଭୂମିକା ଗ୍ରହଣ କଲେ । ଏହି ସମୟରେ ଫକୀର ମୋହନ, ରାମଚନ୍ଦ୍ର ଆଚାର୍ଯ୍ୟ, ଚନ୍ଦ୍ରଶେଖର ନନ୍ଦ, ବାସୁଦେବ ମହାପାତ୍ର, ଦୟାନିଧି ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ନନ୍ଦ କିଶୋର ବଳଙ୍କ ଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟର ଭିତ୍ତିଭୂମି ସୃଷ୍ଟି କଲା । ଏହି କାଳର ଗଳ୍ପରେ ସମାଜ ଜୀବନ ତଥା ସମାଜରେ ପରିଲକ୍ଷିତ ନାନା କୁସଂସ୍କାର ଓ ଅନ୍ଧବିଶ୍ୱାସ ସ୍ୱରୂପ ପ୍ରକାଶ ପାଇଛି । ଏହି କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରେଇବା ଅଭିପ୍ରାୟ ଅଧିକାଂଶ କ୍ଷୁଦ୍ର ଗଳ୍ପରେ ମୁଖ୍ୟ ଆଭିମୁଖ୍ୟ ହୋଇ ପଡ଼ିଛି । ଗ୍ରାମ୍ୟଜୀବନର ନିଚ୍ଛକ ପ୍ରତିଫଳନ ଏହି କ୍ଷୁଦ୍ରଗଳ୍ପରେ ପରିସ୍ଫୁଟ । ପ୍ରକାଶିତ ନିମ୍ନ ଶ୍ରେଣୀର ମଣିଷର ଜୀବନର କଥା ।

ଓଡ଼ିଆ କ୍ଷୁଦ୍ରଗଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ (୧୯୧୮-୧୯୪୬) ଓଡ଼ିଆ କ୍ଷୁଦ୍ରଗଳ୍ପ ଲୋକପ୍ରିୟ ଓ ପ୍ରତିଷ୍ଠିତ ହୋଇ ପାରିଛି । ଏହି ପର୍ଯ୍ୟାୟରେ ବହୁ ଗଳ୍ପ 'ଉତ୍କଳ ସାହିତ୍ୟ',

୧୨. ଓଡ଼ିଆ ଭାଷାରେ ଅନୁବାଦ ସାହିତ୍ୟର ପ୍ରଚଳନ ନ ଥିବାରୁ ଭାଷା ଯୁଗୋପଯୋଗୀ ଓ ବଳଶାଳୀ ହୋଇ ପାରୁ ନାହିଁ । ସାହିତ୍ୟର ମାର୍ଗ ଉନ୍ମୋଚନ (୧୯୯୪) - ପୃ . ୬

୧୩. ସେନାପତି, ଫକୀର ମୋହନ- ଆତ୍ମଜୀବନୀ ଚରିତ (୧୯୭୬) ପୃ-୧୯୧.

'ମୁକୁର' ସହିତ 'ସାମ୍ୟବାଦୀ', 'ପ୍ରଦୀପ', 'ବାରୁଣୀ', 'ଡଗର', 'ସହକାର', 'ନବଭାରତ', 'ଆଧୁନିକ', 'ଯୁଗବୀଣା', 'ଆରତୀ' ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ବିଶେଷ କରି ଏ ଦେଶର ସ୍ୱାଧୀନତା ଆନ୍ଦୋଳନ, ଜନଜାଗରଣ, ରାଜନୈତିକ ମତବାଦ ପ୍ରଚାର ହେତୁ ସ୍ରଷ୍ଟା ମନର ଯେଉଁ ବିଦ୍ରୋହ, ସନ୍ଦେହ ଆଶା ଆକାଙ୍‌କ୍ଷାର ସୂତ୍ରପାତ କଲା ତାହା କ୍ଷୁଦ୍ରଗଳ୍ପ ସୃଷ୍ଟି କରିବାରେ ସହାୟତା ଯୋଗାଇଲା ।[୧୪] କେବଳ ଏତିକି ନୁହେଁ ୧୮୮୯ ର ଫରାସୀ ବିପ୍ଳବ ଓ ୧୯୧୭ ର ଋଷ ବିପ୍ଳବର ଆନ୍ତର୍ଜାତୀୟ କ୍ଷେତ୍ରରେ ଯେଉଁ ମାନବବାଦୀ ମୁକ୍ତି ଚେତନାର ଶାଶ୍ୱତ ସ୍ୱର ଝଙ୍କୃତ ହେଲା ତାହାର ପ୍ରତିଫଳନ ମଧ୍ୟ ଏହ ପର୍ଯ୍ୟାୟ ୧୯୩୫-୩୬ ର ଗଳ୍ପ ମାଧ୍ୟମରେ ପ୍ରକାଶ ପାଇଲା । ଶୋଷକ ଶୋଷିତ ମଧ୍ୟରେ ବ୍ୟବଧାନ, ଶୋଷିତର ସଂଗ୍ରାମ ଜୀବନର ଆଲେଖ୍ୟ ଗଳ୍ପ ସାହିତ୍ୟ ବହନ କଲା । ପ୍ରେମ-ପ୍ରଣୟ ସ୍ୱପ୍ନକଳ୍ପନାର ମନ୍ଦ୍ର ମଧୁର ମୂର୍ଚ୍ଛନା ଏହି ସମୟରେ ସଂପୂର୍ଣ୍ଣ ଅପସରି ଯାଇନି । ସୁଶୃଙ୍ଖଳିତ କାହାଣୀଧର୍ମୀ କଥାବସ୍ତୁରେ ଏହିସବୁ ଭାବ ସଂପଦକୁ ସନ୍ନିବେଶିତ୍ କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିଥିବା ଯଶସ୍ୱୀ ସ୍ରଷ୍ଟା ହେଉଛନ୍ତି ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର, ଉପେନ୍ଦ୍ର ପ୍ରସାଦ ମହାନ୍ତି, ରାଜକିଶୋର ପଟ୍ଟନାୟକ, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର, ରାଜକିଶୋର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଭଗବତୀ ଚରଣ ପାଣିଗ୍ରାହୀ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗ ବହୁ ବୈଚିତ୍ର୍ୟ ମଣ୍ଡିତ ହେଲା । ୧୯୩୪-୩୯ ର ଗଳ୍ପରେ ପ୍ରକାଶିତ ଗଣମୁଖୀ ଚେତନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କ୍ରମେ ଦୁର୍ବଳ ହୋଇ ପଡ଼ିଲା । ଯୁଦ୍ଧୋତ୍ତର ଆଶଙ୍କା ନୈରାଶ୍ୟ ଜର୍ଜରିତ ମାନବ ଜାତିର ନିଛକ ଛବି ଗଳ୍ପ ସାହିତ୍ୟର କେନ୍ଦ୍ରବିନ୍ଦୁ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଭାରତୀୟ ମୁକ୍ତି ସଂଗ୍ରାମ ଓ ସ୍ୱାଧୀନତା ଲାଭ କିଛି ସ୍ୱପ୍ନ କଳ୍ପନାର ବୀଜରୋପଣ କରିଥିଲେ ହେଁ ତାହା ଥିଲା କ୍ଷଣସ୍ଥାୟୀ । ଏଣୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ପରମ୍ପରା ଉପରେ ଭରସା ରଖି ପାରୁଥିବା ବସ୍ତୁବାଦୀ ସଭ୍ୟତାର ବାସ୍ତବବାଦକୁ ମର୍ମେ ମର୍ମେ ଉପଲବ୍‌ଧ୍ କରିଛି । ଏହା ସ୍ନେହ, ପ୍ରେମ ଓ ଶ୍ରଦ୍ଧାର କୃତ୍ରିମ ଜାଲ ଫିଙ୍ଗୁଥିବା ମଣିଷକୁ, ତାର ସମାଜକୁ ଭେଟିଛି । ଏଣୁ ଏହା ବହନ କରିଛି ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଦେଖା ଦେଇଥିବା ସ୍ୱପ୍ନଭଙ୍ଗ, ବିଚ୍ଛିନ୍ନତାବୋଧ, ଶୂନ୍ୟତା, ଜଟିଳ ମାନସିକତା, ବିଭକ୍ତ ବ୍ୟକ୍ତିତ୍ୱର ସ୍ପଷ୍ଟ ସ୍ୱାକ୍ଷର । ତେବେ କ'ଣ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ପ୍ରେମ, ପ୍ରଣୟ, ସ୍ୱପ୍ନ, ବିଳାସ ସଂପୂର୍ଣ୍ଣ

୧୪. ମହାନ୍ତି, ଡଃ ଜାନକୀ ବଲ୍ଲଭ ମହାନ୍ତି(ଭରଦ୍ୱାଜ) ଆଧୁନିକ ଓଡ଼ିଆ ସାହିତ୍ୟ (୧୯୭୮) ପୃ-୧୮୧

ପରାହତ ? ଆଦୌ ନୁହେଁ, ଯଦି ଚ ବହୁବିଧ ସାମାଜିକ ସମସ୍ୟାରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟ ଭାରାକ୍ରାନ୍ତ ହେଲେ ମଧ୍ୟ ସ୍ୱପ୍ନ ବିଳାସ, ପ୍ରେମ ପ୍ରଣୟର ଅନୁଚ୍ଚାରିତ ସ୍ୱପ୍ନର ମୂର୍ଚ୍ଛନା କେତେକ ଗଳ୍ପରେ ଅନୁରଣିତ । ଏସବୁକୁ ନେଇ 'ଝଙ୍କାର'ର ଗଳ୍ପ ସମୂହର ବେଶ୍ ମର୍ମସ୍ପର୍ଶୀ ଓ ରୁଚିକର ।

ଝଙ୍କାରର ପ୍ରଥମ ସଂଖ୍ୟାରେ ମାତ୍ର ତିନୋଟି ଗଳ୍ପ 'ତୃପ୍ତି' (ପ୍ରମଥ ନାଥ ଦାସ), 'ବୃନ୍ତଚ୍ୟୁତ' (ଶ୍ରୀମତୀ ବସନ୍ତ କୁମାରୀ ଦେବୀ) ଓ 'ମାୟାଧର ରତି ବିଳାସ' (ରାଜ କିଶୋର ରାୟ) ଦେଖିବାକୁ ପାଉ । ଏହାର ପ୍ରଥମ ଦଶକରେ ସେ ସମୟର ପ୍ରାୟ ସମସ୍ତ ପ୍ରତିଷ୍ଠିତ ଗାଳ୍ପିକଙ୍କ ଗଳ୍ପ ଝଙ୍କାରରେ ସ୍ଥାନିତ ହୋଇଛି । ଚକ୍ରଧର ସାମଲ, ରାଜ କିଶୋର ମହାନ୍ତି, ଦୁର୍ଗାମାଧବ ମିଶ୍ର, କସ୍ତୁରୀ ଚରଣ ଦାସ, ବିଶ୍ୱେଶ୍ୱର ବସୁ, ଉମା ଚରଣ ଦାସ, ବିଭୂତି ଭୂଷଣ ତ୍ରିପାଠୀ, ହୃଷିକେଶ ରାୟ, ମହାପାତ୍ର ନୀଳମଣି ସାହୁ, ଗୋପୀନାଥ ମହାନ୍ତି, ଗୋପାଳ ଛୋଟରାୟ, ରାଜକିଶୋର ପଟ୍ଟନାୟକ, କାହ୍ନୁଚରଣ ମହାନ୍ତି, ହରେକୃଷ୍ଣ ମହତାବ, ଅଖିଳ ମୋହନ ପଟ୍ଟନାୟକ, ହରିହର ବାହିନୀପତି, ହେମଲତା ମାନସିଂହ, ବାମାଚରଣ ମିତ୍ର ,ଯୋଗେନ୍ଦ୍ର କୁମାର ମହାନ୍ତି, ନରେନ୍ଦ୍ର ନାଥ ମିଶ୍ର, ତ୍ରିବେଣୀ ଦେବୀ, କୃଷ୍ଣ ଚରଣ ବେହେରା, ହରିଶ୍ଚନ୍ଦ୍ର ବଡ଼ାଳ, ଅଚ୍ୟୁତାନନ୍ଦ ପତି, ଶଶୀ ପଟ୍ଟନାୟକ, ପ୍ରାଣବନ୍ଧୁ କର, ବୀଣାପାଣି ମହାନ୍ତି, ଅନନ୍ତ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ, କିଶୋରୀ ଚରଣ ଦାସ, ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ଆଦି ଅଧିକାଂଶ ଆଧୁନିକ ଗାଳ୍ପିକଙ୍କ ଗଳ୍ପ ଝଙ୍କାରରେ ପ୍ରକାଶିତ । ପ୍ରଥମ ପର୍ଯ୍ୟାୟର ଗଳ୍ପଗୁଡ଼ିକ କାହାଣୀଧର୍ମୀ । ଅଧିକାଂଶ ଆଧୁନିକ ଗଳ୍ପରେ ସାମାଜିକ ଜୀବନର ନିଚ୍ଛକ ଛବି ବହନ କରୁଥିଲେ ହେଁ କେତେକ ଗଳ୍ପ ପୌରାଣିକ, ଐତିହାସିକ କଥାବସ୍ତୁକୁ ଅଧାର କରି ରଚିତ ହୋଇଥିବାର ଦେଖାଯାଏ । ସମାଜକୁ ସମୁନ୍ନତ କରି ଗଢ଼ି ତୋଳିବା, ମାନସିକ ଅଶାନ୍ତିର ପ୍ରକୃତ କାରଣ ଉପସ୍ଥାପିତ କରିବା ତଥା ମାନବୀୟ ଗୁଣାବଳୀର ଉନ୍ମେଷ ଘଟାଇବା ଅଧିକାଂଶ ଗଳ୍ପର ଆଭିମୁଖ୍ୟ ରୂପେ ଗ୍ରହଣ କରାଯାଇଛି । ଶତ ସମସ୍ୟାର ସରହଦ ଭିତରେ ଅଣନିଶ୍ୱାସୀ ହୋଇ ତାହା ସହିତ ସଂଘର୍ଷ କରୁଥିବାର ମାନବର ମର୍ମବେଦନା ମଧ୍ୟ ବହୁ ଗାଳ୍ପିକଙ୍କ ଗଳ୍ପର ମୁଖ୍ୟସ୍ୱର ହୋଇଛି । ବିଶେଷ କରି ଦୁର୍ଗାମାଧବ ମିଶ୍ରଙ୍କ ଗଳ୍ପରେ ଏହି ସ୍ୱରର ମୂର୍ଚ୍ଛନା ରହିଛି । ରାଜ କିଶୋର ପଟ୍ଟନାୟକଙ୍କ ଗଳ୍ପରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ହୃଦୟସ୍ପର୍ଶୀ ହୋଇଥିବା ବେଳେ ବିଭୂତି ଭୂଷଣ ତ୍ରିପାଠୀ ଓ ପ୍ରାଣବନ୍ଧୁ କରଙ୍କ ଗଳ୍ପରେ ଅନୁରୂପ ମାନସିକ ବିଶ୍ଳେଷଣାତ୍ମକ ଧାରାର ପରିଚୟ ମିଳେ ।

ଝଙ୍କାରର ଦ୍ୱିତୀୟ ଦଶନ୍ଧିରେ (୧୯୫୯-୬୮) ଦଶରଥ ସାମଲ, ଚନ୍ଦ୍ରଶେଖର ରଥ, ସଦାଶିବ ଦାସ, ଶରତଚନ୍ଦ୍ର ମୁଖାର୍ଜୀ, ଉମାଶଙ୍କର ମିଶ୍ର, ପ୍ରିୟବ୍ରତ ଦାସ,

କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶାନ୍ତନୁ ଆଚାର୍ଯ୍ୟ, ମନୋଜ ଦାସ, ରବି ପଟ୍ଟନାୟକ, ବ୍ରହ୍ମାନନ୍ଦ ପଣ୍ଡା, କୃଷ୍ଣ ପ୍ରସାଦ ମିଶ୍ର, ବିଜୟ କୃଷ୍ଣ ମହାନ୍ତି, ଦାଶରଥି ଦାସ, ଚୌଧୁରୀ ଜାନକୀ ନାଥ ନନ୍ଦ, ହରିହର ମିଶ୍ର, ଶରତ କୁମାର ମହାନ୍ତି, ରାଜ କିଶୋର ମହାନ୍ତି, ହରି ପ୍ରସାଦ ଦାସ, ରାଜ କିଶୋର ମିଶ୍ର, ଉପେନ୍ଦ୍ର କିଶୋର ଦାସ, ଗୌରାଙ୍ଗ ଚରଣ ଦାସ, ଅକ୍ଷୟ ମହାନ୍ତି, ଶକୁନ୍ତଳା ପଣ୍ଡା, କୁନ୍ତଳା କୁମାରୀ ଆଚାର୍ଯ୍ୟ, ଚୌଧୁରୀ ହେମକାନ୍ତ ମିଶ୍ର, ରଜନୀକାନ୍ତ ଦାସ, ଅରୁଣିମା ଦେବୀ, ପୁଲୀନ ବିହାରୀ ରାୟ, ଢେନାମଣି ନରେନ୍ଦ୍ର କୁମାର, ରତ୍ନାକର ଚଇନି, ପୂର୍ଣ୍ଣାନନ୍ଦ ଦାନୀ, ପ୍ରଫୁଲ୍ଲ ତ୍ରିପାଠୀ ଆଦିଙ୍କ ଆବିର୍ଭାବ ଘଟିଛି ।

ଝଙ୍କାରର ତୃତୀୟ ଦଶନ୍ଧିରେ (୧୯୬୯-୧୯୭୮) ଗଳ୍ପ କ୍ଷେତ୍ରରେ ବହୁ ଦକ୍ଷ ଉଜ୍ଜ୍ୱଳ ପ୍ରତିଭାର ଆବିର୍ଭାବ ହେବା ଦେଖାଯାଏ । ରାମଚନ୍ଦ୍ର ବେହେରା, ଅଶୋକ କୁମାର ଚନ୍ଦନ, ସତ୍ୟମିଶ୍ର, ସାତକଡ଼ି ହୋତା, ଜଗଦୀଶ ମହାନ୍ତି, ଗଣେଶ୍ୱର ମିଶ୍ର, ଯଶୋଧାରା ମିଶ୍ର, ପ୍ରତିଭା ରାୟ, ନାରୁ ମହାନ୍ତି, ପଦ୍ମଜ ପାଳ, ପ୍ରଫୁଲ୍ଲତା ମହାନ୍ତି, କହ୍ନେଇଲାଲ ଦାସ, ଭୁବନେଶ୍ୱର ବେହେରା, ଫନି ମହାନ୍ତି, ପ୍ରଫୁଲ୍ଲ କୁମାର ରଥ, ତରୁଣକାନ୍ତି ମିଶ୍ର, ବ୍ରଜ ମୋହନ ମହାନ୍ତିଙ୍କ ରଚନା ପ୍ରକାଶିତ । ଏମାନଙ୍କୁ ବାଦ୍ ଦେଲେ ରଣଧୀର ଦାସ, ଭାଗିରଥୀ ନେପାକ, ଏକାଦଶୀ ବୋଇତାଇ, ନାରାୟଣ ପୃଷେଠ, ବୀଣା ଦେବୀ, ସୁଧାଂଶୁ ବାଳା ପଣ୍ଡା, ରବିନାରାୟଣ ମହାପାତ୍ର, ରମେଶ ପ୍ରସାଦ ପାଣିଗ୍ରାହୀ, ନାରୁ ମହାନ୍ତି, ଜ୍ୟୋସ୍ନା ରାଉତରାୟ, ନରସିଂହ ନନ୍ଦ, ଅଞ୍ଜଳୀ ପାଢ଼ୀ ଆଦି ଏହି ଦଶନ୍ଧିରେ ଝଙ୍କାରର ପୃଷ୍ଠାକୁ ପୂର୍ବରୁ ଆତ୍ମପ୍ରକାଶ କରିଥିବା ଗାଳ୍ପିକଙ୍କ ସହ ମିଶି ସମ୍ମାନିତ କରିଛନ୍ତି ।

ଝଙ୍କାରର ଚତୁର୍ଥ ଦଶନ୍ଧିରେ (୧୯୭୯-୧୯୮୮) ହୃଷିକେଶ ପଣ୍ଡା, ପୁଷ୍ପାଞ୍ଜଳି ନାୟକ, ସୁସ୍ମିତା ବାଗ୍‌ଚୀ, ରାମଚନ୍ଦ୍ର ସାହୁ, କବିତା ବାରିକ, ମମତା ଦାଶ, ଭୀମ ପୃଷ୍ଟି, ଡଃ ବିଜୟ ପ୍ରସାଦ ମହାପାତ୍ର, ମୀନାକ୍ଷି ଦାସ, ଦାଶ ବେନ୍‌ହୁର, ରମେଶ ଚନ୍ଦ୍ର ବିଶ୍ୱାଳ, ଅନାଦି ସାହୁ, କଇଳାଶ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ମହାନ୍ତି, କାଳନ୍ଦୀ ବେହେରା, ଅସୀମ ବସୁ, ଦେବବ୍ରତ ମଦନରାୟ ଓ ପରବର୍ତ୍ତୀ କାଳରେ ସଦାନନ୍ଦ ତ୍ରିପାଠୀ, ଅଜୟ ସ୍ୱାଇଁ, ପ୍ରଭାକର ମଲ୍ଲିକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଅର୍ଚ୍ଚନା ନାୟକ, ଶ୍ରୀଚରଣ ପ୍ରତାପ , ଅଚ୍ୟୁତାନନ୍ଦ କର, ଅମୂଲ୍ୟକୃଷ୍ଣ ମିଶ୍ର, ବିନି ଷଡ଼ଙ୍ଗୀ, ନୀଳମଣି ସାହୁ, ସଦାନନ୍ଦ ଦାସ ଆଦି ଗାଳ୍ପିକଙ୍କ ରଚନା ପ୍ରକାଶ ପାଇଛି । ତେବେ ପ୍ରଥମ ତିନି ଦଶନ୍ଧି ଧରି କ୍ରମାନ୍ୱୟରେ ଆତ୍ମପ୍ରକାଶ କରିଥିବା ସ୍ରଷ୍ଟାମାନେ ମଧ୍ୟ ବର୍ତ୍ତମାନ ଝଙ୍କାର ପାଇଁ ଲେଖାମାନ ପ୍ରସ୍ତୁତ କରିବା ପାଇଁ କଲମରେ କାଳି ଭର୍ତ୍ତିକରିବାରେ ବ୍ୟସ୍ତ । ପ୍ରଥମ ଦଶକରେ ଆତ୍ମପ୍ରକାଶ କରିଥିବା ଶାନ୍ତନୁ ଆଚାର୍ଯ୍ୟ , ବିଭୂତି ପଟ୍ଟନାୟକ , କିଶୋରୀ ଚରଣ ଦାସ, ଗୋପାଳ ଛୋଟରାୟ

ଆଦି ଆଜି ମଧ ଝଙ୍କାରର ଗଳ୍ପ ବିଭାଗରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି । ସାହିତ୍ୟ ଧାରା ଅବିଚ୍ଛିନ୍ନ । ଏଣୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦିଷ୍ଟ ପିଢ଼ିର କାଳ ନିର୍ଣ୍ଣୟ କରିବା ଅସମ୍ଭବ ବ୍ୟାପାର । ତେବେ ସାମଗ୍ରିକ ଦୃଷ୍ଟିରୁ କାଳିନ୍ଦୀ ଚରଣ ପାଣିଗ୍ରାହୀ, ହରିଶ୍ଚନ୍ଦ୍ର ବଡ଼ାଳ, ଗୋପୀନାଥ ମହାନ୍ତି, ରାଜକିଶୋର ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତିଙ୍କ ଠାରୁ ଝଙ୍କାରର ଗଳ୍ପ ସାହିତ୍ୟ ଆରମ୍ଭ ହୋଇ ଦୁର୍ଗାମାଧବ ମିଶ୍ର, ବ୍ରହ୍ମାନନ୍ଦ ପଣ୍ଡା, ବିଜୟ କୃଷ୍ଣ ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ ତଥା ରବି ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଜଗଦୀଶ ମହାନ୍ତି, କୃଷ୍ଣ ପ୍ରସାଦ ମିଶ୍ର, ଅଶୋକ କୁମାର ଚନ୍ଦନଙ୍କ ବାଟଦେଇ ଦୀପ୍ତି ପଟ୍ଟନାୟକ, ଗିରିଶ ସାହୁ, ଦେବବ୍ରତ ମଦନରାୟ, ଭୀମ ପୃଷ୍ଟିଙ୍କ ପାଖରେ ପହଞ୍ଚି ଯାଇଛି ।

ଝଙ୍କାର ଆଦ୍ୟପର୍ବରେ ପ୍ରଭାସ ଚନ୍ଦ୍ର ଶତପଥୀ, ଜଗନ୍ନାଥ ପଢ଼ିହାରୀ, ମହାପାତ୍ର ନୀଳମଣି ସାହୁ, ରାମ ସ୍ୱାମୀ ସେନାପତି, ବିଶ୍ୱେଶ୍ୱର ବୋଷ, ଉମାଚରଣ ଦାସ, ଅଚ୍ୟୁତାନନ୍ଦ ପତି ଆଦି ଅନୁବାଦକ ଝଙ୍କାରରେ ଗଳ୍ପ ଅନୁବାଦ କ୍ଷେତ୍ରରେ ଯେଉଁ ଚମକ ସୃଷ୍ଟି କଲେ ତାହା ଓଡ଼ିଆ ସାହିତ୍ୟକୁ ଉଭୟ ଆଙ୍ଗିକ ଓ ଆତ୍ମିକକୁ ବହୁଭାବରେ ସମୃଦ୍ଧ କରିବାରେ ସହାୟକ ହୋଇଛି । ଓସ୍‌କାର ୱାଇଲଡ୍‌, ରବୀନ୍ଦ୍ରନାଥ, ମାକ୍‌ସିସ୍ ଗର୍କୀ, ମ୍ୟାଡାମ୍ କ୍ୟାବ୍‌ଲିନ୍‌ସ୍କ, ଲିଓ ଟଲଷ୍ଟୟଙ୍କ ବହୁ ଗଳ୍ପର ଅନୁବାଦ ପ୍ରକାଶ ପାଇଛି । ଅନୁବାଦ ଗଳ୍ପକୁ ପ୍ରାଧାନ୍ୟ ଦେଇ ଓଡ଼ିଆ ଗଳ୍ପକୁ ସମ୍ମୁନ୍ନତ କରିବା ଦିଗରେ ଏକ କ୍ରାନ୍ତି ଆଣିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଝଙ୍କାରର ଦ୍ୱିତୀୟ ପର୍ଯ୍ୟାୟରେ ଗଳ୍ପର ଉଭୟ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଆସିଛି । ଏଥିପାଇଁ ସମୟ ଓ ସମାଜ ହିଁ ଦାୟୀ ରହିଛି । ନିଷ୍ଠୁର ବାସ୍ତବତା, ପାରମ୍ପରିକ ଜୀବନର ହେତୁକୁ ପରିବର୍ତ୍ତିତ କରି ଦେଇଛି, କଳ୍ପନା ଓ ଆବେଗ ପ୍ରତ୍ୟାହୃତ ହୋଇଯାଇଛି । ଜୀବନ ସମ୍ପର୍କୀୟ ନିର୍ଲଜ ସତ୍ୟ ସଂଭାଷଣ ତାର ସ୍ଥାନ ନେଇଛି । ସରଳ ଓ ଆତ୍ମିକ ଜୀବନର ସଂଜ୍ଞାକୁ ପରିବର୍ତ୍ତିତ କରି ଦେଇଛି ।[୧୫] ଦେହ ଭୋଗୀ ଲାଳସା । ଏ ସମୟର ଗଳ୍ପ ଆଧୁନିକ ଜୀବନର ଅତିବାସ୍ତବ ଆଭିମୁଖ୍ୟକୁ ଗ୍ରହଣ କରିଛି । ବାସ୍ତବବାଦୀ ଓ ସ୍ଥିତିବାଦୀ ଚେତନା ସହିତ ମନୋବିଶ୍ଳେଷଣକୁ ଆଦରି ନେଇଛି । ସାମାଜିକ ବିକୃତି ବ୍ୟଭିଚାର ଯଦି ସତ୍ୟ ହୁଏ, ସାହିତ୍ୟ ସତ୍ୟର ପ୍ରତିପାଦନ ହେଉଥିବାରୁ ଏହାକୁ ରୂପାୟିତ କରିବା ସର୍ବାଦୌ ଆବଶ୍ୟକ । ଏହା ହିଁ ଏହି ସମୟର ଗାଳ୍ପିକଙ୍କ ବିଚାର ।

ସମାଜ ପାଇଁ , ଜୀବନ ପାଇଁ ଯାହା ସତ୍ୟ, ତାକୁ ହିଁ ଗଳ୍ପର ଆତ୍ମିକ ଭାବ ସମ୍ପଦ ଭାବେ ଗାଳ୍ପିକ ଗ୍ରହଣ କରିଛନ୍ତି । କିଶୋରୀ ଚରଣ ଦାସ, ଅଖିଳ ପଟ୍ଟନାୟକ, ସତ୍ୟ ମିଶ୍ର,

---

୧୫. ଗାହାଣ, କପିଳେଶ୍ୱର-ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ (୧୯୯୪) ପୃ - ୧୧୭

ଜଗଦୀଶ ମହାନ୍ତି, ରବି ପଟ୍ଟନାୟକ, କହ୍ନେଇଲାଲ ଦାସ, ହରିହର ମିଶ୍ର ଆଦିଙ୍କ ଗଳ୍ପ ସମାଜ ଓ ସମୟ ପରିବର୍ତ୍ତନ ସଙ୍ଗେ ସଙ୍ଗେ ନିଜ ଗଳ୍ପକୁ ସମୟ ଓ ସମାଜ ସହ ତାଳ ଦେଇ ଆଙ୍ଗିକ ଓ ଆତ୍ମିକରେ ନାନା ପରୀକ୍ଷା ନିରୀକ୍ଷା କରି ପାଠକୀୟ ଶ୍ରଦ୍ଧା ଓ ସମ୍ମାନର ଆସନ ଲାଭ କରିଛନ୍ତି । ପ୍ରତିପାଦିତ କରିଛନ୍ତି ନିଜର ସ୍ୱତନ୍ତ୍ରତା । ଗଳ୍ପ କ୍ରମେ କାହାଣୀକୁ ବିଦାୟ ଦେଇଛି । ତା'ର ସ୍ଥାନରେ ଭାବ ପ୍ରକାଶରେ ବାସ୍ତବତା, ଗୋଟିଏ ମୁହୂର୍ତ୍ତର ଅନୁଭବକୁ, ପ୍ରତିକ୍ରିୟାଶୀଳ ମାନସିକତାକୁ ଯଥାଯଥ ଭାବେ ଉପସ୍ଥାପନ କରିବା ପାଇଁ ପାରମ୍ପରିକ କଳ୍ପନାରେ ପରିବର୍ତ୍ତନ ଆଣିବାକୁ ଗାଳ୍ପିକ ବାଧ ହେଲା । ଜୀବନର ଅନ୍ତର୍ମୁଖୀ ଚେତନା, ବହିର୍ମୁଖୀ ଚେତନା ଅପେକ୍ଷା ଅଧିକ ପ୍ରଭାବଶାଳୀ ଆତ୍ମ କଥନୀଶୈଳୀକୁ ଗଳ୍ପର ଆଙ୍ଗିକ ରୂପେ ଓ ଏହି ଅନ୍ତର୍ମୁଖୀ ଚେତନାକୁ ଅନାବିଳଭାବେ ଉପସ୍ଥାପନା କରିବାକୁ ଏକ ସମୟର ଗାଳ୍ପିକମାନେ ଗ୍ରହଣ କଲେ । ପ୍ରଥମ ପୁରୁଷ ଏକ ବଚନ ହୋଇଛି ଗଳ୍ପର ମୁଖ୍ୟ ନାୟକ । ଉତ୍ତର ଷାଠିଏ କାଳର ସମସ୍ତ ଗଳ୍ପ କାହାଣୀହୀନ ନ ଥିଲା । ମନୋଜ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ମହାପାତ୍ର ନୀଳମଣି ସାହୁ, ଅଚ୍ୟୁତାନନ୍ଦ ପତି, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପରେ କାହାଣୀର ପ୍ରାଧାନ୍ୟ ରହିଛି, ମାତ୍ର ଗଳ୍ପରେ ମଣିଷର ଦୟନୀୟ ସ୍ଥିତି ଓ ଜୀବନର ଦୁଃଖଦ ବିପର୍ଯ୍ୟୟ ବେଶ୍ ତୀବ୍ର । ଏହି ତୀବ୍ର ଜ୍ୱଳନ ମାଧମରେ କେତେକ ଜୀବନ ପ୍ରତି ସମବେଦନା ପ୍ରକଟିତ, ମୁକ୍ତିର ପଥ ଆଲୋକିତ । ସାର୍ବଜନୀନ ସତ୍ୟକୁ ଅବଗତ କରାଇବାର ପ୍ରୟାସ ଜାରି । ପରବର୍ତ୍ତୀ କାଳର ଅର୍ଥାତ୍ ଝଙ୍କାରର ୪ର୍ଥ ଓ ୫ମ ଦଶନ୍ଧିରେ ଆତ୍ମପ୍ରକାଶ କରିଥିବା ବହୁ ତରୁଣ ଗାଳ୍ପିକ କାହାଣୀଧର୍ମୀତାକୁ ଗ୍ରହଣ କରି ସେଥିରେ ନିଜର ଉପଲବ୍ଧିକୁ ପରିବେଷଣ କରିବାରେ ପ୍ରୟାସୀ ହେଉଥିବା ସ୍ପଷ୍ଟ ପ୍ରତୀୟମାନ । ଏଣୁ ଗଳ୍ପ ସାହିତ୍ୟରେ ଠିକ୍ ସ୍ୱାଧୀନତା ପରେ ପରେ ଯେଉଁ ବିବର୍ତ୍ତନ ଓ ବିକାଶମାନ ହୋଇ ସେଥିରେ ଝଙ୍କାର ଅନ୍ତରଙ୍ଗ ସହାୟତା ପ୍ରଦାନ କରିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ ଗାଳ୍ପିକମାନେ ଗଳ୍ପମାଧମରେ ସ୍ୱୀୟ ସାରସ୍ୱତ ପ୍ରତିଭାର ବିକାଶ ସାଧିତ କରିଛନ୍ତି ପ୍ରାୟ ସମସ୍ତେ ଝଙ୍କାର ପୃଷ୍ଠାରେ ହିଁ ନିଜର ଉତ୍କର୍ଷ ପ୍ରତିପାଦନ କରିଛନ୍ତି ।

ନିର୍ଦ୍ଦିଷ୍ଟ ପ୍ରଚାରମୂଳକ ଆଭିମୁଖ୍ୟରୁ ଦୂରତା ରକ୍ଷାକରି ଆଧୁନିକ ଜୀବନର ବିବିଧ ପ୍ରବୃତ୍ତିକୁ ନେଇ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଗଳ୍ପ ସମୃଦ୍ଧ । ଶକ୍ତ ସମୃଦ୍ଧ ଜୀବନର ଅଭାବ, ଅନଟନ, ସ୍ନେହ ପ୍ରେମକୁ ବାସ୍ତବ ତଥା ସହାନୁଭୂତି ଢଙ୍ଗରେ ପ୍ରକାଶ କରିବାରେ ବାମାଚରଣ ମିତ୍ରଙ୍କ ଲେଖନୀ ହୋଇଛି ବେଶ୍ ସଫଳ । ଏଥିରେ ଗାଳ୍ପିକଙ୍କ ଅଭିଜ୍ଞତାର ଚିହ୍ନ ସୁସ୍ପଷ୍ଟ । ଜଣେ ଉଚ୍ଚକୋଟୀର ମାନବବାଦୀ ଶିଳ୍ପୀଭାବେ ମହାପାତ୍ର ନୀଳମଣି ସାହୁ ସମାଜ ଚେତନାର ଯଥାର୍ଥ ରୂପକାର ଭାବ, ବ୍ରହ୍ମାନନ୍ଦ ପଣ୍ଡା ସମସ୍ୟା ଜର୍ଜରିତ ଜୀବନର ଚିତ୍ରଣରେ ପାରଙ୍ଗମ,

ଅନନ୍ତ ପ୍ରସାଦ ପଣ୍ଡା ମାନବର ଦୋଷ, ବୈଚିତ୍ର୍ୟକୁ କଳାତ୍ମକ ରୂପକୁ ଓ କିଶୋରୀ ଚରଣ ଦାସଙ୍କର କୃତିର ଭାବଗତ ବୈଶିଷ୍ଟ୍ୟକୁ ଏହି ସମୟର ଗଳ୍ପ, ସମୂହରୁ ବାରି ହୋଇଯାଏ। ଏହି ସମୟରେ 'ମନସ୍ତାତ୍ତ୍ୱିକ', ଶ୍ରୀଚିନ୍ତା', 'ଶ୍ରୀଚନ୍ଦନ', 'ମେରୁଯାତ୍ରୀ' ଆଦି ଛଦ୍ମନାମରେ ଗାଳ୍ପିକମାନଙ୍କର ଗଳ୍ପ ମଧ୍ୟ ବେଶ୍ ହୃଦୟସ୍ପର୍ଶୀ।

ଝଙ୍କାରର ପ୍ରଥମ ପର୍ଯ୍ୟାୟରେ ଅନୁବାଦ କ୍ଷେତ୍ରରେ ଆସିଥିବା କ୍ରାନ୍ତିକୁ ପରବର୍ତ୍ତୀ କାଳରେ ପ୍ରତିଭା ରାୟ, ଅସିତ ମହାନ୍ତି, ମହାଶ୍ୱେତା ମହତାବ, ପ୍ରଶାନ୍ତ ମହାନ୍ତି, ସରୋଜ ରଞ୍ଜନ ମହାନ୍ତି, କିଶୋର ବିଟ୍ ଆଦି ଆଗେଇ ନେଇଛନ୍ତି।

ନାଟକ ଓ ନାଟ୍ୟକାର

'ଝଙ୍କାର' ପ୍ରତିଟି ସାହିତ୍ୟିକ ବିଭାଗ ପ୍ରତି ସମୁଚିତ ଦୃଷ୍ଟି ଦେଇ ଆସିଛି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ପତ୍ରିକାରେ ନାଟକ/ଏକାଙ୍କିକା ପ୍ରକାଶିତ ହେବାର ଲକ୍ଷ୍ୟ କରାଯାଉ ନ ଥିବା ବେଳେ 'ଝଙ୍କାର' ପ୍ରାରମ୍ଭରୁ ନିୟମିତ ନାଟକ/ଏକାଙ୍କିକାମାନ ପ୍ରକାଶ କରିଆସିଛି। ଡଃ ମାନସିଂହଙ୍କ 'ବୁଦ୍ଧ' ନାଟକ ଠାରୁ ପରିବର୍ତ୍ତିତ ନାଟ୍ୟଧାରାର ଏକାଙ୍କିକା/ ଛୋଟ ନାଟକ ଯାଏ, ଏହାର ପୃଷ୍ଠପୋଷକତା ଲାଭ କରି ଆସିଛି। କାବ୍ୟ ନାଟିକା, ନାଟିକା, ସଙ୍ଗୀତ ରୂପକମାନ ମଧ୍ୟ ଏଥିରେ ପ୍ରକାଶିତ।

'କୁସୁମ ଶ୍ରୀ' ଛଦ୍ମନାମରେ ଜନୈକ ନାଟ୍ୟକାର 'ପ୍ରତିମା' (୧/୧) ଶିରୋନାମାରେ ପ୍ରଥମ ନାଟିକା ପ୍ରକାଶ କରିଥିଲେ ହେଁ 'ଝଙ୍କାର'ର ପ୍ରଥମ ଦଶକର ଏହି ବିଭାଗର ମୁଖ୍ୟ ଲେଖକ ହେଉଛନ୍ତି ଡଃ ହରେକୃଷ୍ଣ ମହତାବ ଓ ପ୍ରାଣବନ୍ଧୁ କର। ସମୟ ଓ ସମାଜର ପରିଲକ୍ଷିତ ବିବିଧ ସମସ୍ୟା , ଲୋକମାନଙ୍କର ଚାଲିଚଳନ, ଦେଶ ଓ ଜାତିର ଅବସ୍ଥା ଏମାନଙ୍କ ରଚନାର କେନ୍ଦ୍ରବିନ୍ଦୁ। ଡଃ ମହତାବଙ୍କ 'ଇତିହାସର ପରିହାସ' (୧/ ୧),'ବାସ୍ତବିକା' (ନାଟକ, ୨/୨), 'ଗନ୍ତାଘର'(ଏକାଙ୍କିକା, ୨/୪) ମୁକ୍ତି ଓ ମୁକ୍ତା (ଏକାଙ୍କିକା, ୩/୫), ଯୁଗ ସଂକେତ (ଏକାଙ୍କିକା, ୫/୯), ମମତାର ଅନୁତାପ (ଏକାଙ୍କିକା ୨/୧୦), ପ୍ରବଞ୍ଚନା (ଏକାଙ୍କିକା, ୫/୮) ଓ ପ୍ରାଣବନ୍ଧୁ କରଙ୍କ ଶୋଭାବର୍ଦ୍ଧନ (ନାଟିକା, ୪/୩), କିଛି ନାହିଁ ସେଥିରେ (୬/୧), ସଞ୍ଚୟ ସମସ୍ୟା (ଏକାଙ୍କିକା, ୬/ ୩), ରାମଚନ୍ଦ୍ରର ସାଧନା (ଏକାଙ୍କିକା, ୭/୧), ଶିଶୁ (ଏକାଙ୍କିକା, ୯/୯), ଦୂର ପାହାଡ଼ (ଏକାଙ୍କିକା, ୮/୯), ଏହି କାଳରେ ପ୍ରକାଶିତ। ଐତିହାସିକ ଓ ସାମାଜିକ ସମସ୍ୟାକୁ ନେଇ ମହତାବଙ୍କ ଏକାଙ୍କିକା ଯେତିକି ଯୁଗୋପଯୋଗୀ ଓ ପ୍ରଭାବଶାଳୀ, ପ୍ରାଣବନ୍ଧୁକରଙ୍କ ଏକାଙ୍କିକା ସେହି ପରିମାଣରେ ମନସ୍ତାତ୍ତ୍ୱିକ ଓ ପ୍ରଭାବଶାଳୀ। ସମସ୍ୟାମୂଳକ ହୋଇ ମଧ୍ୟ

କଳାତ୍ମକ ଦିଗ ହେତୁ ଏ କ୍ଷେତ୍ରରେ ଏହା ନିର୍ଦ୍ଦିଷ୍ଟ ଆସନ ଦାବୀ କରେ । ଏଠାରେ ସୂଚନାଯୋଗ୍ୟ ଯେ ଝଙ୍କାରରେ ଶ୍ରୀକରଙ୍କ ଦ୍ୱାରା ଲିଖିତ ପ୍ରଥମ ଏକାଙ୍କିକା 'ଶୋଭା ବର୍ଦ୍ଧନ' ଅଧ୍ୟାପକ ରାଜ କିଶୋର ରାୟଙ୍କ ଗଳ୍ପର ରୂପାନ୍ତର । ଏମାନଙ୍କ ବ୍ୟତୀତ ଶେଖ୍ ମନ୍‌ସୁର, ଡଃ ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଚିନ୍ତାମଣି ପାଣିଗ୍ରାହୀ, ଶ୍ରୀ ପ୍ରଭାତ ମୁଖାର୍ଜୀ , ବାମା ଚରଣ ମିତ୍ରଙ୍କ ଏକାଙ୍କିକା ମଧ୍ୟ ପ୍ରକାଶିତ । ଶେଖ୍ ମନସୁରଙ୍କ 'ପିତୃଭକ୍ତି ଓ କ୍ଷମା' (ଏକାଙ୍କିକା, ୪/୭), ସୁରେନ୍ଦ୍ର ମହାନ୍ତିଙ୍କ 'ସେନାପତି' ନାଟକ (୫/୧୧), ଶ୍ରୀପଙ୍କ 'ରାୟ ରାମାନନ୍ଦ' (୨/୯) ଯଥାକ୍ରମେ ଅଶୋକ ଓ କୁନାଳ, ସେନାପତି ଫକୀର ମୋହନ ଓ ରାୟ ରାମାନନ୍ଦଙ୍କ ଜୀବନୀ ଚରିତକୁ ନେଇ ଲିଖିତ । ପ୍ରଥମଟି ଇତିହାସ ବର୍ଣ୍ଣିତ ଘଟଣାଟିକୁ ଅତି ମର୍ମସ୍ପର୍ଶୀ କରି ଗଢ଼ି ତୋଳିଥିଲା ବେଳେ ଦ୍ୱିତୀୟଟିରେ ଓଡ଼ିଶାର ଗୌରବ ରାୟ ରାମାନନ୍ଦଙ୍କ କାହାଣୀ ଓ ତୃତୀୟଟିରେ ବ୍ୟାସକବି କଥାସମ୍ରାଟ ଫକୀର ମୋହନଙ୍କ ଜୀବନୀକୁ ନାଟ୍ୟରୂପରେ ଜୀବନ୍ତ କରି ଉପସ୍ଥାପିତ କରାଯାଇଛି । ଏହି ନାଟକର ଶେଷ ଦୃଶ୍ୟରେ ସେନାପତିଙ୍କ ମହାପ୍ରୟାଣ ପରେ ତାଙ୍କ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତି, ନାଟକର ଚରିତ୍ର ନନ୍ଦକିଶୋରଙ୍କ ମୁହଁରେ ଯେଉଁ ସଂଳାପ ଦେଇଛନ୍ତି ତାହା ଉଲ୍ଲେଖନୀୟ, ''ସେ ଦୀପ ଶିଖା ଏତେ ଶୀଘ୍ର ଲିଭିବାର ନୁହେଁ । ଗୋପାଳ ବାବୁ ! ଓଡ଼ିଆ ସାହିତ୍ୟର ଚୌହଦୀ, ଆସନ୍ତା ଶହେ ବର୍ଷ ଭିତରେ ଅନ୍ତତଃ ଛମାଣ ଆଠଗୁଣ୍ଠ, ଆଠଗୁଣ୍ଠରୁ ଆଉ ବିଶ୍ୱାଏ ହେଲେ ବଢ଼ୁ ନାହିଁ.... ।''[୧୬] ମାୟାଧର ମାନସିଂହଙ୍କ 'ବୁଦ୍ଧ' ନାଟକ (୧/୧-୨/୧୧) ମଧ୍ୟ ଗୌତମ ବୁଦ୍ଧଙ୍କ ଜୀବନୀକୁ କେନ୍ଦ୍ର କରି ଲିଖିତ ।

ଏଥରୁ ସ୍ପଷ୍ଟ ହୋଇଯାଏ ଯେ ପ୍ରାରମ୍ଭିକ କାଳର 'ଝଙ୍କାର'ରେ ପ୍ରକାଶିତ ଏକାଙ୍କିକା, ଐତିହାସିକ ଘଟଣା ବା ଚରିତ ଏବଂ ସାମାଜିକ ଜୀବନ, ମାନବର ମନସ୍ତାତ୍ତ୍ୱିକ ଦିଗକୁ ନେଇ ପ୍ରସ୍ତୁତ ହେଉଥିଲା ବେଳେ ପରବର୍ତ୍ତୀ କାଳରେ ପ୍ରଭାତ ମୁଖାର୍ଜୀ, ମନୋରଞ୍ଜନ ଦାସ, ରାଜ କିଶୋର ରାୟ, ରାଜ କିଶୋର ମିଶ୍ର, ବିନୋଦ ଚନ୍ଦ୍ର ନାୟକ, ପ୍ରାଣବନ୍ଧୁ କର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରବୀନ୍ଦ୍ର ନାରାୟଣ ମିଶ୍ର, ପ୍ରଫୁଲ୍ଲ କୁମାର ରଥ ଆଦିଙ୍କ ଏକାଙ୍କିକା ପ୍ରକାଶିତ । ରାଜ କିଶୋର ମିଶ୍ର ବହୁ ଏକାଙ୍କିକା ପ୍ରକାଶ କରିଛନ୍ତି, ମାତ୍ର ମନୋରଞ୍ଜନ ଦାସଙ୍କର ତିନୋଟି ଏକାଙ୍କିକା ପ୍ରକାଶ ପାଇଛି । ଅତିମାନବ (୬/୧୨), ଏକାନ୍ତ ଗୋପନୀୟ (୧୨/୧୨), ଆବିଷ୍କାର(୧/୧୩) ଏହି ତିନୋଟି ଏକାଙ୍କିକା ନାଟ୍ୟକାର ଶ୍ରୀଯୁକ୍ତ ଦାସ ନିୟତିର ନିର୍ମମ ପରିହାସ ସହିତ ମଣିଷର ଆଶାର ଚିତ୍ରକୁ ଦେଖାଇ ଦେଇଛନ୍ତି । ଚରିତ୍ରର ମାନସିକ ପ୍ରତିକ୍ରିୟା, ଅନ୍ତର୍ଦ୍ୱନ୍ଦ୍ୱ, ନାଟକୀୟ ଉତ୍କଣ୍ଠା ମଣ୍ଡିତ

୧୬. ସେନାପତି-ଝଙ୍କାର, ୫ମ ବର୍ଷ, ୧୧ଶ ସଂଖ୍ୟା ପୃ-୯୭୪

ହୋଇଛି ଏଥିରେ । ପ୍ରତାରଣାକୁ ଆୟୁଧ କରି ଜୀବନ କଟାଉଥିବା ମଣିଷର ନଗ୍ନରୂପ ଏଥିରେ ପ୍ରକାଶିତ । ରାଜକିଶୋର ରାୟଙ୍କ ଏକାଙ୍କିକାରେ ଜାତୀୟତାବାଦର ସ୍ୱରୂପ ପ୍ରକାଶିତ । ୧୯୬୨ ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧ ବେଳେ ପ୍ରକାଶିତ ଝଙ୍କାରର ଯୁଦ୍ଧ ବିଶେଷାଙ୍କ (୧୪/୯) ରେ ତାଙ୍କ ଏକାଙ୍କିକା 'ରକ୍ତଜବା ହିମାଦ୍ରି'ରୁ ଏହି ଜାତୀୟବାଦୀ ଦୃଷ୍ଟିକୋଣର ପ୍ରମାଣ ମିଳେ । ପୂର୍ବରୁ ତାଙ୍କ 'କଳିଙ୍ଗ ଶିଳ୍ପୀ' ମଧ୍ୟ ପ୍ରକାଶିତ । ପ୍ରାଣବନ୍ଧୁ କର ଓ ମନୋରଞ୍ଜନ ଦାସଙ୍କ ପରେ ସମସାମୟିକ ସାମାଜିକ ବ୍ୟବସ୍ଥା ମଣିଷ ମନର ଅନ୍ତଃଦ୍ୱନ୍ଦ୍ୱ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ରତ୍ନାକର ଚଇନି, ଗୋପାଳ ଛୋଟରାୟ, ବିଶ୍ୱଜିତ୍ ଦାସ, କାର୍ତ୍ତିକ ଚନ୍ଦ୍ର ରଥ, ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡକ୍ଟର ବିଜୟ କୁମାର ଶତପଥୀ, ରଣଜିତ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ରଥ, ବିଜୟ ମିଶ୍ର, ଅର୍ଚ୍ଚନା ନାୟକ, ପ୍ରସନ୍ନ ମିଶ୍ର, ସରୋଜ ମିଶ୍ର ଆଦି ନାଟ୍ୟକାରଙ୍କ ଏକାଙ୍କିକାରେ ଦେଖିବାକୁ ମିଳେ । ସଂପ୍ରତି କାବ୍ୟ ନାଟିକା ଉପରେ ଗୁରୁତ୍ୱ ଦେଇଥିବା ପ୍ରହରାଜ ସତ୍ୟ ନାରାୟଣ ନନ୍ଦଙ୍କ କାବ୍ୟ ନାଟିକା ମଧ୍ୟ ଝଙ୍କାରରେ ପ୍ରକାଶ ପାଇଛି । କାଳୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓ ଆକାଶବାଣୀରେ ପ୍ରସାରିତ କିଛି ରୂପକ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଝଙ୍କାରରେ ପ୍ରକାଶ ପାଇଥିଲା । କ୍ରମେ ପାରମ୍ପରିକ ଆଙ୍ଗିକକୁ ନେଇ ବର୍ତ୍ତମାନର ସମାଜକୁ ଉପସ୍ଥାପନ କରିବା ଦିଗରେ ନାଟ୍ୟକାରଗଣ ନୂତନ ପରୀକ୍ଷା ନିରୀକ୍ଷା କରୁଛନ୍ତି । ବିଭିନ୍ନ ଲୋକନାଟକର ଆଙ୍ଗିକକୁ ଏବେ ସେମାନେ ଗ୍ରହଣ କରୁଛନ୍ତି । ନାଟକ ଉଭୟ ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିକୁ କ୍ରମେ ପାଠକର ଦୃଷ୍ଟି ଆକର୍ଷଣ କରୁଛି ।

ପତ୍ରିକାର କ୍ଷୁଦ୍ର କଳେବର ଦୃଷ୍ଟିରୁ ଝଙ୍କାରରେ ପ୍ରାୟତଃ ବଡ଼ ନାଟକର ପ୍ରକାଶ ସମ୍ଭବପର ହୋଇନି । ପୂର୍ବରୁ ଧାରାବାହିକ ଭାବେ ମଧ୍ୟ ସଂପୂର୍ଣ୍ଣ ନାଟକ ଏଥିରେ ପ୍ରକାଶ ପାଇ ପାରନ୍ତା । ମାତ୍ର ସେପରି ଉଦ୍ୟମ ଆଜିଯାଏ ହୋଇ ନାହିଁ । ଏକାଙ୍କିକା /କାବ୍ୟ ନାଟିକା, ନାଟକ/ରୂପକ ଆଦି ଝଙ୍କାରରେ ପ୍ରକାଶ ପାଇ ନାଟକର ଶୂନ୍ୟସ୍ଥାନ କିଛିଟା ପୂରଣ କରି ଆସିଛି । ଏକକତା, କ୍ଷୁଦ୍ରତା ଓ ସଂକ୍ଷିପ୍ତତା ସର୍ବୋପରି ପାଠକମାନଙ୍କୁ ଖୁବ୍ ଶୀଘ୍ର ଛୁଇଁ ପାରୁଥିବା ଏହି ବିଭାଗଟି ପତ୍ରପତ୍ରିକା ପାଇଁ ଅଧିକ ଉପଯୋଗୀ ବୋଲି ମନେ କରାଯାଏ । ତେବେ ଯାହାହେଉ ସ୍ୱାଧୀନତା ପରଠାରୁ ଏ ଯାବତ୍ ଶହେରୁ ଉର୍ଦ୍ଧ୍ୱ ନାଟକ/ ଏକାଙ୍କିକା/କାବ୍ୟ ନାଟିକା ଝଙ୍କାରରେ ପ୍ରକାଶ ପାଇଛି । ଏବେ ଏ ଦିଗରେ ଅଧିକ ଆଗ୍ରହ ଦେଖା ଦେଇଛି । ଏହା ଫଳରେ ପତ୍ରପତ୍ରିକାରେ ଅବହେଳିତ ଏହି ବିଭାଗଟିକୁ କିଛି ମାତ୍ରାରେ ଉନ୍ନତି ମାର୍ଗରେ ଝଙ୍କାର ଆଗେଇ ନେବାରେ ସାହାଯ୍ୟ ପାଇଛି । କ୍ଷୀଣଧାରଟିଏ ହେଲେ ହେଁ ଏକାଙ୍କିକା ପ୍ରାଣବଂଧୁ କରଙ୍କ ଠାରୁ ମନୋରଂଜନ ଦାସଙ୍କ ବାଟଦେଇ କାର୍ତ୍ତିକ ଚନ୍ଦ୍ର ରଥ, ବିଜୟ ଶତପଥୀ, ଅର୍ଚ୍ଚନା ନାୟକଙ୍କ ପର୍ଯ୍ୟନ୍ତ ଲମ୍ବି ଆସିଛି, ଏତିକି ସାନ୍ତ୍ୱନା ।

ଉପନ୍ୟାସ ଓ ଉପନ୍ୟାସକାର

ସ୍ୱାଧୀନତା ପରେ ଏକମାତ୍ର ନିର୍ଭର ଯୋଗ୍ୟ ସମୃଦ୍ଧ ସାହିତ୍ୟ ପତ୍ରିକା ଭାବେ ଉପନ୍ୟାସ ସାହିତ୍ୟର ସୃଷ୍ଟି ଓ ବିକାଶ କ୍ଷେତ୍ରରେ ଯେଉଁ ଭୂମିକା ଗ୍ରହଣ କରିବା କଥା ତହିଁରେ 'ଝଙ୍କାର' ସଂପୂର୍ଣ୍ଣ ସଫଳ ହୋଇପାରିନାହିଁ । ଉପନ୍ୟାସକୁ ଉପଯୁକ୍ତ ପୃଷ୍ଠପୋଷକତା ଦେବାରେ ଏହା ଉଲ୍ଲେଖନୀୟ କର୍ତ୍ତବ୍ୟ ତୁଲାଇ ନାହିଁ । ଅବଶ୍ୟ ଉପନ୍ୟାସ ପ୍ରକାଶ କ୍ଷେତ୍ରରେ ଝଙ୍କାର ଯେ ସଂପୂର୍ଣ୍ଣ ବିମୁଖ ତାହା ନୁହେଁ । ଦୀର୍ଘ ୫୦ ବର୍ଷ ମଧ୍ୟରେ ଗୋପୀନାଥ ମହାନ୍ତି, ବାମା ଚରଣ ମିତ୍ର, ବିଭୂତି ପଟ୍ଟନାୟକ, ଜଗଦୀଶ ମହାନ୍ତି, ପ୍ରତିଭା ରାୟ, କିଶୋରୀ ଚରଣ ଦାସ ଭଳି ସୁପ୍ରତିଷ୍ଠିତ ଔପନ୍ୟାସିକ ସୃଷ୍ଟି ଝଙ୍କାରରେ ସ୍ଥାନିତ । ଗୁଣାତ୍ମକ ଦୃଷ୍ଟିକୋଣରୁ ଏହି ଉପନ୍ୟାସଚୟ ଉତ୍କୃଷ୍ଟ ହୋଇଥିବା ସ୍ଥଳେ ପରିମାଣାତ୍ମକ ଦୃଷ୍ଟିରୁ ଖୁବ୍ ରୁଗ୍ଣ । ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ହେଁ ଏହି ବିଭାଗରେ ବିଭିନ୍ନ ପର୍ଯ୍ୟାୟର ସ୍ରଷ୍ଟାଙ୍କ ସୃଷ୍ଟି ସ୍ଥାନିତ ହେବା ହେତୁ ଏହା ବୈଚିତ୍ର୍ୟମୟ ହୋଇପାରିଛି ।

୧୯୪୯ ଠାରୁ ଅଦ୍ୟାବଧି ଝଙ୍କାରରେ ଗୋପୀନାଥ ମହାନ୍ତିଙ୍କ 'ଶରଶଯ୍ୟା' (୩/୬), ଶ୍ରୀ ହେମନ୍ତଙ୍କ ଧାରାବାହିକ ଉପନ୍ୟାସ 'ପଲ୍ଲୀ ଓ ନଗର' (୩/୭ - ୪/୨) ବାମାଚରଣ ମିତ୍ରଙ୍କ ଧାରାବାହିକ ଉପନ୍ୟାସ 'ଚନ୍ଦ୍ର ଓ ଚମ୍ପା' (୭/୧୦ - ୮/୧୨), ଜଗଦୀଶ ମହାନ୍ତିଙ୍କ 'ଆଲବମ୍‌ରେ କେତୋଟି ମୁହଁ' (୩/୧୦), ବିଭୂତି ପଟ୍ଟନାୟକଙ୍କ 'ସୁଡଙ୍ଗ ଶେଷରେ ସୂର୍ଯ୍ୟୋଦୟ' (୩୮/୧) ଓ ଉପନ୍ୟାସିକା 'ସଂଶପ୍ତକ' (୪୨/୭), 'ସ୍ୱପ୍ନର ସୌଦାଗର (୪୬/୭), ପ୍ରତିଭା ରାୟଙ୍କ ଧାରାବାହିକ ଉପନ୍ୟାସ 'ଉତ୍ତରମାର୍ଗ' (୩୮/୧ - ୩୮/୧୨) ଓ କିଶୋରୀ ଚରଣ ଦାସଙ୍କ 'ନେତା ଓ ନେତ୍ରମଣି' (୪୬/୧ - ୪୬/୧୨) ଆଦି ଉପନ୍ୟାସ ପ୍ରକାଶିତ ।

ଗୋପୀନାଥ ମହାନ୍ତିଙ୍କର ସଂକ୍ଷିପ୍ତ ଉପନ୍ୟାସ 'ଶରଶଯ୍ୟା' (୩/୬)ରୁ ଝଙ୍କାରରେ ଉପନ୍ୟାସ ପ୍ରକାଶର ଶୁଭାରମ୍ଭ ହେଲା । ପାରିବାରିକ ଘଟଣାକୁ ମୂଳଭିତ୍ତି ରୂପେ ଗ୍ରହଣ କରି ସେଥିରେ ଗଢିଉଠିଥିବା ଏହି ଉପନ୍ୟାସରେ ନିଃସଙ୍ଗ ନାରୀର ମନ ଗହୀର କଥା ବେଶ୍ ବଳିଷ୍ଠ ଭାବେ ଉପସ୍ଥାପିତ ।' ସ୍ୱାଧୀନତା ପରବର୍ତ୍ତୀକାଳର ଆଶଙ୍କା, ଅବିଶ୍ୱାସର ଜୁଆର ମାନବ ସମାଜରେ ଯେଉଁ ପ୍ଲାବନ ସୃଷ୍ଟି କଲା ତାହା ସୃଷ୍ଟି କ୍ଷେତ୍ରରେ ପ୍ରତିଫଳିତ ହେଲା । ସନ୍ଦେହ ଓ ଅବିଶ୍ୱାସ ମଣିଷର କଥା ସହ ତାର ମନସ୍ତାତ୍ତ୍ୱିକ ଦିଗକୁ ଔପନ୍ୟାସିକ ଅତି ପ୍ରାଞ୍ଜଳ ଭାବରେ ଦେଖାଇ ଦେଇଛନ୍ତି । ତାଙ୍କ ମତରେ 'ଘଟଣାର ଅର୍ଥ ନିର୍ଭର କରେ ଦୃଷ୍ଟିଭଙ୍ଗୀ ଉପରେ, ଦୃଷ୍ଟିଭଙ୍ଗୀ ନିର୍ଭର କରେ ମନର ଅବସ୍ଥା ଉପରେ, ମନର ଅବସ୍ଥା

ନିର୍ଭର କରେ ଅନ୍ୟ କେତେକ ଅବସ୍ଥା ଉପରେ ।'[୧୭] ଜୀବନ ଓ ଆନନ୍ଦ ଅଭିନ୍ନ । ମୃତ୍ୟୁ, ଶୋକ ଓ ସଂକୀର୍ଣ୍ଣତା ଅଭିନ୍ନ'- ଏହାହିଁ ଗୋପୀବାବୁଙ୍କର ଉପନ୍ୟାସର ପ୍ରତିପାଦିତ ସିଦ୍ଧାନ୍ତ ।

"ଝଙ୍କାର ପତ୍ରିକାର ଇତିହାସରେ ଧାରାବାହିକ ଉପନ୍ୟାସ ହେଲା 'ଉତ୍ତର ମାର୍ଗ' ଠାରୁ ଆରମ୍ଭ ।"[୧୮] ଏହି ଉପନ୍ୟାସର ଲେଖିକା ପ୍ରତିଭା ରାୟଙ୍କ ଏହି ମନ୍ତବ୍ୟ ସଂପୂର୍ଣ୍ଣ ଅମୂଳକ । ଶ୍ରୀ ହେମନ୍ତ (ଛଦ୍ମନାମ)ଙ୍କ ୧୯୫୧ ମସିହା ଅକ୍ଟୋବର ସଂଖ୍ୟାରେ ପ୍ରକାଶିତ 'ପଲ୍ଲୀ ଓ ନଗର' ହିଁ ଝଙ୍କାରର ପ୍ରଥମ ଧାରାବାହିକ ଉପନ୍ୟାସ । ସ୍ୱାଧୀନତା ପ୍ରାପ୍ତି ପରେ ଶିକ୍ଷାୟତନର ବିସ୍ତାର, ଉଚ୍ଚ ଶିକ୍ଷାର ପ୍ରଚଳନ, ସରକାରୀ ସଂସ୍ଥାରେ ଚାକିରୀ ବ୍ୟବସ୍ଥାର ସୃଷ୍ଟି ହେତୁ ନଗର ସଭ୍ୟତା ମୁଣ୍ଡ ଟେକିଛି । 'ପଲ୍ଲୀ ଓ ନଗର' ଉପନ୍ୟାସରେ ପଲ୍ଲୀ ଓ ନଗର ସଭ୍ୟତା, ସାଂସ୍କୃତିକ ସ୍ୱରୂପକୁ ଉପସ୍ଥାପନ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀକାଳର ସାମାଜିକ ବ୍ୟବସ୍ଥାରେ ପରିଲକ୍ଷିତ ପରିବର୍ତ୍ତନ ଉପନ୍ୟାସରେ ପ୍ରତିପାଦିତ ।

Somerset Mohgham ଙ୍କ 'Catilina'ର ଛାୟାରେ ବାମାଚରଣ ମିତ୍ରଙ୍କ ଦ୍ୱାରା ଐତିହାସିକ ଭିତ୍ତିଉପରେ କାଳ୍ପନିକ ଆଖ୍ୟାୟିକାକୁ ନେଇ 'ଚନ୍ଦ୍ର ଓ ଚଂପା' ଉପନ୍ୟାସ ରଚିତ । ଏହି ଉପନ୍ୟାସ ଅତଳ ଅତୀତର ଚେନାଏ ଚିତ୍ରଣର ଆସ୍ୱାଦ ପ୍ରଦାନ କରେ । ନାନା ମତବାଦର ଘୂର୍ଣ୍ଣିରେ ଧର୍ମରେ ଜଡତା ଆସିଲାବେଳେ ନୂତନ ଭାବଧାରା, ଆଶା ଓ ଶାନ୍ତି ସାମ୍ୟର ଆଲୋକ ଉଦୟ କାଳରେ ଉପନ୍ୟାସ କଥାବସ୍ତୁ ଆରମ୍ଭ । କଥାବସ୍ତୁ ଓ ଉପସ୍ଥାପନା ଶୈଳୀ ଦୃଷ୍ଟିରୁ ଏହା ରସାଣିତ ଓ ହୃଦ୍ୟ ।

ପରବର୍ତ୍ତୀ ପର୍ଯ୍ୟାୟରେ ଝଙ୍କାରରେ ପ୍ରକାଶିତ ଜଗଦୀଶ ମହାନ୍ତିଙ୍କ 'ଆଲବମ୍ ଆଗରେ ମୁହଁ', ବିଭୂତି ପଟ୍ଟନାୟକଙ୍କ 'ସୁଡଙ୍ଗ ଶେଷରେ ସୂର୍ଯ୍ୟୋଦୟ' ଓ 'ସ୍ୱପ୍ନର ସୌଦାଗର' ପ୍ରତିଭା ରାୟଙ୍କ ଧାରାବାହିକ ଉପନ୍ୟାସ 'ଉତ୍ତର ମାର୍ଗ', କିଶୋରୀ ଚରଣ ଦାସଙ୍କ ଧାଡାବାହିକ ଉପନ୍ୟାସ 'ନେତା ଓ ନେତ୍ରମଣି' ଉପନ୍ୟାସରେ କ୍ରମେ ବାସ୍ତବତା ଓ ଉଗ୍ରବାସ୍ତବତା ପ୍ରଭାବରେ ଧୂସରରୁ ଅଧିକ ଧୂସର ହୋଇ ପଡୁଥିବା ସମାଜର ମାର୍ମିକ ଚିତ୍ରଣ ରହିଛି । ସ୍ୱପ୍ନଭଙ୍ଗ ଜାତୀୟ ଚରିତ୍ରର ଅଧୋଗତି ଜନିତ ଭୁଶୁଡି ପଡିଥିବା ମୂଲ୍ୟବୋଧ ରାଜନୀତିର ତିରୋଧାନ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଜନିତ ବାସ୍ତବତାରେ ଉକ୍ତ ଉପନ୍ୟାସ ପାଠକୀୟ ଅନୁଭୂତି ଅଭିଜ୍ଞତାର ଖୁବ ନିକଟବର୍ତ୍ତୀ । ସମସ୍ତ ପ୍ରକାର ବିଚ୍ଛିନ୍ନତା ଓ ବ୍ୟବଧାନ ସତ୍ତ୍ୱେ ପ୍ରେମର ଅନ୍ତଃକରଣ ଫଲ୍‌ଗୁଧାରା ଜଗଦୀଶ ମହାନ୍ତିଙ୍କ ଉପନ୍ୟାସରେ

୧୭. ମହାନ୍ତି, ଗୋପୀନାଥ - ଶରଶଯ୍ୟା - ଝଙ୍କାର, ୩ୟ ବର୍ଷ ୬ଷ୍ଠ ସଂଖ୍ୟା

୧୮. ରାୟ, ପ୍ରତିଭା - ଉତ୍ତର ମାର୍ଗ, ଲେଖକୀୟ (ଘ) ।

ସ୍ୱୀକୃତ । ସ୍ନେହ, ପ୍ରେମ, ବିଶ୍ୱାସର ସେହି ଶେଷ ସତ୍ତାକୁ ଔପନ୍ୟାସିକ ଉପଲବ୍ଧି କରୁଛନ୍ତି । '' ନା,ନା - ସ୍ନେହ, ପ୍ରେମ, ବିଶ୍ୱାସର ମୂଲ୍ୟବୋଧରେ ଭୂମିକମ୍ପ ଆସିଥିଲେ ବି ସବୁଯାକ ଏବେ ବି କଷ୍ଟ ହୋଇଛି କିଛି ନା କିଛି ତ ବଞ୍ଚ୍ ରହିଛି ଏବେ ବି ଆମ ହୃଦୟ ଭିତରେ ।''[୧୯] ଠିକ୍ ସେହିପରି କିଶୋରୀ ଚରଣ ଦାସଙ୍କ ଉପନ୍ୟାସ 'ନେତା ଓ ନେତ୍ରମଣି'ରେ ଏହି ସ୍ନେହ ପ୍ରେମ ବିଶ୍ୱାସ ପୁନର୍ଜୀବିତ । ଡଃ ରାୟଙ୍କ ଉପନ୍ୟାସରେ ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଆସିଥିବା ଜଡତା, ଅବକ୍ଷୟତାର ଲୋପ ପାଇଁ ନୂତନ କ୍ରାନ୍ତି ଆଣିବାର ଆହ୍ୱାନ ରହିଛି । ଏହି ଆହ୍ୱାନ ଭିତରେ ସୃଜନଶୀଳତାର ପ୍ରେରଣା, ଶାନ୍ତି, ସମୃଦ୍ଧି ଓ ସଂହତିର ଶୁଭ ସଂକେତ ପ୍ରତିଭାତ । 'ସୁଡଙ୍ଗ ଶେଷରେ ସୂର୍ଯ୍ୟୋଦୟ'ରେ ଅନୁରୂପ ବିପ୍ଳବର ସ୍ୱର ଝଙ୍କୃତ । ଅର୍ଦ୍ଧ ସାମନ୍ତବାଦୀ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ମୀନାର ଭାଙ୍ଗିବାର ଆକାଂକ୍ଷା ଜାଗରୁକ । ବିପ୍ଳବର ଠିକଣା ଜାଣିବା ପାଇଁ, ସବୁଜ ସୂର୍ଯ୍ୟର ଦେଶର ସଂଧାନ ପାଇଁ ଅନ୍ଧକାରାଚ୍ଛନ୍ନ ପରିସ୍ଥିତର ସୁଡଙ୍ଗ ଭିତରୁ ବାହାରକୁ ଆସିବାର ଆଗ୍ରହ ରହିଛି ଏଥିରେ । ଉଭୟ ଉପନ୍ୟାସରେ ସମ୍ଭାବନାର ସମୁଜ୍ଜ୍ୱଳ ସଂକେତ ପ୍ରକଟିତ । ''ଏ ଜାତିକୁ ଉଦ୍ଧୃତ କରିବାକୁ ହେବ - ଏଥିପାଇଁ ଆବଶ୍ୟକ କ୍ରାନ୍ତି xxଆକାଶରେ ସୂର୍ଯ୍ୟୋଦୟ ହୋଇଛି ସତ୍ୟ - ମାଟି ଉପରୁ ଅଂଧାର କଟି ନାହିଁ । ସୂର୍ଯ୍ୟ ମଥାନକୁ ଉଠିଲେ ଅଂଧାର ଆପେଆପେ କଟି ଯିବ । ଅଂଧାର କଟିବା ପାଇଁ ସମୟ ଲାଗେ । କେଉଁଠି ଲୁଚି ଛପି ଅଂଧାର ଚେନାଏ ଅଟକି ଯାଇଛି ବୋଲି ସୂର୍ଯ୍ୟୋଦୟକୁ କ'ଣ ଅସ୍ୱୀକାର କରିହେବ ?''[୨୦]

''ବିପ୍ଳବର ଠିକଣା ଜାଣିବାକୁ; ଜାଣିବା ପାଇଁ କେଉଁଠି ଅନ୍ଧକାରାଚ୍ଛନ୍ନ ସୁଡଙ୍ଗର ସମାପ୍ତି ? କେଉଁଠି ସବୁଜ ସୂର୍ଯ୍ୟର ଦେଶ ?''[୨୧]

ସଂଶପ୍ତକ ଉପନ୍ୟାସିକାରେ ଔପନ୍ୟାସିକ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମକୁ ଗୁରୁତ୍ୱ ଦେଇଛନ୍ତି । ଅନ୍ୟାୟକୁ ମଥାପାତି ସହିବା କିମ୍ବା ଅନିଶ୍ଚିତ ଭବିଷ୍ୟତ ଉପରେ ଭବିଷ୍ୟତର ସମୃଦ୍ଧ ସମାଜ ଗଠନରେ ଆଶାବାଦୀ ହୋଇଛନ୍ତି । ସଭ୍ୟତାର ଅନ୍ତଃଦ୍ୱନ୍ଦ୍ୱ, ଅନ୍ତଃବାହ୍ୟର ଆଲେଖ୍ୟକୁ ନେଇ ରଚିତ 'ସ୍ୱପ୍ନର ସୌଦାଗର'ରେ ଏହି ବିପ୍ଳବ, କ୍ରାନ୍ତି ଅଳୀକ; ଅବକ୍ଷୟୀ ଶତାବ୍ଦୀର କିଂକର୍ତ୍ତବ୍ୟବିମୁଢ଼ ମାନବର ତ୍ରାହି ତ୍ରାହି ଧ୍ୱନି ସ୍ପଷ୍ଟ ଓ ମାର୍ମିକ । ''ଏ ଶତାବ୍ଦୀ ଶେଷ ହେବା ପାଇଁ ଆହୁରି ତ କିଛି ବର୍ଷ କାଳ ଅଛି । ଏଇ ଅସୁସ୍ଥ ରୁଗ୍ଣ xxxପଙ୍ଗୁ

୧୯. ମହାନ୍ତି, ଜଗଦୀଶ - ଆଲବମ୍‌ରେ କେତୋଟି ମୁହଁ, ଝଙ୍କାର, ୩୦ ବର୍ଷ, ୧୦ ମ ପୃ - ୯୦୯

୨୦. ରାୟ, ପ୍ରତିଭା - ଉତ୍ତର ମାର୍ଗ, ଝଙ୍କାର ୩୯ ବର୍ଷ, ୧୨ଶ ସଂଖ୍ୟା ପୃ- ୧୧୩୧

୨୧. ପଟ୍ଟନାୟକ, ବିଭୂତି - ସୁଡଙ୍ଗ ଶେଷରେ ସୂର୍ଯ୍ୟୋଦୟ, ଝଙ୍କାର, ୩୮ ବର୍ଷ. ୧ମ, ପୃ - ୧୧୨

ଶତାବ୍ଦୀ ! ଆଶା ଭଙ୍ଗ, ସ୍ୱପ୍ନଭଙ୍ଗର ଅଭିଶପ୍ତ ବିଂଶ ଶତାବ୍ଦୀ ।''[22] ଏହି ଶତାବ୍ଦୀ ପରମ୍ପରା ବିଚ୍ୟୁତ । ଏଣୁ ଶ୍ରୀ ପଟ୍ଟନାୟକ ପରମ୍ପରାର ଦାୟାଦ ନିଜ ସୃଷ୍ଟିର ମୁଖ୍ୟ ଚରିତ୍ରର ଭାବନା ମଧ୍ୟରେ ଆଗାମୀ ଶତାବ୍ଦୀର ସମ୍ଭାବ୍ୟ ରୂପ ମଧ୍ୟ ଠିକ୍ ଏହିପରି '' ଏକ ବିଂଶର ମୁହଁ ଦେଖିବାର ସ୍ୱପ୍ନ ମଧ୍ୟ ତାଙ୍କର ଭାଙ୍ଗି ଯାଇଛି । X X ଅନାଗତ ଶତାବ୍ଦୀର ତାଙ୍କର ମୁହଁ ଦେଖିବାକୁ ଚାହାନ୍ତି ନାହିଁ ।[23] ସାମାଜିକ ଜୀବନରେ ଆସିଥିବା ସ୍ଖଳନର ଉଗ୍ର ବାସ୍ତବ ରୂପ, ସ୍ୱପ୍ନ ଭଙ୍ଗର ଦୁଃଖଦ ପରିସ୍ଥିତି, ଅମାନବିକ ପ୍ରବୃତ୍ତିର ପ୍ରାବଲ୍ୟ ଝଙ୍କାରରେ ଏହି କାଳ ମଧ୍ୟରେ ପ୍ରକାଶିତ ଉପନ୍ୟାସରେ ଯଥାଯଥ ଭାବେ ପ୍ରତିଫଳିତ । ସଂସପ୍ତକର ତୀବ୍ର ପ୍ରତିକ୍ରିୟା ଏଠାରେ ନାହିଁ । ଅସହାୟତାର ସ୍ୱର ଏଠାରେ ଖୁବ୍ ଯନ୍ତ୍ରଣାଦାୟକ । ଝଙ୍କାରରେ ପ୍ରକାଶିତ ଉପନ୍ୟାସରେ ରହିଛି ସ୍ୱାଧୀନତା ପରବର୍ତ୍ତୀ ସମାଜରେ ବିଭିନ୍ନ ପର୍ଯ୍ୟାୟରେ ପରିଲକ୍ଷିତ ସମସ୍ୟାର ନିଛକ ଛବି ।

ଅଧୁନା ଝଙ୍କାରରେ ଉପନ୍ୟାସ ପ୍ରକାଶ କରିବା ଦିଗରେ ଅଧିକ ଆଗ୍ରହ ଲକ୍ଷଣୀୟ । ବିଗତ କିଛି ବର୍ଷ ମଧ୍ୟରେ ସଂପୂର୍ଣ୍ଣ ଉପନ୍ୟାସ (ସ୍ୱପ୍ନର ସୌଦାଗର) ଓ ଦୁଇଟି ଧାରାବାହିକ ଉପନ୍ୟାସ (ଉତ୍ତରମାର୍ଗ ଓ ନେତା ଓ ନେତ୍ରମଣି) ପ୍ରକାଶରୁ ଏହାର ସୂଚନା ମିଳେ । ପିନାକୀ ପାଣି, ପ୍ରଭାସ ଶତପଥୀ, ଲକ୍ଷ୍ମୀନାରାୟଣ ମହାନ୍ତି ଆଦି ଅନୁବାଦକ ଜେମସ୍ ହିଲଟନ୍, ଆଲେକ୍ସନ୍ଦାର ସେରେଗେଲେଭିନ୍ ପୁସ୍କିନ, ଆର୍ଥର କେଏଲସର ଆଦି ବିଦେଶୀ ଔପନ୍ୟାସିକଙ୍କ ଉପନ୍ୟାସର ଅନୁବାଦ ପ୍ରସ୍ତୁତ କରି ଝଙ୍କାରରେ ପ୍ରକାଶ କରିଛନ୍ତି । ଏହି ଅନୂଦିତ ଉପନ୍ୟାସ ଓଡ଼ିଆ ଅନୁବାଦ ସାହିତ୍ୟକୁ ମହନୀୟ ଦାନ ।

ପ୍ରବନ୍ଧ ଓ ପ୍ରାବନ୍ଧିକ

ଦୀର୍ଘଦିନ ପରାଧୀନତାରୁ ମୁକ୍ତିଲାଭ କଲା ପରେ ସମୃଦ୍ଧ ରାଷ୍ଟ୍ର ଗଠନ ମୁଖ୍ୟକାର୍ଯ୍ୟ ରୂପେ ଗୃହୀତ ହେଲା । ଶିକ୍ଷା, ଶାସନନୀତି, ସମାଜନୀତି ହାତକୁ ନିଆଗଲା । ପଞ୍ଚବାର୍ଷିକୀ ଯୋଜନା, ଗାନ୍ଧୀନୀତିର ରୂପାୟନ, ସର୍ବୋଦୟ ଆନ୍ଦୋଳନ, ଭୂଦାନ କାର୍ଯ୍ୟକ୍ରମ ଆଦିର ସୂତ୍ରପାତ ହେଲା । ଫଳରେ କେବଳ ସାହିତ୍ୟ, ଦର୍ଶନ ମଧ୍ୟରେ ଆପଣାକୁ ସୀମିତ ନରଖି ଅର୍ଥନୀତି ରାଜନୀତି, ସମାଜନୀତି, ଶିକ୍ଷା, ସଙ୍ଗୀତ, ଚିକିତ୍ସା, ମନସ୍ତତ୍ତ୍ୱ ଆଦିର ମୁକ୍ତ ଅଙ୍ଗନରେ ମତଦାରଣ କରିବାର ବିପୁଳ ସୁଯୋଗ ଲାଭ କଲା । ଏଣୁ ସ୍ୱାଧୀନତା ପରବର୍ତ୍ତୀ ପ୍ରବନ୍ଧ ବହୁ ଚିନ୍ତା ଚେତନା, ନୂତନ ଆଭିମୁଖ୍ୟର ବହୁ ବର୍ଣ୍ଣ ନେଇ ପ୍ରକାଶ ପାଇଲା । 'ଝଙ୍କାର' ଏହି ବଳିଷ୍ଠ ଯୁକ୍ତିନିଷ୍ଠ ସାହିତ୍ୟିକ ବିଭାଗକୁ ଅଗ୍ରାଧିକାର ଦେଲା ।

---

୨୨. ପଟ୍ଟନାୟକ, ବିଭୂତି - ସ୍ୱପ୍ନର ସୌଦାଗର - ଝଙ୍କାର ୪୬ ବର୍ଷ, ୭ମ, ପୃ- ୬୮୯.

୨୩. ପଟ୍ଟନାୟକ,ବିଭୂତି, ସ୍ୱପ୍ନର ସୌଦାଗର, ଝଙ୍କାର ୪୬ ବର୍ଷ ୭ମ ସଂଖ୍ୟା ପୃ-୬୮୯

'ଝଙ୍କାର'ର ପ୍ରଥମ ପର୍ଯ୍ୟାୟର ପ୍ରବନ୍ଧ ସାହିତ୍ୟ ସଂସ୍କୃତିରୁ ଶିକ୍ଷା ଓ ସାହିତ୍ୟ, ସମାଜନୀତିରୁ ଅର୍ଥନୀତି, ରାଜନୀତି, ଗାନ୍ଧୀବାଦ ଦର୍ଶନ ଠାରୁ ଧର୍ମ ଭିତ୍ତିକ ଦର୍ଶନ, ସଙ୍ଗୀତଠାରୁ ଶିଳ୍ପକଳା ଯାଏ ପରିବ୍ୟାପ୍ତ। ବିପିନ ବିହାରୀ ରାୟ, ରତ୍ନାକର ପତି, ଆର୍ତ୍ତବଲ୍ଲଭ ମହାନ୍ତି, ଲିଙ୍ଗରାଜ ମିଶ୍ର, ସର୍ବେଶ୍ୱର ଦାସ, ଗିରିଜା ଶଙ୍କର ରାୟ, ଗୋପୀନାଥ ମହାନ୍ତି, କେଦାର ନାଥ ମହାପାତ୍ର, ସଦାଶିବ ମିଶ୍ର, ଶ୍ରୀରାମଚନ୍ଦ୍ର ଦାଶ ଆଦି ବହୁ ପ୍ରାବନ୍ଧିକଙ୍କ ଲେଖନୀ ଏହି ସମୟରେ ପ୍ରବନ୍ଧ ସାହିତ୍ୟକୁ କେବଳ ସମୃଦ୍ଧ କରିନି ବରଂ ଅନ୍ୟ ସାହିତ୍ୟ ବିଭାଗଠାରୁ ଏକ ସମ୍ମାନଜନକ ଆସନରେ ଅଭିଷିକ୍ତ କରିଛି।

'ଝଙ୍କାର'ର ପ୍ରଥମ ପର୍ଯ୍ୟାୟର ପ୍ରବନ୍ଧରେ ଶିକ୍ଷା ଓ ସଂସ୍କୃତି ବିଷୟରେ ରଚନା ବହୁ ପରିମାଣରେ ସ୍ଥାନ ପାଇଛି। ଏକ୍ଷେତ୍ରରେ ଚିନ୍ତାମଣି ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ, ସଦାଶିବ ରଥଶର୍ମା, ସିଦ୍ଧେଶ୍ୱର ହୋତା, ଅଧ୍ୟାପକ ନାରାୟଣ ମହାପାତ୍ର, ଡକ୍ଟର ମାନସିଂହ, ଗିରିଜାଶଙ୍କର ରାୟ, ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ, ପ୍ରହ୍ଲାଦ ପ୍ରଧାନ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ଲିଙ୍ଗରାଜ ମିଶ୍ର, ଚିତ୍ତରଞ୍ଜନ ଦାସ, ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବ, ଆର୍ତ୍ତବଲ୍ଲଭ ମହାନ୍ତି, ଅଧ୍ୟାପିକା କେତକୀ ନାୟକଙ୍କ ସିଦ୍ଧି ସ୍ୱୀକାର୍ଯ୍ୟ। ଡଃ ଲକ୍ଷ୍ମୀ ନାରାୟଣ ସାହୁଙ୍କ 'ଉତ୍କଳ ଓ ତା'ର ବୈଶିଷ୍ଟ୍ୟ' (୧୦/୧୦), 'ଉତ୍କଳର କୈବର୍ତ୍ତ ଜାତି' (୧୨/୧୦), 'ଅଶ୍ଳୀଳତା' (୧୧/୧୧), ଡଃ ହରେକୃଷ୍ଣ ମହତାବଙ୍କ 'ପରମ୍ପରା' (୪/୧), ଭାରତୀୟ ସଂସ୍କୃତି (୨/୩), 'ଶିକ୍ଷା ସମସ୍ୟା' (୫/୧୨), 'ସମାଜ ଉପରେ ସାହିତ୍ୟର ପ୍ରଭାବ'(୭/୧), ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ' (୧୦/୧୦), ଡଃ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ଶକ୍ତି' (୮/୭), ସାରୀପୁତ୍ର ଓ ମୋଗାଗାଲ୍ଲାନ (୩/୧୦) 'ସୁସ୍ଥିତିୟ'(୭/୮)'ଶିଷ୍ଟତା' (୩/୭),ଲିଙ୍ଗରାଜ ମିଶ୍ରଙ୍କ 'ବୈଦିକ ସଂସ୍କୃତି' (୧୧/୧୨) 'ପ୍ରାଚୀନ ଭାରତର ବାଣିଜ୍ୟ' (୯/୭) ବିଦେଶରେ ସଂସ୍କୃତର ପ୍ରଚାର' (୧୦/୩), ଚିତ୍ତରଞ୍ଜନ ଦାସଙ୍କ 'ସାହିତ୍ୟ' (ଅନୂଦିତ, ୯/୧୨), ଗଳ୍ପ (୬/୧) କାଳିନ୍ଦୀ ପାଣିଗ୍ରାହୀଙ୍କ 'କନ୍ୟାକୁମାରୀ'(୯/୧୧) 'ପୁଷ୍ପପୁରରେ ବର୍ଷାବରଣ' (୧/୯), ଓଡ଼ିଆ ସାହିତ୍ୟରେ ଗୀତଗୋବିନ୍ଦର ପ୍ରଭାବ(୨୧/୧୦),'ମୋର ପ୍ରତିବେଶୀ ବୃନ୍ଦ',(୨୭/୪) 'ବାଲିଯାତ୍ରା' (୨୪/୯) ଆଦି ପ୍ରକାଶିତ ପ୍ରବନ୍ଧ ଅନ୍ତର୍ଭୁକ୍ତ। ସାହିତ୍ୟ ସମ୍ପର୍କରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କେତେକ ପ୍ରବନ୍ଧ ମଧ୍ୟ ଏହି ସମୟରେ ଝଙ୍କାରରେ ପ୍ରକାଶିତ। ଏହି ପ୍ରବନ୍ଧ ମଧ୍ୟରୁ କେତେକ ତତ୍ତ୍ୱନିଷ୍ଠ ହୋଇ ପଡ଼ିଥିବା ବେଳେ କେତେକ ସରଳ, ସାବଲୀଳ ଉପସ୍ଥାପନା ମଧ୍ୟରେ ବେଶ୍ ରସାଣିତ । ଅଧିକାଂଶ ପ୍ରବନ୍ଧରେ ଗଭୀର ଚିନ୍ତା, ଐତିହାସିକ ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ ହେଲେ ହେଁ ଏହା ମର୍ମସ୍ପର୍ଶୀ।

ଆମ ସମାଜ ଧର୍ମ ଓ ଦର୍ଶନ ସହ ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । ଏଣୁ ପ୍ରବନ୍ଧରେ ଏହି ବିଭାଗରେ ବହୁ ରଚନା ପ୍ରସ୍ତୁତ ହୋଇଛି । 'ଝଙ୍କାର' ମଧ୍ୟ ତା'ର ପ୍ରାରମ୍ଭିକ ପର୍ଯ୍ୟାୟରୁ ଏ ସମ୍ପର୍କୀୟ ପ୍ରବନ୍ଧକୁ ସ୍ଥାନ ଦେଇ ଆସିଛି । ବିଶେଷ କରି ଚିନ୍ତାମଣି ଆଚାର୍ଯ୍ୟ, ଶରତ କୁମାର ମହାନ୍ତି, ଡକ୍ଟର ହରିହର ଚୌଧୁରୀ, ଅଶୋକ କୁମାର ରଥ, ବୃନ୍ଦାବନ ନାଥ ଶର୍ମା, ଆର୍ତ୍ତବଲ୍ଲଭ ମହାନ୍ତି, ବିପିନ ବିହାରୀ ରାୟ, ଡକ୍ଟର କରୁଣାକର କର, ରତ୍ନାକର ପତି, ଶେଖ- ଗୋଲାମ ଗଉସ, ଅନାମ ଚନ୍ଦ୍ର ସ୍ୱାଇଁ ଆଦି ବହୁ ପ୍ରତିଷ୍ଠିତ ଓ ବିସ୍ମୃତ ପ୍ରାବନ୍ଧିକ ଧର୍ମ ଦର୍ଶନକୁ ନେଇ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରବନ୍ଧ ରଚନା କରିଛନ୍ତି । ଏହି ପ୍ରବନ୍ଧଗୁଡ଼ିକ ବୈଦିକ ହିନ୍ଦୁ, ଇସଲାମ୍, ବୌଦ୍ଧ, ଜୈନଧର୍ମକୁ ଭିତ୍ତିକରି ରଚିତ । ଅଶୋକ କୁମାର ରଥ ଜୈନଧର୍ମ ସମ୍ପର୍କରେ ଧାରାବାହିକ ପ୍ରବନ୍ଧ ରଚନା କରିଛନ୍ତି । ମାୟାଧର ମାନସିଂହ, ବୃନ୍ଦାବନ ନାଥଶର୍ମା, ଅନାମ ଚନ୍ଦ୍ର ସ୍ୱାଇଁ, ବୌଦ୍ଧଧର୍ମ ସମ୍ପର୍କରେ ପ୍ରବନ୍ଧମାନ ରଚନା କରିଛନ୍ତି । ଡକ୍ଟର ମାୟାଧର ମାନସିଂହଙ୍କ 'ଏକ ମାତ୍ର ମନୁଷ୍ୟ ଧର୍ମ ବୈଦ୍ଧାଧର୍ମ' ପ୍ରବନ୍ଧ ଜବାବରେ 'ବୌଦ୍ଧଧର୍ମକି ମନୁଷ୍ୟର ଏକମାତ୍ର ଧର୍ମ' ପ୍ରବନ୍ଧ ବୃନ୍ଦାବନ ନାଥଶର୍ମାଙ୍କ ଦ୍ୱାରା ରଚିତ ହୋଇଛି । ବିପିନ ବିହାରୀ ରାୟଙ୍କ 'ସୃଷ୍ଟିର ରହସ୍ୟ' (୨/୬), ରତ୍ନାକର ପତିଙ୍କ 'ମଧ୍ୱାଚାର୍ଯ୍ୟଙ୍କ ବେଦାନ୍ତ ଦର୍ଶନ '(୧୨/୪), 'ଆଧ୍ୟାତ୍ମିକ ଭିତ୍ତି' (୧୧/୩), ପ୍ରହ୍ଲାଦ ପ୍ରଧାନଙ୍କ 'ବୃକ୍ଷ ଦୋହନ (୭/୨), 'ପୌରାଣିକ ଆଖ୍ୟାନର ତାନ୍ତ୍ରିକ ଆହ୍ୱାନ' (୭/୫), 'ସପ୍ତାଙ୍ଗ ଯୋଗ' (୩/୯), ସପ୍ତାଙ୍ଗ ଷୋଡ଼ାଙ୍ଗ ଓ ଅଷ୍ଟାଙ୍ଗ ଯୋଗ' (୯/୮), ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ଧର୍ମ ସଂସ୍ଥାନ' (୯/୯) 'ଭାରତର ଧର୍ମର ଗତି ଓ ତାର ପ୍ରସାର' (୧୦/୮, ୧୦/୯, ୧୦/୧୧) ପ୍ରବନ୍ଧ ସହିତ ଗଙ୍ଗାଧର ଗୁରୁ, ଲିଙ୍ଗରାଜ ମିଶ୍ରଙ୍କ ଉଚ୍ଚକୋଟୀର ପ୍ରବନ୍ଧ ଏହି ବିଭାଗକୁ ସମୃଦ୍ଧ କରିଛି । ଡକ୍ଟର ମହତାବ ମଧ୍ୟ ଏ କ୍ଷେତ୍ରରେ ଲେଖନୀ ଚାଳନା କରିଛନ୍ତି । ଏ ସମସ୍ତ ପ୍ରବନ୍ଧ ଓ ଧର୍ମନୀତି କେନ୍ଦ୍ରିକ ଭାରତୀୟ ପରମ୍ପରାର ବାହକ । ସ୍ୱାମୀ ବିବେକାନନ୍ଦଙ୍କ ବହୁ ଧର୍ମନୀତି ପ୍ରବନ୍ଧ ଓଡ଼ିଆରେ ଅନୁବାଦ କରାଯାଇ ପ୍ରକାଶ କରାଯାଇଛି ।

ସଙ୍ଗୀତ ଓ କଳା ସମ୍ପର୍କରେ ସଂଖ୍ୟାଧିକ ପ୍ରବନ୍ଧକୁ ନେଇ ଝଙ୍କାର ସମୃଦ୍ଧ । କାଳୀ ଚରଣ ପଟ୍ଟନାୟକଙ୍କ ଠାରୁ କୃଷ୍ଣଚନ୍ଦ୍ର ପଣ୍ଡା, ନୀଳମାଧବ ପାଣିଗ୍ରାହୀଙ୍କ ସଙ୍ଗୀତ ସମ୍ପର୍କିତ ପ୍ରବନ୍ଧ, ଗୌରାଙ୍ଗ ଚରଣ ସିଂହ, ପ୍ରମଥ ନାଥ ଦାଶ, ଗୋପାଳ କାନୁନ୍‌ଗୋ, ବିନୋଦ ରାଉତରାୟଙ୍କ କଳା ସମ୍ପର୍କିତ ପ୍ରବନ୍ଧ ଉଲ୍ଲେଖନୀୟ ।

ପ୍ରାବନ୍ଧିକ ହୃଷିକେଶ ରାୟଙ୍କ ପାଇଁ ଝଙ୍କାର ଗର୍ବିତ । ମଣିଷ ମନର ଅବଚେତନ, ଅଚେତନ ଓ ଚେତନ ଅବସ୍ଥାର ଅଜଣା ରହସ୍ୟକୁ ନେଇ ତାଙ୍କ ମନସ୍ତାତ୍ତ୍ୱିକ ପ୍ରବନ୍ଧ ବେଶ୍

ସରଳ, ସାବଲୀଳ ଓ ଉଚ୍ଚକୋଟୀର। 'ଶିଶୁ କୌତୁକ' (୧/୪), 'ମୁଁ ଆସିଲି କେଉଁଠୁ' (୨/୭), 'ଟେଷ୍ଟଟ୍ୟୁବ ବେବି' (୨/୧), 'ବିବାହ ପରେ'(୨/୪), 'ବୃଦ୍ଧସ୍ୟ ତରୁଣୀ ଭାର୍ଯ୍ୟା' (୨/୨), 'ସଂଯମତା ଅବଦମନ' (୨/୧୧), ଯୌନ ନିର୍ବାଚନ ଓ ପ୍ରତିଦ୍ୱନ୍ଦିତା' (୪/୧), 'ଯୌନ ପ୍ରବୃତ୍ତିର କ୍ରମ ବିକାଶ' (୨/୧) ଆଦି ସଂଖ୍ୟାଧିକ ମନସ୍ତାତ୍ତ୍ୱିକ ପ୍ରବନ୍ଧ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପରମ୍ପରା ସୃଷ୍ଟି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଏହି ପ୍ରବନ୍ଧର ଲୋକପ୍ରିୟତା ପରବର୍ତ୍ତୀ କାଳରେ ଦୈନିକ ପ୍ରଜାତନ୍ତ୍ର ପୃଷ୍ଠାରେ 'ମନଗହନ' ବିଭାଗର ସୂତ୍ରପାତ କଲା ଓ ବୃହତ୍ତର ପାଠକ ସମାଜ ସୃଷ୍ଟିକରିଥିଲା। ହୃଷିକେଶ ରାୟଙ୍କ ପରେ ରବୀନ୍ଦ୍ର ନାଥ କାନୁନ୍‌ଗୋ, ଜଗନ୍ନାଥ ଦାସ, ଡକ୍ଟର ରାଧାନାଥ ରଥ ଆଦି ଏକ୍ଷେତ୍ରରେ ଅଳ୍ପ କେତୋଟି ପ୍ରବନ୍ଧ ରଚନା କରିଛନ୍ତି। ଏହି ପ୍ରବନ୍ଧରେ ମଣିଷର ମାନସିକ ସ୍ତର ତନ୍ନ ତନ୍ନ ଭାବେ ବିଶ୍ଲେଷିତ।

ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଓ ଡଃ ବୈଦ୍ୟନାଥ ମିଶ୍ର ଅର୍ଥନୀତିକ ସମସ୍ୟା ଓ ବାଣିଜ୍ୟକୁ ନେଇ ବହୁ ପ୍ରବନ୍ଧ ରଚନା କରିଛନ୍ତି। ନୂଆକରି ସ୍ୱାଧୀନତା ଲାଭ କରିଥିବା ଓଡ଼ିଶାର ଅର୍ଥନୀତିକ ଉନ୍ନତି ପାଇଁ ହେଉଥିବା ବିଭିନ୍ନ ଯୋଜନାର ରୂପରେଖ ରାଜସ୍ୱ, ଆୟକର ତଥା ସମାଜରେ ଥିବା ଆର୍ଥନୀତିକ ବୈଷମ୍ୟର ପରିବର୍ତ୍ତନ ଲାଗି ଏହି ପ୍ରବନ୍ଧ ଗୁଡ଼ିକରେ ଯୁକ୍ତିଯୁକ୍ତ ମତ ବିଭିନ୍ନ ତତ୍ତ୍ୱ ଓ ତଥ୍ୟର ଅବତାରଣା କରାଯାଇଛି। ସୂର୍ଯ୍ୟକାନ୍ତ ଦାସଙ୍କ 'କାଳକବଳରେ କୃଷିର ଉନ୍ନତି'(୧/୪) 'ପଏଣ୍ଟ ର ଯୋଜନା' (୧/୨), ସର୍ବୋଦୟ ଅର୍ଥନୈତିକ କାର୍ଯ୍ୟକ୍ରମ' (୨/୧), ଚାଷୀମୂଲିଆର ଆର୍ଥିକ ଅବସ୍ଥା (୨/୧), ସର୍ବୋଦୟ ଅର୍ଥନୈତିକ କାର୍ଯ୍ୟକ୍ରମ'(୨/୧), 'ଲଙ୍ଗଳ ଯାର ଜମି ତାର' (୨/୨), 'ସମାଜ ଚେତନା', ଡଃ ବୈଦ୍ୟନାଥ ମିଶ୍ରଙ୍କ 'ପୁଞ୍ଜିବାଦୀ ଅର୍ଥନୀତି' (୧/୭), ବ୍ୟକ୍ତିଗତ ସ୍ୱାଧୀନତା ଓ ଅର୍ଥନୈତିକ ପ୍ରଗତି (୨/୧୧), 'ସାମାଜିକ ଅବସ୍ଥା ଓ ଅର୍ଥନୈତିକ ପ୍ରବୃତ୍ତି' (୬/୫), ପ୍ରବନ୍ଧ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ପ୍ରସ୍ତୁତ କରାଯାଇଛି। ଦେଶର ଅର୍ଥନୈତିକ ସମସ୍ୟା, ବିଦେଶୀ ଅର୍ଥନୀତି ସଂପର୍କିତ ବହୁ ତଥ୍ୟ ଏହି ପ୍ରବନ୍ଧରେ ସନ୍ନିବେଶିତ। ଡଃ ଶ୍ରୀରାମଚନ୍ଦ୍ର ଦାଶ ମଧ୍ୟ ଏ ସମ୍ପର୍କରେ ଅଳ୍ପ କୋତୋଟି ପ୍ରବନ୍ଧ ରଚନା କରିଛନ୍ତି। ଦେଶର ଆର୍ଥନୀତିକ ସମସ୍ୟା, ସରକାରଙ୍କ ବିଭିନ୍ନ ନୀତି ଏହି ପ୍ରବନ୍ଧରେ ପ୍ରକାଶିତ ହୋଇ ଜନସଚେତନତା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। କେଦାର ନାଥ ମହାପାତ୍ର, ସୁଧାକର ପଟ୍ଟନାୟକ, ଶେକ୍ ମନ୍‌ସୁର, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟଙ୍କ ଐତିହାସିକ ପ୍ରବନ୍ଧକୁ ଝଙ୍କାର ପୃଷ୍ଠପୋଷକତା ଦେଇଛି। ପରମାନନ୍ଦ ଆଚାର୍ଯ୍ୟଙ୍କ

ଧାରାବାହିକ ପ୍ରବନ୍ଧ 'କଟକର ଇତିହାସ' ଝଙ୍କାରରେ ୭ମ ବର୍ଷ ୭ମ ସଂଖ୍ୟା ଠାରୁ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ରାଜବଂଶ ପାଇକ ମେଳି ସମ୍ପର୍କରେ ସୁଧାକର ପଟ୍ଟନାୟକ, ବିଭିନ୍ନ ରାଜବଂଶ ସମ୍ପର୍କରେ ମଥୁରା ମୋହନ ବେହେରା, ଶେଖ୍ ମନ୍ସୁରଙ୍କ ପ୍ରବନ୍ଧ ତଥ୍ୟ ସଂବଳିତ। ପରଶୁରାମ ହରିଚନ୍ଦନ, ସଦାଶିବ ରଥଶର୍ମା, ବୁଦ୍ଧେଶ୍ୱର ଦୀକ୍ଷିତ, ଲକ୍ଷ୍ମୀ ନାରାୟଣ ହରିଚନ୍ଦନ ପ୍ରମୁଖ ବିଭିନ୍ନ ମହାନ ବିପ୍ଳବୀ ଓ ଐତିହାସିକ ବ୍ୟକ୍ତିତ୍ୱଙ୍କୁ ନେଇ ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ପ୍ରବନ୍ଧମାନ ରଚନା କରିଛନ୍ତି।

ବିଜ୍ଞାନକୁ ଲୋକପ୍ରିୟ କରିବା ଲକ୍ଷ୍ୟନେଇ ଓ ଏହାର ଜନକଲ୍ୟାଣ ଦିଗକୁ ଉପସ୍ଥାପିତ କରିବା ଉଦ୍ଦେଶ୍ୟରେ ରଚିତ ବହୁ ବିଜ୍ଞାନଭିତ୍ତିକ ପ୍ରବନ୍ଧକୁ ଝଙ୍କାର ନିଜ ପୃଷ୍ଠାରେ ସ୍ଥାନ ଦେଇଛି। ସନତଚନ୍ଦ୍ର ରକ୍ଷିତ, ଡକ୍ଟର ଜୟକୃଷ୍ଣ ହୋତା, ବସନ୍ତ କୁମାର ବେଉରା, ଗୋକୁଳାନନ୍ଦ ମହାପାତ୍ର, ତ୍ରିବିକ୍ରମ ପୂଜାରୀ, ମିହିର କୁମାର ରାଏ, ଡକ୍ଟର ବିଦ୍ୟାଧର ପାଢ଼ୀ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ରସାୟନ ବିଜ୍ଞାନକୁ ନେଇ ବିଭିନ୍ନ ପ୍ରବନ୍ଧମାନ ରଚନା କରିଛନ୍ତି। ସନତ ରକ୍ଷିତଙ୍କ 'ଦୁଗ୍ଧ ଓ ବୀଜାଣୁ' (୧/୪), ପେନ୍‌ସିଲିନ୍ (୨/୪), 'ବୀଜ ଶୋଧନ'(୩/୩/), ଗୋକୁଳାନନ୍ଦ ମହାପାତ୍ରଙ୍କ 'କାଚଶିଳ୍ପ' (୨/୬), 'ହାଇଡ୍ରୋଜେନ ବୋମା' (୩/୧),'ଜୀବାଣୁ ବୋମା' (୩/୩); ଡ଼ଃ ବସନ୍ତ କୁମାର ବେଉରାଙ୍କ 'ଉଦ୍ଭିଦ' (୨/୭), 'କଙ୍କାଳର ଭାଷା' (୩/୧), 'ଜୀବଜଗତର ଶ୍ରେଣୀ ବିଭାଗ' (୩/୪), 'ଦର୍ଣ୍ଣ ଧଙ୍କର' (୧୨/୧୦), ଡଃ ବିଦ୍ୟାଧର ପାଢ଼ୀଙ୍କ 'ବିଜ୍ଞାନ ପରିକ୍ରମା' (୭/୮), ଜୀବାଣୁ ଓ ଜନସ୍ୱାସ୍ଥ୍ୟ'(୭/୬), 'ଜୀବାଣୁ ଜଞ୍ଜାଳ' (୧୧/୧), 'ବ୍ୟକ୍ତି' (୧୨/୧), 'ମାନବ ସମାଜର ଉତ୍ପତ୍ତି' (୧୭/୧) ଉଲ୍ଲେଖଯୋଗ୍ୟ। ଡଃ ଘନଶ୍ୟାମ ସାମଲଙ୍କ ମହାଜାଗତିକ ବସ୍ତୁକୁ ନେଇ ରଚିତ ବୈଜ୍ଞାନିକ ଅନୁଶୀଳନଧର୍ମୀ ପ୍ରବନ୍ଧ ମାର୍ଜିତ ଓ ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କୁ ବାଦଦେଲେ ବିଭିନ୍ନ ରୋଗ ସମ୍ପର୍କରେ ଡଃ ଜୟକୃଷ୍ଣ ମହାନ୍ତି ଓ କେଶବ ଚନ୍ଦ୍ର ସାହୁ ମଧ୍ୟ ପ୍ରବନ୍ଧ ରଚନା କରିଛନ୍ତି।

ଭାରତ ତଥା ବିଶ୍ୱରେ ରାଜନୀତି କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ଜାନକୀବଲ୍ଲଭ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଦାସ, ଡଃ ସଦାଶିବ ମିଶ୍ର, ଡଃ ଶ୍ରୀରାମଚନ୍ଦ୍ର ଦାଶ, ବୈଦ୍ୟନାଥ ମିଶ୍ରଙ୍କ ଦ୍ୱାରା ରଚିତ ପ୍ରବନ୍ଧମାନ ଝଙ୍କାରରେ ପ୍ରକାଶ ପାଇ ଆଦୃତ ହୋଇଥିଲା। କୋରିଆର ଯୁଦ୍ଧ, ଜର୍ମାନୀ ପୁନଃ ଏକତ୍ରୀକରଣ ଠାରୁ ଆରମ୍ଭ କରି ଭାରତର ଗଣତନ୍ତ୍ର ସମ୍ପର୍କରେ ବିଭିନ୍ନ ବାସ୍ତବଧର୍ମୀ ତଥ୍ୟକୁ ବିଶ୍ଳେଷଣାତ୍ମକ ପ୍ରବନ୍ଧର ପ୍ରକାଶ ପାଇଛି ଝଙ୍କାରରେ।

ଝଙ୍କାରରେ ପ୍ରାରମ୍ଭିକ କାଳରୁ ସାହିତ୍ୟର ଉଜ୍ଜ୍ୱଳ ବିକାଶ ଲକ୍ଷ୍ୟ କରାଯାଏ । ମାତ୍ର ତୃତୀୟ ଦଶନ୍ଧିରୁ ପ୍ରବନ୍ଧ ସାହିତ୍ୟକ୍ରମେ ଭଟ୍ଟା ପଡ଼ିଆସୁଥିବାର ଦେଖାଯାଏ । ରାଜନୀତି, ସମାଜନୀତିଠାରୁ ଆରମ୍ଭ କରି ବିଜ୍ଞାନ-କଳା-ଭାସ୍କର୍ଯ୍ୟ ପର୍ଯ୍ୟନ୍ତ ବିରାଟ କାନଭାସ୍ ଉପରେ ଆଉ ପ୍ରବନ୍ଧକୁ ଦେଖିବାକୁ ମିଳିଲା ନାହିଁ । ଯଦିଓ ଏହି ସମୟ ପୂର୍ବରୁ ଆତ୍ମପ୍ରକାଶ କରିଥିବା ବୈଦ୍ୟନାଥ ମିଶ୍ର, ଶରତ କୁମାର ମହାନ୍ତି, ଡକ୍ଟର ସଦାଶିବ ମିଶ୍ର, ବିନୋଦ ରାଉତରାୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡଃ ହରେକୃଷ୍ଣ ମହତାବ ଲେଖନୀଚାଳନା କରିଛନ୍ତି ଏବଂ ଚନ୍ଦ୍ରଶେଖର ରଥ, ଦେବକାନ୍ତ ମିଶ୍ର, ରିଚାର୍ଡ ଏସ୍ କୁଇ, ବନ ବିହାରୀ ଚୌଧୁରୀ, ଉଦୟ ନାରାୟଣ ଜେନା, ଡକ୍ଟର ଭାବଗ୍ରାହୀ ମିଶ୍ର, ରବି ସିଂ, ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି, କୃଷ୍ଣଚରଣ ବେହେରା, ବସନ୍ତ କୁମାର ଶତପଥୀ, ବେଣୀ ମାଧବ ପାଢ଼ୀ, ଗଣେଶ ପ୍ରସାଦ ପରିଜା, ଡକ୍ଟର ବାସୁଦେବ ସାହୁ, ପ୍ରମୋଦ କୁମାର ମହାପାତ୍ର, ରବିରାୟ, ସହଦେବ ସାହୁ ପ୍ରବନ୍ଧ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନା କରୁଛନ୍ତି । ବହୁ ନବୀନ ପ୍ରାବନ୍ଧିକଙ୍କର ଲେଖା ଝଙ୍କାର ପୃଷ୍ଠା ମଣ୍ଡନ କରିଛି । ମାତ୍ର ବିଚାର ବିଶ୍ଳେଷଣ କମିଛି । ଅଧିକାଂଶ ପ୍ରବନ୍ଧ ସାହିତ୍ୟ ସମ୍ପର୍କିତ ହୋଇ ପଡ଼ିଛି । ମନସ୍ତତ୍ତ୍ୱ, ବିଜ୍ଞାନ, ଦର୍ଶନ, ପ୍ରତ୍ନତାତ୍ତ୍ୱିକ ପରିଚର୍ଚ୍ଚା କମିଯାଇଛି । ସର୍ବଭାରତୀୟ ଚେତନା ଓ ବିଶ୍ୱ ଚେତନା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଛି । ସ୍ରଷ୍ଟା ପାଖରେ ଭାରତୀୟତାର ସ୍ୱର କ୍ଷୀଣ ପଡ଼ି ଯାଇଛି । ଏଣୁ କେଦାର ନାଥ ମହାପାତ୍ର, ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ, ସଦାଶିବ ମିଶ୍ର ଆଦିଙ୍କ ଭଳି ବୀର ବୀରାଙ୍ଗନାକୁ ନେଇ ଜୀବନୀ ମୂଳକ ପ୍ରବନ୍ଧ ଲେଖାଯିବା ପ୍ରାୟତଃ ଶେଷ ହୋଇଯାଇଛି । ଗାନ୍ଧୀ ନୀତି ଓ ଆଦର୍ଶ କ୍ରମେ ହ୍ରାସ ପାଇଥିବାରୁ ଏ ସମୟରେ ଚିନ୍ତାମଣି ପାଣିଗ୍ରାହୀ, ଡକ୍ଟର ହରେକୃଷ୍ଣ ମହତାବ, ଗଗନ ବିହାରୀ ମହାନ୍ତିଙ୍କ ଭଳି ପ୍ରାବନ୍ଧିକଙ୍କ ଛଡା ଗାନ୍ଧୀଙ୍କୁ ନେଇ ଅନ୍ୟକେହି ପ୍ରବନ୍ଧ ଲେଖି ନାହାନ୍ତି । ପରେ ଶରତ କୁମାର ମହାନ୍ତି, ଚିନ୍ତାମଣି ବେହେରା ଆଦି ଏ ଦିଗରେ ସାମାନ୍ୟ ଉଦ୍ୟମ କରିଛନ୍ତି । ବିତର୍କ ଓ ବିଶ୍ଳେଷଣରେ ଭଟ୍ଟା ପଡିଯାଇଛି । ତଥ୍ୟର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହେଉଥିଲା ବେଳେ ତତ୍ତ୍ୱର ଦାରିଦ୍ର୍ୟ ବେଶ୍ ସୁସ୍ପଷ୍ଟ । " ପ୍ରବନ୍ଧ ଲେଖିବାକୁ ହେଲେ ଏକାବେଳକେ ଶତାୟୁଧ ହେବାକୁ ହୁଏ । ତଥାପି ଯେତେ ଗଣି ପାରିଲେ ମଧ୍ୟ ଯଥେଷ୍ଟ ଗଣି ପାରିଲା ପରି ଗୋଟେ ପ୍ରତ୍ୟୟ ଆସେ ନାହିଁ । ନିଜ ଭିତରେ ଏକାବେଳକେ ଅନେକ ସହାନୁଭୂତି ଏବଂ ଅନେକ ଅସନ୍ତୋଷ ତଥା ଅନେକ ଭବିଷ୍ୟ ଦୃଷ୍ଟି ରଖି ତଥାପି ଗୋଟିଏ ହୋଇ ଦେଖିପାରିଲେ ଯାଇ ପ୍ରବନ୍ଧ ଲେଖିବା ନିମନ୍ତେ ସମର୍ଥ ଆସିଲା ପରି ଲାଗେ ।"[୨୪]

---

୨୪. ଦାସ, ଚିତ୍ତରଞ୍ଜନ - ଓଡିଆ ସାହିତ୍ୟର ଇତିହାସ, ସାମାଜିକ ସାଂସ୍କୃତିକ ଭିତ୍ତିଭୂମି ୧୯୯୩, ପୃ - ୨୩୦.

ବର୍ତ୍ତମାନର ଭାବପ୍ରବଣ ଲେଖକ ଅଳ୍ପ ସାଧନାରେ ଅଧିକ ଯଶର ଅଧିକାରୀ ହେବା ଇଚ୍ଛା କରିବାହେତୁ ପ୍ରବନ୍ଧ ରଚନା ପ୍ରତି ବିମୁଖତା ଓ କବିତା ସୃଷ୍ଟି ପ୍ରତି ଉନ୍ମୁଖତା ଦେଖାଯାଉଛି । ତେଣୁ ଝଙ୍କାରର ଏହି ପ୍ରଭାବଶାଳୀ ସାହିତ୍ୟିକ ବିଭବର ସମୃଦ୍ଧି ପ୍ରାୟ ୫୦ ବର୍ଷ ଧରି ଆଗ୍ରହର ସହ କାମନା କରି ଆସିଛି । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବନ୍ଧ ସାହିତ୍ୟର ସ୍ୱଚ୍ଛତା ପରିଲକ୍ଷିତ ହେଲେ ହେଁ ଏହା ଦେଶ ବିଦେଶର ନୂଆ ନୂଆ ଜ୍ଞାନ ଦ୍ୱାରା ପରିପୁଷ୍ଟ । ଏ ସମୟରେ କିଛି କିଛି ସଂସ୍କୃତିମୂଳକ ରଚନା ମଧ୍ୟ ପ୍ରକାଶ ଲାଭ କରିଛି । ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ବହୁ ନବ ପ୍ରତିଭାଙ୍କୁ ଝଙ୍କାର ସ୍ୱାଗତ କରିଛି । ସେମାନଙ୍କୁ ପୃଷ୍ଠାରେ ସ୍ଥାନ ଦେବାରେ ଅନ୍ୟାନ୍ୟ ସାହିତ୍ୟ ପତ୍ରିକା ଅପେକ୍ଷା ଆଗରେ ରହିଛି । ଅନ୍ୟାନ୍ୟ ପତ୍ରିକା ଫିଚରକୁ ପ୍ରାଧାନ୍ୟ ଦେଇ ମୌଳିକ ପ୍ରବନ୍ଧ ରଚନାରେ ଯେଉଁ ବୀତସ୍ପୃହ ସୃଷ୍ଟି କରିଛନ୍ତି ତାହା ଝଙ୍କାର କ୍ଷେତ୍ରରେ ଦେଖାଯାଇ ନାହିଁ ।

ଓଡିଆ ସାହିତ୍ୟର ରମ୍ୟରଚନାକୁ ସମୃଦ୍ଧ କରାଇବାରେ ଝଙ୍କାର ସମୁଚିତ ଚେଷ୍ଟା କରିଛି । ପ୍ରଥମ ବର୍ଷ ସପ୍ତମ ସଂଖ୍ୟାଠାରୁ ଆରମ୍ଭ କରି ଧାରାବାହିକ ଭାବେ ପ୍ରକାଶିତ କୃଷ୍ଣପ୍ରସାଦ ବସୁଙ୍କ 'ଆଖଡା ଘରେ ବୈଠକ' ଯଦିଓ ସଂପୂର୍ଣ୍ଣ ରୂପେ ରମ୍ୟରଚନା ନୁହେଁ ତଥାପି ଏହା ରମ୍ୟରଚନାର ଖୁବ୍ ନିକଟବର୍ତ୍ତୀ । ଓଡିଆର ଚଳଣି, ସଂସ୍କୃତି ଓ ପରମ୍ପରାକୁ ନେଇ ରଚିତ ଏହି ରଚନା ଓଡିଆ ରମ୍ୟାତ୍ମକ ପ୍ରବନ୍ଧ କ୍ଷେତ୍ରରେ ଏକ କ୍ରାନ୍ତି ଆଣିଛି ବୋଲି କହିବାକୁ ପଡିବ । 'ଆଖଡା ଘରେ ବୈଠକ' ହିଁ ଶ୍ରୀଯୁକ୍ତ ବସୁଙ୍କ ପ୍ରତିଭାର ପ୍ରତିପାଦନ । 'ବଟୁଆର' ଲେଖକ ଭାବେ ଜଣାଶୁଣା ଗୋବିନ୍ଦ ତ୍ରିପାଠୀଙ୍କ 'ଛୋଟ କଥାଟି' (୧୧/୫), 'କଖାରୁ ଫୁଲ' (୧୧/୫) ଉଲ୍ଲେଖନୀୟ ଲଳିତ ନିବନ୍ଧ । ହାସ୍ୟରସାତ୍ମକ ଓ ବ୍ୟଙ୍ଗାତ୍ମକ ରୀତିରେ ତାଙ୍କ ବିଷୟ ବିନ୍ୟାସ ତାଙ୍କୁ ସ୍ୱତନ୍ତ୍ର ଆସନରେ ପହଞ୍ଚାଇ ପାରିଛି । 'ନାନଙ୍କ ପାଞ୍ଜି' ଓ 'ବାଇମାହାନ୍ତି ପାଞ୍ଜି' ପରେ ଏହି ଧରଣର ପ୍ରବନ୍ଧଟିରେ ଖୋଜିଲେ ଗୋବିନ୍ଦ ତ୍ରିପାଠୀଙ୍କ ପାଖରେ ଥିବାକୁ ପଡେ । ମହାପାତ୍ର ନୀଳମଣି ସାହୁ, ଭୁବନେଶ୍ୱର ବେହେରା, ଚନ୍ଦ୍ର ଶେଖର ରଥ, ଚୌଧୁରୀ ହେମକାନ୍ତ ମିଶ୍ର, ବସନ୍ତ କୁମାର ଶତପଥୀଙ୍କ କଳାତ୍ମକ ଅଭିବ୍ୟକ୍ତି ରମ୍ୟାତ୍ମକ ପ୍ରବନ୍ଧ ଝଙ୍କାରରେ ପ୍ରକାଶିତ ହୋଇ ରମ୍ୟ ରଚନା କ୍ଷେତ୍ରକୁ ପ୍ରଶସ୍ତ କରିପାରିଛି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଗମନାଗମନ ସୁବିଧା, ଉଚ୍ଚଶିକ୍ଷା ଲାଭର ସୁଯୋଗ, ଦେଶ ଦେଶ ସହ ରାଜନୈତିକ ସାଂସ୍କୃତିକ ସଂପର୍କ ହିଁ ଭ୍ରମଣ ବୃତ୍ତାନ୍ତ ରଚନା ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କଲା । ଏହି ସୁଯୋଗକୁ ଅନେକ ସାହିତ୍ୟିକ ହାତଛଡା କରି ନଥିଲେ । କେବଳ ସାହିତ୍ୟିକ ନୁହଁନ୍ତି ବହୁ ବୁଦ୍ଧିଜୀବୀ, ଶିକ୍ଷିତ ବ୍ୟକ୍ତିମାନେ ଏ କ୍ଷେତ୍ରରେ

ଲେଖନୀ ଚାଳନା କରିବା ଦେଖାଯାଏ । ଝଙ୍କାରର ଦୀର୍ଘ ଦିନର ଇତିହାସରେ ଚାରୋଟି ଭ୍ରମଣ ବୃତ୍ତାନ୍ତ ଧାରାବାହିକ ଭାବେ ପ୍ରକାଶିତ । ହରିଶ୍ଚନ୍ଦ୍ର ବଡ଼ାଳଙ୍କ 'ପଶ୍ଚିମ ପଥେ' (୯/୫, ୯/୧୦), ଡ଼ଃ ହରନାରାୟଣ ସିଂହଙ୍କ 'କାଶ୍ମୀର ଯାତ୍ରା' (୧୧/୮, ୧୧/୯) ବସନ୍ତ କୁମାର ଶତପଥୀଙ୍କ 'ନୈନୀତାଲ ଓ ତାର ଗାଇଡ' ଝଙ୍କାର ପ୍ରକାଶର ପ୍ରଥମ ତିନି ଦଶନ୍ଧି ମଧ୍ୟରେ ସ୍ଥାନିତ, ହୋଇଥିବା ବେଳେ ମନୋଜ ଦାସଙ୍କ ରମ୍ୟଭ୍ରମଣ ବୃତ୍ତାନ୍ତ 'ଅନ୍ତରଙ୍ଗ ଭାରତ' (୪୫/୮ ଠାରୁ....) ଧାରାବାହିକ ଭାବେ ପ୍ରକାଶ ପାଇଛି । ହରିଶ୍ଚନ୍ଦ୍ର ବଡ଼ାଳ ଓ ଡଃ ହରନାରାୟଣ ସିଂଙ୍କ ଭ୍ରମଣ କାହାଣୀ ବିବର୍ତ୍ତନର ଗତିପଥରେ ଆଗେଇ ଯାଇ ସତେ ଯେପରି ସମୃଦ୍ଧ, ସୁସଂହତ, ମନୋଜ୍ଞ ରଚନା ରୂପେ ମନୋଜ ଦାସଙ୍କ 'ଅନ୍ତରଙ୍ଗ ଭାରତ' ରୂପେ ପ୍ରତିଭାତ ହୋଇଛି । ପ୍ରଥମ ପର୍ଯ୍ୟାୟର ଭ୍ରମଣ ରଚନାରେ ଆମେ ''ଗଲି ଆଇଲି ଯାହା ଦେଖିଲି ତାହା କହିଲି'' ସହିତ ସେହି ସ୍ଥାନ ସଂପର୍କୀୟ କିଛି ତଥ୍ୟ, ଐତିହାସିକ ଘଟଣାବଳୀ ଓ ସେଠାକାର ଚାଲିଚଳନ ଉପରେ କିଛିଟା ଆଲୋକପାତ କରାଯାଇଛି । ବେଳେ ବେଳେ ଏହି ଭ୍ରମଣ କାହାଣୀ ଶୁଷ୍କ ପ୍ରବନ୍ଧ ଭଳି ବୋଧ ହୁଏ । ବସନ୍ତ କୁମାର ଶତପଥୀଙ୍କ ପ୍ରକାଶଭଙ୍ଗୀରେ ଶବ୍ଦବିନ୍ୟାସରେ ରମଣୀୟତା ରହିଥିବାରୁ ତାଙ୍କର 'ନୈନୀତାଲ ଓ ତାର ଗାଇଡ' ଗଳ୍ପ ତୁଲ୍ୟ ମନ ରୋଚକ ହୋଇ ପାରିଛି । ମନୋଜ ଦାସଙ୍କ 'ଅନ୍ତରଙ୍ଗ ଭାରତ' ଭ୍ରମଣ ସାହିତ୍ୟ କ୍ଷେତ୍ରରେ ଏକ ଆଲୋଡନ । ବହିଃଦୃଶ୍ୟର ବର୍ଣ୍ଣନା ସହ ସ୍ଥାନଟି ସହିତ ନିବିଡ ଆତ୍ମୀୟତାବୋଧ ବଳୟ ଦେଇ ଆତ୍ମପ୍ରକାଶ କରନ୍ତି ସେ । ମହାନ୍ ଭାରତୀୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରାଚୀନ ସାହିତ୍ୟର ପୃଷ୍ଠାରେ ପୃଷ୍ଠାରେ ସେହି ସ୍ଥାନର କଥା ଓ ପ୍ରଚଳିତ କିମ୍ବଦନ୍ତୀକୁ ରସମୟ କରି ଗଢି ତୋଳିବା ସହିତ ଶ୍ରୀଯୁକ୍ତ ଦାସ ନିଜ ଅନ୍ତଃଚେତନାରେ ଦେଖାଯାଇଥିବା କ୍ରିୟାପ୍ରତିକ୍ରିୟାକୁ ମଧ୍ୟ ପ୍ରକାଶ କରି ଅଛନ୍ତି । ସ୍ଥାନଟିର ଲୌକିକ ପ୍ରଭାବ, ସ୍ରଷ୍ଟାର ଅନ୍ତରୀଣ ଉଚ୍ଛ୍ୱାସକୁ ଉର୍ଦ୍ଧ୍ୱମୁଖୀ କରିବା ସହ ବହୁ କ୍ଷେତ୍ରରେ ଆଧ୍ୟାତ୍ମିକତାର ପ୍ରଲେପ ରଚନାଟିକୁ ମନନଧର୍ମୀ ତଥା ଚିତ୍ତଉଲ୍ଲାସକ କରିପାରିଛି ।

❑❑❑

ତୃତୀୟ ପରିଚ୍ଛେଦ

ସମାଲୋଚନା

କଳା ସୃଷ୍ଟିରେ ମୌଳିକ ରଚନାର ଗୁରୁତ୍ୱ ଭଳି ସମାଲୋଚନାର ଉପାଦେୟତା ଅଧିକ ଗୁରୁତ୍ୱପୂର୍ଣ୍ଣ । ସୃଷ୍ଟିକୁ ଆଧାର କରି ସମାଲୋଚନାର ପ୍ରକାଶ । ତେଣୁ ପ୍ରଥମେ ସୃଷ୍ଟି ଓ ପରେ ସମାଲୋଚନା । କଳାସୃଷ୍ଟିର ଉତ୍କର୍ଷ ଓ ଅପକର୍ଷ କଳନା ପାଇଁ ସ୍ୱତଃ ପ୍ରବୃତ୍ତି ଜାତ ହୋଇଥାଏ । ଏହି ପ୍ରବୃତ୍ତି ସମାଲୋଚନା ସୃଷ୍ଟିର ମୂଳ ଉତ୍ସ ।

ଯେକୌଣସି ସାହିତ୍ୟିକ ବିଭାଗର ଭାବ, ରସ, ଗୁଣ, ରୁଚି, ବସ୍ତୁ, ଦୋଷ, ପ୍ରକାଶଭଙ୍ଗୀ, ଭାଷା ସମେତ ଜଗତ ଓ ଜୀବନ ସମ୍ପର୍କରେ ସ୍ରଷ୍ଟାର ଦୃଷ୍ଟିଭଙ୍ଗୀ ଆଦିର ସାମଗ୍ରିକ ବିଚାର ହିଁ ସାହିତ୍ୟ ସମାଲୋଚନାର ପରିସରଭୁକ୍ତ । ସାହିତ୍ୟିକ ସୃଷ୍ଟିଶିଳ୍ପର ଅର୍ଥବୋଧ, ବିଶଦ ବ୍ୟାଖ୍ୟା, ଶ୍ରେଣୀଭେଦ, ମୂଲ୍ୟାଙ୍କନ ଆଦି ହିଁ ସମାଲୋଚନା । H.F. Amielଙ୍କ ଭାଷାରେ Criticism is above all a gift, an intuition, a matter of fact and fair, it cannot be taught or demonstrated - it is an art. ସମାଲୋଚନା ପ୍ରକୃତରେ ଅନ୍ତର୍ଦୃଷ୍ଟି, ସୂକ୍ଷ୍ମଜ୍ଞାନ ଓ ତାରତମ୍ୟବୋଧକ ବିଚାରଶକ୍ତି-ଆଧାରିତ କଳା । ସମାଲୋଚନା ନିରପେକ୍ଷ ଭାବରେ ସାହିତ୍ୟର ଉଭୟ ଆଙ୍ଗିକ ଓ ଆତ୍ମିକ ମୂଲ୍ୟାଙ୍କନ କରିଥାଏ । ସ୍ରଷ୍ଟା ନୈସର୍ଗିକ ପ୍ରତିଭା ବଳରେ ନିର୍ମାଣ କରିଥିବା ସୃଷ୍ଟିସୌଧକୁ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଅନୁଶୀଳନ ଓ ପର୍ଯ୍ୟାଲୋଚନା କରି ତା'ର ମହତ୍ତ୍ୱ ଓ ଗୌରବର ପ୍ରତିପାଦକ ହୋଇଥାଏ ସମାଲୋଚନା । ସମାଲୋଚନା ଯୋଗୁ ସୃଷ୍ଟିଶିଳ୍ପ ସମକାଳ ଓ ଉତ୍ତରକାଳର ସ୍ରଷ୍ଟା ତଥା ପାଠକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଯାଏ । ଦୋଷ ସହ ଗୁଣକୁ ଦେଖାଇବା ସମାଲୋଚନାର ଧର୍ମ ବୋଲି ଅନେକେ ମନେକରନ୍ତି । କିନ୍ତୁ ଏହା ଅର୍ଦ୍ଧସତ୍ୟ ଉକ୍ତି । ଯେକୌଣସି ସୃଷ୍ଟିଶିଳ୍ପ ଦେଶ ଓ ଯୁଗର ସାମାଜିକ, ରାଜନୈତିକ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇଥାଏ । ସ୍ରଷ୍ଟା ପରି ସମାଲୋଚକ ଏହି ବ୍ୟବସ୍ଥା ଦ୍ୱାରା ମଧ୍ୟ ନିୟନ୍ତ୍ରିତ; କିନ୍ତୁ ସ୍ରଷ୍ଟାଠାରୁ ତା'ର ପରିସର ଭିନ୍ନ । ବିଭିନ୍ନ ସାମାଜିକ, ରାଜନୀତିକ ଓ ଅର୍ଥନୀତିକ

ବ୍ୟବସ୍ଥାର ଜୀବନଯୋଗ୍ୟତା ଆକଳନରେ ସ୍ରଷ୍ଟା କେତେଦୂର ସମର୍ଥ, ତା'ର ବିଚାରଶକ୍ତି ସମାଲୋଚକର ରହିବା ଉଚିତ । ସାମାଜିକ ବିଧି ବ୍ୟବସ୍ଥା ଓ ଜୀବନର ଧାରା ବଦଳେ । ଜୀବନ ତଦନୁରୂପ ବଦଳେ, କିନ୍ତୁ ବଦଳେ ନାହିଁ ଜୀବନର ଅନ୍ତିମ ଲକ୍ଷ୍ୟ, ଜୀବନ ପ୍ରତି ବିଶେଷ ଆବେଦନ । ସ୍ରଷ୍ଟା ଜୀବନର ପରିବର୍ତ୍ତନକୁ ଲକ୍ଷ୍ୟକରି ଯାହା ଦିନେ କରିଥାନ୍ତି, ତାହା ସମୟକ୍ରମେ ହୁଏ ପରିବର୍ତ୍ତିତ । ସେହିପରି ସମାଲୋଚକର ଦୃଷ୍ଟିରେ ମଧ୍ୟ ପରିବର୍ତ୍ତନ ଆସିବା ସ୍ୱାଭାବିକ । ଏଣୁ ସମାଲୋଚନା ସର୍ବଦା ଅସଂପୂର୍ଣ୍ଣ । କୌଣସି ସମାଲୋଚନା ସୃଷ୍ଟିର ଅମଳିନ ଅନ୍ତଃସୌନ୍ଦର୍ଯ୍ୟକୁ ପୂର୍ଣ୍ଣ ଭାବରେ ପରିପ୍ରକାଶ କରିପାରେନା । ସେଥିପାଇଁ ତ ମହାକବି ଭବଭୂତି ନିଜ ନାଟ୍ୟକୃତିର ବିଚାର ସମ୍ପର୍କରେ ଦୃଢ଼ ଆଶା ପୋଷଣ କରି କହିଥିଲେ, ଯେ ନାମ କେଚିଦିହ ନଃ ପ୍ରଥୟନ୍ତ୍ୟବଜ୍ଞାଂ/ଜାନନ୍ତୁ ତେ କିମପି ତାନ୍ ପ୍ରତି ନୈଷ ଯତ୍ନଃ/ଉତ୍ପତ୍ସ୍ୟତେ ମମ କୋଽପି ସମାନଧର୍ମା ।/ କାଲୋହ୍ୟୟଂ ନିରବଧି ର୍ବିପୁଳା ଚ ପୃଥ୍ୱୀ ।

କଳାଧର୍ମୀ ସୁବିସ୍ତୃତ ଦୃଷ୍ଟିଭଙ୍ଗୀ ହିଁ ସମୃଦ୍ଧ ସମାଲୋଚନାର ସହାୟକ । 'ଏହା ରୁଚିହୀନ ରଚନାର ପଥ ଓଗାଳେ ଓ ସାହିତ୍ୟ କ୍ଷେତ୍ରରେ ସୃଷ୍ଟ ଅରାଜକତାକୁ ପ୍ରତିରୋଧ କରେ । ପଥଭ୍ରଷ୍ଟ ସାହିତ୍ୟ-ସ୍ରଷ୍ଟାକୁ ନବ ଦୃଷ୍ଟିଶକ୍ତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ପାଠକର ଦୃଷ୍ଟିକୁ ଉଜ୍ଜ୍ୱଳ, ଅନୁଭୂତିକୁ ତୀକ୍ଷ୍ଣ ଓ ରସବୋଧକୁ ଗଭୀର କରି ଗଢ଼ିଦିଏ ।'[1]

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ଶିଳ୍ପରୂପ ପରି ଓଡ଼ିଆ ସମାଲୋଚନାର ଉନ୍ମେଷ ଓ ବିକାଶ କ୍ଷେତ୍ରରେ ପତ୍ରପତ୍ରିକାର ଭୂମିକା ଅନସ୍ୱୀକାର୍ଯ୍ୟ । ଊନବିଂଶ ଶତକର ଶେଷ ପାଦରେ ଆତ୍ମପ୍ରକାଶ କରିଥିବା ଏହି ସାହିତ୍ୟିକ ଆଙ୍ଗିକର କ୍ରମ ସମୃଦ୍ଧି ପାଇଁ ମୁଖ୍ୟ ସହାୟକ ହୋଇଛି ପତ୍ରପତ୍ରିକା ।

ପ୍ରଥମ ଓଡ଼ିଆ ସମ୍ବାଦପତ୍ର ମର୍ଯ୍ୟାଦାପ୍ରାପ୍ତ 'ଉତ୍କଳ ଦୀପିକା' (୧୮୬୬) ଥିଲା ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକବ୍ୟାପୀ ଜାତୀୟ ଜୀବନର ପ୍ରବକ୍ତା । ଓଡ଼ିଆ ଭାଷା ସାହିତ୍ୟର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଏହି ସମ୍ବାଦପତ୍ରର ପ୍ରୟାସ ଓ ପ୍ରଯତ୍ନ ଯେକୌଣସି ସାହିତ୍ୟ ପତ୍ରିକାଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ, ବରଂ ଅବିସ୍ମରଣୀୟ । ଏହି ପତ୍ରିକାର 'ପ୍ରାପ୍ତି' ଶିରୋନାମାରେ ପ୍ରକାଶିତ ଆଲୋଚନା, ପୁସ୍ତକ ପରିଚୟ ବା ସମୀକ୍ଷା ଏବଂ ସାହିତ୍ୟ ସମ୍ପର୍କିତ ଅଭିମତ ଓ ଚିଠିପତ୍ର ମଧ୍ୟଦେଇ ସମାଲୋଚନା/ଆଲୋଚନାର କ୍ଷୀଣ ଧାରଟି ସୃଷ୍ଟି ହୋଇଥିଲା । ପରବର୍ତ୍ତୀ କାଳରେ ଉତ୍କଳ ଦର୍ପଣ (୧୮୭୩), ଉତ୍କଳ ମଧୁପ (୧୮୭୮), ଉତ୍କଳ ପୁତ୍ର (୧୮୭୩), ଶିକ୍ଷାବନ୍ଧୁ (୧୮୮୫), ଓଡ଼ିଆ ଓ ନବସମ୍ବାଦ

୧ - ମିଶ୍ର, ଶ୍ରୀନିବାସ - ସାହିତ୍ୟ କଥା ୧୯୬୭, ପୃ - ୯୦

(୧୮୮୮) ଆଦି ପତ୍ରିକା ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିବାରେ ଉଦ୍ୟମ କରିଥିବାର ଦେଖାଯାଏ ।

'ଉତ୍କଳ ପ୍ରଭା' ଓ 'ଉତ୍କଳ ସାହିତ୍ୟ'ର ଆତ୍ମପ୍ରକାଶ ସମାଲୋଚନା ସାହିତ୍ୟ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । 'ଉତ୍କଳ ପ୍ରଭା' ହେଉଛି ଆଧୁନିକ ସମାଲୋଚନା ସାହିତ୍ୟର ଯଥାର୍ଥ ପ୍ରଖ୍ୟାପକ ତଥା ପ୍ରତିଷ୍ଠାପକ । ସମାଲୋଚନାର ଏଇ ପରମ୍ପରା 'ଉତ୍କଳ ସାହିତ୍ୟ' ଦ୍ୱାରା ସଂରକ୍ଷିତ ତଥା ସମ୍ବର୍ଦ୍ଧିତ ହୋଇଥିବାର ଦେଖିବାକୁ ମିଳେ ।[୨] ୧୮୯୧ରେ 'ଉତ୍କଳ ପ୍ରଭା' ପତ୍ରିକା ପ୍ରକାଶପରେ ଉପେନ୍ଦ୍ର-ରାଧାନାଥଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଯେଉଁ ସାହିତ୍ୟିକ ବିବାଦର ସୂତ୍ରପାତ ହେଲା, ତାହା ହିଁ ଓଡ଼ିଆ ସମାଲୋଚନା ସାହିତ୍ୟର ଆଦ୍ୟ ସ୍ଫୁରଣ । ଅବଶ୍ୟ ଏହି ପତ୍ରିକାର ପ୍ରଥମ ସଂଖ୍ୟାରେ ସମ୍ପାଦକ ଚୈତନ୍ୟ ପ୍ରସାଦ ରାୟଙ୍କ 'ସୂଚନା' ଓ ପରବର୍ତ୍ତୀ ସଂଖ୍ୟାଗୁଡିକରେ ବିଜୟଚନ୍ଦ୍ର ମଜୁମଦାରଙ୍କ 'ସାହିତ୍ୟ ଚର୍ଚ୍ଚା'(୧/୭) 'ବିପ୍ଳବ ଓ ସମାଲୋଚନା' (୪/୩), ଗଣପତି ଦାସଙ୍କ 'ଉତ୍କଳ ସାହିତ୍ୟ' ପ୍ରକାଶ ପାଇଥିଲେ ହେଁ ଲାଲ ରାମନାରାୟଣ ରାୟଙ୍କ ଧାରାବାହିକ ଆଲୋଚନା 'କବି ଉପେନ୍ଦ୍ରଭଞ୍ଜ' (୧/୯, ୨/୧, ୨/୫,୨/୮, ୨/୯, ୩/୧, ୩/୩) ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ସମାଲୋଚନା ବିତର୍କିତ ପରିସ୍ଥିତି ସୃଷ୍ଟି କରିଥିଲା । ସମାଲୋଚନାଟିରେ ଆଧୁନିକ ସାହିତ୍ୟର ପ୍ରଶଂସା ଓ ଅତୀତ ସାହିତ୍ୟର ଦୋଷ ପ୍ରଖ୍ୟାପନ ପ୍ରତିପାଦିତ ହୋଇଥିଲା । ସମାଲୋଚନାରେ ସମାଲୋଚକ ଗଭୀର ଆନ୍ତରିକତା, ନିଷ୍ଠାପରତାର ସୂଚନା ମିଳିଥିଲେ ହେଁ ଏହାର ଏକଦେଶଦର୍ଶିତା ବିତର୍କିତ ପରିସ୍ଥିତି ସୃଷ୍ଟିପାଇଁ ଦାୟୀ । ବିତର୍କ ବିକାଶର କାରଣ । ଏହି ମନୋଭୂମିରୁ ଓଡ଼ିଆ ସମାଲୋଚନା ସାହିତ୍ୟର ବିକାଶ ପର୍ବର ଅୟମାରମ୍ଭ । 'ଉତ୍କଳ ପ୍ରଭା'ର ଭଞ୍ଜବିରୋଧୀ ସମାଲୋଚନା 'ଇନ୍ଦ୍ରଧନୁ' (୧୭.୮.୧୮୯୩) ଓ 'ବିଜୁଳି' (୧୬.୯.୧୮୯୩)ପରି ପତ୍ରିକାଙ୍କୁ ଜନ୍ମ ଦେଇଥିଲା । ଏହାର ସମାଲୋଚନା ଯୁଦ୍ଧରେ ପରୋକ୍ଷ ଭାବରେ 'ଉତ୍କଳ ଦୀପିକା' ଓ 'ସମ୍ବଲପୁର ହିତୈଷିଣୀ' ମଧ୍ୟ ସାମିଲ ହୋଇଗଲେ । ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ପ୍ରତିପାଦନ କରି ଆଧୁନିକ ସାହିତ୍ୟକୁ କଟୁ ସମାଲୋଚନା କରିବା ପାଇଁ 'ଇନ୍ଦ୍ରଧନୁ' ଓ ଆଧୁନିକ ସାହିତ୍ୟର ଉତ୍କର୍ଷ ଦର୍ଶାଇ ପ୍ରାଚୀନ ସାହିତ୍ୟର ଦୋଷ ଦର୍ଶାଇବାକୁ ପ୍ରକାଶିତ 'ବିଜୁଳି' ପଛରେ ଯଥାକ୍ରମେ ଦୀପିକା ଓ ହିତୈଷିଣୀର ପ୍ରୋତ୍ସାହନ ନିହିତ ଥିଲା । ସୁସ୍ଥ ସମାଲୋଚନା ଅପସରି ଯାଇ ପ୍ରାଚୀନ ଓ ଆଧୁନିକ ମନୋବୃତ୍ତିର ସଂଘର୍ଷ ଶୀର୍ଷସ୍ଥାନ ଲାଭ

୨ - ସାମନ୍ତରାୟ, ଡକ୍ଟର ନଟବର - ଓଡ଼ିଆ ସାହିତ୍ୟର ଇତିହାସ (୧୯୮୩), ପୃ - ୪୭୩

କଲା । 'ଦୀପିକା' ଓ 'ଇନ୍ଦ୍ରଧନୁ', 'ହିତୈଷିଣୀ' ଓ 'ବିଜୁଳି' - ଏପରି ଦୁଇ ଦୁଇଟି ପତ୍ରିକା ଯଥାକ୍ରମେ କଟକ ପ୍ରିଣ୍ଟିଂ କମ୍ପାନୀ ଓ ବାମଣ୍ଡାର ଜଗନ୍ନାଥବଲ୍ଲଭ ପ୍ରେସ ଆନୁକୂଲ୍ୟରେ ପ୍ରକାଶିତ ହେଉଥିଲେ । ଏକଦିଗଦର୍ଶୀ ପରସ୍ପର ବିପରୀତାଭିମୁଖୀ ଓଡ଼ିଆ ସାହିତ୍ୟର ବାତାବରଣକୁ ବେଶ୍ ଆଲୋଡ଼ିତ କରିଥିବାର ସୂଚନା 'ବାଲେଶ୍ୱର ସମ୍ବାଦ ବାହିକା'ରୁ ମିଳେ । ଆଧୁନିକ ଓ ପ୍ରାଚୀନ ସାହିତ୍ୟକୁ ଆଧାର କରି ଚାଲିଥିବା ମସୀଯୁଦ୍ଧର ଅବସାନ ନିମିତ୍ତ ଏଥିରେ ପ୍ରକାଶ ପାଇଥିଲା- "ହେ ଦୀପିକା, ତୁମ୍ଭେ ତୁମ୍ଭର ଦୀପଶିଖାରେ ବେଶ୍ ଘର ପୋଡ଼ି ପାର । ହେ ବାହିକା, ତୁମ୍ଭର ଗରୁଡ଼ ବେଶ୍ ଆଞ୍ଜୁଡ଼ି ପାରେ ଏବଂ ତୁମ୍ଭେ ମଧ ବେଶ୍ ସର୍ପ ଭକ୍ଷଣ କରିପାର । ହେ ଉଡ଼ିଆ, ତୁମ୍ଭ ସାହସକୁ ଧନ୍ୟ । ତୁମ୍ଭେ ବରଂ କଟିଯିବ ମାତ୍ର ହଟିବାର ନୋହେ । ହେ ଇନ୍ଦ୍ରଧନୁ, ତୁମ୍ଭେ ଇନ୍ଦ୍ରପୁତ୍ର ଅର୍ଜୁନଙ୍କ ଗାଣ୍ଡିବଠାରୁ ବଳି ସନ୍ଧାନ କରିପାର । ହେ ବିଜୁଳି, ତୁମ୍ଭର ଅଘନି ଆଘାତରେ ଏ ତିନିପୁର ବେଶ୍ ଖଣ୍ଡ ଖଣ୍ଡ ହୋଇଯାଇପାରେ । ହେ ହିତୈଷିଣୀ, ତୁମ୍ଭେ ବେଶ୍ ପ୍ରସ୍ତର ଖଣ୍ଡ ନିକ୍ଷେପ କରି ସଂସାରକୁ ଖଣ୍ଡ ବିଖଣ୍ଡ କରିପାର । ହେ ପ୍ରଭା ! ତୁମ୍ଭ ପ୍ରଭାରେ ଯୁଦ୍ଧକ୍ଷେତ୍ର ଆଲୋକିତ । ତୁମ୍ଭେ କେହି କାହାକୁ ସାନ ନୁହେଁ । ତୁମ୍ଭେ କେହି କାହାକୁ ପରାଜୟ କରିପାରି ନାହଁ କି ପାରିବ ନାହିଁ । ଅତଏବ ତୁମ୍ଭେମାନେ ଏବେ ଶାନ୍ତି ଲାଭ କର ।"[୩]

ପ୍ରାଚୀନ ଓ ଆଧୁନିକ ସାହିତ୍ୟ ମଧ୍ୟରେ ସଂଘର୍ଷକୁ ନେଇ ଓଡ଼ିଆ ସମାଲୋଚନା ସାହିତ୍ୟ ସଂପ୍ରସାରିତ ହୋଇଥିଲାବେଳେ ଏହି ସଂଘର୍ଷର ଅବସାନରେ ସ୍ୱନାମଧନ୍ୟ ମାସିକ ପତ୍ରିକା 'ଉତ୍କଳ ସାହିତ୍ୟ' (୧୮୯୭) ଆତ୍ମପ୍ରକାଶ କଲା । ଆଧୁନିକ ଯୁଗ ଯେ ଆଧୁନିକ ସାହିତ୍ୟର ପ୍ରତିଷ୍ଠା ଓ ପ୍ରସାର ପାଇଁ ଏକାନ୍ତ ଅନୁକୂଳ, ଏ ନିଷ୍ଠୁର ସତ୍ୟ ଏ ବିବାଦର ପରିଣତି ସ୍ୱରୂପ ଦେଖା ଦେଇଥିଲା । ଆଧୁନିକ ସାହିତ୍ୟର ଅନ୍ୟତମ ବଳିଷ୍ଠ ବିଭାଗ ରୂପେ ସମାଲୋଚନା ସ୍ୱୀକୃତି ଲାଭ କଲା । 'ଉତ୍କଳ ସାହିତ୍ୟ' ଓଡ଼ିଆ ସମାଲୋଚନା ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କଲା । କୃଷ୍ଣପ୍ରସାଦ ଚୌଧୁରୀ, ଶ୍ୟାମସୁନ୍ଦର ରାଜଗୁରୁ, ଭୋଳାନାଥ ସାମନ୍ତରାୟ, ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର, ପଣ୍ଡିତ ଗୋପୀନାଥ ନନ୍ଦ, ମୃତ୍ୟୁଞ୍ଜୟ ରଥ, ଚିନ୍ତାମଣି ଆଚାର୍ଯ୍ୟ, ଜଗବନ୍ଧୁ ସିଂହ ଆଦି ସମାଲୋଚନା ସାହିତ୍ୟର ଆଦ୍ୟ ଉଦ୍‌ଗାତାମାନଙ୍କ ସମାଲୋଚନା ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଆତ୍ମପ୍ରକାଶ କରିଥିବା ଓ ବିଂଶ ଶତାବ୍ଦୀର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ପ୍ରକାଶିତ ଏହି ପତ୍ରିକାରେ ସ୍ଥାନିତ ହୋଇଥିଲା । ସାହିତ୍ୟ ଆଲୋଚନା ସହ ଇତିହାସ,

---

୩ - ବାଲେଶ୍ୱର ସମ୍ବାଦବାହିକା- ତା ୧୨।୧୦।୧୮୯୩

୪ - ସାମନ୍ତରାୟ, ଡକ୍ଟର ନଟବର-ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି(୧୯୮୧), ପୃ-୯୦

ଜ୍ଞାନ-ବିଜ୍ଞାନ, କୃଷି ତଥା ବିଭିନ୍ନ ବିଷୟକୁ ନେଇ ପ୍ରସ୍ତୁତ ଆଲୋଚନା ଏଥିରେ ପ୍ରକାଶିତ ହୋଇ ଆଲୋଚନା/ସମାଲୋଚନା ବିସ୍ତୃତ ଦିଗନ୍ତକୁ ଆପଣାଇ ପାରିଥିଲା ।

ବିଂଶ ଶତାବ୍ଦୀର୍ ଆଦିକାଳରେ ପ୍ରକାଶିତ 'ମୁକୁର' (୧୯୦୬), 'ସତ୍ୟବାଦୀ' (୧୯୧୫) ଓ 'ସହକାର' (୧୯୧୯)ର ଭୂମିକା ଓଡ଼ିଆ ସମାଲୋଚନା ସାହିତ୍ୟରେ କିଛି କମ୍ ନୁହେଁ । ଏହି ସାହିତ୍ୟ ପତ୍ରିକାମାନଙ୍କରେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋପୀନାଥ ନନ୍ଦ, ଡକ୍ଟର ମାୟାଧର ମାନସିଂହ, ରାମଶଙ୍କର ରାୟ, ମୃତ୍ୟୁଞ୍ଜୟ ରଥ, ଗୋପବନ୍ଧୁ ଦାସ, ହରିଶ୍ଚନ୍ଦ୍ର ବଡ଼ାଳ ଆଦିଙ୍କ ଲେଖା ସ୍ଥାନ ପାଇଥିଲା । ଏହା ବେଶ୍ ତଥ୍ୟନିଷ୍ଠ ତଥା ପାଣ୍ଡିତ୍ୟପୂର୍ଣ୍ଣ ଥିଲା । ଏକନିଷ୍ଠ ଅଧ୍ୟୟନ ଓ ଗଭୀର ପର୍ଯ୍ୟବେକ୍ଷଣର ଏହା ଥିଲା ଫଳଶ୍ରୁତି । 'ନବଭାରତ' ଓ 'ଆଧୁନିକ' ପତ୍ରିକାର ପ୍ରକାଶ ପରେ ସମାଲୋଚନାର ବିସ୍ତୃତ ଦିଗନ୍ତ ଉଦ୍‌ଭାସିତ ହୋଇଉଠିଲା । ଏଥିରେ ଘଟିଲା ନୂଆ ନୂଆ ଚିନ୍ତା ଓ ଚେତନାର ପ୍ରତିଫଳନ । ଓଡ଼ିଶା ଓ ଭାରତର ସୀମାସରହଦ ଟପି ଆଲୋଚକମାନଙ୍କ ଦୃଷ୍ଟିକୋଣ ବିଶ୍ୱକ୍ଷେତ୍ରକୁ ସଂପ୍ରସାରିତ କରାଇବା ଦିଗରେ ଏହି ଦୁଇ ପତ୍ରିକା କ୍ଷେତ୍ର ପ୍ରସ୍ତୁତ କରାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିନ୍ତା-ଚେତନାଧର୍ମୀ, ପର୍ଯ୍ୟବେକ୍ଷଣ ଭିତ୍ତିକ ଦୃଷ୍ଟିକୋଣ ଏହି ପତ୍ରିକା ଦ୍ୱୟରେ ପ୍ରକାଶିତ ଆଲୋଚନାରେ ସ୍ପଷ୍ଟ ପ୍ରତୀୟମାନ ହେଲା । ସାହିତ୍ୟକୁ ବାସ୍ତବବାଦୀ ଆଭିମୁଖ୍ୟ ଦେଇ ବିଚାର ବିଶ୍ଳେଷଣ କରିବାରେ 'ଆଧୁନିକ' ପତ୍ରିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।[5] ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ 'ଉତ୍କଳ ସାହିତ୍ୟ' ଦ୍ୱାରା ପ୍ରସ୍ତୁତ ସମାଲୋଚନା/ଆଲୋଚନାର ସୁଦୃଢ଼ ଭିତ୍ତିଭୂମି ଉପରେ ଏହା ସମ୍ଭବପର ହୋଇପାରିଥିଲା । ଏହି ପତ୍ରିକା ଦ୍ୱୟରେ ପଣ୍ଡିତ ନୀଳକଣ୍ଠ ଦାସ, ନବକିଶୋର ଦାସ, ଗିରିଜାଶଙ୍କର ରାୟ, ଅନନ୍ତ ପଟ୍ଟନାୟକ, ଭଗବତୀ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟଙ୍କ ସମାଲୋଚନା/ଆଲୋଚନା ସ୍ଥାନିତ ହୋଇଥିଲା । ଅନ୍ୟ ଦୁଇ ସାହିତ୍ୟ ପତ୍ରିକା 'ଶଙ୍ଖ' (୧୯୪୫) ଓ ଚତୁରଙ୍ଗ (୧୯୪୬)ରେ ଉଚ୍ଚକୋଟୀର ସମାଲୋଚନା/ଆଲୋଚନା ପ୍ରକାଶ ପାଇ ଏ ଧାରାର କ୍ରମବିକାଶ ଘଟିଥିଲା ।

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ, ବିଶେଷକରି ୧୯୦୩ରୁ ୧୯୪୭ ଯାଏ, ଓଡ଼ିଶାର ରାଜନୀତି କ୍ଷେତ୍ରରେ ପରିଦୃଶ୍ୟମାନ ବିଭିନ୍ନ ବିଚିତ୍ରତା ସମାଲୋଚନା/ଆଲୋଚନାର ଅଭିବୃଦ୍ଧି ପାଇଁ ଅନୁକୂଳ ଭୂମିକା ଗ୍ରହଣ କରିଥିଲା । ଉତ୍କଳ

୫ - କର, ଡକ୍ଟର ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ, ୧୯୮୯, ପୃ-୩୦୨

ସମ୍ମିଳନୀ (୧୯୦୩), ଉତ୍କଳ ସାହିତ୍ୟ ସମାଜ (୧୯୦୩) ପ୍ରତିଷ୍ଠା ପରେ ଜାତିର ପ୍ରାଣରେ ଜାତୀୟ ଚେତନାର ଯେଉଁ ଅଙ୍କୁରୋଦ୍‌ଗମ୍ ହୋଇଥିଲା, ତାହା କ୍ରମଶଃ ବିହାର-ଓଡ଼ିଶା ପ୍ରଦେଶ ଗଠନ(୧୯୧୨), ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ (୧୯୩୬) ରେ ବଳିଷ୍ଠ ରୂପ ନେଲା । ୧୯୦୧ରୁ ୧୯୪୭ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସାଂସ୍କୃତିକ ପରିବେଶରେ ସାହିତ୍ୟ-ସମାଲୋଚନା ସମୃଦ୍ଧ ହୋଇଥିବାର ଦେଖାଯାଏ । ବହୁ ପ୍ରାଚୀନ ଗ୍ରନ୍ଥ ସମ୍ପର୍କରେ ଗବେଷଣା ଓ ତତ୍ତ୍ୱଭିତ୍ତିକ ସମାଲୋଚନା-ସୃଷ୍ଟି ଏହି ସମୟର ଉଲ୍ଲେଖନୀୟ ଘଟଣା । ଏହି ସମୟରେ ସମାଲୋଚନାମାନ ସମାଜ ସଚେତନତା, ଜାତୀୟତାବୋଧ ଓ ସାଂସ୍କୃତିକ ପୃଷ୍ଠଭୂମି ଦୃଷ୍ଟିରୁ ସ୍ୱତନ୍ତ୍ର ରୁଚିର ଏକ ସାରସ୍ୱତ-ସଂସ୍କୃତିର ପରିମଣ୍ଡଳ ପ୍ରସ୍ତୁତ କରିବା ଦିଗରେ ସହାୟକ ହେଉଥିଲା । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମୀକ୍ଷା ରୀତିର ଅନୁକରଣରେ ବହୁ ସମାଲୋଚକ ନିଜର ପାଣ୍ଡିତ୍ୟ ଓ ବିଷୟବିଶ୍ଳେଷଣରେ ଚମତ୍କାରିତାର ପରିଚୟ ଦେଇଛନ୍ତି । ସୃଜନାତ୍ମକ ସମାଲୋଚନାର ସଂଖ୍ୟା ସ୍ୱଳ୍ପ ହେଲେ ହେଁ କେତେକ ସାହିତ୍ୟ-ସମାଲୋଚକ ସୌନ୍ଦର୍ଯ୍ୟ ସୃଷ୍ଟିର ଚମତ୍କାରିତା ପ୍ରଦର୍ଶନ କରି ଓଡ଼ିଆ ସମାଲୋଚନାକୁ ବିଚିତ୍ରବର୍ଣ୍ଣା କରିପାରିଥିଲେ । ଦେଶର ସ୍ୱାଧୀନତା ଲାଭ ଅବସରରେ ଏହି ମନୋଭାବ ଶୀର୍ଷବିନ୍ଦୁରେ ପହଞ୍ଚିଥିଲା । ଅନ୍ୟ ପ୍ରଦେଶର ସାହିତ୍ୟିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶାର ସ୍ରଷ୍ଟାସମାଜ ନିଜ କୃତିରେ ଚମକ ଆଣିଥିଲେ । ଏହି ସମୟ ମଧ୍ୟରେ ପରିଦୃଷ୍ଟ ରୋମାଣ୍ଟିକ, ରହସ୍ୟବାଦୀ, ବାସ୍ତବବାଦୀ, ଜାତୀୟତାବାଦୀ, ସାମ୍ୟବାଦୀ, ପ୍ରଗତିବାଦୀ ଆଦି ବହୁବିଧ ଭାବଦୃଷ୍ଟି ସମାଲୋଚନାର କ୍ଷେତ୍ରକୁ ସମୃଦ୍ଧ କରିଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ (୧୯୪୩)ର ପ୍ରତିଷ୍ଠା ଓ ବିଭିନ୍ନ ଶିକ୍ଷାନୁଷ୍ଠାନ (ସ୍କୁଲ/କଲେଜ)ର ସ୍ଥାପନା ହେତୁ ଉଚ୍ଚ ଶିକ୍ଷିତ ଯୁବକମାନେ ସାହିତ୍ୟ ସେବାରେ ବ୍ରତୀ ହେଲେ । ସ୍କୁଲ, କଲେଜରେ ବାଧ୍ୟତାମୂଳକ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା ସମାଲୋଚନା କ୍ଷେତ୍ରକୁ ଆସିବା ପାଇଁ ବହୁ ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କଲା । ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା, ସାଂସ୍କୃତିକ ବ୍ୟାପାର ବିଭାଗ ଏବଂ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ଓଡ଼ିଆ ସାହିତ୍ୟର ଉନ୍ନତିକଳ୍ପେ ଅନୁକୂଳ ପରିବେଶ ସୃଷ୍ଟି, ତିନୋଟି ବିଶ୍ୱବିଦ୍ୟାଳୟ ସମେତ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ଓଡ଼ିଆ ଶିକ୍ଷାଦାନ ବ୍ୟବସ୍ଥା ସମାଲୋଚନା ସାହିତ୍ୟର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । ସ୍ୱାଧୀନତା ପୂର୍ବରୁ ସମାଲୋଚନାର ଆତ୍ମିକ ସମ୍ପଦକୁ ସମୃଦ୍ଧ କରିବାଲାଗି ଯେଉଁ ପ୍ରୟାସ ହୋଇଥିଲା, ତାହା ଏହି ସମୟରେ ଅଧିକ ତୀବ୍ର ହେଲା । ପ୍ରାଚୀନ କାବ୍ୟ କବିତାର ସୃଷ୍ଟି ସମୟ ନିରୂପଣ, ବିସ୍ମୃତ-ପ୍ରାୟ ଗ୍ରନ୍ଥର ଉଦ୍ଧାର ଓ ମୂଲ୍ୟାଙ୍କନ, ଐତିହାସିକ-

---

୬ - କବି, ଡକ୍ଟର ଅସିତ - ଓଡ଼ିଆ ସାହିତ୍ୟ ସମାଲୋଚନାର ଇତିହାସ, ୧୯୯୪, ପୃ-୨୩

ସମାଜତାତ୍ତ୍ୱିକ-ସାଂସ୍କୃତିକ ଭିତ୍ତିଭୂମି ଉପରେ ସାହିତ୍ୟର ଅନୁଶୀଳନ ସମାଲୋଚନା-ସାହିତ୍ୟକୁ କଲା ବୈଚିତ୍ର୍ୟମଣ୍ଡିତ, ସେଇ ବିଚିତ୍ରବର୍ଣ୍ଣା ସମାଲୋଚନାର ମୁଖ୍ୟ ବାହକ ହେଉଛି 'ଝଙ୍କାର' (ଏପ୍ରିଲ, ୧୯୪୯) । ଓଡ଼ିଆ ସାହିତ୍ୟର ବିକାଶରେ ଏହିପରି ସମାଲୋଚନା ସାହିତ୍ୟର ଏକାନ୍ତ ଆବଶ୍ୟକତା ଅନୁଭବ କରାଯାଉଥିବା ସମୟରେ 'ଝଙ୍କାର' ପତ୍ରିକାର ଆବିର୍ଭାବ ହେଲା । 'ଝଙ୍କାର' ପ୍ରକାଶ କାଳରେ ପୂର୍ବରୁ ସମାଲୋଚନାର ଅଗ୍ରଗତି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପତ୍ରପତ୍ରିକା କ୍ରମେ ଲୁପ୍ତ କିମ୍ବା ଦୁର୍ବଳ ହୋଇଯିବା ଫଳରେ ସାହିତ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ଉତ୍ତରଦାୟିତ୍ୱ 'ଝଙ୍କାର' ଉପରେ ନ୍ୟସ୍ତ ହେଲା । ଦୀର୍ଘ ଦେଢ଼ଶ' ବର୍ଷର ପରାଧୀନତାରୁ ମୁକ୍ତିଲାଭ କରିଥିବା ଏକ ଜାତି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିବାରେ ଉନ୍ମୁଖ ହୋଇ ପଡ଼ିଥିବାରୁ କେବଳ ସାହିତ୍ୟ-ସମାଲୋଚନାର ଦିଗନ୍ତ ବେଶ୍ ଚିନ୍ତାଦ୍ୟୋତକ ହୋଇଥିଲା । ପାଶ୍ଚାତ୍ୟ ଆଲୋଚନାରେ ପରିଦୃଷ୍ଟ ବିଭିନ୍ନ ପ୍ରକାରଭେଦ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ପ୍ରୟୋଗ କରାଯାଇ ଏହାର ବହୁବର୍ଣ୍ଣ ଦିଗନ୍ତକୁ ଉପସ୍ଥାପିତ କରାଯିବାର ପ୍ରୟାସ କରାଗଲା ।

'ଝଙ୍କାର' ବିଶୁଦ୍ଧ ଆଲୋଚନା ପାଇଁ, କୌଣସି ବିଷୟ ବା ନୀତିର ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ ।[୭] ସମସ୍ତ ଆଲୋଚନା ଆମ୍ଭେମାନେ ପୁଙ୍ଖାନୁପୁଙ୍ଖ ରୂପେ ଅଧ୍ୟୟନ କରି ଆମର ଯେଉଁଠି ଭ୍ରମ, ତାହା ସଂଶୋଧନ କରିବୁଁ । ସମାଲୋଚନାରେ ସମ୍ପ୍ରତି ଆତ୍ମ ଆମର ଉଦ୍ଦେଶ୍ୟ ନୁହେଁ ବା ସେଥିପାଇଁ ଆମର ବେଳ ନାହିଁ । କର୍ମଲିପ୍ତ ହେବାରେ ଆମର ଆନନ୍ଦ ଓ ସେଥିରେ ଉତ୍ସାହ । ସମାଲୋଚନାରେ ମାତିଲେ କର୍ମ ପ୍ରତି ଅବହେଳା ଘଟିବ ବୋଲି ଆମର ସତତ ଆଶଙ୍କା । ସାହିତ୍ୟ ଉନ୍ନତି ପାଇଁ ଯଦି କିଛି ସମାଲୋଚନା ଆବଶ୍ୟକ ପଡ଼େ, ତାହା ଆମ୍ଭେମାନେ ଯଥାଶକ୍ତି କରିବୁ, ଅନ୍ୟଥା ନୁହେଁ ।[୮] 'ଝଙ୍କାର' ପ୍ରକାଶର ପ୍ରାରମ୍ଭିକ କାଳରେ ତା'ର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ ବିବିଧ ସ୍ପଷ୍ଟୀକରଣ ବସ୍ତୁତଃ ତହିଁରେ ପ୍ରକାଶିତ ଆଲୋଚନା ଓ ସମାଲୋଚନାକୁ ତଥ୍ୟ ଓ ଯୁକ୍ତିରହିତ କୁତ୍ସାରଟନା, ଏକମୁଖୀତା ତଥା ବୈଚିତ୍ର୍ୟଶୂନ୍ୟତାଠାରୁ ଦୂରରେ ରଖିପାରିଛି । ମହତାବଙ୍କ ଭାଷାରେ ସମାଲୋଚନା, କୁତ୍ସାପୂର୍ଣ୍ଣ ବ୍ୟକ୍ତିଗତ ଆକ୍ଷେପକୁ ହିଁ ବୁଝାଏ ନାହିଁ । ଏଣୁ 'ଝଙ୍କାର' ପ୍ରାୟତଃ ଗବେଷଣାମୂଳକ ଉଚ୍ଚକୋଟୀର ସମାଲୋଚନା ଓ ଆଲୋଚନାଗୁଡ଼ିକୁ ଅଗ୍ରାଧିକାର ଦେଇଆସିଛି । 'ଝଙ୍କାର'ରେ ବିଭିନ୍ନ ସମୟରେ ଓଡ଼ିଶାର ଖ୍ୟାତନାମା ସମାଲୋଚକ ଓ

୭ - ମହତାବ, ଡକ୍ଟର ହରେକୃଷ୍ଣ-ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଖଣ୍ଡ, ୧୯୯୪, ପୃ-୧-୨

୮ - ମହତାବ, ଡକ୍ଟର ହରେକୃଷ୍ଣ-ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଖଣ୍ଡ, ୧୯୯୪, ପୃ-୨

ଆଲୋଚକଙ୍କ ରଚନା ସ୍ଥାନ ପାଇଛି । ଏହି ପ୍ରବନ୍ଧରେ ସେହି କୃତବିଦ୍ ସମାଲୋଚକମାନଙ୍କ କୃତିଗୁଡ଼ିକର ରେଖାଚିତ୍ର ସନ୍ଧାନ ଲାଗି ଆବଶ୍ୟକ ତଥ୍ୟ ପ୍ରଦାନର ଉଦ୍ୟମ କରାଯାଇଛି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ପାର୍ଥିବ ଅନୁଭୂତିଜନିତ ମାନବୀୟ ଆବେଗ, ବୌଦ୍ଧିକ ଚେତନା, ଆଧ୍ୟାତ୍ମିକ ମୂଲ୍ୟବୋଧ ସମ୍ପର୍କୀୟ ଦୃଷ୍ଟିଭଙ୍ଗୀ ଓ ଏଥିରେ ପରିଲକ୍ଷିତ ନବ ସମ୍ଭାବନାକୁ ନେଇ ଜଟିଳ ହୋଇ ପଡ଼ିଥିବାବେଳେ ଏବଂ ପାଶ୍ଚାତ୍ୟ ସାହିତ୍ୟର ନାନାବିଧ ପରୀକ୍ଷାନିରୀକ୍ଷାକୁ ଆପଣାଇ ନେବା ଫଳରେ ସାଧାରଣ ପାଠକମାନଙ୍କ ପରିସରରୁ କ୍ରମେ ବିଚ୍ଛିନ୍ନ ବା ଦୂରବର୍ତ୍ତୀ ହେବାକୁ ଆରମ୍ଭ କଲା । ଏଣୁ ସେପରି ସୃଷ୍ଟିସମ୍ପଦର ସୂକ୍ଷ୍ମ ବିଶ୍ଳେଷଣ ନିତାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଲା । କେବଳ ଝଙ୍କାର ଏହି ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହୋଇଛି । ନାନା ପରୀକ୍ଷା-ନିରୀକ୍ଷାଧର୍ମୀ ସାହିତ୍ୟ ସୃଷ୍ଟି ଉପରେ ବିଶ୍ଳେଷଣାତ୍ମକ ସମାଲୋଚନାକୁ ସ୍ଥାନ ଦେଇ ଆଧୁନିକ ସାହିତ୍ୟର ମାନବବାଦୀ ଦୃଷ୍ଟିଭଙ୍ଗୀ, ନିର୍ଭୀକ ଚିନ୍ତାଶୀଳ ସରସ ପର୍ଯ୍ୟାଲୋଚନାଧର୍ମୀ ସମାଲୋଚନା ରଚନା କରିବାକୁ ଆହ୍ୱାନ ଦେଲା । ଆଲୋଚନା କ୍ଷେତ୍ରରେ ଅତୀତର ଅଧ୍ୟୟନ କରିବା ତୁଳନାରେ ଆଧୁନିକ ବିଷୟ ପ୍ରତି ଅଧିକ ଦୃଷ୍ଟି ଦେବା ଓ ସବୁ ପରିବର୍ତ୍ତନକୁ ସ୍ୱୀକାର କରି ତା'ର ବିଚାରପୂର୍ବକ ସେଥିରେ ଅନୁଭୂତ ସତ୍ୟର ବାର୍ତ୍ତାବହ ସାହିତ୍ୟ ହେବା ଯେ ଆବଶ୍ୟକ ଏହା ଅନୁଭବ କରାଗଲା ।

'ଝଙ୍କାର' ଆରମ୍ଭ କାଳରୁ ପ୍ରତ୍ନ-ସାରସ୍ୱତ ସମ୍ପଦ ବା ଐତିହ୍ୟର ପୂନର୍ମୂଲ୍ୟାୟନ ଲାଗି ଯତ୍ନବାନ ହୋଇଛି । ସେ ଉଦ୍ଦେଶ୍ୟରେ ଗବେଷକମାନଙ୍କୁ ଆହ୍ୱାନ ଦେଇଛି ଅନୁସନ୍ଧାନଜନିତ ନୂତନ ଆଲୋକପାତ କରିବାକୁ । ପ୍ରଥମ ଦଶବର୍ଷ ମଧ୍ୟରେ ସାହିତ୍ୟ, ଇତିହାସ ଓ ପ୍ରତ୍ନତତ୍ତ୍ୱ ଗବେଷଣା କ୍ଷେତ୍ରରେ 'ଝଙ୍କାର' ଫଳପ୍ରଦ ଭୂମିକା ଗ୍ରହଣ କରିପାରିଥିବା ଦେଖାଯାଏ ।[୯] 'ଝଙ୍କାର'ର ଏହି ସଫଳ ଉଦ୍ୟମକୁ ଡକ୍ଟର ହରେକୃଷ୍ଣ ମହତାବ ବିଷୁବ ମିଳନର ନବମ ଅଧିବେଶନରେ ସ୍ୱୀକାର କରି କହିଥିଲେ, "ଗବେଷଣାମୂଳକ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଉଚ୍ଚକୋଟୀର ହୋଇଛି ଓ ସେ ସମସ୍ତ ପାଠକମାନଙ୍କ ଦ୍ୱାରା ଆଦୃତ ହେଉଛି ।"[୧୦]

ବିଗତ ପ୍ରାୟ ପଚାଶ ବର୍ଷ ଧରି ଓଡ଼ିଆ ସାହିତ୍ୟ-ସମାଲୋଚନା କ୍ଷେତ୍ରରେ ଯେଉଁ କେତେଜଣ କୃତିତ୍ୱସଂପନ୍ନ ସାଧକଙ୍କୁ ଦେଖୁ, ସେମାନେ ସମସ୍ତେ ଅଳ୍ପଅଧିକେ ବିଭିନ୍ନ

୯ - ନାୟକ, ଡକ୍ଟର କ୍ଷେତ୍ରବାସୀ - ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଇତିହାସକୁ ଝଙ୍କାରର ଅବଦାନ, ଝଙ୍କାର, ୨୨ଶ ବର୍ଷ, ୮ମ ସଂଖ୍ୟା, ପୃ - ୭

୧୦- ମହତାବ, ଡକ୍ଟର ହରେକୃଷ୍ଣ - ବିଷୁବ ଅଭିନନ୍ଦନ, ୧୯୮୭, ପୃ - ୩୫

ପର୍ଯ୍ୟାୟରେ 'ଝଙ୍କାର'ରେ ନିଜର ଲେଖନୀ ଚାଳନା କରିଛନ୍ତି । ଗିରିଜାଶଙ୍କର ରାୟ, ଚିନ୍ତାମଣି ଆଚାର୍ଯ୍ୟ, ଚକ୍ରଧର ମହାପାତ୍ରଙ୍କ ଠାରୁ ଆରମ୍ଭ କରି ଅଧୁନା ବହୁ ସମ୍ଭାବନା ଓ ପ୍ରତିଶ୍ରୁତିକୁ ନେଇ ଆତ୍ମପ୍ରକାଶ କରୁଥିବା ଯୁବ-ସମାଲୋଚକମାନଙ୍କୁ 'ଝଙ୍କାର' ସ୍ୱାଗତ କରିଛି । ପ୍ରତିଭାର ବିକାଶ ପାଇଁ ସୁଯୋଗ ଦେଇଛି । ଅବଶ୍ୟ 'ଝଙ୍କାର'ର ପ୍ରଥମ ଦଶବର୍ଷର ସମାଲୋଚନା ସାହିତ୍ୟର ତଥ୍ୟାନୁସନ୍ଧାନଧର୍ମୀ ପ୍ରବୃତ୍ତି ପରବର୍ତ୍ତୀ କାଳରେ କ୍ରମେ ନିଷ୍ପ୍ରଭ ହୋଇପଡ଼ିଛି । କିନ୍ତୁ, ସାହିତ୍ୟ-ବିଚାରରେ ଆଙ୍ଗିକ ଠାରୁ ଆତ୍ମିକ ପର୍ଯ୍ୟନ୍ତ ପରିବ୍ୟାପ୍ତ ପରିସରରେ ଦୃଷ୍ଟି ଘୂରାଇ ଆଣିବାରେ କେତେକ ଯୁବ ସମାଲୋଚକ ସଫଳ ହୋଇଛନ୍ତି । ସର୍ଜନାତ୍ମକ ସୃଷ୍ଟିରେ ପାଶ୍ଚାତ୍ୟ ସାହିତ୍ୟ ଜଗତରେ ପରିଲକ୍ଷିତ ବହୁ ଧାରା ଏହି ସମାଲୋଚନାଗୁଡ଼ିକୁ ବହୁଭାବରେ ପ୍ରଭାବିତ କରିଛି ।

ଝଙ୍କାର ପୃଷ୍ଠାରେ ଆତ୍ମପ୍ରକାଶ କରିଥିବା ଲେଖକମାନଙ୍କର ବିବରଣୀ । ଏହାକୁ ଗୋଟିଏ ଗୋଟିଏ ଦଶନ୍ଧିରେ ବିଭକ୍ତ କରାଯାଇଛି ।

(କଖ= ପ୍ରଥମ ଦଶକ- ୧୯୪୯-୧୯୫୮, ଖଗ= ଦ୍ୱିତୀୟ ଦଶକ- ୧୯୫୯-୧୯୬୮, ଗଘ= ତୃତୀୟ ଦଶକ- ୧୯୬୯-୧୯୭୮, ଘଙ= ଚତୁର୍ଥ ଦଶକ- ୧୯୭୯-୧୯୮୮, ଙଚ= ପଞ୍ଚମ ଦଶକ- ୧୯୮୯-୧୯୯୮)

କଖ- ଗିରିଜାଶଙ୍କର ରାୟ, ଚକ୍ରଧର ମହାପାତ୍ର, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଡକ୍ଟର ହରେକୃଷ୍ଣ ମହତାବ, ଅଧ୍ୟାପକ ରାଜକିଶୋର ରାୟ, ଚିନ୍ତାମଣି ପାଣିଗ୍ରାହୀ, ସିଦ୍ଧେଶ୍ୱର ହୋତା, ଅଧ୍ୟାପକ ଚିନ୍ତାମଣି ଦାଶ, ଜୟକୃଷ୍ଣ ମିଶ୍ର, ଡକ୍ଟର ମାୟାଧର ମାନସିଂହ, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କରୁଣାକର କର, ବିନାୟକ ମିଶ୍ର, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଡକ୍ଟର ବେଣୀମାଧବ ପାଢ଼ୀ, ପ୍ରହଲ୍ଲାଦ ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନରସିଂହ ଦେଓ, କାଳିନ୍ଦୀଚରଣ ପାଣିଗ୍ରାହୀ, ଲିଙ୍ଗରାଜ ମିଶ୍ର, ଗୋପୀନାଥ ମହାନ୍ତି, ସଦାଶିବ ରଥଶର୍ମା, ଜ୍ଞାନୀନ୍ଦ୍ର ବର୍ମା, ସୁରେନ୍ଦ୍ର ମହାନ୍ତି, ଅଧ୍ୟାପକ ସର୍ବେଶ୍ୱର ଦାସ, ଡକ୍ଟର ଗୋଲୋକବିହାରୀ ଧଳ, ସଚ୍ଚିଦାନନ୍ଦ ରାଉତରାୟ, ଗୌରୀକୁମାର ବ୍ରହ୍ମା, କେଦାରନାଥ ମହାପାତ୍ର, ବନମାଳୀ ମିଶ୍ର, ଡକ୍ଟର ଶ୍ରୀନିବାସ ମିଶ୍ର, ଅଧ୍ୟାପକ କୁଳମଣି ମିଶ୍ର ଶର୍ମା, ମହାପାତ୍ର ନୀଳମଣି ସାହୁ, ଡକ୍ଟର କାହ୍ନୁଚରଣ ମିଶ୍ର, ଡକ୍ଟର ନଟବର ସାମନ୍ତରାୟ, ସୁନନ୍ଦ କର, ଅଶ୍ୱିନୀକୁମାର ପୂଜାରୀ, ସୁଧାକର ପଟ୍ଟନାୟକ, ବୀର ହନୁମାନ ଶାସ୍ତ୍ରୀ, ଯତୀନ୍ଦ୍ରମୋହନ ମହାନ୍ତି, ଗଙ୍ଗାଧର ଗୁରୁ, ପଠାଣି ପଟ୍ଟନାୟକ, ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଚନ୍ଦ୍ରଶେଖର ମିଶ୍ର, ସାଗର, ଜାନକୀ ମହାନ୍ତି, ତାରିଣୀ ଚରଣ ଦାସ ।

ଖଗ- ଡକ୍ଟର ଦେବେନ୍ଦ୍ର ମହାନ୍ତି, ଚିନ୍ତାମଣି ବେହେରା, ଦୀନବନ୍ଧୁ ରଥ, ବନମାଳୀ ଦାସ, ଡକ୍ଟର ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ନୀଳମଣି ମିଶ୍ର, ଡକ୍ଟର କୃଷ୍ଣଚରଣ ସାହୁ, ସଚ୍ଚିଦାନନ୍ଦ ମିଶ୍ର, ଡକ୍ଟର ଦାଶରଥି ଦାସ, ଡକ୍ଟର ଶରତ ଚନ୍ଦ୍ର ପ୍ରଧାନ, ଡକ୍ଟର ବିଜୟପ୍ରସାଦ ମହାପାତ୍ର, ଡକ୍ଟର ଖଗେଶ୍ୱର ମହାପାତ୍ର, ଡକ୍ଟର ଗଙ୍ଗାଧର ବଳ, ରାଜକିଶୋର ପଟ୍ଟନାୟକ, ଡକ୍ଟର ଅସିତ କବି, ଶାନ୍ତନୁ କୁମାର ଆଚାର୍ଯ୍ୟ, ଡକ୍ଟର ସୁଦର୍ଶନ ଆଚାର୍ଯ୍ୟ, ବନମାଳୀ ରଥ, ଡକ୍ଟର ସୌଭାଗ୍ୟ କୁମାର ମିଶ୍ର, ଡକ୍ଟର କୃଷ୍ଣଚରଣ ବେହେରା, ଶରତକୁମାର ମହାନ୍ତି, କେତକୀ ନାୟକ ।

ଗଘ- ସୌରୀନ୍ଦ୍ର ବାରିକ,ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡକ୍ଟର ନିତ୍ୟାନନ୍ଦ ଶତପଥୀ, ଡକ୍ଟର ବ୍ରହ୍ମାନନ୍ଦ ସିଂହ, ଡକ୍ଟର କ୍ଷେତ୍ରବାସୀ ନାୟକ, ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି, ଡକ୍ଟର ଲାବଣ୍ୟ ନାୟକ, ଡକ୍ଟର କେଶବଚନ୍ଦ୍ର ମେହେର, ଡକ୍ଟର ସୀତାକାନ୍ତ ମହାପାତ୍ର, ଡକ୍ଟର ବାସୁଦେବ ସାହୁ, ରବି ସିଂ, ଡକ୍ଟର ରତ୍ନାକର ଚଇନି, ଡକ୍ଟର ବାଉରୀବନ୍ଧୁ କର, ବସନ୍ତକୁମାର ସାମଲ, ଗଣେଶ ପ୍ରସାଦ ପରିଜା, ଡକ୍ଟର ରତ୍ନାକର ସାହୁ ।

ଘଙ- ଡକ୍ଟର ବୈଷ୍ଣବ ଚରଣ ସାମଲ, ଡକ୍ଟର ଆଶୁତୋଷ ପଟ୍ଟନାୟକ, ଡକ୍ଟର ସୁବୋଧ କୁମାର ଚାଟାର୍ଜୀ, ଅପୂର୍ବ ରଞ୍ଜନ ରାୟ, ଡକ୍ଟର ପଞ୍ଚାନନ ମହାନ୍ତି, ଡକ୍ଟର ରଞ୍ଜିତା ନାୟକ, ଡକ୍ଟର ସଂଘମିତ୍ରା ମିଶ୍ର, ଡକ୍ଟର ମଧୁସୂଦନ ପତି, ଡକ୍ଟର ଆଦିକନ୍ଦ ସାହୁ, ମନୋଜ ଦାସ, ଡକ୍ଟର ରମେଶପ୍ରସାଦ ପାଣିଗ୍ରାହୀ, ଡକ୍ଟର ଗଗନେନ୍ଦ୍ରନାଥ ଦାସ, ଡକ୍ଟର ପୂର୍ଣ୍ଣାନନ୍ଦ ଦାନୀ, ଡକ୍ଟର ବିଜୟକୁମାର ଶତପଥୀ, ଡକ୍ଟର ମନୀନ୍ଦ୍ର ମହାନ୍ତି, ଡକ୍ଟର ଗିରୀଶ ଚନ୍ଦ୍ର ମିଶ୍ର, ଡକ୍ଟର ସୁଚିତ୍ରା ମହାପାତ୍ର, ଡକ୍ଟର ଗିରିବାଳା ମହାନ୍ତି, ଡକ୍ଟର ଜଗନ୍ନାଥ ମହାନ୍ତି, ଡକ୍ଟର ହେମନ୍ତ କୁମାର ଦାସ, ଅସିତ୍ ମହାନ୍ତି ।

ଙଚ- ଡକ୍ଟର ଅରବିନ୍ଦ ଗିରି, ଭଗବାନ ଜୟସିଂହ, ଡକ୍ଟର ଇନ୍ଦୁ ମିଶ୍ର, ଡକ୍ଟର ଖଗେନ୍ଦ୍ର ନାଥ ମଲ୍ଲିକ, ଡକ୍ଟର ନଟବର ଶତପଥୀ, ଡକ୍ଟର ତୀର୍ଥାନନ୍ଦ ମିଶ୍ର, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଡକ୍ଟର ପ୍ରକାଶ କୁମାର ପରିଡ଼ା, ଡକ୍ଟର କଇଳାଶ ପଟ୍ଟନାୟକ, ଡକ୍ଟର କାର୍ତ୍ତିକେଶ୍ୱର ସାହୁ, ଡକ୍ଟର କୁମୁଦ ପାଣିଗ୍ରାହୀ, ଡକ୍ଟର ରମାକାନ୍ତ ବେହେରା, ରବି ରାୟ, ଡକ୍ଟର ସ୍ମିତା ମହାନ୍ତି, ଡକ୍ଟର ଦୁର୍ଗା ପ୍ରସାଦ ପଟ୍ଟନାୟକ, ଡକ୍ଟର ବିରାଜମୋହନ ଦାସ, ଡକ୍ଟର ସୌଦାମିନୀ ନନ୍ଦ, ଲୋକନାଥ ମିଶ୍ର, ପଙ୍କଜ ସାହୁ, ଅଜିତ କୁମାର ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ରମାକାନ୍ତ ରାଉତ, ରବୀନ୍ଦ୍ର ନାଥ ଆଚାର୍ଯ୍ୟ ଆଦି ।

'ଝଙ୍କାର' ପ୍ରକାଶର ପ୍ରଥମ ଦଶନ୍ଧିରେ ଏହାର ସମାଲୋଚନା ବିଭାଗରେ ଲେଖନୀ ଚାଳନା କରିଥିବା ପଠାଣି ପଟ୍ଟନାୟକ, ଡକ୍ଟର ନଟବର ସାମନ୍ତରାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ

ଚିନ୍ତାମଣି ବେହେରା, ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଡକ୍ଟର ଦାଶରଥି ଦାସ, ଡକ୍ଟର ଖଗେଶ୍ୱର ମହାପାତ୍ର, ଡକ୍ଟର ଗଙ୍ଗାଧର ବଳ ଆଦି ମଧ୍ୟ ଚଳନ୍ତି ଦଶନ୍ଧିରେ ନିଜ ସାହିତ୍ୟ ସମାଲୋଚନାରେ ଝଙ୍କାରର ପୃଷ୍ଠା ମଣ୍ଡିତ କରୁଛନ୍ତି । ନୂତନ ପ୍ରତିଭା ରୂପେ ଆତ୍ମପ୍ରକାଶ କରିଥିବା ସମାଲୋଚକ କାଳକ୍ରମେ ପରବର୍ତ୍ତୀ ଉତ୍ତର-ସାଧକମାନଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି । ଝଙ୍କାର ପୃଷ୍ଠାରେ ନିରବଚ୍ଛିନ୍ନ ସ୍ରୋତ ହିଁ ନିଜ ବୈଚିତ୍ର୍ୟରେ ଓଡ଼ିଆ ସମାଲୋଚନା-ସାହିତ୍ୟକୁ ବହୁ ଭାବରେ ସମୃଦ୍ଧ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଝଙ୍କାରର ପ୍ରଥମ ସଂଖ୍ୟାରେ ସାମାଲୋଚନା ବିଭାଗର ସ୍ରଷ୍ଟାମାନେ ହେଲେ ଚିନ୍ତାମଣି ପାଣିଗ୍ରାହୀ (କବି ଓ କବିତା), ଅଧ୍ୟାପକ ରାଜକିଶୋର ରାୟ (ଉପନ୍ୟାସ ବିଚାରଧାରା), ଅଧ୍ୟାପକ ସର୍ବେଶ୍ୱର ଦାସ (ସାହିତ୍ୟ ଓ ପରମ୍ପରା) ଗୋଲୋକବିହାରୀ ଧଳ (ଆଧୁନିକ କବିତା), ଅଧ୍ୟାପକ ଗୌରୀକୁମାର ବ୍ରହ୍ମା (ଋଗ୍‌ବେଦର କାଳ ନିରୂପଣ) ଓ ଅଧ୍ୟାପକ ଜୟକୃଷ୍ଣ ମିଶ୍ର (ତପସ୍ୱିନୀ କାବ୍ୟରେ ପ୍ରକୃତି) । ଏହି ଲେଖା ତଥ୍ୟବହୁଳ ଓ ବିଶ୍ଳେଷଣଧର୍ମୀ । ଏହି ବିଭାଗରେ ପ୍ରାୟତଃ ଅଧିକାଂଶ ଲେଖା ସାହିତ୍ୟ ସମ୍ପର୍କୀୟ ସମାଲୋଚନା । ସ୍ୱାଧୀନତା ପରବର୍ତ୍ତୀ କାଳରେ ସମୃଦ୍ଧ ଗବେଷଣାଧର୍ମୀ ସମାଲୋଚନା ପତ୍ରିକା ଭାବରେ ଝଙ୍କାର ସ୍ୱୀକୃତି ପାଇଛି । ଏହି କାଳରେ 'ଝଙ୍କାର'କୁ ବାଦ୍ ଦେଇ ଉଚ୍ଚାଙ୍ଗ ସାହିତ୍ୟ ସମାଲୋଚନା ପତ୍ରିକା ଖୋଜି ପାଇବା ଦୁରୂହ । ଏହି ପତ୍ରିକାର ସାହିତ୍ୟ ସମାଲୋଚନା ପ୍ରାଚୀନ ସାହିତ୍ୟଠାରୁ ଆରମ୍ଭ କରି ଉଚ୍ଚାଙ୍ଗ ଗବେଷଣା, ଐତିହାସିକ ଓ ସାଂସ୍କୃତିକ ବିଚାରଗତ ସମାଲୋଚନା, ତୁଳନାତ୍ମକ ସମାଲୋଚନା ଓ ବସ୍ତୁନିଷ୍ଠ ତଥା ସୌନ୍ଦର୍ଯ୍ୟତାତ୍ତ୍ୱିକ ସମାଲୋଚନା ଯାଏ ବର୍ଦ୍ଧିତ । ଆଧୁନିକ ସାହିତ୍ୟର ବିଭିନ୍ନ ବିଭାଗ ସମ୍ପର୍କୀୟ ଆଲୋଚନା, ଭାଷାତାତ୍ତ୍ୱିକ ଆଲୋଚନା, ସାହିତ୍ୟ ତତ୍ତ୍ୱ ସମ୍ପର୍କୀୟ ଆଲୋଚନାଠାରୁ ପାଶ୍ଚାତ୍ୟ ସାହିତ୍ୟ ସମ୍ପର୍କୀୟ ଆଲୋଚନା ଯାଏଁ ପରିବ୍ୟାପ୍ତ ।

ପ୍ରାଚୀନ ସାହିତ୍ୟ ସମ୍ପର୍କିତ ସମାଲୋଚନା

ଊନବିଂଶ ଶତାବ୍ଦୀରେ ଚିନ୍ତା ଚେତନାରେ ବିପୁଳ ପରିବର୍ତ୍ତନ ଫଳରେ ଆଧୁନିକ ସାହିତ୍ୟର ଜନ୍ମ । ପ୍ରାଚୀନ ସାହିତ୍ୟର ଭିତ୍ତିଭୂମି ଉପରେ କିନ୍ତୁ ଏହାର ଉନ୍ମେଷ ଆଧାରିତ । କାଳିଦାସ, ଭବଭୂତି, ସାରଳାଙ୍କ କୃତି ପ୍ରାଚୀନ ହେଲେ ମଧ୍ୟ ତହିଁର ସୌନ୍ଦର୍ଯ୍ୟ, ରସବୋଧ କାଳ କାଳ ପାଇଁ ପାଠକ ହୃଦୟକୁ ଆଲୋଡ଼ିତ କରିଥାଏ । ଦ୍ୱିତୀୟତଃ ପ୍ରାଚୀନ ସାହିତ୍ୟର ଧାରଣା ବିନା ଆଧୁନିକ ସାହିତ୍ୟ ସମ୍ପର୍କରେ ସ୍ପଷ୍ଟ ଧାରଣା କରାଯାଇ ନପାରେ । କାରଣ ସାହିତ୍ୟ ହେଉଛି ଏକ ନିରବଚ୍ଛିନ୍ନ ଧାରା । ପ୍ରାଚୀନ ସାହିତ୍ୟ ଭଳି ପ୍ରାଚୀନ ସାହିତ୍ୟ ସମ୍ପର୍କୀୟ ଆଲୋଚନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରାଚୀନ ବା ମଧ୍ୟଯୁଗୀୟ ବିଚାରବୋଧକୁ ଆଧୁନିକ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରାଗଲେ, ସେଥିରୁ ଆଧୁନିକ ଜୀବନ ପ୍ରତି

ଉପାଦେୟତା ଓ ଶିକ୍ଷଣୀୟ ଭାବସମ୍ପଦ ମିଳିପାରେ । ସେହି ଲକ୍ଷ୍ୟନେଇ ସମାଲୋଚନା ଧାରାର ଆରମ୍ଭରୁ ପ୍ରାଚୀନ ସାହିତ୍ୟର ଆଲୋଚନା ହୋଇ ଆସିଛି । 'ଝଙ୍କାର' ପ୍ରକାଶର ପ୍ରାରମ୍ଭିକ କାଳରେ ଏହି ସାହିତ୍ୟ-ସମାଲୋଚନା ବେଶ୍ ସୁସ୍ପଷ୍ଟ ।

ସଂସ୍କୃତ ସାହିତ୍ୟ ସମ୍ପର୍କରେ ଗୌରୀକୁମାର ବ୍ରହ୍ମା (ଋକ୍ ବେଦର କାଳ ନିରୂପଣ ୧/୧), ଶଶିଭୂଷଣ ରାୟ (ମହାକବି ଭବଭୂତିଙ୍କ ଛାୟାସୀତା ୪/୩), ନଟବର ସାମନ୍ତରାୟ (ସଂସ୍କୃତ ସାହିତ୍ୟର ସଂକ୍ଷିପ୍ତ ସୂଚନା ୪/୬), ଜୟକୃଷ୍ଣ ମିଶ୍ର (ସଂସ୍କୃତ ସାହିତ୍ୟର ବର୍ଣ୍ଣବିନ୍ୟାସ ବୈଚିତ୍ର୍ୟ ୬/୪), ସଦାଶିବ ରଥଶର୍ମା (ବେଦରେ ଇନ୍ଦ୍ରବୃତ୍ତ ଯୁଦ୍ଧ ୬/୭), ଗଙ୍ଗାଧର ଗୁରୁ (ଭାରବୀ ଓ ମାଘଙ୍କ ପାଣ୍ଡିତ୍ୟ ୧୦/୧୨), ପ୍ରହ୍ଲାଦ ପ୍ରଧାନ (ସଂସ୍କୃତ ସାହିତ୍ୟ ଓ ଓଡ଼ିଶାର ତାଳପତ୍ର ପୋଥି ୧୨/୮), ସୁବୋଧ ଚାଟାର୍ଜୀ (ବୈଦିକ ସାହିତ୍ୟରେ ବିଷ୍ଣୁ ୨୧/୧୦), (ରାମାୟଣୋତ୍ତର ସଂସ୍କୃତ ରାମକଥା: ଏକ ଦୃଷ୍ଟିପାତ ୪୨/୫), ଗଙ୍ଗାଧର ବଳ (ଦାର୍ଶନିକ ବିଚାର ଏବଂ ସଂସ୍କୃତ ସାହିତ୍ୟରେ ସାହିତ୍ୟ-ସମାଲୋଚନାର ସ୍ୱାତନ୍ତ୍ର୍ୟ, ୨୭/୬) ଆଦି ସମାଲୋଚକଙ୍କ ରସଗ୍ରାହୀ ପାଣ୍ଡିତ୍ୟପୂର୍ଣ୍ଣ ବିଶ୍ଳେଷଣ ପ୍ରକାଶିତ । ପାଲି, ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟ ସମ୍ପର୍କରେ 'ଝଙ୍କାର'ର ଆଲୋଚନା ଦୁର୍ବଳ ମନେହୁଏ । ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର ଆଦି ଗବେଷକଙ୍କ ତାମ୍ରପଟା, ଶିଳାଲେଖ, ଅଭିଲେଖର ଆଲୋଚନା ମାଧ୍ୟମରେ ଏହି ଭାଷା ଓ ସାହିତ୍ୟ ସମ୍ପର୍କରେ କିଛି କିଛି ଆଲୋଚନା ଦେଖାଯାଏ । ପାଲି, ପ୍ରାକୃତ, ଅପଭ୍ରଂଶ ସାହିତ୍ୟ ସମ୍ପର୍କୀୟ ସ୍ୱୟଂସମ୍ପୂର୍ଣ୍ଣ ସମାଲୋଚନା ପ୍ରାୟତଃ ବିରଳ ।

ସାରଳା ସାହିତ୍ୟ ସମ୍ପର୍କରେ 'ଝଙ୍କାର'ରେ ସ୍ଥାନିତ ସମାଲୋଚନା ସର୍ବାଦୌ ଉଲ୍ଲେଖଯୋଗ୍ୟ । 'ଝଙ୍କାର' ପ୍ରକାଶର ପ୍ରଥମ ଦଶକ ମଧ୍ୟରେ ଗୋପୀନାଥ ମହାନ୍ତି, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବଂଶୀଧର ମହାନ୍ତି, ଅଚ୍ୟୁତାନନ୍ଦ ଦାସ, ମାୟାଧର ମାନସିଂହ ଆଦି ସମାଲୋଚକ ସାରଳା ଦାସଙ୍କର ଜନ୍ମସ୍ଥାନ ଓ ସମୟ ନିରୂପଣ ତଥା ସାହିତ୍ୟିକ ବୈଶିଷ୍ଟ୍ୟ ସମ୍ପର୍କୀୟ ଲେଖା ସ୍ଥାନ ପାଇଥିଲା । ବିଶେଷକରି ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଧାରାବାହିକ ସମାଲୋଚନା 'ସାରଳା ସାହିତ୍ୟର ରଚନାକାଳ ଓ ଐତିହାସିକ ଚିତ୍ର' ଏବଂ ଗୋପୀନାଥ ମହାନ୍ତିଙ୍କ କବି କାଳ ନିର୍ଣ୍ଣୟାତ୍ମକ ଲେଖା ଗୁରୁତ୍ୱପୂର୍ଣ୍ଣ । ଏହି ସମାଲୋଚନା ହିଁ ସାରଳା ସାହିତ୍ୟ ଓ ସାରଳା ଦାସଙ୍କ ସମ୍ପର୍କରେ ବହୁ ଯୁକ୍ତିନିଷ୍ଠ ତଥ୍ୟ ଉପସ୍ଥାପନ କରି ସମାଲୋଚନାକୁ ବର୍ଣ୍ଣୋଜ୍ଜ୍ୱଳ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାରଳାଙ୍କ କାଳ ଓ ଜନ୍ମସ୍ଥାନ ସମ୍ପର୍କରେ ଏହି ବିତର୍କିତ ସମାଲୋଚନା ଏକଦେଶଦର୍ଶୀ, ଆକ୍ଷେପମୂଳକ, କୁତ୍ସା-ଆଧାରିତ ନୁହେଁ, ବରଂ ଅନୁସନ୍ଧାନରେ ଶାଣିତ ଓ ଗବେଷଣାପ୍ରସୂତ । ଏହି ବିତର୍କ ଯୋଗୁ

'ଝଙ୍କାର'ର ଅଷ୍ଟମ ବର୍ଷରେ ସାରଳା ଦାସଙ୍କ ସମ୍ପର୍କିତ ଦଶଟି ଆଲୋଚନା ସ୍ଥାନ ପାଇବା ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସଚେତନତାର ନିଦର୍ଶନ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ଜନ୍ ବୋଲଟନ୍, ଡକ୍ଟର ହରେକୃଷ୍ଣ ମହତାବ, ବୃନ୍ଦାବନ ନାଥଶର୍ମା ଆଦି ସମ୍ମାଲୋଚକମାନଙ୍କ ପ୍ରାଚୀନ ଓଡ଼ିଆ ସାହିତ୍ୟ-ସମାଲୋଚନାମାନ ଝଙ୍କାରରେ ସ୍ଥାନ ପାଇଥିବାର ଦେଖାଯାଏ ।

ଲୋକକଥା ଓ ଲୋକଗୀତ ସବୁକୁ ନେଇ ଚକ୍ରଧର ମହାପାତ୍ର, କୁଞ୍ଜବିହାରୀ ଦାଶ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ନୀଳମଣି ମିଶ୍ର, ଶ୍ୟାମସୁନ୍ଦର ମହାନ୍ତି ଏବଂ ଚିନ୍ତାମଣି ବେହେରା ଆଦିଙ୍କ ସମାଲୋଚନା ବେଶ୍ ବଳିଷ୍ଠ । ଚକ୍ରଧର ମହାପାତ୍ର 'ପଲ୍ଲୀ-ସାହିତ୍ୟ' (୧୦/୧୦), କୁଞ୍ଜବିହାରୀ ଦାସଙ୍କ 'ଲୋକଦେବତା' (୬/୧) ଓ 'ଓଡ଼ିଆ ଲୋକସାହିତ୍ୟରେ ପକ୍ଷୀ' (୧୯/୨) ନଟବର ସାମନ୍ତରାୟଙ୍କ ଧାରାବାହିକ ଆଲୋଚନା 'ପଲ୍ଲୀ ସଙ୍ଗୀତ' (୩/୫, ୩/୬) ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଇପାରେ ।

ବୈଷ୍ଣବ ଧର୍ମ-ଦର୍ଶନ, ପଞ୍ଚସଖା ସାହିତ୍ୟ-ସାଧକଙ୍କ ଆଭିମୁଖ୍ୟ ଓ ସାହିତ୍ୟ ସୃଷ୍ଟିର ବିଭିନ୍ନ ଦିଗ, ସେ ସମୟରେ ରଚିତ ଜଣାଣ, ବୋଲି, ଚଉତିଶା, ଗୁଜରୀ, ରାସ ଆଦି ରସାଣିତ କ୍ଷୁଦ୍ର ପଦାବଳୀକୁ ନେଇ ସଂଖ୍ୟାଧିକ ସମାଲୋଚନା ଝଙ୍କାରରେ ପ୍ରକାଶିତ । ବୈଷ୍ଣବ ଧର୍ମ ଓ ଗୀତିକବିତାକୁ ନେଇ ସଂଖ୍ୟାଧିକ ସମାଲୋଚନାର ରଚୟିତା ଡକ୍ଟର ଗଙ୍ଗାଧର ବଳ । ତାଙ୍କ ଛଡ଼ା ଡକ୍ଟର କାହ୍ନୁଚରଣ ମିଶ୍ର, ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଡକ୍ଟର ଆଶୁତୋଷ ପଟ୍ଟନାୟକ, ଡକ୍ଟର ନଟବର ସାମନ୍ତରାୟ, ସଚ୍ଚିଦାନନ୍ଦ ମିଶ୍ର, ପ୍ରସନ୍ନ ପଟ୍ଟନାୟକ, କୁଞ୍ଜବିହାରୀ ମହାନ୍ତି, ଡକ୍ଟର ରତ୍ନାକର ସାହୁ ଆଦିଙ୍କ ପଞ୍ଚସଖା ସାହିତ୍ୟ, ବୈଷ୍ଣବ ଧର୍ମ ଦର୍ଶନ ବିଷୟରେ ବହୁ ସମାଲୋଚନା ମଧ୍ୟ 'ଝଙ୍କାର' ପୃଷ୍ଠାରେ ସ୍ଥାନ ପାଇଛି । ବିନାୟକ ମିଶ୍ରଙ୍କ 'ଓଡ଼ିଆ ସାହିତ୍ୟରେ ଗୌଡ଼ୀୟ ବୌଷ୍ଣବ ଧର୍ମ' (୫/୧୦), 'ରାଧା ଦାମୋଦର' (୬/୨), 'କୃଷ୍ଣ ସଂପ୍ରଦାୟ' (୬/୫) ଏ ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ । ଅଧିକ ଗବେଷଣା ଓ ଅଧିକରୁ ଅଧିକ ନୂତନ ତଥ୍ୟଲାଭ କ୍ଷେତ୍ରରେ ଏହି ସମାଲୋଚନାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ।

କାବ୍ୟଯୁଗରେ ଓଡ଼ିଶାରେ ବିସ୍ମୃତ ସଂସ୍କୃତ କାବ୍ୟ-ସାଧକମାନଙ୍କର ବିସ୍ମୃତ ପ୍ରତିଭା ଓ ସେମାନଙ୍କର ରଚନାବଳୀ ସମ୍ପର୍କରେ ତଥ୍ୟମୂଳକ ଲେଖାରେ ଉଦ୍‌ଗାତା ହେଉଛନ୍ତି କେଦାରନାଥ ମହାପାତ୍ର । ଶ୍ରୀ ମହାପାତ୍ରଙ୍କ 'ପ୍ରବୋଧ ଚନ୍ଦ୍ରିକାର ପ୍ରଣେତା 'ଶ୍ରୀ ବୈଜଳଦେବ (୨/୪)', 'ସ୍ମୃତିକାର ନରସିଂହ ବାଜପେୟୀ (୩/୮) (୩/୯),

ଗୀତ ଗୋବିନ୍ଦକାର ଜୟଦେବ (୧୨/୬), ତ୍ରିକାଣ୍ଡ କୋଷ ପ୍ରଣେତା ପୁରୁଷୋତ୍ତମ ଦେବ (୬/୩)' ଆଦି ସଂଖ୍ୟାଧିକ ଏ ସମ୍ପର୍କୀୟ ସମାଲୋଚନା ପଚିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଝଙ୍କାର ପୃଷ୍ଠାକୁ ସମୃଦ୍ଧ କରିଛି । ଏ ପର୍ଯ୍ୟାୟରେ ସ୍ମରଣୀୟ ଆଲୋଚକମାନେ ହେଉଛନ୍ତି, ଲକ୍ଷ୍ମୀନାରାୟଣ ହରିଚନ୍ଦନ, ଜୟକୃଷ୍ଣ ମିଶ୍ର, ବ୍ରହ୍ମାନନ୍ଦ ଶତପଥୀ, କୃଷ୍ଣଚରଣ ସାହୁ, ଗୌରୀକୁମାର ବ୍ରହ୍ମା, ବାନାମ୍ବର ଆଚାର୍ଯ୍ୟ, ନିଶାମଣି ମିଶ୍ର, ସଚ୍ଚିଦାନନ୍ଦ ମିଶ୍ର, ଡକ୍ଟର ଜାନକୀବଲ୍ଲଭ ମହାନ୍ତି । ଏହି ଆଲୋଚନା ବହୁ ମଧ୍ୟଯୁଗୀୟ କବି-ପ୍ରତିଭାଙ୍କୁ ପାଠକମାନଙ୍କ ସମ୍ମୁଖକୁ ଆଣିପାରିଛି ଓ ସେମାନଙ୍କ କୃତିର ମୂଲ୍ୟାୟନ ଘଟିଛି । କାବ୍ୟ ସାହିତ୍ୟର ତୁଳନାତ୍ମକ ଆଲୋଚନା ଦୃଷ୍ଟିରୁ ଡକ୍ଟର ଦାଶରଥି ଦାସଙ୍କ ସଂସ୍କୃତ ସହ ଓଡ଼ିଆ ବାକ୍ୟର ତୁଳନାତ୍ମକ ରସାଣିତ ସମାଲୋଚନା ଦୃଷ୍ଟିକୁ ଆସେ । ଗୌରୀକୁମାର ବ୍ରହ୍ମାଙ୍କ 'କବି ଦୀନକୃଷ୍ଣ ଜଣେ ନା ଦୁଇଜଣ' (୧/୧୦, ୧/୧୨) ସମାଲୋଚନା 'ଝଙ୍କାର'ର ପ୍ରଥମ ବର୍ଷରେ ପ୍ରକାଶ ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଉଭୟ ପୁରାଣ ଓ କାବ୍ୟଯୁଗରେ ବହୁ କ୍ଷୁଦ୍ର କଳେବର ବିଶିଷ୍ଟ ରଚନାବଳୀ ସୃଷ୍ଟି ହୋଇଥିବାର ଦେଖାଯାଏ । ସେହି ରଚନାବଳୀର ବୈଶିଷ୍ଟ୍ୟ ଓ ତା'ର ସ୍ରଷ୍ଟାଙ୍କ ସମ୍ପର୍କରେ ଡକ୍ଟର ନଟବର ସାମନ୍ତରାୟ, ଦୀନବନ୍ଧୁ ରଥ, ଭୋଳାନାଥ ମିଶ୍ର, ବଂଶୀଧର ମହାନ୍ତି, ଜୟକୃଷ୍ଣ ମିଶ୍ର, ଲିଙ୍ଗରାଜ ମିଶ୍ର, ଦେବୀପ୍ରସନ୍ନ ପଟ୍ଟନାୟକ, ସଚ୍ଚିଦାନନ୍ଦ ମିଶ୍ର ଆଦି ଆଲୋଚନା କରିଛନ୍ତି ।

ଉପନ୍ୟାସ ଓ ଗଳ୍ପ ସମ୍ପର୍କିତ ଆଲୋଚନା

ଆଧୁନିକ ସାହିତ୍ୟରେ ଆତ୍ମପ୍ରକାଶ କରିଥିବା ଦୁଇ ପ୍ରଭାବଶାଳୀ ବିଭାଗ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ସବୁଠାରୁ ଲୋକପ୍ରିୟ ଓ ବଳିଷ୍ଠ ସାହିତ୍ୟିକ ବିଭବ । 'ଝଙ୍କାର'ର ଆତ୍ମପ୍ରକାଶ ସମୟରୁ ଆଜିଯାଏ ଉପନ୍ୟାସ ଓ ଗଳ୍ପ ସମ୍ପର୍କିତ ବହୁ ସମାଲୋଚନା ପ୍ରକାଶ ପାଇଛି । ସେଥିମଧ୍ୟରୁ ଅଧ୍ୟାପକ ରାଜକିଶୋର ରାୟଙ୍କ ଧାରାବାହିକ ସମାଲୋଚନା 'ଉପନ୍ୟାସ ବିଚାରଧାରା' (୧/୧, ୧/୨, ୧/୩, ୧/୪, ୧/୭, ୧/୧୦, ୧/୧୧, ୧/୧୨) ଏବଂ 'ଗଳ୍ପ ସାହିତ୍ୟ ଓ ଓଡ଼ିଆ ଗଳ୍ପ ଲେଖକ' (୨/୧, ୨/୨, ୨/୩, ୨/୪)ରୁ ସମାଲୋଚନାର ଅୟମାରମ୍ଭ ହୋଇଥିଲା । ଏଠାରେ ସ୍ମରଣୀୟ ଯେ ଏ ଦୁଇଟି ଅର୍ବାଚୀନ ବିଭାଗର ଆଲୋଚନା ପ୍ରଥମେ 'ଉତ୍କଳ ସାହିତ୍ୟ' ଆରମ୍ଭ କରିଥିଲା । ଏହାର ସଂକ୍ଷିପ୍ତ 'ସମାଲୋଚନା ବିଭାଗ'ରେ ସାହିତ୍ୟ ପୁସ୍ତକମାନଙ୍କର ଆଲୋଚନା ସ୍ଥାନ ପାଇଥିଲା । ଏଥିରେ ଫକୀରମୋହନଙ୍କ ଉପନ୍ୟାସର ସମାଲୋଚନା ସ୍ଥାନପାଇଥିବାର ଦେଖାଯାଏ । କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ସମ୍ପର୍କରେ ଚିନ୍ତାମଣି

ଆଚାର୍ଯ୍ୟ,ଚନ୍ଦ୍ରଶେଖର ନନ୍ଦ, ଅସରଫ ଅଲ୍ଲୀ ଖାଁଙ୍କ ଗୋଟିଏ ଦୁଇଟି ସମାଲୋଚନା ସେ ସମୟରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ବିଂଶ ଶତାବ୍ଦୀରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନାରେ ପାଶ୍ଚାତ୍ୟ ରୀତିର ଅନୁକରଣ ଅନୁଭୂତ ହୁଏ । ଏପରି କୃତିଗୁଡ଼ିକର ଆଲୋଚନାକୁ ସୁନ୍ଦର କରିବାକୁ ହେଲେ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱରେ ଅବଗାହନ କରିବାକୁ ହୁଏ । କହିବା ବାହୁଲ୍ୟ 'ଝଙ୍କାର'ରେ ପ୍ରକାଶିତ ଏ ସମ୍ପର୍କୀୟ ଲେଖା ଏହି ସୃଷ୍ଟି-ସମ୍ପଦର ଯଥାର୍ଥ ଭାବରେ ମୂଲ୍ୟାୟନ କରିବାରେ ସମର୍ଥ ହୋଇଥିଲା । ସମାଲୋଚନାର ପ୍ରାରମ୍ଭିକ ପର୍ଯ୍ୟାୟରେ ସୁରେନ୍ଦ୍ର ମହାନ୍ତି, ପଠାଣି ପଟ୍ଟନାୟକ, ଅଭିନ୍ନଚନ୍ଦ୍ର ସାହୁ, ତାରିଣୀଚରଣ ଦାସ, ସୁଦର୍ଶନ ଆଚାର୍ଯ୍ୟ, ବନମାଳୀ ମିଶ୍ର ଓ କୃଷ୍ଣଚରଣ ବେହେରା ଆଦିଙ୍କ ସମାଲୋଚନାମାନ ପ୍ରକାଶିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବସନ୍ତକୁମାର ସାମଲ, ଡକ୍ଟର ବ୍ରହ୍ମାନନ୍ଦ ସିଂ, ଡକ୍ଟର ନଟବର ଶତପଥୀ, ଡକ୍ଟର ରେଖା ମହାନ୍ତି, ଡକ୍ଟର ଲାବଣ୍ୟ ନାୟକ, ଡକ୍ଟର କୁମୁଦରଞ୍ଜନ ପାଣିଗ୍ରାହୀ, ଡକ୍ଟର ରଞ୍ଜିତା ନାୟକ, ଅଜାମ୍ବର ମଲ୍ଲ, ଡକ୍ଟର ପ୍ରଫୁଲ୍ଲ ମହାନ୍ତି, ଡକ୍ଟର ପ୍ରକାଶ ପରିଡ଼ା, ଡକ୍ଟର ବିଷ୍ଣୁପ୍ରିୟା ଓତା ଆଦି ଲେଖକମାନେ ଏହାକୁ ଆଗେଇ ନେଇଛନ୍ତି । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପକୁ ସାମଗ୍ରିକ ଭାବେ ସମାଲୋଚନା କରିବା ଅପେକ୍ଷା ନିର୍ଦ୍ଦିଷ୍ଟ ପୁସ୍ତକ ଓ ନିର୍ଦ୍ଦିଷ୍ଟ ଲେଖକଙ୍କ ସୃଷ୍ଟି ବୈଚିତ୍ର୍ୟକୁ ନେଇ ସମାଲୋଚନା ଲେଖିବାର ପ୍ରବୃତ୍ତି ଏ ସମୟରେ ଅଧିକରୁ ଅଧିକ ଦେଖିବାକୁ ମିଳେ । ଅବଶ୍ୟ ଏହିସବୁ ସମାଲୋଚନା ବିସ୍ତୃତ କାନ୍‌ଭାସ(ରାଜନୈତିକ-ଐତିହାସିକ-ସାଂସ୍କୃତିକ ପଟ୍ଟଭୂମି) ଉପରେ ପ୍ରସ୍ତୁତ କରାଯାଇଛି ।

ଆଧୁନିକ କବିତା ସମ୍ପର୍କିତ ସମାଲୋଚନା

'ଝଙ୍କାର'ର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ଚିନ୍ତାମଣି ପାଣିଗ୍ରାହୀଙ୍କ 'କବି ଓ କବିତା' ଓ ଗୋଲୋକବିହାରୀ ଧଳଙ୍କ 'ଆଧୁନିକ କବିତା' ପ୍ରକାଶିତ ହୋଇ 'ଝଙ୍କାର'ରେ ଆଧୁନିକ କବିତା ସମ୍ପର୍କିତ ସମାଲୋଚନାର ଯେଉଁ ଶୁଭଶଙ୍ଖ ନିନାଦିତ ହେଲା, ତାହାର ସମୁଜ୍ଜ୍ୱଳ ଭବିଷ୍ୟତର ପରିଚୟ ଦେଲା ସଚ୍ଚିଦାନନ୍ଦ ରାଉତରାୟଙ୍କ ସମାଲୋଚନା 'ଓଡ଼ିଆ କବିତାର ଉପଧା ମିଳନ' (୧/୨) 'ଆଧୁନିକ କବିତାର ଉପଧା ବିଚାର' (୧/୧୦) ଓ ଧାରାବାହିକ ସମାଲୋଚନା 'ଆଧୁନିକ କବିତାର ଉପଧା ବିଚାର ଓ ଅନ୍ୟାନ୍ୟ ସମସ୍ୟା' (୧/୧୧, ୧/୧୨, ୨/୨, ୨/୩) । ପ୍ରଥମ ପର୍ଯ୍ୟାୟରେ ଆଧୁନିକ କବିତା ସମ୍ପର୍କିତ ସାହିତ୍ୟ-ସମାଲୋଚନାକୁ ଚନ୍ଦ୍ରମଣି ଦାସ (କବିତାର ଚତୁର୍ଯୁଗ ୩/୨, ୬/୯, ୬/୧୧ ଓ କବିତାର ପକ୍ଷ ସମର୍ଥନ ୮/୨, ୮/୩, ୯/୪), ତାରିଣୀ ଚରଣ ଦାସ (ଆଧୁନିକ କବିତାର ସ୍ୱରୂପ ଓ ସମସ୍ୟା ୧୪/୧) 'ସାଗର' (ଛଦ୍ମ ନାମ)ରେ 'କବିତା ଓ ବାସ୍ତବବାଦ' (୨/୧୨)

ପ୍ରଭୃତିଙ୍କ ଲେଖା ପରିପୁଷ୍ଟ କରିଥିବା ସମୟରେ ପରବର୍ତ୍ତୀ କାଳରେ ସୌରୀନ୍ଦ୍ର ବାରିକ, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଡକ୍ଟର ବାସୁଦେବ ସାହୁ, ଡକ୍ଟର ଦାଶରଥି ଦାସ, ଡକ୍ଟର କ୍ଷେତ୍ରବାସୀ ନାୟକ ଏହାକୁ ଅଗ୍ରଗାମୀ କରାଇଛନ୍ତି । 'ଝଙ୍କାର' ପୃଷ୍ଠାରେ ଆଧୁନିକ କବିତାକୁ ନେଇ ସଂଖ୍ୟାଧିକ ସମାଲୋଚନା ରଚନା କରିଥିବା ସମାଲୋଚକ ହେଉଛନ୍ତି ଡକ୍ଟର ନିତ୍ୟାନନ୍ଦ ଶତପଥୀ । ଆଧୁନିକ କବିତାର ବିଭିନ୍ନ ଦିଗ ସମେତ ବିଭିନ୍ନ ସମୟରେ ଏଥିରେ ପରିଦୃଷ୍ଟ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନକୁ ନେଇ ତାଙ୍କ ସମାଲୋଚନା ସମୃଦ୍ଧ । ଏତଦ୍‌ବ୍ୟତୀତ ଡକ୍ଟର ଆଦିକନ୍ଦ ସାହୁ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଡକ୍ଟର କେଶବଚନ୍ଦ୍ର ମେହେର, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ର, ଡକ୍ଟର ଇନ୍ଦୁମିଶ୍ର, ଭଗବାନ ଜୟସିଂହ ଆଧୁନିକ କବିତାର ଭାବସମ୍ପଦ, ସୌନ୍ଦର୍ଯ୍ୟ ଚେତନାର ରସବୋଧ ସର୍ବୋପରି ଏହାର ଗତି ଓ ପ୍ରକୃତିକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ତ୍ରୁଟିବିଚ୍ୟୁତି ଦର୍ଶାଇ କବିତାର ଭବିଷ୍ୟତ ସମ୍ପର୍କରେ ମତାମତ ଦେଇଛନ୍ତି । ବିଶେଷକରି ସମାଲୋଚକଙ୍କ ଦ୍ୱାରା ପ୍ରସ୍ତୁତ ତୁଳନାତ୍ମକ ସମାଲୋଚନା କବିତା ସୃଷ୍ଟି-ପ୍ରକ୍ରିୟାକୁ ବହୁ ଭାବରେ ପ୍ରୋତ୍ସାହନ ଦେଇଥିବା ଉପଲବ୍ଧି କରିହୁଏ । ଅନ୍ୟାନ୍ୟ ସମୃଦ୍ଧ ପ୍ରାନ୍ତୀୟ କାବ୍ୟ-କବିତା ସହିତ ଓଡ଼ିଆ କାବ୍ୟ-କବିତା ସମକକ୍ଷ ହେବା ପଛରେ ଏହାର ଅବଦାନକୁ ଅସ୍ୱୀକାର କରିହେବ ନାହିଁ । ପ୍ରାୟ ପଚାଶବର୍ଷ ଧରି ଝଙ୍କାରରେ କବିତା ସମ୍ପର୍କୀୟ ସମାଲୋଚନା ବେଶ୍ ଆଦୃତ ହୋଇପାରିଛି ।

ନାଟକ ସମାଲୋଚନା

ନାଟକ ସମ୍ପର୍କରେ 'ଝଙ୍କାର'ରେ ପ୍ରକାଶିତ ପ୍ରଥମ ସମାଲୋଚନାର ଲେଖକ ନରସିଂହ ଦେଓ । ତାଙ୍କ ରଚିତ 'ରାଜେନ୍ଦ୍ର ନାଟ୍ୟ ପ୍ରତିଭା ଓ ପ୍ରକୃତି ପ୍ରଣୟ' (୨/୩)ରେ ଓଡ଼ିଆ ନାଟ୍ୟ-ସାହିତ୍ୟର ଆଦିପର୍ବର ନାଟ୍ୟକାର ଟିକିଟି ଅଧୀଶ୍ୱର ରାଧାମୋହନ ରାଜେନ୍ଦ୍ର ଦେବଙ୍କ ଅନ୍ୟତମ ଶ୍ରେଷ୍ଠ କୃତି 'ପ୍ରକୃତି ପ୍ରଣୟ' (୧୯୧୫)ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । 'ଝଙ୍କାର'ର ପ୍ରଥମ ଦୁଇ ଦଶକ ମଧ୍ୟରେ ଗିରିଜାଶଙ୍କର ରାୟ, ଶ୍ରୀନିବାସ ମିଶ୍ର, ଧୀରେନ୍ଦ୍ର ନାଥ ପଟ୍ଟନାୟକ, ଅନ୍ନଦାଶଙ୍କର ରାୟ,ସର୍ବେଶ୍ୱର ଦାସ,ଅଧ୍ୟାପକ ବେଣୁଧର ରାଉତ, ଅଧ୍ୟାପକ ଦେବେନ୍ଦ୍ର ମହାନ୍ତି, ଭାବଗ୍ରାହୀ ମିଶ୍ରଙ୍କ ନାଟକ ସଂପର୍କୀୟ ଅଳ୍ପ କେତୋଟି ସମାଲୋଚନା ପ୍ରକାଶିତ ହୋଇଥିଲା । ଏଥିମଧ୍ୟରୁ ଗିରିଜାଶଙ୍କର ରାୟଙ୍କ 'ଓଡ଼ିଆ ନାଟକ' (୮/୨) ଓ ବେଣୁଧର ରାଉତଙ୍କ 'ପ୍ରଥମ ଓଡ଼ିଆ ନାଟକ' (୧୧/୧) ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା । ଜଗମୋହନ ଲାଲଙ୍କ ନାଟକ 'ବାବାଜୀ' ସମ୍ପର୍କରେ ଆଲୋଚନା କରାଯାଇ ଏହା ପ୍ରଥମ ଓଡ଼ିଆ ନାଟକ ହେବାର ଯୋଗ୍ୟତା ଦେଖାଇ

ଦିଆଯାଇଛି ଶ୍ରୀ ରାଉତଙ୍କ ଆଲୋଚନାରେ । ପୂର୍ବରୁ ଏ ସଂପର୍କରେ ଥିବା ସଂଶୟ ଏହି ସମାଲୋଚକ ଦୂର କରିବାକୁ ଚେଷ୍ଟା କରିଛନ୍ତି । ଏହାଛଡ଼ା ପଠାଣି ପଟ୍ଟନାୟକ ଓ ଡକ୍ଟର ଦାଶରଥି ଦାସଙ୍କ ତୁଳନାତ୍ମକ ନାଟକ ସମାଲୋଚନା ମଧ୍ୟ ପ୍ରକାଶ ପାଇଥିଲା । ପରବର୍ତ୍ତୀ କାଳରେ ଅଧ୍ୟାପକ ସର୍ବେଶ୍ୱର ଦାସ ନାଟ୍ୟ ସମାଲୋଚନା କ୍ଷେତ୍ରରେ ପରିଦୃଷ୍ଟ ଦୁର୍ବଳତାକୁ 'ଝଙ୍କାର' ପୃଷ୍ଠାରେ ଦୂରେଇ ଦେବାରେ ସଫଳ ହୋଇଥିଲେ । ତାଙ୍କ ରଚିତ 'ଆଧୁନିକ ଓଡ଼ିଆ ନାଟକରେ ସଂସ୍କୃତର ପ୍ରଭାବ' (୩୦/୧), 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ' (୩୯/୧), 'ନାଟକରେ ନୈତିକତା' (୩୦/୧୧), 'ଓଡ଼ିଆ ନାଟକରେ ଚେତନାର ସ୍ୱର' (୩୭/୭), 'ଓଡ଼ିଆ ନାଟକରେ ଟ୍ରାଡିସନ' (୪୪/୭) ଆଦି ବହୁ ସମାଲୋଚନା 'ଝଙ୍କାର' ପୃଷ୍ଠା ମଣ୍ଡନ କରିଛି । ଅଧ୍ୟାପକ ଦାସଙ୍କ ବ୍ୟତୀତ ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ ଏ କ୍ଷେତ୍ରରେ ଅନ୍ୟତମ ପ୍ରତିପାଦିତ ପ୍ରତିଭା । 'ଓଡ଼ିଆ ଐତିହାସିକ ନାଟକ : ଏକ ସିଂହାବଲୋକନ' (୩୦/୫, ୩୦/୬), 'ଓଡ଼ିଆ ନାଟକରେ ବାସ୍ତବବାଦ' (୩୬/୧), 'ଥାର୍ଡ ଥିଏଟର ବା ତୃତୀୟ ନାଟ୍ୟ : ବିଶେଷଣ ଓ ବଚନ' (୩୮/୬)ଆଦି ନାଟ୍ୟ-ସମାଲୋଚନାରୁ ତାଙ୍କ ଦୃଷ୍ଟିକୋଣର ପରିଚୟ ମିଳେ । ନବକିଶୋର ପୃଷ୍ଟି, ଡକ୍ଟର ରମେଶପ୍ରସାଦ ପାଣିଗ୍ରାହୀ, ଡକ୍ଟର ବିଜୟକୁମାର ଶତପଥୀ, ଡକ୍ଟର ମନୀନ୍ଦ୍ର ମହାନ୍ତି, ନିକୁଞ୍ଜକିଶୋର ନାୟକ, ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ରଙ୍କ ନାଟ୍ୟ-ସାହିତ୍ୟ ସଂପର୍କିତ ସମାଲୋଚନା ମଧ୍ୟ'ଝଙ୍କାର'ରେ ସ୍ଥାନ ପାଇଛି । ଲୋକନାଟକକୁ ନେଇ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ କେତୋଟି ସମାଲୋଚନା ମଧ୍ୟ 'ଝଙ୍କାର'ରେ ପ୍ରକାଶିତ ।

ପ୍ରବନ୍ଧ ସମାଲୋଚନା-ଅନୁବାଦ ସଂପର୍କିତ ସମାଲୋଚନା

ଅଧ୍ୟାପକ କାହ୍ନୁଚରଣ ମିଶ୍ର(ରଚନା ସାହିତ୍ୟ, ୧/୮), ଡକ୍ଟର ଶ୍ରୀନିବାସ ମିଶ୍ର, (ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ୧/୧୧), ବୁଦ୍ଧେଶ୍ୱର ଦୀକ୍ଷିତ, (ପ୍ରବନ୍ଧ ସାହିତ୍ୟର ଇତିକଥା, ୧୬/୧୨), ଡକ୍ଟର ଅସିତ କବି (ପ୍ରବନ୍ଧ ସାହିତ୍ୟ ୨୭/୯), (ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବ ୨୭/୧୧) ଆଦି ସମାଲୋଚକମାନେ ହିଁ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ସଂପର୍କିତ ସମାଲୋଚନା ଝଙ୍କାରରେ ଲେଖିବା ଆରମ୍ଭ କରିଥିଲେ । ଏହି ଲେଖାଗୁଡିକରେ ପ୍ରବନ୍ଧର ସ୍ୱରୂପ, ଓଡ଼ିଆ ପ୍ରବନ୍ଧ ସାହିତ୍ୟର କ୍ରମବିକାଶ, ଓଡ଼ିଆ ପ୍ରାବନ୍ଧିକଙ୍କ ଉଲ୍ଲେଖନୀୟ କୃତି ବିଷୟରେ ସୂଚନା ଓ ପ୍ରବନ୍ଧର ସଂଜ୍ଞା, ପାଶ୍ଚାତ୍ୟ ସାହିତ୍ୟିକ ଓ ସମୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ମତ ସମ୍ପର୍କରେ ପ୍ରବନ୍ଧର ସଂଜ୍ଞା ଓ ବିଭିନ୍ନ ପ୍ରବନ୍ଧର ଆକଳନ-ଆଲୋଚନା କରାଯାଇଛି ।

ଝଙ୍କାରରେ ପ୍ରବନ୍ଧ ସଂପର୍କିତ ସମାଲୋଚନାର ପରିମାଣ ବହୁ କମ୍ । ପ୍ରଥମ ପଚିଶ ବର୍ଷ ମଧ୍ୟରେ ୪/୫ ଜଣ ସମାଲୋଚକ ଏ ସଂପର୍କରେ ଲେଖନୀ ଚାଳନା କରିଥିବାବେଳେ

ଶେଷ ପଚିଶ ବର୍ଷରେ ଡକ୍ଟର କ୍ଷେତ୍ରବାସୀ ନାୟକ, ଡକ୍ଟର ବାଉରୀବନ୍ଧୁ କର, ଡକ୍ଟର ଦାଶରଥି ଦାସ ଆଦି ଅଳ୍ପ କେତେଜଣ ସମାଲୋଚକଙ୍କ ଦ୍ୱାରା ପ୍ରସ୍ତୁତ ସମାଲୋଚନାରେ ସ୍ୱାଧୀନତା ପରବର୍ତ୍ତୀ ଓଡିଆ ପ୍ରବନ୍ଧ ସାହିତ୍ୟ ଓ ନିର୍ଦ୍ଦିଷ୍ଟ ସ୍ରଷ୍ଟାଙ୍କ ପ୍ରବନ୍ଧାବଳୀର ସାମଗ୍ରିକ ବିଚାର 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଭୂମିକା' (୩୦/୪), 'ପ୍ରାବନ୍ଧିକ ଶଶିଭୂଷଣ ରାୟ' (୩୩/୩), 'ମହତାବ-ପ୍ରବନ୍ଧ ମାନସ' (୩୧/୪) ଆଦି ଶୀର୍ଷକରେ ଉପସ୍ଥାପିତ । ଗଦ୍ୟ ସାହିତ୍ୟ ଆଲୋଚନା କାଳରେ ବହୁ ସମାଲୋଚକ ପ୍ରବନ୍ଧ ସାହିତ୍ୟ ଉପରେ ଗୁରୁତ୍ୱ ଓ ସ୍ୱତନ୍ତ୍ର ଧ୍ୟାନ ଦେଇଥିବାର ଦେଖାଯାଏ । ଚିତ୍ତରଂଜନ ଦାସଙ୍କ 'ପ୍ରବନ୍ଧର ପୃଥିବୀ (୪୯/୫) ପ୍ରବନ୍ଧର ପ୍ରେରଣା (୪୯/୯), ପ୍ରବନ୍ଧର ଶୈଳୀ (୪୯/୧୧) ଆଦି ଆଲୋଚନା ଉଚ୍ଚକୋଟୀର ଓ ଭିନ୍ନ ସ୍ୱାଦର ।

'ସମାଲୋଚନା କ୍ରମ ଓ ଓଡ଼ିଆ ସାହିତ୍ୟ ଚର୍ଚ୍ଚା' ବୀର ହନୁମାନ ଶାସ୍ତ୍ରୀ ୫/୧ ସାହିତ୍ୟ ଓ ସମାଲୋଚନା (ଭୋଳାନାଥ ମିଶ୍ର ୫/୬-୭), ଓଡ଼ିଆ ସମାଲୋଚନା ସାହିତ୍ୟରେ ହାସ୍ୟରସ ଓ ବ୍ୟଙ୍ଗ (ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି ୯/୮), ଓଡ଼ିଆ ସମାଲୋଚନା ସାହିତ୍ୟରେ ଡକ୍ଟର ନଟବର ସାମନ୍ତରାୟ (ଚିନ୍ତାମଣି ବେହେରା ୩୩/୧, ୩୩/୨), ସମାଲୋଚନା ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବିକାଶଧାରା (ରମାକାନ୍ତ ରାଉତ ୩୪/୧୦), ସମାଲୋଚନା ଓ ସମାଲୋଚକ (ଚିନ୍ତାମଣି ବେହେରା ୪୨/୧୨), ଓଡ଼ିଆ ସମାଲୋଚନାର ପ୍ରଧାନ ଧାରା ଓ ପ୍ରବାହ (ଡକ୍ଟର ଖଗେଶ୍ୱର ମହାପାତ୍ର) ତୁଳନାତ୍ମକ ସାହିତ୍ୟ ସମାଲୋଚନା (ଡକ୍ଟର ବୈଷ୍ଣବ ଚରଣ ସାମଲ, ୪୫/୨) ଝଙ୍କାର ସମାଲୋଚନା: ଏକ ଦୃଷ୍ଟିପାତ (ଗୋବିନ୍ଦ ଚନ୍ଦ୍ର ଚାନ୍ଦ ୪୯/୧୨) ଆଦି ଶୀର୍ଷକରେ ସମାଲୋଚନାର ସମାଲୋଚନା ଝଙ୍କାର ପୃଷ୍ଠାରେ ପ୍ରକାଶିତ । ଏଥିରୁ ଓଡ଼ିଆ ସାମାଲୋଚନାର ବିକାଶଧାରାକୁ ପରିପୃଷ୍ଟ କରିଥିବା ସ୍ରଷ୍ଟା ଓ ସେମାନଙ୍କର କୃତି ସଂପର୍କରେ ସୂଚନା ମିଳେ ।

ଅନୁବାଦ ସାହିତ୍ୟ ସମ୍ପର୍କରେ 'ଝଙ୍କାର' ଇତିହାସରେ ପ୍ରଥମେ ପ୍ରକାଶିତ ସମାଲୋଚନାର ଲେଖକ ଥିଲେ ଡକ୍ଟର ଗୋଲୋକ ବିହାରୀ ଧଳ (ଅନୁବାଦ ୪/୧) । ପରବର୍ତ୍ତୀ କାଳରେ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଚିନ୍ତାମଣି ବେହେରା, ଅଶ୍ୱିନୀ କୁମାର ପୂଜାରୀ ଆଦିଙ୍କ ଅନୁବାଦ ସଂପର୍କିତ ଆଲୋଚନା ପ୍ରକାଶ ପାଇଛି । ଏଥିରେ ଓଡ଼ିଆ ଅନୁବାଦ-ସାହିତ୍ୟର ବିକାଶଧାରା ସହ ସଫଳ ଅନୁବାଦର ମାନ ନିର୍ଦ୍ଧାରଣ କରାଯାଇଛି । 'ଝଙ୍କାର'ରେ ପ୍ରବନ୍ଧ-ସମାଲୋଚନା-ଅନୁବାଦ ସଂପର୍କିତ ସମାଲୋଚନାର ପରିମାଣ କମ୍ ହେଲେ ହେଁ ସମକାଳୀନ ଅନ୍ୟାନ୍ୟ ସାହିତ୍ୟ ପତ୍ରିକା ଅପେକ୍ଷା ଏହା ବେଶ୍ ଆଗରେ ।

ବିଶ୍ୱସାହିତ୍ୟ ସଂପର୍କିତ ସମାଲୋଚନା

ସ୍ୱାଧୀନତା ଲାଭ ପରେ ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟିହେଲା । ଶହ ଶହ ବର୍ଷର ପରାଧୀନତାରୁ ଶୃଙ୍ଖଳମୁକ୍ତ ଓଡ଼ିଆ ଜାତିର ମଧ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ଧାରା ପ୍ରତି ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି ହେଲା । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ କଥାବସ୍ତୁ ସଂଗ୍ରହ କରି ଏ ଦେଶମାଟିରେ ତାକୁ ବେଶ୍ ଚତୁରତାର ସହିତ ଆରୋପ କରିବାରେ ସମର୍ଥ ହୋଇଥିଲେ ଓ ତାଙ୍କର ସାହିତ୍ୟ ସୃଷ୍ଟିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅପୂର୍ବ ସମନ୍ୱୟ ସଂଗଠିତ ହୋଇଥିଲା । ସ୍ୱାଧୀନତା ପରେ ମୁକ୍ତ ଶିକ୍ଷାଦାନର ବ୍ୟବସ୍ଥା ଫଳରେ ପାଶ୍ଚାତ୍ୟ ସାହିତ୍ୟ ସହିତ ନିବିଡ଼ ହେବାର ସୁଯୋଗ ସୃଷ୍ଟିହେଲା । ପାଶ୍ଚାତ୍ୟ ସାହିତ୍ୟର ପ୍ରାଣ-ସ୍ପନ୍ଦନ ରୂପ-ବୈଚିତ୍ର୍ୟ ଓ ରସସୌନ୍ଦର୍ଯ୍ୟରେ ମୁଗ୍ଧ ସମାଲୋଚକମାନେ ଏ କ୍ଷେତ୍ରରେ ଲେଖନୀ ଚାଳନା କଲେ । କେବଳ ପାଶ୍ଚାତ୍ୟ ସାହିତ୍ୟ ନୁହେଁ, ପ୍ରାଚ୍ୟ ଭୂଖଣ୍ଡର ସମୃଦ୍ଧ ସାହିତ୍ୟର ସମାଲୋଚନାମାନ ମଧ୍ୟ ସୃଷ୍ଟି ହେଲା । ଓଡ଼ିଶାରେ ବିଶ୍ୱସାହିତ୍ୟର ସମାଲୋଚନା ଧାରାକୁ 'ଝଙ୍କାର'ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସ୍ଥାନ ଦେଇ ଆସିଛି । 'ଝଙ୍କାର' ପ୍ରକାଶନର ପ୍ରଥମାର୍ଦ୍ଧରେ ରମାକାନ୍ତ ପଟ୍ଟନାୟକ ମୁଖ୍ୟ ସମାଲୋଚକ ଭାବେ ବିଶ୍ୱସାହିତ୍ୟର ଚର୍ଚ୍ଚା କରିଛନ୍ତି । ତାଙ୍କର 'ନେବୋଲ ଲରିଏଟ୍ ଫକ୍‌ନର' (୨/୧୨), ଫରାସୀ ଲେଖକ 'ଆନ୍ଦ୍ରେଜିଦ' (୩/୩) ଶୀର୍ଷକ ସମାଲୋଚନା ଝଙ୍କାରରେ ପ୍ରକାଶିତ । ତାଙ୍କ ବ୍ୟତୀତ ଝଙ୍କାରରେ ରମେଶ ଧଳ, ସୀତାକାନ୍ତ ମହାପାତ୍ର, ଦେବେନ୍ଦ୍ରନାଥ ପ୍ରଧାନ ଆଦି ସମାଲୋଚକଙ୍କ ଦ୍ୱାରା କାଫ୍‌କା, ଷ୍ଟେନବେକ୍ ଆଦି ପାଶ୍ଚାତ୍ୟ ସାହିତ୍ୟିକଙ୍କ ସୃଷ୍ଟି ସଂପର୍କରେ ସମାଲୋଚନା ପ୍ରକାଶିତ ହୋଇଛି । ପ୍ରାୟ ବିଗତ କୋଡ଼ିଏ ବର୍ଷ ଧରି ରମାକାନ୍ତ ରାଉତଙ୍କ 'ନୋବେଲ-ଲରେଟ୍ ଆଡସିୟସ ଏଲିଟ୍‌ସ' (୩୨/୧), ରମାକାନ୍ତ ରଥଙ୍କ 'ସେକ୍‌ସପିଅରଙ୍କ ମାନସୀ' (୩୦/୧), କୃଷ୍ଣଚରଣ ବଳଙ୍କ 'ଲରେନସ ସୃଷ୍ଟିରେ ଜୀବନ ଏବଂ ଏହାର ସମ୍ଭାବନା' (୩୩/୫) ଓ୍ୱେଷ୍ଟଲାଣ୍ଡ ଫସଲ : ପରିବର୍ତ୍ତିତ ପ୍ରାସଙ୍ଗିକତା (୩୪/୪), ଅଜାୟର ମଲ୍ଲଙ୍କ ସମାଲୋଚକ ଡକ୍ଟର ଜନ୍ ଭିକ୍ଟର ବୋଲଟନ (୪୦/୧୨) ଆଦି ବିଶ୍ୱ-ସାହିତ୍ୟ ସଂପର୍କିତ ସମାଲୋଚନା ପ୍ରକାଶ ପାଇଛି । ପାଶ୍ଚାତ୍ୟ ସାହିତ୍ୟର ଓଡ଼ିଆ ସାହିତ୍ୟ ସହ ତୁଳନାତ୍ମକ ଆଲୋଚନା ପ୍ରସ୍ତୁତ କରିଛନ୍ତି ଶ୍ରୀ ବସନ୍ତ କୁମାର ମହାନ୍ତି 'ଓ୍ୱେଷ୍ଟଲ୍ୟାଣ୍ଡ ଓ କାଳପୁରୁଷ' ସମାଲୋଚନାରେ । 'ବିଶ୍ୱ ସାହିତ୍ୟ ଓ ନୋବେଲ ପ୍ରାଇଜ୍' ଶୀର୍ଷକରେ ଚିନ୍ତାମଣି ବେହେରାଙ୍କ ଏକ ସମାଲୋଚନା ମଧ୍ୟ 'ଝଙ୍କାର'ରେ ସ୍ଥାନ ପାଇଛି । ଏହି ସମାଲୋଚନା

ଉଭୟ ସ୍ରଷ୍ଟା ଓ ସମୀକ୍ଷକଙ୍କ ଦୃଷ୍ଟିକୋଣକୁ ସଂପ୍ରସାରିତ କରି ଭାବନା ରାଜ୍ୟକୁ ନୂଆ ନୂଆ ଖୋରାକ ଯୋଗାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କ୍ରମେ ଯୋଗାଯୋଗର ସୁବିଧା ହେତୁ ଦେଶଦେଶ ଓ ଜାତି ଜାତି ମଧ୍ୟରେ ବ୍ୟବଧାନ ହ୍ରାସ ପାଇଛି ଓ ବୃଦ୍ଧି ପାଇଛି ସାହିତ୍ୟର ପାରସ୍ପରିକ ସଂପର୍କ । ଏହା ଦ୍ୱାରା ବିଶ୍ୱସାହିତ୍ୟ ସଂପର୍କିତ ସମାଲୋଚନା ବିକାଶ ଲାଭ କରୁଛି ।

ସାହିତ୍ୟିକ ତତ୍ତ୍ୱ ଓ ଦର୍ଶନ ସଂପର୍କିତ ଆଲୋଚନା

ସାହିତ୍ୟ ମାଧ୍ୟମରେ ଅନେକ ସମୟରେ ତତ୍ତ୍ୱ ଓ ଦର୍ଶନର ଅଭିନବ ପରିପ୍ରକାଶ ଘଟିଥାଏ । ବଳିଷ୍ଠ ତତ୍ତ୍ୱ ମଧ୍ୟ ପ୍ରାଣସ୍ପର୍ଶୀ ଓ ରସସିକ୍ତ ହୋଇ ସାହିତ୍ୟ-ସୃଷ୍ଟିରେ ପ୍ରତିଫଳିତ ହୁଏ । ଯୁଗେ ଯୁଗେ ସାହିତ୍ୟ ବିଭିନ୍ନ ତତ୍ତ୍ୱ ଓ ଦର୍ଶନର ବାହକ ହୋଇଆସିଛି । ଏଣୁ ସାହିତ୍ୟ ସହ ଦର୍ଶନର ସଂପର୍କ ବେଶ୍ ପ୍ରାଚୀନ । ଦର୍ଶନ ହିଁ ଅନେକାଂଶରେ ସାହିତ୍ୟ ସୃଷ୍ଟିର କାରଣ ହୋଇଥାଏ । ଏଣୁ ସାହିତ୍ୟ ମଧ୍ୟରୁ ତତ୍ତ୍ୱ ଓ ଦର୍ଶନକୁ ଆବିଷ୍କାର କରିବା ପ୍ରୟାସସାଧ୍ୟ ହେଲେ ହେଁ ଅସମ୍ଭବ ନୁହେଁ । ପ୍ରାଚୀନ ସାହିତ୍ୟଠାରୁ ଆଧୁନିକ ସାହିତ୍ୟର ବିବିଧ ବିଭାଗରେ ତତ୍ତ୍ୱ ଓ ଦର୍ଶନକୁ ସମାଲୋଚକ ଅନୁଧ୍ୟାନ କରୁଛି ସେଥିରୁ ପ୍ରସ୍ତୁତ ତତ୍ତ୍ୱ ଓ ଦର୍ଶନକୁ ସଂପର୍କିତ ଆଲୋଚନାରେ ଉପସ୍ଥାପିତ କରୁଛି ।

ଡକ୍ଟର ଶ୍ରୀନିବାସ ମିଶ୍ର, ଜୟକୃଷ୍ଣ ମିଶ୍ର, ପଠାଣି ପଟ୍ଟନାୟକ ଆଦି ସମାଲୋଚକମାନେ ସାହିତ୍ୟରେ ବିଭିନ୍ନ ବାଦ ଓ ବୈଷ୍ଣବ ତତ୍ତ୍ୱ ଓ ଦର୍ଶନକୁ ଅନୁସନ୍ଧାନ କରିବାର ଚେଷ୍ଟା କରିଛନ୍ତି । ବିଶେଷକରି ଗିରିଜାଶଙ୍କର ରାୟଙ୍କ 'ସାହିତ୍ୟ ଓ ମାନବିକତା' (୨/୬), 'ସାହିତ୍ୟରେ ଦୁଃଖବାଦ' (୨/୫), 'ସ୍ଥିତିବାଦ ସ୍ୱରୂପ'(୨୧/୪) ଓ ସାଗର ଛଦ୍ମନାମର ସମାଲୋଚକଙ୍କ 'ସାହିତ୍ୟ ଓ ବାସ୍ତବବାଦୀ' (୨/୯, ୨/୧୦), ଶରତକୁମାର ମହାନ୍ତିଙ୍କ 'ସାର୍ତ୍ତଙ୍କ ସାହିତ୍ୟ ତତ୍ତ୍ୱ' (୨୪/୭) ଉଚ୍ଚକୋଟୀର ଦର୍ଶନ ଓ ତତ୍ତ୍ୱ ସମ୍ବଳିତ ସମାଲୋଚନା । ଏହା ବ୍ୟତୀତ ନଟବର ସାମନ୍ତରାୟ,ଖଗେଶ୍ୱର ମହାପାତ୍ର, ସଦାନନ୍ଦ ମିଶ୍ର, ବିନୋଦ ପଲାଇ ପ୍ରଭୃତି ପ୍ରଥମ ପର୍ଯ୍ୟାୟରେ ଏହି ସମାଲୋଚନାର ପ୍ରଣେତା । ପରବର୍ତ୍ତୀ ସମୟରେ ଡକ୍ଟର କ୍ଷେତ୍ରବାସୀ ନାୟକ, ଡକ୍ଟର ମଧୁସୂଦନ ପତି, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡକ୍ଟର ଆଦିକନ୍ଦ ସାହୁ, ଜଗଦୀଶ ମହାନ୍ତି, ମନୋରଞ୍ଜନ ମହାନ୍ତି ଓ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମାଲୋଚନା ଏଥିରେ ସ୍ଥାନ ପାଇଛି । ଏହି ସମାଲୋଚନା କଥାସାହିତ୍ୟ, ଭାଷାତତ୍ତ୍ୱ, ନାଟକ ଆଦି ବିଭିନ୍ନ କ୍ଷେତ୍ରକୁ ସଂପ୍ରସାରିତ ହୋଇଯାଇଛି । ଏଥିରେ ସାହିତ୍ୟରେ ବିଭିନ୍ନ ଦର୍ଶନର ପ୍ରଭାବ ଓ ପ୍ରାଚ୍ୟ ପାଶ୍ଚାତ୍ୟ କାବ୍ୟତତ୍ତ୍ୱକୁ ବିଚାର କରାଯାଇଛି ।

ନିର୍ଦ୍ଦିଷ୍ଟ ଲେଖକ ବିଶେଷଙ୍କ ସଂପର୍କିତ ସମାଲୋଚନା

ଟି.ଏସ୍.ଇଲିଏଟଙ୍କଠାରୁ କବି ଭର୍ତ୍ତୃହରି, ରବୀନ୍ଦ୍ରନାଥ ଠାକୁରଙ୍କଠାରୁ ପ୍ରେମଚନ୍ଦ, ସାରଳା ଦାସଙ୍କଠାରୁ ଯଶୋବନ୍ତ ଦାସ, ଜୟଦେବ, ଦୀନକୃଷ୍ଣ ଦାସ, ଗଙ୍ଗାଧରଙ୍କ ବାଟ ଦେଇ ରମାକାନ୍ତ, ସୀତାକାନ୍ତଙ୍କ ଯାଏଁ ବିଦେଶୀ, ପଡ଼ୋଶୀ ଓ ଓଡ଼ିଶାର ସ୍ରଷ୍ଟାମାନଙ୍କୁ କେନ୍ଦ୍ରକରି 'ଝଙ୍କାର'ର ସମାଲୋଚନା ସାମ୍ରାଜ୍ୟ ପରିବ୍ୟାପ୍ତ । ଝଙ୍କାରରେ ସମାଲୋଚନାର ଆଦ୍ୟପର୍ବରେ ନନ୍ଦକିଶୋର ଦାସ, ଅଧ୍ୟାପକ କୁଳମଣି ମିଶ୍ରଶର୍ମା, ଅଶ୍ୱିନୀକୁମାର ପୂଜାରୀ, ଅଧ୍ୟାପକ କାହ୍ନୁଚରଣ ମିଶ୍ର, ଗୌରୀକୁମାର ବ୍ରହ୍ମା, କେଦାରନାଥ ମହାପାତ୍ର, ପ୍ରାଣବନ୍ଧୁ କର, ରାଧାନାଥ ରଥ, ଗୋପୀନାଥ ମହାନ୍ତି, ପଠାଣି ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଡକ୍ଟର ଅସିତ କବି ଆଦିଙ୍କ ଲେଖା ନିର୍ଦ୍ଦିଷ୍ଟ ଲେଖକ-ସଂପର୍କୀୟ ସମାଲୋଚନାର ପଥ ଉନ୍ମୋଚନ କରି ଦେଇଥିଲା । ପୂର୍ବରୁ ପ୍ରକାଶିତ ବିଭିନ୍ନ ସାହିତ୍ୟ ପତ୍ରିକାରେ ଏପରି ସମାଲୋଚନା ବିରଳ ନୁହେଁ; କିନ୍ତୁ 'ଝଙ୍କାର' ଏ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପ୍ରକାଶିତ ହୋଇସାରିଛି । ପୂର୍ବସୂରୀମାନଙ୍କ ମାର୍ଗକୁ ଡକ୍ଟର ନିତ୍ୟାନନ୍ଦ ଶତପଥୀ, ଡକ୍ଟର ବାଉରୀବନ୍ଧୁ କର, ଡକ୍ଟର ଅମୂଲ୍ୟକୃଷ୍ଣ ମିଶ୍ର, ଡକ୍ଟର କ୍ଷେତ୍ରବାସୀ ନାୟକ,ଡକ୍ଟର ଖଗେଶ୍ୱର ମହାପାତ୍ର, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର ଆଦି ସମାଲୋଚକ ଗ୍ରହଣ କରି ନେଇଛନ୍ତି । ଏମାନଙ୍କ ଦ୍ୱାରା ପ୍ରସ୍ତୁତ ସମାଲୋଚନାରେ ବହୁ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକଙ୍କ ପ୍ରତିଭାକୁ ଓ ସେମାନଙ୍କ ରଚନାଶୈଳୀ, ଉପସ୍ଥାପନା ବିଶେଷତ୍ୱକୁ ବିଚାର କରାଯାଇଛି । 'ଯବନ କବି ଉଜିର ବେଗ୍ : ଏକ ଲୁପ୍ତ ପ୍ରତିଭା' (ଗିରିଶ ସାହୁ ୩୫/୯), ଭାଷାବିତ ଡକ୍ଟର ସୁନୀତି କୁମାର ଚାଟାର୍ଜୀ (ଡକ୍ଟର ବାଉରୀବନ୍ଧୁ କର, ୩୬/୭), ଓଡ଼ିଶାର ସ୍ୱଳ୍ପ ଜ୍ଞାତ କବି ପ୍ରତିଭା : ନାରୀ କବି ଅପର୍ଣ୍ଣାଙ୍କ ଦର୍ଶନ ଓ ମୌଳିକତା (ଡକ୍ଟର କ୍ଷେତ୍ରବାସୀ ନାୟକ, ୩୧/୨), ବିସ୍ମୃତ ଆଧୁନିକ ଓଡ଼ିଆ କବି : ପ୍ରତାପ ସେନ (ଡକ୍ଟର ନିତ୍ୟାନନ୍ଦ ଶତପଥୀ, ୩୦/୫) ଆଦି ସମାଲୋଚନା ସ୍ମରଣଯୋଗ୍ୟ । ବିସ୍ମୃତପ୍ରାୟ ଏହି ପ୍ରତିଭାଙ୍କ ସାରସ୍ୱତ ଦିଗନ୍ତକୁ ଉପସ୍ଥାପନା କରିବା ପାଇଁ ସମାଲୋଚକର ଏକନିଷ୍ଠ ଉଦ୍ୟମ ହିଁ କାର୍ଯ୍ୟ କରିଛି । ଓଡ଼ିଆ ସାହିତ୍ୟର ଅନାଲୋଚିତ ଅଧ୍ୟାୟ ଏଥିଯୋଗୁ ଉନ୍ମୋଚିତ ହୋଇଛି ମଧ୍ୟ ।

'ଝଙ୍କାର'ର ପ୍ରାରମ୍ଭିକ କାଳରେ ରବୀନ୍ଦ୍ରନାଥ ଠାକୁରଙ୍କୁ ନେଇ ସମାଲୋଚନା ଲେଖା ହେବାର ଏକ ବିଧିବଦ୍ଧ ଉଦ୍ୟମ ହୋଇଥିବାର ଲକ୍ଷ୍ୟ କରାଯାଏ । ସୁନନ୍ଦ କର ମୁଖ୍ୟତଃ ଏପରି ଲେଖା ଲେଖୁଥିଲେ । ଏତଦ୍‌ବ୍ୟତୀତ କାଳିଆ ପାଣିଗ୍ରାହୀ, ଚିନ୍ତାମଣି ବେହେରା, ତାରିଣୀ ଚରଣ ଦାସ ମଧ୍ୟ ରବୀନ୍ଦ୍ରନାଥ ଠାକୁରଙ୍କ କୃତି ସଂପର୍କରେ ସମାଲୋଚନା ଲେଖିଛନ୍ତି ।

ନିର୍ଦ୍ଦିଷ୍ଟ ପୁସ୍ତକ ସଂପର୍କିତ ଆଲୋଚନା

ଅଧ୍ୟାପକ ଚିନ୍ତାମଣି ଦାସ କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଉପରେ ପ୍ରସ୍ତୁତ ସମାଲୋଚନା 'କବିସୂର୍ଯ୍ୟଙ୍କ ଚମ୍ପୂରେ ତ୍ରିଗୁଣ' (୧/୧୧) ଝଙ୍କାରରେ ନିର୍ଦ୍ଦିଷ୍ଟ ପୁସ୍ତକ ସଂପର୍କିତ ପ୍ରଥମ ସମାଲୋଚନା । (କ) ସୌନ୍ଦର୍ଯ୍ୟ ଦୃଷ୍ଟି, ରସୋଦ୍ଭାବନା କିମ୍ବା ଭାବର ସଂଚାର, (ଖ) ଆଦର୍ଶ ସୃଷ୍ଟି (ଗ) ଉଦ୍ଦୀପନା - ଏହି ତ୍ରିଗୁଣର ସଂଧାନ କରିଛନ୍ତି ସମାଲୋଚକ, କବିସୂର୍ଯ୍ୟଙ୍କ ଚମ୍ପୂରେ । ନରସିଂହ ଦେଓ, ଲିଙ୍ଗରାଜ ମିଶ୍ର, କୁଞ୍ଜବିହାରୀ ଦାଶ, ବେଣୁଧର ରାଉତ, କେଦାରନାଥ ମହାପାତ୍ର, ନଟବର ସାମନ୍ତରାୟ, ବାନାମ୍ବର ଆଚାର୍ଯ୍ୟ, କାଳିଆ ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଦାସ, ଗୌରୀ କୁମାର ବ୍ରହ୍ମା, ତାରିଣୀଚରଣ ଦାସ, ଭୋଳାନାଥ ମିଶ୍ର, ଚିନ୍ତାମଣି ବେହେରା, ନରେନ୍ଦ୍ରନାଥ ପ୍ରଧାନ, କିଶୋର ମହାନ୍ତି ଆଦି 'ଝଙ୍କାର'ର ଆଦ୍ୟ ସମାଲୋଚକମାନେ ନିର୍ଦ୍ଦିଷ୍ଟ ପୁସ୍ତକ ସଂପର୍କରେ ସାମଗ୍ରିକ ଭାବ ସଂପଦକୁ କିମ୍ବା ନିର୍ଦ୍ଦିଷ୍ଟ ଦିଗକୁ ସେମାନଙ୍କ ସମାଲୋଚନାର ପରିସରଭୁକ୍ତ କରିଛନ୍ତି । ବେଣୁଧର ରାଉତଙ୍କ 'ନନ୍ଦିକେଶରୀ' (୬/୧), କାଳିଆ ପାଣିଗ୍ରାହୀଙ୍କ 'ରାଧାନାଥଙ୍କ ଦରବାର' (୯/୧୦), ନଟବର ସାମନ୍ତରାୟଙ୍କ ଧାରାବାହିକ ସମାଲୋଚନା 'ଦରବାର- ଏକ ଅଧ୍ୟୟନ' (୧୦/୩, ୧୦/୪, ୧୦/୫, ୧୦/୬), ଚନ୍ଦ୍ରଭାଗା- ଏକ ଅଧ୍ୟୟନ (୧୦/୭, ୧୦/୮) ତାରିଣୀଚରଣ ଦାସଙ୍କ 'ଛମାଣ ଆଠଗୁଣ୍ଠ' (୧୧/୧୦), 'କା' ଉପନ୍ୟାସ (୧୨/୧), ଗୌରୀକୁମାର ବ୍ରହ୍ମାଙ୍କ 'ମହାଯାତ୍ରା କାହାର' (୧୧/୬), ସଚ୍ଚିଦାନନ୍ଦ ରାୟଙ୍କ 'ଜଗନ୍ନାଥ କଥାମୃତ- ଏକ ଅଧ୍ୟୟନ' (୧୬/୮) ଆଦି ସମାଲୋଚନାରେ ସାର୍ବକାଳିକ ଆବେଦନ ନିହିତ । ଏହି ସମାଲୋଚନାରେ ସୃଷ୍ଟିର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରାଯାଇଥିବାବେଳେ 'ତପସ୍ୱିନୀର ପ୍ରକୃତି ଓ ନାରୀ' (କେଶବ ଚନ୍ଦ୍ର ମେହେର, ୧୧/୭), 'ପ୍ରଣୟବଲ୍ଲରୀ ଓ ତପସ୍ୱିନୀ କାବ୍ୟର ନାମକରଣରେ ଗଙ୍ଗାଧର' (ଚିନ୍ତାମଣି ବେହେରା, (୧୨/୨) 'ଶାନ୍ତନୁଙ୍କ ଶୈଳୀ-ସୌକର୍ଯ୍ୟ ଓ ନରକିନ୍ନର' (ଡକ୍ଟର ନଟବର ଶତପଥୀ, ୪୮/୭, ୪୮/୮, ୪୮/୯) ଆଦିରେ ନିର୍ଦ୍ଦିଷ୍ଟ ଦିଗକୁ ବିଚାର ବିଶ୍ଳେଷଣ କରାଯାଇଛି ।

ପଚିଶି ବର୍ଷ ପରବର୍ତ୍ତୀ 'ଝଙ୍କାର'ର ସମାଲୋଚନାରେ ଫକୀରମୋହନ, ବ୍ରଜନାଥ ବଡ଼ଜେନା, ଦୀନକୃଷ୍ଣ ଦାସ, ଉମେଶଚନ୍ଦ୍ର ସରକାର ଆଦି ସ୍ରଷ୍ଟାଙ୍କ ପୁସ୍ତକକୁ ଆଧାରକରି ସମାଲୋଚନା ସ୍ଥାନ ପାଇଥିବା ସଙ୍ଗେ ସଙ୍ଗେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ରଙ୍କ କୃତି ଉପରେ ସମାଲୋଚନାମାନ ପ୍ରକାଶିତ ହୋଇଛି ।

ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ଉଲ୍ଲେଖନୀୟ ଅଗ୍ରଗତି ହେତୁ ଆତ୍ମପ୍ରକାଶ କରିଥିବା ଉଚ୍ଚକୋଟୀର କବିତା ପୁସ୍ତକର ବହୁ ସମାଲୋଚନା 'ଝଙ୍କାର'ରେ ସ୍ଥାନ ପାଇଥିବାର ଦେଖାଯାଏ । ଏହି ସମାଲୋଚନା କାବ୍ୟ କବିତାରେ ପରିଲକ୍ଷିତ ନାନାବିଧ ବୈଚିତ୍ର୍ୟକୁ ସହୃଦୟ ସଚେତନ ପାଠକ ପାଖରେ ଉପସ୍ଥାପିତ କରାଇବାରେ ସମର୍ଥ ହୋଇଛି । ଗଳ୍ପ ଓ ଉପନ୍ୟାସ ସାହିତ୍ୟରେ ଆସିଥିବା ନୂତନ ଧାରାକୁ ସମାଲୋଚନାରେ ସ୍ପଷ୍ଟ କରି ଦିଆଯାଇଛି । ଏହି ସମାଲୋଚନାଗୁଡ଼ିକ ଅଧିକ ଚେତନାଦ୍ୟୋତକ । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ସଂପର୍କରେ ସ୍ପଷ୍ଟ ଧାରଣା ପୂର୍ବ ସମାଲୋଚକଙ୍କ ସମାଲୋଚନାରେ ପରିଦୃଷ୍ଟ ହୋଇଥିବାବେଳେ ଆଜିର ସମାଲୋଚନା ନିରୋଳା ପାଶ୍ଚାତ୍ୟ ସମାଲୋଚନାକୁ ଆଦର୍ଶ ଭାବେ ଗ୍ରହଣ କରିଆସିଛି । ଅବଶ୍ୟ ଏଥିପାଇଁ ସୃଜନାତ୍ମକ କୃତିରେ ପରିଲକ୍ଷିତ ପାଶ୍ଚାତ୍ୟ ପ୍ରଭାବ ମଧ୍ୟ ଅନେକାଂଶରେ ଦାୟୀ । 'ଝଙ୍କାର' ର ଦ୍ୱିତୀୟାର୍ଦ୍ଧ ମଧ୍ୟ ଗିରିବାଳା ମହାନ୍ତି (ସପ୍ତମ ଋତୁରେ ମୃତ୍ୟୁ-ଚେତନା, ୩୯/୨ ଓ ସପ୍ତମ ଋତୁରେ ଶିଳ୍ପ ପ୍ରକରଣ, ୩୯/୧୦), ଡକ୍ଟର ମଧୁସୂଦନ ପତି (ଶ୍ରୀରାଧା-ଏକ ଅଧ୍ୟୟନ), ଡକ୍ଟର ନଟବର ଶତପଥୀ (ପରଜା : କାଳଚେତନାର ଶ୍ରେଣୀ ସଂଘର୍ଷ, ୪୨/୯), ଚିନ୍ତାମଣି ବେହେରା (ନେତି ନେତି : ଏକ ଭିନ୍ନ ସ୍ୱାଦର ଉପନ୍ୟାସ, ୩୬/୨) ଆଦିଙ୍କ ସମାଲୋଚନା ବିଶେଷ ଉଲ୍ଲେଖଯୋଗ୍ୟ । ଏହି ସମାଲୋଚନାରେ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ବାରିହୁଏ ।

ଭାଷାତାତ୍ତ୍ୱିକ ଆଲୋଚନା

ସିଦ୍ଧେଶ୍ୱର ହୋତା (ଭାଷା ଓ ସଂସ୍କୃତି, ୧/୨ ; ଭାଷାର ସ୍ୱଭାବ ଓ ସ୍ୱରୂପ ୩/୨ ; ଓଡ଼ିଆ ଭାଷା ଉପରେ ବିଭାଷାର ଛାପ, ୯/୫), ଅଧ୍ୟାପକ ଭବାନୀଚରଣ ରାୟ (ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ମାନବିକ ଭାଷାର ପ୍ରଭାବ, ୧/୧୦), ଚକ୍ରଧର ମହାପାତ୍ର (ଧ୍ୱନିତତ୍ତ୍ୱ, ୩/୫; ଲିପିଯନ୍ତ୍ର ଓ ଲିପିର ସଂସ୍କାର, ୬/୭; ଓଡ଼ିଆ ଉଚ୍ଚାରଣ ତତ୍ତ୍ୱ, ୬/୯), ମାୟାଧର ମାନସିଂହ (ଭାଷାତତ୍ତ୍ୱର ଅପପ୍ରଚାର ୫/୧୦, ୫/୧୧), ଲିଙ୍ଗରାଜ ମିଶ୍ର (ଓଡ଼ିଆ ଲିପିମାଳାରେ ନାସିକା ବ୍ୟଞ୍ଜନ ବର୍ଣ୍ଣ, ୭/୧୦), ଅଶ୍ୱିନୀ କୁମାର ପୂଜାରୀ (ଉତ୍କଳୀୟ ଭାଷା ଓ ସାହିତ୍ୟ, ୫/୮; ଭାଷା ସମସ୍ୟା, ୬/୬), ମନମୋହନ ଚୌଧୁରୀ (ଲିପିସଂସ୍କାରର କୈଫିୟତ, ୬/୬)ଙ୍କ ଭାଷା ଆଲୋଚନା ପ୍ରକାଶ କରି ପ୍ରଥମରୁ 'ଝଙ୍କାର' ଭାଷାଚର୍ଚ୍ଚା କ୍ଷେତ୍ରରେ ଏକ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି । ଏହି ସମୟରେ ଭାଷାତତ୍ତ୍ୱବିତ୍ ଗୋଲୋକବିହାରୀ ଧଳଙ୍କ ଭାଷା ଆଲୋଚନା କ୍ଷେତ୍ରରେ ଆବିର୍ଭାବ ଝଙ୍କାରରେ ଭାଷା ଆଲୋଚନାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି । ତାଙ୍କ ଦ୍ୱାରା ଲିଖିତ ସଂଖ୍ୟାଧିକ ଭାଷା-ଆଲୋଚନା 'ଝଙ୍କାର'ର କଳେବର ମଣ୍ଡନ କରିଛି । 'ପୃଥିବୀର

କେତୋଟି ବିଶିଷ୍ଟ ଭାଷା' (୪/୧୨), 'ଆଧୁନିକ ଦୁନିଆରେ ଭାଷା ସମସ୍ୟା' (୬/୬), 'ଆପଣ କେତୋଟି ଭାଷା ଜାଣନ୍ତି' (୬/୧୧), 'ଓଡ଼ିଆ, ଓଡ଼ିଶା ଓ ଓଡ଼ିଆ ଭାଷା' (୯/୧୧), 'ଧ୍ୱନିତତ୍ତ୍ୱରେ ବ୍ୟବହାରିକ ପ୍ରୟୋଗ' (୧୧/୧) 'ବର୍ଣ୍ଣମାଳା ସଂସ୍କାର' (୨/୧୧) 'ଷ୍ଟାଣ୍ଡାର୍ଡ଼ ଓଡ଼ିଆ ଭାଷାର ଉଦ୍ଭବ (୩/୧୨) ହିନ୍ଦୀ ଏସ୍ପାରେଣ୍ଟୋ (୪/୮), ଭାଷାତତ୍ତ୍ୱ ଶିକ୍ଷା- ଏ କାଳ ଓ ସେ କାଳ (୨୯/୮) ଆଦି ଗବେଷଣାଭିତ୍ତିକ କିନ୍ତୁ ସରଳ ସାବଲୀଳ ପ୍ରକାଶଭଙ୍ଗୀରେ ଏ ସମସ୍ତ ଆଲୋଚନା ପ୍ରଭାବଶାଳୀ । ପ୍ରଫେସର ଧଳଙ୍କ ପରେ ପରେ ଏହି କ୍ଷେତ୍ରରେ ଡକ୍ଟର ଖଗେଶ୍ୱର ମହାପାତ୍ର, ଡକ୍ଟର ବିଜୟ ପ୍ରସାଦ ମହାପାତ୍ର, ଡକ୍ଟର ନଟବର ସାମନ୍ତରାୟ, ଡକ୍ଟର ପଞ୍ଚାନନ ମହାନ୍ତି, ଡକ୍ଟର ଗଗନେନ୍ଦ୍ରନାଥ ଦାସ, ଡକ୍ଟର ଭାବଗ୍ରାହୀ ମିଶ୍ର ପ୍ରମୁଖ ଭାଷା ଆଲୋଚନାକୁ ଉଦ୍‌ଜୀବିତ କରି ରଖିଛନ୍ତି । ଡକ୍ଟର ମହତାବଙ୍କ 'ଓଡ଼ିଆ କ୍ରିୟାପଦ- ଏକ ବର୍ଣ୍ଣନା' (୨୨/୩), ଡକ୍ଟର ବିଜୟ କୁମାର ମହାପାତ୍ରଙ୍କ 'ଓଡ଼ିଆ ସମ୍ବାଦପତ୍ରର ଭାଷା' (୩୧/୧) ଓ ଓଡ଼ିଆ ଅକ୍ଷର (୪୦/୧), ପଞ୍ଚାନନ ମହାନ୍ତିଙ୍କ 'ଓଡ଼ିଆରେ (ଡ଼ ଓ ଢ଼) ଏବଂ (ଡ଼ ଓ ଢ଼)ର ବିତରଣ' (୩୨/୬) 'ଓଡ଼ିଆ ଭାଷାରେ ବଚନ ବିଧି' (୨୩/୪) ଓ ପପୁଲାର ଭାଷା : ପ୍ରଥମ ପର୍ଯ୍ୟାୟ (୩୫/୨)ଉଚ୍ଚକୋଟୀର ଆଲୋଚନା । ଗଗନେନ୍ଦ୍ର ନାଥ ଦାସଙ୍କ 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ- ଏକ ପୁନଃ ସିଂହାବଲୋକନ' ଓ ନଟବର ସାମନ୍ତରାୟଙ୍କ 'ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ : ଏକ ସ୍ପଷ୍ଟୀକରଣ' ସମାଲୋଚନା ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତର ପୃଷ୍ଠଭୂମିରେ ରଚିତ । ଏଥିରେ ଗବେଷଣାସିଦ୍ଧ ତଥ୍ୟଗୁଡ଼ିକର ଅବତାରଣା ଘଟିଛି ।

ଊନବିଂଶ ଶତାବ୍ଦୀରେ ପରିଲକ୍ଷିତ ଭାଷା ବିକାଶକୁ ନେଇ ହୋଇଥିବା ଅଭିଯାନକୁ ନେଇ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରାଗଲା ନାହିଁ, ପରନ୍ତୁ ପରବର୍ତ୍ତୀ କାଳରେ ତାହା କ୍ରମେ ଆଲୋଚନାର ସାମଗ୍ରୀ ହୋଇଗଲା । ଓଡ଼ିଆ ଭାଷାର ବିଭିନ୍ନ ଦିଗ, ସଂରଚନା ପ୍ରଣାଳୀ ଉପରେ ଅଧିକରୁ ଅଧିକ ଗବେଷଣାତ୍ମକ କାର୍ଯ୍ୟ ଚାଲୁରହିଲା । ତାହାରି ଫଳ ସ୍ୱରୂପ ଉପରଲିଖିତ ଭାଷାତାତ୍ତ୍ୱିକ ଆଲୋଚନାମାନ ପ୍ରସ୍ତୁତ ହେଲା । ଦ୍ୱିତୀୟତଃ ଡକ୍ଟର ଗୋଲୋକବିହାରୀ ଧଳ, ଡକ୍ଟର ଗଗନେନ୍ଦ୍ରନାଥ ଦାଶ, ଡକ୍ଟର ବିଜୟ ପ୍ରସାଦ ମହାପାତ୍ର, ଡକ୍ଟର ପଞ୍ଚାନନ ମହାନ୍ତି ଆଦି ସମାଲୋଚକମାନେ ଭାଷାତତ୍ତ୍ୱରେ ଉଚ୍ଚଶିକ୍ଷା ଲାଭକରି ଭାଷାତାତ୍ତ୍ୱିକ ଆଲୋଚନାରେ ନିଜକୁ ନିୟୋଜିତ କରିବା ଫଳରେ ଏହି ସମାଲୋଚନା ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । ଉଚ୍ଚକୋଟୀର ଭାଷାତାତ୍ତ୍ୱିକ ଆଲୋଚନା ପ୍ରାୟତଃ 'ଝଙ୍କାର' ପୃଷ୍ଠାରେ ହୋଇଛି ଉତ୍କୀର୍ଣ୍ଣ ।

ଶିଳାଲେଖ, ତାମ୍ରଲିପିର ଅଧ୍ୟୟନ କରି ପରମାନନ୍ଦ ଆଚାର୍ଯ୍ୟ (ଧାରାବାହିକ, ଭୁବନେଶ୍ୱର ଶିଳାଲିପି) ସୂର୍ଯ୍ୟନାରାୟଣ ଦାସ (ଚୋଡ଼ଗଙ୍ଗ ଦେବଙ୍କ ଶିଳାଲିପି), କୁଞ୍ଜବିହାରୀ ତ୍ରିପାଠୀ (୨ଟି ଅପ୍ରକାଶିତ ଶିଳାଲେଖ), କେଦାରନାଥ ମହାପାତ୍ର (କଟକ ବିଦ୍ୟାଧରପୁର ଦ୍ୱିଭାଷିକ ଶିଳାଲେଖ), ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ଖଗେନ୍ଦ୍ରନାଥ ପ୍ରଧାନ, ରବି ରାୟ ଲିପିର କ୍ରମବିକାଶ, ଖୋଦିତ ଭାଷାର ବୈଶିଷ୍ଟ୍ୟ ଆଦି ସମ୍ପର୍କରେ ଝଙ୍କାର ପୃଷ୍ଠାରେ ଆଲୋଚନା କରିଛନ୍ତି । ଓଡ଼ିଶା ଇତିହାସରେ ବହୁ ଅତୀତ ଅଧ୍ୟାୟ ଉନ୍ମୋଚନ କରିବା ଦିଗରେ ଏ ପ୍ରକାର ଲେଖାର ଆବଶ୍ୟକତା ଯଥେଷ୍ଟ ଅଧିକ । ଏଥିରୁ ମଧ ଆମ ରାଜ୍ୟର ସାଂସ୍କୃତିକ ବିଭବ ଓ ଐତିହ୍ୟ ସଂପର୍କରେ ସ୍ପଷ୍ଟ ଚିତ୍ର ମିଳେ ।

କଳା ସମ୍ପର୍କିତ ଆଲୋଚନା

କଳାର ଭୂମି ଉତ୍କଳରେ କଳାର ପୃଷ୍ଠପୋଷକତା କରି ପାଠକ ସମାଜ ନିକଟରେ ପହଞ୍ଚାଇବା କ୍ଷେତ୍ରରେ 'ଝଙ୍କାର'ର ଉଦ୍ୟମ ଅନସ୍ୱୀକାର୍ଯ୍ୟ । ପ୍ରାୟ ପଚିଶବର୍ଷ ପୂର୍ବର 'ଝଙ୍କାର'ରେ ବିମ୍ବାଧର ବର୍ମାଙ୍କ ଠାରୁ ଉଦୟନାରାୟଣ ଜେନା, ଶିବ ପାଣିଗ୍ରାହୀଙ୍କ ପର୍ଯ୍ୟନ୍ତ ବହୁ ପ୍ରବୀଣ ଓ ନବୀନ ଚିତ୍ରଶିଳ୍ପୀଙ୍କ କାରୁକଳା ସେ ସମୟର 'ଝଙ୍କାର' ପାଇଁ ଥିଲା ବେଶ୍ ଆକର୍ଷଣୀୟ । ଏକ ଚିତ୍ତ ଉଲ୍ଲାସକାରୀ ଆଭିମୁଖ୍ୟ । ଗୋଟିଏ ଗୋଟିଏ ବର୍ଷ ପଚିଶରୁ ଉର୍ଦ୍ଧ ଚିତ୍ର, ଫଟୋ, ଲିନୋ ଖୋଦେଇ, କାଠ ଖୋଦେଇ ଛବି 'ଝଙ୍କାର'ରେ ପ୍ରକାଶ ପାଇଥିଲା । କୀଟଦ୍ରଂଷ୍ଟ ଦୁଷ୍ପ୍ରାପ୍ୟ ଚିତ୍ରମାନ ସଂଗ୍ରହ କରାଯାଇ 'ଝଙ୍କାର'ରେ ସ୍ଥାନିତ କରାଯାଇଥିଲା । କଳାନୁରାଗୀ ଡକ୍ଟର ମହତାବଙ୍କ ଉଦ୍ୟମ କ୍ରମେ ବମ୍ବେ ବିଦ୍ୟାଭବନ ଆନୁକୂଲ୍ୟରୁ ପ୍ରାପ୍ତ ସୁନ୍ଦର ଚିତ୍ର ଠାରୁ ଆରମ୍ଭ କରି ହେମଲତା ମାନସିଂହଙ୍କ ଦ୍ୱାରା ସଂଗୃହୀତ ଆଠଗଡ଼ର ଜନୈକ ମହିଳାଙ୍କ ସ୍ୱହସ୍ତଅଙ୍କିତ ଚିତ୍ର 'ଝଙ୍କାର'ରେ ପ୍ରକାଶିତ ହୋଇଛି । ଏଥିରୁ କଳା ପ୍ରତି 'ଝଙ୍କାର'ର ଦୁର୍ବଳତା ସ୍ପଷ୍ଟ ହୋଇଯାଏ । ଏ ତ ଗଲା କଳାର ବ୍ୟାବହାରିକ ଦିଗର ଉପସ୍ଥାପନା । କଳା ସମ୍ପର୍କିତ ଆଲୋଚନା ମାଧ୍ୟମରେ 'ଝଙ୍କାର' ମଧ କଳାର ବିଶେଷତ୍ୱ, ସ୍ୱରୂପ, ବିଭିନ୍ନ ଦିଗକୁ ପ୍ରତିପାଦନ କରିଛି । ବିନୋଦ ରାଉତରାୟ, ଗୋପାଳ କାନୁନଗୋ, ବେଣୁଧର ରାଉତ ଆଦି ଜଣାଶୁଣା ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ସଂପର୍କିତ ଆଲୋଚନା ବେଶ୍ ଆକର୍ଷଣୀୟ । କଳା ସହିତ ପ୍ରତ୍ୟକ୍ଷ ସଂପୃକ୍ତ ହେତୁ ସେମାନଙ୍କ ଆଲୋଚନାରେ ପ୍ରତ୍ୟକ୍ଷ ଅନୁଭୂତିର ସ୍ୱାକ୍ଷର ପ୍ରତିବିମ୍ବିତ । ଗୋପାଳ କାନୁନଗୋଙ୍କ

'ଲଳିତକଳା, ଚିତ୍ରକଳାର ନୂତନ ଯୁଗ', ବିନୋଦ ରାଉତରାୟଙ୍କ 'ଶିଳ୍ପସ୍ୱାମୀ ବିଦ୍ୟାଧର ବର୍ମା, 'ଆମ ଲୋକକଳାର ରୂପ ଓ ଆଭିମୁଖ୍ୟ', ଆଦି ଆଲୋଚନା ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କ ବ୍ୟତୀତ ବୈଷ୍ଣବ ଚରଣ ସାମଲ, ତାରିଣୀ ଚରଣ ଦାସ, ଲକ୍ଷ୍ମୀନାରାୟଣ ହରିଚନ୍ଦନ, ବାମାଚରଣ ମିତ୍ରଙ୍କ ବହୁ ସମାଲୋଚନା ମଧ୍ୟ କଳା ସମ୍ପର୍କିତ ।

ପୁସ୍ତକ ସମୀକ୍ଷା

'ପୁସ୍ତକ ସମାଲୋଚନା, 'ଗ୍ରନ୍ଥ ପରିଚୟ', ଶୀର୍ଷକରେ ଝଙ୍କାରର ପ୍ରାରମ୍ଭିକ ପର୍ବରେ ପ୍ରଦତ୍ତ ଗ୍ରନ୍ଥ ସମୀକ୍ଷା ସଂକ୍ଷିପ୍ତ ଓ ସୂଚନାତ୍ମକ । ପୁସ୍ତକର ପରିଚୟ, ବିଷୟବସ୍ତୁ ଓ ତା'ର ବୈଶିଷ୍ଟ୍ୟ ଏହି 'ପୁସ୍ତକ ସମୀକ୍ଷା'ରେ ପ୍ରକାଶିତ ହେଉଥିଲା । ଏହି ସମୟରେ ସମୀକ୍ଷା ପାଇଁ ପୁସ୍ତକ ନିର୍ବାଚନ କରାଯାଇ ନଥିବାରୁ ସାଧାରଣ ପୁସ୍ତକର ସମୀକ୍ଷା ଝଙ୍କାରରେ ସ୍ଥାନ ପାଇଥିବାର ଦେଖାଯାଏ । ପ୍ରଥମ ଦଶ ବର୍ଷ ପରେ ଏହି ବିଭାଗ ଆକର୍ଷଣୀୟ ହେଲା । ପରେ ଏହାର ଦୁର୍ବଳତାର ଦୂରୀଭୂତ ହୋଇଛି ।

ଊନବିଂଶ ଓ ବିଂଶବର୍ଷ ଝଙ୍କାରରେ 'ଗ୍ରନ୍ଥ ବିଚାର' ଓ 'ଗ୍ରନ୍ଥ ବିଳାସ' ଉଭୟ ଶୀର୍ଷକରେ ଗ୍ରନ୍ଥ ସମୀକ୍ଷା ପ୍ରକାଶ ପାଇଲା । ଏଥିମଧ୍ୟରୁ 'ଗ୍ରନ୍ଥ ବିଳାସ'ରେ ଉତ୍କୃଷ୍ଟ ଚିନ୍ତନଧର୍ମୀ ଗ୍ରନ୍ଥ ସମୀକ୍ଷା ସ୍ଥାନରେ ପାଇଥିବାର ଦେଖାଯାଏ । ପର୍ଣ୍ଣଜା ପଢ଼ିବା ପରେ (ଚନ୍ଦ୍ରଶେଖର ରଥ ୧୩/୩) 'ଆଧୁନିକ ଓଡ଼ିଆ କବିତା ଓ ରମାକାନ୍ତ ରଥ' (ନିକୁଞ୍ଜକିଶୋର ନାୟକ ୧୯/୪-୫) 'ମୋ ମନ ଉପରେ 'ନରକିନ୍ନର'ର ପ୍ରଭାବ (ଚନ୍ଦ୍ରଶେଖର ରଥ, ୧୯/୬), କବି ସୀତାକାନ୍ତ ମହାପାତ୍ର ଓ ମାନବିକତା (ନବକିଶୋର ପଣ୍ଡା ୧୯/୮), 'କାଳପୁରୁଷ'ର କାବ୍ୟ ପୁରୁଷ (ହରିହର ମିଶ୍ର ୧୯/୯), 'ମୋ ଦୃଷ୍ଟିରେ କ୍ରୀତଦାସର କାବ୍ୟ'(ହରିହର ଦାସ, ୧୯/୧୦), କବି ମହତାବଙ୍କ 'ନନ୍ଦିକା' (ନିତ୍ୟାନନ୍ଦ ଶତପଥୀ, ୧୯/୧୧), ଏ ଯୁଗର ପୁରାଣ 'ଚନ୍ଦ୍ର ଓ ଚଂପା' (ଜୀବନାନନ୍ଦ ପାଣି, ୨୦/୮) ଆଦି ସମୀକ୍ଷା ସ୍ମରଣୀୟ । ସ୍ରଷ୍ଟା ପୁରୁଷଙ୍କ ପୁସ୍ତକଗୁଡ଼ିକର ସାମଗ୍ରିକ ବିଚାର ଅଥବା ନିର୍ଦ୍ଦିଷ୍ଟ ପୁସ୍ତକ ସମୀକ୍ଷା ଭିନ୍ନ ଦୃଷ୍ଟିକୋଣରୁ ପ୍ରସ୍ତୁତ ହୋଇଛି ଏଥିରେ । 'ପୁସ୍ତକ ସମୀକ୍ଷା' କ୍ଷେତ୍ରରେ ଏ ପ୍ରକାର ସମୀକ୍ଷା ବେଶ୍ ନୂତନ ଓ ପ୍ରଣିଧାନଯୋଗ୍ୟ । ମାତ୍ର ଦୁଇ ବର୍ଷ 'ଗ୍ରନ୍ଥ ବିଳାସ' ବାହାରିଥିଲେ ହେଁ ପୁସ୍ତକ ସମୀକ୍ଷା କ୍ଷେତ୍ରରେ ନୂତନ ଦିଗନ୍ତକୁ ପଥନିର୍ଦ୍ଦେଶ କରିଥିଲା । 'ଗ୍ରନ୍ଥବିଳାସ' ପରବର୍ତ୍ତୀ ସମୟର ସମୃଦ୍ଧ ସମାଲୋଚନା ପାଇଁ ଥିଲା ପ୍ରେରଣାର ଉତ୍ସ ।

'ଗ୍ରନ୍ଥ ବିଚାର'ରେ ନିର୍ଦ୍ଦିଷ୍ଟ ପୁସ୍ତକ ଉପରେ ସମୀକ୍ଷା କରାଯାଇଥାଏ । ଅବଶ୍ୟ ମଝିରେ ମଝିରେ ଦୂରଦୃଷ୍ଟି ଓ ମନନଶୀଳନତାର ଅଭାବ ଯୋଗୁ ସମୀକ୍ଷିତ ପୁସ୍ତକର ଭାବବସ୍ତୁକୁ ସମୀକ୍ଷକ ସ୍ପଷ୍ଟ କରିବାରେ ଅକ୍ଷମ ହୋଇଥିବାର ଲକ୍ଷ୍ୟ କରାଯାଏ ।

ବହୁ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଲେ ହେଁ ଉନବିଂଶ ଶତକର ଆତ୍ମପ୍ରକାଶ ଓଡ଼ିଆ ସମାଲୋଚନା ସାହିତ୍ୟ ଓ ଗ୍ରନ୍ଥ ସମୀକ୍ଷା ନିର୍ଦ୍ଦିଷ୍ଟ ରୂପରେଖ ନେଇଥିଲା ବିଂଶ ଶତକରେ । ବିଶେଷକରି ସ୍ୱାଧୀନତା ପରେ ଆଧୁନିକ ଶିକ୍ଷାର ଭୂୟୋବିକାଶ, ଆତ୍ମସମୀକ୍ଷା ମନୋବୃତ୍ତିର ବୃଦ୍ଧି ଓ ଉନ୍ନତ ବିଚାରଧାରାର ଉନ୍ମେଷ, ସମାଲୋଚନା ସାହିତ୍ୟକୁ ବଳିଷ୍ଠ ସାହିତ୍ୟ ବିଭବର ମର୍ଯ୍ୟାଦା ଦେଇଛି । ବଳିଷ୍ଠ ସମାଲୋଚନାମାନ ଝଙ୍କାରରେ ପ୍ରକାଶିତ ହୋଇଥିବାରୁ ଝଙ୍କାର ସର୍ଜନାତ୍ମକ ପତ୍ରିକା ରୂପେ ଯେତେ ଗ୍ରହଣୀୟ; ସମାଲୋଚନା ଓ ଗବେଷଣା ପତ୍ରିକା ଭାବେ ସେତେ ଆଦରଣୀୟ । ଏହା ଓଡ଼ିଶାରେ ଏକମାତ୍ର ଗବେଷଣାଧର୍ମୀ ପତ୍ରିକା । ପ୍ରବୀଣ ସମାଲୋଚକମାନଙ୍କଠାରୁ ଉଜ୍ଜ୍ୱଳ ପ୍ରତିଭା ସମ୍ପନ୍ନ ଯୁବ ସମାଲୋଚକଙ୍କ ଯାଏ ବହୁ ସମାଲୋଚକଙ୍କୁ ଝଙ୍କାର ପୃଷ୍ଠପୋଷକତା ଦେଇ ପ୍ରାୟ ପାଞ୍ଚ ଦଶନ୍ଧି ଧରି ଏକ ବଳିଷ୍ଠ ପରମ୍ପରା ସୃଷ୍ଟି କରିଛି ।

□□□

ଚତୁର୍ଥ ପରିଚ୍ଛେଦ

ସଂପାଦକୀୟ : ଦୃଷ୍ଟି ଓ ଦର୍ଶନ

ସଂପାଦକୀୟ ହେଉଛି ପତ୍ରପତ୍ରିକା ମନ୍ଦିରର ମୁଖଶାଳା। ସମାଜ ଓ ସମୟ ପ୍ରତି ପତ୍ରପତ୍ରିକାର ଦୃଷ୍ଟିଭଙ୍ଗୀ ଓ ଅଙ୍ଗୀକାର, ଯୁଗରୁଚି ନିମିତ୍ତ ଆଭିମୁଖ୍ୟ, ଦେଶ-ଜାତି ଭାଷା ସାହିତ୍ୟ ପାଇଁ ଦିଗ୍‌ଦର୍ଶନ ଓ ଏଥିରେ ପରିଦୃଷ୍ଟ ଅସାମଞ୍ଜସ୍ୟର ଦୂରୀକରଣ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ ସଂପାଦକୀୟ ଅଭିବ୍ୟକ୍ତିର ଭାବବସ୍ତୁ। ବଳିଷ୍ଠ ସଂପାଦକୀୟ ହିଁ ଉନ୍ନତ ପତ୍ରିକାର ନିଦର୍ଶନ। ଏଣୁ ପତ୍ରିକା ରାଜନୈତିକ, ଅର୍ଥନୈତିକ, ଧର୍ମଭିତ୍ତିକ ବା ସାହିତ୍ୟିକ ଯାହା ହେଉନା କାହିଁକି ତାର ମୁଖ୍ୟ ଆକର୍ଷଣ ହିଁ ସଂପାଦକୀୟ ସ୍ତମ୍ଭ। ସମ୍ପାଦକୀୟରୁ ସମ୍ପାଦକଙ୍କ ବୁଦ୍ଧିମତା, ସମାଜ ଓ ସମୟ ପ୍ରତି ଦୃଷ୍ଟିକୋଣ ଓ ପତ୍ରିକାର ପରିଚାଳନା ଦକ୍ଷତାକୁ କଳି ହୁଏ। ସମ୍ପାଦକୀୟ ସ୍ତମ୍ଭ ପାଠକ ଓ ଲେଖକ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରେ।

ସାହିତ୍ୟ ପତ୍ରିକାଗୁଡିକର ସମ୍ପାଦକୀୟ ସ୍ତମ୍ଭ ସମସାମୟିକ ସାହିତ୍ୟ ସୃଷ୍ଟିରେ ପରିଲକ୍ଷିତ ଅଭାବବୋଧ, ସାହିତ୍ୟିକ ପରିବେଶରେ ସୃଷ୍ଟି ହେଉଥିବା ବାଦ-ବିସମ୍ବାଦ, ସମାଜ ଓ ସମୟ ପ୍ରତି ସୃଜନକାରୀର ଦାୟିତ୍ୱବୋଧ, ସାରସ୍ୱତ ସାମ୍ରାଜ୍ୟରେ ହେଉଥିବା ପରୀକ୍ଷାନିରୀକ୍ଷା ସର୍ବୋପରି ସୁସ୍ଥ ପରମ୍ପରାର ସୁରକ୍ଷାକୁ ବିଚାର ଆଲୋଚନାର ପରିସରଭୁକ୍ତ କରେ। ସଂପାଦକଙ୍କ ସମାଜ, ସମୟ ଓ ଜାତି ପ୍ରତି ମୌଳିକ ଚିନ୍ତନ ସମ୍ଭୂତ ଆଭିମୁଖ୍ୟ ସାହିତ୍ୟିକ ଗତିଧାରାକୁ ଦିଗ୍‌ଦର୍ଶନ ଦିଏ, ପ୍ରାଣଶକ୍ତି ଯୋଗାଏ, ନବ ସ୍ପନ୍ଦନ ତୋଳେ ଏବଂ ଚିନ୍ତାଚେତନା ପାଇଁ ଇନ୍ଧନ ଦିଏ। ସଂପାଦକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱର ଅନୁଭବ ସଂପାଦକୀୟରୁ ବାରି ହୋଇଯାଏ।

ଓଡିଆ ସାହିତ୍ୟ ପତ୍ରିକାର ଇତିହାସ ଉନ୍ମୋଚନ କଲେ ପ୍ରଥମେ 'ଉତ୍କଳ ସାହିତ୍ୟ'(୧୮୯୭)ର ସଂପାଦକ ବାଗ୍ମୀ ବିଶ୍ୱନାଥ କରଙ୍କ 'ବିବିଧପ୍ରସଙ୍ଗ' ଆମ

ଆଲୋଚନା ଇଲାକାକୁ ଆସିଯାଏ । ଏହି ସ୍ତମ୍ଭରେ ସେ ସାଧାରଣ ସ୍ତରରୁ ଜାତୀୟ ସ୍ତର ଯାଏ ବ୍ୟାପିଥିବା ସମସ୍ୟାଚୟକୁ ଚତୁରତାର ସହ ଯୁକ୍ତି ଛଳରେ ପ୍ରତିପାଦିତ କରି ସେ ସଂପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରୁଥିଲେ । ସାହିତ୍ୟ ସଂପର୍କିତ ନିଜସ୍ୱ ଦୃଷ୍ଟିଭଙ୍ଗୀ ଏଥିରେ ମଧ୍ୟ ସ୍ଥାନ ପାଉଥିଲା ।

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦିତ 'ନବଭାରତ' (୧୯୩୪)ର ସଂପାଦକୀୟ ଥିଲା ଏକ ଦିଗ୍‌ବାରେଣୀ । ଏହା ଥିଲା ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୀତିକ ସମସ୍ୟା ସଂପର୍କୀୟ ଚିନ୍ତାଦ୍ୟୋତକ ନିର୍ଭୀକ ମତାମତ । ଡକ୍ଟର ବାଉରୀବଂଧୁ କରଙ୍କ ଭାଷାରେ 'ନବଭାରତ' ପ୍ରତିକାରେ ସବୁଠାରୁ ଆକର୍ଷଣୀୟ ହେଉଥିଲା ଏହାର ସଂପାଦକୀୟ ଆଲୋଚନା । ସେ ବିଭିନ୍ନ ବିଷୟ ଆଲୋଚନା କରି ସଂପାଦକୀୟରେ ନିଜର ଦୃଢ଼ମତ ପ୍ରଦାନ କରୁଥିଲେ । ପ୍ରତି ସଂଖ୍ୟାରେ ଛୋଟ ବଡ ଚାରିପାଞ୍ଚ ଗୋଟି କିମ୍ବା ତାତୋଽଧିକ ସମସ୍ୟାମାନଙ୍କୁ ନେଇ ସେ ସଂପାଦକୀୟ ଲେଖୁଥିଲେ ।[୧]

ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର 'ଆଧୁନିକ' ସଂପାଦକୀୟ ସ୍ତମ୍ଭ ଥିଲା ଉନ୍ନତ ଚିନ୍ତାଧାରାର ପରିପନ୍ଥୀ । ବାସ୍ତବତାର ମାପକାଠିରେ ସମାଜ ଓ ଜୀବନକୁ ପରଖିବା ଥିଲା ସଂପାଦକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦୃଷ୍ଟିକୋଣ । ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଦେଖାଦେଇଥିବା କୁସଂସ୍କାର ଓ ବଦ୍ଧମୂଳ ଧାରଣାକୁ ଦୂରାଇ ଦେବାର ଅଭିପ୍ରାୟ ଏହି ସଂପାଦକୀୟର ଦୃଷ୍ଟିଭଙ୍ଗୀ । ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ପ୍ରଥମ ସଂପାଦକୀୟ ସ୍ମରଣଯୋଗ୍ୟ । "ସାହିତ୍ୟ ପତ୍ରପତ୍ରିକାର ସାଧାରଣ ନୀତି ହେଉଛି ସାପ ମରିବ ନାହିଁ କିମ୍ବା ବାଡି ଭାଙ୍ଗିବ ନାହିଁ । ସାପ ସହିତ ସେମାନଙ୍କର କୌଣସି ସଂପର୍କ ନାହିଁ । ନିଜର ବାଡି ଭାଙ୍ଗିଯାଉ ପଛେ ସାପ ମରୁ । ଏହା ହିଁ ତା'ର ନୀତି । ତାର ପ୍ରଧାନ ଲକ୍ଷ୍ୟ ହେଉଛି ସାପକୁ ମାରିବା । ବାଡି ଉଞ୍ଚେଇ ସାପକୁ ଘଉଡାଇ ଦେଲେ ଖାଲି ହେଲା ନାହିଁ, ସେ ଆଘାତ କରିବାକୁ ଚାହେଁ ବାଡି ଭାଙ୍ଗୁ ଅବା ରହୁ । ଯେଉଁ ସବୁ ବଦ୍ଧମୂଳ ଧାରଣା ଓ ସଂସ୍କାର ମାନବ ସମାଜ ତଥା ବ୍ୟକ୍ତିଗତ ଜୀବନକୁ ଆଚ୍ଛନ୍ନ କରି ରଖିଛି ତାହାରି ମୂଳରେ ଏହାର ପ୍ରଧାନ ଆଘାତ ।"[୨]

'ଶଙ୍ଖ' (୧୯୪୫) ଶିକ୍ଷା ସଂସ୍କୃତି ସଂପର୍କିତ ନିର୍ଭୀକ ସଂପାଦକୀୟ ଏକଦା ଚହଳ ସୃଷ୍ଟି କରିଥିଲା ବେଳେ 'ଚତୁରଙ୍ଗ' (୧୯୪୬)ର ସଂପାଦକୀୟ କଳା, ସଂସ୍କୃତି, ନୃତ୍ୟ,

---

୧. କର, ଡଃ ବାଉରୀବଂଧୁ - ଓଡ଼ିଆ ସାହିତ୍ୟର ଇତିହାସ, ୧୯୮୯ - ପୃ - ୨୯୪

୨. ପାଣିଗ୍ରାହୀ, ସ୍ୱର୍ଗତ ଭଗବତୀ ଚରଣ - ଆଧୁନିକ - ୧ମ ବର୍ଷ, ୧ମ ସଂଖ୍ୟା, ମଇ, ୧୯୩୬ ।

ସାହିତ୍ୟର ଉନ୍ନତି କଥାକୁ ଅଗ୍ରାଧିକାର ଦେଉଥିବାର ଦେଖାଯାଏ । ସଂପାଦକଙ୍କ ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ ସମାଜକୁ ଦିଗ୍‌ଦର୍ଶନ ଦେବା ସଙ୍ଗେ ସଙ୍ଗେ ପ୍ରକାରାନ୍ତରେ ଓଡିଆ ଭାଷା ସାହିତ୍ୟର ଉନ୍ନତି ବିଧାନ ନିମିତ୍ତ ପ୍ରୋତ୍ସାହନ ଓ ପ୍ରେରଣା ପ୍ରଦାନ କରୁଥିଲା ।

ଯେଉଁ କେତେକ ବଳିଷ୍ଠ ସଂପାଦକୀୟ ସଂପର୍କରେ ସାମାନ୍ୟ ସୂଚନା ଦିଆଗଲା ତାହା ଥିଲା ସ୍ୱାଧୀନତା ପୂର୍ବର କଥା । ସ୍ୱାଧୀନତା ପରେ ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯେଉଁ ପ୍ରମୁଖ ପତ୍ରିକାଟି ତାର ସଂପାଦକୀୟ ସ୍ତମ୍ଭର ମନ୍ତବ୍ୟ,ମତାମତ, ଟୀକା ଟିପ୍‌ପଣୀରେ ସାହିତ୍ୟପ୍ରେମୀ, ପୃଷ୍ଠପୋଷକ, ସ୍ରଷ୍ଟାଙ୍କୁ ସଚେତନ କରାଇଥିଲା ତାହା ହେଉଛି ଝଙ୍କାର । ଭିନ୍ନ ଭିନ୍ନ ସମୟରେ ଦାୟିତ୍ୱ ଗ୍ରହଣ କରିଥିବା ସଂପାଦକଗଣ ସ୍ୱୀୟ ଚିନ୍ତାଚେତନାରେ ଝଙ୍କାର ସଂପାଦକୀୟ ସ୍ତମ୍ଭକୁ ଏକ ବତୀଘରରେ ପରିଣତ କରିଛନ୍ତି । ବିଗତ ପଚାଶ ବର୍ଷ ଧରି ଝଙ୍କାରର ସଂପାଦକୀୟ ବିଭିନ୍ନ କ୍ଷେତ୍ରରେ ନିଜର ନିରପେକ୍ଷ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି । ଓଡିଆ ଭାଷା ସାହିତ୍ୟର ବର୍ଣ୍ଣବିଭାକୁ ଝଙ୍କାର-ସଂପାଦକୀୟ ଦର୍ପଣ ପ୍ରତିଫଳିତ କରାଇପାରିଛି । ଜିଜ୍ଞାସୁ ପାଠକ ନିକଟରେ ସମସ୍ୟା ଥୋଇଛି, ଦେଖାଇ ଦେଇଛି ସମସ୍ୟାର ସମାଧାନ ମାର୍ଗ । ସମସ୍ତ ଚିନ୍ତା ଚେତନା, ଦୃଷ୍ଟିଭଙ୍ଗୀ ତ ସମାନ ନୁହେଁ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ବିଚାର କରିବା ଝଙ୍କାରର ସଂପାଦକଗଣଙ୍କ ଦୃଷ୍ଟି ଓ ଦର୍ଶନର ଦୀପ୍ତି ଓ ଦ୍ୟୁତି ।

୧୯୪୯ ଏପ୍ରିଲ ଝଙ୍କାର ପ୍ରକାଶ ପାଇଥିଲା ସତ ମାତ୍ର ଏହାର ସଂପାଦକୀୟ ଶିରୋନାମାରେ ଆଲୋଚନା ଆରମ୍ଭ କରାଯାଇଥିଲା ପ୍ରଥମ ବର୍ଷ ଷଷ୍ଠ ସଂଖ୍ୟା ଅର୍ଥାତ ୧୯୪୯ ମସିହା ସେପ୍‌ଟେମ୍ବର ମାସରୁ । ଏହାର ସ୍ପଷ୍ଟୀକରଣ ଦେବାକୁ ଯାଇ ଡକ୍ଟର ମହତାବ ଲେଖିଥିଲେ, ଆମ୍ଭେମାନେ ରାଜନୀତି ସହ ଏପରି ଜଡିତ ଯେ, କୌଣସି ମନ୍ତବ୍ୟ ପ୍ରକାଶ କରିବାକୁ ଗଲେ ନିର୍ଦ୍ଦିଷ୍ଟ ରାଜନୈତିକ ମତ ସେଥିରେ ରହିଯିବାର ଆଶଙ୍କା ଅଛି । ବହୁ ଚେଷ୍ଟା କରି ନିରପେକ୍ଷ ଆଲୋଚନା କଲେ ମଧ୍ୟ ତାହା ରାଜନୀତି ପ୍ରଭାବିତ ବୋଲି ସନ୍ଦେହ ଜନ୍ମିବାର ଅବକାଶ ମଧ୍ୟ ଅଛି । କିନ୍ତୁ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସାହିତ୍ୟର ଅଭିବୃଦ୍ଧି । ସେ ଉଦ୍ଦେଶ୍ୟର ସାଧନ ପାଇଁ କୌଣସି ପ୍ରକାର ରାଜନୀତି ବା ତତ୍ ସମ୍ବନ୍ଧୀୟ ସନ୍ଦେହର ପାଖ ମାଡିବାକୁ ଆମ୍ଭେମାନେ ଚାହୁଁନାହୁଁ । ଝଙ୍କାର ବିଶୁଦ୍ଧ ଆଲୋଚନା ପାଇଁ, କୌଣସି ବିଷୟ ବା ନୀତିର ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ ।[୩] ଡକ୍ଟର ମହତାବଙ୍କ ଏହି ଉକ୍ତି ସହିତ ଏ ଆଲୋଚକ ସଂପୂର୍ଣ୍ଣ ଏକମତ ନୁହେଁ । କାରଣ ଝଙ୍କାରର ପ୍ରଥମ ବର୍ଷ ପ୍ରଥମ

୩. ସାହିତ୍ୟର ମାର୍ଗ ଉନ୍ମୋଚନ (ଡଃ ମହତାବଙ୍କ ସଂପାଦକୀୟ ସଂକଳନ, ୧ମ ଭାଗ) - ୧୯୯୪, ପୃ - ୧

ସଂଖ୍ୟାରେ ସଂପାଦକୀୟ ସ୍ତମ୍ଭ ପ୍ରକାଶ ହୋଇ ନଥିଲେ ବି ହେଁ 'ସାମୟିକୀ'[୪] ଶୀର୍ଷକରେ ପ୍ରକାଶିତ ରଚନା ଝଙ୍କାରର ପ୍ରଥମ ସଂପାଦକୀୟ ରଚନାର ମର୍ଯ୍ୟାଦା ପାଇବା ପାଇଁ ହକ୍‌ଦାର। ସଂପାଦକୀୟଟି ଯେ କେବଳ ସଂପାଦକୀୟ ଶିରୋନାମାରେ ପ୍ରକାଶ ପାଇବ ଏପରି କିଛି ଯୁକ୍ତି ନାହିଁ। ପୂର୍ବରୁ ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା 'ଚତୁରଙ୍ଗ' (୧୯୪୭) ରେ ସଂପାଦକୀୟ ଅଭିବ୍ୟକ୍ତି 'ଯୁଗଧାରା' ଶିରୋନାମାରେ ପ୍ରକାଶ ହେଉଥିବା ଦୃଷ୍ଟାନ୍ତ ମଧ୍ୟ ରହିଛି। ସାମୟିକୀରେ ସ୍ଥାନିତ ଆଲୋଚନା ସଂପାଦକୀୟ ମନ୍ତବ୍ୟଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ।

ଝଙ୍କାରର ପ୍ରାରମ୍ଭରୁ ଡକ୍ଟର ହରେକୃଷ୍ଣ ମହତାବ ହିଁ ସମ୍ପାଦକୀୟ ଆଲୋଚନାର ଦାୟିତ୍ୱ ନିଜେ ଗ୍ରହଣ କରିଥିଲେ। ପଣ୍ଡିତ ନୀଳକଣ୍ଠ ଦାସଙ୍କ ବଳିଷ୍ଠ ସଂପାଦନାରେ ପ୍ରକାଶିତ ସାହିତ୍ୟ ପତ୍ରିକା 'ନବଭାରତ' (୧୯୩୪)ର ଚିନ୍ତା ଉଦ୍ରେକକାରୀ ସଂପାଦକୀୟର ସମଧର୍ମୀ ଥିଲା ଡକ୍ଟର ମହତାବଙ୍କ ପ୍ରଜ୍ଞା ପରିପୁଷ୍ଟ ସଂପାଦକୀୟ। ବିମଳ ବିଶାଳ ଦୃଷ୍ଟିଭଙ୍ଗୀ ତଥା ଗଭୀର ପର୍ଯ୍ୟବେକ୍ଷଣଜନିତ ଅନୁଶୀଳନ ଏହାକୁ ମନଛୁଆଁ କରିପାରିଥିଲା।

ସାହିତ୍ୟର କାର୍ଯ୍ୟକାରୀ ଦିଗ ଓ ବିଭିନ୍ନ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ତନ୍ନ ତନ୍ନ କରି ଡଃ ମହତାବ ଅନୁଧ୍ୟାନ କରିଛନ୍ତି। ସେ ଅନୁସାରେ ପତ୍ରିକାଟିର ଆଭିମୁଖ୍ୟ ସ୍ଥିରୀକୃତ କରିଥିଲେ। ସ୍ୱାଧୀନତା ପରେ ଓଡ଼ିଶାର ସଂସ୍କୃତିକୁ ସୁଦୃଢ଼ କରିବା ଏବଂ ଓଡ଼ିଆ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେବା ହିଁ ତାଙ୍କର ସଂପାଦକୀୟ ମନ୍ତବ୍ୟରେ ଥିଲା ମୁଖ୍ୟ ବିଷୟ। ଓଡ଼ିଆ ଜାତିର ନୈତିକ, ସାଂସ୍କୃତିକ, ଆର୍ଥିକ ଉନ୍ନତି ପାଇଁ ତାଙ୍କର ସ୍ୱପ୍ନର ସ୍ୱରୂପ ସଂପାଦକୀୟରୁ ସ୍ପଷ୍ଟ ଜଣାଯାଏ।

ଡଃ ମହତାବ ଥିଲେ ଅନୁଭବୀ ଓ ଦୂରଦ୍ରଷ୍ଟା। ତାଙ୍କରହୃଦବୋଧ ହୋଇଥିଲା ଯେ, ନିର୍ଦ୍ଦିଷ୍ଟ ଅଙ୍ଗୁଳିମେୟ ସାହିତ୍ୟିକଙ୍କୁ ନେଇ ସାହିତ୍ୟର ସ୍ରୋତକୁ କେତେଦିନ ବା ସ୍ରୋତସ୍ୱିନୀ, ଚଳଚଂଚଳ କରି ରଖିହେବ? ସେଥିପାଇଁ ସ୍ୱାଧୀନତା ପରବର୍ତ୍ତୀ ଯୁଗର ମୂଳଭିତ୍ତିକୁ ସୁଦୃଢ଼ କରାଯିବା ପାଇଁ ଯୁବଶକ୍ତିକୁ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରାଇବାକୁ ପଡ଼ିବ। ସେଥିପାଇଁ ରାଜନୈତିକ ସଂଗଠନ, ଅର୍ଥନୈତିକ ଆନ୍ଦୋଳନ ଏବଂ ସାଂସ୍କୃତିକ ଜାଗରଣ ମାଧ୍ୟମରେ ଯୁବ ପ୍ରତିଭାକୁ ଆବିଷ୍କାର ତଥା ତାର ବିନିଯୋଗ କରିବାକୁ ଚେଷ୍ଟା କରିଥିଲେ ସେ। ଯୁବ ପ୍ରତିଭାର ବିକାଶରେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ତାଙ୍କର ବିଶ୍ୱାସ ଜନ୍ମିଥିଲା। ଏଣୁ ଝଙ୍କାର ମାଧ୍ୟମରେ ସେ ଥିଲେ ଯୁବ ପ୍ରତିଭାର ପୃଷ୍ଠପୋଷକ। ପ୍ରବୀଣମାନଙ୍କ ସହ ନବାଗତମାନଙ୍କୁ ପ୍ରେରଣା ଦେଇ ଓଡ଼ିଶାର ସାରସ୍ୱତ ପ୍ରବାହକୁ

୪. ପରିଶିଷ୍ଟ ଦ୍ରଷ୍ଟବ୍ୟ

ନିରବଚ୍ଛିନ୍ନ ଓ ଉନ୍ମେଷମୁଖୀ କରାଇବାର ଲକ୍ଷ୍ୟ ଡଃ ମହତାବଙ୍କ ସଂପାଦକୀୟ ସ୍ତମ୍ଭରେ ଅନେକତ୍ର ପରିଦୃଷ୍ଟ ହୁଏ। ନବୀନ ଲେଖକଙ୍କ ଲେଖା ଭିତରେ ନିଜ ଲେଖାକୁ ଦେଖି ଅନ୍ୟଥା ବିଚାର କରୁଥିବା ପ୍ରବୀଣଙ୍କ ଉଦ୍ଦେଶ୍ୟ ଡଃ ମହତାବ ଏକଦା ଲେଖିଥିଲେ, ''ଯଦି ନବୀନ ଲେଖକଙ୍କ ସାଙ୍ଗରେ ଧାଡି ଦେବା ପାଇଁ କାହାରି ଅନିଚ୍ଛା ଥାଏ, ତେବେ ଆମ୍ଭେମାନେ ନାଚାର। ସାହିତ୍ୟ କାହାରିକୁ ଅପେକ୍ଷା କରେ ନାହିଁ, ସେ ତାର ଗତି କରିଯିବ, କେହି ସେଥିରେ ଯୋଗ ଦେଉ ବା ନଦେଉ।''[5] ଝଙ୍କାର ତୁଲ୍ୟ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସଂପାଦକତ୍ୱରେ ପ୍ରକାଶିତ ପ୍ରଗତିଶୀଳ ସାହିତ୍ୟ ପତ୍ରିକା ଆଧୁନିକ ତରୁଣ ସାହିତ୍ୟିକଙ୍କ ପ୍ରତି ଆସ୍ଥାବାନ ଥିବା ତା'ର ପ୍ରଥମ ସଂପାଦକୀୟରୁ ସୁସ୍ପଷ୍ଟ - ''ଜଗତର ସବୁ ଅଂଶରେ ଏକ ତୁମୁଳ ପରିବର୍ତ୍ତନ ଆଭାସ ମିଳୁଛି ଏବଂ ଏହି ପରିବର୍ତ୍ତନ ନାମ ସ୍ଥଳରେ ଯେପରି ବିବିଧ ଉପାୟରେ ଆତ୍ମପ୍ରକାଶ କରୁଛି। ଓଡ଼ିଶାରେ ଆଧୁନିକର ଆବିର୍ଭାବ ସେହିପରି ଗୋଟିଏ ପ୍ରାଥମିକ ଉପାୟର ଚିହ୍ନମାତ୍ର। ଏହି ପରିବର୍ତ୍ତନର ଆହ୍ୱାନ ଯେ ଓଡ଼ିଶାର ଯୁବପ୍ରାଣକୁ ଚଂଚଳ କରିଛି, ଆଧୁନିକ ତାହାର ନିଦର୍ଶନ।''[6] ଝଙ୍କାର ତତ୍କାଳୀନ ଦୃଷ୍ଟିଭଙ୍ଗୀର ଉତ୍କର୍ଷ ଆଜି ଅନୁଭବ କରାଯାଏ। ସେ କାଳର ତଥାକଥିତ ନବୀନ ଲେଖକ ଆଜି ସର୍ବଭାରତୀୟ ଓ ପ୍ରାଦେଶିକ ସ୍ତରରେ ବହୁ ସମ୍ମାନର ଅଧିକାରୀ। ପୃଷ୍ଠପୋଷକତାର ଅଭାବ ଥିଲେ ହୁଏତ ସେମାନେ ବିଲୀନ ହୋଇଆନ୍ତେ, ମାତ୍ର କର୍ଣ୍ଣଧାର ପୁରୋଗାମୀ ହେଲେ ଏପରି ସମ୍ଭାବନା ରହେ ନାହିଁ। ଡଃ ମହତାବ ତା'ର ନିଦର୍ଶନ।

ସାହିତ୍ୟର ବିଭିନ୍ନ ଦିଗ ଉପରେ ସମାନ ଗୁରୁତ୍ୱ ଦେଉଥିଲେ ଡକ୍ଟର ମହତାବ। ସେଥିପାଇଁ 'ଝଙ୍କାର' ସଂପାଦକୀୟରେ ସେ ଅନୁବାଦ ସାହିତ୍ୟ, ଗଣ ସାହିତ୍ୟ, ପ୍ରାଦେଶିକ ସାହିତ୍ୟ, ଶିଶୁ ସାହିତ୍ୟ, ଭକ୍ତ ଜୀବନୀ, ଡାଫିନୀ ସାହିତ୍ୟ, ପ୍ରଚାର ସାହିତ୍ୟ, କୁଇ ସାହିତ୍ୟ, ସ୍ଥାୟୀ ସାହିତ୍ୟ ଆଦି ଶୀର୍ଷକରେ ସାହିତ୍ୟକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଭକ୍ତ କରି ତାର ସ୍ୱରୂପ ଏବଂ ପ୍ରଭାବ ସଂପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି ଓ ଯାହାର ମୂଲ୍ୟବୋଧ ଦେଶ କାଳ ସ୍ଥାନ ନିର୍ବିଶେଷରେ ସର୍ବତ୍ର ସମାନ।

ସାହିତ୍ୟର ଲକ୍ଷ୍ୟ ଓ ସାହିତ୍ୟିକ କର୍ତ୍ତବ୍ୟ କ'ଣ ହେବା ଉଚିତ, ସେ ସଂପର୍କରେ ସଂଖ୍ୟାଧିକ ମୌଳିକ ଆଲୋଚନା 'ଝଙ୍କାର' ସଂପାଦକୀୟ ପୃଷ୍ଠାରେ ପ୍ରକାଶିତ। ଆଲୋଚନାଗୁଡ଼ିକ ମୌଳିକ ତଥା ଗୁରୁତ୍ୱପୂର୍ଣ୍ଣ। 'ସାହିତ୍ୟ ଆଭିମୁଖ୍ୟ', 'ସାହିତ୍ୟ କର୍ତ୍ତବ୍ୟ', 'ଲେଖା କାହିଁକି ?' 'ସାହିତ୍ୟର ପ୍ରଭାବ' ଆଦି ଶୀର୍ଷକରେ ସାହିତ୍ୟର ଆଭିମୁଖ୍ୟ ଓ

---

୫. ସାହିତ୍ୟର ମାର୍ଗ ଉନ୍ମୋଚନ (ଡଃ ମହତାବଙ୍କ ସଂପାଦକୀୟ, ୧ମ ଭାଗ) ୧୯୯୪, ପୃ - ୫

୬. ପାଣିଗ୍ରାହୀ, ଭଗବତୀ ଚରଣ, ଆଧୁନିକ (୧ମ ବର୍ଷ ୧ମ ସଂଖ୍ୟା) ମଇ ୧୯୩୪

କର୍ତ୍ତବ୍ୟ, ସ୍ରଷ୍ଟାର ସୃଷ୍ଟିକରିବା ପ୍ରୟାସ ପ୍ରସଙ୍ଗରେ ଡଃ ମହତାବଙ୍କ ବକ୍ତବ୍ୟରୁ କିଛି ଉଦ୍ଧାର କରାଯାଇପାରେ ।

୧ ।। ନିଜ ମନ ଭିତରେ ଘୂରି ବୁଲୁଥିବା ଚିନ୍ତାକୁ ଏକାଠି କରିବାରେ ହିଁ ଲେଖକର ଆନନ୍ଦ। ଏଇଥିପାଇଁ ଲେଖକ ଲେଖେ; ଉପାର୍ଜନ ପ୍ରତିଷ୍ଠା , ଅର୍ଜନ ସତ୍ୟ ପ୍ରକାଶ ହେଉ କି ନ ହେଉ ।[୭]

୨ ।। ସୃଷ୍ଟିର ବିଡମ୍ବନା ଏହି ଯେ ମନୁଷ୍ୟର ମନୁଷ୍ୟତ୍ୱ ସବୁ ଯୁଗରେ ସବୁ ସମୟରେ ମନୁଷ୍ୟ ଦ୍ୱାରା ଆକ୍ରାନ୍ତ । ମନୁଷ୍ୟର ଆକ୍ରମଣରୁ ମନୁଷ୍ୟତ୍ୱକୁ ରକ୍ଷା କରିବା ସାହିତ୍ୟ ଧର୍ମ ବୋଲି ମୋର ମନେ ହୁଏ ।[୮]

୩ ।। ବର୍ତ୍ତମାନ ସମାଜରେ ଯେଉଁ ଅନାଚାର ଓ ଧର୍ମର ଗ୍ଳାନି ଘଟିଛି, ସେଥିରେ ସରସ୍ୱତୀଙ୍କ ବୀଣାରେ, ଦୁର୍ଗାଙ୍କ ସ୍ତୁତିଗାନ ଆବଶ୍ୟକ । ସାରା ସମାଜ ଉଲଗ୍ନ ହେଲେ ମଧ୍ୟ ସାହିତ୍ୟକୁ ଉଚ୍ଚସ୍ୱରରେ ପଚାରିବାକୁ ହେବ, କହିବାକୁ ହେବ ବସ୍ତ୍ର କାହିଁ ? ବସ୍ତ୍ର ପରିଧାନ କର ।[୯]

୪ ।। ଇତିହାସ ଆଲୋଚନା କଲେ ଜଣାଯାଏ, ସାହିତ୍ୟ ରାଷ୍ଟ୍ର ବିପ୍ଳବ ଘଟାଇଛି, ରାଜତନ୍ତ୍ର ଲୋପ କରିଛି ପରାଧୀନ ଦୂର କରି । ସେ ସାହିତ୍ୟ ସବୁ ଅଧ୍ୟୟନ କଲେ ଜଣାଯିବ; ଦୃଢ଼ ଲେଖନୀ, ନିର୍ଭୀକତାର ବାଣୀ ହେଉଛି ସେ ସବୁର ଆଧାର ।[୧୦]

୫ ।। ଯେଉଁ ସାହିତ୍ୟ ଆତ୍ମବିଶ୍ୱାସ ସୃଷ୍ଟି କରିପାରେ, ସେହି ହେଉଛି ବଳିଷ୍ଠ ।[୧୧]

ଇତିହାସ, ଅର୍ଥନୀତି, ରାଜନୀତି, ସଂସ୍କୃତି ଓ ଧର୍ମ ସହ ସାହିତ୍ୟର ନିବିଡ ସଂପର୍କର ବିଭିନ୍ନ ଦିଗ ଓ ତା'ର ତର୍ଜମା ସଂପାଦକୀୟର ବହୁସ୍ଥାନରେ ଦୃଷ୍ଟିଗୋଚର ହୁଏ । 'ବ୍ୟକ୍ତି, ସ୍ୱାଧୀନତା ଓ ସାହିତ୍ୟ', 'ସାହିତ୍ୟ ଓ ସରକାରୀ କର୍ମଚାରୀ', 'ସାହିତ୍ୟ ଓ ସାହିତ୍ୟିକ', 'ଧର୍ମ ଓ ସାହିତ୍ୟ', 'ଶିକ୍ଷା ଓ ସାହିତ୍ୟ', 'ସାହିତ୍ୟ ଓ ଦରିଦ୍ରତା' ଇତ୍ୟାଦି ଶୀର୍ଷକ ଆଲୋଚନାରେ ସାହିତ୍ୟର ବ୍ୟାପକ ଭୂମିକାକୁ କେବଳ ଆଲୋଚନା କରାଯାଇ ନାହିଁ; ପରନ୍ତୁ ଅର୍ଥନୀତି, ରାଜନୀତି, ସଂସ୍କୃତି, ଧର୍ମ ସ୍ତରରେ ସାହିତ୍ୟର ପରିବର୍ତ୍ତନକାରୀ ଶକ୍ତିର ସୂଚନା ମଧ୍ୟ ଦିଆଯାଇଛି । ଆମେ ଅର୍ଥନୀତି, ରାଜନୀତି, ବିଜ୍ଞାନ ଆଦିକୁ ସାହିତ୍ୟ ଠାରୁ

୭. ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଭାଗ, ୧୯୯୪, ପୃ - ୫,
୮. ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଭାଗ, ୧୯୯୪, ଲେଖ କାହିଁକି ପୃ - ୩୨୩
୯. ତତ୍ରୈବ - ଲେଖକର ଅନ୍ତର୍ନିରୀକ୍ଷା, ପୃ - ୨୪୦
୧୦. ସାହିତ୍ୟର ମାର୍ଗ ଉନ୍ମୋଚନ, ୩ୟ ଭାଗ, ୧୯୯୪ - ସାହିତ୍ୟର ଆଭିମୁଖ୍ୟ ପୃ - ୧୦୩
୧୧. ତତ୍ରୈବ - ସାହିତ୍ୟର ଶକ୍ତି ଅଛି କି ? ପୃ - ୨୩୧

ଭିନ୍ନ ବିଭବ ରୂପେ ବିଚାର କରୁଥିଲା ବେଳେ ଡଃ ମହତାବ ଏହାକୁ ସାହିତ୍ୟର ଏକ ବଳିଷ୍ଠ ଅଙ୍ଗ ରୂପେ ବିଚାର କରୁଥିଲେ। ସେଥିପାଇଁ ଅର୍ଥନୀତିକ, ବୈଜ୍ଞାନିକ, ରାଜନୀତିକ ପ୍ରବନ୍ଧମାନ ପ୍ରକାଶିତ ହେଲେ ଝଙ୍କାର ଏକ ଶୁଦ୍ଧ ସାହିତ୍ୟ ପତ୍ର ହୋଇପାରିବ କି ? - ଏହି ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ''ଅତୀତରେ ବହୁ ଅର୍ଥନୀତିକ, ରାଜନୀତିକ, ବୈଜ୍ଞାନିକ ପ୍ରବନ୍ଧ ଝଙ୍କାରରେ ପ୍ରକାଶିତ ହୋଇଛି । ଡକ୍ଟର ସଦାଶିବ ମିଶ୍ର, ଡକ୍ଟର ବୈଦ୍ୟନାଥ ମିଶ୍ର, ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଡକ୍ଟର ବସନ୍ତ କୁମାର ବେଉରା, ଡକ୍ଟର ସୂର୍ଯ୍ୟକାନ୍ତ ଦାସ ପ୍ରଭୃତି ବହୁ ବିଶିଷ୍ଟ ଲେଖକ ୧୯୫୦ ମସିହା ପରବର୍ତ୍ତୀକାଳ ପର୍ଯ୍ୟନ୍ତ ବହୁବର୍ଷ ଧରି ଏ ପ୍ରକାର ପ୍ରବନ୍ଧ ଝଙ୍କାରରେ ଲେଖିଛନ୍ତି। କେହି କେବେ ଏ ବିଷୟରେ ଆପତ୍ତି କରିନାହିଁ। ଝଙ୍କାରର ସାହିତ୍ୟିକ ମର୍ଯ୍ୟାଦାରେ ଏହା କୌଣସି ଆଞ୍ଚ ଆଣି ନାହିଁ। ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ବୈଜ୍ଞାନିକ କ୍ଷେତ୍ରରେ ସାଧନାରତ ବ୍ୟକ୍ତିଙ୍କର ମଧ୍ୟ ସାହିତ୍ୟିକ ଦିଗ ରହିଛି। ସେ ଦିଗକୁ ସେମାନେ ସମୃଦ୍ଧ କଲେ ସାହିତ୍ୟ ଓ ସମାଜ ମଧ୍ୟ ସମୃଦ୍ଧ ହେବ ।''[୧୨]

ସାହିତ୍ୟ ସଂସ୍କୃତିର ମୂଳଉତ୍ସ ଶିକ୍ଷା। ଏଣୁ ଶିକ୍ଷାର ବିସ୍ତାର, ଶିକ୍ଷାସଙ୍କଟର ସମାଧାନ, ଶିକ୍ଷା କ୍ଷେତ୍ରରେ ଆବଶ୍ୟକୀୟ ସଂସ୍କାରକୁ ଆଖିରେ ରଖି ସେ 'ବିଶ୍ୱବିଦ୍ୟାଳୟ ପରିସର ଓ କର୍ତ୍ତବ୍ୟ', 'ଶିକ୍ଷା ଓ ସଂସ୍କାର', 'ଉତ୍କଳ ବିଶ୍ୱବିଦ୍ୟାଳୟର ପାଠ୍ୟ ନିର୍ଣ୍ଣୟ', 'ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓଡିଆ ଶିକ୍ଷା' ଆଦି ଶୀର୍ଷକରେ ସଂପାଦକୀୟ ଆଲୋଚନା ଉପସ୍ଥାପନ କରିଥିଲେ। ଏହି ଆଲୋଚନାରେ ଶିକ୍ଷା - କ୍ଷେତ୍ରରେ ପରିଲକ୍ଷିତ ତ୍ରୁଟି କେବଳ ଦର୍ଶାଯାଇ ନାହିଁ, ତ୍ରୁଟିଗୁଡିକୁ ସୁଧାରିବା ପାଇଁ ବହୁମୂଲ୍ୟ ପରାମର୍ଶ ମଧ୍ୟ ରହିଛି।

ସରଳ ନିରାଡମ୍ବର ଆନନ୍ଦମୟ ଗ୍ରାମ୍ୟଜୀବନ ପ୍ରତି ସାହିତ୍ୟର ମମତାବୋଧ କ୍ରମଶଃ ହ୍ରାସ ପାଇଛି। ଦେଶର ଅଶାନ୍ତି ମୂଳରେ ତୀବ୍ର ଅଶାନ୍ତ ପରିବେଶ ମଧ୍ୟ ଦାୟୀ। ''ଗ୍ରାମକୁ ଶାନ୍ତିମୟ କରି ନ ପାରିଲେ ଦେଶରେ ମଧ୍ୟ ଶାନ୍ତି ରହିପାରିବ ନାହିଁ। ଗ୍ରାମକୁ ନ୍ୟାୟ ବିଚାରରେ ପରିଚାଳିତ କରିବା ଉଚିତ। ସରକାରୀ ଆଇନର ପ୍ରବେଶ ଗ୍ରାମ୍ୟ ଜୀବନରେ ଅଶାନ୍ତି ଘଟାଇଛି ।''[୧୩] ଉକ୍ତ ମନ୍ତବ୍ୟଟି ବାସ୍ତବ ଓ ଅନୁଭୂତିସିଦ୍ଧ। ଗ୍ରାମ୍ୟଜୀବନକୁ ଆନନ୍ଦମୁଖର କରିବା ପାଇଁ ସେ ଶୁଦ୍ଧଚିତ୍ତ ନ୍ୟାୟବିଚାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଝଙ୍କାରର ସଂପାଦକୀୟ ପୃଷ୍ଠାମାନଙ୍କରେ ଗ୍ରାମ୍ୟ ସମସ୍ୟା, ଗାଁ ଗହଳିରେ ବସବାସ

---

୧୨. ଝଙ୍କାର ସଂପାଦକୀୟ - ୩୮ ବର୍ଷ, ୯ମ ସଂଖ୍ୟା, ଡିସେମ୍ବର ୧୯୮୬।

୧୩. ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଭାଗ, ୧୯୯୪, ଗାଁ ଗହଳ - ପୃ -୧୭

କରୁଥିବା ଜନସାଧାରଣଙ୍କର ଜୀବନଧାରଣ ମାନର ଉନ୍ନତି ପାଇଁ ତାଙ୍କର ମତାମତ ପ୍ରଶଂସାର୍ହ ।

ବରେଣ୍ୟ ପ୍ରାଚୀନ କବିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ 'ପ୍ରତିଭା ପୂଜା' ଶୀର୍ଷକ ସଂପାଦକୀୟରେ କୃତ୍ତିବାସ, ସାରଳାଦାସ, ଜଗନ୍ନାଥ ଦାସ, ଜଳନ୍ଧର ଦେବ, ଲକ୍ଷ୍ମୀକାନ୍ତ, ଉପେନ୍ଦ୍ରଭଂଜଙ୍କ ସାରସ୍ୱତ ପ୍ରତିଭାର ଦିଗ, ସେମାନଙ୍କ ଜୟନ୍ତୀ ଓ ମହାପ୍ରୟାଣ ଦିବସ ପାଳନର ଆବଶ୍ୟକତାକୁ ଆଲୋଚନା କରି କହିଛନ୍ତି, ''ପ୍ରାଚୀନ କବି ଓ ସାହିତ୍ୟିକମାନଙ୍କ ସ୍ମୃତିପୂଜାର ଉଦ୍ଦେଶ୍ୟ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି, ଏଥିରେ ସନ୍ଦେହ ନାହିଁ । ଏଣୁ ଜୟନ୍ତୀ ପାଳନ ସଙ୍ଗେ ସଙ୍ଗେ ନୂତନ ସାହିତ୍ୟ ପ୍ରତି ଦୃଷ୍ଟି ଦେବାକୁ ହେବ ।[୧୪] ପ୍ରତିଭା ପୂଜାକୁ ଗୁରୁତ୍ୱ ଦେଉଥିବା ଏହି ସୁପୁରୁଷ ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି, ଗୋପାଳ ଛୋଟରାୟ ଆଦିଙ୍କ ସାଧନା ଓ ସିଦ୍ଧି ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ 'ମାଟିର ମଣିଷ' ଓ 'ପରକଲମ' ଆଦି ସାରସ୍ୱତ କୃତି ଉପରେ ମଧ୍ୟ ଚର୍ଚ୍ଚା କରିଛନ୍ତି । ଭାଷା-ସାହିତ୍ୟ ସହିତ ବିଜ୍ଞାନ ପ୍ରତ୍ନତତ୍ତ୍ୱ ଆଦି ବିଭିନ୍ନ କ୍ଷେତ୍ରରେ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଯଶଲାଭ କରିଥିବା ବରେଣ୍ୟ ବରପୁତ୍ରଙ୍କ ବିଷୟରେ ଡଃ ମୂଲକ୍‌ରାଜ ଆନନ୍ଦ, ଅର୍ନେଷ୍ଟ, ହେମିଙ୍ଗୱେ, ଜେମ୍‌ସ ହିଲ୍‌ଟନ, ଅଧ୍ୟାପକ ସୁବ୍‌ବା ରାଓ, ବିଶ୍ୱକବି ରବୀନ୍ଦ୍ର, ସ୍ୱର୍ଗୀୟ ଡଃ ଆଇନ୍‌ଷ୍ଟାଇନ, ସୁନନ୍ଦା ପଟ୍ଟନାୟକ, ସେକ୍‌ସପିୟର ଜନ୍ମବାସର, ଗାନ୍ଧୀ ଜୟନ୍ତୀ ଶୀର୍ଷକରେ ଆଲୋଚନା କରାଯାଇଛି । ଏହି ସବୁ କ୍ଷେତ୍ରରେ ତାଙ୍କର ଦୃଷ୍ଟିଭଙ୍ଗୀ ଯେ କେତେ ବ୍ୟାପକ, ଅନୁଶୀଳନ ଯେ କେତେ ଗଭୀର ତାହା ଲକ୍ଷ୍ୟ କରିବାର କଥା ।

ସଂସ୍କୃତି ଓ ପରମ୍ପରା ପ୍ରତି ଡଃ ମହତାବଙ୍କ ଗଭୀର ଶ୍ରଦ୍ଧା ହେତୁ ନୃତ୍ୟ, କଳା, ସ୍ଥାପତ୍ୟ, ପ୍ରତ୍ନତତ୍ତ୍ୱ ସଂପର୍କରେ ତାଙ୍କର ସ୍ୱାଧୀନ ମତ 'ସାଂସ୍କୃତିକ ଉତ୍ସବ', 'ଉତ୍ସବ ଓ ସଂସ୍କୃତି', 'ଖୋଲାଯାତ୍ରା' ଆଦି ଆଲୋଚନାରେ ପରିଲକ୍ଷିତ । ଓଡ଼ିଶାର ସଂସ୍କୃତି ଓ ସାହିତ୍ୟକୁ ସମୃଦ୍ଧ କରୁଥିବା ଅନୁଷ୍ଠାନ (ଓଡ଼ିଆ ଲେଖକ ସହଯୋଗ ସମିତି, ଉତ୍କଳ ସାହିତ୍ୟ ସମାଜ, ପ୍ରବାସୀବଙ୍ଗ ସାହିତ୍ୟ ପରିଷଦ, ଗାନ୍ଧୀ ସ୍ମାରକୀ ନିଧି, ସାହିତ୍ୟ ଏକାଡେମୀ, ସଂଗୀତ ନୃତ୍ୟ ଏକାଡେମୀ, ପ୍ରଜାତନ୍ତ୍ର କଳାମଣ୍ଡପ) ଆଦି ଉନ୍ନତି ପାଇଁ ସେ ସର୍ବଦା ଆଗ୍ରହୀ ଥିଲେ । ଏଣୁ ପଡୋଶୀ ରାଜ୍ୟ ଓ ବିଦେଶର ସାଂସ୍କୃତିକ ଅନୁଷ୍ଠାନଗୁଡିକ କିପରି ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ତାହା ଦର୍ଶାଇ ଆମ ରାଜ୍ୟରେ

୧୪. ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଭାଗ, ୧୯୯୪, ଭଞ୍ଜ ଜୟନ୍ତୀ, - ପୃ -୨୨୭

ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କର ଦୃଷ୍ଟିଭଙ୍ଗୀ ସଂପ୍ରସାରଣ ପାଇଁ ଲେଖାଗୁଡିକରେ ସୂଚନା ଦେଇଥିଲେ । ସଂପାଦକୀୟ ମନ୍ତବ୍ୟ ଦ୍ୱାରା ଡଃ ମହତାବ ନିଜର ଶ୍ରଦ୍ଧା ଓ ଶୁଭେଚ୍ଛା ଜ୍ଞାପନ ସହ ଏହାର ସୁପରିଚାଳନା ପାଇଁ ସୁଚିନ୍ତିତ ମତାମତ ଓ ପୃଷ୍ଠପୋଷକମାନଙ୍କୁ ନିଜର ପରାମର୍ଶ ଦେଇଥିଲେ 'ଲେଖକଙ୍କ ପ୍ରତି', 'ଅସୁସ୍ଥ ମନୋବୃତ୍ତି', 'ପ୍ରଣିଧାନର ବିଷୟ', 'ରୁଚିର ଦୋଷ', 'ଗବେଷଣା ବିଷୟରେ ପଦେ', 'କବିଙ୍କୁ ଅନୁରୋଧ' ପ୍ରଭୃତି ଶୀର୍ଷକ ଆଲୋଚନାରେ । ସୃଜନାତ୍ମକ ରଚନା ସହିତ ଗବେଷଣା ଆଦି କ୍ଷେତ୍ରରେ ସୁସ୍ଥ ପରଂପରା ବଜାୟ ରଖିବା ପାଇଁ ଆଲୋଚନାରେ ପରାମର୍ଶ ତାଙ୍କ ନିଷ୍ଠାପର ଉଦ୍ୟମର ପରିଚୟ ଦିଏ । ଏହି ପରିପ୍ରେକ୍ଷୀରେ ଡଃ ମାୟାଧର ମାନସିଂହଙ୍କ ଝଙ୍କାରରେ ପ୍ରକାଶିତ ତରୁଣ ପ୍ରାବଂଧିକ ଚିତ୍ତରଂଜନ ଦାସଙ୍କ ଉପରେ ଲିଖିତ ପ୍ରବଂଧକୁ ପ୍ରବଂଧ ଭାବରେ ପ୍ରକାଶ ନକରି ସଂପାଦକୀୟରେ ସଂଯୋଜିତ କରିବା ଉଚିତ ବୋଲି ସଚେତନ କରାଇ ଦେଇଥିଲେ । ଠିକ୍ ସେହିପରି ଝଙ୍କାର ୧୯୫୫ ଜୁଲାଇର ସଂପାଦକୀୟରେ ପଣ୍ଡିତ ନୀଳକଣ୍ଠ ଦାସ ଓ ମାୟାଧର ମାନସିଂହଙ୍କ ଭିତରେ ଏକ ସାଧାରଣ ପ୍ରଚଳିତ ସଂସ୍କୃତ ଶ୍ଳୋକର ବ୍ୟାଖ୍ୟା ନେଇ ଯେଉଁ ମତଦ୍ୱୈଧ ରହିଥିଲା ଡଃ ମହତାବ ହିଁ ମୂଳ ସଂସ୍କୃତ ଶ୍ଳୋକ ଉଦ୍ଧାର କରି ଏହାର ସମାଧାନ କରିଥିଲେ । ଜଣେ ସୁଯୋଗ୍ୟ ସଂପାଦକର ଭୂମିକା ସାହିତ୍ୟ ଓ ଭାଷାର ଉନ୍ନତି ଓ ପରିମାର୍ଜିତ ପାଇଁ କେତେ ଯେ ଆବଶ୍ୟକ ତାହା ଏଥିରୁ ବୁଝାପଡେ । ଝଙ୍କାରର ପଞ୍ଚମ ବର୍ଷ ୪ର୍ଥ ସଂଖ୍ୟା ୩୫୩-୩୫୬ ପୃଷ୍ଠାରେ ପ୍ରକାଶିତ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ଦ୍ୱାରା ଲିଖିତ 'ଭୁବନେଶ୍ୱରରେ ଚୋଡଗଙ୍ଗଙ୍କ ଶିଳାଲିପି' ପ୍ରତି ଅଧ୍ୟାପକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମହତାବଙ୍କ ଦୃଷ୍ଟି ଆକର୍ଷଣ କରି ପୂର୍ବରୁ ତାଙ୍କ ଦ୍ୱାରା ଲିଖିତ 'ଥ୍ରୀ ଟେମ୍ପଲ ଇନ୍‌ସକ୍ରିପ୍‌ସନ ଫ୍ରମ୍ ଭୁବନେଶ୍ୱର' ଶୀର୍ଷକ ଲେଖାକୁ ସୂର୍ଯ୍ୟନାରାୟଣ ଦାସ ନିଜର ବୋଲି ପ୍ରକାଶ କରିଥିବାର ଅଭିଯୋଗ କରିଥିଲେ । ଏହା ଉପରେ ୫ମ ବର୍ଷ ୯ମ ସଂଖ୍ୟା ସଂପାଦକୀୟରେ ଡଃ ମହତାବ ଲେଖିଥିଲେ, ''ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ'ଟି ପଢ଼ିବା ପ୍ରତ୍ୟେକ ଗବେଷକର ପ୍ରଥମ କାର୍ଯ୍ୟ । ଏଣୁ ଏଥିପ୍ରତି ଦୃଷ୍ଟି ରହିନାହିଁ ବୋଲି ଯୁକ୍ତି ଦେଖାଇବା ମଧ୍ୟ ଠିକ୍ ନୁହେଁ । ଏଠାରେ ସଂପାଦକୀୟ ହିସାବରେ ଆମେ ମଧ୍ୟ ତ୍ରୁଟି ସ୍ୱୀକାର କରୁଛୁଁ ଯେ ପ୍ରବଂଧ ପ୍ରକାଶ ପୂର୍ବରୁ ସେହି ସମ୍ବନ୍ଧରେ ପ୍ରକାଶିତ ପୂର୍ବ ପ୍ରବଂଧ ପ୍ରତି ଆମେ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରି ପାରିଲୁ ନାହିଁ ସେଥିପାଇଁ ଆମ୍ଭେମାନେ ଦୁଃଖିତ । ମାତ୍ର ପରେ ୫ ବର୍ଷ ୧୦ମ ସଂଖ୍ୟାରେ ଶ୍ରୀ ସୂର୍ଯ୍ୟନାରାୟଣ ଦାସଙ୍କ ଦ୍ୱାରା ନିଜ ପ୍ରବନ୍ଧର ମୌଳିକତାକୁ ଦର୍ଶାଇ ଲିଖିତ ପତ୍ରକୁ ଝଙ୍କାର (୫ମ ବର୍ଷ, ୧୧ଶ ସଂଖ୍ୟା) ରେ ସ୍ଥାନିତ କରିଥିବା ଦେଖାଯାଏ । ଏହି କଥାରୁ

ବିଚାରକୁ ନେଇ ସାହିତ୍ୟର ଉନ୍ନତି ପାଇଁ ଡଃ ମହତାବ ଯେ କେତେ ଉଦାର ତାହା ସ୍ପଷ୍ଟ ହୋଇଯାଏ। ପତ୍ରିକାରେ ସ୍ଥାନିତ ରଚନାର ତ୍ରୁଟି ଦର୍ଶାଇ ଯେଉଁସବୁ ପତ୍ର ତାଙ୍କ ପାଖକୁ ଆସୁଥିଲା ତାହାର ଆଲୋଚନା ସେ ସମ୍ପାଦକୀୟ ସ୍ତମ୍ଭରେ କରୁଥିବାର ଦେଖାଯାଏ।

ଝଙ୍କାରର ପ୍ରତିଷ୍ଠା ତଥା ଲୋକପ୍ରିୟତା ଲକ୍ଷ୍ୟରେ ସେ ପାଠକଙ୍କ ପାଖରୁ ଆସୁଥିବା ସୁଚିନ୍ତିତ ମତାମତ ସମନ୍ୱିତ ଚିଠିପତ୍ରର ବିଶ୍ଳେଷଣ କରିବାକୁ ଭୁଲିଯାଇ ନଥିଲେ। ପୂର୍ବ ସଂଖ୍ୟାମାନଙ୍କରେ ଝଙ୍କାରରେ ସ୍ଥାନିତ ପ୍ରବନ୍ଧ ଓ ସମାଲୋଚନାର ତର୍ଜମା କରି ସେ ପାଠକମାନଙ୍କ ଅବଧାରଣାକୁ ସ୍ପଷ୍ଟ କରି ଦେଇଥିଲେ। ଏପରିକି ଲେଖକମାନଙ୍କ ଉପରେ କାହାର ପ୍ରଭାବ ବା କେଉଁଠୁ କିଏ ଚୋରୀ କରିଛନ୍ତି, ସେଗୁଡିକୁ ଡଃ ମହତାବ ନିଜର ଦୃଷ୍ଟିକୋଣରୁ ବିଚାର କରିଥିବା ଦେଖାଯାଏ।

ଆମ ସମାଜର ଜନଜୀବନ ଧର୍ମ ସହ ଓତପ୍ରୋତ ଭାବେ ଜଡିତ। ଏହାକୁ ଡଃ ମହତାବ ବେଶ୍ ହୃଦୟଙ୍ଗମ କରିଥିଲେ। ଏଣୁ ଧର୍ମ ଓ ଧାର୍ମିକ ପରଂପରା ସର୍ମ୍ପକରେ ବହୁ ଆଲୋଚନା ସଂପାଦକୀୟ ସ୍ତମ୍ଭରେ କରାଯାଇଥିଲା। ଏହି ଆଲୋଚନାଗୁଡିକର ସ୍ଥଳ ବିଶେଷରେ ବେଦ, ଉପନିଷଦ, ଶ୍ରୀଚଣ୍ଡୀ, ରଘୁବଂଶ, ମହାଭାରତ ଆଦିରୁ ଶ୍ଳୋକ ସନ୍ନିବେଶିତ କରାଯାଇଛି। 'ଆଧ୍ୟାତ୍ମିକ ଯୁଗର ଆରମ୍ଭ', 'ଶ୍ରୀଦୁର୍ଗାପୂଜା', 'ଶକ୍ତି ଆବାହନ', 'ଶ୍ରୀଜଗନ୍ନାଥ', 'ଦର୍ଶନ ଓ ଆଚରଣ', 'ଭାରତର ଆଧ୍ୟାତ୍ମିକତା', 'ଜଗନ୍ନାଥ ବର୍ତ୍ତମାନ ବସ୍ତୁତଃ ଜଗତରନାଥ' ଶୀର୍ଷକ ଆଲୋଚନା ଯେପରି ତଥ୍ୟନିଷ୍ଠ ସେହିପରି ହୃଦୟଗ୍ରାହୀ। 'ଗ୍ରୀକ୍ ଦର୍ଶନ ଉପରେ ହିନ୍ଦୁଧର୍ମର ପ୍ରଭାବ ଉପନିଷଦରୁ ପ୍ଲେଟୋଙ୍କ ପର୍ଯ୍ୟନ୍ତ ଆତ୍ମାର ବିଜୟ ଯାତ୍ରା' ଶୀର୍ଷକ ଆଲୋଚନାରେ ଯୁକ୍ତରାଷ୍ଟ୍ର ଆମେରିକାର 'ଡିଉକ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଟିମୋଥି ଜେ. ଲେପେଂଭିସ୍‌ଙ୍କ ଏ ସଂପର୍କୀୟ ପୁସ୍ତକର ସମୀକ୍ଷାତ୍ମକ ବିବରଣୀ ପ୍ରକାଶ ପାଇଥିଲା।

ଝଙ୍କାରର ସଂପାଦକ ଭାବେ ଡଃ ମହତାବ ଓଡ଼ିଶାରେ ନୂତନ ଭାବେ ପ୍ରକାଶ ପାଉଥିବା ପତ୍ରପତ୍ରିକାର କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜ୍ଞାପନ କରି ସେ ପତ୍ରପତ୍ରିକାର ଲେଖା ଉପରେ ମନ୍ତବ୍ୟ ପ୍ରଦାନ କରୁଥିବାର ପ୍ରମାଣ ସଂପାଦକୀୟ ପୃଷ୍ଠାରୁ ମିଳେ।'ସାଂପ୍ରତିକ', 'ପୋଏଟ୍ରି ଟାଇମ୍‌ସ', 'ଏଷଣା' ଆଦି ପତ୍ରିକାର କର୍ମକର୍ତ୍ତାମାନଙ୍କୁ ପ୍ରେରଣାଦେଇ ଆଗେଇ ଯିବା ପାଇଁ ଉତ୍ସାହ ପ୍ରଦାନ କରିଅଛନ୍ତି। ଓଡ଼ିଆ ସାହିତ୍ୟର ଗୁଣାତ୍ମକ ବିକାଶରେ କାର୍ଯ୍ୟରତ ପତ୍ରପତ୍ରିକା ପ୍ରତି 'ଝଙ୍କାର'ର ଦୃଷ୍ଟିଭଙ୍ଗୀ ସ୍ପଷ୍ଟକରି ସେ ଲେଖିଛନ୍ତି, ''କ୍ରମେ ଓଡ଼ିଆ ସାହିତ୍ୟର ଗୁଣାତ୍ମକ ବିକାଶ ସାଧିତ ହେଉଛି। ଫଳରେ ବର୍ତ୍ତମାନ ଉଚ୍ଚଧରଣର ଏକାଧିକ ପତ୍ରପତ୍ରିକା ପ୍ରକାଶିତ ହେଉଛି। ଝଙ୍କାର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି। ଝଙ୍କାର

କାହାରିକୁ ପ୍ରତିଦ୍ୱନ୍ଦୀ ମନେ କରୁନାହିଁ। ସମସ୍ତଙ୍କୁ ସାହାଯ୍ୟ କରିବା ଏବଂ ସମସ୍ତଙ୍କ ଉନ୍ନତିରେ ଆନନ୍ଦ ଓ ଗର୍ବ କରିବା ହେଉଛି 'ଝଙ୍କାର'ର ଧର୍ମ ।"[୧୫] ବ୍ୟକ୍ତିଗତ ଈର୍ଷା ବା ବିଦ୍ୱେଷ ରଖି କୌଣସି ପତ୍ରିକାରେ ପ୍ରକାଶିତ ଲେଖାକୁ ସେ ବିରୋଧ କରିବାକୁ ପସନ୍ଦ କରୁ ନଥିଲେ। ଓଡ଼ିଆ ସାହିତ୍ୟ ମାନସିକ ରିପୁମୁକ୍ତ ହେଲେ ଉଚ୍ଚ ଶ୍ରେଣୀର ସାହିତ୍ୟ ସୃଷ୍ଟି ହେବା ସମ୍ଭବ - ଏହା ଥିଲା ତାଙ୍କର ମତ।

ଦୀର୍ଘ ୩୬ ବର୍ଷ (୧୯୪୯-୧୯୮୪)ର ଝଙ୍କାର ସଂପାଦନା କ୍ଷେତ୍ରରେ ଡକ୍ଟର ମହତାବଙ୍କ ସବୁ ବିଚାରଧାରା ସଂପାଦକୀୟ ସ୍ତମ୍ଭରେ ଉଦ୍‌ଭାସିତ। ଏହି କାଳରେ ଝଙ୍କାର ଥିଲା ପୃଷ୍ଠପୋଷକତାର ବାର୍ତ୍ତାବହ। ବଡଭାଇ ପରି ଉତ୍ସାହ ଓ ପ୍ରେରଣାଦାତା। ଦିଗ୍‌ଦର୍ଶନ ଦେଇ ଅନ୍ୟ ପତ୍ରିକା ବା ଲେଖକଙ୍କୁ ପ୍ରୋତ୍ସାହନ ଦେବାରେ ସବୁଠୁ ବଡ଼ ଅଗ୍ରଦୂତ। ଓଡ଼ିଆ ସାହିତ୍ୟ ପତ୍ରିକା ଇତିହାସରେ ଏପରି କୃତିତ୍ୱ ଅନ୍ୟ କୌଣସି ପତ୍ରିକାକୁ ଏଯାଏ ମିଳିନାହିଁ। "୩୬ ବର୍ଷ ମଧ୍ୟରେ ସେ ଯେତେ ସଂପାଦକୀୟ ଲେଖିଛନ୍ତି, ସେଥିରେ ସାହିତ୍ୟିକ ମୂଲ୍ୟାୟନ ଓ ଅନୁଶୀଳନ, କଳା ଓ ସଂସ୍କୃତିର ବିଚାର ଓ ସେଥିପାଇଁ ପ୍ରୋତ୍ସାହନ ମୁଖ୍ୟତଃ କେବଳ ଓଡ଼ିଶା ମଧ୍ୟରେ ସୀମାବଦ୍ଧ ନୁହେଁ, ଜାତୀୟ ଓ ଆନ୍ତର୍ଜାତିକ ସାରସ୍ୱତ ଅଙ୍ଗନ ଯାଏ ପରିବ୍ୟାପ୍ତ ହୋଇଛି ସେ ପରିସର ।"[୧୬] ବାସ୍ତବିକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ, ସାହିତ୍ୟିକ ସମ୍ମୁଖୀନ ହେଉଥିବା ସମସ୍ୟା, ଶିକ୍ଷା, ସଂସ୍କୃତି, ଅର୍ଥନୈତିକ ଓ ସାମାଜିକ ଉନ୍ନୟନ ତଥା ରାଜନୈତିକ ବ୍ୟାପାର ସଂପର୍କରେ ଡଃ ମହତାବ ସୁଦୂର ପ୍ରସାରୀ ଦୃଷ୍ଟିଭଙ୍ଗୀ ଝଙ୍କାରକୁ ଅନନ୍ୟ ପ୍ରତିଷ୍ଠା ଦେଇଛି। ଏଥିପାଇଁ ନିରପେକ୍ଷତା, ସତ୍ୟନିଷ୍ଠା, ଦିଗଦର୍ଶନ ଓ ଆଭିଜାତ୍ୟର ପ୍ରତୀକ ରୂପେ ଝଙ୍କାର ମୁଣ୍ଡ ଟେକିଛି।

ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଝଙ୍କାର ହାସଲ କରିଥିବା ଅଭୂତପୂର୍ବ ସଫଳତାକୁ ଡଃ ମହତାବ ସ୍ୱୀକାର କରୁଥିଲେ ମଧ୍ୟ ବିଭିନ୍ନ କାରଣରୁ ସଂପୂର୍ଣ୍ଣ ସନ୍ତୁଷ୍ଟ ନଥିଲେ। ତାଙ୍କର ସଂପାଦକୀୟ ମନ୍ତବ୍ୟରେ ଏହି ମନୋଭାବ ଅନେକ ସ୍ଥାନରେ ପରିଦୃଷ୍ଟ ହୁଏ। ୧୯୬୧ ଅଗଷ୍ଟ ଝଙ୍କାର ସଂପାଦକୀୟରେ ସେ କହିଥିଲେ, "ଖ୍ରୀ ୧୯୪୯ରେ ଝଙ୍କାର ଯେତେବେଳେ ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳକୁ ଓଡ଼ିଶାର ସାହିତ୍ୟିକ ପରିସ୍ଥିତି ସହିତ ଆଜିର ପରିସ୍ଥିତିକୁ ତୁଳନା କଲେ ସହଜରେ ଜଣାଯିବ ଝଙ୍କାର କିଛି ସଫଳତା ଅର୍ଜନ କରିଛି କି ନାହିଁ। ମୋର ମନେହୁଏ, ଗତ ତେର ବର୍ଷର କାର୍ଯ୍ୟରେ ସନ୍ତୋଷ ତଥା ଗର୍ବ କରିବା ପାଇଁ ଏ ସାହିତ୍ୟ ପତ୍ରିକାର କାରଣ ଅଛି। କିନ୍ତୁ ସେଇଠି

୧୫. ସାହିତ୍ୟର ମାର୍ଗ ଉନ୍ମୋଚନ, ୩ୟ ଭାଗ, (୧୯୯୪) - ପୃ -୬୧

୧୬. ସାହିତ୍ୟର ମାର୍ଗ ଉନ୍ମୋଚନ, ୧ମ ଭାଗ, (୧୯୯୪), ଦୁଇ ପଦକ

ଅଟକି ଗଲେ ଚଳିବ ନାହିଁ।'' ଉନ୍ନତି ଓ ବିକାଶ ଏକ ନିରବଚ୍ଛିନ୍ନ ପ୍ରବାହ। କୌଣସି କାଳରେ ତାହା ସ୍ତବ୍ଧ ହେଲେ ଗତିହୀନ ବୋଲି କୁହାଯିବ। ଅସନ୍ତୋଷର ପାଦ ଆଗେଇ ଯାଏ। ସନ୍ତୋଷର ପାଦ ସର୍ବଦା ବନ୍ଧା। ଏପରି ଚିନ୍ତାଧାରା ଝଙ୍କାର ପରିଚାଳନା ପାଇଁ ଉତ୍ସାହ ଦେଇଥିଲା।

ଡଃ ମହତାବଙ୍କ ଦ୍ୱାରା ଲିଖିତ ଝଙ୍କାରର ସଂପାଦକୀୟଗୁଡିକର ରଚନାଶୈଳୀ ସରଳ, ସାବଲୀଳ ଓ ଅନୁଭବସିଦ୍ଧ। କଥିତ ଶବ୍ଦ ସହିତ, ତତ୍‌ସମ ଓ ତଦ୍‌ଭବ ଶବ୍ଦାବଳୀର ପ୍ରୟୋଗ ତାଙ୍କ ଲେଖାକୁ ରସମୟ କରିଛି। ବିଭିନ୍ନ ଧର୍ମଶାସ୍ତ୍ର ଓ ସଂସ୍କୃତ କାବ୍ୟରୁ ଶ୍ଳୋକମାନ ଉଦ୍ଧାର କରିଛନ୍ତି ସେ ଆଲୋଚନାକୁ ପ୍ରାଣବନ୍ତ ଓ ଯୁକ୍ତିପୂର୍ଣ୍ଣ କରିବାପାଇଁ। ଡଃ ମହତାବଙ୍କ ସଂପାଦକୀୟ ବେଶ୍ ସଂକ୍ଷିପ୍ତ ଓ ଭାବ ସରଳ। ଅଧିକାଂଶ ସଂପାଦକୀୟ ସ୍ତମ୍ଭରେ ଏକାଧିକ ବିଷୟ ଆଲୋଚିତ ହୋଇଥିବାର ଦେଖାଯାଏ। ଏହାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ସର୍ବକାଳୀକ ଆବେଦନ। ଏହି ସର୍ବକାଳୀକ ଆବେଦନ ହେତୁ ଡଃ ମହତାବଙ୍କ ପୁରାତନ ସଂପାଦକୀୟଗୁଡିକୁ ପୁନଶ୍ଚ ୨୭ ବର୍ଷ ୧୦ମ ସଂଖ୍ୟା (ଜାନୁୟାରୀ - ୧୯୭୬) ଠାରୁ କ୍ରମାଗତ ଭାବେ ଅତୀତ ପୃଷ୍ଠାରୁ ସ୍ମୃତିଚାରଣ ଶିରୋନାମାରେ ପ୍ରକାଶ କରାଯାଇଛି। ତାଙ୍କର କେତେକ ଆଲୋଚନା ପ୍ରଶ୍ନୋତ୍ତର ଶୈଳୀରେ ରଚିତ। 'ଝଙ୍କାରର ସଂପାଦକୀୟ ନୀତି ସଂପର୍କୀୟ ସୂଚନା' ଶୀର୍ଷକ ତାଙ୍କର ଶେଷ ସଂପାଦକୀୟ ଆଲୋଚନା ଛଅଗୋଟି ପ୍ରଶ୍ନୋତ୍ତର ସମ୍ବଳିତ ଏକ ଅନନ୍ୟ ରଚନା। ବିଚାର ବିଶ୍ଳେଷଣ, ଅନୁଚିନ୍ତନଧର୍ମୀ ଟିପ୍‌ପଣୀ, ମନ୍ତବ୍ୟ ଓ ମତାମତ, ଉତ୍‌ଥାପିତ ପ୍ରଶ୍ନୋତ୍ତରମୂଳକ ଲେଖା ମାଧ୍ୟମରେ ତାଙ୍କର ଅଦମ୍ୟ ଚେଷ୍ଟା ଆଡ଼ି ବିଡ଼ଳ। ଏହି ସୂକ୍ଷ୍ମ ବିଚାରଧାରା ସଂପନ୍ନ ସଂପାଦକୀୟ ଅନୁଚିନ୍ତାକୁ ବହୁ ସାହିତ୍ୟିକ ଭୂରି ଭୂରି ପ୍ରଶଂସା କରିଥିବାର ଦେଖାଯାଏ। ଡଃ ମାନସିଂହ ଡଃ ମହତାବଙ୍କ ନିକଟକୁ ପ୍ରେରିତ ପତ୍ରରେ ଏକଦା ଲେଖିଥିଲେ, ''ନବପ୍ରକାଶିତ ଝଙ୍କାରରେ ଆପଣଙ୍କ ସମସ୍ତ ସଂପାଦକୀୟ ଚିନ୍ତା ଉଦ୍ରେକକାରୀ। ବେଶୀ ମୋର ମନକୁ ଘେନିଛି 'ଯାତ୍ରା' ସଂପର୍କିତ ମନ୍ତବ୍ୟ। ମୁଁ ଆପଣଙ୍କ ସଙ୍ଗେ ଏକାନ୍ତ ଭାବେ ଏକମତ ଯେ ଯାତ୍ରା ଓ ପୁରାଣ ହିଁ ଆମ ଦେଶର ଗଣ ସାହିତ୍ୟ।'' ବାସ୍ତବିକ ଡଃ ମହତାବଙ୍କ ଝଙ୍କାର ସଂପାଦକୀୟଗୁଡିକ ଚିନ୍ତା ଉଦ୍ରେକକାରୀ। ବହୁ ସଂପାଦକୀୟରେ ଡଃ ମହତାବଙ୍କୀଙ୍କ ଦୂରଦୃଷ୍ଟି ସଂପନ୍ନ ଆଲୋଚନା, ମତାମତ ଓ ମନ୍ତବ୍ୟ ପରବର୍ତ୍ତୀ ସମୟରେ ସାହିତ୍ୟିକ ଓ ଗବେଷକଙ୍କୁ ସେ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଡଃ ମହତାବଙ୍କ ସଂପାଦକୀୟ[୧୭]ରେ ରାୟ ରାମାନନ୍ଦଙ୍କ ସଂପର୍କିତ ସୂଚନା ବୃନ୍ଦାବନ ଚନ୍ଦ୍ର ଶର୍ମାଙ୍କୁ ରାୟ ରାମାନନ୍ଦ[୧୮] ଶୀର୍ଷକ ପ୍ରବନ୍ଧ

୧୭. ଝଙ୍କାର ସଂପାଦକୀୟ, ୨ୟ ବର୍ଷ ୬ଷ୍ଠ (୧୯୫୦, ସେପ୍ଟେମ୍ବର) ସଂଖ୍ୟା।

୧୮. ନାଥ ଶର୍ମା, ବୃନ୍ଦାବନ - ରାୟ ରାମାନନ୍ଦ (ଝଙ୍କାର ୨ୟ ବର୍ଷ, ୯ମ ସଂଖ୍ୟା) ପୃ-୮୫୩

ରଚନା କରିବାକୁ ପ୍ରୋତ୍ସାହନ ଯୋଗାଇଛି । ଏଥିରୁ ଓଡ଼ିଆ ସାହିତ୍ୟର ବିକାଶ ଓ ସମୃଦ୍ଧି ପାଇଁ ଝଙ୍କାରର ଗୁରୁତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନର ଭୂମିକା ସ୍ପଷ୍ଟ ହୋଇଯାଏ ।

ଝଙ୍କାରର ପରିଚାଳନା ସଂପାଦକ ରୂପେ ସତ୍ୟାନନ୍ଦ ଚମ୍ପତିରାୟ, ୫ମ ବର୍ଷ ଶେଷ ଅର୍ଦ୍ଧକର ପ୍ରାରମ୍ଭରୁ ଦାୟିତ୍ୱ ଗ୍ରହଣ କଲେ । ଡଃ ମହତାବ ଥିଲେ ରାଜନୀତି କ୍ଷେତ୍ରରେ ଜଣେ ପ୍ରତିପାଦିତ ପ୍ରତିଭା । ସକ୍ରିୟ ରାଜନୀତିରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଝଙ୍କାର ପାଇଁ ସୁଚିନ୍ତିତ ଚିନ୍ତାଗର୍ଭକ ସଂପାଦକୀୟ ପ୍ରସଙ୍ଗ ଲେଖୁଥିଲେ । ସତ୍ୟାନନ୍ଦ ଚମ୍ପତିରାୟ ଝଙ୍କାରର ପରିଚାଳନା ସଂପାଦକ ରୂପେ ଯୋଗ ଦେଇ ଦୀର୍ଘ ଦଶବର୍ଷର ଅଭିଜ୍ଞତା ହାସଲ କଲାପରେ ସଂପାଦକୀୟରେ ମଝିରେ ମଝିରେ ଲେଖନୀ ଚାଳନା କରିବାର ଦେଖାଯାଏ । ଶ୍ରୀ ଚମ୍ପତିରାୟଙ୍କ ପ୍ରଥମ ସଂପାଦକୀୟ 'ସାହିତ୍ୟର ଦାୟିତ୍ୱ' ଶୀର୍ଷକରେ ୧୫ଶ ବର୍ଷ ୪ର୍ଥ ସଂଖ୍ୟା ଝଙ୍କାରରେ ପ୍ରକାଶିତ ହୋଇଥିବା ଦେଖାଯାଏ । ଏହି ସଂପାଦକୀୟ ଆଲୋଚନାରେ ଶ୍ରୀ ଚମ୍ପତିରାୟ ନିର୍ଦ୍ଦିଷ୍ଟ ଯୁଗରେ ନିଜ ରଚନାକୁ ସୀମାବଦ୍ଧ ନ ରଖି ଯୁଗୋପଯୋଗୀ ଓ ସାର୍ବଜନୀନ ମୂଲ୍ୟବୋଧ ସଂପନ୍ନ ସାହିତ୍ୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ।

"ସାହିତ୍ୟ, ସଂସ୍କୃତି ଓ ଇତିହାସ ମଧ୍ୟରେ ଯୁଗ ଯୁଗର ଏକ ଅଖଣ୍ଡ ଯୋଗସୂତ୍ର ନିତ୍ୟ ବିଦ୍ୟମାନ । ତେଣୁ ପ୍ରତ୍ୟେକ କଳାବିତ୍ ଦେଶ କାଳ, ପାତ୍ର ସମସ୍ତ କଥା ହୃଦୟଙ୍ଗମ କରି ସାହିତ୍ୟରେ ତାର ରୂପ ଦେବା ଉଚିତ" ।[୧୯] ଠିକ୍ ସେହିପରି ସାହିତ୍ୟିକର ଆଦର୍ଶ (୧୫ଶ ବର୍ଷ, ୫ମ ସଂଖ୍ୟା), ସାହିତ୍ୟିକର ଲକ୍ଷ୍ୟ (୧୫ଶ ବର୍ଷ, ୬ଷ୍ଠ ସଂଖ୍ୟା), ପରିସ୍ଥିତିର କାମନା (୧୫ଶ ବର୍ଷ, ୮ମ ସଂଖ୍ୟା ସାହିତ୍ୟରେ ସ୍ଥାଣୁତ୍ୱ (୧୫ଶ ବର୍ଷ, ୧୧ଶ ସଂଖ୍ୟା), ଶୀର୍ଷକ ସଂପାଦକୀୟ ଆଲୋଚନାରେ ସାହିତ୍ୟକୁ ସତ୍ୟଶିବ ସୁନ୍ଦରର ଆଦର୍ଶ, ଆତ୍ମତତ୍ତ୍ୱକୁ ସାହିତ୍ୟ ସଂସ୍କୃତିର ମୂଳମନ୍ତ୍ର ରୂପେ ଗ୍ରହଣ କରି ଆସିଥିବା ଭାରତୀୟ ସାହିତ୍ୟ-ଆଦର୍ଶକୁ ଲେଖକ ଓ ଲେଖିକା ଗ୍ରହଣ କରି ବିଜ୍ଞାନ ଓ ଆଧ୍ୟାତ୍ମିକତାର ସୁସମନ୍ୱୟରେ ରୁଦ୍ଧିମନ୍ତ କରିବାକୁ ପରାମର୍ଶ ଦେଇଛନ୍ତି । "କର୍ମର କଥାରେ ଓ ଜ୍ଞାନର ଦୀପ୍ତିରେ ଏ ଦେଶ କର୍ମୋଜ୍ଜ୍ୱଳ ଓ ଜ୍ଞାନୋଦୀପ୍ତ ହୋଇଉଠୁ ।"[୨୦] ଏ ଇଚ୍ଛା ମଧ୍ୟ ସେ ପୋଷଣ କରିଛନ୍ତି । ଇଂଲଣ୍ଡର ତରୁଣ ଔପନ୍ୟାସିକ ଆଲଡ୍‌ସ ହକ୍‌ସଲିଙ୍କ ଦେହାବସାନ ସଂବାଦ ଦେଇ ତାଙ୍କ ରଚିତ 'ପଏଣ୍ଟ କାଉଣ୍ଟର ପଏଣ୍ଟ (Point Counter Point)' ବ୍ରେଭ୍ ନିଉ ୱାର୍ଲଡ (Brave new world)', ଆଫଟର ମେନି ଏ ସମର (After

୧୯. ଚଂପତିରାୟ, ସତ୍ୟାନନ୍ଦ - ସାହିତ୍ୟର ଦାୟିତ୍ୱ (ଝଙ୍କାର, ୧୫ଶ ବର୍ଷ, ୪ର୍ଥ ସଂଖ୍ୟା

୨୦. ଚଂପତିରାୟ, ସତ୍ୟାନନ୍ଦ - ସାହିତ୍ୟର ଦାୟିତ୍ୱ (ଝଙ୍କାର, ୧୫ଶ ବର୍ଷ ୪ର୍ଥ ସଂଖ୍ୟା

many a summar)' ଟାଇମ୍ ହାଓ ଏ ଷ୍ଟପ୍ (Time how a stop)' ଆଦି କୃତିର ସୂଚନା ସହ ଏହି ସାହିତ୍ୟ କର୍ମର ବୈଶିଷ୍ଟ୍ୟ ବିଷୟରେ ବିଚାରବିଶ୍ଳେଷଣ କରିଥିବା ବେଳେ 'ପୂଜ୍ୟପୂଜା' ଶୀର୍ଷକ ସଂପାଦକୀୟରେ ସାହିତ୍ୟିକ, ଐତିହାସିକ ପ୍ରତ୍ନତାତ୍ତ୍ୱିକ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସାଧନା ସିଦ୍ଧି ଏବଂ 'କବିତା ୬୨ ଓ ନୂତନ କବିତାର ଭୂମିକା' ପାଇଁ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କବି ଆଲୋଚକ ସଚ୍ଚିଦାନନ୍ଦ ରାଉତରାୟଙ୍କ ସଫଳତା ବିଷୟରେ ଉଲ୍ଲେଖ କରି କବିଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ସତ୍ୟାନନ୍ଦ ଚମ୍ପତିରାୟଙ୍କ ଯେଉଁ କେତେକ ଅଙ୍ଗୁଳିମେୟ ସଂପାଦକୀୟ ଆମକୁ ମିଳିଛି ତାହା ଲେଖକ ଲେଖିକା ପାଇଁ ପ୍ରେରଣାର ଉତ୍ସ । ସେଗୁଡିକ ସରଳ ଟିପ୍‌ପଣୀ ଓ ମନ୍ତବ୍ୟଧର୍ମୀ । ସାହିତ୍ୟ ଓ ସାହିତ୍ୟିକ କର୍ମ ସଂପର୍କୀୟ ଉଚିତ ଓ ଅନୁଚିତର ନୀତିବାଦ ସିଦ୍ଧାନ୍ତ ତାଙ୍କ ସଂପାଦକୀୟ ଆଲୋଚନାର ସ୍ୱାତନ୍ତ୍ର୍ୟ ।

୧୯୬୭ ମସିହା ବିଷୁବ ସଂଖ୍ୟା ଠାରୁ (୧୯ଶ ବର୍ଷ ୧ମ ସଂଖ୍ୟା) ବିକାଶୋନ୍ମୁଖୀ ଝଙ୍କାରର ପରିଚାଳନା ସଂପାଦକର ଦାୟିତ୍ୱ ଗ୍ରହଣ କଲେ ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁ । ୧୯ଶ ବର୍ଷ ୩ୟ ସଂଖ୍ୟାରେ ପ୍ରକାଶିତ ହେଲା ତାଙ୍କର ପ୍ରଥମ ସଂପାଦକୀୟ ଆଲୋଚନା 'ସାହିତ୍ୟିକର ନେତୃତ୍ୱ' । ୨୧ ବର୍ଷ ୬ଷ୍ଠ ସଂଖ୍ୟା ଯାଏ (ପରିଚାଳନା ସଂପାଦକରୁ ଅବ୍ୟାହତି ନେବା ପର୍ଯ୍ୟନ୍ତ) ତାଙ୍କର ସଂପାଦକୀୟ ଆଲୋଚନାଗୁଡିକ ଝଙ୍କାରର ଅନ୍ୟତମ ଆକର୍ଷଣ ଥିଲା । ବ୍ୟଙ୍ଗ ହାସ୍ୟରସ କଟୂକ୍ତିଭରା ତାଙ୍କର ବକ୍ତବ୍ୟ ବେଶ୍ ଶାଣିତ ଓ ମର୍ମସ୍ପର୍ଶୀ । କବିତ୍ୱର ବ୍ୟଞ୍ଜନାରେ ସମସ୍ତ ରଚନା ରସାଣିତ । ସଂକ୍ଷେପରେ କହଲେ ମହାପାତ୍ର ନୀଳମଣି ସାହୁଙ୍କ ସଂପାଦକୀୟ ହେଉଛି ରସାଳ ରଚନା । ଡକ୍ଟର ମହତାବଙ୍କ ସଂପାଦକୀୟ ଅଭିବ୍ୟକ୍ତି ଭଳି ଏହା ବିଚ୍ଛୁରିତ ଚେତନାର ପୁଞ୍ଜିଭୂତ ରୂପ ହୋଇ ନ ଥିଲେ ମଧ ସେ ସଂପାଦକୀୟ ଅନୁରୂପ ଏହା ଆବେଗଧର୍ମୀ ଓ ହୃଦୟଗ୍ରାହୀ ହୋଇପାରିଥିଲା । ଛୋଟ ଛୋଟ ଗଳ୍ପ ମାଧ୍ୟମରେ ନିଜର ବକ୍ତବ୍ୟ ଆଡକୁ ପାଠକ ଚିତ୍ତକୁ ଆକର୍ଷିତ କରିବାରେ ମହାପାତ୍ର ନୀଳମଣି ସାହୁ ସକ୍ଷମ ଥିଲେ । ସମସ୍ୟାଟିଏ ବାଢୁଥିଲେ ସମାଧାନ ପାଇଁ ଆନ୍ତରିକତା ପ୍ରକାଶ କରୁଥିଲେ ସେ । ଏହି ସମସ୍ୟାର ସମାଧାନ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ, ସାହିତ୍ୟର କବିତା ବିଭାଗରେ ଦୃଷ୍ଟିଗୋଚର ବିଭ୍ରାଟ ଓ ଅସାମଞ୍ଜସ୍ୟତାକୁ ଦୂର କରିବା ପାଇଁ ସଂସ୍କୃତି ପ୍ରିୟ ଓଡ଼ିଶାର ସଂସ୍କୃତି ପରମ୍ପରାକୁ ବଳିଷ୍ଠ କରିବା ପାଇଁ ସଂପାଦକୀୟ ଆଲୋଚନା ଅଭିପ୍ରେତ ଥିଲା । ଶ୍ରୀ ସାହୁଙ୍କ ସଂପାଦକୀୟର ବାକ୍ୟ ସଂରଚନାକୁ ଦୃଷ୍ଟି ଦେଇ ଏହାକୁ 'ହାଇପେନୀୟ - ସଂପାଦକୀୟ' କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାପାତ୍ର ନୀଳମଣି ସାହୁଙ୍କ ସମୟରେ ଝଙ୍କାରରେ

ପ୍ରକାଶିତ କେତୋଟି ସଂପାଦକୀୟରେ କାହାର (ସଂପାଦକ) ନାମୋଲ୍ଲେଖ କରାଯାଇ ନଥିଲେ ହେଁ ଶୈଳୀ ଦୃଷ୍ଟିରୁ ତାହା ସାହୁଙ୍କ ଦ୍ୱାରା ଲିଖିତ ବୋଲି ସ୍ପଷ୍ଟ ବାରି ହୋଇ ପଡେ । ଜନପ୍ରିୟତାକୁ ଦୃଷ୍ଟିରେ ରଖି ଝଙ୍କାରକୁ କ୍ଲାସ ଓ ମାସ (Class and Mass) ମାଗାଜିନ ମଝିଆଁ ମଝି ରଖିବା ପାଇଁ ଶ୍ରୀ ସାହୁ ଚାହୁଁଥିଲେ, ସେଥିପାଇଁ ସେ ତତ୍ତ୍ୱ ଅପେକ୍ଷା ରସକୁ ଅଧିକ ମର୍ଯ୍ୟାଦା ଦେଉଥିଲେ ।

ଓଡ଼ିଆ ଜାତିର ହୀନମନ୍ୟତା ଓ ଆଧୁନିକ ସଭ୍ୟତା ନାମରେ ଅସଂସ୍କୃତିକୁ ଆମନ୍ତ୍ରଣ କରି ସମାଜରେ ଆରୋପିତ କରିବାର ହୀନ ପ୍ରୟାସ ଓ ତାର ପ୍ରଭାବର ସମାଲୋଚନା ସଂପାଦକୀୟ ସ୍ତମ୍ଭରେ ବହୁଳ ପରିଲକ୍ଷିତ । ଉତ୍ପୀଡକ ସାହିତ୍ୟ ଓ ସାଂସ୍କୃତିକ ସମସ୍ୟାକୁ ରସାଳ ଭାବେ ଦକ୍ଷତାର ସହ ଉପସ୍ଥାପିତ କରାଯାଇଛି । ଆଲୋଚ୍ୟ ସଂପାଦକୀୟର ଏ ସମସ୍ତ ବିଶେଷତ୍ୱର ପ୍ରମାଣ ସ୍ୱରୂପ କେତୋଟି ଉଦାହରଣ ନିଆଯାଇପାରେ -

୧ ॥ "ପାରଳାଖେମୁଣ୍ଡିରେ ତେଲଗୁ 'ହରିକଥା' ଚାଲିଥିବ - ସବୁ ଶୀତରାତି ଆଉ ଖରାରାତି - । ଓଡ଼ିଆଙ୍କ ଦାସକାଠିଆ- ପାଲା କେବଳ ଥିବ ଭାଷାକୋଷ ଅଭିଧାନରେ- ବାରିପଦାରେ ଚାଲିଥିବ 'ରବୀନ୍ଦ୍ର ଜୟନ୍ତୀ', ଭଂଜଭୂମିରେ 'ଭଂଜ ଜୟନ୍ତୀ' ନଥିବ ବି ସ୍ୱପ୍ନରେ । ଭୁବନେଶ୍ୱରରେ ଚାଲିଥିବ ସାର୍ବଜନୀନ ଦୁର୍ଗାପୂଜାର ଉତ୍ସବ- ଓଡ଼ିଆଙ୍କର ରଜପର୍ବ, କୁଆଁର ପୁନେଇଁ ପର୍ବ- ଦୋଳପର୍ବ ଗାଁରେ ଉଜୁଆଁ ହେଉଥିବ ।"[୨୧]

୨ ॥ "୧ମ ବ୍ୟକ୍ତି - Last ଝଙ୍କାରରେ ସୀତାକାନ୍ତ ବାବୁଙ୍କର ସେଇ Poem ଟା ପଢ଼ିଲେ ପ୍ରମୋଦ ବାବୁ ?

୨ୟ ବ୍ୟକ୍ତି - Excuse me ଭାଇ, ମୁଁ ତୁମମାନଙ୍କର ଏଇ Modern poetry ଜମା tolerate କରିପାରେନା । No rhyme - no rthythm, କି curius image ! କି nonsense metaphor ! Language ର ତ question ଇ ନାହିଁ । What do they mean really !

ପାଠକେ ! ଅଳଂମତି ବିସ୍ତରେଣ । ଏତିକିରୁ ଆମର ମାତୃଭାଷାର ପରିଚୟ ମିଳିବ । ଆମର ବିଶ୍ୱାସ ଉପରେ ଯେଉଁ କଥାଗୁଡାକ କୁହାଯାଇଛି - ସେଗୁଡିକର ଓଡ଼ିଆ ପ୍ରତିଶବ୍ଦ ନିଶ୍ଚୟ ସୁଲଭ ।

x

୨୧. ଝଙ୍କାର ସଂପାଦକୀୟ - ୧୯ଶ ବର୍ଷ, ୩ୟ ସଂଖ୍ୟା

କେବଳ ଏକ ଅବହେଳା, ଅବଜ୍ଞା, ଅସାବଧାନତା, ବିଶୃଙ୍ଖଳା (ଓ କେତେକାଂଶରେ ଦାୟିତ୍ୱହୀନତା) ଆମକୁ ଗ୍ରାସିଯାଇଛି ଓ ଆମ ଭାଷାକୁ ଏମିତି ଏକ ବର୍ଣ୍ଣସଂକରୀୟ ରୂପ ଦେଇଛି ।''[୨୨]

୩ ।। '' ଜଣେ କୃତବିଦ୍ୟ ଉଚ୍ଚ ଶିକ୍ଷିତ ଓଡିଆଙ୍କ ଘରେ;

ବାପ ପଢନ୍ତି - ଇଲଷ୍ଟ୍ରେଟେଡ୍ ଉଇକ୍ଲି
ରିଡରସ ଡାଇଜେଷ୍ଟ
ମା ପଢନ୍ତି - ବଙ୍ଗଳା ସିନେମା ଜଗତ
ଉଲଟା ରଥ
ଝିଅ, ପୁଅ ଓ ବୋହୂ ପଢନ୍ତି - ଫେମିନା,
ଧର୍ମଯୁଗ୍
ମନୋହର କହାନୀୟା
ଫିଲିମ୍ ଫେୟାର୍ ।''[୨୩]

କେବଳ ଭାଷା ସାହିତ୍ୟ ସଂସ୍କୃତି ମଧ୍ୟରେ ମହାପାତ୍ର ନୀଳମଣି ସାହୁଙ୍କ ସଂପାଦକୀୟ ସୀମିତ ନୁହେଁ । 'ସୋଭିଏଟ୍ ସାହିତ୍ୟରେ ବହୁ ଜାତିକତା', 'ଭାରତର ସମସ୍ୟା- ସୀମା ନିର୍ଦ୍ଧାରଣ/ ଭାଷା ସମସ୍ୟା' 'ମାର୍କିନ୍ ଲୋକସଂଗୀତ ଗାୟକଦଳ', ଆଦି ଶୀର୍ଷକରେ ଜାତୀୟ ଓ ଆନ୍ତର୍ଜାତୀୟ ଘଟଣାକୁ ନେଇ ତାଙ୍କ ସଂପାଦକୀୟ ସମୃଦ୍ଧ । ଠିକ୍ ସେହିପରି ୧୯ଶ ବର୍ଷ ୫ମ ସଂଖ୍ୟାର ସଂପାଦକୀୟ ଆଲୋଚନାରେ 'କପି', 'କପିଧରା ସମସ୍ୟା', 'କପିଧାରୀ, ପ୍ରଣେତା', 'କପିଧରାଗଣ ନୋଟ୍ କରନ୍ତୁ', 'କପିଧାରୀମାନେ ଟିପି ନିଅନ୍ତୁ' ଶୀର୍ଷକରେ ଗୋଟିଏ ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ବିଶ୍ଳେଷଣ କରାଯାଇଛି ବ୍ୟଙ୍ଗାତ୍ମକ ଶୈଳୀରେ । ୧୦ଶ ବର୍ଷ ଚତୁର୍ଥ ସଂଖ୍ୟାରେ ସ୍ଥାନିତ 'ହସିବେ ନା !' ଶୀର୍ଷକ ସଂପାଦକୀୟ ଆଲୋଚନା ହସ ଉଦ୍ରେକକାରୀ । ଗୋଟିଏ ସଂପାଦକୀୟ ସ୍ତମ୍ଭରେ ଏକାଧିକ ଶିରୋନାମାରେ ହୋଇଥିବା ଆଲୋଚନା ଡଃ ମହତାବଙ୍କ ସଂପାଦକୀୟ ସହ ଶୈଳୀଗତ ସାମଞ୍ଜସ୍ୟ ରକ୍ଷାକରେ ।

ଝଙ୍କାରର ୨୫ବର୍ଷ ୧ମ ସଂଖ୍ୟା ୧୯୭୩ ଏପ୍ରିଲ ମାସରେ ଝଙ୍କାରର ପରିଚାଳନା ସଂପାଦକ ରୂପେ ଯୋଗ ଦେଲେ ସରୋଜରଂଜନ ମହାନ୍ତି । ପୂର୍ବରୁ ୨୦ ବର୍ଷ ୧ମ ସଂଖ୍ୟାଠାରୁ ସେ ସେହି ଝଙ୍କାରର ସହକାରୀ ପରିଚାଳନା ସଂପାଦନ ଭାବେ ଦାୟିତ୍ୱ

୨୨. ଝଙ୍କାର ସଂପାଦକୀୟ, ସାହିତ୍ୟିକର ନେତୃତ୍ୱ - ୧୯ଶ ବର୍ଷ ୩ୟ ସଂଖ୍ୟା

୨୩. ଝଙ୍କାର ସଂପାଦକୀୟ, - ୧୯ଶ ବର୍ଷ ୬ଷ୍ଠ ସଂଖ୍ୟା

ନିର୍ବାହ କରି ଆସିଥିଲେ । ମହାପାତ୍ର ନୀଳମଣି ସାହୁ ଝଙ୍କାର ଦାୟିତ୍ୱରୁ ଅବ୍ୟାହତି ନେବାପରେ ମଝିରେ ମଝିରେ ସଂପାଦକୀୟ ଆଲୋଚନା ସରୋଜ ରଂଜନ ମହାନ୍ତି ଲେଖିଲେ । ତାଙ୍କର ପ୍ରଥମ ସଂପାଦକୀୟ ଝଙ୍କାରର ୨୬ ବର୍ଷ ୪ର୍ଥ ସଂଖ୍ୟାରେ ପ୍ରକାଶ ପାଇଥିଲା, 'ସାରସ୍ୱତ ଜଗତର ଶୋକ - ଜଗତ୍ ବନ୍ଧୁ ମହାପାତ୍ର ଓ ଇ.ଏମ୍.ଫଷ୍ଟର' । ଏହି ସଂପାଦକୀୟ ଆଲୋଚନାଠାରୁ ଏ ଯାଏ ତାଙ୍କର ବହୁ ସଂପାଦକୀୟ ଆଲୋଚନା ଝଙ୍କାରରେ ସ୍ଥାନ ପାଇଛି ।

ଶ୍ରୀ ମହାନ୍ତିଙ୍କ ସଂପାଦକୀୟ ସାହିତ୍ୟ ସଂପର୍କୀୟ ସମୀକ୍ଷାତ୍ମକ ରଚନା । ସମୟର ପରିବର୍ତ୍ତନରେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ଦେଖା ଦେଇଥିବା ଆଲୋଡ଼ନ, ସାହିତ୍ୟ ସୃଷ୍ଟି, ସାରସ୍ୱତ ସମ୍ମାନ ଓ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ନିର୍ବାଚନକୁ ନେଇ ସୃଷ୍ଟିହୋଇଥିବା ବାଦ ବିସମ୍ବାଦ ଓ ସାହିତ୍ୟିକ ବିଭାଗରେ ଥିବା ଅଭାବବୋଧର କଥା ବହୁଳଭାବେ ଏଥିରେ ଉପସ୍ଥାପିତ । ଶ୍ରୀ ମହାନ୍ତିଙ୍କ ସଂପାଦକୀୟ ଆଲୋଚନା ମୁଖ୍ୟତଃ ବିବରଣାତ୍ମକ, ଯୁକ୍ତିନିଷ୍ଠ ଓ ଦୃଷ୍ଟାନ୍ତ ବହୁଳତାରେ ସମୃଦ୍ଧ ହୋଇଥିବାର ଦେଖାଯାଏ । ଡ଼ଃ ମହତାବ ଓ ଶ୍ରୀ ସାହୁଙ୍କ ସମୟରେ ଗୋଟିଏ ସଂପାଦକୀୟରେ ଏକାଧିକ ଶୀର୍ଷକର ଆଲୋଚନା ସ୍ଥାନ ପାଉଥିଲାବେଳେ ଏ ସମୟର ବିଷୟବସ୍ତୁ ଏକକ ବିଷୟବସ୍ତୁ ଆଧାରିତ ହୋଇପଡ଼ିଥିଲା । ମୁଖ୍ୟତଃ ଏହା ଏକକ ପ୍ରବଂଧ ବା ପ୍ରସଙ୍ଗର ରୂପନେଲା । ଏହି ସଂପାଦକୀୟ ଓଡ଼ିଆ ସାହିତ୍ୟକୁ ପାଶ୍ଚାତ୍ୟ ଦେଶମାନଙ୍କର ସାହିତ୍ୟ ସଂପର୍କିତ ଘଟଣାର ସମ୍ୟକ୍ ସୂଚନା ଦେଇ ଦୃଷ୍ଟିଭଙ୍ଗୀ ପରିସର ବଢ଼ାଇବାରେ ଖୋରାକ ଯୋଗାଇଲା । ସଂପାଦକୀୟ ଆଲୋଚନା ବିଶ୍ଳେଷଣାତ୍ମକ ଓ ଯୁକ୍ତିନିଷ୍ଠ ହୋଇପଡ଼ିବାରୁ ଓଡ଼ିଆ ସାହିତ୍ୟପ୍ରେମୀଙ୍କ ପାଖରେ ତାହାର ଯଥାର୍ଥତା ବିଚାର କରିବାର ଅବକାଶ ସୃଷ୍ଟି ହେଲା । ସଂପାଦକୀୟରେ ଆବେଦନ ଓ ଅଙ୍ଗୀକାର ସଂପୂର୍ଣ୍ଣ ଅନ୍ତର୍ହିତ ହୋଇପଡି ନଥିଲେ ହେଁ ପୂର୍ବ ସଂପାଦକୀୟଠାରୁ ବେଶ୍ ଭିନ୍ନ ହୋଇ ପଡ଼ିଥିବା ଦେଖାଯାଏ । ''ନିଜର ନିଜର ସାହିତ୍ୟ ସୃଷ୍ଟିର ପ୍ରକାଶନ ଲାଗି ଯେକୌଣସି ତରୁଣ ସ୍ରଷ୍ଟା ଆଶାୟୀ ହେବା ଏକ ସ୍ୱାଭାବିକ କଥା । ତରୁଣ ମନ ସଦାସର୍ବଦା ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ । ଏହା ତାରୁଣ୍ୟର ଏକ ସ୍ୱାଭାବିକ ଲକ୍ଷଣ । ତରୁଣ ସ୍ରଷ୍ଟାମାନେ ନିଜର ସାହିତ୍ୟ କୃତିର ପ୍ରକାଶନ ନିମନ୍ତେ ଯେତିକି ଆଗ୍ରହୀ ଓ ଆଶାୟୀ ସେହି ତୁଳନାରେ ସେମାନେ କିନ୍ତୁ ସାଧନା ପ୍ରତି ସେତିକି ଅନୁରକ୍ତି ରଖୁ ନ ଥିବା ଲକ୍ଷ୍ୟ କରାଯାଏ । ସାଧନା ନ କରି ଆତ୍ମପ୍ରକାଶର ସହଜମାର୍ଗ ଖୋଜିବା ଦ୍ୱାରା ସେମାନଙ୍କର ସାହିତ୍ୟ କୃତି ଉନ୍ନତ ଓ ରସୋତ୍ତୀର୍ଣ୍ଣ ହୋଇପାରୁ

ନାହିଁ । ଏ ଦିଗ ପ୍ରତି ସେମାନେ ସଚେତନ ନୁହଁନ୍ତି ଏବଂ ଏହା ହିଁ ସେମାନଙ୍କ ସୃଷ୍ଟିରେ ସ୍ୱାକ୍ଷରର ଦୁର୍ବଳତା ।'' [୨୪]

ବାମାଚରଣ ମିତ୍ରଙ୍କ ବିୟୋଗରେ 'ବାମାଚରଣ ମିତ୍ର', ପ୍ରକାଶିତ ପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ କରୁଥିବା ଅଭିଯୋଗରେ ବ୍ରିଟିଶ ଲେଖକ ଅଧାପକ କେନିସ ହିଲସଙ୍କୁ ଉଗାଣ୍ଡାର ଏକଛତ୍ରବାଦୀ ଶାସକ କର୍ତ୍ତୃକ କାରାରୁଦ୍ଧ ତଥା ମୃତ୍ୟୁଦଣ୍ଡ ଘୋଷଣା ଓ ପରେ ସେଥିରୁ ମୁକ୍ତି ବିଷୟକୁ ଆଧାର କରି 'ସାହିତ୍ୟ ଜଗତରେ ବିସମ୍ବାଦ', ମାନବିକତାର ମହାନ୍ ପୂଜାରୀ ସାକାରୋଇଙ୍କ ନିରସ୍ତ୍ରୀକରଣ ଦୃଷ୍ଟିଭଙ୍ଗୀକୁ ସମର୍ଥନ କରି, 'ସ୍ରଷ୍ଟାର ଆଲୋକ ସଂଧାନ', ତସ୍‌ଲିମା ନସରିନ୍‌ଙ୍କୁ ନେଇ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ପରିସ୍ଥିତିକୁ ନେଇ 'ବିଦ୍ରୋହୀ ତସଲିମା ନସରିନ୍, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ପଦବୀକୁ ଦେଇ ସୃଷ୍ଟି ହୋଇଥିବା ବାଦାନୁବାଦକୁ ନେଇ 'ସ୍ରଷ୍ଟାର ବୟସ' ଶୀର୍ଷକ ସଂପାଦକୀୟରେ ପ୍ରାଞ୍ଜଳଭାବେ ଆଲୋଚନା କରି ପାଠକ/ସାହିତ୍ୟିକମାନଙ୍କ ପାଖରେ ଏକ ନିରପେକ୍ଷ ଦୃଷ୍ଟିକୋଣର ଅବତାରଣା କରିଛନ୍ତି ଶ୍ରୀ ମହାନ୍ତି ।

ଡଃ ମହତାବଙ୍କ ବିୟୋଗ ପରେ ଜଷ୍ଟିସ୍ ହରିହର ମହାପାତ୍ର ୩୮ ବର୍ଷ ୧୧ଶ ସଂଖ୍ୟା (ଫେବୃୟାରୀ ୧୯୮୭) ଠାରୁ ଝଙ୍କାରର ମୁଖ୍ୟ ସଂପାଦକ ଭାବେ ଅବସ୍ଥାପିତ ହେଲେ । ଏକଦା 'ଯୁବବାଣୀ' ପତ୍ରିକା ସଂପାଦନା କରୁଥିବା ସାରସ୍ୱତ ପ୍ରତିଭା ପରବର୍ତ୍ତୀ କାଳରେ ଝଙ୍କାର ସଂପାଦକୀୟର ପ୍ରମୁଖ ପୁରୁଷ ରୂପେ ଉଭା ହେଲେ । ଝଙ୍କାରରେ ଜଷ୍ଟିସ ମହାପାତ୍ରଙ୍କ ସଂପାଦକୀୟଗୁଡ଼ିକ ମୁଖ୍ୟତଃ ସାହିତ୍ୟର ପରିସର ଭୁକ୍ତ ହେଲେ ହେଁ ସାମାଜିକ, ସାଂସ୍କୃତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ଗୋଟିଏ ଗୋଟିଏ ପ୍ରଣିଧାନଯୋଗ୍ୟ ପ୍ରତିରୂପ । ସଂପାଦକୀୟ ଅଗ୍ରଲେଖର ବିଷୟ ପରିସର ବହୁ ସ୍ଥଳରେ ବ୍ୟାପକ, ତାତ୍ତ୍ୱିକ ଓ ବିଚାରଧର୍ମୀ । ମୌଳିକ ଚିନ୍ତନ ଏହି ସଂପାଦକୀୟର ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଶୀର୍ଷକ ଆଲୋଚନା କରିବାକୁ ଯାଇ ସେ ବହୁ ବିଷୟ ଅବତାରଣା କରନ୍ତି । କାରଣ ସାହିତ୍ୟ ମୁଖ୍ୟତଃ ଏକ ଅନ୍ତଃକରଣମୂଳକ ବିଷୟ । ଜଷ୍ଟିସ୍ ମହାପାତ୍ରଙ୍କ ସମାଜ ଦୃଷ୍ଟି 'ସତୀଦାହ' 'ସାମାଜିକ ନ୍ୟାୟ', 'ସାଂଗଠନିକ ବିକ୍ଷୋଭ, ଶୋଭାଯାତ୍ରା, ଆନ୍ଦୋଳନ ଓ ମାନବିକତା' 'କଟକ ଜନବସତିର ନାମକରଣ' ଆଦି ଶିରୋନାମାରେ ରଚିତ ସଂପାଦକୀୟରେ ଉପଲବ୍ଧ କରିହୁଏ । ଭାଷା ଓ ସାହିତ୍ୟକୁ ଆଧାର କରି ସେ ରଚନା କରିଛନ୍ତି 'ନାରୀ ପ୍ରତିଭା', 'ସ୍ୱର ସଂଗ୍ରହ', 'ସାହିତ୍ୟର ବର୍ଦ୍ଧିତ ଅଙ୍କ', 'ସାହିତ୍ୟେ ଓ ସମସ୍ୟା', 'ଅନୁବାଦ ସାହିତ୍ୟ', 'ସ୍ରଷ୍ଟା ଓ ସୃଷ୍ଟି', 'ବରାଦିସାହିତ୍ୟ' ଆଦି । ଜଷ୍ଟିସ

୨୪. ଝଙ୍କାର (୪୨ ବର୍ଷ, ୨ୟ ସଂଖ୍ୟା) - ସାଧନାର ସିଦ୍ଧି ।

ମହାପାତ୍ରଙ୍କ ସଂପାଦକୀୟରେ ନିଜସ୍ୱ ସୁଚିନ୍ତିତ ସିଦ୍ଧାନ୍ତ ସୁସ୍ପଷ୍ଟ । ସମସ୍ୟା ଉପସ୍ଥାପନା ଓ ଏହାର ସମାଧାନର ମାର୍ଗ ମଧ୍ୟ ସଂପାଦକୀୟ ପରିସରଭୁକ୍ତ । ଡଃ ମହତାବଙ୍କ ସଂପାଦକୀୟରେ ଆଲୋଚନା ସଂକ୍ଷିପ୍ତ ଓ ଭାବଗର୍ଭକ ଥିବାବେଳେ ଜଷ୍ଟିସ ମହାପାତ୍ରଙ୍କ ଆଲୋଚନା ବେଶ୍ ବିସ୍ତୃତ ଓ ବୌଦ୍ଧିକ । ବୈଚିତ୍ର୍ୟ ଓ ବ୍ୟାପକତା ଦୃଷ୍ଟିରୁ ଜଷ୍ଟିସ୍ ମହାପାତ୍ରଙ୍କ ସଂପାଦକୀୟ ବିଚାର କେତେକାଂଶରେ ଡଃ ମହତାବଙ୍କ ସଂପାଦକୀୟ ସମସ୍ପର୍ଦ୍ଧି ।

ଡକ୍ଟର ମହତାବ "x x x ଅଗାଧ ପ୍ରାଚୀନ ସଂସ୍କୃତ ସାହିତ୍ୟର ଆଙ୍ଗିକ ଗବେଷଣା ମଧ୍ୟ ଆଜି ସୁଦ୍ଧା ହୋଇନାହିଁ । ସେହିପରି ପାଲି ସାହିତ୍ୟ ଓ ପ୍ରାକୃତ ସାହିତ୍ୟର । ମହୀଶୂର ମହାରାଜାଙ୍କ ପୁସ୍ତକାଗାରରେ ଯେତେ ପୋଥି ଅଛି ତାହାର ତାଲିକା ସୁଦ୍ଧା ସଂପୂର୍ଣ୍ଣ ହୋଇନାହିଁ । ଏଥିରେ ଗୋଟିଏ ପୋଥିରେ ଆକାଶଯାନ ନିର୍ମାଣ ସମ୍ବନ୍ଧରେ ବହୁ ତଥ୍ୟମାନ ଦିଆହୋଇଛି । ଏଥିକୁ ଆମେରିକାର ଜଣେ ବୈଜ୍ଞାନିକ ଗବେଷଣା କରୁଛନ୍ତି । ଦୁଃଖ ଓ ଲଜ୍ଜାର ବିଷୟ ଏହି ଯେ ଭାରତ ତା'ର ପ୍ରାଚୀନତାର ସଂଧାନ ପାଉଛି ଅର୍ବାଚୀନ ଦେଶମାନଙ୍କର ପଣ୍ଡିତମାନଙ୍କଠାରୁ ।"[୨୫]

ଜଷ୍ଟିସ୍ ମହାପାତ୍ର "ବିଦେଶରେ ସଂସ୍କୃତର x x x ଆଦର ଓ ବିସ୍ତାର ହୋଇଥିବା ବେଳେ ଏବଂ ଅନ୍ୟଭାଷାର ସୁରକ୍ଷା ଓ ସୁନିୟନ୍ତ୍ରଣ ପାଇଁ ବାହାର ବ୍ୟାକରଣ କାର୍ଯ୍ୟକାରୀ ଉପଯୋଗୀ ବିନିଯୋଗ ହେଉଥିବା ବେଳେ ସଂସ୍କୃତ ଭାଷାର ଜନ୍ମଦାତା ଆମ ଦେଶରେ ତାହା ପ୍ରତି ବିମୁଖତା ପ୍ରକାଶ ପାଉଥିବା ଅତି କ୍ଷୋଭର ବିଷୟ ।"[୨୬]

ଜଷ୍ଟିସ୍ ମହାପାତ୍ରଙ୍କ ମହାପ୍ରୟାଣରେ ଝଙ୍କାରର ମୁଖ୍ୟ ସଂପାଦନା ଭାର ଗ୍ରହଣ କଲେ ଭର୍ତ୍ତୃହରି ମହତାବ । କେବଳ ସାହିତ୍ୟ ପରିମଣ୍ଡଳର ପ୍ରକାଶନ ନ ହୋଇ ତରୁଣ ମହତାବଙ୍କ ସଂପାଦକୀୟଗୁଡ଼ିକ ବିଭିନ୍ନ ସମସ୍ୟା ଆଧାରିତ -ଧର୍ମ, ସଂସ୍କୃତି, ଅର୍ଥନୀତି, ରାଜନୀତି, ସାମାଜିକ ଦ୍ୱନ୍ଦ୍ୱ ଓ ସଂଶୟ ଜନିତ କ୍ରିୟା ପ୍ରତିକ୍ରିୟାର ରୂପାୟନ । ସୁସ୍ଥ ସଂସ୍କୃତିର ଉଜ୍ଜୀବନ ପାଇଁ ସାହିତ୍ୟିକ କର୍ମକୁ ଦାୟିତ୍ୱ ସଂପନ୍ନ ଓ ଦାୟବଦ୍ଧ ଭୂମିକା ନିର୍ବାହ ନିମନ୍ତେ ତାଙ୍କ ଆବେଦନ ପ୍ରଭାବଶାଳୀ । 'ଭାରତୀୟ ଇତିହାସ ଚେତନା', 'ଯୁଗର ଆହ୍ୱାନ', 'ସଂସ୍କୃତି ଓ ପରଂପରା', 'ସାମାଜିକ ପରିବର୍ତ୍ତନ', 'ଜନ ସଂଚାର ମାଧ୍ୟମ' ଓ 'ସାହିତ୍ୟ ଶିକ୍ଷାର ଖଣ୍ଡିତ ବ୍ୟକ୍ତିତ୍ୱ' ସଂପାଦକୀୟ ଆଲୋଚନା କେବଳ ସମସ୍ୟା ଉତ୍‌ଥାପକ ନୁହେଁ, ବରଂ ଏହି ସମସ୍ୟାର ସମାଧାନ ପାଇଁ ପନ୍ଥା ଦେଖାଇ ତଦନୁଯାୟୀ

---

୨୫. ଓଡ଼ିଆ ସାହିତ୍ୟର ମାର୍ଗ ଉନ୍ମୋଚନ ୧୯୯୪ -ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟ -ପୃ -୪୮.

୨୬. ମହାପାତ୍ର ଜଷ୍ଟିସ୍ ହରିହର - ବିନାଶେଷରେ ଆରମ୍ଭ (ସଂପାଦକୀୟ ସଂକଳନ ୧୯୯୨) ପୃ -୧୦୦.

କର୍ମ କରିବାକୁ ଆହ୍ୱାନ କରିବାର ଦେଖାଯାଏ । ବିଭିନ୍ନ ସମୟରେ ସମାଜରେ ଦେଖାଦେଇଥିବା ସମସ୍ୟା, ସାମାଜିକ ପରିବର୍ତ୍ତନକୁ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ କରି ସାହିତ୍ୟ ବିଭବ ମାଧ୍ୟମରେ ଉପସ୍ଥାପିତ କରିବାକୁ ଶ୍ରୀ ମହତାବ ପ୍ରାୟ ସମସ୍ତ ସଂପାଦକୀୟରେ ମତ ପ୍ରକାଶ କରିଛନ୍ତି ।

୧ ।। ''ଆଜିର ସଂସ୍କୃତି ଅନୁକରଣ ଭୋଗବାଦୀ ଓ ଲିପ୍ସାବାଦୀ ସଂସ୍କୃତିରେ ପରିଣତ ହୋଇଗଲାଣି । ଆତ୍ମିକ - ଉଦାରତାର ମହତ୍ତ୍ୱକୁ ନ ବୁଝି ଅପସଂସ୍କୃତିକୁ ସହଜରେ ଗ୍ରହଣ କରି ନିଆଯାଉଛି । ଆଜି ଆମ ଆଗରେ ଗୋଟିଏ ପ୍ରଶ୍ନ । ଆମେ କ'ଣ ଏ ପ୍ରବୃତ୍ତିର ଅସହାୟ ଦର୍ଶକ ହୋଇ ରହିବା ? ଧର୍ମର ଦୁରୁପଯୋଗକୁ କ'ଣ ଏହିଭଳି ସହିଯିବା ? ଧର୍ମର ଉଦାତ୍ତ ଭାବନା ଓ ମଙ୍ଗଳକାରୀ ସିଦ୍ଧାନ୍ତକୁ ଭୁଲି ବିବେକହୀନ ଧର୍ମାନ୍ଧତାକୁ କ'ଣ ଆମେ ପ୍ରଶ୍ରୟ ଦେଇ ଚାଲିଥିବା ? ଭବିଷ୍ୟତ ପାଇଁ ଆମେ ସତତ ଚିନ୍ତିତ କି ? ଏ ପ୍ରଶ୍ନ କେବଳ ଆମର ନୁହେଁ, ପ୍ରତ୍ୟେକ ସଚେତନ ସ୍ରଷ୍ଟାର - ନିଜକୁ, ନିଜ ବିବେକକୁ ।''[୨୭]

୨ ।। ''ଓଡ଼ିଆ ସାହିତ୍ୟରେ ପର୍ଯ୍ୟାୟକ୍ରମେ ଯେଉଁ ଚିତ୍ର ଆମ ଦୃଷ୍ଟିକୁ ଆସୁଛି ଏବଂ ତତ୍କାଳୀନ ରାଜନୀତିକ, ସାମାଜିକ ଓ ଆଧ୍ୟାତ୍ମିକ ଚେତନାର ବିଶ୍ଳେଷଣକୁ ଉପସ୍ଥାପନା କରୁଛି, ସେ ପରିମାଣରେ ଆଜି ସମାଜରେ ଉପୁଜିଥିବା ସଂକଟ, ସୃଷ୍ଟି ହେଉଥିବା ଉତ୍ତେଜନା ଏବଂ କ୍ଷିପ୍ରଗତିରେ ଘଟି ଚାଲିଥିବା ପରିବର୍ତ୍ତନକୁ ବିଶ୍ଳେଷଣ ଓ ବିବେଚନା କରି ସାହିତ୍ୟରେ ସ୍ଥାନ ଦେବାକୁ ହେବ ।'' [୨୮]

୩ ।। ''ସାଂପ୍ରତିକ ଅବସ୍ଥାରେ ପ୍ରତିଶୋଧର ଶୋଧନ ପ୍ରତିଶୋଧ ହୋଇ ନ ପାରେ । ହେବ ପରିତାପ ଦ୍ୱାରା, ପରିତାପର ଦୁଇ ବିନ୍ଦୁ ଅଶ୍ରୁଦ୍ୱାରା । ଦକ୍ଷିଣ ଆଫ୍ରିକାରେ ହୋଇଥିବା ନୂତନ ସୂର୍ଯ୍ୟୋଦୟ କ'ଣ ଓଡ଼ିଆ ସାହିତ୍ୟର ସାଂପ୍ରତିକ ଘଟଣାବଳୀରେ ସ୍ଥାନ ପାଇବା ଯୋଗ୍ୟ ନୁହେଁ ?'' [୨୯]

ଡକ୍ଟର ମହତାବଙ୍କ ଠାରୁ ତରୁଣ ମହତାବଙ୍କ ଯାଏ ଲମ୍ବି ଆସିଥିବା ଝଙ୍କାର ସଂପାଦକୀୟ ଧାରା ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଗୋଟିଏ ସଂପାଦକୀୟ 'ଉଦ୍ୟମ ସ୍ୱାଗତଯୋଗ୍ୟ' (୪୬ଶ ବର୍ଷ ୮ମ ସଂଖ୍ୟା) ମହିଳାମାନଙ୍କ ସାରସ୍ୱତ ପ୍ରତିଭା ବିକାଶ ନିମିତ୍ତ ଉଦ୍ଦିଷ୍ଟ ଲେଖିକା ସମ୍ମିଳନୀର ଉଦ୍ୟମକୁ ସ୍ୱାଗତ ଜଣାଇ ଲେଖା ଯାଇଥିଲା ।

ସ୍ୱାଧୀନତା ପରବର୍ତ୍ତୀକାଳରେ ସାହିତ୍ୟ ମଧ୍ୟରୁ ଝଙ୍କାରର ସଂପାଦକୀୟ ସଂପୂର୍ଣ୍ଣ

---

୨୭. ଝଙ୍କାର ସଂପାଦକୀୟ - ସଂସ୍କୃତି ଓ ପରଂପରା, ୪୬ ବର୍ଷ, ୪ର୍ଥ ସଂଖ୍ୟା

୨୮. ଝଙ୍କାର ସଂପାଦକୀୟ - ସାମାଜିକ ପରିବର୍ତ୍ତନ , ୪୬ଶ ବର୍ଷ, ୫ମ ସଂଖ୍ୟା

୨୯. ଝଙ୍କାର ସଂପାଦକୀୟ - ସାମାଜିକ ପରିବର୍ତ୍ତନ , ୪୬ଶ ବର୍ଷ, ୫ମ ସଂଖ୍ୟା ।

ଭିନ୍ନ/ନୂତନ ଦିଶାରୀ । ଝଙ୍କାର ପ୍ରକାଶର ପ୍ରାରମ୍ଭିକକାଳୀନ 'ସହକାର' ଓ ପରବର୍ତ୍ତୀ କାଳରେ ନୂତନ ପ୍ରସ୍ତର ମାସିକ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' (ସଂ- ଜ୍ଞାନୀନ୍ଦ୍ର ବର୍ମା) ଝଙ୍କାର ସହ ସମତାଳ ଦେବାକୁ ଚେଷ୍ଟା କରିଥିଲେ ହେଁ ସମୟ ଓ ପରିସ୍ଥିତି ଚାପରେ ସହକାର ନିଷ୍ପ୍ରଭ ହୋଇ ପଡିଥିଲା ଓ 'ଉତ୍କଳ ସାହିତ୍ୟ' ଅଳ୍ପ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଯାଇଥିଲା । ଅନ୍ୟ ପତ୍ରପତ୍ରିକା ମଧ୍ୟରେ, ମନୋଜ ଦାସ ଓ ସଚ୍ଚି ରାଉତରାୟଙ୍କ ସଂପାଦିତ 'ଦିଗନ୍ତ' - ୧୯୫୦, ଓଡ଼ିଆ ସାହିତ୍ୟ ଏକାଡେମୀର ମୁଖପତ୍ର 'କୋଣାର୍କ' - ୧୯୫୮, ଲକ୍ଷ୍ମୀଧର ନାୟକ ଓ ରଜନୀକାନ୍ତ ଦାସଙ୍କ ସଂପାଦିତ 'ନବପତ୍ର' - ୧୯୬୨, ପ୍ରଫେସର ରାଧାନାଥ ରଥ ସଂପାଦିତ 'ସାମୁଖ୍ୟ' - ୧୯୬୩, କଲିକତାରୁ ପ୍ରକାଶିତ 'ନବରବି' - ୧୯୭୦, ଜଗଦୀଶ ପାଣିଙ୍କ ସଂପାଦିତ 'ସମାବେଶ', ଡଃ କୃଷ୍ଣ ପ୍ରସାଦ ମିଶ୍ରଙ୍କ ସଂପାଦିତ 'ମାନସ' ୧୯୭୨, ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୁଖପତ୍ର 'ସପ୍ତର୍ଷି' - ୧୯୭୨, ଡଃ ନିତ୍ୟାନନ୍ଦ ଶତପଥୀଙ୍କ ସଂପାଦିତ 'ଇସ୍ତାହାର' ୧୯୭୧, ଡଃ ସଂଗ୍ରାମ ଜେନାଙ୍କ ସଂପାଦିତ 'ନିଶାନ୍ତ' ୧୯୯୪, ଡକ୍ଟର କୃଷ୍ଣ ଚରଣ ବେହେରାଙ୍କ ସଂପାଦିତ 'ଏଷଣା' ଆଦି ଏ କ୍ଷେତ୍ରରେ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଥିଲେ ହେଁ ସେପରି ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ପାରିନାହାନ୍ତି । ଝଙ୍କାରର ସଂପାଦକୀୟ ବିଶେଷକରି ଡଃ ମହତାବଙ୍କ ଦ୍ୱାରା ଲିଖିତ ସଂପାଦକୀୟ ଯେପରି ସାହିତ୍ୟିକଙ୍କ ଉପରେ ବଳିଷ୍ଠ ପ୍ରଭାବ ସୃଷ୍ଟି କରି ସାରସ୍ୱତ ସୃଷ୍ଟି କରାଇ ଉତ୍କଳବାଣୀ ମନ୍ଦିରକୁ ସମୃଦ୍ଧ କରୁଥିଲା, ତାହା କରିବାର ସୌଭାଗ୍ୟ ଅନ୍ୟ କୌଣସି ସଂପାଦକଙ୍କ ଭାଗ୍ୟରେ ଜୁଟି ନାହିଁ ।

ଝଙ୍କାର ସଂପାଦନାରେ ସଂପାଦକବୃନ୍ଦ :

ଏବେ ଝଙ୍କାର ପାଳନ କରୁଛି ତାର ସୁବର୍ଣ୍ଣ ଜୟନ୍ତୀ । ଦୀର୍ଘ ଅର୍ଦ୍ଧ ଶତାବ୍ଦୀ କିଛି କମ୍ କଥା ନୁହେଁ । ଏହା ମଧ୍ୟରେ ଝଙ୍କାର ସଂପାଦନା କ୍ଷେତ୍ରରେ ଯେଉଁମାନେ ଜଡ଼ିତ ସେମାନଙ୍କୁ ଜାଣି ରଖିବା ଉଚିତ ଏଇଥିପାଇଁ, ଓଡ଼ିଆ ସାହିତ୍ୟ ପତ୍ରିକା ଜଗତକୁ ସମୃଦ୍ଧ କରିବା ବିଶେଷ କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ଉନ୍ନତି ପଥରେ ଆଗେଇ ନେବାର ସେମାନେ ଭାଗୀଦାର ।

୧୯୪୯ ମସିହା ଏପ୍ରିଲ ୧୩ ତାରିଖ ମହାବିଷୁବ ସଂକ୍ରାନ୍ତି ହେଉଛି ଝଙ୍କାରର ଆବିର୍ଭାବ ଦିବସ । ଝଙ୍କାରର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା (ଏପ୍ରିଲ ସଂଖ୍ୟା)ରେ କୌଣସି ସଂପାଦକଙ୍କ ନାମ ଉଲ୍ଲେଖ ନ ଥିଲା । ଦ୍ୱିତୀୟ ସଂଖ୍ୟାରେ ସଂପାଦକ ରହିଥିଲେ ଚିନ୍ତାମଣି ପାଣିଗ୍ରାହୀ । ସେହିପରି ଚତୁର୍ଥ ଓ ପଞ୍ଚମ ସଂଖ୍ୟା ସଂପାଦନା କରିଥିଲେ ଚକ୍ରଧର ସାମଲ । ଷଷ୍ଠ ସଂଖ୍ୟାରେ ସଂପାଦକଙ୍କ ନାମୋଲ୍ଲେଖ କରାଯାଇ ନ ଥିଲା । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଝଙ୍କାର ସଂପାଦକ ରୂପେ କିଏ କାର୍ଯ୍ୟ କରିବେ ତାହା ସ୍ଥିର କରାଯାଇ ନ ଥିଲା ।

୧୯୪୯ ମସିହା ସେପ୍ଟେମ୍ବର ମାସଠାରୁ ଡଃ ହରେକୃଷ୍ଣ ମହତାବ ଝଙ୍କାରର ସଂପାଦକ ରହିଲେ । ମାତ୍ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା (ଏପ୍ରିଲ ସଂଖ୍ୟା)ରେ ଉଭୟ ଡଃ ହରେକୃଷ୍ଣ ମହତାବ ଓ ଚିନ୍ତାମଣି ପାଣିଗ୍ରାହୀ ସଂପାଦକ ରହିଥିବାର ପ୍ରମାଣ ଝଙ୍କାର ପୃଷ୍ଠାରୁ ମିଳେ ।

ସୁନା ଚିହ୍ନେ ବଣିଆ ନ୍ୟାୟରେ ଡଃ ମହତାବ ଝଙ୍କାରର ମୁଖ୍ୟ ସଂପାଦକ ଥାଇ ଏହାକୁ ଏକ ସମ୍ଭ୍ରାନ୍ତ ପତ୍ରିକାର ରୂପ ଦେବା ନିମନ୍ତେ ଓଡ଼ିଆ ଭାଷା ସାହିତ୍ୟ, ଇତିହାସ, ଶିକ୍ଷା, ଅର୍ଥନୀତି, ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଖ୍ୟାତନାମା ପ୍ରତିଭା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଚିନ୍ତାମଣି ଆଚାର୍ଯ୍ୟ, କବି ସମାଲୋଚକ ଡଃ ମାୟାଧର ମାନସିଂହ, ସଂସ୍କୃତବିଦ୍ କରୁଣାକର କର, ଅର୍ଥନୀତିଜ୍ଞ ଓ ସୁ-ସାହିତ୍ୟିକ ଡଃ ସଦାଶିବ ମିଶ୍ର, ଐତିହାସିକ ଓ ଗବେଷକ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ସାମ୍ବାଦିକ ଓ ସୁସାହିତ୍ୟିକ ଚିନ୍ତାମଣି ପାଣିଗ୍ରାହୀଙ୍କୁ ନେଇ ଏକ ଶକ୍ତିଶାଳୀ ସଂପାଦନା ମଣ୍ଡଳୀ ଗଠନ କରିଥିଲେ ୧୯୫୨ ମସିହା ଜାନୁଆରୀ ମାସ (ତୃତୀୟ ବର୍ଷ ୧୦ମ ସଂଖ୍ୟା)ରୁ ଶଶିଭୂଷଣ ମିଶ୍ର ଝଙ୍କାରର ପରିଚାଳନା ସଂପାଦକ ରହିଲେ । ୪ର୍ଥ ବର୍ଷ ୭ମ ସଂଖ୍ୟାଠାରୁ ସଂପାଦନା ମଣ୍ଡଳୀରେ ଚିନ୍ତାମଣି ପାଣିଗ୍ରାହୀଙ୍କ ସ୍ଥାନରେ ସାମ୍ବାଦିକ, ଅନୁବାଦକ ଓ ସଂସ୍କୃତବିଦ୍ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଗ୍ରହଣ କରାଗଲା । ୫ମ ବର୍ଷର ଷଷ୍ଠ ସଂଖ୍ୟାଠାରୁ ଶଶିଭୂଷଣ ମିଶ୍ରଙ୍କ ସ୍ଥାନରେ ସତ୍ୟାନନ୍ଦ ଚମ୍ପତିରାୟ ପରିଚାଳନା ସଂପାଦକର ଦାୟିତ୍ୱ ଗ୍ରହଣ କଲେ । ୮ମ ବର୍ଷ ୧୦ ସଂଖ୍ୟାରେ ଚିନ୍ତାମଣି ଆଚାର୍ଯ୍ୟ ସଂପାଦକ ମଣ୍ଡଳୀରୁ ବାଦ୍ ପଡ଼ିଲେ । ୮ ବର୍ଷ ୧୧ଶ ସଂଖ୍ୟାରେ ଅସ୍ଥାୟୀ ପରିଚାଳନା ସଂପାଦକ ହେଲେ ଗୋପାଳ ମିଶ୍ର ।

ଦଶମ ବର୍ଷ ତୃତୀୟ ସଂଖ୍ୟାରେ ସଂପାଦକମଣ୍ଡଳୀରେ କିଛିଟା ପରିବର୍ତ୍ତନ ହୋଇଥିବାର ଦେଖାଯାଏ । ପୂର୍ବଭଳି ଡଃ ହରେକୃଷ୍ଣ ମହତାବ ମୁଖ୍ୟ ସଂପାଦକ ରହିଥିବା ବେଳେ ସଂପାଦନା ମଣ୍ଡଳୀର ସଦସ୍ୟମାନେ ହେଲେ ଡଃ ମାୟାଧର ମାନସିଂହ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଜାନକୀବଲ୍ଲଭ ପଟ୍ଟନାୟକ । ୧୦ ବର୍ଷ, ୩ୟ ସଂଖ୍ୟା (ଜୁନ୍' ୧୯୫୮) ସହସଂପାଦନା ମଣ୍ଡଳୀରେ ଯୋଗଦେଲେ ପ୍ରହ୍ଲାଦ ପ୍ରଧାନ । ଏହି ସଂଖ୍ୟାରେ ଅସ୍ଥାୟୀ ପରିଚାଳନା ସଂପାଦକରୁ ଗୋପାଳ ମିଶ୍ର ବାଦ୍ ପଡ଼ିଲାବେଳେ ସତ୍ୟାନନ୍ଦ ଚମ୍ପତିରାୟ ପରିଚାଳନା ସଂପାଦକ ରହିଥିବାର ଦେଖାଯାଏ । ଦ୍ୱାଦଶ ବର୍ଷ ଦ୍ୱିତୀୟ ସଂଖ୍ୟା (୧୯୬୦ ମଇ)ରୁ ଗୋବିନ୍ଦ ଦାସ ଝଙ୍କାରର ସହ-ପରିଚାଳନା ସଂପାଦକ ରହିଲେ ।

ଝଙ୍କାରର ତେର ବର୍ଷ ୫ମ ସଂଖ୍ୟାରେ ସଂପାଦକମଣ୍ଡଳୀ ନ ଥିବାର ଦେଖାଯାଏ । ୧୩ଶ ବର୍ଷ ୬ଷ୍ଠ ସଂଖ୍ୟାରେ ମୁଖ୍ୟ ସଂପାଦକ ଓ ପରିଚାଳନା ସଂପାଦକ ଯଥାକ୍ରମେ ଡଃ ହରେକୃଷ୍ଣ ମହତାବ ଓ ଶ୍ରୀ ଚଂପତିରାୟ ରହିଥିଲେ । ଝଙ୍କାରର ୧୬ଶ ବର୍ଷ ୩ୟ

ସଂଖ୍ୟାରେ ପରିଚାଳନା ସଂପାଦକ ପଦରେ ସତ୍ୟାନନ୍ଦ ଚଂପତିରାୟଙ୍କ ସ୍ଥାନ ଗୋବିନ୍ଦ ଦାସ ପୂରଣ କରିଥିବାର ଦେଖାଯାଏ । ଊନବିଂଶ ବର୍ଷ ପ୍ରଥମ ସଂଖ୍ୟା (ଏପ୍ରିଲ ସଂଖ୍ୟା) ଠାରୁ ଗୋବିନ୍ଦ ଦାସଙ୍କ ସ୍ଥାନରେ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ପରିଚାଳନା ସଂପାଦକ ହେଲେ । ୨୦ଶ ବର୍ଷ ପ୍ରଥମ ସଂଖ୍ୟାଠାରୁ ସହକାରୀ ପରିଚାଳନା ଦାୟିତ୍ୱ ସରୋଜ ରଂଜନ ମହାନ୍ତି ଗ୍ରହଣ କଲେ । ୨୦ ବର୍ଷ ୮ମ ସଂଖ୍ୟାରେ ଅନ୍ୟତମ ସହକାରୀ ସଂପାଦକ ରୂପେ ତାଙ୍କ ସହଯୋଗ ଦେଲେ ରମେଶ ଚନ୍ଦ୍ର ଧଳ ।

୨୧ଶ ବର୍ଷ ୬ଷ୍ଠ ସଂଖ୍ୟାଠାରୁ ମୁଖ୍ୟ ସଂପାଦକ ଡଃ ମହତାବଙ୍କ ନାମଛଡ଼ା ଅନ୍ୟ କାହାରି ନାମପ୍ରକାଶ ପାଇ ନ ଥିଲା । ୨୫ଶ ବର୍ଷ, ୧ମ ସଂଖ୍ୟା (୧୯୭୩, ଏପ୍ରିଲ)ରୁ ସରୋଜ ରଂଜନ ମହାନ୍ତି ପରିଚାଳନା ସଂପାଦକ ହେଲେ । ୨୭ଶ ବର୍ଷ ୧୦ ବର୍ଷ (ଜାନୁଆରୀ ୧୯୭୬)ରେ ତାଙ୍କ ସହିତ ଯୋଗ ଦେଲେ ଜେନାମଣି ନରେନ୍ଦ୍ରକୁମାର । ସେ ୩୪ ବର୍ଷ ପ୍ରଥମ ସଂଖ୍ୟାଯାଏ ପରିଚାଳନା ସଂପାଦକ ଦାୟିତ୍ୱ ନିର୍ବାହ କଲାପରେ ୩୪ଶ ବର୍ଷ ୨ୟ ସଂଖ୍ୟାରେ ଗୁରୁକଲ୍ୟାଣ ମହାପାତ୍ର ସହକାରୀ ପରିଚାଳନା ସଂପାଦକ ରୂପେ ଯୋଗଦେଇ ମାତ୍ର ୪ର୍ଥ ସଂଖ୍ୟା ଯାଏ ଏହି ଦାୟିତ୍ୱ ତୁଲାଇ ଥିଲେ । ୧୯୮୩ ମସିହା ଅକ୍ଟୋବର ସଂଖ୍ୟାରେ ସହଯୋଗୀ ପରିଚାଳନା ସଂପାଦକ ରୂପେ ବ୍ରଜକିଶୋର ଦାସ ରହିଲେ । ୧୯୯୪ ଅକ୍ଟୋବର ମାସରେ ବ୍ରଜକିଶୋର ଦାସ ଏଥିରୁ ବାଦ୍ ଗଲେ । ଅକ୍ଟୋବର ୧୯୯୫ ମସିହାରେ ସରୋଜ ରଂଜନ ମହାନ୍ତି ଓ ଗୋବିନ୍ଦ ଚନ୍ଦ୍ର ଦାସ ଯୁଗ୍ମ ପରିଚାଳନା ସଂପାଦକ ରହିଲେ । ୧୯୯୬ ମସିହା ମଇ ମାସ (୨ୟ ସଂଖ୍ୟା)ରେ ମହାଶ୍ୱେତା ମହତାବ ସଂପାଦକ ମଣ୍ଡଳୀର ଅନ୍ତର୍ଭୁକ୍ତ ହେଲେ ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ମହାପ୍ରୟାଣ ପରେ ଝଙ୍କାରର ସଂପାଦନାର ପ୍ରଥମ ପର୍ଯ୍ୟାୟ ସମାପ୍ତ ହେଲା । ୧୯୮୭ ଫେବୃଆରୀଠାରୁ ଝଙ୍କାର ମୁଖ୍ୟ ସଂପାଦକ ଦାୟିତ୍ୱ ଗ୍ରହଣ କଲେ ଜଷ୍ଟିସ୍ ହରିହର ମହାପାତ୍ର । ଜଷ୍ଟିସ୍ ମହାପାତ୍ରଙ୍କ ପରଲୋକ ପରେ ଏପ୍ରିଲ୍, ୧୯୯୪ ଠାରୁ ସଂଭ୍ରାନ୍ତ ସାହିତ୍ୟ ପତ୍ରିକା 'ଝଙ୍କାର'ର ମୁଖ୍ୟ ସଂପାଦକ ରୂପେ ଭର୍ତ୍ତୃହରି ମହତାବ ଅଛନ୍ତି ।

ଏ ହେଉଛି ଝଙ୍କାରରେ ସୂଚିତ ମୁଖ୍ୟ ସଂପାଦକ, ପରିଚାଳନା ସଂପାଦକ ଓ ସଂପାଦକୀୟ ମଣ୍ଡଳୀର ପରିଚୟ ।

ଏହାକୁ ବାଦ୍‌ଦେଲେ ପଠାଣି ପଟ୍ଟନାୟକ ଓ ଗୋପୀନାଥ ମହାନ୍ତି ଝଙ୍କାରର ସଂପାଦନା କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିଥିବାର ଜଣାଯାଏ । [୩୦]

---

୩୦. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ, (୧୯୮୭), ପୃ - ୧୦

ପଞ୍ଚମ ପରିଚ୍ଛେଦ

ବିଷୁବ ବିଚାର

ଝଙ୍କାର ଓ ବିଷୁବ ମିଳନ :

ଓଡ଼ିଆ ଭାଷା ଓ ସାହିତ୍ୟକୁ ସମ୍ଭୁନତ କରିବା ଲକ୍ଷ୍ୟ ନେଇ 'ଝଙ୍କାର' ପ୍ରକାଶ ପାଇଥିବା ବେଳେ ଅନାଦୃତ ସାରସ୍ୱତ ସାଧନାକୁ ସମାଦୃତ କରିବା ଲକ୍ଷ୍ୟ ନେଇ ଡକ୍ଟର ମହତାବ୍‌ଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଗଲା ବିଷୁବ ମିଳନ । ବିଷୁବ ମିଳନକୁ ଝଙ୍କାରଠାରୁ ଭିନ୍ନ କରି ବିଚାର କରିବା ଅସମ୍ଭବ । ଝଙ୍କାରର ଜନ୍ମୋତ୍ସବ ହିଁ 'ବିଷୁବ ମିଳନ' । ହିନ୍ଦୁମାନଙ୍କର ସୌରବର୍ଷର ଆରମ୍ଭ ମହାବିଷୁବ ସଂକ୍ରାନ୍ତି ପବିତ୍ର ତିଥିରେ ଅନୁଷ୍ଠିତ ହୁଏ ଏହି ସାରସ୍ୱତ ସମାରୋହ ।

ସୂର୍ଯ୍ୟ ଉତ୍ତରାଭିମୁଖୀ ହୋଇ କାଳ୍ପନିକ ବିଷୁବରେଖା ଅତିକ୍ରମ କଲାବେଳେ ଭାରତରେ ହିନ୍ଦୁମାନଙ୍କର ସୌରବର୍ଷ ଆରମ୍ଭ ହୁଏ । ତା ସଙ୍ଗେ ସଙ୍ଗେ ଆରମ୍ଭ ହୋଇଥାଏ ବହୁ ନୂତନ ଯୋଜନା, କାର୍ଯ୍ୟକ୍ରମ ଓ ଅନୁଷ୍ଠାନ । ପ୍ରକଟିତ ହୋଇଥାଏ ନୂଆ ଚିନ୍ତା ଓ ପ୍ରେରଣା । ନିର୍ଦ୍ଦେଶିତ ଥାଏ ନୂତନ ମାର୍ଗ ଓ ଦିଗନ୍ତ । ସୂର୍ଯ୍ୟ ଧ୍ୱାନ୍ତାରି । ସୂର୍ଯ୍ୟ ସର୍ବପାପଘ୍ନ । ପ୍ରଦୀପ୍ତ ତେଜମୟ-ଏବଂ ଶୁଭ୍ର ଓ ଶୁଭ୍ରତାର ଦ୍ୟୋତକ । ତେଣୁ ଯାହା କିଛି କରାଯାଉଛି ସେଥିରେ ସୂର୍ଯ୍ୟଙ୍କର ସେ ସମୟ ବିଭୂତି ସଂଜ୍ଞୀବିତ ଓ ପ୍ରକଟିତ ହେଉ ବୋଲି ମନାସୀ ଉଦ୍ୟୋକ୍ତାମାନେ କାର୍ଯ୍ୟ ଆରମ୍ଭ କରିଥାନ୍ତି। x x x ଠିକ୍ ସେହିଭଳି ମନୋବାଞ୍ଛା ନେଇ ଉତ୍କଳକେଶରୀ ଡଃ. ହରେକୃଷ୍ଣ ମହତାବ ଆରମ୍ଭ କରିଥିଲେ ମାସିକ ସାହିତ୍ୟ ପତ୍ରିକା 'ଝଙ୍କାର'ର ପ୍ରକାଶନ ଏବଂ ପ୍ରଜାତନ୍ତ୍ର ପରିସରରେ ବୌଦ୍ଧିକ ସମାବେଶ ତଥା ଭାବ ବିନିମୟ ଲାଗି ଐତିହାସିକ ସାରସ୍ୱତ ପର୍ବ 'ବିଷୁବ ମିଳନ' ।[୧]

ଝଙ୍କାର ଓ ବିଷୁବ ମିଳନର ସଂପର୍କ ଅବିଚ୍ଛିନ୍ନ । ପ୍ରଥମଟିକୁ ବାଦ୍ ଦେଲେ ଦ୍ୱିତୀୟଟିର କଳ୍ପନା ଯେପରି ଅବାସ୍ତବ ସେହିପରି ଦ୍ୱିତୀୟଟି ବିନା ପ୍ରଥମଟିର ବର୍ତ୍ତମାନ ପରିଲକ୍ଷିତ

୧. ବିଷୁବ ଅଭିନନ୍ଦନ - ପ୍ରଜାତନ୍ତ୍ର ସଂପାଦକୀୟ ତା ୧୪।୪।୯୪ ଗୁରୁବାର

ସଫଳତା ନିଶ୍ଚୟ ବିଡ଼ମ୍ବିତ । 'ଝଙ୍କାର' ବିଷୁବ ମିଳନ ପରି ଏକ ପରମ୍ପରାର ସୃଷ୍ଟି ପାଇଁ ସୁଯୋଗ ଦେଇ ଆପେ ଏହା ଦ୍ୱାରା ପରିପୁଷ୍ଟ ହୋଇଛି । ଓଡ଼ିଆ ସାହିତ୍ୟ ପାଇଁ ଦିଶାରୀ ସାଜିଛି । ଝଙ୍କାର ପତ୍ରିକା ସର୍ଜନାତ୍ମକ ଧାରାର ପ୍ରତିନିଧିତ୍ୱ କରୁଥିବାବେଳେ ଏହାର ବାର୍ଷିକ ଉତ୍ସବ ବିଷୁବ ମିଳନ ସାହିତ୍ୟର ସଂଗଠନାତ୍ମକ ଧାରାକୁ ଉଜ୍ଜୀବିତ କରି ଆସିଛି । ଏଣୁ ଓଡ଼ିଆ ଭାଷା ସାହିତ୍ୟକୁ ଝଙ୍କାରର ସର୍ବଶ୍ରେଷ୍ଠ ଦାନ ବିଷୁବ ମିଳନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଷୁବ ମିଳନ : ଓଡ଼ିଆ ସାହିତ୍ୟ ବିକାଶ ପଥେ

ସାହିତ୍ୟକୁ କେନ୍ଦ୍ର କରି ସାଂସ୍କୃତିକ ଉତ୍ସବର ଆୟୋଜନ ହେଉଛି ବିଷୁବ ମିଳନ । ସାହିତ୍ୟ, କଳା ଓ ସାହିତ୍ୟିକ କଳାକାରମାନଙ୍କ ଏ ଏକ ବାର୍ଷିକ ମିଳନ । ''ମିଳନ ତ ଗୋଟିଏ ସାମୟିକ ସିଦ୍ଧି । ସାହିତ୍ୟ ଏକ ସାଧନା । ଏକାନ୍ତ ସାଧନା, ସୁନ୍ଦର ସୃଷ୍ଟିର । ସେହି ବିଭକ୍ତ ଆଦିପୀଠରେ ପ୍ରକୃତ ମିଳନ ହୁଏ ଭାବରେ ସଂଭାବନାରେ । ତାର ପ୍ରଭାବ କିନ୍ତୁ ଏକୈକ ନୁହେଁ, ବ୍ୟାପ୍ତ ଅପର୍ଯ୍ୟାପ୍ତ !''[୨] ବିଭିନ୍ନ ସ୍ଥାନରୁ ଆଗତ ସାରସ୍ୱତ ସାଧକମାନଙ୍କ ମଧ୍ୟରେ ବ୍ୟକ୍ତିଗତ ପରିଚୟ ଓ ଭାବର ଆଦାନ ପ୍ରଦାନ 'ବିଷୁବ ମିଳନ'ର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟର ଅନ୍ତରାଳରେ ନିହିତ ବ୍ୟାପ୍ତ ଅପର୍ଯ୍ୟାପ୍ତ ସମ୍ଭାବନା । ପରସ୍ପର ମଧ୍ୟରେ ସହୃଦୟତାର ଭାବ ରୋପଣ କରିବା, ସାହିତ୍ୟ କ୍ଷେତ୍ରରେ ଲେଖକ/ଲେଖିକା, ପାଠକ/ପାଠିକାଙ୍କଠାରେ ବିଶ୍ୱାସ ସ୍ଥାପନ କରିବା, ସମସ୍ତଙ୍କ ଭିତରେ ସଂହତିବୋଧ ଓ ଏକାତ୍ମଭାବ ଆଣିଦେବା ଏହି ମିଳନର ଲକ୍ଷ୍ୟ । ଏହା ପ୍ରାଚୀନ - ଅର୍ବାଚୀନ, ପ୍ରାଚ୍ୟ-ପାଶ୍ଚାତ୍ୟ ଆଦି ଭିତ୍ତିରେ ସମଭାବ ଓ ବିସମ ଭାବାପନ୍ନ ଚିନ୍ତାଧାରାର ସମାଗମ ସୁଯୋଗ ଦିଏ, ସ୍ୱୀୟ ଚିନ୍ତାଧାରାକୁ ସମୀକ୍ଷା କରିବାକୁ, ମାର୍ଜିତ କରିବାକୁ । ନିତ୍ୟାନନ୍ଦ ମହାପାତ୍ରଙ୍କ ମତରେ 'ବିଷୁବ ମିଳନ କେବଳ ଏକ ମେଳଣ ନୁହେଁ, ସୃଷ୍ଟିଶୀଳ ଗୋଷ୍ଠୀର ମର୍ଯ୍ୟାଦିତ ପ୍ରତୀକ ।''[୩] ବିଭିନ୍ନ ଚିନ୍ତାଧାରା ମଧ୍ୟରେ ନିଜର ଦୃଷ୍ଟିଭଙ୍ଗୀକୁ ପରଖି ନେଇ ସମଭାବାପନ୍ନ ସ୍ରଷ୍ଟା ତଥା ଚିନ୍ତକଙ୍କଠାରୁ ସେ ସଂପର୍କୀୟ ଅଧିକ ଭାବବସ୍ତୁକୁ ଆତ୍ମସ୍ଥ କରିବା ପାଇଁ ବିଷୁବ ମିଳନ ଏକ ସୁବର୍ଣ୍ଣ ସୁଯୋଗ । ଠିକ୍ ସେହିପରି ବିରୁଦ୍ଧ ଚିନ୍ତାଧାରାର ସମ୍ମୁଖୀନ ହୋଇ ପରବର୍ତ୍ତୀ ସମୟରେ ନିଜ ଦୃଷ୍ଟିଭଙ୍ଗୀର ଯଥାର୍ଥତାକୁ ବିଶ୍ଳେଷଣ କରିବା ଓ ତତ୍ ସଂକ୍ରାନ୍ତୀୟ ଅଧିକ ତଥ୍ୟ ଆହରଣ କରିବା ପାଇଁ ଏହା ଏକ ଅବକାଶ । ଏ ଦ୍ୱିବିଧ କ୍ରିୟା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭାଷା ସାହିତ୍ୟର ଉନ୍ମେଷକ

୨. ମହାପାତ୍ର, ନିତ୍ୟାନନ୍ଦ - ପ୍ରଜାତନ୍ତ୍ର ରଜତ ଜୟନ୍ତୀ ବିଶେଷାଙ୍କ (୧୯୭୨) - ପୃ - ୧୨୩

୩. ତତ୍ରୈବ

ଓ ବିବର୍ତ୍ତକ 'ଲେଖକମାନଙ୍କ ମଧ୍ୟରେ ବ୍ୟକ୍ତିଗତ ପରିଚୟ ଓ ଭାବର ଆଦାନପ୍ରଦାନ ଏ ମିଳନର ଉଦ୍ଦେଶ୍ୟ । ଦୁଇଟି ପତ୍ରପତ୍ରିକା । (ରବିବାର ପ୍ରଜାତନ୍ତ୍ର ଓ ଝଙ୍କାର) ପ୍ରତି ସେମାନଙ୍କର ପ୍ରୀତି ଆଶୀର୍ବାଦ ଭିକ୍ଷା ମଧ୍ୟ ସେଥିରେ ଅଛି । x x x ଆନନ୍ଦୋତ୍ସବ ସେଥିର ଅଂଶ । ଆମ୍ଭେମାନେ ଆଶା କରୁଁ, ଏ ମିଳନ ବର୍ଷକୁ ବର୍ଷ ଦୃଢ଼ରୁ ଦୃଢ଼ତର ହେବ ଓ ବନ୍ଧୁ ସଂଖ୍ୟା କ୍ରମେ ବୃଦ୍ଧି ପାଇ ଓଡ଼ିଶାରେ ଏକ ବିଶାଳ ସାହିତ୍ୟିକ ପରିବାର ସୃଷ୍ଟିକରିବ ।'[୪] — ଡଃ ମହତାବଙ୍କ ଏହି ଉକ୍ତିରୁ ବିଷୁବ ମିଳନ ସଂପର୍କରେ ଚାରୋଟି ଉଦ୍ଦେଶ୍ୟ ସୁସ୍ପଷ୍ଟ, ଯାହାକି ଏ ଯାବତ୍ ବିଷୁବ ମିଳନ ସଫଳତାର ସହ ପୂରଣ କରି ପାରିଛି । ପ୍ରଥମତଃ ଲେଖକଙ୍କ ମଧ୍ୟରେ ବ୍ୟକ୍ତିଗତ ଭାବ ଓ ସାହିତ୍ୟିକ ଦୃଷ୍ଟିକୋଣର ବିନିମୟ । ଦ୍ୱିତୀୟତଃ ଲେଖକମାନଙ୍କୁ କର୍ମପ୍ରବଣ କରି ଗଢ଼ିତୋଳିବା ନିମିତ୍ତ ବର୍ଷକୁ ଥରେ ଆନନ୍ଦୋତ୍ସବରେ ସାମିଲ କରିବା । ତୃତୀୟତଃ ସାରା ରାଜ୍ୟରେ ଏକ ସାହିତ୍ୟିକ ପରିବାର ଗଠନ କରିବା ଓ ଚତୁର୍ଥତଃ 'ଝଙ୍କାର' ଓ 'ରବିବାର ପ୍ରଜାତନ୍ତ୍ର' ପାଇଁ ଲେଖକୀୟ ଶ୍ରଦ୍ଧା ହାସଲ କରିବା । ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଏହି ଚାରୋଟି ଉଦ୍ଦେଶ୍ୟ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତିକଳ୍ପେ ବ୍ୟବସ୍ଥିତ ।

ଝଙ୍କାରର ଜନ୍ମୋତ୍ସବ 'ବିଷୁବ ମିଳନ' ସମଗ୍ର ଓଡ଼ିଆ ଜାତି ପାଇଁ ଆଣି ଦେଇଛି ନବବର୍ଷର ଅନୁଚିନ୍ତା । ଗଭୀର ଭାବରେ ଅନୁଶୀଳନ କଲେ ଏହା ସ୍ପଷ୍ଟ - 'ବିଷୁବ ମିଳନ' ଜାତିର ଐତିହ୍ୟ ଓ ପରମ୍ପରାର ପ୍ରତୀକ । ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତିର ପ୍ରଭାବରେ ପ୍ରଥମ ଇଂରାଜୀ ମାସର ପ୍ରଥମ ଦିବସ (ଜାନୁଆରୀ -୧) ଟିକୁ ନବବର୍ଷ ରୂପେ ପାଳନ କରି ମଉଜ ମଜଲିସ୍ କରୁଥିବା ଅବକାଶରେ ସ୍ୱତଃ ପ୍ରଶ୍ନଟିଏ ଉଙ୍କି ମାରିବା ଉଚିତ କେତେଦୂର ଆମ ପ୍ରାଚୀନ ସଂସ୍କୃତି ଓ ପରଂପରାକୁ ଆମେ ସୁରକ୍ଷିତ ରଖିପାରିଛୁ । ବିଷୁବ ମିଳନ ସାଂସ୍କୃତିକ ଧାରାରେ ପ୍ରାଣ ସ୍ପନ୍ଦନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପରଂପରାକୁ ମର୍ଯ୍ୟାଦା ଦେଇଛି । ଏହି ମିଳନ ହିଁ ଓଡ଼ିଆ ନବବର୍ଷକୁ ଜାତୀୟ ଉତ୍ସବର ସ୍ୱୀକୃତି ଦେଇଛି ।

ବିଷୁବର ସାରସ୍ୱତ ସମାରୋହ ଦେଇଛି ବୈଶାଖରେ ବସନ୍ତରେ ସ୍ପର୍ଶ । ଡକ୍ଟର ମହତାବଙ୍କ ଦୃଷ୍ଟିରେ ତାହା ଆନନ୍ଦୋତ୍ସବ । ସୁସାହିତ୍ୟିକ ଓ ଝଙ୍କାରର ପୂର୍ବତନ ପରିଚାଳନା ସଂପାଦକ ମହାପାତ୍ର ନୀଳମଣି ସାହୁଙ୍କ ପ୍ରତ୍ୟକ୍ଷ ଅନୁଭୂତିରେ ତାହା ଠିକ୍ ଏହିପରି "ଆଃ ! ବାଲ୍ୟକାଳରେ ଗଣେଶ ପୂଜା ଓ ସରସ୍ୱତୀ ପୂଜାରେ ଯେଉଁ ସରଳ ନିରୀହ ପବିତ୍ର ନିଷ୍କାମ ଆନନ୍ଦ ମିଳେ ବିଷୁବ ମିଳନ ଆମ ପକ୍ଷରେ ସେହିପରି ପ୍ରୀତିପଦ ଥିଲା । ବିଷୁବ ମିଳନରେ ପ୍ରଥମେ ଆମେ ରାତି ରାତି ଅନିଦ୍ରା ହୋଇ ମୁଖ୍ୟ ଅତିଥିଙ୍କୁ ଆଣିବା,

୪. ମହତାବ, ଡଃ ହରେକୃଷ୍ଣ -ବିଷୁବ ଅଭିନନ୍ଦନ(୧୯୮୭) ପ୍ରଥମ ବିଷୁବ ଅଭିନନ୍ଦନ-ପୃ. ୩

ଛାମୁଡିଆ ବାନ୍ଧିବା, ପାଲା ଥିଏଟର କରିବା ଖାଇବାରେ ପରଷିବା ଆଦି କାର୍ଯ୍ୟମାନ ଆନନ୍ଦରେ କରୁଥିଲୁ । x x x ବିଷୁବ ମିଟିଂ ଚାଲିଥାଏ । ଲେଖକମାନେ କିନ୍ତୁ ପରସ୍ପର ସଙ୍ଗେ ମଉଜ କରୁଥାନ୍ତି, ଥଟ୍ଟା-ପରିହାସ, ଆମୋଦ-ପ୍ରମୋଦ ସଙ୍ଗେ ଜୀବନ, ସମାଜ ଓ ସାହିତ୍ୟ ଚର୍ଚ୍ଚା ଚାଲିଥାଏ - ଖୁବ୍ ସାବଲୀଳ, ଆମୋଦକର, ଉଷ୍ମତା ପରିପୂର୍ଣ୍ଣ ଓ ଆନ୍ତରିକତା ଭାବ ।''[୫] ଏହି ବସନ୍ତର ସ୍ପର୍ଶ ଆଗାମୀ ନିଦାଘକୁ ମୁକାବିଲା କରିବାକୁ ପ୍ରାଣ ପ୍ରାଚୁର୍ଯ୍ୟ ଯୋଗାଇଛି । ଶତ ପ୍ରତିବନ୍ଧକ ସତ୍ୱେ ସାହିତ୍ୟର ବିକାଶ, ଭାଷାର ସମୃଦ୍ଧି ତଥା ଭାଷା ସାହିତ୍ୟ ମାଧ୍ୟମରେ ଜାତିକୁ ସମ୍ମାନଜନକ ସିଂହାସନରେ ଅଧିଷ୍ଠିତ କରିବା ପାଇଁ କର୍ମ ପ୍ରେରଣା ଯୋଗାଇଛି ।

ସାହିତ୍ୟ କ୍ଷେତ୍ରରେ ଜାତୀୟ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ପ୍ରଖ୍ୟାତ ପ୍ରଣମ୍ୟ ପ୍ରତିଭାଙ୍କୁ ଆମନ୍ତ୍ରଣ ମିଳନର ଅନ୍ୟତମ ଆକର୍ଷଣ । ପ୍ରାୟ ପଚାଶ ବର୍ଷଧରି ବିଷୁବ ମଣ୍ଡପରୁ ସେହି ଯଶସ୍ୱୀ ସାହିତ୍ୟିକ ଉତ୍ସବର ମୁଖ୍ୟ ଅତିଥି । ଡଃ ମାୟାଧର ମାନସିଂହ (୧୯୫୦), ଡଃ ଆର୍ତ୍ତବଲ୍ଲଭ ମହାନ୍ତି (୧୯୫୧), ଡଃ ରଘୁବୀର (୧୯୫୨), ଡଃ ସୂର୍ଯ୍ୟକୁମାର ଭୂୟାଁ (୧୯୫୩), ଡଃ ସୁନୀତି କୁମାର ଚାଟାର୍ଜୀ (୧୯୫୪), ଡଃ କାଳିଦାସ ନାଗ (୧୯୫୫) ପ୍ରଫେସର କୃଷ୍ଣଜୀ ପାଣ୍ଡୁରଙ୍ଗ କୁଲକର୍ଣ୍ଣି (୧୯୫୬), ଶ୍ରୀ ମାମା ୱାରେରକର (୧୯୫୭), ଶ୍ରୀ ମନୋଜ ବସୁ (୧୯୫୮), ଶ୍ରୀ ବିଶ୍ୱନାଥ ସତ୍ୟ ନାରାୟଣ । (୧୯୫୯), ଶ୍ରୀ ରାମାଧାରୀ ସିଂହ 'ଦିନକର' (୧୯୬୦), ଶ୍ରୀ ଉମାଶଙ୍କର ଯୋଶୀ (୧୯୬୧), ଶ୍ରୀ ଜୈନେନ୍ଦ୍ର କୁମାର (୧୯୬୨), ଡଃ ହୁମାୟୁନ୍ କବୀର (୧୯୬୩), ଶ୍ରୀ ପ୍ରେମେନ୍ଦ୍ର ମିତ୍ର (୧୯୬୪), ଶ୍ରୀ ତ୍ରୈଲୋକ୍ୟନାଥ ଗୋସ୍ୱାମୀ (୧୯୬୫),ଶ୍ରୀ ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ 'ଅଜ୍ଞେୟ'(୧୯୬୬), ଶ୍ରୀ ରାମଚନ୍ଦ୍ର ନାରାୟଣ ପାଣ୍ଡେକର (୧୯୬୭), ଶ୍ରୀ ସୁକୁମାର ସେନ (୧୯୬୮), ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟ (୧୯୬୯), ଡଃ କେ.ଏସ୍. ଶ୍ରୀନିବାସ ଆୟାଙ୍ଗର (୧୯୭୦), ଶ୍ରୀ କମଲେଶ୍ୱର ଓ ପଣ୍ଡିତ ସୂର୍ଯ୍ୟନାରାୟଣ ସେନ (୧୯୭୧), ପ୍ରଫେସର ଛୋଟେନାରାୟଣ ଶର୍ମା ଓ ପ୍ରଫେସର ଏ.ଏଲ.ବାସମ (୧୯୭୨), ଡଃ ସଚ୍ଚିଦାନନ୍ଦ (୧୯୭୩), ଜଷ୍ଟିସ୍ ହରିହର ମହାପାତ୍ର (୧୯୭୪), ଡଃ ଜନ୍ ବୋଲ୍ଟନ (୧୯୭୫), ଡଃ ଦିନେଶ ଚନ୍ଦ୍ର ସରକାର (୧୯୭୬), ଡଃ ରମାନାଥ ତ୍ରିପାଠୀ (୧୯୭୭), ଶ୍ରୀ ଦେବେଶ ଦାସ (୧୯୭୮), ପ୍ରଫେସର ମିହାର ରଂଜନ ରାୟ (୧୯୭୯), ଡଃ ନାମୱାର ସିଂହ(୧୯୮୦), ପ୍ରଫେସର ଆର୍.ଏସ୍.ତେମାର(୧୯୮୧), ଡଃ ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ (୧୯୮୨),

---

୫. ମନେ ପଡୁଛି - ପ୍ରଜାତନ୍ତ୍ର ରଜତ ଜୟନ୍ତୀ ସଂଖ୍ୟା - ୧୯୭୨, ପୃ - ୭୫.

ଡଃ କ୍ଷୁଦିରାମ ଦାସ (୧୯୮୩), ଡଃ ଭୋଳାଭାଇ ପଟେଲ (୧୯୮୪), ଡଃ ଦାଶରଥୀ (୧୯୮୫), ଡଃ ରାଜା ରାଓ (୧୯୮୬), ପ୍ରଫେସର ସୁରେନ୍ଦ୍ର ଝା, 'ସୁମନ' (୧୯୮୭), ଶ୍ରୀମତୀ ନୟନତାରା ସାଇଗଲ (୧୯୮୮), ଶ୍ରୀମତୀ ପ୍ରଭଜୋତ କାଉର (୧୯୮୯), ଡଃ ଭୀଷ୍ମ ସାହାଣୀ (୧୯୯୦), ଡଃ କର୍ତ୍ତାର ସିଂହ ଦୁଗଲ (୧୯୯୧), ସମରେଶ ମଜୁମଦାର (୧୯୯୨), ଡଃ ଗୋପୀଚାନ୍ଦ ନାରଙ୍ଗ (୧୯୯୩), ପ୍ରଫେସର କଲ୍ୟାଣମୟ ଲୋଢା (୧୯୯୪), ସୁକୁମାର ଅଜିକୋଡ଼ (୧୯୯୫), ପ୍ରଫେସର ନବକାନ୍ତ ବରୁଆ (୧୯୯୬), ପ୍ରଫେସର ହୋସନୁର ରହେମନ (୧୯୯୭), ସମସୁର ରହେମନ ଫାରୁକୀ (୧୯୯୮) ଓ ସମ୍ମାନୀତ ଅତିଥି ଶ୍ରୀମତୀ ଅମୃତା ପ୍ରୀତମ୍ (୧୯୬୦), ଶ୍ରୀମତୀ ବୀଣା ରାୟ (୧୯୬୧), ମିଷ୍ଟର ଅର୍ଥର ଆଇଜେନ ବର୍ଗ, ଆମେରିକା (୧୯୬୪), ଶ୍ରୀମତୀ ମୈତ୍ରେୟୀ ଦେବୀ (୧୯୬୫), ଶ୍ରୀ ଗଙ୍ଗା ସରଣ ସିଂହ (୧୯୮୩), ଡଃ ଶମ୍ଭୁନାଥ ସିଂହ ଓ ପ୍ରଫେସର ଶିଶିର କୁମାର ଦାସ (୧୯୮୫), ଡଃ କପିଳା ବାତ୍ସାୟନ (୧୯୮୬), ଶ୍ରୀ ନରେଶ ଚନ୍ଦ୍ର ଚତୁର୍ବେଦୀ (୧୯୮୮), ଡଃ ରଘୁବୀର ସହାୟ (୧୯୮୯), ରାଜେନ୍ଦ୍ର ଯାଦବ (୧୯୬୨), ଡଃ ବିଦ୍ୟାନିବାସ ମିଶ୍ର (୧୯୯୩), ଡଃ କେ.ଏସ୍. କରନ୍ଥ (୧୯୯୪), ମୁଜ୍‌ତବା ହୁସେନ (୧୯୯୫) ଶରତ କୁମାର ମୁଖୋପାଧ୍ୟାୟ (୧୯୯୬), ଅଶୋକ ବାଜପେୟୀ (୧୯୯୮)ଙ୍କ ଅଭିଭାଷଣ ଦେଶ ବିଦେଶର ବିଭିନ୍ନ ଭାଗରେ ସାହିତ୍ୟିକ ପାଣିପାଗ, ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ଭାଷାରେ ସୃଷ୍ଟି ନୂତନ ଧାରା, ପରୀକ୍ଷା ନିରୀକ୍ଷାକୁ କେବଳ ପ୍ରତିପାଦନ କରିନି ବରଂ ତୁଳନାତ୍ମକ ସାହିତ୍ୟ ଆଲୋଚନାର କ୍ଷେତ୍ର ପ୍ରଶସ୍ତ କରିଛି । ତୁଳନାତ୍ମକ ଆଲୋଚନା ପାଇଁ ବୌଦ୍ଧିକ ବାତାବରଣ ସୃଷ୍ଟିକରି ଓଡ଼ିଶାର ଆଲୋଚନା ଓ ସମାଲୋଚନା ବିଭାଗର ଗତିକୁ ବେଗଗାମୀ କରିବା ନିମିତ୍ତ ପ୍ରୋତ୍ସାହନ ଦେଇଛି । ବିଭିନ୍ନ ମତବାଦୀ ଜାତୀୟ ଆନ୍ତର୍ଜାତୀୟ ସାହିତ୍ୟିକଙ୍କ ଅଭିଭାଷଣ ଓଡ଼ିଆ ଲେଖକଙ୍କ ଚିନ୍ତା ଚେତନାକୁ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ବହୁବର୍ଣ୍ଣୀ ସାହିତ୍ୟ ସୃଷ୍ଟି କରିବା ପାଇଁ ମନରେ ଆଶା ଉତ୍ସାହ ସଂଚାର କରିଛି ।[୬] ପରବର୍ତ୍ତୀ ସମୟରେ ବହୁ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏ ପ୍ରକାର ଉଦ୍ୟମ କରାଯାଇ ବିଷୁବ ମିଳନର ପଦାଙ୍କ ଅନୁସରଣ କରିଥିବାର ଦେଖାଯାଏ । ଦେଶ ବିଦେଶର ସାହିତ୍ୟିକମାନଙ୍କୁ ଏହି ସାହିତ୍ୟ କେନ୍ଦ୍ରିକ ସାଂସ୍କୃତିକ ଉତ୍ସବକୁ ଆମନ୍ତ୍ରଣ କରିବା ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟର ଦ୍ୱିବିଧ ଉପକାର ସାଧିତ ହୋଇଛି । ପ୍ରଥମତଃ ଅନ୍ୟାନ୍ୟ ସାହିତ୍ୟର ଗତି ଓ

---

୬. ଇସ୍ ମେ ଦେଶକେ ଭିନ୍ନ ସ୍ଥାନେଁ ସେ ବିଭିନ୍ନ ମତବାଦୀ ସାହିତ୍ୟକେଁ କା ମିଲନ ହୋତା ହେ, ସାହିତ୍ୟିକ ଆଲୋଚନା ହୋତି ହେଁ । ଇସ୍ ମେ ସନ୍ଦେହ ନହିଁ କି ଇସ୍ ସେ ଲେଖକୋଁ କେ ମନ ମେ ସାହିତ୍ୟ ନିର୍ମାଣ କେ ଲିଏ ଗମ୍ଭୀର ଅନୁରାଗ ଔର ନବ ଆଶା - ଉତ୍ସାହ କା ସଂଚାର ହୋତାହେ- ଉତ୍କଳ ସାହିତ୍ୟ କା ଇତିହାସ - ପୃ ୧୨୭ ।

ପ୍ରକୃତି ବିଷୟରେ ଓଡ଼ିଶାର ସଂସ୍କୃତି ସଚେତନ ବ୍ୟକ୍ତିଗଣ ଜ୍ଞାତ ହୋଇଛନ୍ତି । ଦ୍ୱିତୀୟତଃ ବାହାର ସାହିତ୍ୟିକଙ୍କୁ ଓଡ଼ିଆ ଭାଷା ସାହିତ୍ୟର ଐତିହ୍ୟ ଓ ବୈଭବ ବିଷୟରେ ଅବଗତ କରାଇ ଓଡ଼ିଆ ଓ ଓଡ଼ିଶାକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବାର ଅଭିନବ ଉଦ୍ୟମ ସାଧିତ ହୋଇଛି ।

''ସାହିତ୍ୟ ଦ୍ୱାରା ପ୍ରଭାବିତ ହେଲେ ରାଜନୀତି ଉନ୍ନତ ହୁଏ, ଅପରନ୍ତୁ ରାଜନୀତି ଦ୍ୱାରା ପ୍ରଭାବିତ ସାହିତ୍ୟ ଅବନତ ହୁଏ । ଦୁଇଟି ଭିତରେ କାର୍ଯ୍ୟ ସମ୍ମିଶ୍ରଣ ଘଟିଲେ ଉଭୟର ଉନ୍ନତି ସାଧିତ ହୁଏ ।''[୭] ଏହି ପରିପ୍ରେକ୍ଷୀରେ ରାଜନୀତି ଓ ସାହିତ୍ୟର ସମୀକରଣ ହେଉଛି ବିଷୁବ ମିଳନ । ବହୁ ସମୟରେ ଓଡ଼ିଶାର ଶାସନମୁଖ୍ୟମାନେ ବିଷୁବ ମିଳନରେ ସେମାନଙ୍କ ସାହିତ୍ୟିକ ଦୃଷ୍ଟିକୋଣକୁ ଉପସ୍ଥାପନ କରିଛନ୍ତି । ୱାଇ. ଏସ୍. ସୁକ୍ଟଙ୍କର (୧୯୬୦), ସର୍ଦ୍ଦାର ଯୋଗୀନ୍ଦର ସିଂ (୧୯୭୪), ଆକବର ଅଲ୍ଲୀ ଖାଁ (୧୯୭୬), ହରିଚରଣ ସିଂହ ବ୍ରାର (୧୯୭୭), ଶ୍ରୀ ଭଗବତ ଦୟାଲ ଶର୍ମା (୧୯୭୮), ସି.ଏମ୍. ପୁନାଚା (୧୯୮୨), ଡଃ ବି. ଏନ୍. ପାଣ୍ଡେ (୧୯୮୪), ଓଡ଼ିଶାର ରାଜ୍ୟପାଳ ଭାବେ ଅବସ୍ଥାପିତ ଥିଲାବେଳେ ବିଷୁବ ମଣ୍ଡପରୁ ସେମାନଙ୍କର ଅଭିଭାଷଣ ପ୍ରଦାନ କରିଛନ୍ତି । ରାଜନୀତିଠାରୁ ସାହିତ୍ୟର ସ୍ଥାନକୁ ପ୍ରାଧାନ୍ୟ ଦେଇଛନ୍ତି ।

ପରିବେଶ, ପରିସ୍ଥିତି ଓ ସମୟର ବାଧବାଧକତା ମନୁଷ୍ୟର ମାନସିକତାକୁ ଦୁଷ୍ଟ କରି ପକାଇଛି । ସେ ସଂକୀର୍ଣ୍ଣମନା ହୋଇପଡିଛି । ବୁଦ୍ଧିଜୀବୀ ସାରସ୍ୱତ ସାଧକ ଓ ସାଂସ୍କୃତିକ ଅନୁଷ୍ଠାନ ଏଥିରୁ ବାଦ୍ ପଡିନି । ବିଷୁବ ମିଳନ ଏହି ଗୋଷ୍ଠୀ, ସଂପ୍ରଦାୟ ଓ ଖଣ୍ଡିତ ବିଚାରର ଉର୍ଦ୍ଧ୍ୱରେ । ରାଜକିଶୋର ରାୟଙ୍କ ଭାଷାରେ ''ବିଷୁବ ମିଳନ ଏହିପରି ଏକ ପୀଠ ଯେଉଁଠି ବହୁ ହୃଦୟ ଏକ ତନ୍ତ୍ରୀରେ ମୂର୍ଚ୍ଛିତ ହୁଏ । ସେ ତନ୍ତ୍ରୀ ମାନବର ତନ୍ତ୍ରୀ ହୋଇ ବିଶ୍ୱନିକ୍ୱଣିତ ।''[୮] ଓଡ଼ିଶାର ପ୍ରତିଟି ପ୍ରାନ୍ତରୁ ସାହିତ୍ୟିକମାନଙ୍କ ମଧ୍ୟରେ ସାଂସ୍କୃତିକ ସଂହତିର ସୁରକ୍ଷା ଓ ପ୍ରଚେଷ୍ଟା ବିଷୁବ ମିଳନର ଅନ୍ୟତମ ଆଭିମୁଖ୍ୟ ହୋଇ ଯାଇଛି । ମୁକ୍ତପ୍ରାଣର ମୁକ୍ତାଙ୍ଗନରେ ସାହିତ୍ୟର ବିଚାର ଓ ଚିନ୍ତନ ପ୍ରତିଫଳିତ ହୁଏ । ଆନୁଷ୍ଠାନିକ ସାହିତ୍ୟର ସ୍ୱତଃସ୍ଫୂର୍ତ୍ତ ଧାରାର ବାଧକ ହୋଇ ନଥାଏ । କବିତା ପାଠୋତ୍ସବ, ଆଲୋଚନା ସଭା ମଧ୍ୟଦେଇ ସାହିତ୍ୟର ଚଳନ୍ତି ଧାରା ପ୍ରାଣବନ୍ତ ହୋଇଉଠେ ।

ପ୍ରତିଭା ହୁଏତ ଧନ ସାପେକ୍ଷ ହୋଇନପାରେ, କିନ୍ତୁ ଆଦର ବା ପ୍ରଶଂସା ଦ୍ୱାରା ପ୍ରତିଭା ଅଗ୍ରଗାମୀ ହୁଏ, ଏଥିରେ ସନ୍ଦେହ ନାହିଁ । ପ୍ରତିଭାପୂଜା ପଥକୁ ପ୍ରଶସ୍ତ କରିବା

୭. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ (୧୯୮୭) - ପୃ୩୨

୮. ରାୟ, ରାଜ କିଶୋର - ପ୍ରଜାତନ୍ତ୍ର ବିଷୁବ ବିଶେଷାଙ୍କ

ପାଇଁ ବିଷୁବ ମିଳନ ପ୍ରଚେଷ୍ଟାରେ ପ୍ରତି ବର୍ଷ ଝଙ୍କାର ପୃଷ୍ଠାକୁ ସମୃଦ୍ଧ କରୁଥିବା ଏବଂ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସଫଳତା ଲାଭ କରୁଥିବା ସାହିତ୍ୟିକମାନଙ୍କୁ ପ୍ରୀତ୍ୟୁପହାର ପ୍ରଦାନ କରାଯାଉଥିଲା । ଏହି ଉପହାର ସ୍ୱରୂପ ସାରସ୍ୱତ ସ୍ରଷ୍ଟାଙ୍କୁ ଶାନ୍ତିପୁରୀ ଧୋତି ଚାଦର ଯୋଡ, ସୁନା ମୁଦି, ତାରକସୀର ପୁଷ୍ପଗୁଚ୍ଛ, ସିନ୍ଦୁର ଫରୁଆ, ଟ୍ରେ, ଗ୍ଲାସ୍, ବହି ପ୍ରଦାନ କରାଯାଉଥିଲା । ଅର୍ଥ ପୁରସ୍କାର ଅପେକ୍ଷା ଉପଢୌକନ ପ୍ରତି ଗୁରୁତ୍ୱ ପଛରେ ଆନ୍ତରିକତା ଓ ଓଡ଼ିଆ ସଂସ୍କୃତି ପ୍ରତି ଅନୁରାଗ ଯେ ନିହିତ ଥିଲା, ତାହା କେହି ଅସ୍ୱୀକାର କରି ପାରିବେ ନାହିଁ । କୃଷ୍ଣପ୍ରସାଦ ବସୁ, ଅଶ୍ୱିନୀ କୁମାର ପୂଜାରୀ, ଅଧ୍ୟାପକ ନଟବର ସାମନ୍ତରାୟ, ବାମାଚରଣ ମିତ୍ର, ମହାପାତ୍ର ନୀଳମଣି ସାହୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବିନୋଦ ଚନ୍ଦ୍ର ନାୟକ, ଅଧ୍ୟାପକ ରାଜକିଶୋର ରାୟ, ଅଚ୍ୟୁତାନନ୍ଦ ପତି, ପ୍ରହ୍ଲାଦ ପ୍ରଧାନ, ବଂଶୀଧର ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଅଖିଳ କୁମାର ପଟ୍ଟନାୟକ, ଜ୍ଞାନୀନ୍ଦ୍ର ବର୍ମା, ବେଣୁଧର ରାଉତ, ଶ୍ରୀମତୀ ଭାରତୀ ସିଂହ, ଅଧ୍ୟାପକ ବୈଦ୍ୟନାଥ ମିଶ୍ର, ଡକ୍ଟର ଗୋଲକ ବିହାରୀ ଧଳ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ଗୋପୀନାଥ ମହାନ୍ତି, ପ୍ରାଣବଂଧୁ କର, କିଶୋରୀ ଚରଣ ଦାସ, ଗୁରୁପ୍ରସାଦ ମହାନ୍ତି, ଚିନ୍ତାମଣି ବେହେରା, ଅନନ୍ତ ପଟ୍ଟନାୟକ, ଅନନ୍ତ ପ୍ରସାଦ ପଣ୍ଡା, ସଚ୍ଚିଦାନନ୍ଦ ରାଉତରାୟ, ଗୌରୀକୁମାର ବ୍ରହ୍ମା, ହରିଶ୍ଚନ୍ଦ୍ର ବଡାଳ, ଶ୍ରୀନିବାସ ଉଦ୍‌ଗାତା, ଡଃ ବିଦ୍ୟାଧର ପାଢୀ, ବୀର କିଶୋର ଦାସ, ଗୋପାଳ ଛୋଟରାୟ, ଡଃ କୁଂଜ ବିହାରୀ ଦାଶ ଓ ଛାତ୍ର ସାହିତ୍ୟିକ ଭାବରେ ରମାକାନ୍ତ ରଥ, ରାଜକିଶୋର ମହାନ୍ତି, ରାଜେଶ୍ୱରୀ ଦଳବେହେରା ଆଦିଙ୍କୁ ସେ ସମୟରେ ପ୍ରୀତ୍ୟୁପହାର ଦେଇ ସାହିତ୍ୟିକ ସାଧନାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏହିମାନେ ହିଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଦିଗପାଳ । ଏଣୁ ସାହିତ୍ୟ ସୃଷ୍ଟିପାଇଁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ଆୟୋଜିତ ବିଷୁବ ମିଳନ ହିଁ ବିଧିବଦ୍ଧ ଉଦ୍ୟମ କରିଥିଲା । ପରେ ୧୯୭୦ ମସିହାଠାରୁ ସାହିତ୍ୟିକମାନଙ୍କୁ 'ଝଙ୍କାର ପୁରସ୍କାର' ଏବଂ ୧୯୮୩ ମସିହାଠାରୁ ମର୍ଯ୍ୟାଦାପୂର୍ଣ୍ଣ 'ବିଷୁବ ପୁରସ୍କାର' ପ୍ରଦାନ କରାଯାଉଛି ।[୯] ଏହି ସମ୍ମାନ ପ୍ରଦର୍ଶନ ସେମାନଙ୍କୁ କେବଳ ଯେ ସ୍ୱୀକୃତି ଦେଉଛି ତାହା ନୁହେଁ ଅଧିକରୁ ଅଧିକ ଏ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ଆତ୍ମଶକ୍ତି ଯୋଗାଉଛି । ଅନୁରୂପ ଭାବରେ କଳା ଓ କ୍ରୀଡାର ସମୃଦ୍ଧି ପାଇଁ କ୍ରୀଡାବିତ୍ ଓ କଳାକାରଙ୍କୁ ମଧ୍ୟ ବିଷୁବ ମିଳନରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଏ । ଶିଶୁ ସାହିତ୍ୟର ବିକାଶ ପାଇଁ ଶିଶୁ ସାହିତ୍ୟିକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଏ ।

ସାହିତ୍ୟ, ସଂସ୍କୃତି ଓ କଳାର ତ୍ରିବେଣୀ ସଂଗମ ହେଉଛି ବିଷୁବ ମିଳନ । ବିଷୁବ

୯. ପରିଶିଷ୍ଟ ଦ୍ରଷ୍ଟବ୍ୟ

ମଣ୍ଡପରେ ହିଁ ଓଡ଼ିଆ ସଂସ୍କୃତିର ପ୍ରକୃତ ପ୍ରତିଫଳନ ଓଡ଼ିଶୀ ନୃତ୍ୟ ପରିବେଷଣ, ନାଟକ ଅଭିନୟ ଦ୍ୱାରା ଘଟିଛି । ବିଷୁବ ମିଳନକୁ ଆଗତ ସମସ୍ତ ସାହିତ୍ୟିକ ବଂଧୁଙ୍କ ମଥାରେ ଚନ୍ଦନ ଚିତା ଲେପନ ଓ ପୁଷ୍ପମାଳା ପ୍ରଦାନ ଆମ ସଂସ୍କୃତିର ଅନ୍ୟତମ ନିଦର୍ଶନ । କିଛି ବର୍ଷ ଧରି ସ୍ୱର୍ଗତ ବଂଶୀଧର ମହାନ୍ତିଙ୍କ ଦ୍ୱାରା ତାଳପତ୍ର ପୋଥି ପ୍ରଦର୍ଶନୀ, ବରିଷ୍ଠ ଓ ତରୁଣ ଚିତ୍ରଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ରକଳାଗୁଡିକ ଓଡ଼ିଶାର ସମୃଦ୍ଧ ପ୍ରାଚୀନ ସାହିତ୍ୟ ଓ କଳା ନୈପୁଣ୍ୟତାର ନିଦର୍ଶନ ।

ବିଷୁବ ଅଭିଭାଷଣ

ବିଷୁବ ମିଳନକୁ ବିଭିନ୍ନ ବର୍ଷ ଆମନ୍ତ୍ରିତ ଜାତୀୟ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଦତ୍ତ ଅଭିଭାଷଣ ଥିଲା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ଗବେଷଣାମୂଳକ ଓ ପ୍ରଭାବଶାଳୀ । ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟରେ ପରିଲକ୍ଷିତ ସମସ୍ୟା, ସେ ସାହିତ୍ୟର ବୈଶିଷ୍ଟ୍ୟ, ସାହିତ୍ୟିକ ଭାବବସ୍ତୁ ସଂପର୍କୀୟ ବିଷୟ ଏହି ଅଭିଭାଷଣର ପରିସରଭୁକ୍ତ ଥିଲା । କେତେକ ଅଭିଭାଷଣରେ ମଧ୍ୟ ପ୍ରାଚୀନ ସାହିତ୍ୟ ସଂପର୍କୀୟ ଆଲୋଚନା ସ୍ଥାନ ପାଇଥିଲା । ବିଷୁବମିଳନରେ ଦିଆଯାଇଥିବା ଅଭିଭାଷଣ ମଧ୍ୟରୁ ଯେଉଁ ଅଭିଭାଷଣଗୁଡିକ ପ୍ରବଂଧ ରୂପେ ଝଙ୍କାରରେ ସ୍ଥାନିତ ତାହା ଆମର ବିଚାର ପରିସରଭୁକ୍ତ । ଓଡ଼ିଆ ସାହିତ୍ୟର ସମୃଦ୍ଧି କ୍ଷେତ୍ରରେ, ବିଶେଷ କରି ପ୍ରବଂଧ ସାହିତ୍ୟକୁ ଏହା ବିଷୁବ ମିଳନର ମହାନ୍ ଦାନ ।

ଡଃ ମାୟାଧର ମାନସିଂହଙ୍କ 'ସାହିତ୍ୟ ସାଧନା', ଡଃ ରଘୁବୀରଙ୍କ 'ଜାତୀୟ ଓ ବିଜାତୀୟ ସଂସ୍କୃତି', ସୂର୍ଯ୍ୟକୁମାର ଭୂୟାଁଙ୍କ 'ବିଷୁବ ଉଦ୍‌ବୋଧନ', ଡଃ ସୁନୀତି କୁମାର ଚାଟାର୍ଜୀଙ୍କ 'ଓଡ଼ିଆ ଭାଷା', ଶ୍ରୀକୃଷ୍ଣଜୀ ପାଣ୍ଡୁରଙ୍ଗ କୁଲକର୍ଣ୍ଣୀଙ୍କ 'ସାହିତ୍ୟରେ ଚିରନ୍ତନ ମୂଲ୍ୟବୋଧ', ମାମା ଓ୍ୱାରେରକରଙ୍କ 'ଭାରତୀୟ ଭାଷା, ସାହିତ୍ୟ ଓ ରଙ୍ଗମଂଚ', ଶ୍ରୀ ସତ୍ୟନାରାୟଣାଙ୍କ 'ଭାରତୀୟ ସାହିତ୍ୟ ଓ ସଂସ୍କୃତିର ପରମ୍ପରା', ଶ୍ରୀ ଯଶୋବନ୍ତ ନାରାୟଣ ସୁକ୍ତଙ୍କରଙ୍କ 'ସାହିତ୍ୟ ଓ ସାହିତ୍ୟିକ' ଅଧ୍ୟାପକ ରାମଧାରୀ ସିଂହ ଦୀନକରଙ୍କ 'ଆମ ଭାଷା ସମସ୍ୟା', ଶ୍ରୀ ଉମାଶଙ୍କର ଯୋଶୀଙ୍କ 'ଅଭ୍ୟୁଦୟର ଦ୍ୱିତୀୟ ପର୍ଯ୍ୟାୟ' ଶ୍ରୀ ଜୈନେନ୍ଦ୍ର କୁମାରଙ୍କ 'ସାହିତ୍ୟରେ ଭାବାତ୍ମକ ଏକତା', ଡଃ ହୁମାୟୁନ କବୀରଙ୍କର 'ଭାରତୀୟ ସାହିତ୍ୟର ବୈଶିଷ୍ଟ୍ୟ', ଡଃ ତ୍ରୈଲୋକ୍ୟନାଥ ଗୋସ୍ୱାମୀଙ୍କ 'ଆଧୁନିକ ଭାରତୀୟ ଲେଖକମାନଙ୍କର ସମସ୍ୟା', ଡଃ ଜନ୍ ବୋଲ୍ଟନଙ୍କ 'ମୋ ଦୃଷ୍ଟିରେ ସାରଳା ଦାସ ଓ ତାଙ୍କର ମହାଭାରତ' ଓ ଡଃ ଦୀନେଶ ଚନ୍ଦ୍ର ସରକାରଙ୍କ ' ରାମାୟଣରେ ଐତିହାସିକତା' ଶୀର୍ଷକରେ ଝଙ୍କାରରେ ପ୍ରକାଶିତ ପ୍ରବଂଧ ଥିଲା ସେହି ସାହିତ୍ୟିକଙ୍କ ବିଷୁବ ଅଭିଭାଷଣରେ

ଲିଖିତ ରୂପ ବିଷୁବ ମିଳନ ଅନୁଶୀଳନଧର୍ମୀ ତଥ୍ୟପୂର୍ଣ୍ଣ ପନ୍ଦର ଗୋଟି ପ୍ରବଂଧ ଦ୍ୱାରା ଝଙ୍କାରକୁ ସମୃଦ୍ଧ କରିଛି । ଓଡ଼ିଆ ଗବେଷକ, ପାଠକ, ସାହିତ୍ୟିକଙ୍କ ପାଇଁ ନୂତନ ଦିଗନ୍ତର ସଂଧାନ ଦେଇଛି । ବିଭିନ୍ନ ପ୍ରାନ୍ତୀୟ, ବୈଦେଶିକ ସାହିତ୍ୟ ସହ ପରିଚିତ ହେବାକୁ ଏହା ମଧ୍ୟ ସୁଯୋଗ ଯୋଗାଇଛି ।

ଡଃ ମାୟାଧର ମାନସିଂହ ତାଙ୍କ ପ୍ରବଂଧ ' ସାହିତ୍ୟ ସାଧନା' ରେ ନୂତନତାର ଆବାହନ କରିବା, ନୂଆ ସାହିତ୍ୟ ସୌଧ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି । ବ୍ୟକ୍ତି କୈନ୍ଦ୍ରିକ ଭାବକୁ ଛାଡି ଜାତି ଓ ଜନତା ପାଇଁ ସତ୍ୟ ସଂଧାନଯୁକ୍ତ ସାହିତ୍ୟ ସୃଷ୍ଟି ଉପରେ ସେ ଜୋର୍ ଦେଇଛନ୍ତି । ତେଣୁ ସେ କହିଛନ୍ତି, ''ବର୍ତ୍ତମାନ ଲେଖକ ଲେଖିକାମାନେ ନିଜର ସତ୍ୟପାଇଁ, ନ୍ୟାୟ ପାଇଁ, ଆଇଡିଆ ପାଇଁ x x x ତ୍ୟାଗ ଓ ତୁଚ୍ଛାତାଚ୍ଛଲ୍ୟର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବା ଉଚିତ । କେବଳ ଲେଖାର ମୂଲ୍ୟଦାବୀ ବା ସାହିତ୍ୟିକର ସମ୍ମାନ ଦାବୀ କରିବାରେ ଜାତିର, ସାହିତ୍ୟର ବା ନିଜର ବିଶେଷ ଉପକାର ହେବ ବୋଲି ଆଶା କରାଯାଇ ନପାରେ ।''[୧୦]

'ଜାତୀୟ ଓ ବିଜାତୀୟ ସଂସ୍କୃତି' (୪ର୍ଥ ବର୍ଷ, ୨ୟ ସଂଖ୍ୟା) ପ୍ରବଂଧରେ ଡଃ ରଘୁବୀର ଭାରତୀୟ ସଂସ୍କୃତି ପ୍ରସାରରେ କଳିଙ୍ଗର ଭୂମିକା, ଦ୍ୱୀପାନ୍ତରରେ ଭାରତୀୟ ସଂସ୍କୃତିର ପ୍ରଭାବ, ଭାରତର ବିଭିନ୍ନ ଭାଷା ମଧ୍ୟରେ ଅନ୍ତର୍ନିହିତ ଐକ୍ୟ ଓ ସଂସ୍କୃତିକୁ ଉପସ୍ଥାପିତ କରିଛନ୍ତି । ଜାତୀୟ ଆତ୍ମବିସ୍ମୃତି ହିଁ ଆମ ସଂସ୍କୃତିର ଅଧୋଗତିର କାରଣ ବୋଲି ସେ ମତବ୍ୟକ୍ତ କରିଛନ୍ତି । ବିଶ୍ୱନାଥ ସତ୍ୟନାରାୟଣାଙ୍କ ପ୍ରବଂଧ 'ଭାରତୀୟ ସାହିତ୍ୟ ଓ ସଂସ୍କୃତିର ପରଂପରା' (୧୧ଶ ବର୍ଷ, ୨ୟ ସଂଖ୍ୟା)ରେ ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରୁଥିବା ସାହିତ୍ୟିକ ବିଭବ ପରେ ଆଲେଚନା ପ୍ରାଚୀନ ଭାରତୀୟ ମହାକାବ୍ୟକୁ ନେଇ ବିଚାର ପ୍ରସ୍ତୁତ କରିଛନ୍ତି ।

ପୌରାଣିକ, ଐତିହାସିକ, ଭୌଗୋଳିକ ଓ କୃଷିଗତ ଐକ୍ୟ ଦୃଷ୍ଟିକୋଣରୁ ଓଡ଼ିଶା ସହ ଆସାମର ଘନିଷ୍ଠ ସଂପର୍କ ଡଃ ସୂର୍ଯ୍ୟକୁମାର ଭୂୟାଁଙ୍କ 'ବିଷୁବ ଉଦ୍‌ବୋଧନ' ପ୍ରବଂଧରେ ପ୍ରକାଶିତ ହୋଇଛି । ଆସାମର ନଓଗଙ୍ଗ ନିକଟରେ ଥିବା 'ଓଡ଼ିଆ ଗାଁ', ଆସାମୀ ପଦକର୍ତ୍ତା ଶଙ୍କର ଦେବଙ୍କ କୀର୍ତ୍ତନ ଆଦିର ଉଦାହରଣକୁ ନେଇ ସେ ପ୍ରବଂଧଟିରେ ଏହି ସମତାକୁ ସମର୍ଥନ କରଛନ୍ତି । ଅନ୍ୟତ୍ର ଆସାମର ସାହିତ୍ୟିକ ଟି.ଏନ୍.ଗୋସ୍ୱାମୀ ନିଜ ଆଲୋଚନାରେ ଓଡ଼ିଶା ଓ ଆସାମର ସାମାଜିକ ଓ ସାଂସ୍କୃତିକ ସମୃଦ୍ଧିକୁ ମଧ୍ୟ ସୂଚାଇଛନ୍ତି । ଭାରତର ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ସାହିତ୍ୟର ଇତିହାସ କଥାକୁ ମଧ୍ୟ ସେ ସ୍ମରଣ କଲେ

୧୦. ଝଙ୍କାର - ୨ୟ ବର୍ଷ, ୨ୟ ସଂଖ୍ୟା, ପୃ - ୯୯.

ହେଁ ତାଙ୍କ ପ୍ରବଂଧର ଭାବବସ୍ତୁ ଭାଷା ସାହିତ୍ୟର ସାମଗ୍ରିକ ବିଚାରକରି ଦୁର୍ବଳତାକୁ ଦେଖାଇ ଆରନୋଲଡ୍‌ଙ୍କ ସ୍ୱୀକାରକୁ ସମର୍ଥନ କରିଛନ୍ତି - 'ବିଷୟବସ୍ତୁର ଚମତ୍କାରିତା ହେଉଛି ପ୍ରକାଶଭଙ୍ଗୀ ବା ଅଭିବ୍ୟକ୍ତିର ଚମତ୍କାରିତା । ସେହିପରି ଅଭିବ୍ୟକ୍ତିର ଚମତ୍କାରିତା ମଧ୍ୟ ବିଷୟବସ୍ତୁର ଚମତ୍କାରିତା ବୁଝାଏ ।''

ଡଃ ସୁନୀତି କୁମାର ଚାଟାର୍ଜ୍ଜୀଙ୍କ 'ଓଡ଼ିଆ ଭାଷା' (୫ବର୍ଷ, ୨ୟ ସଂଖ୍ୟା) ପ୍ରବଂଧ ସବୁଠାରୁ ବେଶୀ ମୂଲ୍ୟବାନ ମନେ ହୁଏ । ଏକଦା 'ଓଡିୟା ଏକ ଭାଷା ନୟ' ବୋଲି ଚିତ୍କାର ଦେଉଥିବା ବଙ୍ଗୀୟମାନଙ୍କ ପରଶ୍ରୀକାତରତା ଦୃଷ୍ଟିଭଙ୍ଗୀ ଡଃ ଚାଟାର୍ଜୀଙ୍କ ଏହି ସତ୍ୟନିଷ୍ଠ ଗବେଷଣାଧର୍ମୀ ପ୍ରବଂଧରୁ ମିଳେନା । ବରଂ ପୂର୍ବ ଭାରତୀୟ ଭାଷା ଅର୍ଥାତ୍ ଆସାମୀ, ବଂଗାଳୀ ଓ ଓଡ଼ିଆ ଭାଷା ମଧ୍ୟରେ ତୁଳନାତ୍ମକ ବିବେଚନାରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଛି । ''ଆସାମୀ, ବଙ୍ଗଳା ଓ ଓଡ଼ିଆ ଭାଷା ମଧ୍ୟରେ ବଂଧନ ଦୃଢ଼ତା ଦେଖାଯାଏ । ଏହି ତିନି ଭାଷା ମଧ୍ୟରେ ଓଡିଆ ନିଜର ପ୍ରାଚୀନତା ରକ୍ଷା କରି ପାରିଥିବାରୁ ଓଡିଆକୁ ଜ୍ୟେଷ୍ଠା ଭଗ୍ନୀ ଆଖ୍ୟା ଦିଆଯାଇପାରେ । ଓଡିଆ ଭାଷା ଏକ ପ୍ରକାର ଚତୁରତାର ସହିତ ପ୍ରାଚୀନ ମର୍ଯ୍ୟାଦା ଓ ଲାଳିତ୍ୟ ରକ୍ଷା କରିଛି । ଏହାର ସ୍ୱତନ୍ତ୍ର ଆଭିଜାତ୍ୟ ଏବଂ ପରମ୍ପରାଗତ ସଭ୍ୟତା ଓ ସୌଜନ୍ୟ ଏ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି । ଅନେକାଂଶରେ ବଂଗୀୟ ଭାଷାରେ ବିଶ୍ୱ ଚିନ୍ତାଧାରା ବିକାଶ ଲାଭ କରିଛି ଏବଂ ପ୍ରାଚୀନ ପରମ୍ପରା ରକ୍ଷା କରିବା ଓ ଏ ଦିଗରେ ସ୍ୱତନ୍ତ୍ରତା ବଜାୟ ରଖିବାରେ ବଙ୍ଗ ଭାଷାର ଧୈର୍ଯ୍ୟଚ୍ୟୁତି ଘଟିଚି x x x x ବିଦେଶୀ ଲୋକଙ୍କ ପକ୍ଷେ ବଙ୍ଗଳା ଭାଷା ନିର୍ଭୁଲ ଭାବେ ଶିକ୍ଷା କରିବା ଦୁଃସାଧ୍ୟ ହୋଇ ପଡିଛି ।''[୧୧] ଓଡିଆ ସାହିତ୍ୟର ଗବେଷଣା, ଓଡିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ପ୍ରଣୟନ, ଏକ ମାଗଧୀ ଅପଭ୍ରଂଶରୁ ସୃଷ୍ଟ ପୂର୍ବ ଭାରତୀୟ ଭାଷା ସମୂହ ବିଶେଷତଃ ଓଡ଼ିଆ ଓ ବଙ୍ଗଳା ଭାଷା ମଧ୍ୟରେ ବହୁକାଳରୁ ନିରବଚ୍ଛିନ୍ନ ଭାବେ ରହି ଆସିଥିବା ସୌହାର୍ଦ୍ଦ୍ୟକୁ ଦୃଢ଼ କରି ସମଗ୍ର ଭାରତର ଏକତା ସୁଖସ୍ୱାଛନ୍ଦ୍ୟ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ ଡକ୍ଟର ଚାଟାର୍ଜୀ ।

ବିଶିଷ୍ଟ ମରାଠୀ ସାହିତ୍ୟିକ ଶ୍ରୀକୃଷ୍ଣଜୀ ପାଣ୍ଡୁରଙ୍ଗ କୁଲକର୍ଣ୍ଣୀ ସାହିତ୍ୟରେ 'ଚିରନ୍ତନ ମୂଲ୍ୟବୋଧ' ଶୀର୍ଷକ ପ୍ରବଂଧରେ ମରାଠୀ ଓ ଓଡ଼ିଆ ଭାଷାର ଉତ୍ପତ୍ତିଗତ ସାମ୍ୟ, ଉଭୟ ଭାଷାର ବ୍ୟାକରଣ ସାହାଯ୍ୟରେ ସାହିତ୍ୟ ଜାତି ଓ ଭୌଗୋଳିକସ୍ଥିତି ମଧ୍ୟରେ ଥିବା ସମାନତାକୁ ଉଲ୍ଲେଖ କରି ସାହିତ୍ୟର ବିଭିନ୍ନ ଦିଗକୁ ପର୍ଯ୍ୟାଲୋଚନା କରିଛନ୍ତି । ତାଙ୍କ ପ୍ରବଂଧରେ ମୁଖ୍ୟତଃ ସାହିତ୍ୟରେ ଆଧାତ୍ମିକ ମୂଲ୍ୟର ଗୁରୁତ୍ୱକୁ ଉପସ୍ଥାପନା କରିଛନ୍ତି । ଅନ୍ୟତମ ମରାଠୀ ସାହିତ୍ୟିକ ମାମା ୱାରେରକର ଓଡ଼ିଆରେ ପ୍ରୟୋଗ ଦୃଷ୍ଟିରୁ ଉତ୍କୃଷ୍ଟ

୧୧. ଚାଟାର୍ଜୀ, ଡଃ ସୁନୀତିକୁମାର - ଓଡ଼ିଆ ଭାଷା, ଝଙ୍କାର ୭ମ ବର୍ଷ, ୨ୟ ସଂଖ୍ୟା

ନାଟକ ଅଭାବକୁ ଦର୍ଶାଇ ଅନ୍ୟ ପ୍ରଦେଶର ନାଟକ ପ୍ରତି ଦୃଷ୍ଟିଭଙ୍ଗୀର ଆବଶ୍ୟକତାକୁ ଦର୍ଶାଇଛନ୍ତି । ରାମଧାରୀ ସିଂହ 'ଦିନକର', ଉମାଶଙ୍କର ଯୋଶୀ, ଶ୍ରୀଜୈନେନ୍ଦ୍ର କୁମାର, ହୁମାୟୁନ କବୀର ଭାରତୀୟ ଭାଷାସାହିତ୍ୟ ଉପରେ ଆଲୋକପାତ କରିଛନ୍ତି । ସାହିତ୍ୟିକର ଦାୟିତ୍ୱ, ସାହିତ୍ୟ ସହ ସଂସ୍କୃତିର ସଂପର୍କ ବିଷୟରେ ନିଜର ସୁଚିନ୍ତିତ ବକ୍ତବ୍ୟ ଦେଇଛନ୍ତି ।

ସାରଳାଦାସଙ୍କ ଅମରକୃତି ମହାଭାରତକୁ ଇଂଲଣ୍ଡ ବିଶ୍ୱବିଦ୍ୟାଳୟର ପ୍ରାଚ୍ୟ ବିଦ୍ୟା ଅଧ୍ୟାପକ ଜନ୍ ବୋଲ୍‌ଟନ ନିଜ ଦୃଷ୍ଟିକୋଣରୁ ବିଚାର କରି ସେକ୍‌ସପିଅରଙ୍କ ସହ ତାଙ୍କୁ ତୁଳନା କରିଛନ୍ତି । ସାରଳାଦାସଙ୍କ ଉପରେ ଡଃ ବୋଲ୍‌ଟନଙ୍କ ଧାରଣା, ସାରଳାଙ୍କ ମହାଭାରତ ସଂପର୍କୀୟ ଆଲୋଚନା 'ମୋ ଦୃଷ୍ଟିରେ ସାରଳା ଦାସ ଓ ତାଙ୍କ ମହାଭାରତ' ପ୍ରବଂଧର ମୁଖ୍ୟ ଆଲୋଚନାର ବିଷୟ । ଡଃ ଦୀନେଶ ଚନ୍ଦ୍ର ସରକାର ଇତିହାସ ଦୃଷ୍ଟିକୋଣରୁ ରାମାୟଣର ବିଷୟବସ୍ତୁକୁ ବିଚାର କରିଛନ୍ତି । ଉଭୟ ପ୍ରଜ୍ଞା ପୁରୁଷ ଭାରତର ଦୁଇ ମହାକାବ୍ୟକୁ ଆଲୋଚନା କରିଥିଲେ ହେଁ ପ୍ରଥମ ଆଲୋଚନାଟି ବିଷୟବସ୍ତୁକୁ ଆଧାରିତ କରି ସମୀକ୍ଷାଧର୍ମୀ ହୋଇଥିବା ବେଳେ ଦ୍ୱିତୀୟଟି ଯୁକ୍ତିସିଦ୍ଧ ଓ ଐତିହାସିକ ତଥ୍ୟ ସଂବଳିତ ହୋଇଛି ।

ଦୂରଦୃଷ୍ଟି ପରିବର୍ଦ୍ଧିତ କରୁଥିବା ଏହି 'ବିଷୁବ ଅଭିଭାଷଣ'ର ସବୁଠାରୁ ବଡ ବୈଶିଷ୍ଟ୍ୟ ହେଉଛି ଏହା ଓଡ଼ିଆ ସାହିତ୍ୟର ସ୍ୱାଭିମାନକୁ ପ୍ରତିପାଦନ କରିଛି । ପ୍ରକାଶ ପାଇଛି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ମହାନତାର କଥା । ଦେଶ ଓ ବିଦେଶର ବିଦ୍ୱାନମାନଙ୍କ ଦ୍ୱାରା ଏହା ପ୍ରତିପାଦନ କରାଯାଇଥିବାରୁ ଓଡ଼ିଶା ଚିନ୍ତାନାୟକ, ଲେଖକ ଓ ଗବେଷକଙ୍କୁ ଏହା ନିଜର ଐତିହ୍ୟ ସଂପର୍କରେ ଚିନ୍ତା କରିବାର ଖୋରାକ ଯୋଗାଇଛି । ପରାମର୍ଶ, ଆହ୍ୱାନ ଓ ଦିଗ୍‌ଦର୍ଶନରେ ପ୍ରତିଟି ଅଭିଭାଷଣ ଓଡ଼ିଆ ଭାଷା ସାହିତ୍ୟର ଉନ୍ମେଷ ମାର୍ଗକୁ ନିର୍ଦ୍ଦେଶ କରିଛି । ଦୁଃଖର କଥା ଅଣଚାଶ ବର୍ଷ ମିଳନର ଅଭିଭାଷଣରୁ ମାତ୍ର ପନ୍ଦରଟି ଅଭିଭାଷଣ ଝଙ୍କାରରେ ସ୍ଥାନିତ ହୋଇଛି । ଅନ୍ୟଗୁଡିକ 'ପ୍ରଜାତନ୍ତ୍ର'ର ସମ୍ବାଦ ସ୍ତମ୍ଭରେ ରହିଯାଇଛି । ଝଙ୍କାର ପୃଷ୍ଠାକୁ ପ୍ରବଂଧ ରୂପରେ ଏହା ଆସି ପାରିଥିଲେ ଏହି ବିଭାଗଟି ଅଧିକ ବଳିଷ୍ଠ ହୋଇ ପାରିଥାନ୍ତା ।

ବିଷୁବ ଅଭିନନ୍ଦନ

ବିଷୁବ ମିଳନରେ ଅଭିନନ୍ଦନ ଜ୍ଞାପନ ଏକ ପ୍ରଥାସିଦ୍ଧ ବ୍ୟାପାର । ପ୍ରତିବର୍ଷ ବିଷୁବ ସମାରୋହରେ ସାହିତ୍ୟିକ ବଂଧୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥାଏ । 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ଅଧ୍ୟକ୍ଷ ଏହି ବିଷୁବ ଅଭିନନ୍ଦନ ଜଣାଇଥାନ୍ତି । ବିଷୁବ ମିଳନର ସମାବର୍ତ୍ତନ

ଉତ୍ସବରେ ଏହି ଅଭିନନ୍ଦନ ପାଠ କରାଯାଏ । ପଠିତ ଅଭିନନ୍ଦନରେ ଲେଖକ ଲେଖିକାଙ୍କୁ ଅଭିନନ୍ଦନ ଜ୍ଞାପନ ସହ ପ୍ରଜାତନ୍ତ୍ର ପ୍ରଚାର ସମିତି ଓ ବିଷୁବ ମିଳନର ଉଦ୍ଦେଶ୍ୟ, ସାହିତ୍ୟ ସମୃଦ୍ଧିରେ ଝଙ୍କାରର ଭୂମିକା, ଭିନ୍ନ ଭିନ୍ନ ସମୟରେ ପରିଲକ୍ଷିତ ସାହିତ୍ୟିକ ସମସ୍ୟା ଓ ତାର ସମାଧାନର ମାର୍ଗ, ସାହିତ୍ୟର ଅଭିବୃଦ୍ଧି କଳ୍ପେ ଲେଖକ ଓ ପାଠକଙ୍କୁ ଆହ୍ୱାନ, ଓଡ଼ିଆ ସାହିତ୍ୟ ପରିପ୍ରେକ୍ଷୀରେ ଆମ ସାମାଜିକ, ଭୌଗୋଳିକ, ଅର୍ଥନୈତିକ ଅବସ୍ଥା ବିଷୟ ମୁଖ୍ୟତଃ ସ୍ଥାନ ପାଉଥିଲା । ପଠିତ ଅଭିନନ୍ଦନ ବର୍ଷକୁ ଥରଟିଏ ମାତ୍ର ପ୍ରକାଶ ପାଇଲେ ହେଁ ଦୀର୍ଘ ଅଣଚାଷ ବର୍ଷର ଇତିହାସକୁ ବିଚାର କଲେ ଏହା ଝଙ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଯାଇଛି । ବିଷୁବ ମିଳନ ଭଳି ଏକ ସାରସ୍ୱତ ମହୋତ୍ସବରେ ଓଡ଼ିଶାରୁ ପ୍ରତିଟି କୋଣରୁ ଆଗତ ସାହିତ୍ୟିକମାନଙ୍କୁ ସାରସ୍ୱତ କର୍ମରେ ବ୍ୟାପୃତ ରହିବା ପାଇଁ ବିଷୁବ ଅଭିନନ୍ଦନରେ ଉତ୍ସାହ ସୃଷ୍ଟି କରାଯାଇଛି । ଆତ୍ମବଳ ବୃଦ୍ଧି କରାଯାଇଛି । ସ୍ରଷ୍ଟା ଓ ସୃଷ୍ଟିର ମହାନତା ପ୍ରତିପାଦନ କରାଯାଇ ସେମାନଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ ବୋଲି ଆତ୍ମପ୍ରତ୍ୟୟ ସୃଷ୍ଟି କରାଯାଇ ସାହିତ୍ୟର ଧାରାରୁ ବିଚ୍ଛିନ୍ନ ନହେବା ପାଇଁ ପ୍ରେରଣା ଦିଆଯାଇଛି ।

୧୯୫୦ ମସିହା ପ୍ରଥମ ବିଷୁବ ମିଳନ ଅଧିବେଶନ ଅବସରରେ 'ଝଙ୍କାର' ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ 'ସଂପାଦକୀୟ'କୁ 'ବିଷୁବ ଅଭିନନ୍ଦନ (୧୯୮୭)' ଗ୍ରନ୍ଥରେ ପ୍ରଥମ ଅଭିନନ୍ଦନ ଭାବେ ଗ୍ରହଣ କରାଯାଇଥିଲେ ହେଁ ଏହା ଅଭିନନ୍ଦନ ଅପେକ୍ଷା ସଂପାଦକୀୟ ରଚନାର ବୈଚିତ୍ର୍ୟକୁ ଗ୍ରହଣ କରିଛି । ଦ୍ୱିତୀୟ ବିଷୁବ ଅଭିନନ୍ଦନ ମଧ୍ୟ ଝଙ୍କାରରେ ସଂପାଦକୀୟ ଶିରୋନାମାରେ ପ୍ରକାଶିତ । ଏହି ସଂପାଦକୀୟ ଶୀର୍ଷକ 'ବିଷୁବ ଅଭିନନ୍ଦନ' ବିଷୁବ ଅଧିବେଶନରେ ପଠିତ ହୋଇଥିଲା । ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଷର ଅଭିନନ୍ଦନ ବିଷୁବ ମିଳନର ବାର୍ଷିକ ଉତ୍ସବରେ ପଠିତ ହୋଇ 'ବାର୍ଷିକୀ' 'ପଞ୍ଚମ ବର୍ଷ' ଓ 'ପ୍ରଜାତନ୍ତ୍ର ପ୍ରଚାର ସମିତି ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ' ଶିରୋନାମାରେ ଝଙ୍କାରରେ ସ୍ଥାନିତ । ପରବର୍ତ୍ତୀ ବିଷୁବ ଅଭିନନ୍ଦନରେ ଶିରୋନାମା ରଖାଯାଇଥିଲା 'ଅଭିଭାଷଣ', 'ଅଭିନନ୍ଦନ', 'ଅଭିବାଦନ', 'ଅପରାହ୍ନେ', 'ସୁଖ-ଦୁଃଖ', 'ଏ ବର୍ଷର ମିଳନ', 'ସଂବିଦ୍ ଓ ସୂଚନା' ଆଦି । ସାହିତ୍ୟିକମାନଙ୍କୁ ଅଭିନନ୍ଦନ ଜଣାଇବା ଅଭିପ୍ରାୟ ଏଥିରେ ନିହିତ ଥିବାରୁ ଏବଂ ଅଧିକାଂଶ ରଚନା ଶୀର୍ଷକ ଅଭିନନ୍ଦନ ରଖାଯାଇଥିବାରୁ ଏହାକୁ ଆଲୋଚନା ପରିପ୍ରେକ୍ଷୀରେ 'ଅଭିନନ୍ଦନ' ବୋଲି ଗ୍ରହଣ କରିବା ଅଧିକ ଯଥାର୍ଥ ।

ବିଷୁବ ଅଭିନନ୍ଦନକୁ ବିଚାର ବିଶ୍ଳେଷଣ ଦୃଷ୍ଟିରୁ ତିନୋଟି ପର୍ଯ୍ୟାୟ କରାଯାଇପାରେ । ଡକ୍ଟର ହରେକୃଷ୍ଣ ମହତାବ, ଜଷ୍ଟିସ ହରିହର ମହାପାତ୍ର ଓ ଭର୍ତ୍ତୃହରି ମହତାବଙ୍କ ଦ୍ୱାରା

ଲିଖିତ ଓ ବିଷୁବ ମିଳନରେ ପଠିତ ଅଭିନନ୍ଦନ । ଝଙ୍କାରର ପ୍ରାଣ ପ୍ରତିଷ୍ଠାତା ଡ଼ଃ ମହତାବ ୧୯୫୦ ମସିହାରୁ ୧୯୮୫ ମସିହା ଯାଏ ଦୀର୍ଘ ୩୬ ବର୍ଷ ଧରି ବହୁ ପ୍ରତିକୂଳ ଅବସ୍ଥାରେ ବିଷୁବ ଅଭିନନ୍ଦନ ଲେଖିଥିବା ଜଣାଯାଏ । ୧୯୫୫ ମସିହାର ଷଷ୍ଠ ଓ ୧୯୫୬ ମସିହାର ସପ୍ତମ ବିଷୁବ ମିଳନ ସମୟରେ ବମ୍ବେର ରାଜ୍ୟପାଳ ଏବଂ ୧୯୭୭ ମସିହା ସପ୍ତବିଂଶତମ ବିଷୁବ ମିଳନରେ ଆଭ୍ୟନ୍ତରୀଣ ଇମର୍ଜେନସି ବଳରେ 'ବନ୍ଦୀ' ଅଥଚ 'ପାରୋଲ'ରେ ଥାଇ ବହୁ ଅସୁବିଧା ସତ୍ତ୍ୱେ ସେ ଏହି ଅଭିନନ୍ଦନ ରଚନା ପ୍ରତି ଅବହେଳା କରିନାହାନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରାଣଭରି ଭଲ ପାଉଥିଲେ ସେ । ଏଥିର ବିକାଶ ଥିଲା ଡଃ ମହତାବଙ୍କ ଏକାନ୍ତ କାମ୍ୟ । ଡଃ ମହତାବଙ୍କ ଜୀବନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରାଜନୀତି ହୋଇଥିବାରୁ ସେ ନିଜେ ବିଷୁବ ମିଳନରେ ଅଭିନନ୍ଦନକୁ ପାଠ କରିବା ସମ୍ଭବପର ହୋଇ ନ ଥିଲା ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଅନ୍ୟତମ ଦିଗ୍‌ଦର୍ଶକ ହେଉଛନ୍ତି ଡଃ ହରେକୃଷ୍ଣ ମହତାବ । ସ୍ୱାଧୀନତା ଲାଭ ପରେ ଓଡ଼ିଶାର ଶାସନ ଦାୟିତ୍ୱରେ ରହି ଏହି ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତିତ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କଣ୍ଢେ ସାହିତ୍ୟର ସାଂଗଠନିକ ଦିଗ ପ୍ରତି ଗୁରୁତ୍ୱ ଦେଲେ । "ଝଙ୍କାର ପତ୍ରିକା ପ୍ରକାଶିତ ହେବାର ବର୍ଷକ ମଧ୍ୟରେ ଅନୁଭୂତ ହେଲା, ସାହିତ୍ୟର ଆକାଙ୍‌କ୍ଷିତ ଅଭ୍ୟୁଦୟ ସାଧିତ ହେବ ନାହିଁ । ଏହି ଅନୁଭୂତିରୁ ଏ ମିଳନର ଅୟୋଜନ ।"[୧୨] ବିଷୁବ ମିଳନର ପ୍ରଭାବ ସୁଦୂରପ୍ରସାରୀ ହେଲା । ଏହି ସାରସ୍ୱତ ଉତ୍ସବ ପ୍ରତି ସାରା ଓଡ଼ିଶାର ଲେଖକମଣ୍ଡଳୀ ଆସ୍ଥା ପ୍ରକଟ କଲେ । ବିଷୁବ ମିଳନ ହିଁ ହେଲା ସେମାନଙ୍କର ମହାମିଳନ । ଡଃ ମହତବାଙ୍କ ଅକପଟ ସ୍ନେହ ଶ୍ରଦ୍ଧାରେ ସେମାନେ ଅଭିନନ୍ଦିତ ହେଲେ । ଅଭିନନ୍ଦନ ହେଉଛି ପ୍ରତିଭାର ସ୍ୱୀକୃତି, ପ୍ରତିଭା ପୂଜା । ପ୍ରତିଭା ପୂଜାର ମହାର୍ଘ୍ୟ ମୁହୂର୍ତ୍ତରେ ଉପସ୍ଥିତ ପ୍ରତିଭାର ସାରସ୍ୱତ ସାଧକଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତିର ଅଧ୍ୟକ୍ଷ ଭାବେ ଡଃ ମହତାବ ଅଭିନନ୍ଦନ ଜଣାଇଲେ । ଏଣୁ ପ୍ରାୟ ସମସ୍ତ ଅଭିନନ୍ଦନ ବକ୍ତବ୍ୟ ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସାଧନାର ଦିଗ ପରେ ଆଧାରିତ । ସାହିତ୍ୟର ସ୍ୱରୂପ ଓ କାର୍ଯ୍ୟକାରିତାକୁ ସେ ଯେପରି ବୁଝିଥିଲେ, ତାହା ଥିଲା ସାହିତ୍ୟ ସଂପର୍କରେ ଗଭୀର ପର୍ଯ୍ୟବେକ୍ଷଣର ଫଳ । ଲେଖକ ଲେଖିକାମାନଙ୍କୁ ଅଭିନନ୍ଦନ ଦେବା ଅବସରରେ ସାହିତ୍ୟର ସେହି ଦିଗ, ସମସ୍ୟା ଉପରେ ଆଲୋକପାତ କରିଛନ୍ତି । ସମ୍ଭ୍ରାନ୍ତ, ସଂସ୍କୃତି ସଚେତନ ଓ ପ୍ରଭାବଶୀଳ ସାହିତ୍ୟ ସୃଷ୍ଟି କରିବାକୁ କି କି ଉପାଦାନର ଆବଶ୍ୟକତା ରହିଛି ତାହାକୁ ଅଭିନନ୍ଦନରେ ପ୍ରକାଶ କରିଛନ୍ତି । ପ୍ରତିଟି ଅଭିନନ୍ଦନରେ ସାହିତ୍ୟ ସଂପର୍କୀୟ କୌଣସି ନା କୌଣସି ଦିଗ ଉପରେ ଆଲୋଚନା କରାଯାଇଥିବାର ଦେଖାଯାଏ ।

---

୧୨. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ (୧୯୮୭) ପୃ - ୧୯୨

୧।। ''ସାହିତ୍ୟର ସୃଷ୍ଟି ମନୁଷ୍ୟର ଉଦ୍‌ବେଗ ଭାର ଲାଘବ କରିବା ପାଇଁ । ପରସ୍ପର ଭାବ ଆଦାନ ପ୍ରଦାନର ସୁବିଧା ନ ରହିଲେ ମନୁଷ୍ୟ ଜୀବନ ଦୁର୍ବିସହ ହୋଇ ପଡିବ । ସମସ୍ତ ଉଦ୍‌ବେଗ ଓ ଅନ୍ତରୁତ୍‌ଥିତ ଭାବ ସାହିତ୍ୟ ବହିଷ୍କାର କରିପାରିଛି କି ନାହିଁ, ତାହା ହିଁ ତ ସାହିତ୍ୟିକ ଆଲୋଚନା ।''[୧୩]

୨।। ''ଆଗେ ସାହିତ୍ୟ, ତା'ପରେ ସମର୍ଥକ । ଯେଉଁ ସାହିତ୍ୟ ସମର୍ଥକ ସୃଷ୍ଟି କରିପାରୁନାହିଁ, ହୁଏତ ସେ ସାହିତ୍ୟରେ ତ୍ରୁଟି ରହୁଛି ବା ସେ ସମାଜରେ କିଛି ତ୍ରୁଟି ରହୁଛି ।''[୧୪]

୩ ।। ''ଊନବିଂଶ ଶତାବ୍ଦୀର ଭାବଧାରା-ଜାତୀୟତାଠାରୁ ନାନା କାରଣରୁ ଓଡ଼ିଆ ସାହିତ୍ୟ ଦୂରରେ ରହିଗଲା । ପୁଣି ବିଂଶ ଶତାବ୍ଦୀରେ ଭାବଧାରା ସମାଜବାଦ - ସେଥିରୁ ଓଡ଼ିଆ ସାହିତ୍ୟ ଯେପରି ବିଚ୍ଛିନ୍ନ ହୋଇ ନଯାଏ । ପରିବର୍ତ୍ତନର ସ୍ରୋତ ଧାଇଁଛି ମନୁଷ୍ୟର ଅନ୍ତିମ ବିକାଶ ପାଇଁ, ସେ ସ୍ରୋତରେ ସାହିତ୍ୟ ତଟସ୍ଥ ହୋଇ ରହି ନ ପାରେ । ରହିଗଲେ ରହିଯିବ ସ୍ରୋତ ଅପେକ୍ଷା କରିବ ନାହିଁ । ସ୍ରୋତରେ ଲମ୍ଫ ଦେଇ ସନ୍ତରଣ କରିବାକୁ ହେବ । ଓଡ଼ିଆ ସାହିତ୍ୟର ସେ ଶକ୍ତି ଅଛି, ସେ ଉତ୍ସାହ ଅଛି, ସନ୍ତରଣରେ ତାର ବିଜୟ ନିଶ୍ଚିତ । କେବଳ ସାହସର ସହିତ ବିଶ୍ୱାସର ସହିତ ଲମ୍ଫ ଦେବାକୁ ହେବ ।''[୧୫]

ସାହିତ୍ୟ ଓ ସମାଜ ପରସ୍ପର ସଂପର୍କିତ । ସାମାଜିକ ବ୍ୟବସ୍ଥା ସାହିତ୍ୟିକମାନଙ୍କ ଉପରେ ପ୍ରଭାବ ପକାଇଲା ବେଳେ ସାହିତ୍ୟ ସାଧକ ସାହିତ୍ୟ ମାଧ୍ୟମରେ ସମାଜରେ କ୍ରାନ୍ତି ଆଣେ । ସାହିତ୍ୟ ଓ ସମାଜ ଭିତରେ ଥିବା ସଂପର୍କ ସମାଜର ପରିବର୍ତ୍ତନ ପାଇଁ ସାହିତ୍ୟିକର ଭୂମିକା ଅଭିନନ୍ଦନର ମୁଖ୍ୟ ବିଷୟବସ୍ତୁ ।

ଲେଖକର ଦାୟିତ୍ୱ ଓ କର୍ତ୍ତବ୍ୟ, ସମାଜ ପ୍ରତି ସ୍ରଷ୍ଟାର ସମ୍ଭାବ୍ୟ ଦୃଷ୍ଟିଭଙ୍ଗୀ ସାହିତ୍ୟିକମାନଙ୍କ ପାଇଁ ସୃଷ୍ଟି ହେଉଥିବା ସମସ୍ୟାବଳୀ ଓ ତା'ର ପ୍ରତିକାର ପାଇଁ ସେମାନଙ୍କ ନିମିତ୍ତ ପ୍ରକୃଷ୍ଟ ମାର୍ଗ ସଂପର୍କରେ ବହୁ ସ୍ଥାନରେ ଆଲୋଚନା କରାଯାଇଛି । 'ବିଷୁବ ମିଳନ ଓ ଝଙ୍କାର' ସମ୍ବନ୍ଧରେ ମଧ୍ୟ ଅଭିନନ୍ଦନର ଅନେକତ୍ର ସୂଚନା ରହିଛି । କେତେକ ଅଭିନନ୍ଦନରେ ଝଙ୍କାର ଓ ବିଷୁବ ମିଳନର ଗତି ଓ ସଫଳତାର ବିବରଣୀ ପ୍ରଦତ୍ତ । ଏହି ସଫଳତାରେ ଡଃ ମହତାବ ଆଦୌ ସନ୍ତୁଷ୍ଟ ନୁହନ୍ତି । ଆହୁରି ଅଧିକ ଉନ୍ନତି ପାଇଁ ସେ ଆଶାବାଦୀ ଓ ଏହି ଉନ୍ନତି ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଲାଭ ଓ ମର୍ଯ୍ୟାଦା ଲାଭ ତାଙ୍କର ସର୍ବଶେଷ ଲକ୍ଷ୍ୟ ।

---

୧୩. ତତ୍ରୈବ - ପୃ. ୩୮

୧୪. ତତ୍ରୈବ - ପୃ. ୪୦

୧୫. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ (୧୯୮୭) ପୃ - ୧୦୫

ଝଙ୍କାରର ସଫଳତା ପାଇଁ ପରିଚାଳନାର ପୂର୍ଣ୍ଣ ଆତ୍ମବିଶ୍ୱାସ, ଗ୍ରହଣଯୋଗ୍ୟ ନୀତିନିୟମ ଡଃ ମହତାବଙ୍କ ଅଭିନନ୍ଦନ ଆଲୋଚନାରୁ ସ୍ପଷ୍ଟ ହୋଇଯାଏ ।

ବିଜ୍ଞାନ, ଇତିହାସ, ରାଜନୀତି, ଅର୍ଥନୀତି ଓ ସମାଜନୀତି ଆଦି ବ୍ୟାପକ ପୃଷ୍ଠଭୂମିକୁ ଆଲୋଚନାର ଭିତ୍ତିରୂପେ ଡଃ ମହତାବ ଗ୍ରହଣ କରିଛନ୍ତି । ଆନ୍ତର୍ଜାତୀୟ ସ୍ତରରୁ ଗ୍ରାମ୍ୟ ଜୀବନ, ପ୍ରାଚୀନ ଅତୀତ ଇତିହାସରୁ ଅତ୍ୟାଧୁନିକ ସମୟ, ରାମାୟଣ ମହାଭାରତ ଠାରୁ Freedom At Midnight, Orissa Society of America ଠାରୁ ଉତ୍କଳ ସାହିତ୍ୟ ସମାଜ କିମ୍ବା ଲେଖକ ସାହିତ୍ୟ ସମାଜ, ଆଇନ୍‌ଷ୍ଟାଇନଙ୍କ ଥିଓରୀ ଅଫ୍ ରିଲେଟିଭିଟିଠାରୁ ଭାରତୀୟ ଅଧ୍ୟାତ୍ମବାଦ ତତ୍ତ୍ୱ ଯାଏ ବିସ୍ତୃତ ଦିଗନ୍ତରେ ବିଚରଣ କରିଥିବା ତାଙ୍କ ଅନୁଭୂତିସିକ୍ତ ମନଟିର ଆତ୍ମପ୍ରକାଶ ଘଟିଛି ଏହି ଆଲୋଚନାରେ । ଯୁକ୍ତି ଓ ଉପଦେଶ ମଧ୍ୟ ଏଥିରେ ସ୍ଥାନ ପାଇଛି । ଛୋଟ ଛୋଟ ଦୃଷ୍ଟାନ୍ତ ମାଧ୍ୟମରେ ବହୁ ଆଲୋଚନା ସ୍ପଷ୍ଟ ସରଳ ଓ ସ୍ୱଚ୍ଛନ୍ଦ । ଡଃ ମହତାବଙ୍କ ପ୍ରକାଶଭଙ୍ଗୀ ଓ ବକ୍ତବ୍ୟରେ ସ୍ପଷ୍ଟତା ପାଇଁ ସଫଳ ପ୍ରୟାସକୁ ଦର୍ଶାଇବାକୁ କେତୋଟି ଉଦାହରଣ ନିଆଯାଇପାରେ ।

୧ ॥ ''ଇଂଜିନ ଭିତରେ ବାଷ୍ପ ତିଆରି ହେଉଛି । ସେହି ବାଷ୍ପ ବାହାରିବାପାଇଁ ସେହି ଇଂଜିନରେ ବ୍ୟବସ୍ଥା ଅଛି । ସେ ବ୍ୟବସ୍ଥା ନ ଥିଲେ ବାଷ୍ପର ବେଗରେ ଇଂଜିନ ନଷ୍ଟ ହୋଇ ଯାଆନ୍ତା । ପୁଣି ସେହି ବାଷ୍ପର ବହିଷ୍କାର ବେଗରେ ଖାଲି ଯେ ଇଂଜିନ୍ ଦ୍ରୁତ ଗତିରେ ଅଗ୍ରସର ହୁଏ, ତାହା ନୁହେଁ, ସେହି ବେଗରେ ଇଂଜିନ୍ ତାର ଏ ସଂସାରକୁ ଟାଣି ନେଇ ଧାବମାନ ହୁଏ । ଭାବରାଶି ସୃଷ୍ଟି କରିବା ପୁଣି ତାକୁ ବହିଷ୍କାର କରି ବେଗ ସୃଷ୍ଟି କରିବା ଓ ସେହି ବେଗରେ ସମାଜ ପରିଚାଳନା କରିବା ଏ ସବୁ ସାହିତ୍ୟର କାର୍ଯ୍ୟକ୍ରମ ।''[୧୬]

୨ ॥ ''ସାହିତ୍ୟ, ସଂସ୍କୃତି ବା ଏପରିକି ବିକାଶ ଯୋଜନାମାନଙ୍କ ପାଇଁ ଉତ୍ସାହଭରା ବାୟୁମଣ୍ଡଳ ଆବଶ୍ୟକ । ଶରଦାକାଶରେ ସିନ୍ଧ ଚନ୍ଦ୍ର ଜ୍ୟୋତ୍ସ୍ନା ବିକାଶ କରିପାରିବ, ମେଘମୟ ନଭରେ ସେ ତ ଲୁଚି ଲୁଚି ସଂକୋଚରେ ବୁଡିଯିବ ।''[୧୭]

୩ ॥ ''ସେନାପତି ନିଜର ଟେବୁଲ ଉପରେ ରଣକ୍ଷେତ୍ରର ମାନଚିତ୍ର ଶତ୍ରୁ ସେନାର ସମ୍ମୁଖୀନ ହେବା ପାଇଁ ନିଜର ସୈନ୍ୟମାନଙ୍କୁ ପଠାଇବା ବେଳେ ସହସ୍ର ସହସ୍ର ସଂଖ୍ୟାରେ ନିଜର ସୈନ୍ୟମାନଙ୍କର ବିନାଶ ମଧ୍ୟ ହିସାବ କରେ । ଯଥା- ଦଶ ହଜାର ସୈନ୍ୟ ପଠାଗଲେ, ସେଥିରୁ ପାଞ୍ଚ ହଜାର ନଷ୍ଟ ହୋଇଗଲେ ମଧ୍ୟ ଆହୁରି ପାଞ୍ଚହଜାର ଆଗକୁ ମାଡି ଯାଇ ପାରିବେ, ଇତ୍ୟାଦି । ସେହି ହିସାବ ବେଳେ ସେନାପତିଙ୍କ ମସ୍ତିଷ୍କ ମାତ୍ର

---

୧୬. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ (୧୯୮୭) ପୃ - ୩୮

୧୭. ତତ୍ରୈବ - ପୃ ୭୨ ।

କାର୍ଯ୍ୟ କରୁଛି ଓ ତାକୁ ସମର୍ଥନ କରି ଚାଲିଛି ଅଭ୍ୟାସବଶତଃ ପାଷାଣୀଭୂତ ହୃଦୟ; କିନ୍ତୁ ସେହି ସେନାପତି ଯେତେବେଳେ ଏକ ନୀରବ ମୁହୂର୍ତ୍ତରେ କବିତାଟିଏ ବା ଗଳ୍ପଟିଏ ପଢ଼ିବେ, ନିହତ ସୈନିକର ପତ୍ନୀ ବା ପୁତ୍ରଙ୍କର ଦାରୁଣ ଦୁଃଖ ବା ତା'ର ଦୀନ କୁଟୀରର ବର୍ଣ୍ଣନା,ଯେଉଁଠି ଯୁଦ୍ଧର ଜୟ ପରାଜୟର ସଂବାଦ ସୁଦ୍ଧା ପହଞ୍ଚୁନାହିଁ, ସେତେବେଳେ ତାଙ୍କ ହୃଦୟର କେଉଁ ଏକ ତନ୍ତ୍ରୀରେ ଝଙ୍କାରି ଉଠିବ ନିଜ ଆଦେଶର ପ୍ରତିକ୍ରିୟା; ଶିହରି ଉଠିବ ତାଙ୍କର ଶରୀର, ତାଙ୍କରି ନିଜର ନିର୍ମମ ଆଦେଶକୁ ସ୍ମରଣ କରି । ପୁଣି ଯେତେବେଳେ ସେ ସେହି ପ୍ରକାର ଆଦେଶ ଦେବାକୁ ଯିବେ, ସେତେବେଳେ ସେ ଭାବିବେ କିପରି ଅତି କମ୍ ଲୋକକ୍ଷୟ ଘଟେ । ସେନାପତିର ଆଦେଶ ହେଉଛି କାଳ ଓ ସେହି ଆଦେଶରେ ନିହିତ ସୈନିକ ପ୍ରତି ଦୃଷ୍ଟି ନିକ୍ଷେପ ହେଉଛି ସାହିତ୍ୟ । ସେହିପରି ଯେଉଁ ସୈନ୍ୟ ସେନାପତିଙ୍କ ଆଦେଶରେ ଜୀବନ ଉତ୍ସର୍ଗ କରିବାକୁ ଯାଉଛି, ତା'ର ଭାବୋଚ୍ଛ୍ୱାସ ହେଉଛି ସାହିତ୍ୟର ବିଷୟ ।''[୧୮]

ଡଃ ମହତାବଙ୍କ ଅଭିନନ୍ଦନରେ ସାହିତ୍ୟ ସଂପର୍କିତ ଆଲୋଚନା ସାଧାରଣ ଆଲୋଚନା ନୁହେଁ ଏହା ସାହିତ୍ୟିକମାନଙ୍କ ପାଇଁ ଆହ୍ୱାନ, ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ଉତ୍କୃଷ୍ଟ ସାହିତ୍ୟକୃତି ସର୍ଜନା ପାଇଁ । ପ୍ରତିଟି ଅଭିନନ୍ଦନରେ ଆଦର୍ଶହୀନତା, ଦୋଷଦର୍ଶିତା ଓ ନିରାଶାବାଦକୁ ଏଡାଇ କର୍ମ ପ୍ରଚୋଦନାର ଖୋରାକ ଭରି ରହିଛି । ଚୈରେବତି ଚୈରେବତିର ଧ୍ୱନି କେବଳ ଏଥିରେ ମର୍ମରିତ ହୁଏନା ଆଗେଇଯିବା ପାଇଁ ଏହା ଆତ୍ମବଳ, ଆତ୍ମପ୍ରତ୍ୟୟ ସୃଷ୍ଟିକରେ । ମାର୍ଗର ସଂଧାନ ଦିଏ । ଲକ୍ଷ୍ୟଟି କ'ଣ ତାକୁ ମଧ୍ୟ ସୂଚାଏ ।

ଅଭିନନ୍ଦନ ମଧ୍ୟରେ ଜଣେ ଦୂରଦୃଷ୍ଟି ସଂପନ୍ନ ସାହିତ୍ୟ ସଂସ୍କୃତି ସଚେତନ ପୁରୁଷଙ୍କୁ ଅନୁଭବ କରିହୁଏ । ଏହା ମଧ୍ୟରେ ସାହିତ୍ୟକୁ ସମୃଦ୍ଧି କରି ଗଢ଼ି ତୋଳିବାର ସ୍ୱପ୍ନକୁ ବାସ୍ତବାୟନ କରିବାର ପ୍ରକୃତ ବିଧି କ'ଣ ହୋଇପାରେ ସେ ସଂପର୍କରେ ସବିଶେଷ ଆଲୋଚନା 'ବିଷୁବ ଅଭିନନ୍ଦନ' ଭାଷଣରୁ ଜଣାଯାଏ । ଜଷ୍ଟିସ ମହାପାତ୍ରଙ୍କ ଦୃଷ୍ଟିରେ ''ସାହିତ୍ୟର ସମୃଦ୍ଧି ସମ୍ବନ୍ଧରେ ଡଃ ମହତାବଙ୍କ ଚିନ୍ତାଧାରାର ଏକ କ୍ରମବିକାଶ ଏହି ଅଭିନନ୍ଦନରୁ ସୂଚିତ ।''[୧୯]

୧୯୭୬ ମସିହାର ୨୭ତମ ବିଷୁବ ମିଳନ ଇମର୍ଜେନସି ଶାସନର ତିମିରାଭିସାର ଭିତରେ ଅନୁଷ୍ଠିତ ହେଲା । ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ । ମିସା ଆଇନ ବଳରେ କାରାରୁଦ୍ଧ ଥିବା ଡଃ ମହତାବ 'ପାରେଲ'ରେ ଥାଇ ବିଷୁବ ମିଳନରେ

୧୮. ମହତାବ, ଡଃ ହରେକୃଷ୍ଣ - ବିଷୁବ ଅଭିନନ୍ଦନ (୧୯୮୭) ପୃ ୬୦-୬୧
୧୯. ବିଷୁବ ଅଭିଭାଷଣ - ଅର୍ଘ୍ୟ ପୃଷ୍ଠା - ଖ

ଯୋଗ ଦେବାର ସୁଯୋଗ ପାଇଲେ । ରାଜନୀତିର କ୍ରୁର ଇଂଗିତରେ ଏହି ସାରସ୍ୱତ ଉତ୍ସବ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହେଲା । ଏହି ଆଶଙ୍କାକୁ ଏଡାଇ ଦେବାକୁ ଯାଇ 'ବିଷୁବ ମିଳନ' ସଂବନ୍ଧରେ ନୂଆ ନିୟମାବଳୀ ପ୍ରବର୍ତ୍ତିତ ହେଲା । ଗଠିତ ହେଲା 'ବିଷୁବ ଅଭିନନ୍ଦନ ସମିତି' । ଜଷ୍ଟିସ ହରିହର ମହାପାତ୍ରଙ୍କୁ ଏହି ସମିତିର ପ୍ରଥମ ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଗଲା । ଜଷ୍ଟିସ ମହାପାତ୍ର ଜଣେ ଖ୍ୟାତନାମା ବୁଦ୍ଧିଜୀବୀ । ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବଂଧୁ ହୋଇଥିବାରୁ ତାଙ୍କ ସହଯୋଗ ବିଷୁବ ମିଳନ ପ୍ରତି ସମସ୍ତ ବିପଦ ଏଡାଇ ଦେବାରେ ସକ୍ଷମ ହୋଇପାରିବ ବୋଲି ମିଳନର କର୍ମକର୍ତ୍ତାଙ୍କ ହୃଦ୍‌ବୋଧ ହୋଇଥିଲା । ବିଷୁବ ମିଳନ କର୍ମକର୍ତ୍ତାଙ୍କ ଦୂରଦୃଷ୍ଟି ବିଷୁବ ମିଳନ ପ୍ରତିଥିବା ବିପଦକୁ ଦୂର କରିପାରିଲା । ଡଃ ମହତାବଙ୍କ ଏ ସଂପର୍କୀୟ ସ୍ୱୀକାରୋକ୍ତି ଗୁରୁତ୍ୱପୂର୍ଣ୍ଣ । ''ଅନୁଷ୍ଠାନ ପାଇଁ ନିୟମ ପ୍ରଣୟନ ଓ ଜଷ୍ଟିସ ହରିହର ମହାପାତ୍ରଙ୍କ ଦାୟିତ୍ୱ ଗ୍ରହଣ ଏ ଅନୁଷ୍ଠାନ ସ୍ଥାୟିତ୍ୱ ପକ୍ଷରେ ଯେ ଏକ ନିଶ୍ଚିତ ପ୍ରତିଭୂ ଏଥିରେ ସନ୍ଦେହ ନାହିଁ ।''[୨୦]

ତତ୍‌କାଳୀନ ପରିସ୍ଥିତିରେ ଅଭିନନ୍ଦନ ସମିତି ଗଠନ ଓ ଅଧ୍ୟକ୍ଷ ନିଯୁକ୍ତି ଅପରିହାର୍ଯ୍ୟ ଥିଲା । ମାତ୍ର ପରବର୍ତ୍ତୀ ସମୟରେ ବିଷୁବ ମିଳନ ଜଣେ କୃତିତ୍ୱସଂପନ୍ନ ବ୍ୟକ୍ତିଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ଲାଭ କରିବାର ସୌଭାଗ୍ୟ ପାଇଲା । ବିଷୁବ ମିଳନ ଇତିହାସର ଦ୍ୱିତୀୟ ପ୍ରର୍ଯ୍ୟାୟ ଆରମ୍ଭ ହେଲା । ଡଃ ମହତାବଙ୍କ ଭାଷାରେ ଏହିଠାରୁ ଦ୍ୱିତୀୟ ଅଙ୍କର ଅୟମାରମ୍ଭ । ଏହି ଦ୍ୱିତୀୟ ଅଙ୍କର ଶୁଭ ଅବକାଶରେ ସେ ଲେଖକ ଲେଖିକାଙ୍କ ସୃଷ୍ଟିକର୍ମର ସଫଳତା ଓ ସାର୍ଥକତା କାମନା କରିଥିଲେ ।[୨୧] ଅଭିନନ୍ଦନ ସମିତିର ଅଧ୍ୟକ୍ଷଙ୍କ ପ୍ରେରଣା ଓ ଉତ୍ସାହ ଅନୁଷ୍ଠାନ ପ୍ରତି ରହିବ ବୋଲି ଆଶାପୋଷଣ କରିଥିଲେ ।

ଅଭିନନ୍ଦନ ସମିତିର ଅଧ୍ୟକ୍ଷ ଭାବେ ଜଷ୍ଟିସ ହରିହର ମହାପାତ୍ରଙ୍କ ଉପରେ ବିଷୁବ ମିଳନକୁ ଆଗତ ଲେଖକ ଲେଖିକାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବାର ଭାର ପଡିଲା । ଏହି ସଂସ୍କୃତି ସଚେତନ ସାରସ୍ୱତ ସାଧକ ବିଷୁବ ମଣ୍ଡପରୁ ଲେଖକମାନଙ୍କୁ ପାରମ୍ପରିକ ସ୍ୱାଗତ ଜଣାଇଲେ । ପ୍ରଥମ ଅଭିନନ୍ଦନରେ ଜଷ୍ଟିସ ମହାପାତ୍ର ବିଷୁବ ମିଳନ ସଂପର୍କରେ ସୂଚନା, ସମାଜରେ ସାହିତ୍ୟର ସ୍ଥାନ ଏବଂ ରାଷ୍ଟ୍ରନାୟକ, ଧର୍ମଯାଜକ, ଶିକ୍ଷୟିତ୍ରୀ, ସମାଜସେବୀଙ୍କ

---

୨୦. ପ୍ରାରମ୍ଭିକ ସୂଚନା, ୨୯ ବର୍ଷ ବିଷୁବ ସଂଖ୍ୟା, ଝଙ୍କାର ।

୨୧. ''ମଙ୍ଗଳ ବାଦ୍ୟ ବାଜୁ ଏ ମିଳନେ
ସରିଛି ପ୍ରଥମ, ଆରମ୍ଭ ଦ୍ୱିତୀୟ
ପୁଲକିତ ହେଉ ଲେଖକ ହୃଦୟ
ମଙ୍ଗଳ ସାଧନ କରୁ ତାଙ୍କ ଲେଖା
ଆଜି ନାଟକର ଦ୍ୱିତୀୟ ଅଙ୍କ
ବାଜୁ ଉଚ୍ଚସ୍ୱରରେ ମଙ୍ଗଳ ଶଙ୍ଖ ।
ଉର୍ଦ୍ଧ୍ୱଗତି ହେଉ ତାଙ୍କ ଭାବନା
ଜନହିତେ ହେଉ ତାଙ୍କ ସାଧନା ।।

- ପ୍ରଥମ ଅଙ୍କର ଉପସଂହାର, ୨୮ ବର୍ଷ, ବିଷୁବ ସଂଖ୍ୟା, ଝଙ୍କାର ।

ସାହିତ୍ୟ ଓ ସାହିତ୍ୟିକଙ୍କ ପ୍ରତି ପୋଷଣ କରୁଥିବା ଦୃଷ୍ଟିଭଙ୍ଗୀକୁ ଦର୍ଶାଇଛନ୍ତି । ସାହିତ୍ୟ ପ୍ରତି ଆର୍ଥିକ ଅବସ୍ଥାର ନିବିଡ଼ ସଂପର୍କକୁ ବୁଝାଇବାକୁ ଯାଇ ଜୀବିକା-ସଂବଳ ଯୋଗାଇ ପାରୁଥିବା କଳା ସାଧନା ସାମାଜିକ ମର୍ଯ୍ୟାଦା ଲାଭ କରୁଥିବାର ଉଲ୍ଲେଖ କରି ଶାସନ ଓ ସମାଜର ସହଯୋଗରେ ଶିକ୍ଷା ପ୍ରସାର ମାଧ୍ୟମରେ ଅନୁଶୀଳନ/ବ୍ୟାପକ ଚର୍ଚ୍ଚା କରାଗଲେ ଆର୍ଥିକ ସ୍ୱଚ୍ଛଳତା ସାହିତ୍ୟର ପରିପନ୍ଥୀ ହୋଇ ରହିବ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟାନ୍ୟ ଅଭିନନ୍ଦନ ରଚନାରେ ମଧ୍ୟ ସମସାମୟିକ ସାହିତ୍ୟ ଉପରେ ବିହଙ୍ଗାବଲୋକନ, ସାହିତ୍ୟର ବିଭିନ୍ନ ଦିଗ ଓ ଏଥିରେ ପରିଦୃଷ୍ଟ ସମସ୍ୟାପ୍ରତି ଲେଖକ/ସଂସ୍କୃତିପ୍ରେମୀଙ୍କୁ ସଚେତନ କରାଇ ଦେଇଛନ୍ତି । ଶାନ୍ତିକାମୀ ରାଷ୍ଟ୍ର ଗଠନ, ମନ ବିକାରର ଅନ୍ୱେଷଣ, ନିମ୍ନଗାମୀ ରାଜନୀତି, ଦୋଦୁ୍ୟଲମାନ ଶାସନତନ୍ତ୍ରକୁ ବିପୁଳଭାବରେ ବିଭିନ୍ନ ଦିଗରୁ ପର୍ଯ୍ୟବେକ୍ଷଣ କରିବାକୁ ସେ ମଧ୍ୟ ଆହ୍ୱାନ କରିଛନ୍ତି । ଆହ୍ୱାନର ନେପଥ୍ୟରେ ସାହିତ୍ୟିକମାନଙ୍କର ଏହାର ପ୍ରତିବାଦ ପାଇଁ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି, ତାହା ମଧ୍ୟ ସୂଚୀତ ।

ଗୋଟିଏ ସଦାଚାର ଶିଷ୍ଟ ସମାଜ ଗଠନ ପାଇଁ ଜଷ୍ଟିସ୍ ମହାପାତ୍ର ଥିଲେ ଆଗ୍ରହୀ । ତାଙ୍କ ରଚନାରେ ଦୁର୍ନୀତି, ଦୁରାଚାର, ହିଂସା ଓ ପ୍ରତିରୋଧରେ ସଭ୍ୟତା ମୂଲ୍ୟବୋଧ ଧ୍ୱଂସ, ଧର୍ମଗୁରୁଙ୍କ ଦ୍ୱାରା ପ୍ରଭାବିତ ଓ ପ୍ରତାରିତ ସମାଜ ଓ ଅସତ୍ ପନ୍ଥା, ଅସତ କଥାରେ ସମସ୍ତ ପରିଚାଳନା ଆଦିରେ ସମାଜର ବାସ୍ତବ ଚିତ୍ର ସୁସ୍ପଷ୍ଟ । ସମାଜ, ଜାତି ଓ ରାଷ୍ଟ୍ରର କଲ୍ୟାଣ ଉଦ୍ଦେଶ୍ୟରେ ତାଙ୍କ ମନ୍ତବ୍ୟ ଅଭିପ୍ରେତ । ସାହିତ୍ୟ ସାଧକମାନେ ଏ ଦିଗରେ କାର୍ଯ୍ୟ କରିବାକୁ ଅର୍ଥାତ୍ ସମାଜରେ ପରିଦୃଷ୍ଟ ଅସାମଞ୍ଜସ୍ୟକୁ ଦୂରାଇଦେବାକୁ ଉଦ୍ୟମ କରିବା ପାଇଁ ତାଙ୍କ ପ୍ରେରଣା ବ୍ୟାପକ ଦୃଷ୍ଟିକୋଣ ସଂପନ୍ନ । ଗୋଟିଏ ଦିଗରେ ସମାଜର ସମୃଦ୍ଧି ଏବଂ ଅପର ଦିଗରେ ସାହିତ୍ୟର କ୍ରିୟାଶୀଳ ପ୍ରଭାବଶାଳୀ ଓ ପରିବର୍ତ୍ତନକାରୀ ଶକ୍ତିଲାଭ ତାଙ୍କ ଦୂରଦୃଷ୍ଟିର ଦୁଇଟି ଦିଗନ୍ତ ।

ଝଙ୍କାରର ବୈଶିଷ୍ଟ୍ୟ, ବ୍ୟାପ୍ତି ଓ ଦ୍ୟୁତି, ଓଡ଼ିଆଭାଷା ସାହିତ୍ୟ ସମୃଦ୍ଧି ପାଇଁ ଝଙ୍କାରର ଭୂମିକାକୁ ମଧ୍ୟ ନିଜ ଅଭିନନ୍ଦନ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ଜଷ୍ଟିସ ମହାପାତ୍ର । ''ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟିପାଇଁ ଝଙ୍କାରର ସହାୟତା ସାଧନାର ବିଭିନ୍ନ ପର୍ଯ୍ୟାୟରେ ରଚୟିତାମାନଙ୍କୁ ଯୋଗାଇ ଦେଇଥିବା ସୁଯୋଗ ଓ ଉତ୍ସାହ ଯଥେଷ୍ଟ ।'' ବିଷୁବ ମିଳନ ଓ ବିଷୁବ ଅଭିନନ୍ଦନର ଉଦ୍ଦେଶ୍ୟକୁ ମଧ୍ୟ ସ୍ୱାଭାବିକ ଢଙ୍ଗରେ ଦୃଷ୍ଟାନ୍ତ ସହ ଉପସ୍ଥାପନା କରିଥିଲେ ।

''ପୁଷ୍କରଣୀରେ ଅବଗାହନ କରିବା ପୂର୍ବରୁ ସୋପାନ ଶ୍ରେଣୀ ଅତିକ୍ରମ କରିବାକୁ ହୁଏ । ସାଗରର ସ୍ନାନ ପାଇଁ ତାହା ନ ଥାଏ । ଯେ ଉତ୍ତାଳ ତରଙ୍ଗ ସମ୍ମୁଖୀନ ହେବାର ସାହସ ଓ କୌଶଳ ଅର୍ଜନ କରିଥାଏ, ତାହା ପାଇଁ ବାଲୁକାରାଶି ବା ବଂଧୁର ବେଳା

ପ୍ରତିବଂଧକ ହୁଏ ନାହିଁ । କିନ୍ତୁ ସେ ସାହସ ଓ କୌଶଳ ପୋଖରୀର ସ୍ଥିର ପାଣିରେ ସନ୍ତରଣ ପଟୁତାରୁ ହାସଲ କରିବାକୁ ହୁଏ । ସନ୍ତରଣ ପାଇଁ ଆଗ୍ରହ ଅନେକଙ୍କର ହେବା ସ୍ୱାଭାବିକ । ଆୟୋଜନ ଓ ଉତ୍ସାହ ନ ଯୋଗାଇଲେ ସେ ଆଗ୍ରହ କାର୍ଯ୍ୟକାରୀ ହୋଇପାରେ ନାହିଁ । ବିଷୁବ ମିଳନ ଏହି ଯୋଗାଣରେ ଚେଷ୍ଟିତ । ଯେଉଁମାନଙ୍କର ଆଗ୍ରହ ପୂର୍ଣ୍ଣତା ଆଡକୁ ଅଗ୍ରସର କରୁଛି ବା କରିଛି ସେମାନଙ୍କୁ ଅଭିନନ୍ଦନ ଜଣାଇବା ଆଜିର ଉଦ୍ଦେଶ୍ୟ ।''[୨୨]

ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରେରଣା ବା ଉତ୍ସାହବାଣୀର ତତ୍କ୍ଷଣାତ୍ ଫଳ ଲାଭ କରିବା ଆଶା ଅବାସ୍ତବ ହୋଇଥିଲେ ହେଁ ଏହାର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ । ଏହି ପଦକ୍ଷେପ ପାଇଁ ବିଷୁବ ଅଭିନନ୍ଦନ ବକ୍ତବ୍ୟରେ ସାହିତ୍ୟିକମାନଙ୍କୁ ସାଧନାରେ ବ୍ରତୀ ହେବାକୁ ପ୍ରଜ୍ଞାପୁରୁଷ ହରିହରଙ୍କ ପ୍ରେରଣା/ଉତ୍ସାହବାଣୀ ପ୍ରଭାବଶାଳୀ ।

''ଆପଣମାନଙ୍କର ସାମର୍ଥ୍ୟ ବିପୁଳ । ଆପଣ ଇଚ୍ଛାକଲେ ବାସୁକୀ କଡ ଲେଉଟି ଯିବ ଅକ୍ଳେଶରେ । ଗଣଚେତନା ଜାଗ୍ରତ କରିବା ପାଇଁ ସାହିତ୍ୟ ଚିନ୍ତା ଯେଉଁ ବିପୁଳ ଚର୍ଚ୍ଚା ଆବଶ୍ୟକ, ତାହାର ପ୍ରସ୍ତୁତି ପାଇଁ ବିଷୁବ ମିଳନ ଏକ ବଳିଷ୍ଠ ପଦକ୍ଷେପ । ସରସ୍ୱତୀଙ୍କର ବୀଣାରେ ଝଙ୍କାର ଆସିବ ଆପଣଙ୍କ ମନ ଅଙ୍ଗୁଳୀ ଚାଳନାରେ ।''[୨୩]

ଦୀର୍ଘ ଦଶବର୍ଷ (୨୮ତମ ବିଷୁବ ମିଳନରୁ ୩୭ତମ ବିଷୁବ ମିଳନ) ଧରି ଜଷ୍ଟିସ ମହାପାତ୍ରଙ୍କ ବିଷୁବ ଅଭିନନ୍ଦନ ଆହ୍ଲାଦଦାୟକ । ଝଙ୍କାର ସଂପାଦକୀୟ ତୁଲ୍ୟ ଏହା ଚିନ୍ତନଧର୍ମୀ ପ୍ରବଂଧ ନୁହେଁ, ସରଳ, ସାବଲୀଳ ଓ ମାର୍ମିକ । ଜଣେ ସାରସ୍ୱତ ସ୍ରଷ୍ଟାର ଦୃଷ୍ଟିଭଙ୍ଗୀ ପ୍ରତିଟି ଅଭିନନ୍ଦନ ରଚନାରେ ପ୍ରତିଭାତ । ତଳୁ ସ୍ନିଗ୍ଧ ରସ, ଉପରୁ ଉଷ୍ମ ଆଲୋକ ସମଭାବରେ ମିଳିଲେ ଗଛ ପୁଷ୍ପିତ ହୁଏ । ସାହିତ୍ୟ ଧାରା ମଧ୍ୟ ତଦ୍ରୂପ । ଅତୀତର ଜ୍ଞାନ, ବର୍ତ୍ତମାନର ଅନୁଭୂତି - ଏ ଉଭୟର ସମନ୍ୱୟରେ ସୁସଂହତ ସାହିତ୍ୟର ସୃଷ୍ଟି ହୁଏ । ଏକର ଅଭାବ ବା ଉପେକ୍ଷାରେ ଅପରର ଖର୍ବତ୍ୱ ଆସେ । କେବଳ ସଂଖ୍ୟାରେ ସାହିତ୍ୟର ବିକାଶ ହୁଏ ନାହିଁ । ଗୁଣାତ୍ମକ ବିଚାର ତାହାର ପ୍ରକୃତ ଅବଲମ୍ବନ । ଭାଷାରେ ଶୃଙ୍ଖଳା, ପ୍ରକାଶରେ ସଂଯମ ପ୍ରତି ଅବଜ୍ଞା ଯେପରି ଅସ୍ପୃହଣୀୟ, ଅସଂଲଗ୍ନ ଚିନ୍ତା, ପ୍ରଗଳ୍ଭ ଦ୍ୱିରୁକ୍ତି, ସେହିପରି ବର୍ଜନୀୟ । ଅଭିନନ୍ଦନରେ ଜଷ୍ଟିସ ହରିହର ମହାପାତ୍ରଙ୍କ ଏହି ଆଭିମୁଖ୍ୟ ଏ ରଚନାରେ ମଧ୍ୟ ପ୍ରତିଫଳିତ । ସଂଖ୍ୟାରେ ମାତ୍ର ଦଶଟି ହେଲେ ହେଁ ତାଙ୍କ ଅଭିନନ୍ଦନଚୟ ଜ୍ଞାନ ଓ ଅନୁଭୂତି ସିଦ୍ଧ । ଶୃଙ୍ଖଳଭାଷା, ସକ୍ଷମ ପ୍ରକାଶର ପ୍ରତିରୂପ । ଅସଂଲଗ୍ନ ଚିନ୍ତା ଓ ପ୍ରଗଲଭ ଦ୍ୱିରୁକ୍ତି ବର୍ଜିତ ।[୨୪]

---

୨୨. ଅଭିନନ୍ଦନ - ୨୯ତମ ବିଷୁବ ସଂଖ୍ୟା, ଏପ୍ରିଲ - ୧୯୭୭ ।

୨୩. ଅଭିନନ୍ଦନ - ୩୯ତମ ବିଷୁବ ସଂଖ୍ୟା, ଏପ୍ରିଲ - ୧୯୮୭ ।

୨୪. ଅଭିନନ୍ଦନ - ୩୮ଶ ବର୍ଷ, ବିଷୁବ ସଂଖ୍ୟା, ଏପ୍ରିଲ ୧୯୮୬ ।

୧୯୮୬ର ୩୮ତମ ବିଷୁବ ମିଳନଠାରୁ ପ୍ରଜାତନ୍ତ୍ରର ସଂପାଦକ ଭର୍ତ୍ତୃହରି ମହତାବ ବିଷୁବ ଅଭିନନ୍ଦନ ଜ୍ଞାପନ କଲେ । ଶ୍ରୀ.ମହତାବଙ୍କ ଅଭିନନ୍ଦନ ରଚନା ବ୍ୟାପକ ପୃଷ୍ଠଭୂମି ଆଧାରିତ । ଆନ୍ତର୍ଜାତୀୟ - ଜାତୀୟ-ପ୍ରାଦେଶିକ୍ ସମସ୍ୟା, ଅତୀତ - ବର୍ତ୍ତମାନ - ଭବିଷ୍ୟତ ପ୍ରତି ଦୃଷ୍ଟିକୋଣ ଓ ସମସ୍ୟା ବିଜଡ଼ିତ ଭାଷାସାହିତ୍ୟ, କଳାସଂସ୍କୃତି, ଧର୍ମ ଦର୍ଶନ, ସମାଜନୀତି- ଅର୍ଥନୀତି ଶିକ୍ଷା ପ୍ରତି ଗଭୀର ଅନୁଧ୍ୟାନ ଏହାର ମୁଖ୍ୟ ପ୍ରତିପାଦିତ ବିଷୟ । ୧୯୮୭ ଠାରୁ ଅଦ୍ୟାବଧି ନଅଗୋଟି ବିଷୁବ ମିଳନରେ ସେ ଚିନ୍ତା, କଳ୍ପନା ଓ ସ୍ମୃତି; ମାନବିକ ମୂଲ୍ୟବୋଧ, ପ୍ରେମ-ମୈତ୍ରୀ-ପ୍ରୀତି ବିଶେଷତଃ ମାନବିକ ସଂବେଦନଶୀଳତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ସ୍ୱାଧୀନତା, ସମତା ଓ ଭ୍ରାତୃଭାବ, ମହାଭାରତୀୟ ଭାବଧାରା, ବିଶ୍ୱଭାବନା ଓ ସଦ୍‌ଭାବ ଭରା ସହକାର ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଶୋଷଣମୁକ୍ତ ସମାଜ ଗଠନ; ଭାଷା, ଧନ, ସ୍ଥାନ କୈନ୍ଦ୍ରିକ ସଂକୀର୍ଣ୍ଣତାର ଦୂରୀକରଣ, ସମାଜରେ ଅନୁଭୂତ ଅଭାବ ଅସୁବିଧା ଓ ତାର ପରିପୂର୍ଣ୍ଣତା ପାଇଁ ସାହିତ୍ୟ ଓ ସାହିତ୍ୟିକର ଭୂମିକା ଏହି ରଚନାର ଲକ୍ଷ୍ୟ । ଚିନ୍ତା ଚେତନା ପରିପୁଷ୍ଟ ଏହି ଅଭିନନ୍ଦନ ଗୋଟିଏ ଗୋଟିଏ ପୂର୍ଣ୍ଣାଙ୍ଗ ପ୍ରବଂଧ । ଉପସ୍ଥାପିତ ସମସ୍ୟାର ଯଥାର୍ଥତା ପ୍ରତିପାଦନ କରିବାକୁ ଫରାସୀ ରାଷ୍ଟ୍ରବିପ୍ଳବଠାରୁ ରହମାନ ରସଦୀ, ଆଲେକଜାଣ୍ଡାରଙ୍କ ଦିଗ୍‌ବିଜୟଠାରୁ ଭାରତଛାଡ ଆନ୍ଦୋଳନ, ପ୍ରାକ୍ ଐତିହାସିକ ଯୁଗଠାରୁ ଆଧୁନିକ ଯୁଗର ଦସ୍ତୋଭସ୍କି ପର୍ଯ୍ୟନ୍ତ ମହତାବଙ୍କ ଆଲୋଚନାର ପରିସରଭୁକ୍ତ ହୋଇଛି । ଆଲୋଚନାର ପ୍ରଥମାର୍ଦ୍ଧରେ ସମସାମୟିକ ସମସ୍ୟାକୁ ବିଭିନ୍ନ ଦିଗରୁ ବିଚାର ଆଲୋଚନା କରାଯାଇଥିବା ସ୍ଥଳେ ଶେଷାର୍ଦ୍ଧରେ ସାହିତ୍ୟିକମାନଙ୍କ ସମ୍ମୁଖରେ ଦେଖାଯାଇଥିବା ସମସ୍ୟାର ଉପସ୍ଥାପନ କରାଯାଇଛି ସେମାନଙ୍କ ଦୃଷ୍ଟି ଆକର୍ଷଣ ପାଇଁ, ଏହାର ବିହିତ ପ୍ରତିକାର କରିବା ପାଇଁ ।

୧ ।। ''ଏକବିଂଶ ଶତାବ୍ଦୀ ଗୁଞ୍ଜରଣରେ ଯନ୍ତ୍ର ଯେତେବେଳେ ମନୁଷ୍ୟକୁ ଚିନ୍ତା, କଳ୍ପନା ଓ ସ୍ମୃତିଠାରୁ ଦୂରେଇ ନେବାକୁ ବସିଛି, ସେଠି ସାହିତ୍ୟିକର କର୍ତ୍ତବ୍ୟ କ'ଣ, ଏ ପ୍ରଶ୍ନ ଆଜି ଉଠୁଛି । ଯନ୍ତ୍ରର ସଫଳ ମୁକାବିଲା କରିବା ପାଇଁ ଓଡ଼ିଆ ସାହିତ୍ୟରେ ଯଥେଷ୍ଟ ଶକ୍ତି ଅଛି ସାମର୍ଥ୍ୟ ଅଛି ।''[୨୫]

୨ ।। ''ମାନବିକ ମୂଲ୍ୟବୋଧ ଉପରେ ଭାରତ ସବୁବେଳେ ବିଶ୍ୱାସ କରି ଆସିଛି । ଏହା ଆଧ୍ୟାତ୍ମିକତା ଉପରେ ହିଁ ପ୍ରତିଷ୍ଠିତ । ସର୍ବତ୍ର ସାହିତ୍ୟ ଜଗତରେ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସାହିତ୍ୟ ମଧ୍ୟ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ଉଚିତ୍ ହେବ ।''[୨୬]

---

୨୫. ଅଭିନନ୍ଦନ - ୩୨ ବର୍ଷ ବିଷୁବ ସଂଖ୍ୟା, ଏପ୍ରିଲ - ୧୯୮୦ ।

୨୬. ଅଭିନନ୍ଦନ - ୩୯ଶ ବର୍ଷ, ବିଷୁବ ସଂଖ୍ୟା, ଏପ୍ରିଲ ୧୯୮୭ ।

୩ ।। "ବାସ୍ତବିକତା ପ୍ରତି ଦୃଷ୍ଟି ରଖି ସଂକୀର୍ଣ୍ଣତା ବିରୋଧରେ ମସୀ ଚାଳନା କରିବା ସୃଜନଶୀଳତାର ପ୍ରଧାନ ଧର୍ମ ।"[୨୭]

୪ ।। "ଆଜି ଭାରତୀୟ ଭାଷା ଦରବାରରେ ଓଡ଼ିଆ ଭାଷା ଗୌରବ ମଣ୍ଡିତ । ଏହା ସମ୍ଭବ ହୋଇଛି, ଉଚିତ ଚିନ୍ତନ, ସମୁଚିତ ଉତ୍ସାହ ଓ ଉପଯୁକ୍ତ ପରିଶ୍ରମ ଯୋଗୁଁ । ଏ ତିନି ବିଭୂତି ନିଜସ୍ୱ ସଦ୍‌ଗୁଣର ଆବଶ୍ୟକତା ମଧ୍ୟ ଅନୁଭବ କରାଯାଉଛି । ତାହା ହେଉଛି ସଦ୍‌ଭାବ ଭରା ସହକାର ।"[୨୮]

ଡଃ ମହତାବ ଓ ଜଷ୍ଟିସ ମହାପାତ୍ରଙ୍କ ଅଭିନନ୍ଦନ ରଚନାରେ ବିଷୁବ ମିଳନ, ବିଷୁବ ଅଭିନନ୍ଦନ ଓ ଝଙ୍କାର ସଂପର୍କୀୟ ବହୁଳ ଆଲୋଚନା ଭର୍ତ୍ତୃହରି ମହତାବଙ୍କ ଅଭିନନ୍ଦନରେ ଦେଖାଯାଏନା । ସାହିତ୍ୟିକମାନଙ୍କୁ ସଚେତନ କରିବା ପାଇଁ ଓ ସମାଜ, ସାହିତ୍ୟ-ସଂସ୍କୃତିର ଉନ୍ନତିକଳ୍ପେ ତାଙ୍କର ଯୁଗୋପଯୋଗୀ ଅଭିନନ୍ଦନଗୁଡ଼ିକ ବେଶ୍ ଅଭିନନ୍ଦନୀୟ ।

୩୮ ବର୍ଷ ବିଷୁବ ସଂଖ୍ୟାରେ ବସନ୍ତ କୁମାର ବିଶ୍ୱାଳଙ୍କ 'ସ୍ୱାଗତ ସଂଭାଷଣ' ଶୀର୍ଷକରେ ଏକ ଅଭିନନ୍ଦନ ସ୍ଥାନ ପାଇଥିଲା । ଶ୍ରୀ ବିଶ୍ୱାଳ ଏହି ରଚନାରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ 'ବିଷୁବ ମିଳନ' ଓ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ମହତ ଅବଦାନକୁ ଦର୍ଶାଇଛନ୍ତି । ସାହିତ୍ୟ ସମାଜର ଚିତ୍ର ବହନ କରି ଚିରନ୍ତନ ମୂଲ୍ୟବୋଧ ସୃଷ୍ଟିକରିବା, ସାଂପ୍ରତିକ ସମାଜରେ ମୂଲ୍ୟବୋଧ ଓ ନୈତିକତା ପ୍ରତିଷ୍ଠା, ଆଧ୍ୟାତ୍ମିକ ଚେତନାର ଆବାହନ ଉପରେ ଗୁରୁତ୍ୱ ପ୍ରଦାନ କରି ସାହିତ୍ୟ ପ୍ରତିଷ୍ଠା, ଆଧ୍ୟାତ୍ମିକ ଚେତନାର ଆବାହନ ଉପରେ ଗୁରୁତ୍ୱ ପ୍ରଦାନ କରି ସାହିତ୍ୟ ସାଧକମାନେ ଏ ଦିଗରେ କାର୍ଯ୍ୟ କରି ବିମଳ ଆନନ୍ଦ, ମାନବିକତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି । ସାହିତ୍ୟର ସଫଳତା ପାଇଁ ତାଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । "ଆମ ସାହିତ୍ୟ ଆମର ନିଜସ୍ୱ ହେଉ । ପୃଥିବୀର ଅନ୍ୟ କେଉଁଠି କିଏ କଅଣ ପରୀକ୍ଷା ନିରୀକ୍ଷା କଲେ, ତାହା ଆମକୁ ବ୍ୟସ୍ତ ନ କରୁ ଯାହା ବ୍ୟାକୁଳ କରିବାର ଲକ୍ଷ୍ୟ, ତାହା ଅନ୍ୟକୁ ସ୍ପର୍ଶ କରିବା ପରି ଆଲୋଡିତ କରି ବିଦଗ୍ଧ କରିବା ଭଳି ବ୍ୟକ୍ତ ହେଉ । ତାହା ହେବ ସାହିତ୍ୟର ଶ୍ରେଷ୍ଠ ଆକର୍ଷଣ ।"[୨୯]

୧୯୯୪ ମସିହାଠାରୁ ବିଷୁବ ମିଳନର ଚତୁର୍ଥ ଅଙ୍କ ଆରମ୍ଭ ହେଲା । ଜଷ୍ଟିସ ହରିହର ମହାପାତ୍ରଙ୍କ ପରଲୋକ ପରେ ବିଷୁବ ମିଳନ ଅଭିନନ୍ଦନ ସମିତିର ଅଧ୍ୟକ୍ଷ

୨୭. ଅଭିନନ୍ଦନ - ୪୨ଶ ବର୍ଷ, ବିଷୁବ ସଂଖ୍ୟା, ଏପ୍ରିଲ ୧୯୯୦ ।

୨୮. ଅଭିନନ୍ଦନ - ୪୬ଶ ବର୍ଷ, ବିଷୁବ ସଂଖ୍ୟା, ଏପ୍ରିଲ ୧୯୯୪ ।

୨୯. ସ୍ୱାଗତ ସଂଭାଷଣ - ୩୮ଶ ବର୍ଷ, ବିଷୁବ ସଂଖ୍ୟା, ଏପ୍ରିଲ ୧୯୮୬.

ହେଲେ ଜଷ୍ଟିସ ରଙ୍ଗନାଥ ମିଶ୍ର । ଜଷ୍ଟିସ ମିଶ୍ରଙ୍କ 'ସ୍ୱାଗତ ସମ୍ଭାଷଣ'ରେ ଦେଶ ଓ ଜାତିର ସମସାମୟିକ ସମସ୍ୟା ଓ ସାମ୍ବିଧାନିକ ସମସ୍ୟା ସୂଚାଇବା ସହ ଲେଖକଙ୍କୁ ସମାଜ ସୁଧାରିବାରେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି ।

ଚିନ୍ତା ଚେତନାଧର୍ମୀ, ଆଭିମୁଖ୍ୟଭରା ଓ ପ୍ରେରଣାଦାୟୀ ଝଙ୍କାର ଅଭିନନ୍ଦନ ଓଡ଼ିଆ ସାହିତ୍ୟର ଉଭୟ ସୃଜନାତ୍ମକ ଓ ସଚେତନାତ୍ମକ ଆଗରେ ବିକାଶ ନିମିତ୍ତ ଉଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ସୃଷ୍ଟି ।

ସଂପାଦକୀୟ ସମ୍ଭାଷଣ

ବିଷୁବ ମିଳନରେ ଝଙ୍କାର ପରିଚାଳନା ସଂପାଦକ 'ସଂପାଦକୀୟ ସମ୍ଭାଷଣ' ପାଠ କରନ୍ତି । ସମାବର୍ତ୍ତନ ଉତ୍ସବରେ ପାଠ କରାଯାଉଥିବା ଏହି ସମ୍ଭାଷଣ ପ୍ରଥମେ ପ୍ରତିବର୍ଷ ଝଙ୍କାରର ଦ୍ୱିତୀୟ ସଂଖ୍ୟାରେ ସ୍ଥାନିତ ହେଉଥିଲା । ପରବର୍ତ୍ତୀ ସମୟରେ ଏହା ପ୍ରଥମ ସଂଖ୍ୟାରେ ପ୍ରକାଶ ପାଇଲା । 'ସଂପାଦକୀୟ ସଂଭାଷଣ'ଗୁଡ଼ିକ 'ବିନୟ ସଂଭାଷଣମ୍ ଏତତ', 'ସ୍ୱାଗତ ସଂଭାଷଣ', 'ବାର୍ଷିକ ବିରରଣୀ', 'ସବିନୟଂହ ନିବେଦନମ୍', 'ହୃଦୟାଭିନନ୍ଦନମ', 'ସବିନୟ ନିବେଦନ- ମିଦମ', 'ବିନମ୍ର ସଂଭାଷଣ', ସଂପାଦକୀୟ ଅଭିଭାଷଣ', 'ବିଷୁବ ସଂଭାଷଣ', ଓ 'ସଂପାଦକୀୟ ସଂଭାଷଣ', ଶିରୋନାମାରେ ପ୍ରକାଶ ପାଇଥିବାର ଦେଖାଯାଏ । ପ୍ରଥମ ଦୁଇଟି ସଂପାଦକୀୟ ସଂଭାଷଣର ଶୀର୍ଷକ ରଖାଯାଇଥିଲା, 'ସାହିତ୍ୟର ସମୃଦ୍ଧି ପାଇଁ ଉଦ୍‌ଯୋଗ' (୫ମ ବର୍ଷ, ୨ୟ ସଂଖ୍ୟା) ଓ 'ସାହିତ୍ୟ ସାଧନାର ଗୋଟିଏ ବର୍ଷ' (୬ଷ୍ଠ ବର୍ଷ, ୨ୟ ସଂଖ୍ୟା) । ଏହି ରଚନାମାନଙ୍କରେ ସମାଜ ପାଇଁ ସାହିତ୍ୟ/ସାହିତ୍ୟିକ ଆଭିମୁଖ୍ୟ, ବିଗତ ବର୍ଷରେ ଓଡ଼ିଶାର ସାହିତ୍ୟ ବିକାଶ ଧାରାରେ ଝଙ୍କାରର ଅବଦାନ, ବାର୍ଷିକ ଉତ୍ସବରେ ଆତ୍ମସମୀକ୍ଷା ଆଦି ସ୍ଥାନ ପାଉଥିବାରୁ ଏବଂ ଏହା ପରିଚାଳନା ସଂପାଦକ/ସଂପାଦକଙ୍କ ଦ୍ୱାରା ଉପସ୍ଥାପିତ କରାଯାଉଥିବାରୁ ଏହାକୁ 'ବାର୍ଷିକ ବିବରଣୀ' ବା 'ସ୍ୱାଗତ ସଂଭାଷଣ' ଅପେକ୍ଷା 'ସଂପାଦକୀୟ ସଂଭାଷଣ' ନାମରେ ନାମିତ କରିବା ବରଂ ଯଥାର୍ଥ । ଚତୁର୍ଥ ବିଷୁବ ମିଳନରେ ପଠିତ ସଂପାଦକୀୟ ସଂଭାଷଣ 'ସାହିତ୍ୟ ସମୃଦ୍ଧ ପାଇଁ ଉଦ୍‌ଯୋଗ' ଶିରୋନାମାରେ ଝଙ୍କାରର ପଞ୍ଚମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶ ପାଇଛି । ଏହା ହିଁ ଝଙ୍କାରରେ ପ୍ରକାଶିତ ପ୍ରଥମ ସଂପାଦକୀୟ ସଂଭାଷଣ । ତତ୍‌କାଳୀନ ପରିଚାଳନା ସଂପାଦକ ଶଶିଭୂଷଣ ମିଶ୍ରଙ୍କ ଦ୍ୱାରା ଏହା ରଚିତ । ପୂର୍ବ ବର୍ଷମାନଙ୍କରେ ପ୍ରକାଶିତ ଅଭିନନ୍ଦନରେ ଗୋଟିଏ ବର୍ଷ ମଧ୍ୟରେ ସାରସ୍ୱତ ସୃଷ୍ଟି ଦିଗରେ ଝଙ୍କାରର ଭୂମିକାକୁ ଦର୍ଶାଯାଇଛି । ୬ଷ୍ଠ ବର୍ଷ ଠାରୁ ୧୭ଶ ବର୍ଷ ଯାଏ ସଂପାଦକୀୟ ସଂଭାଷଣ ସତ୍ୟାନନ୍ଦ ଚଂପତିରାୟଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ତାଙ୍କର ଏହି ରଚନାଗୁଡ଼ିକର ଅଧିକାଂଶ ଶିରୋନାମା ସଂସ୍କୃତ ଭାଷାରେ ହୋଇଥିବାରୁ ତାହା ବେଶ୍

ହୃଦୟସ୍ପର୍ଶୀ । 'ବିନୟ ସଂଭାଷଣ ଏତତ୍', 'ସବିନୟ ନିବେଦନମ୍', 'ସବିନୟ ନିବେଦନ ମିଦମ୍', 'ହୃଦୟାଭିନନ୍ଦନମ୍', 'ବାର୍ଷିକ ବିବରଣୀ' ଶୀର୍ଷକ ତାଙ୍କ ସଂପାଦକୀୟ ସଂଭାଷଣ ପ୍ରକାଶ ପାଇଥିଲେ ହେଁ ପ୍ରଥମ ସଂପାଦକୀୟ ୧୭ ଓ ୧୮ ତମ ବିଷୁବ ମିଳନ ସଂପାଦକୀୟ ସଂଭାଷଣ, ବିନମ୍ର ସଂଭାଷଣ ଶିରୋନାମାରେ ଗୋବିନ୍ଦ ଚନ୍ଦ୍ର ଦାସ ଲେଖିଥିଲେ । ୨୩ବର୍ଷ ୨ୟ ସଂଖ୍ୟାରେ ସ୍ଥାନିତ ଓ ୨୨ ତମ ବିଷୁବ ମିଳନ ପାଇଁ ଲିଖିତ ବିଷୁବ ମିଳନ ଯୁଗ୍ମ ଭାବେ ସରୋଜ ରଞ୍ଜନ ମହାନ୍ତି ଓ ମହେଶ୍ୱର ମୂଳିଆ ପ୍ରସ୍ତୁତ କରିଥିଲେ । ୨୪ ତମ ସଂଖ୍ୟାଠାରୁ ବର୍ତ୍ତମାନ ଯାଏ ସଂପାଦକୀୟ ସଂଭାଷଣ ପ୍ରସ୍ତୁତ ସରୋଜ ରଞ୍ଜନ ମହାନ୍ତି କରୁଛନ୍ତି ।

ସଂପାଦକୀୟ ସଂଭାଷଣଗୁଡିକ ମୁଖ୍ୟତଃ ତିନୋଟି ବିଷୟବସ୍ତୁ ଉପରେ ଆଧାରିତ । ବିଗତ ବର୍ଷରେ ଝଙ୍କାରର ଅଗ୍ରଗତି, ଝଙ୍କାରର ସମୃଦ୍ଧି ପାଇଁ ସ୍ରଷ୍ଟା, କଳାକାରଙ୍କ ଅବଦାନ ସ୍ମରଣ, ବିଷୁବ ମିଳନ ସାହିତ୍ୟ ସ୍ୱଚେତନ ପାଇଁ ଗ୍ରହଣ କରିଥିବା ଭୂମିକା, ସମସାମୟିକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଓ ସମସ୍ୟା ପାଇଁ ସାହିତ୍ୟିକମାନଙ୍କର ଆବଶ୍ୟକତାର ସୂଚନା ଓ ବିଗତ ବିଷୁବ ମିଳନରେ ପାଠ କରିଥିବା ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କ ନାମୋଲ୍ଲେଖ ।

ଗୋଟିଏ ବର୍ଷରେ ଝଙ୍କାରରେ ସ୍ଥାନିତ ପ୍ରବନ୍ଧ, କବିତା, କ୍ଷୁଦ୍ରଗଳ୍ପର ପରିମାଣ, ଝଙ୍କାରର ଲେଖକଲେଖିକାଙ୍କର ସଂଖ୍ୟା, ପ୍ରଥମ କୋଠୋଟି ସଂପାଦକୀୟ ସଂଭାଷଣରୁ ସୂଚିତ । ବିଷୁବ ସଂଭାଷଣ ହେଉଛି ଝଙ୍କାରର ଆତ୍ମସମୀକ୍ଷା । ଏହି ସମୀକ୍ଷା ସୃଷ୍ଟି କରିଛି ଆତ୍ମ ପ୍ରତ୍ୟୟ ଓ ଆତ୍ମ ସନ୍ତୋଷ । ଲେଖକ ଲେଖିକାଙ୍କୁ ଲକ୍ଷ୍ୟ ପଥରେ ଆଗେଇ ଯିବାକୁ କରିଛି ଶ୍ରଦ୍ଧା ନିବେଦନ ।

ରଚନାଶୈଳୀ ଦୃଷ୍ଟିରୁ ଏହି ରଚନାଗୁଡିକ ସରଳ ଓ ପ୍ରେରଣାପ୍ରଦ । ଶୁଭେଚ୍ଛା ଓ କାମନା ରଚନାର ଛତ୍ରେ ଛତ୍ରେ ପରିଦୃଷ୍ଟ । ନିର୍ଦ୍ଦିଷ୍ଟ କେତେକ ଧାଡ଼ି ଅନୁରୂପ ଭାବରେ ଏକାଧିକ ସଂପାଦକୀୟ ରଚନାରେ ସ୍ଥାନୀତ ହୋଇଥିବାରୁ ରଚନାର ସୌନ୍ଦର୍ଯ୍ୟବୋଧ ନ୍ୟୂନ ହୋଇ ପଡିଛି । ସାମଗ୍ରିକ ଭାବେ ବିଚାର କଲେ ସଂପାଦକୀୟ ସଂଭାଷଣ ସାରସ୍ୱତ ଅନୁଷ୍ଠାନ ବିଷୁବ ମିଳନ, ସାହିତ୍ୟ ପତ୍ରିକା ଝଙ୍କାର ସର୍ବୋପରି ଓଡିଆ ଭାଷା ସାହିତ୍ୟର ଉନ୍ନତି କଳ୍ପେ ଆଭିମୁଖ୍ୟ ଗ୍ରହଣ କରିଛି । ଏହି ଆଭିମୁଖ୍ୟ ଓଡ଼ିଆ ସାହିତ୍ୟର ଗତିକୁ ସ୍ୱଚ୍ଛନ୍ଦ କରିବାକୁ ସଫଳ ପ୍ରୟାସ କରିଛି ।

ପ୍ରାୟ ପଚାଶ ବର୍ଷ ତଳେ ସୃଷ୍ଟ ବିଷୁବ ମିଳନ ସ୍ଥିତାବସ୍ଥାରେ ସୀମିତ ରହିନି । ତାହା ଅଧିକରୁ ଅଧିକ ପରିବ୍ୟାପ୍ତ ହୋଇ ଜାତୀୟ ଉତ୍ସବରେ ପରିଣତ ହୋଇଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏହି ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇ ଓଡ଼ିଆ ସାହିତ୍ୟର ପ୍ରାଣଧାରାକୁ

ଉଜ୍ଜୀବିତ କରିଛି । ଓଡ଼ିଆ ସାହିତ୍ୟ ପାଇଁ ବହୁ ସଂଭାବନାର ସ୍ମାରକୀ ସାଜିଛି ବିଷୁବ ମିଳନ ସାରସ୍ୱତ ସମାରୋହ । ବିଷୁବ ମିଳନ ଆଜି ଏକ ଅନୁଷ୍ଠାନ ନୁହେଁ ବରଂ ଏକ ପରମ୍ପରା । ଏହି ପରମ୍ପରା ସାଂସ୍କୃତିକ ଭାବଧାରାକୁ ପରିପୁଷ୍ଟ କରିଛି । ଏଣୁ ବିନା ଦ୍ୱିଧାରେ କୁହାଯାଇପାରେ ବିଷୁବ ମିଳନର ଏହି ସଫଳତା ଯୋଗୁଁ ବିଷୁବ ଅଭିଭାଷଣ, ବିଷୁବ ଅଭିନନ୍ଦନ ଓ ସଂପାଦକୀୟ ସଂଭାଷଣ ମଧ୍ୟ ଓଡ଼ିଆ ଭାଷା, ସାହିତ୍ୟ ସାଂସ୍କୃତିକ ଜାଗରଣ କରିବାରେ ସମର୍ଥ ହୋଇଛି । ଓଡ଼ିଶା ପ୍ରଦେଶର ସାହିତ୍ୟ ଓ ସଂସ୍କୃତିର ପରମ୍ପରାରେ ଆନୁଷ୍ଠାନିକ ପ୍ରତୀକ ରୂପେ ସୃଷ୍ଟି ହୋଇ ପରବର୍ତ୍ତୀ କାଳରେ ଓଡ଼ିଶାର ଜାତୀୟ ପର୍ବର ମର୍ଯ୍ୟାଦା ହାସଲ କରିଥିବା ବିଷୁବ ମିଳନ ସଂପର୍କରେ ବିଖ୍ୟାତ ଗବେଷକ, ଭାଷାତତ୍ତ୍ୱବିତ୍ ଓ ସୁସାହିତ୍ୟିକ ଡଃ ସୁନୀତି କୁମାର ଚାଟାର୍ଜୀଙ୍କ ମନ୍ତବ୍ୟ ସ୍ମର୍ତ୍ତବ୍ୟ,

"Dr Harekrushna Mahtab distinguished scholar and statesman of Orissa, has sought to bring the Bengalis, Oriyas, Assamese, Maithilis and others close to each other by instituting his Bisuv Milan gatherings every year at Cuttack when writters and scholars from outside Orissa, Bengalis, Assamese, Maithilis and others, would be asked to get together, and give address and exchange views, through their own languages and through a language like Bengali or Oriya which most people in the gathering would understand. This has been a good idea and it was partially successful and as an experiment towards the cultural integration of the estern states. This should be pondered over and continued even in modified and extended forms."[30]

❑❑❑

30. Chatterjee, Dr suniti Kumar - Liriguistic Situation in the states of the Eastern Zone. P.P, 23-24.

ଷଷ୍ଠ ପରିଚ୍ଛେଦ

ଉପସଂହାର

" x x x କୌଣସି ଦେଶର ପତ୍ରପତ୍ରିକାର ସଂଖ୍ୟା ସେହି ଦେଶର ସଭ୍ୟତାର ପରିଚାୟକ, ରୁଚି ଓ କଳାର ପରିମାପକ ବୋଲି ଗ୍ରହଣ କରାଯାଏ । ସେଇ ଦୃଷ୍ଟିରୁ ଦେଖିଲେ ଆଜି ଓଡ଼ିଶାର ଅବସ୍ଥା ଅତି ଶୋଚନୀୟ । ଏହି କେତେ ପତ୍ରପତ୍ରିକା ପ୍ରସୂତି କଷ୍ଟରେ ଜନ୍ମଲାଭ କରି ଅବହେଳିତ ଶିଶୁ ପରି ଅକାଳରେ ମରଣ ମୁଖରେ ପଡନ୍ତି । x x x ଏଇ କେତେ ଦିନ ଭିତରେ ଶଙ୍ଖ, ଚତୁରଙ୍ଗ, ନବଭାରତଙ୍କର ଦେଖାନାହିଁ । ସହକାର ଯେ ଆତ୍ମପ୍ରକାଶ କରୁଛି, ସମୟ ଓ କଳେବର ଦୃଷ୍ଟିରୁ ବଡ ଉତ୍ସାହଜନକ ନୁହେଁ । ଡଗର, ନିଆଁଖୁଣ୍ଟା ପ୍ରଭୃତିଙ୍କୁ ରାଜନୈତିକ ସମାଲୋଚନା ପତ୍ର ହିସାବରେ ଗ୍ରହଣ କରାଯାଉଛି । x x x ସହକାର ସାଥିକୁ ଏବେ ଆତ୍ମପ୍ରକାଶ କରିଛି 'ଝଙ୍କାର' । ସୁସ୍ଥ ସବଳ ଚେହେରା, ପୁରାତନ ନୂତନ ଅନେକଙ୍କର ଆଶୀର୍ବାଦ ନେଇ ଉଭା । କିନ୍ତୁ ଏ ଦେଶର ବଳିଷ୍ଠ ସୁସ୍ଥ ଲୋକ ବି ଅସୁସ୍ଥ ବାୟୁମଣ୍ଡଳରେ ଅନେକ ଦିନ ବଞ୍ଚେ ନାହିଁ, ତେଣୁ 'ଝଙ୍କାର'ର ଦୀର୍ଘ ଜୀବନ କଥା ସିନା ଭବିଷ୍ୟତ କହିବ ।"[୧] ଏହା କେବଳ ଜଣେ ସମାଲୋଚକଙ୍କ ମତ ନୁହେଁ, 'ଝଙ୍କାର' ପ୍ରକାଶ କାଳରେ ଏ ପ୍ରକାର ଆଶଙ୍କା ସୃଷ୍ଟି ହୋଇଥିଲା ପ୍ରତ୍ୟେକ ସଚେତନ ସାହିତ୍ୟ ସଂସ୍କୃତି ପ୍ରେମୀଙ୍କ ମନରେ । ଏଥିପାଇଁ ଦାୟୀ ତତ୍କାଳୀନ ସାହିତ୍ୟ ପତ୍ରିକାର ସ୍ଥିତି ଓ ପ୍ରଗତି, ସାହିତ୍ୟିକ ଜଳବାୟୁ, ପାଣିପାଗ । ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ସାହିତ୍ୟ ପତ୍ରିକାର ଏ ପ୍ରକାର ଅବସ୍ଥାର କାରଣ ସ୍ପଷ୍ଟ ହୋଇଯାଏ । ବାଗ୍ମୀ ବିଶ୍ୱନାଥ କରଙ୍କ ଦେହାନ୍ତ ପରେ ସୁପରିଚାଳନା ଅଭାବରୁ 'ଉତ୍କଳ ସାହିତ୍ୟ', ଭଗବତୀ ପାଣିଗ୍ରାହୀ ଦଳୀୟ କାର୍ଯ୍ୟରେ ନିଜକୁ ଅଧିକରୁ ଅଧିକ ସାମିଲ କରିବାରୁ

୧. ଧଳ, ଶ୍ରୀ ଗୋଲକ ବିହାରୀ - ଆମ ପତ୍ରପତ୍ରିକା - ଝଙ୍କାର, ୧ମ ବର୍ଷ, ୭ମ ସଂଖ୍ୟା, ପୃ - ୫୯୫.

'ଆଧୁନିକ', ପୃଷ୍ଠପୋଷକତା ଅଭାବରୁ 'ଚତୁରଙ୍ଗ', ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରି ନ ପାରି 'ଶଙ୍ଖ', ଗୋପବଂଧୁ ସମ୍ବାଦପତ୍ର 'ସମାଜ' ପ୍ରତି ଅଧିକ ଧ୍ୟାନ ଦେବାରୁ 'ସତ୍ୟବାଦୀ' ସ୍ୱାଧୀନତାର ସୂର୍ଯ୍ୟ ଦେଖିପାରି ନଥିଲା । 'ସହକାର' ନିଷ୍ଠାପର କର୍ମ ବିନା ଦୁର୍ବଳ ହୋଇ ପଡିଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପତ୍ରିକାର ଅଭାବବୋଧକୁ ହୃଦୟଙ୍ଗମ କରି ଡଃ ହରେକୃଷ୍ଣ ମହତାବ ଓଡ଼ିଆ ସାହିତ୍ୟର ସମୃଦ୍ଧି ଲକ୍ଷ୍ୟ ଦେଇ ପ୍ରକାଶ କଲେ ସାହିତ୍ୟ ପତ୍ରିକା 'ଝଙ୍କାର' । ପୂର୍ବ ପ୍ରକାଶିତ ସାହିତ୍ୟ ପତ୍ରିକାର ଦୁରାବସ୍ଥାକୁ ସେ ସ୍ୱୀକାର କରୁଥିଲେ ହେଁ ଝଙ୍କାରର ଭବିଷ୍ୟତ ଉପରେ ଆସ୍ଥାବାନ ଥିଲେ । ଦୃଢ଼ ଆତ୍ମବିଶ୍ୱାସ, ଏକନିଷ୍ଠ କର୍ମ ଓ କାର୍ଯ୍ୟର ସୁପରିଚାଳନା ଯେ କୌଣସି ପ୍ରତିବଂଧକୁ ମୁକାବିଲା କରିବାରେ ସକ୍ଷମ ବୋଲି ତାଙ୍କର ହୃଦବୋଧ ହୋଇଥିଲା । ତେଣୁ ସେ କହିଥିଲେ, " କେତେ ଜନ୍ମ ହୋଇଛନ୍ତି, ଅକାଳମୃତ୍ୟୁ ମୁଖରେ ପଡିଛନ୍ତି, କେତେ ସାହିତ୍ୟ ପତ୍ରିକାର ଜନ୍ମ ଖାଲି ଓଡ଼ିଶାରେ ନୁହେଁ ସର୍ବତ୍ର । କେତେ ସେଥିରୁ ଯୌବନ ଅତିକ୍ରମ କରି ପାରିଛନ୍ତି ? 'ଝଙ୍କାର'ତ ଶିଶୁ । ସତେ ଏ ବଞ୍ଚି ରହି ସଂସାର କରିବ ଏହା ହିଁ ସନ୍ଦେହର ହେତୁ । କିନ୍ତୁ ଝଙ୍କାରର ଜନ୍ମଦାତାଙ୍କ ମନରେ ସେ ପ୍ରକାର ଉତ୍ସାହ ଉପରେ ଏ ବିଶ୍ୱାସ ପ୍ରତିଷ୍ଠିତ ।"[୨] ଶିଶୁ ଝଙ୍କାର କ୍ରମଶଃ ବଢିଛି । ଅତିକ୍ରମ କରିପାରିଛି ସଫଳତାର ପ୍ରାୟ ପାଞ୍ଚଟି ଦଶନ୍ଧି । ସେ ପାଳନ କରୁଛି ତା'ର ସୁବର୍ଣ୍ଣ ଜୟନ୍ତୀ । ଏ ସୌଭାଗ୍ୟ ଲାଭ କରିବାରେ ଝଙ୍କାର ପ୍ରଥମ ସାହିତ୍ୟ ପତ୍ର । ଝଙ୍କାରର ପୂର୍ବବର୍ତ୍ତୀ ଅନ୍ୟ ଦୁଇ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' ଓ 'ସହକାର' ଦୀର୍ଘସ୍ଥାୟୀ ହୋଇ ପାରିଥିଲେ । ୧୮୯୭ ମସିହାରେ ଆତ୍ମପ୍ରକାଶ କରି ବାଗ୍ମୀ ବିଶ୍ୱନାଥ କରଙ୍କ ସଂପାଦିତ 'ଉତ୍କଳ ସାହିତ୍ୟ' ୧୯୩୪ (ବିଶ୍ୱନାଥ କରଙ୍କ ଦେହାନ୍ତ ଯାଏ) ପର୍ଯ୍ୟନ୍ତ ଏହାର ନିୟମିତତାର ରକ୍ଷା କରିପାରିଥିଲା । ପରେ ଏହା ପ୍ରକାଶ ପାଇଥିଲେ ହେଁ ଅନିୟମିତତା ଯୋଗୁଁ ଏହାର ଗୁରୁତ୍ୱ ହ୍ରାସ ପାଇଥିଲା । ଠିକ୍ ସେହିପରି ଲକ୍ଷ୍ମୀନାରାୟଣ ସାହୁ ଓ ପରେ ବାଳକୃଷ୍ଣ କରଙ୍କ ସଂପାଦନାରେ ପ୍ରକାଶିତ 'ସହକାର' ୧୯୫୨ ପରେ ଦୁର୍ବଳ ହୋଇ ପଡିଥିଲା । ସାହିତ୍ୟିକ ଆଭିମୁଖ୍ୟ ବଜାୟ ରଖିବା, ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ତଥା ସାହିତ୍ୟିକ ପୃଷ୍ଠପୋଷକ ଯୋଗାଇବା କ୍ଷେତ୍ରରେ ଏ ଦୁଇ ସାହିତ୍ୟ ପତ୍ରିକା ଅକ୍ଷମ ହେବାରୁ 'ଝଙ୍କାର' ଦାୟବଦ୍ଧ ଭୂମିକା ଗ୍ରହଣ କରିଥିଲା । ଏହି ପରିପ୍ରେକ୍ଷୀରେ ଦୀର୍ଘଦିନ ଧରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା କ୍ଷେତ୍ରରେ 'ଝଙ୍କାର'ର ସଫଳ ନେତୃତ୍ୱ ଅବିସ୍ମରଣୀୟ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟକୁ ଦିଗ୍‌ଦର୍ଶନ ଦେବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

୨. ମହତାବ, ଡଃ ହରେକୃଷ୍ଣ - ସ୍ୱାଗତ ଅଭିଭାଷଣ - ଝଙ୍କାର, ଏପ୍ରିଲ ୧୯୫୦

କେବଳ ସ୍ଥାୟିତ୍ୱ ଦୃଷ୍ଟିରୁ ନୁହେଁ, ଓଡ଼ିଶାରେ ଲେଖକମଣ୍ଡଳୀ ସୃଷ୍ଟିରେ 'ଝଙ୍କାର'ର ଅବଦାନ ଅନସ୍ୱୀକାର୍ଯ୍ୟ । ସାହିତ୍ୟ, ସଂସ୍କୃତି କଳା, ରାଜନୀତି, ବିଜ୍ଞାନ, ସମାଜତତ୍ତ୍ୱ, ମନସ୍ତତ୍ତ୍ୱ ରଚନା ମଧ୍ୟ ଏଥିରେ ସ୍ଥାନିତ ହୋଇଥିଲା । ଏଣୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଝଙ୍କାରର ପୃଷ୍ଠପୋଷକତା ବହୁ ଲେଖକଙ୍କ ସାହିତ୍ୟ କର୍ମକୁ ଉତ୍ସାହ ପ୍ରଦାନ କରିଥିଲା । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଝଙ୍କାର ଅବଦାନକୁ ସ୍ୱୀକାର କରି ସମାଲୋଚକ ଡକ୍ଟର ବାଉରୀବନ୍ଧୁ କର କହନ୍ତି; "ଆଧୁନିକ ଓଡ଼ିଆ ସାହିତ୍ୟ ଆକାଶରେ ଆଜି ଯେଉଁ ପକ୍ଷୀମାନେ ବିଭିନ୍ନ ସ୍ୱରରେ ରାବ କରି ଉଡିବୁଲୁଛନ୍ତି, ସେମାନେ ଯେ ସମସ୍ତେ 'ଝଙ୍କାର' ପତ୍ରିକାରୁ ଜନ୍ମଲାଭ କରିଛନ୍ତି, ଏହା ଦ୍ୱିଧାହୀନ ଭାବେ କୁହାଯାଇପାରେ । ଝଙ୍କାର ପତ୍ରିକାରୁ ପ୍ରାୟ ସମସ୍ତ ଲେଖକ ସେମାନଙ୍କର ଲେଖକୀୟ ଜୀବନ ଆରମ୍ଭ କରିଛନ୍ତି । ପ୍ରତିଷ୍ଠା ଅର୍ଜନ ପରେ ହୁଏତ କେତେକେ ଏ ପତ୍ରିକାକୁ ଭୁଲି ଯାଇଛନ୍ତି । କିନ୍ତୁ ଓଡ଼ିଆ ସାହିତ୍ୟର ଉଲ୍ଲେଖନୀୟ ମର୍ଯ୍ୟାଦା ଦେଇ ଲେଖକ ଗଢ଼ିବାରେ ଏ ପତ୍ରିକାର ଅବଦାନ ଅକଳନୀୟ ।"[୩] ପ୍ରକୃତରେ ଓଡ଼ିଆ ସାହିତ୍ୟରେ ଏପରି କେହି ସୁସାହିତ୍ୟିକ ନାହାନ୍ତି ଯେ କି ଝଙ୍କାର ପୃଷ୍ଠପୋଷକତାକୁ ଗ୍ରହଣ କରିନାହାଁନ୍ତି । ସମୟ କ୍ରମେ ଝଙ୍କାର ଲେଖକୀୟ ଜୀବନର ମାନଦଣ୍ଡ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଧୁନିକ ଓଡ଼ିଆ କବିତାର ବିକାଶ ପାଇଁ ଝଙ୍କାରର ଅବଦାନ ସର୍ବାଗ୍ରେ ସ୍ମରଣୀୟ । ବିନା ଦ୍ୱିଧାରେ ପରୀକ୍ଷାମୂଳକ ସୃଷ୍ଟିକୁ ପ୍ରକାଶ କରି ଏହା ଏକ ବ୍ୟତିକ୍ରାନ୍ତ ଭୂମିକା ଗ୍ରହଣ କରିଛି । ଓଡ଼ିଆ କବିତାର ଉଭୟ ଆଙ୍ଗିକ ଓ ଆତ୍ମିକରେ ଆଣିଛି ନୂତନ ସ୍ପନ୍ଦନ । ଜାତୀୟ, ଆନ୍ତର୍ଜାତୀୟ ସାହିତ୍ୟ ସହିତ ସମତାଳରେ ଗତି କରିବା ପାଇଁ ଦେଇଛି ପ୍ରେରଣା । ଉଭୟ ପ୍ରଗତିବାଦୀ ଓ ପ୍ରୟୋଗବାଦୀ କବିତାକୁ ଏକତ୍ର ପ୍ରକାଶ କରିଛି କୌଣସି ଗୋଟିଏ ଆଦର୍ଶବାଦକୁ ସ୍ୱୀକାର ନ କରି । ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାଧାମୋହନ ଗଡ଼ନାୟକ, ବିଦ୍ୟୁତପ୍ରଭା ଦେବୀ ଆଦି ଛାନ୍ଦସିକ କବି; ଓଡ଼ିଆ କବିତାର ଶୈଳୀ ଓ ଆତ୍ମିକରେ ପରିବର୍ତ୍ତନ ଆଣିଥିବା ଆଧୁନିକ କବିତାର ଚର୍ଚ୍ଚିତ ପୁରୁଷ ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, ବେଣୁଧର ରାଉତ; ଏହି ପରିବର୍ତ୍ତନକୁ ଅଧିକ ବେଗଗାମୀ କରିଥିବା ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ବ୍ରଜ୍ଜୋତ୍ରୀ ମହାନ୍ତି, ସୌଭାଗ୍ୟ ମିଶ୍ର, ଚିନ୍ତାମଣି ବେହେରା ଓ ସଂଭାବନାମୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ତରୁଣ ସ୍ରଷ୍ଟାଙ୍କ ସ୍ୱାକ୍ଷର 'ଝଙ୍କାର' ବହନ କରି ଆସିଛି । ନୂତନ ପ୍ରତିଭାର ସନ୍ଧାନ କରିଛି । ଭବିଷ୍ୟତ କାବ୍ୟ ପୁରୁଷଙ୍କୁ ପ୍ରସ୍ତୁତ କରିଛି କବିତାର ସ୍ରୋତସ୍ୱିନୀ ଧାରାକୁ ବଜାୟ ରଖିବା

୩. ଓଡ଼ିଆ ସାହିତ୍ୟର ଇତିହାସ (୧୯୮୯) - ପୃ ୩୧୪

ପାଇଁ । ପ୍ରତିଭାର ବିକାଶ, ଓଡ଼ିଆ ସାହିତ୍ୟର ସମୃଦ୍ଧି ସହ ବିଭିନ୍ନ ଆଦର୍ଶଙ୍କୁ ଆପଣାଇ ନେଇଛି ଝଙ୍କାର । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ହୋଇଥିବା ପରୀକ୍ଷାନିରୀକ୍ଷାକୁ ଝଙ୍କାର ସ୍ୱୀକୃତି ଦେଇଛି, ପୃଷ୍ଠପୋଷକତା ଯୋଗାଇଦେଇ, ଏହି ସାହିତ୍ୟ କ୍ରିୟାକୁ ପ୍ରୋତ୍ସାହିତ କରିଛି । ସେଥିପାଇଁ କବିତା ପ୍ରକାଶ କରି ନ୍ୟାୟାଳୟ ପର୍ଯ୍ୟନ୍ତ ଯିବାକୁ ହୋଇଛି ମାତ୍ର ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛି ସେ । ଦୀର୍ଘ ପଚାଶ ବର୍ଷ ଭିତରେ ଶତାଧିକ ଅନୁବାଦ ସହ ୬ ହଜାରରୁ ଉର୍ଦ୍ଧ୍ୱ କବିତା ପ୍ରକାଶ କରି ଓଡ଼ିଆ କବିତା କ୍ଷେତ୍ରରେ ଉନ୍ମାଦନା ଆଣି ଦେଇଛି । ଜ୍ଞାନପୀଠ ପୁରସ୍କାର ବିଜୟୀ ସଚ୍ଚି ରାଉତରାୟ, ସୀତାକାନ୍ତ ମହାପାତ୍ର ଓ ସରସ୍ୱତୀ ସମ୍ମାନ ତଥା କବୀର ସମ୍ମାନ ପ୍ରାପ୍ତ ରମାକାନ୍ତ ରଥ 'ଝଙ୍କାର'ର ନିୟମିତ ଲେଖକ । ସେମାନଙ୍କୁ ଓଡ଼ିଶାର ପ୍ରତ୍ୟେକ ପାଠକ ପାଖରେ ପହଞ୍ଚାଇବାର ମାଧ୍ୟମ ରୂପେ ଝଙ୍କାର ଦୀର୍ଘକାଳ କାର୍ଯ୍ୟ କରିଆସିଛି । ଶେଷୋକ୍ତ ଦୁଇ କାବ୍ୟ ପୁରୁଷ ସ୍ରଷ୍ଟା ଜୀବନର ପ୍ରାରମ୍ଭରୁ ଝଙ୍କାରର ପୃଷ୍ଠପୋଷକତା ଲାଭ କରି ଆସିଛନ୍ତି । ଆଧୁନିକ ଓଡ଼ିଆ କବିତାର ବିକାଶ ବିବର୍ତ୍ତନ ପାଇଁ ଝଙ୍କାରର ଅବଦାନ ଅନନ୍ୟ ।

କ୍ଷୁଦ୍ରଗଳ୍ପ ଝଙ୍କାରର ଅନ୍ୟତମ ବଳିଷ୍ଠ ବିଭାଗ । କବିତା ଭଳି କ୍ଷୁଦ୍ରଗଳ୍ପର ଆତ୍ମିକ ଓ ଆଙ୍ଗିକରେ ହେଉଥିବା ପରୀକ୍ଷା ନିରୀକ୍ଷାକୁ ଝଙ୍କାର ସ୍ୱୀକାର କରିଛି, ପୃଷ୍ଠପୋଷକତା ଦେଇ ଆସିଛି । ଏଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତର ସ୍ୱାଧୀନତା ପରବର୍ତ୍ତୀ କାଳରେ ସୃଷ୍ଟ ମୋହଭଙ୍ଗ, ଆତ୍ମସଚେତନତା, ଦେହବାଦ, ସମୟ ସଚେତନତା, ବିଚ୍ଛିନ୍ନତାବୋଧ, ଆତ୍ମଦ୍ୱନ୍ଦ୍ୱ, ବିଭକ୍ତ ବ୍ୟକ୍ତିତ୍ୱକୁ ନେଇ ରଚିତ କ୍ଷୁଦ୍ରଗଳ୍ପ ଝଙ୍କାରରେ ସ୍ଥାନପାଇଛି । ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ରାଜକିଶୋର ପଟ୍ଟନାୟକ, ଭାର୍ଗବକିଶୋର ମହାନ୍ତି, ମହାପାତ୍ର ନୀଳମଣି ସାହୁ ଆଦିଙ୍କ କାହାଣୀଧର୍ମୀ ଗଳ୍ପ; ସୁରେନ୍ଦ୍ର ମହାନ୍ତି, ରବି ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, ଜଗଦୀଶ ମହାନ୍ତି, କିଶୋରୀ ଚରଣ ଦାସଙ୍କ ପରୀକ୍ଷା ନିରୀକ୍ଷାଧର୍ମୀ ଗଳ୍ପ ଝଙ୍କାରର ଗଳ୍ପ ବିଭାଗକୁ ବୈଚିତ୍ର୍ୟମୟ କରି ଗଢି ତୋଳିଛି, ଭାବ ଚେତନାର ବହୁଧା ବିଭକ୍ତ ଦିଗନ୍ତ ଉନ୍ମୋଚିତ କରିଛି । ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଚକ୍ରଧର ସାମଲ, ବାମାଚରଣ ମିତ୍ର, ଅନନ୍ତ ପ୍ରସାଦ ପଣ୍ଡା, ଭାଗବକିଶୋର ମହାନ୍ତି, ରାଜକିଶୋର ପଟ୍ଟନାୟକ, ବସନ୍ତ କୁମାରୀଦେବୀଙ୍କ ଠାରୁ ଆରମ୍ଭ କରି ଶାନ୍ତନୁ କୁମାର ଆଚାର୍ଯ୍ୟ, କିଶୋରୀ ଚରଣ ଦାସ, ରବି ପଟ୍ଟନାୟକ, କୃଷ୍ଣପ୍ରସାଦ ମିଶ୍ର, ମନୋଜ ଦାସ, ବିଜୟକୃଷ୍ଣ ମହାନ୍ତି ଆଦିଙ୍କ ବାଟ ଦେଇ ମୃଣ୍ମୟୀ ରାୟ, ପଦ୍ମଜ୍ଞିନୀ ସାହୁ, ରାମଚନ୍ଦ୍ର ବେହେରା, ଧ୍ରୁବାଞ୍ଜଳି ନାୟକ ଆଦିଙ୍କ ପର୍ଯ୍ୟନ୍ତ ଲମ୍ବି ଆସିଥିବା ଗଳ୍ପ ସାହିତ୍ୟର

ଧାରାକୁ ଝଙ୍କାର ପରିପୁଷ୍ଟ କରିଚାଲିଛି । କ୍ଷୁଦ୍ରଗଳ୍ପ ପାଇଁ ଝଙ୍କାର ସର୍ବ ଭାରତୀୟ କ୍ଷେତ୍ରରେ ଆଜି ସମ୍ମାନିତ ହୋଇଛି । ପ୍ରତିଭା ରାୟଙ୍କ 'ଶାପ୍ୟ' ଗଳ୍ପକୁ ପ୍ରକାଶ କରି ଜାତୀୟ 'କଥା' ପୁରସ୍କାର (୧୯୯୪) ଝଙ୍କାର ଲାଭ କରିଛି । ସମ୍ମାନ ଲାଭ କ୍ଷେତ୍ରରେ ଝଙ୍କାର ହେଉଛି ଓଡ଼ିଶାର ପ୍ରଥମ ସାହିତ୍ୟ ପତ୍ରିକା । ଏ ଯାବତ୍ ଏହି ପତ୍ରିକା ତିନିବାର ଜାତୀୟ 'କଥା' ପୁରସ୍କାର ଲାଭ କରିସାରିଛି । ଏ ସମ୍ମାନ ଉତ୍କୃଷ୍ଟ ରଚନା ମନୋନୟନ କ୍ଷେତ୍ରରେ ଝଙ୍କାରର ବୈଶିଷ୍ଟ୍ୟକୁ ପ୍ରତିପାଦନ କରିଛି । ଠିକ୍ ସେହିପରି ଅନୁବାଦ ଗଳ୍ପ କ୍ଷେତ୍ରରେ ପ୍ରଭାସ ଚନ୍ଦ୍ର ଶତପଥୀ, ବିଶ୍ୱେଶ୍ୱର ବସୁ, ହୃଷୀକେଶ ରାୟ, ଲକ୍ଷ୍ମୀନାରାୟଣ ମହାନ୍ତି, ରାଜେନ୍ଦ୍ର ବର୍ମା, ପିନାକୀ ପାଣିଙ୍କ ଠାରୁ ଆରମ୍ଭ କରି ପ୍ରଶାନ୍ତ କୁମାର ମହାନ୍ତି, ବିଜୟ କୁମାର ମହାନ୍ତି, ଭି.ଏସ୍. ଜୋଗଲେକରଙ୍କ ଦ୍ୱାରା ଅନୁଦିତ ପ୍ରାୟ ଶତାଧିକ ଅନୁବାଦ ରଚନା ଓଡ଼ିଆ ଗଳ୍ପ ସାହିତ୍ୟକୁ ବହୁ ଭାବରେ ବଳିଷ୍ଠ କରିବାରେ ଅବକାଶ ଯୋଗାଇଛି । ଝଙ୍କାରରେ ପ୍ରକାଶିତ କୃଷ୍ଣ ପ୍ରସାଦ ବସୁଙ୍କ 'ଆଖଡା ଘରେ ବୈଠକ' ଓଡ଼ିଆ ରମ୍ୟରଚନା କ୍ଷେତ୍ରରେ ଅନବଦ୍ୟ ସୃଷ୍ଟି । ମହାପାତ୍ର ନୀଳମଣି ସାହୁ, ବାମାଚରଣ ମିତ୍ର ଓ ଚୌଧୁରୀ ହେମକାନ୍ତ ମିଶ୍ର ମଧ ଏହି ବିଭାଗକୁ ବହୁଭାବରେ ପରିପୁଷ୍ଟ କରିଛନ୍ତି ।

ନାଟକ/ନାଟିକା/ଏକାଙ୍କିକା ପ୍ରକାଶ କ୍ଷେତ୍ରରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ସାହିତ୍ୟ ପତ୍ରିକାଚୟ ଯେତେବେଳେ ବିତସ୍ପୃହ, ଝଙ୍କାର ଏ ଦିଗରେ ଏକ ବ୍ୟତିକ୍ରମ । ପ୍ରାୟ ପଚାଶ ବର୍ଷର ପ୍ରକାଶ କାଳ ମଧରେ ଏହା ଶତାଧିକ ଏକାଙ୍କିକା/ନାଟକ/କାବ୍ୟ ନାଟିକା ପ୍ରକାଶ କରି ଉଦାର ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି । ଡଃ ହରେକୃଷ୍ଣ ମହତାବ, ଡଃ ମାୟାଧର ମାନସିଂହ, ଚିନ୍ତାମଣି ପାଣିଗ୍ରାହୀ, ରାଜକିଶୋର ରାୟ, କାଳୀଚରଣ ପଟ୍ଟନାୟକ, ପ୍ରାଣବଂଧୁ କର, ଶେଖ ମନସୁର୍, କାଳନ୍ଦୀ ଚରଣ ପାଣିଗ୍ରାହୀ, ମନୋରଂଜନ ଦାସ, ରାଜକିଶୋର ମିଶ୍ର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଚଉଧୁରୀ ଜାନକୀନାଥ ନନ୍ଦ, ଗୋପାଳ ଛୋଟରାୟ, ରତ୍ନାକର ଚଇନି, ବିଶ୍ୱଜିତ୍ ଦାସ, ବିଜୟ କୁମାର ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ, ରଜତ କର, କାର୍ତ୍ତିକ ଚନ୍ଦ୍ର ରଥ, ପ୍ରମୋଦ ତ୍ରିପାଠୀ, ବିଜୟ କୁମାର ଶତପଥୀ, ନିଳାଦ୍ରୀ ଭୂଷଣ ହରିଚନ୍ଦନ, ପ୍ରସନ୍ନ ମିଶ୍ର, ସରୋଜ ମିଶ୍ର, ଆଦିଙ୍କ ନାଟ୍ୟ ରଚନା ଝଙ୍କାରରେ ସ୍ଥାନ ପାଇଛି । ଏମାନଙ୍କ ମଧରୁ ପ୍ରାୟ ଅଧିକାଂଶ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟର ଅଗ୍ରଗଣ୍ୟ ।

ଉପନ୍ୟାସ ପ୍ରକାଶ କ୍ଷେତ୍ରରେ ଝଙ୍କାର ସେତେଟା ଉନ୍ମୁଖ ନହେଲେ ହେଁ ସଂପୂର୍ଣ୍ଣ ଉଦାସ ନୁହେଁ । ୩ୟ ବର୍ଷ ୬ଷ୍ଠ ସଂଖ୍ୟାରେ ପ୍ରଥମେ ଗୋପୀନାଥ ମହାନ୍ତିଙ୍କ ସଂକ୍ଷିପ୍ତ ଉପନ୍ୟାସ 'ଶରଶଯ୍ୟା' ପ୍ରକାଶ ପାଇଥିଲା । ପରେ ବାମାଚରଣ ମିତ୍ର, ବୀଣାପାଣି

ମହାନ୍ତି, ବିଭୂତି ପଟ୍ଟନାୟକ, ଜଗଦୀଶ ମହାନ୍ତି, ପ୍ରତିଭା ରାୟ, ରାମଚନ୍ଦ୍ର ବେହେରା କିଶୋରୀ ଚରଣ ଦାସ ଓ ଯତୀନ୍ଦ୍ର ପାଢୀଙ୍କ ଉପନ୍ୟାସ ଝଙ୍କାରରେ ସ୍ଥାନ ଲାଭ କରିଛି । କେବଳ ବିଷୁବ ଓ ପୂଜା ବିଶେଷାଙ୍କରେ କେତୋଟି କ୍ଷୁଦ୍ର ଉପନ୍ୟାସ ପ୍ରକାଶ ସଂଭବ ହୋଇଥିବା ବେଳେ ଅନ୍ୟ କେତେକ ଧାରାବାହିକ ଭାବେ ପ୍ରକାଶ ପାଇଛି । ଧାରାବାହିକ ହୋଇଥିବା ଉପନ୍ୟାସଗୁଡିକ ହେଉଛି ବାମାଚରଣ ମିତ୍ରଙ୍କ 'ଚନ୍ଦ୍ର ଓ ଚଂପା', ପ୍ରତିଭା ରାୟଙ୍କ 'ଉତ୍ତରମାର୍ଗ' ଓ କିଶୋରୀ ଚରଣ ଦାସଙ୍କ 'ନେତା ଓ ନେତ୍ରମଣି' । ଝଙ୍କାର ଉପନ୍ୟାସ ପ୍ରକାଶ କ୍ଷେତ୍ରରେ କ୍ରମଶଃ ଅଧିକ ଉନ୍ମୁଖ ହେବା ସ୍ପଷ୍ଟ ଦେଖାଯାଏ । ଏଥିରେ ଅଧିକରୁ ଅଧିକ ଉପନ୍ୟାସ ପ୍ରକାଶ ପାଇବାର ଆଶାକୁ ଅସ୍ୱୀକାର କରା ନ ଯାଇପାରେ ।

ମୌଳିକ ପ୍ରବଂଧ ସୃଷ୍ଟି କ୍ଷେତ୍ରରେ ଝଙ୍କାର ପ୍ରଥମ ପର୍ଯ୍ୟାୟରେ ଯେପରି ଉତ୍ସାହଜନକ ଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ସେଥିରେ ଭଟ୍ଟା ପଡିଯାଇଥିବାର ଦେଖାଯାଏ । କିନ୍ତୁ ମୌଳିକ ପ୍ରବଂଧ ପ୍ରକାଶ ଧାରା ଯେ ସଂପୂର୍ଣ୍ଣ ବ୍ୟାହତ ତାହା ନୁହେଁ । ଝଙ୍କାର ପ୍ରକାଶର ପ୍ରଥମ ଦଶ ବର୍ଷରେ ଅଧିକ ସଚେଷ୍ଟ ହୋଇଥିବାର ଦେଖାଯାଏ । ସୂର୍ଯ୍ୟକାନ୍ତ ଦାସ, କାଳୀଚରଣ ପଟ୍ଟନାୟକ, ଗୋକୁଳାନନ୍ଦ ମହାପାତ୍ର, ଲକ୍ଷ୍ମୀନାରାୟଣ ହରିଚନ୍ଦନ, ବିନୋଦ ରାଉତରାୟ, ବସନ୍ତ କୁମାର ବେଉରା, ବୈଦ୍ୟନାଥ ମିଶ୍ର, ଗୋପାଳ କାନୁନ୍‌ଗୋ ଆଦିଙ୍କ ଅର୍ଥନୀତି, ରାଜନୀତି, ବିଜ୍ଞାନ, ପ୍ରାଣୀବିଜ୍ଞାନ, ଚିତ୍ରକଳା ସଂପର୍କୀୟ ପ୍ରବଂଧ ଗୁରୁତ୍ୱପୂର୍ଣ୍ଣ । ପରବର୍ତ୍ତୀ କାଳରେ ଡକ୍ଟର ସଦାଶିବ ମିଶ୍ର, ପ୍ରମୋଦ କୁମାର ମହାପାତ୍ର, ମନୋରଂଜନ ମହାନ୍ତି, ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି, ଡକ୍ଟର ଭାବଗ୍ରାହୀ ମିଶ୍ର ଏ ଧାରାକୁ ଅଧିକ ଗତିଶୀଳ କରିଛନ୍ତି । ଝଙ୍କାରକୁ ବାଦ୍‌ଦେଲେ ମୌଳିକ ଦିଗନ୍ତର ତଥା ବିଭିନ୍ନ ପ୍ରବଂଧ ସୃଷ୍ଟି କ୍ଷେତ୍ରରେ ଅନ୍ୟ କୌଣସି ସାହିତ୍ୟ ପତ୍ରିକା ସ୍ୱାଧୀନତା ପରେ ଉଲ୍ଲେନୀୟ ସଫଳତା ହାସଲ କରି ପାରିନାହାନ୍ତି ।

ସାହିତ୍ୟର ବିକାଶ ଓ ସମୃଦ୍ଧି ପାଇଁ ସମାଲୋଚନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଝଙ୍କାର ସର୍ବଦା 'ସମାଲୋଚନା'କୁ ଅଗ୍ରାଧିକାର ଦେଇଆସିଛି । ଗବେଷଣାତ୍ମକ ସାହିତ୍ୟ - ସମାଲୋଚନା ରଚନା କ୍ଷେତ୍ରରେ ଝଙ୍କାରର ପ୍ରୋତ୍ସାହନ ଓଡ଼ିଆ ସମାଲୋଚନା ସାହିତ୍ୟକୁ ଶକ୍ତିଶାଳୀ କରି ଗଢ଼ିତୋଳିଛି । ଝଙ୍କାର ପ୍ରକାଶର ପ୍ରଥମ ପର୍ଯ୍ୟାୟରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବଂଶୀଧର ମହାନ୍ତି, ଗିରିଜାଶଙ୍କର ରାୟ, ଶଶିଭୂଷଣ ରାୟ, ଗୌରୀକୁମାର ବ୍ରହ୍ମା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଆଦିଙ୍କ ପ୍ରାଚୀନ ସାହିତ୍ୟ ସଂପର୍କିତ ଆଲୋଚନା, ରାଜକିଶୋର ରାୟ, ସୁଦର୍ଶନ ଆଚାର୍ଯ୍ୟ, ବୁଦ୍ଧେଶ୍ୱର ଦୀକ୍ଷିତ, ନୀଳମଣି ମିଶ୍ର ଆଦିଙ୍କ ଗଳ୍ପ, ଉପନ୍ୟାସ, ପ୍ରବଂଧ ସଂପର୍କିତ ଅଲୋଚନା, ନରସିଂହ ଦେଓ, ଲିଙ୍ଗରାଜ ମିଶ୍ର, ଅନ୍ନଦାଶଙ୍କର ରାୟ,

ଗିରିଜାଶଙ୍କର ରାୟ, ସର୍ବେଶ୍ୱର ଦାସଙ୍କ ନାଟକ ସଂପର୍କୀୟ ଆଲୋଚନାଠାରୁ ଆରମ୍ଭ କରି ଶେଷ ପର୍ଯ୍ୟାୟର ସମାଲୋଚକ ଡଃ ତୀର୍ଥାନନ୍ଦ ମିଶ୍ର, ଡଃ ପ୍ରକାଶ କୁମାର ପରିଡା, ଡଃ କୈଳାଶ ପଟ୍ଟନାୟକ, ଡଃ ଇନ୍ଦୁ ମିଶ୍ରଙ୍କ ଯାଏ ସମାଲୋଚନାର ଦୃଷ୍ଟି ଓ ଦିଗନ୍ତ ପରିବ୍ୟାପ୍ତ । ଅଧୁନା ସମାଲୋଚନାରେ ଧୀ ଓ ଧିଷଣାର ଅଭାବ ପରିଦୃଷ୍ଟ ହେଲେ ହେଁ ଅନୁଶୀଳନର ଦୃଷ୍ଟିଭଙ୍ଗୀ ଯେ ମାର୍ଜିତ ହୋଇଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ । ଏଣୁ ଝଙ୍କାରର ପ୍ରଥମ ପର୍ଯ୍ୟାୟର ସମାଲୋଚନା ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବା ବେଳେ ପରବର୍ତ୍ତୀ ସମାଲୋଚନାଗୁଡ଼ିକ ଅନୁଶୀଳନଧର୍ମୀ ହୋଇପାରିଛି । ସମାଲୋଚନାର ଏ ଧାରା ଝଙ୍କାର ଦ୍ୱାରା ପରିପୁଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ୱାଧୀନତା ପରବର୍ତ୍ତୀ ସାହିତ୍ୟ ପତ୍ରିକା ମଧ୍ୟରେ ଯେଉଁ ଅଳ୍ପ କେତୋଟି ପତ୍ରିକା ସମାଲୋଚନା ସାହିତ୍ୟକୁ ଗୁରୁତ୍ୱ ଦେଇଛନ୍ତି ତନ୍ମଧ୍ୟରୁ ଝଙ୍କାର ସର୍ବପ୍ରଧାନ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ହେଉଥିବା ଗବେଷଣାର ଅଂଶବିଶେଷ ଝଙ୍କାରର ପୃଷ୍ଠା ମଣ୍ଡନ କରିଥିବା ଦେଖାଯାଏ । ଓଡ଼ିଆ ସାହିତ୍ୟର ଗବେଷଣା କ୍ଷେତ୍ରରେ ଗବେଷଣାଧର୍ମୀ ସୃଷ୍ଟି ରଚନା କରୁଥିବା ଗବେଷକମାନଙ୍କୁ ଏହା ଏକ ପ୍ରୋତ୍ସାହନ କହିଲେ ଅତ୍ୟୁକ୍ତି ହେବନାହିଁ । ଗବେଷଣାଧର୍ମୀ ରଚନା ପ୍ରକାଶ କରି ଗବେଷକମାନଙ୍କ ପାଇଁ ଝଙ୍କାର ଏକ ଅତି ଆବଶ୍ୟକୀୟ ପତ୍ରିକା ହୋଇପଡ଼ିଛି । ସେଥିପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (U.G.C) ଦ୍ୱାରା ଝଙ୍କାର ହିଁ ଏକମାତ୍ର ସ୍ୱୀକୃତ ଗବେଷଣା ପତ୍ର । ଏହା ଝଙ୍କାରର ଅନ୍ୟ ଏକ ସଫଳତା ।

ଝଙ୍କାରର ଅନ୍ୟତମ ଆକର୍ଷଣ ହେଉଛି ଏହାର ବିଶେଷାଙ୍କ ସଂଖ୍ୟା । ବିଷୁବ ମିଳନ ଅବକାଶରେ ଝଙ୍କାର ପ୍ରାରମ୍ଭରୁ ବୃହତ କଳେବର ଧରି ପ୍ରକାଶ ପାଇ ଆସିଥାଏ ଏହାର ବିଷୁବ ବିଶେଷାଙ୍କ । ୧୯ ତମ ବର୍ଷ ଠାରୁ ଆରମ୍ଭ ହୋଇଥିଲା ଏହାର ପୂଜା ବିଶେଷାଙ୍କ । ପ୍ରତିବର୍ଷ ୬ଷ୍ଠ କିମ୍ବା ୭ମ ସଂଖ୍ୟା (ସେପ୍ଟେମ୍ବର-ଅକ୍ଟୋବର) ଏହି ବିଶେଷାଙ୍କ ପ୍ରକାଶିତ । ବିଶେଷାଙ୍କମାନଙ୍କରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ରଚନା ସ୍ଥାନ ପାଉଥିବାର ଦେଖାଯାଏ । ଅନ୍ୟ ସଂଖ୍ୟାଗୁଡ଼ିକଠାରୁ ଏହା ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସମୃଦ୍ଧ । ଏହି ଦୁଇଟି ନିୟମିତ ବିଶେଷାଙ୍କକୁ ବାଦ୍ ଦେଲେ ଅନ୍ୟ ଚାରୋଟି ବିଶେଷାଙ୍କ ପ୍ରକାଶ ପାଇଥିବାର ଦେଖାଯାଏ । ସେଗୁଡିକ ହେଲା ପ୍ରଥମ ବର୍ଷର ଅଗଷ୍ଟ ପଞ୍ଚମ ସଂଖ୍ୟାକୁ ସ୍ୱାଧୀନତା ବିଶେଷାଙ୍କ, ଚତୁର୍ଦ୍ଦଶ ବର୍ଷ ନବମ ସଂଖ୍ୟାକୁ ଚୀନର ଭାରତ ଆକ୍ରମଣ ପରିପ୍ରେକ୍ଷୀରେ ଯୁଦ୍ଧ ବିଶେଷାଙ୍କ, ଝଙ୍କାରର ପ୍ରତିଷ୍ଠାତା ଡଃ ମହତାବଙ୍କ ଦେହାନ୍ତରେ ୩୮ଶ ବର୍ଷ ଏକାଦଶ ସଂଖ୍ୟାକୁ ଡଃ ମହତାବ ବିଶେଷାଙ୍କ, ୪୫ଶ ବର୍ଷ ୧୦ମ ସଂଖ୍ୟାକୁ ଫକୀରମୋହନ ବିଶେଷାଙ୍କ ରୂପେ ପ୍ରକାଶ

କରାଯାଇଥିଲା । ଜାତୀୟ ଚେତନା ବୃଦ୍ଧିଦିଗରେ ଓ ସମର ସାହିତ୍ୟ ସୃଷ୍ଟି ଦିଗରେ ପ୍ରଥମ ଦୁଇ ବିଶେଷାଙ୍କର ଉଦ୍ୟମ ପ୍ରଶଂସନୀୟ । ଅବଶିଷ୍ଟ ଦୁଇ ବିଶେଷାଙ୍କ ଆଦି ଓ ଆଧୁନିକ ପର୍ବର ଦୁଇ ସ୍ରଷ୍ଟାଙ୍କ ସାହିତ୍ୟିକ ଦିଗ ପ୍ରତିପାଦିତ ହୋଇଛି । ଡଃ ମହତାବଙ୍କ ଜୀବନର ବହୁ ଦିଗ ତାଙ୍କ ସଂପର୍କରେ ପ୍ରକାଶିତ ବିଶେଷାଙ୍କରେ ସ୍ଥାନିତ ହୋଇଥିବା ବେଳେ ଫକୀରମୋହନ ଉପରେ ପ୍ରକାଶିତ ବିଶେଷାଙ୍କ କେବଳ ସାହିତ୍ୟ ସମାଲୋଚନା ରଚନାରେ ହିଁ ସୀମିତ । ବିଶେଷାଙ୍କ ପ୍ରକାଶ କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ପତ୍ରିକା ମଧ୍ୟରେ କୋଣାର୍କ, ଅଧୁନା, ଡଗରର ଭୂମିକା ଭଳି ଝଙ୍କାରର ଭୂମିକା ଉଲ୍ଲେଖନୀୟ । ଏବେ ପ୍ରତିବର୍ଷ ଚାରୋଟି ବିଶେଷାଙ୍କ ପ୍ରକାଶ ପାଉଛି । ପୂଜା, ବିଷୁବ ବିଶେଷାଙ୍କ ସହ ନୂଆବର୍ଷ (ଜାନୁୟାରୀ) ଓ ରଥଯାତ୍ରା ବିଶେଷାଙ୍କ ।

ଓଡ଼ିଆରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ଭାଷା ସାହିତ୍ୟପ୍ରେମୀ ପାଠକଙ୍କ ନିକଟରେ ପହଞ୍ଚାଇ ଦେବା କ୍ଷେତ୍ରରେ ଝଙ୍କାର ମଧ୍ୟ କାମକରି ଆସିଛି । 'ଗ୍ରନ୍ଥ ବିଚାର' ଓ 'ଗ୍ରନ୍ଥ ବିଳାସ' ବିଭାଗରେ ଶତାଧିକ ପୁସ୍ତକର ସମୀକ୍ଷା କରାଯାଇଛି । କେବଳ ପାଠକଙ୍କ ଦୃଷ୍ଟିକୁ ଅଣାଯାଇନାହିଁ, ପରନ୍ତୁ ଲେଖକ ପାଇଁ ଉତ୍ସାହ ସୃଷ୍ଟି କରାଯିବା ସଙ୍ଗେ ସଙ୍ଗେ ସମୀକ୍ଷାର ଧାରା ଓ ଗତିବେଗକୁ ଇନ୍ଧନ ଯୋଗାଇପାରିଛି । ପୁସ୍ତକର ନାକାରାତ୍ମକ ଓ ସକାରାତ୍ମକ ଦିଗକୁ ସ୍ପଷ୍ଟ କରି ଦିଆଯାଉଛି । ଲେଖକମାନଙ୍କ ସୃଷ୍ଟିକ୍ରିୟାର ବାଧକ ନ ହୋଇ ଯଥାର୍ଥ ବଳିଷ୍ଠ ରଚନା ସୃଷ୍ଟି ଦିଗରେ ସମୀକ୍ଷାରେ ସାହିତ୍ୟିକମାନଙ୍କ ଦ୍ୱାରା ଦିଗ୍‌ଦର୍ଶନ ଦିଆଯାଇଛି ।

ଝଙ୍କାରର ପ୍ରଭାବଶାଳୀ ବିଭାଗଟି ହେଉଛି ସଂପାଦକୀୟ । ସଂପାଦକୀୟ ସ୍ତମ୍ଭରେ ଝଙ୍କାରର ଆଦର୍ଶ ଓ ଆଭିମୁଖ୍ୟ, ଓଡ଼ିଆ ସାହିତ୍ୟରେ ପରିଦୃଷ୍ଟ ବିଭିନ୍ନ ପରିବର୍ତ୍ତନ, ସାମ୍ୟବୈଷମ୍ୟକୁ ପର୍ଯ୍ୟାଲୋଚନା କରାଯାଇଛି । ସାହିତ୍ୟର ଉନ୍ନତି ପାଇଁ, ସଂସ୍କୃତିର ସୁରକ୍ଷାପାଇଁ ସଚେତନ ସଂସ୍କୃତି ସାହିତ୍ୟାନୁରାଗୀଙ୍କୁ ଆହ୍ୱାନ ଦିଆଯାଉଛି । ଝଙ୍କାରର ପ୍ରାଣପ୍ରତିଷ୍ଠାତା ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଅଧିକାଂଶ ସଂପାଦକୀୟ ଲିଖିତ । ସଂଗଠନ, ସାହିତ୍ୟ, ଇତିହାସ, ରାଜନୀତି କ୍ଷେତ୍ରରେ ସେ ଜଣେ ପ୍ରତିପାଦିତ ପ୍ରତିଭା ହୋଇଥିବାରୁ ତାଙ୍କ ସଂପାଦକୀୟଗୁଡ଼ିକରେ ବିଭିନ୍ନ ବିଭାଗ ସଂପର୍କୀୟ ଆଲୋଚନାକୁ ନେଇ ବିଚିତ୍ରଦର୍ଶୀ । ସରଳ ଅଥଚ ପ୍ରଭାବଶାଳୀ ଡଃ ମହତାବଙ୍କ ସମ୍ପାଦକୀୟ ଓଡ଼ିଆ ସାହିତ୍ୟର ବିକାଶକୁ ବହୁଭାବରେ ତ୍ୱରାନ୍ୱିତ କରିଛି । ରୁଚିପୂର୍ଣ୍ଣ ସାହିତ୍ୟ ସୃଷ୍ଟି ପାଇଁ ଲେଖକମାନଙ୍କୁ ପ୍ରେରଣା, ଅନାଲୋଚିତ ଅଧ୍ୟାୟ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ, ନିଜର ସୁଚିନ୍ତିତ ମତାମତ ପ୍ରଦାନ, ଓଡ଼ିଶାର ଲେଖକ ମଣ୍ଡଳୀକୁ ପ୍ରଭାବିତ କରିଥିବାର

ଜଣାଯାଏ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମସାମୟିକ ଭାବରେ ପରିଦୃଷ୍ଟ ଅଭାବବୋଧକୁ ଅନୁଭବ କରି ତା'ର ଦୂରୀକରଣ ନିମନ୍ତେ ତାଙ୍କ ଆହ୍ୱାନ ଫଳପ୍ରଦ ହୋଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧଶାଳୀ କରିଥିବାର ପରବର୍ତ୍ତୀକାଳରେ ସ୍ପଷ୍ଟ ପ୍ରମାଣ ମିଳେ । ଗୋଟିଏ ସୁରୁଚି ସଂପନ୍ନ ପତ୍ରିକା ରୂପେ ଝଙ୍କାରକୁ ଗଢି ତୋଳିବା ପାଇଁ ଓ ଏହାକୁ ଓଡ଼ିଆ ସାହିତ୍ୟ ପତ୍ରିକା କ୍ଷେତ୍ରରେ ସ୍ୱତନ୍ତ୍ର ଆସନ ଦେବାପାଇଁ ଏହି ସଂପାଦକଙ୍କ ଚେଷ୍ଟା ଓ ସଂପାଦକୀୟ ଆଭିମୁଖ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସଫଳ ସାବ୍ୟସ୍ତ ହୋଇଛି । ସତ୍ୟାନନ୍ଦ ଚଂପତିରାୟ, ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁ, ସବୁଜ ଯୁଗର ଅନ୍ୟତମ ରଥୀ ଜଷ୍ଟିସ ହରିହର ମହାପାତ୍ର, କବି ସରୋଜ ରଂଜନ ମହାନ୍ତି, ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ଅନ୍ୟ ସଂପାଦକୀୟଗୁଡ଼ିକ ଲିଖିତ । ଏହି ସଂପାଦକମାନଙ୍କର ସଂପାଦକୀୟ ରଚନାଶୈଳୀ ଉପସ୍ଥାପନା ଡଃ ମହତାବଙ୍କଠାରୁ ଭିନ୍ନ ହେଲେ ହେଁ ବହୁ ଭାବରେ ଡଃ ମହତାବଙ୍କ ଦ୍ୱାରା ପ୍ରଭାବିତ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତିର ଉନ୍ନତି ଦିଗରେ ସଚେଷ୍ଟ ।

ଓଡ଼ିଶାର ଚିତ୍ରକଳାକୁ ଝଙ୍କାରର ପ୍ରଥମ ଚବିଶ ବର୍ଷର ଅବଦାନ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ । ଏହି ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ଚିତ୍ରଶିଳ୍ପୀଙ୍କ ଅଙ୍କିତ ଚିତ୍ର, ଲିନୋ ଖୋଦେଇ, ଫଟୋଚିତ୍ର, କାଠ ଖୋଦେଇର ଫଟୋ ଝଙ୍କାରର ବିଭିନ୍ନ ପୃଷ୍ଠାରେ ସ୍ଥାନିତ ହୋଇଥିବାର ଦେଖାଯାଏ । ଓଡ଼ିଶାର ପ୍ରସିଦ୍ଧ ଶିଳ୍ପୀ ବିମ୍ବାଧର ବର୍ମାଙ୍କଠାରୁ ଆରମ୍ଭ କରି ଉଦୟ ନାରାୟଣ ଜେନାଙ୍କ ପର୍ଯ୍ୟନ୍ତ ବହୁ ଶିଳ୍ପୀଙ୍କ ଚିତ୍ରର ପ୍ରତିକୃତିକୁ ସ୍ଥାନ ଦେଇ ଝଙ୍କାର କେବଳ ନିଜର ଶୋଭନୀୟତା ବୃଦ୍ଧି କରିନାହିଁ ବରଂ କଳାକୁ ପ୍ରୋତ୍ସାହନ ଦେଇ କଳାର ଦେଶ ଉତ୍କଳର ପରମ୍ପରାକୁ ସମ୍ମାନ ଦେଇଛି । ଏପରିକି ଗୋଟିଏ ବର୍ଷ ୨୬ଗୋଟି ଚିତ୍ର ଝଙ୍କାରରେ ସ୍ଥାନ ପାଇଥିବାର ଦେଖାଯାଏ । ଚବିଶ ବର୍ଷ ପରେ ଝଙ୍କାରର ଏହି ଆଭିମୁଖ୍ୟ ବ୍ୟାହତ ହୋଇଛି । ଯଦିଚ ଝଙ୍କାର ପ୍ରଚ୍ଛଦକୁ ଓଡ଼ିଶାର ତରୁଣ ଓ ପ୍ରବୀଣ ଶିଳ୍ପୀମାନେ ଅଙ୍କନ କରି ଆସିଛନ୍ତି ।

କେବଳ ସର୍ଜନାତ୍ମକ କିମ୍ବା ସମାଲୋଚନା କ୍ଷେତ୍ରରେ ନୁହେଁ, ଓଡ଼ିଆ ସାହିତ୍ୟକୁ ସାଙ୍ଗଠନିକ ରୂପଦେବାରେ ଝଙ୍କାରର ପ୍ରମୁଖ ଭୂମିକା ସର୍ବଦା ସ୍ମରଣୀୟ । ସାହିତ୍ୟକୁ ସାଂସ୍କୃତିକ ଉତ୍ସବର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଝଙ୍କାର ଦ୍ୱାରା ହିଁ ସଂଭବ ହୋଇ ପାରିଛି । ଓଡ଼ିଶାର ନବବର୍ଷ 'ବିଷୁବ ସଂକ୍ରାନ୍ତି' ଝଙ୍କାରର ଜନ୍ମଦିନ, ଓଡ଼ିଶାର ଏହି ସାରସ୍ୱତ ପର୍ବକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଁ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଝଙ୍କାର ବାର୍ଷିକୋତ୍ସବ 'ବିଷୁବ ମିଳନ' ଭାବେ ପାଳିତ ହୋଇ ଆସୁଅଛି । ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ଏହି ମିଳନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯୁଗାନ୍ତକାରୀ ବିପ୍ଳବ ଆଣି

ଦେଇଛି । ଓଡ଼ିଆ ସାହିତ୍ୟକୁ ପୁରପଲ୍ଲୀରେ ସଂଚାରିତ କରିଛି । ସର୍ବଭାରତୀୟ କ୍ଷେତ୍ରରେ ଓଡ଼ିଆ ଭାଷା ସାହିତ୍ୟକୁ ମର୍ଯ୍ୟାଦାଜନକ ସ୍ଥାନ ଦେବାରେ ସଫଳ ପ୍ରୟାସ କରିଛି । ସାହିତ୍ୟିକମାନଙ୍କ ସମାବେଶ, ପରସ୍ପର ଭାବ ଆଦାନ ପ୍ରଦାନ, କବିତା ପାଠୋତ୍ସବ,ଆଲୋଚନା ଚକ୍ର ଓ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ସଂପନ୍ନ ସାହିତ୍ୟିକ ଗବେଷକମାନଙ୍କ ସାହିତ୍ୟ ସଂପର୍କୀୟ ଦୃଷ୍ଟିକୋଣର ଉପସ୍ଥାପନା ବିଷୁବମିଳନର ଆକର୍ଷଣୀୟ ଦିଗ । ବିଷୁବ ମିଳନ ଆଜି ପ୍ରଜାତନ୍ତ୍ର ପରିସର ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ । ସମଗ୍ର ଓଡ଼ିଶାର ଏହା ସାହିତ୍ୟିକ ଓ ସାମାଜିକ ପର୍ବର ରୂପ ନେଇଛି । ସାହିତ୍ୟକୁ ନେଇ ଏକ ପର୍ବର ପରିକଳ୍ପନା ବାସ୍ତବିକ ସାହିତ୍ୟର ବିକାଶଧାରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଆ କବିତା, ପ୍ରବଂଧ, ଗଳ୍ପ ରଚନା କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ ବିଷୁବ ମିଳନର ଅନ୍ୟ ଏକ ଆକର୍ଷଣ । ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମଣ୍ଡପରେ ସାହିତ୍ୟିକ, କ୍ରୀଡାବିତ୍, ଶିଳ୍ପୀଙ୍କୁ ଝଙ୍କାର, କ୍ରୀଡା ଓ କଳା ପୁରସ୍କାର ପ୍ରଦାନ କରାଯାଇ ଓଡ଼ିଶାର ସାହିତ୍ୟ, କ୍ରୀଡା ଓ କଳାର ଅଭିବୃଦ୍ଧି ନିମନ୍ତେ ବିଷୁବ ମିଳନ ପ୍ରୋତ୍ସାହନ ଦେଇ ଆସିଛି । ବିଷୁବ ମିଳନରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ପ୍ରଦତ୍ତ 'ବିଷୁବ ପୁରସ୍କାର' ରାଜ୍ୟର ସାହିତ୍ୟ କ୍ଷେତ୍ରରେ କରାଯାଉଥିବା ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ମଧ୍ୟରୁ ଅନ୍ୟତମ । ''ଦେଶରେ ବହୁଚର୍ଚ୍ଚିତ ଓ ସମ୍ମାନିତ ଝଙ୍କାର ସାହିତ୍ୟପତ୍ର ଓ ବିଷୁବ ମିଳନ ସମାରୋହରେ ସମ୍ମାନ ଓ ସ୍ୱୀକୃତି ଲେଖକ ଲେଖିକାମାନଙ୍କ ପାଇଁ ଏବେ ମଧ୍ୟ ଆନ୍ତରିକ ଅଭିଳାଷିତ ସ୍ୱପ୍ନ ଏବଂ ଯେ କୌଣସି ଆକାଦମୀ ସମ୍ମାନଠାରୁ ଆଦୌ ଗୌଣ ନୁହେଁ ।'' [୪] ସାହିତ୍ୟର ବିକାଶ ପାଇଁ ଯେଉଁ ପ୍ରାଥମିକ ପ୍ରଚେଷ୍ଟା ଆରମ୍ଭ କରିଥିଲା 'ଝଙ୍କାର', ବିଷୁବ ମିଳନ ଏହାକୁ ସଫଳ ହେବାର ଗୌରବ ପ୍ରଦାନ କରିଛି । ପ୍ରତିଭାକୁ ସ୍ୱୀକୃତି ଦେବା, ସାହିତ୍ୟକର୍ମରେ ସାହିତ୍ୟିକମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବା କ୍ଷେତ୍ରରେ ଏହି ପୁରସ୍କାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଓଡ଼ିଆ ସାହିତ୍ୟର ପରମ୍ପରା ସହିତ ବିଷୁବ ମିଳନର ସଂପର୍କ ବେଶ୍ ନିବିଡ । 'ହୀରାଖଣ୍ଡ' ଆନୁକୂଲ୍ୟରେ 'ବସନ୍ତ ମିଳନ' ଓ 'ସହକାର' ଆନୁକୂଲ୍ୟରେ 'ମକର ମିଳନ' ପାଳନ କରାଯାଇଥିଲେ ହେଁ 'ବିଷୁବ ମିଳନ' ଭଳି ଏହା ଜନଜୀବନକୁ ପ୍ରଭାବିତ କରିପାରିନାହିଁ । ଅବଶ୍ୟ 'ହୀରାଖଣ୍ଡ' ପ୍ରଜାତନ୍ତ୍ର ସହ ସମ୍ବନ୍ଧିତ । ସାର୍ବଜନୀନ ସାରସ୍ୱତ ସାଂସ୍କୃତିକ ଉତ୍ସବ ବିଷୁବ ମିଳନରେ ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମଣ୍ଡପରୁ ନିମନ୍ତ୍ରିତ ଅତିଥିଙ୍କ ଅଭିଭାଷଣ ଜାତୀୟ ସ୍ତରରେ ଓଡ଼ିଆ ସାହିତ୍ୟର ସ୍ଥିତିକୁ ଓ ବିଭିନ୍ନ ପ୍ରଦେଶର ସାହିତ୍ୟ ସହିତ ଓଡ଼ିଆ

---

୪. ପଟ୍ଟନାୟକ, ପଠାଣି - ପ୍ରଜାତନ୍ତ୍ରର ଆଧୁନିକ ଓଡ଼ିଶାକୁ ଅବଦାନ, ଜନ୍ମ ବିଶେଷାଙ୍କ, ପ୍ରଜାତନ୍ତ୍ର, ୯।୮।୯୪.

ସାହିତ୍ୟର ସଂପର୍କକୁ ପ୍ରକାଶ କରିଛି । ଝଙ୍କାର ସଂପାଦକଙ୍କ ଦ୍ୱାରା ପ୍ରଦତ୍ତ ବିଷୁବ ଅଭିନନ୍ଦନ ଲେଖକ ଲେଖିକାଙ୍କୁ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟରେ ସଚେତନ କରି ନବବର୍ଷରେ ସାହିତ୍ୟକୁ ଅଧିକରୁ ଅଧିକ ପରିପୁଷ୍ଟ କରିବା ପାଇଁ ସଂକଳ୍ପବଦ୍ଧ କରାଇବାରେ ସକ୍ଷମ ହୋଇଛି । ସଂପାଦକୀୟ ସଂଭାଷଣରେ ଝଙ୍କାର ପତ୍ରିକା ସମୃଦ୍ଧ କରୁଥିବା ଲେଖକ ଲେଖିକାଙ୍କୁ ସ୍ୱାଗତ ଜ୍ଞାପନ କରାଯାଇଛି । ଝଙ୍କାରର ବିଗତ ବର୍ଷର ସଫଳତାକୁ ସମୀକ୍ଷା କରାଯାଇଛି ଏବଂ ନୂତନ ବର୍ଷ ପାଇଁ ଲେଖକୀୟ ଶ୍ରଦ୍ଧାର କାମନା ପ୍ରତ୍ୟକ୍ଷ ଓ ପରୋକ୍ଷରେ ବିକାଶ ଓ ବିବର୍ତ୍ତନପାଇଁ ଉଦ୍ଦିଷ୍ଟ ।

ସ୍ୱାଧୀନତା ପରବର୍ତ୍ତୀକାଳରେ ପ୍ରକାଶିତ ସାହିତ୍ୟ ପତ୍ରିକା ଝଙ୍କାର ଏ ଯାଏ ଗଳ୍ପ, ପ୍ରବଂଧ ଓ କଳାକ୍ଷେତ୍ରରେ ତିନୋଟି ପିଢ଼ିକୁ ପୃଷ୍ଟପୋଷକତା ଯୋଗାଇ ଆସିଛି । ପୂର୍ବବତ ଏହା ନୂତନ ପ୍ରତିଭା ସନ୍ଧାନରେ କାର୍ଯ୍ୟ କରିଚାଲିଛି । ଓଡ଼ିଆ ସାହିତ୍ୟ ଧାରାକୁ ଏହା ଅଧିକରୁ ଅଧିକ ଗତିଶୀଳ କରିପାରିଛି । ପ୍ରକାଶ କାଳଠାରୁ ଏଯାଏ ଏହି ସାହିତ୍ୟ ପତ୍ରିକା ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ଓ ଆଦର୍ଶମୂଳକ ପତ୍ରିକାଭାବେ ଅନ୍ୟ ସାହିତ୍ୟ ପତ୍ରିକା ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି । ଝଙ୍କାରର ଏହି ଦୀର୍ଘଦିନର ସଂପାଦନାକୁ ଦୃଷ୍ଟିଦେଇ ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରକାଶନ କ୍ଷେତ୍ରରେ ବୈପ୍ଳବିକ ଉନ୍ମାଦନା ପ୍ରକାଶ ପାଇଛି । ସ୍ୱାଧୀନତା ପରେ ପ୍ରକାଶିତ ହୋଇ ବହୁ ସାହିତ୍ୟ ପତ୍ରିକା ମଧ ପରେ ବନ୍ଦ ହେବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମାତ୍ର ଅଳ୍ପ କେତୋଟି ବର୍ଷ ପାଇଁ ପ୍ରକାଶ ପାଇ ବି ଏହା ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି । ସ୍ୱାଧୀନତା ପରେ ଅଳ୍ପ ବର୍ଷ ପାଇଁ ପ୍ରକାଶିତ ଓ ଅଦ୍ୟାବଧି ନିଜର ପ୍ରତିଷ୍ଠା ପାଇଁ ଉଦ୍ୟମରତ ପତ୍ରପତ୍ରିକାଗୁଡିକ ଓଡ଼ିଆ ସାହିତ୍ୟର ବିକାଶ ପରିପ୍ରେକ୍ଷୀରେ ସ୍ମରଣୀୟ । ବୀଣା (୧୯୫୦, ସଂ - ମଧୁସୂଦନ ଜଗଦେବ), ଦିଗନ୍ତ (୧୯୫୦, ସଂ - ମନୋଜ ଦାସ), ଆସନ୍ତା କାଲି (୧୯୫୦, ସଂ - ଯଦୁମଣି ପରିଡା), ଜ୍ୟୋସ୍ନା (୧୯୫୦, ସଂ - ରାଧାମୋହନ ପଟ୍ଟନାୟକ), ଉଦୟ (୧୯୫୦, ସଂ-ରଜନୀକାନ୍ତ ଦାସ), ନୂଆ ଦୁନିଆ (୧୯୫୧, ସଂ- ଶରତ ପଟ୍ଟନାୟକ, ରାମକୃଷ୍ଣ ପତି), ଯୁଗଭାରତୀ (୧୯୫୨, ସଂ-ଆକୁଳି ମିଶ୍ର), ଚଂଦ୍ରିକା (୧୯୫୨, ସଂ-ମହେଶ୍ୱର ମହାପାତ୍ର) ଶୁଭଶଙ୍ଖ (୧୯୫୨, ସଂ-ଭବେନ୍ଦ୍ର ନାଥ ମହାପାତ୍ର ଶର୍ମା), ପଞ୍ଚଜନ୍ୟ (୧୯୮୦, ସଂ-ଦୁର୍ଗାଚରଣ କୁଅଁର) ତନ୍ଦ୍ରା (୧୯୮୦, ସଂ-କମଳ କୁମାର ପରିଡା), ଏଷଣା (୧୯୮୦, ସଂ-କ୍ଷେତ୍ରବାସୀ ନାୟକ), ଚନ୍ଦ୍ରଭାଗା (୧୯୮୧, ସଂ-ଶ୍ରୀଦେବ) କଷଟି (୧୯୮୧, ସଂ-ଗୋକୁଳ ମିଶ୍ର), ସତୀର୍ଥ (୧୯୮୨, ସଂ-ଜିତିନ୍ଦ୍ର କୁମାର ବଳିଆରସିଂହ) ସଂବର୍ତ୍ତକ (୧୯୮୨, ସଂ-ଜଗଦୀଶ ମହାନ୍ତି), ଆବର୍ତ୍ତ ... ସଂ-ନଟବର ମହାନ୍ତି), ଚେତନା (୧୯୮୩, ସଂ-ଦେବରାଜ ସାହୁ),

ଗୋକର୍ଣ୍ଣିକା (୧୯୮୩, ସଂ-ରମାକାନ୍ତ ଜେନା), ସଞ୍ଜୀବନୀ (୧୯୮୩, ସଂ-ଡଃ ବାସୁଦେବ ସାହୁ), ପ୍ରତିବେଶୀ (୧୯୮୪, ସଂ-ଦୁର୍ଗାମାଧବ ମିଶ୍ର), ଫଲ୍‌ଗୁ (୧୯୮୪), ନିସ୍ୱନ (୧୯୮୫, ସଂ-ଶତ୍ରୁଘ୍ନ ପାଣ୍ଡବ ଓ କ୍ଷୀରୋଦ ପରିଡା), ଶତଦ୍ରୁ (୧୯୮୫, ସଂ-ଉପେନ୍ଦ୍ର ପ୍ରସାଦ ରାୟ), ଭୂର୍ଜ ପତ୍ର (୧୯୮୫, ସଂ-କମଳାକାନ୍ତ ଲେଙ୍କା), ମେଘାସନୀ (୧୯୮୫, ସଂ-ନଟବର ଗିରି), କଥା (୧୯୮୭, ସଂ-ସୁଦତ୍ତା ପଟ୍ଟନାୟକ), ନିର୍ମାତା (୧୯୮୯, ସଂ- ଭରତ ମାଝୀ), ମହଲ (୧୯୮୯, ସଂ-ବଂଶୀଧର ରାଉତ), ଶର୍ମିଷ୍ଠା (୧୯୯୧, ସଂ-ଗିନି ମହାନ୍ତି), ନବଦିଗନ୍ତ (୧୯୯୨, ସଂ- ଅନୁରାଧା ମହାନ୍ତି), ବର୍ତ୍ତିକା (୧୯୯୨, ସଂ-ନବକିଶୋର ମିଶ୍ର), ନିଶାନ୍ତ (୧୯୯୩, ସଂ-ଡଃ ସଂଗ୍ରାମ ଜେନା),ଆର୍ଯ୍ୟା (୧୯୯୩, ସଂ-ଅପରାଜିତା କର), ଏକବିଂଶ ଶତାବ୍ଦୀ (୧୯୯୪, ସଂ-ପ୍ରଫୁଲ୍ଲ ମହାନ୍ତି), ଅଭିନବ (୧୯୯୪, ସଂ-ଦୁର୍ଗା ପ୍ରସାଦ ରଥ), ସମର୍ପଣ (୧୯୯୪, ସଂ-ଶିବ ପ୍ରସାଦ ଦାସ), ଚିତ୍ରା (୧୯୯୪, ସଂ-ପ୍ରଣବ ମିଶ୍ର ଓ ରତ୍ନମାଳା ସ୍ୱାଇଁ), ଲେଖା (୧୯୯୪, ସଂ-ଜ୍ଞାନେଶ୍ୱର ମିଶ୍ର), ଗପବହି (କୃଷ୍ଣ କୁମାର ମହାନ୍ତି), ଅଭିଯାତ୍ରୀ (ବ୍ରଜନାଥ ରଥ), ଆଲେଖ୍ୟ(କୁମାର ହସନ), ଚିଠି (ସଂ-ଅଧ୍ୟାପକ ବିଶ୍ୱରଂଜନ), ଏକାଙ୍କିକା (ସଂ-ଅଶ୍ୱିନୀ କୁମାର ପଟ୍ଟନାୟକ), ସପ୍ତର୍ଷି (ସଂ-ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଦୀର୍ଘିକା, ଜୀଗିଷା (ସଂ-ଶ୍ରୀମତୀ ଦାଶ), ସଂଯୋଗ (ସଂ-ଡଃ ପଂନୀ ମହାନ୍ତି), ଅକ୍ଷପାଦ (ସଂ-ପ୍ରଫୁଲ୍ଲ କୁମାର ଦାଶ, ସବ୍ୟସାଚୀ), ସମାରୋହ (ସଂ-ଦୁର୍ଗା ମାଧବ ମିଶ୍ର), ବା ଙ୍‌ମୟ (ସଂ-ମନ ରଂଜିତା ପରିଡ଼ା), ଅମୃତାୟନ (ସଂ-ଶ୍ରୀମତୀ ଗୀତା ହୋତା), ସମୟ (ସଂ-ଅମରେଶ ପଟ୍ଟନାୟକ), କ୍ରାନ୍ତିଧାରା (ସଂ-ଡଃ ପ୍ରସନ୍ନ କୁମାର ପାଟଶାଣୀ), ନାରୀ ସୁରକ୍ଷା (ସଂ-ଲଳିତା ଶତପଥୀ), ବିବର୍ତ୍ତନ (ସଂ-ନନ୍ଦ କୁମାର ମହାନ୍ତି), ଜନ ସାହିତ୍ୟ (ସଂ-ଲକ୍ଷ୍ମୀଧର ନାୟକ), ପଶ୍ଚିମା (ଅଶୋକ କୁମାର ମହାନ୍ତି) ଆଜିଗର୍ଭ (ସଂ-ବିଜୟ କୁମାର ବେହେରା), ସମାପ୍ତ (ସଂ-ଅଶ୍ୱିନୀ କୁମାର ମିଶ୍ର), ନବରବି (୧୯୫୨ ସଂ-ରବୀନ୍ଦ୍ର ପରିଡ଼ା), ଆଲୋକ (୧୯୫୨, ସତ୍ୟନାରାୟଣ ସାମଲ), ପ୍ରଭାତୀ (୧୯୫୪, ସଂ- ବ୍ରହ୍ମାନନ୍ଦ ପଣ୍ଡା ଓ ଅଶୋକ ଦାଶ), ଆଗାମୀ (୧୯୫୪, ସଂ-ମନୋଜ ଦାସ), ସମାବେଶ (୧୯୫୫, ସଂ- ଜଗଦୀଶ ପାଣି) ମେହେର ପ୍ରଦୀପ (୧୯୫୫, ସଂ- ଡଃ ମାୟାଧର ମାନସିଂହ), ନବଜୀବନ (୧୯୫୬,ସଂ- ଚିନ୍ତାମଣି ମିଶ୍ର), ଯୁଗଭେରୀ (୧୯୫୬, ଉପେନ୍ଦ୍ର ନାୟକ), ତରଙ୍ଗ (୧୯୫୬, ସଂ-ବ୍ୟୋମକେଶ ତ୍ରିପାଠୀ, ଚୌଧୁରୀ ହେମକାନ୍ତ ମିଶ୍ର, ଚିନ୍ତାମଣି ନରେନ୍ଦ୍ର କୁମାର), ତଥାପି (୧୯୫୬, ସଂ. ଗିରୀଶ ଚନ୍ଦ୍ର ମିଶ୍ର), କୋଣାର୍କ (୧୯୫୬, ସଂ-ଓଡ଼ିଆ ସାହିତ୍ୟ ଏକାଡେମୀ), ଝଣ୍ଟି (୧୯୫୯, ସଂ-କ୍ଷେତ୍ରବାସୀ ନାୟକ,

ଯୁଗଳ କିଶୋର ପଟ୍ଟନାୟକ), ମୌସୁମୀ (୧୯୬୦, ସଂ-ଜ୍ଞାନୀନ୍ଦ୍ର ବର୍ମା), ଆଲୋକରେଖା (୧୯୬୨, ସଂ-ବଳରାମ ସାହୁ ଓ ଡଃ କୃଷ୍ଣ ଚରଣ ବେହେରା), ସ୍ୱରୂପ (୧୯୬୨, ବ୍ରହ୍ମାନନ୍ଦ ପଣ୍ଡା), ଦିଗ୍‌ବଳୟ (୧୯୬୨, ସଂ-ଗୋବିନ୍ଦ ଚନ୍ଦ୍ର ସେଠ), ନବପତ୍ର (୧୯୬୨, ସଂ-ଲକ୍ଷ୍ମୀଧର ନାୟକ ଓ ରଜନୀକାନ୍ତ ଦାସ), ଆଧୁନିକ (୧୯୬୩, ସଂ-ବିଶ୍ୱନାଥ ପଶାୟତ), ସାମ୍ମୁଖ୍ୟ (୧୯୬୩, ସଂ-ରାଧାନାଥ ରଥ), ପୁଷ୍ପଗିରି (୧୯୬୪, କୃଷ୍ଣ ପ୍ରସାଦ ଭୂୟାଁ), ଆସନ୍ତା କାଲି (୧୯୬୫, ସଂ-ଯଦୁମଣି ପରିଡ଼ା), ଜୀବନରଙ୍ଗ (୧୯୬୬, ସଂ-ରଣଧୀର ଦାସ), କଞ୍ଚନ (୧୯୬୬,ସଂ-କସ୍ତୁରୀ ଚରଣ ଦାସ), ସୌରଭ (୧୯୬୮, ସଂ-ବାଣୀ ମହାପାତ୍ର), ବେଳା (୧୯୬୮, ସଂ-ପ୍ରସନ୍ନ ପାଟଶାଣୀ), ଅନାମ (୧୯୬୯, ସଂ-କୁମାର ମହାନ୍ତି), ଗଳ୍ପ (୧୯୭୦, ବିଭୂତି ପଟ୍ଟନାୟକ), ଝରଣା (୧୯୭୦, ସଂ-ରାଜକିଶୋର ମହାନ୍ତି), ମାନସ (୧୯୭୨, ସଂ-କୃଷ୍ଣପ୍ରସାଦ ମିଶ୍ର), ଅଧୁନା (୧୯୭୩, ସଂ-ପ୍ରଫୁଲ୍ଲ କୁମାର ରଥ ଓ ଡଃ ଜଗନ୍ନାଥ ମହାନ୍ତି), ପ୍ରତିଭା (୧୯୭୩, ପ୍ରଦୀପ କୁମାର ମହାନ୍ତି), ପ୍ରଜ୍ଞା (୧୯୭୫, ସଂ-ଯତୀନ୍ଦ୍ର ମୋହନ ମହାନ୍ତି ଓ କୃଷ୍ଣ ଚରଣ ମହାନ୍ତି), ସୁଚରିତା (୧୯୭୫, ସଂ-ଶକୁନ୍ତଳା ପଣ୍ଡା) ଇସ୍ତାହାର (୧୯୭୫, ସଂ-ଭାଗିରଥୀ ସାହୁ, ପରେ ନିତ୍ୟାନନ୍ଦ ଶତପଥୀ), ଅନେକ କଦମ୍ବ (୧୯୭୫, ସଂ-ଅଜିତ ଦାଶ ମହାପାତ୍ର) ମୂଲ୍ୟାୟନ (୧୯୭୬, ସଂ-ପ୍ରଫୁଲ୍ଲ କୁମାର ଜଗଦେବ), ଗଳ୍ପଝର (୧୯୭୭, ସଂ-ଅପୂର୍ବ ରଂଜନ ରାୟ), ନବଲିପି (୧୯୭୫, ସଂ-ମନ୍ମଥ ନାଥ ଦାସ), ସାହିତ୍ୟ ସମାଚାର (୧୯୭୭, ଓଡ଼ିଆ ଯୁବ ଲେଖକ ସମ୍ମେଳନ) ଏକଚକ୍ର (୧୯୫୭,ସଂ-ରାଧାମୋହନ ଗଡନାୟକ), କ୍ରାନ୍ତି (୧୯୭୦, ଗୌରୀଶଙ୍କର ମହାପ୍ରଶସ୍ତ), କଳନା (୧୯୬୬, ସଂ-କସ୍ତୁରୀ ଚରଣ ଦାସ), ଡଂଙ୍କ (୧୯୭୦, ସଂ-ଗୁରୁ ପ୍ରସାଦ ମହାନ୍ତି), ପ୍ରାଣତୀର୍ଥ (୧୯୭୯, ସଂ-ଦେବେନ୍ଦ୍ର କୁମାର ମିଶ୍ର), ବାର୍ତ୍ତାଉର୍ମୀ (୧୯୭୯),ସ୍ୟମନ୍ତକ (ଦୁର୍ଯ୍ୟୋଧନ ଦାସ), ହୃଦ୍‌ବାକ୍ୟ (ପ୍ରକାଶ ସାମନ୍ତରାୟ ଓ ବିଭୂତି ଜେନା), ସ୍ୱୟଂସିଦ୍ଧା, ଅଭିଷେକ (ସଂ-ନୃସିଂହ ଷଡ଼ଙ୍ଗୀ), ତମସା (ଡଃ ସୁରେଶ ଚନ୍ଦ୍ର କର) ଆଦି ପତ୍ରିକା ଓଡ଼ିଆ ପତ୍ରପତ୍ରିକା କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିବାକୁ ଚେଷ୍ଟିତ ଓ କେତେକ ବନ୍ଦ ହୋଇଗଲେଣି । ନିଜକୁ ଝଙ୍କାରର ପ୍ରତିଦ୍ୱନ୍ଦୀ ରୂପେ ପ୍ରତିପାଦନ କରିବା ପାଇଁ ଏବଂ ଝଙ୍କାର ଭଳି ପ୍ରଭାବଶାଳୀ ହେବାକୁ କେତେକ ଚେଷ୍ଟିତ । ଅନ୍ୟ କେତେକ ଝଙ୍କାର ପ୍ରତିଷ୍ଠିତ ସାହିତ୍ୟ ମାର୍ଗର ସାମାନ୍ୟତମ ବ୍ୟତିକ୍ରମ କରି ପାଠକୀୟ ରୁଚିକୁ ଆକୃଷ୍ଟ କରିବାକୁ ବ୍ୟଗ୍ର । ସବୁ ସତ୍ତ୍ୱେ ଝଙ୍କାର ସାହିତ୍ୟ ପତ୍ରିକା ମଧ୍ୟରେ ଆଜି ମଧ୍ୟ ଅନତିକ୍ରମଣୀୟ ।

❑❑❑

ସହାୟକ ଗ୍ରନ୍ଥସୂଚୀ

ଆଚାର୍ଯ୍ୟ, ଡକ୍ଟର ସୁଦର୍ଶନ ॥ ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ ।
କଟକ:ଗ୍ରନ୍ଥ ମନ୍ଦିର । ୧୯୭୭ ।

କବି, ଡକ୍ଟର ଅସିତ ॥ ଓଡ଼ିଆ ସାହିତ୍ୟ ସମାଲୋଚନାର ଇତିହାସ ।
କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ । ୧୯୬୪ ।

କବି ଡକ୍ଟର ଅସିତ ॥ ଓଡ଼ିଆ ପ୍ରବଂଧ ସାହିତ୍ୟର ଇତିହାସ ।
କଟକ : ଗ୍ରନ୍ଥ ମନ୍ଦିର । ୧୯୯୪ ।

କର, ଡକ୍ଟର ବାଉରୀବଂଧୁ ॥ ଓଡ଼ିଆ ସାହିତ୍ୟର ଇତିହାସ ।
କଟକ : କିତାବ ମହଲ । ୧୯୮୯ ।

କର, ଡଃ ବାଉରୀବଂଧୁ ॥ ନାନା ଆଲୋଚନା ।
ଭୁବନେଶ୍ୱର : ଗଦ୍ୟ ପ୍ରକାଶନୀ । ୧୯୯୪ ।

ଗାହାଣ, ଡକ୍ଟର କପିଳେଶ୍ୱର ॥ ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ ।
କଟକ : ଅଗ୍ରଦୂତ । ୧୯୯୪ ।

ଦାସ, ଚିତ୍ତରଂଜନ ॥ ଓଡ଼ିଆ ସାହିତ୍ୟର ଇତିହାସ ।
(ସାମାଜିକ ସାଂସ୍କୃତିକ ଭିତ୍ତିଭୂମି,
କଟକ: ଶବ୍ଦାଲୋକ । ୧୯୯୪ ।

ଦାସ, ଡକ୍ଟର ଲକ୍ଷ୍ମୀଧର ॥ ଅସମୀୟା ସାହିତ୍ୟ ପରିକ୍ରମା ।
କଟକ : ଲେଖକ ବିକାଶ । ୧୯୮୫ ।

ନାୟକ, ଡକ୍ଟର କ୍ଷେତ୍ରବାସୀ ॥ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ
ପାଶ୍ଚାତ୍ୟ ପ୍ରଭାବ ।
ବ୍ରହ୍ମପୁର : ପୁସ୍ତକ ଭଣ୍ଡାର । ୧୯୭୭ ।

ପାଠକ, ଅନସୂୟା ପ୍ରସାଦ ॥ ଉତ୍କଳ ସାହିତ୍ୟ କା ଇତିହାସ ।
କଟକ: ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର ।

ପଟ୍ଟନାୟକ, ସୁଧାକର ॥ ସଂବାଦପତ୍ରରୁ ଓଡ଼ିଶାର କଥା । କଟକ : ଗ୍ରନ୍ଥମନ୍ଦିର । ୧୯୭୨ ।

ପାଣ୍ଡବ, ଡଃ ଶତ୍ରୁଘ୍ନ ॥ କଥାଶିଳ୍ପୀ ମନୋଜ ଦାସ । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ । ୧୯୯୪ ।

ମହତାବ, ଡଃ ହରେକୃଷ୍ଣ(ସଂ) ॥ ପ୍ରଜାତନ୍ତ୍ର ରଜତ ଜୟନ୍ତୀ ଗ୍ରନ୍ଥ । କଟକ : ପ୍ରଜାତନ୍ତ୍ର ପ୍ରଚାର ସମିତି । ୧୯୭୨ ।

ମହତାବ, ଡଃ ହରେକୃଷ୍ଣ ॥ ସାହିତ୍ୟର ମାର୍ଗ ଉନ୍ମୋଚନ (୧ମ, ୨ୟ, ୩ୟ ଖଣ୍ଡ) । କଟକ : ହରେକୃଷ୍ଣ ମହତାବ ଫାଉଣ୍ଡେସନ । ୧୯୯୪ ।

ମହାପାତ୍ର, ପଣ୍ଡିତ ବାଇକୋଳି ॥ ଓଡ଼ିଆ ଆନ୍ଦୋଳନର ଇତିହାସ । କଟକ : ଗୋପବଂଧୁ ସାହିତ୍ୟ ମନ୍ଦିର । ୧୯୭୬ ।

ମହାପାତ୍ର ଶର୍ମା, ଶ୍ରୀଧର ॥ ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ । କଟକ : ଗ୍ରନ୍ଥମନ୍ଦିର । ୧୯୭୬ ।

ମହାନ୍ତି, ଡଃ ଜାନକୀବଲ୍ଲଭ (ଭରଦ୍ୱାଜ) ॥ ଆଧୁନିକ ଓଡ଼ିଆ ସାହିତ୍ୟ । କଟକ: ଗ୍ରନ୍ଥମନ୍ଦିର । ୧୯୭୮ ।

ମହାନ୍ତି, ଡଃ ବଂଶୀଧର ॥ ଓଡ଼ିଆ ଭାଷା ଆନ୍ଦୋଳନ । କଟକ : ଫ୍ରେଣ୍ଡସ ପବ୍ଲିଶର୍ସ । ୧୯୮୯ ।

ମାନସିଂ, ଡଃ ମାୟାଧର ॥ ଓଡ଼ିଆ ସାହିତ୍ୟର ଇତିହାସ । କଟକ: ଗ୍ରନ୍ଥମନ୍ଦିର । ୧୯୯୩ ।

ମିଶ୍ର, ଡଃ ଗୋପାଳ ଚନ୍ଦ୍ର ॥ ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ପ୍ରଭାବ । କଟକ/ବ୍ରହ୍ମପୁର : ଗ୍ରନ୍ଥମନ୍ଦିର । ୧୯୮୩ ।

ମିଶ୍ର, ଡଃ ମନମୋହନ (ସଂ) ॥ ଜଗନ୍ନତୀ ପରିକ୍ରମା । କଟକ : ନବୀନ ବିଶ୍ୱ ସାହିତ୍ୟ ସଂଗଠନ । ୧୯୮୨ ।

ମିଶ୍ର, ଡଃ ଶ୍ରୀନିବାସ ॥ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ । କଟକ : ବିଦ୍ୟାପୁରୀ । ୧୯୭୮ ।

ରାୟ, ଅପୂର୍ବ ରଂଜନ ॥ ଆଧୁନିକ କବିତାର ଦିଗଦର୍ଶନ ।
କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ । ୧୯୭୨ ।

ରାୟ, ପ୍ରତିଭା ॥ ଉତ୍ତରମାର୍ଗ ।
କଟକ : ନାଳନ୍ଦା । ୧୯୮୮ ।

ଶତପଥୀ, ଡଃ ନିତ୍ୟାନନ୍ଦ ॥ ସବୁଜରୁ ସାଂପ୍ରତିକ ।
କଟକ : ଗ୍ରନ୍ଥ ମନ୍ଦିର । ୧୯୭୯ ।

ଶତପଥୀ, ଡଃ ବିଜୟକୁମାର ॥ ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା ।
କଟକ : ଓଡ଼ିଶା ବୁକ୍ ଷ୍ଟୋର । ୧୯୯୫ ।

ସାମନ୍ତରାୟ, ଡଃ ନଟବର ॥ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ।
ଭୁବନେଶ୍ୱର: ଶ୍ରୀମତୀ ଗଙ୍ଗାବାଇ ସାମନ୍ତରାୟ । ୧୯୮୩ ।

ସାମନ୍ତରାୟ, ଡଃ ନଟବର ॥ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି ।
ଭୁବନେଶ୍ୱର: ଶ୍ରୀମତୀ ଗଙ୍ଗାବାଇ ସାମନ୍ତରାୟ । ୧୯୮୧ ।

ସାହୁ, ଡାକ୍ତର କୃଷ୍ଣ ମୋହନ ॥ ମହାତ୍ମା ସାଧୁସୁନ୍ଦର ଦାସ ।
କଟକ : ଡଃ କେ.ଏମ୍.ସାହୁ । ୧୯୪୮ ।

ସାହୁ, ଡଃ କୃଷ୍ଣ ମୋହନ (ସଂ) ॥ ମହାତ୍ମା ସାଧୁସୁନ୍ଦର ଦାସ (ଇଂରାଜୀ) ।
କଟକ : ଡଃ କେ.ଏମ୍. ସାହୁ । ୧୯୪୧ ।

ସେନାପତି, ଫକୀରମୋହନ ॥ ଆତ୍ମଚରିତ ଚରିତ ।
କଟକ : କଟକ ଷ୍ଟୁଡେଣ୍ଟସ ଷ୍ଟୋର । ୧୯୭୬ ।

ସେନାପତି, ଫକୀରମୋହନ ॥ ଫକୀରମୋହନ ଗଳ୍ପାବଳୀ ।
କଟକ : ଷ୍ଟୁଡେଣ୍ଟସ ଷ୍ଟୋର, (୨ୟ ଭାଗ) । ୧୯୬୩ ।

ପତ୍ରପତ୍ରିକା

ଆଧୁନିକ

ଉତ୍କଳ ପୁତ୍ର

ଉତ୍କଳ ସାହିତ୍ୟ

କୋଣାର୍କ

ଝଙ୍କାର

ଦୈନିକ ପ୍ରଜାତନ୍ତ୍ର

ମେଘାସନୀ

ପରିଶିଷ୍ଟ

(୧)

ଝଙ୍କାରର ପ୍ରଥମ ସଂପାଦକୀୟ

ସାମୟିକୀ

ପତ୍ରିକାର ନାମ ''ଗୋଲାପ ଫୁଲକୁ ଯେକୌଣସି ନାମରେ ଡାକିଲେ, ତା'ର ବାସରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ।'' ଏହା ହେଲା ସେକ୍‌ସପିଅରଙ୍କ ମତ । କିନ୍ତୁ ''ଯୋଗାଯୋଗ'' ନାମକ ଉପନ୍ୟାସର ଭୂମିକାରେ ରବୀନ୍ଦ୍ରନାଥ ପୁସ୍ତକ-ପୁସ୍ତିକାର ନାମ ପ୍ରତି ଅତି ଗୁରୁତ୍ୱ ଆରୋପ କରିଛନ୍ତି । ବହିଟି ଲେଖି ସାରିବା ପରେ କବିଙ୍କୁ ତା'ର ନାମକରଣ ପାଇଁ ମଧ୍ୟ ବହୁ ଚିନ୍ତା କରିବାକୁ ପଡୁଥିଲା । ଏ ଦୁଇ ବିଶ୍ୱବିଖ୍ୟାତ ସାହିତ୍ୟିକଙ୍କ ପରସ୍ପର ବିରୋଧୀ ମତ ମଧ୍ୟରେ ଆମ୍ଭମାନଙ୍କ ପରି ଶିକ୍ଷାର୍ଥୀମାନଙ୍କୁ ଇତଃସ୍ତତ ହେବାକୁ ପଡୁଥିଲା । ଭାବୁଥିଲୁଁ 'ପ୍ରଜାତନ୍ତ୍ର'ର ମାସିକ ସଂଖ୍ୟାର ନାମ ସେହି ପ୍ରଜାତନ୍ତ୍ର ରହିଲେ ଚଳିବ । କିନ୍ତୁ ବହୁ ଲେଖକ, ପାଠକ ଓ ପୃଷ୍ଠପୋଷକଙ୍କଠାରୁ ଆପତ୍ତି ଶୁଣିବାକୁ ପାଇଲୁ ଯେ ସାହିତ୍ୟିକ ପତ୍ରିକାର ନାମଟି ମଧ୍ୟ ସାହିତ୍ୟିକ ହେବା ଉଚିତ, ଗୋଟିଏ ନିରସ ରାଜନୈତିକ ନାମ ହେବା ଉଚିତ ନୁହେଁ । ବହୁ ଚିନ୍ତା କଲୁଁ ସୁନ୍ଦର ନାମଟିଏ ପାଇଁ । ଗୋଟିଏ କିଛି ମନକୁ ଆସିଲେ, ଦେଖିଲା ବେଳକୁ ସେହି ନାମରେ ପତ୍ରିକା ଅଛି । ମନେହେଲା ସମସ୍ତ ସୁନ୍ଦର ନାମ ସମସ୍ତେ ନେଇ ସାରିଛନ୍ତି; ଆମ ପାଇଁ ଆଉ କିଛି ନାହିଁ । ଅବଶେଷରେ 'ଝଙ୍କାର' ନାମଟି ମନକୁ ଆସିଲା ଓ ତାହା ଆମ ପରସ୍ପରରେ ଅନୁମୋଦିତ ହେଲା । ସେହି ନାମରେ ଆମେ ପରିଚିତ ହେବାକୁ ବାହାରିଛୁ । ଆଶା ଓ ଉତ୍ସାହ ଆମର ଏକମାତ୍ର ସମ୍ବଳ, ଆମର ବିଶ୍ୱାସ ଓ ସେ ବିଶ୍ୱାସ ପୋଷଣ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବୁ ଯେ, ଆଜି ଓଡ଼ିଶାର ଯୁବକ ପ୍ରାଣରୁ ଯେ ଝଙ୍କାର ଉତ୍‌ଥିତ ହେଉଛି ତାହାହିଁ ଓଡ଼ିଶାର ସଙ୍ଗୀତମୟ ଭବିଷ୍ୟତ ନିର୍ମାଣ କରି କରି ଯାଉଛି, ସେହି ଝଙ୍କାରର ସ୍ୱର ଜାଣି ତାଳ ପକାଇବା ଆମର ଉଦ୍ୟମ । ଏଥିରେ ଈଶ୍ୱର ସାହଯ୍ୟ କରନ୍ତୁ ।

"ଝଙ୍କାର" ଟି ଚିତ୍ରସମ୍ୱଳିତ କରିବା ଆମ୍ଭମାନଙ୍କ ଇଛା ଓ ସେଥିପାଇଁ ଆମର ସତତ ଉଦ୍ୟମ । ମାତ୍ର ଚିତ୍ର ମୁଦ୍ରଣର ବ୍ୟବସ୍ଥା ସହସା କରିବା କଷ୍ଟ ହେଉଛି । ଧୀରେ ଧୀରେ କେତୋଟି ମାସ ପରେ ଆମେମାନେ ମାସିକ ପତ୍ରିକାରେ ଚିତ୍ର ମୁଦ୍ରଣ ବ୍ୟବସ୍ଥା କରିବୁ । ଅଜଣା ପଥରେ ସାହସ କରି ଚାଲିଛୁଁ । ତେଣୁ ବର୍ତ୍ତମାନ ପାଇଁ ଲେଖକମାନଙ୍କ ନିଜ ନିଜ ଲେଖା ପ୍ରକାଶ କରିବାର ଇଛା ହିଁ ଆମ୍ଭମାନଙ୍କୁ ବାଟ କଢ଼ାଇବ । ପାଠକ ଓ ପୃଷ୍ଠପୋଷକମାନଙ୍କ କ୍ଷମା ଓ ସହାନୁଭୂତି ଆମ୍ଭେମାନେ ପ୍ରଥମ ଅବସ୍ଥାରେ ପ୍ରାର୍ଥନା କରୁଁ ।

('ଝଙ୍କାର'ର ପ୍ରଥମ ଜନ୍ମତିଥି (୧୯୪୯ ମସିହା ଏପ୍ରିଲମାସ)ରେ ପ୍ରଥମ ସଂଖ୍ୟାରେ ପ୍ରକାଶିତ ସଂପାଦକୀୟ ସ୍ତମ୍ଭରେ 'ସାମୟିକୀ' ଶିରୋନାମାରେ ଡଃ ମହତାବଙ୍କ ଲିଖିତ ପ୍ରଥମ ସଂପାଦକୀୟ)

❑❑❑

ଝଙ୍କାର

ଡକ୍ଟର ହରେକୃଷ୍ଣ ମହତାବ

ସୃଷ୍ଟିର ପ୍ରଥମ ପ୍ରାତେ
          ଉଇଁଲା ତପନ ଯେବେ
                    ସିନ୍ଦୂରା ଫଟାଇ
ପ୍ରକୃତି ଜନନୀ ତେବେ
          ଦେଇଥିଲେ ଆଲିଂପନେ
                    ଆକାଶ ରଙ୍ଗାଇ ।
ବିଧାତା ବଜାଇ ବୀଣା
          ଗାଇଥିଲେ ମାଙ୍ଗଳିକ
                    ସୁମଧୁର ଛନ୍ଦ
ଅନନ୍ତ ଝଙ୍କାର ତାର
          ଶୁଣାଇଲା ଶୀତବାତ
                    ବହି ମନ୍ଦମନ୍ଦ ।
ଗଭୀର ସୁଷୁପ୍ତି ଭେଦି
          ପ୍ରବେଶିଲା ସେ ଝଙ୍କାର
                    ବିଶ୍ୱ ବେନି କର୍ଣ୍ଣେ
ଭାଙ୍ଗିଲା ଜଡ଼ତା ବେଗେ
          ଚେତନ ହୋଇଲା ସର୍ବ
                    ଜୀବନ ସ୍ପନ୍ଦନେ ।
ସେହି ଯେ ଝଙ୍କାର ମୂଳ
          ଚାଲିଛି ମୂର୍ଚ୍ଛନା ତାର
                    ଯୁଗଯୁଗ ବାହି
ଚାଲିଥିବ କାଳ କାଳ
          ଅକସ୍ମାତ୍ ଲିଭିଯିବ
                    ଅନନ୍ତରେ ଯାଇ ।
ଜୀବନ ଝଙ୍କାର ସେ ତ
          ଆଶାମୟ ପ୍ରେମମୟ
                    ଉନ୍ମାଦନା ଭରା
ଅନୁପ୍ରାଣି ସେହି ସ୍ୱରେ
          କର୍ମମୟ ହେଉ ସର୍ବେ
                    ଅନିତ୍ୟ ଜୀବନ ଧରା ।

(ଝଙ୍କାର- ୧ମ ବର୍ଷ ୧ମ ସଂଖ୍ୟା - ଏପ୍ରିଲ ୧୯୪୯)

ବି.ଦ୍ରଃ ଝଙ୍କାରରେ ଛାପିତ ସର୍ବପ୍ରଥମ ରଚନା

□□□

ଶଙ୍କିତା

ଉପଗୁପ୍ତ

(କବିଙ୍କ ପ୍ରକାଶୋନ୍ମୁଖ ''ଯାଯାବର ଓ ଛାୟା'' ଗୀତି କାବ୍ୟରୁ)

ସ୍ତନ - ଉତ୍ତରୀ ଖୋଲିଦିଅ ପ୍ରିୟା ଦିଅ ଖୋଲି,
ଡରୁଚ କି କାଳେ ଚପଳତା ମୋର ହେବ ବୋଲି ?
ଡର ନାହିଁ ଆଜି ଡର ନାହିଁ,
ସ୍ତନ-ଉତ୍ତରୀ ଖୋଲି ଦିଅ ପ୍ରିୟା
ସନ୍ଦେହ ମୋତେ କର ନାହିଁ ।
ଯୌବନ-ଝଡ଼େ ତରଳ ତୁମ ସେ ବୁକୁତଳେ
ମରମର ଯେଉଁ ସରମର ଢେଉ କୁତୂହଳେ
ଜାଗି ଉଠିଥିଲା ଥରି ଥରି,
ସମତଳ ବୁକୁ ବନ୍ଧୁର କରି
ରହିଯାଇଚି ତା ସେହିପରି ।
ତରଳ ମନର ମୁଁ ଦେଖିବି ସେଇ କଠିନତା
ଗୁପତ ମନର ମୁଁ ଦେଖିବି ସେଇ ରୂପକଥା
ତିମିର-ହିଆର ମୁଁ ଦେଖିବି ସେଇ ନୀହାରିକା
ନମିତ ହିଆର ମୁଁ ଦେଖିବି ସେଇ ଅହମିକା ।
ତୃଷ୍ଣା କାତର ଆଖି ତୋଳି,
ସ୍ତନ-ଉତ୍ତରୀ ଖୋଲିଦିଅ ପ୍ରିୟା ଦିଅ ଖୋଲି ।
ଦେଖିବି କି ଖାଲି ? ଅଦ୍‌ଭୁତ ସେଇ ସଂଶୟ
ଉଦ୍‌ଗତ ସେଇ ଛାତିର ଯମଜ ବିସ୍ମୟ
ଜାଗି ଉଠିଅଛି ପାଖେ ପାଖେ
ତାର ଫାଁକେ ପ୍ରିୟା ତାର ଫାଁକେ
କମନୀୟ ସେଇ ସ୍ତନ-ସଙ୍କଟେ ମଥାରଖି
ତନ୍ମୟ ହେବି ଆଗୋ ସଖି ।
ଶିରାରେ ଶିରାରେ
ରକତ-ଧାରାରେ
ସ୍ପନ୍ଦନ ତାର ନେବି ଗୋଳି,
ସ୍ତନ-ଉତ୍ତରୀ ଖୋଲିଦିଅ ପ୍ରିୟା, ଦିଅ ଖୋଲି ।
ଡରୁଚ କି ? କାଳେ ଚପଳତା ମୋର ହେବ ବୋଲି ।

(ଝଙ୍କାର ୪ର୍ଥ ବର୍ଷ, ୬ଷ୍ଠ ସଂଖ୍ୟା - ପୃ.୫୫୬)

ବି.ଦ୍ର: ଏହି କବିତା ପାଇଁ ଝଙ୍କାର ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଥିଲା ।

❑❑❑

ଆମ୍ଭେମାନେ ଆଠଗଡ଼ [illegible] ସେଠାରେ ସାମନ୍ତବଂଶୀୟା ଜନୈକା ବୃଦ୍ଧାମହିଳା ମୋଠାରୁ ଖଣ୍ଡିଏ କାଗଜ ମାଗିନେଇ ଏହି [illegible] ଆଙ୍କି ଦେଇଥିଲେ। [illegible] ଦେଶରେ କଳାଚର୍ଚ୍ଚା କିପରି ଘରେ ଘରେ ବ୍ୟାପ୍ତି ଲାଭ କରିଥିଲା, ତାହାର ଏକ ଦୃଷ୍ଟାନ୍ତ ସ୍ୱରୂପ ଆମ୍ଭେମାନେ ଏହି ଚିତ୍ରଟିକୁ ସାଇତି ରଖିଛୁ ।

। ଇତି ।

ହେମଲତା ମାନସିଂହ

[illegible] କଳାକୃତି: ନାଗାଗୁଞ୍ଜର

ବିଷୁବ ପୁରସ୍କାର

ପ୍ରତ୍ୟେକ ୫୦୦୦/-ଟଙ୍କା

୧. ୧୯୮୩

ଡକ୍ଟର ସୀତାକାନ୍ତ ମହାପାତ୍ର

୨. ୧୯୮୪

ଡକ୍ଟର ଜଗନ୍ନାଥ ପ୍ରସାଦ ଦାସ

୩. ୧୯୮୫

ଡକ୍ଟର ନଟବର ସାମନ୍ତରାୟ

୪. ୧୯୮୬

ଡକ୍ଟର ବଂଶୀଧର ମହାନ୍ତି

୫. ୧୯୮୭

ଶ୍ରୀ ମନୋଜ ଦାସ

୬. ୧୯୮୮

ଶ୍ରୀ ରାଧାମୋହନ ଗଡ଼ନାୟକ

୭. ୧୯୮୯

ଶ୍ରୀ ରାଜକିଶୋର ରାୟ

୮.୧୯୯୦

ଶ୍ରୀ ଚିନ୍ତାମଣି ବେହେରା

୯. ୧୯୯୧

ଶ୍ରୀ ରମାକାନ୍ତ ରଥ

୧୦. ୧୯୯୨

ଶ୍ରୀ କିଶୋରୀ ଚରଣ ଦାସ

୧୧. ୧୯୯୩

ଶ୍ରୀ ଗୋପାଳ ଛୋଟରାୟ

ପ୍ରତ୍ୟେକ ୧୦,୦୦୦/- ଟଙ୍କା

୧୨. ୧୯୯୪

ଡକ୍ଟର ବିଭୂତି ପଟ୍ଟନାୟକ

୧୩. ୧୯୯୫

ଡକ୍ଟର ପ୍ରତିଭା ରାୟ

ପ୍ରତ୍ୟେକ ୨୫,୦୦୦/- ଟଙ୍କା

୧୪. ୧୯୯୬

ଶାନ୍ତନୁ କୁମାର ଆଚାର୍ଯ୍ୟ

୧୫. ୧୯୯୭

ବ୍ରଜନାଥ ରଥ

୧୬. ୧୯୯୮

ପ୍ରଫେସର ଚିତ୍ତରଂଜନ ଦାସ

୧୭. ୧୯୯୯

ରାମଚନ୍ଦ୍ର ବେହେରା

ଝଙ୍କାର ପୁରସ୍କାର

ପ୍ରତ୍ୟେକ ୧୦୦୦/- ଟଙ୍କା

୧୯୭୦

୧. ଡକ୍ଟର ବଂଶୀଧର ମହାନ୍ତି

୨. ଶ୍ରୀ ରମାକାନ୍ତ ରଥ

୩. ଶ୍ରୀ ରାଜକିଶୋର ପଟ୍ଟନାୟକ

୧୯୭୧

୧. ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୨. ଶ୍ରୀ ସୀତାକାନ୍ତ ମହାପାତ୍ର

୩. ଶ୍ରୀ ମନୋଜ ଦାସ

୧୯୭୨

୧. ଶ୍ରୀ ବାମାଚରଣ ମିତ୍ର

୨. ଶ୍ରୀ ଚିନ୍ତାମଣି ବେହେରା

୩. ଡକ୍ଟର କୃଷ୍ଣପ୍ରସାଦ ମିଶ୍ର

୧୯୭୩

୧. ଡକ୍ଟର ନଟବର ସାମନ୍ତରାୟ

୨. ଶ୍ରୀ ଦୁର୍ଗାଚରଣ ପରିଡ଼ା

୩. ଶ୍ରୀ ରାଜକିଶୋର ରାୟ

୧୯୭୪ - ରୌପ୍ୟ ଜୟନ୍ତୀ ବର୍ଷ

୧. ଶ୍ରୀ ବୈଦ୍ୟନାଥ ମିଶ୍ର

୨. ଶ୍ରୀ ଚନ୍ଦ୍ରଶେଖର ରଥ

୩. ଶ୍ରୀ ବ୍ରଜନାଥ ରଥ

୪. ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

୫. ଶ୍ରୀ କିଶୋରୀ ଚରଣ ଦାସ

୬. ଶ୍ରୀମତୀ ବୀଣାପାଣି ମହାନ୍ତି

୧୯୭୫

୧. ଡକ୍ଟର କେ. ଏସ୍. ମୂର୍ତ୍ତି ଓ
ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର

୨. ଶ୍ରୀ ସୌଭାଗ୍ୟ କୁମାର ମିଶ୍ର

୩. ଶ୍ରୀ ଦୁର୍ଗାମାଧବ ମିଶ୍ର

୧୯୭୬

୧. ଡକ୍ଟର ଭୁବନେଶ୍ୱର ବେହେରା

୨. ଶ୍ରୀ ଦୀପକ ମିଶ୍ର

୩. ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ

୧୯୭୭

୧. ଡକ୍ଟର ଗଙ୍ଗାଧର ବଳ

୨. ଶ୍ରୀ ହରିହର ମିଶ୍ର

୩. ଡକ୍ଟର ଚଉଧୁରୀ ହେମକାନ୍ତ ମିଶ୍ର

୧୯୭୮

୧. ଡକ୍ଟର ବାସୁଦେବ ସାହୁ

୨. ଶ୍ରୀ ଜେ.ପି. ଦାସ

୩. ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

୧୯୭୯

୧. ଡକ୍ଟର କୃଷ୍ଣ ଚରଣ ବେହେରା

୨. ଶ୍ରୀ କମଳାକାନ୍ତ ଲେଙ୍କା

୩. ଶ୍ରୀ ବସନ୍ତ କୁମାର ଶତପଥୀ

୧୯୮୦

୧. ଡକ୍ଟର ଦାଶରଥି ଦାସ

୨. ଡକ୍ଟର ପ୍ରସନ୍ନ କୁମାର ମିଶ୍ର

୩. ଶ୍ରୀ ବିଜୟ କୃଷ୍ଣ ମହାନ୍ତ

୧୯୮୧

୧. ଡକ୍ଟର ଶରତ ଚନ୍ଦ୍ର ପ୍ରଧାନ

୨. ଶ୍ରୀମତୀ ପ୍ରତିଭା ଶତପଥୀ

୩. ଶ୍ରୀ ରାମଚନ୍ଦ୍ର ବେହେରା

୧୯୮୨

୧. ଡକ୍ଟର ଖଗେଶ୍ୱର ମହାପାତ୍ର

୨. ଶ୍ରୀ ନୃସିଂହ କୁମାର ରଥ

୩. ଡକ୍ଟର ରତ୍ନାକର ଚଇନି

୧୯୮୩

୧. ଡକ୍ଟର କୃଷ୍ଣ ଚରଣ ସାହୁ

୨. ଶ୍ରୀଯୁକ୍ତ ଜୟକୃଷ୍ଣ ବାରିକ

୩. ନିମାଇଁ ପଟ୍ଟନାୟକ

ପ୍ରତ୍ୟେକ ୨,୦୦୦/- ଟଙ୍କା

୧୯୮୪

୧. ଡକ୍ଟର ରମାକାନ୍ତ ବେହେରା

୨. ଶ୍ରୀ ଗୋପୀକୃଷ୍ଣ ରଥ

୩. ଶ୍ରୀ ଅଚ୍ୟୁତାନନ୍ଦ ପତି

୧୯୮୫

୧. ଡକ୍ଟର ହେମନ୍ତ କୁମାର ଦାସ୍

୨. ଶ୍ରୀମତୀ ବ୍ରହ୍ମୋତ୍ରୀ ମହାନ୍ତି

୩. ଶ୍ରୀ ଜଗଦୀଶ ମହାନ୍ତି

୧୯୮୬

୧. ଡକ୍ଟର ଅସିତ କବି

୨. ଶ୍ରୀ ନିତ୍ୟାନନ୍ଦ ନାୟକ

୩. ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ

୧୯୮୭

୧. ପଠାଣି ପଟ୍ଟନାୟକ

୨. ଶ୍ରୀ ସୌରୀନ୍ଦ୍ର ବାରିକ

୩. ଶ୍ରୀ ରବି ପଟ୍ଟନାୟକ

୧୯୮୮

୧. ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

୨. ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ

୩. ଶ୍ରୀ ବିଭୂତି ପଟ୍ଟନାୟକ

୧୯୮୯

୧. ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନ

୨. ଶ୍ରୀ ରବି ସିଂହ

୩. ଶ୍ରୀମତୀ ପ୍ରତିଭା ରାୟ

୧୯୯୦

୧. ଡକ୍ଟର ବୈଷ୍ଣବ ଚରଣ ସାମଲ

୨. ଶ୍ରୀ ଦେବଦାସ ଛୋଟରାୟ

୩. ଶ୍ରୀ କାର୍ତ୍ତିକ ଚନ୍ଦ୍ର ରଥ

୧୯୯୧
୧. ଡ଼ଃ ଜାନକୀ ବଲ୍ଲଭ ମହାନ୍ତି
୨. ଶ୍ରୀ ପ୍ରହରାଜ ସତ୍ୟନାରାୟଣ ନନ୍ଦ
୩. ଶ୍ରୀ ପଦ୍ମଜ ପାଳ

୧୯୯୨
୧. ଶ୍ରୀ ବେଣୁଧର ରାଉତ
୨. ଶ୍ରୀ ଉମାଶଙ୍କର ପଣ୍ଡା
୩. ଶ୍ରୀ ଉମାଶଙ୍କର ମିଶ୍ର

୧୯୯୩
୧. ଡକ୍ଟର (ଶ୍ରୀମତୀ) ଇନ୍ଦୁ ମିଶ୍ର
୨. ଶ୍ରୀ ହରପ୍ରସାଦ ଦାସ
୩. ଶ୍ରୀମତୀ ସରୋଜିନୀ ସାହୁ

୧୯୯୪
୧. ଡକ୍ଟର ବିଜୟ ପ୍ରସାଦ ମହାପାତ୍ର
୨. ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା
୩. ଶ୍ରୀ ପୂର୍ଣ୍ଣାନନ୍ଦ ଦାନୀ

୧୯୯୫
୧. ଡକ୍ଟର ମଧୁସୂଦନ ପତି
୨. ଶ୍ରୀମତୀ ଶକୁନ୍ତଳା ଦେବୀ
୩. ଶ୍ରୀ ହୃଷିକେଶ ପଣ୍ଡା

୧୯୯୬
୧. ଡକ୍ଟର ଆଦିକନ୍ଦ ସାହୁ
୨. ଶ୍ରୀ ପ୍ରମୋଦ କୁମାର ମହାନ୍ତି
୩. ଶ୍ରୀମତୀ ଯଶୋଧାରା ମିଶ୍ର

୧୯୯୭
୧. ଶ୍ରୀ ରବି ରାୟ
୨. ଜେନାମଣି ନରେନ୍ଦ୍ରକୁମାର
୩. ଶ୍ରୀ ତରୁଣକାନ୍ତି ମିଶ୍ର

୧୯୯୮
୧. ଡକ୍ଟର ନଟବର ଶତପଥୀ
୨. ନୃସିଂହ ତ୍ରିପାଠୀ
୩. ଶ୍ରୀମତୀ ଜୟନ୍ତୀ ରଥ

୧୯୯୯
୧. ଡକ୍ଟର ବିଜୟ ନନ୍ଦ
୨. ବ୍ରହ୍ମାନନ୍ଦ ଦାସ
୩. ବିଷ୍ଣୁ ସାହୁ

❑❑❑

ବିଗତ ବର୍ଷମାନଙ୍କରେ ଝଙ୍କାରରେ ପ୍ରକାଶିତ ଲେଖାର ପରିମାଣ

ବର୍ଷ	ପ୍ରବଂଧ/ସମାଲୋଚନା/ ରମ୍ୟରଚନା/ଭ୍ରମଣ ବୃତ୍ତାନ୍ତ	କବିତା	କ୍ଷୁଦ୍ରଗଳ୍ପ/ଉପନ୍ୟାସ/ ଏକାଙ୍କିକା/କାବ୍ୟନାଟିକା
୧ମ.	୧୫୦(୧୯)	୮୭(୨)	୬୨(୫)
୨ୟ.	୧୫୧(୧୨)	୫୦(୨)	୭୦(୧୦)
୩ୟ.	୧୩୧ (୨)	୪୯(୩)	୬୨(୧)
୪ର୍ଥ.	୮୬(୧)	୭୯(୧)	୬୩(୩)
୫ମ.	୮୧(୧)	୬୫(୧)	୬୨(୫)
୬ଷ୍ଠ.	୭୬(୧)	୭୦	୬୩(୧୧)
୭ମ	୮୯	୬୫(୫)	୭୦(୯)
୮ମ.	୮୮	୭୩(୨)	୬୯(୯)
୯ମ.	୯୮	୭୬(୨)	୬୪(୧୨)
୧୦ମ.	୯୧	୬୭	୫୫(୧୬)
ପ୍ରଥମ ଦଶବର୍ଷର ମୋଟ୍	୧୦୪୧(୩୬)	୬୮୫(୧୮)	୬୨୯(୮୧)
୧୧ଶ.	୭୮(୧)	୬୭(୧)	୫୪(୭)
୧୨ଶ.	୬୧(୧)	୬୫(୨)	୬୧(୧୪)
୧୩ଶ	୫୨(୧)	୭୩(୪)	୬୩(୧୧)
୧୪ଶ.	୫୩	୭୮	୬୧(୭)
୧୫ଶ.	୬୧(୧)	୬୯(୨)	୬୯(୧୦)
୧୬ଶ.	୭୩	୭୬(୩)	୫୨(୯)

୧୬ଶ.	୭୩	୬୬(୩)	୫୨(୯)
୧୭ଶ.	୫୬(୧)	୮୯(୨)	୬୩(୬)
୧୮ଶ.	୪୭(୨)	୭୨(୨)	୩୮(୭)
୧୯ଶ.	୮୦(୧)	୯୭(୨)	୭୬(୩)
୨୦ଶ.	୮୩(୧)	୧୦୮	୫୯
ଦ୍ୱିତୀୟ ବର୍ଷର			
ମୋଟ	୬୪୪(୯)	୭୨୯(୧୮)	୫୯୯(୭୪)
୨୧ଶ.	୭୮(୧)	୮୮(୫)	୭୦(୫)
୨୨ଶ.	୭୮	୧୦୨(୨)	୭୩(୬)
୨୩ଶ.	୭୨	୧୧୫(୨)	୮୩(୨)
୨୪ଶ.	୭୨	୧୨୯(୧)	୮୩(୨)
୨୫ଶ.	୭୭(୧)	୧୪୨(୧)	୭୭(୧)
୨୬ଶ.	୭୪(୨)	୧୫୦(୨)	୭୬(୧)
୨୭ଶ.	୫୭(୨)	୧୪୫(୩)	୭୪(୩)
୨୮ଶ.	୫୫(୧)	୧୫୧	୮୧(୧)
୨୯ଶ.	୬୦(୧)	୧୪୮(୧)	୬୯(୧)
୩୦ଶ.	୬୮(୩)	୧୪୮	୭୬(୨)
ତୃତୀୟ ଦଶ ବର୍ଷର			
ମୋଟ୍	୬୯୧(୧୧)	୧୩୧୮(୧୭)	୭୬୨(୨୪)
୩୧ଶ.	୬୫	୧୩୩	୬୮(୧)
୩୨ଶ.	୬୨	୧୪୨	୭୭(୨)
୩୩ଶ.	୭୪	୧୭୨	୭୬(୨)
୩୪ଶ.	୭୮(୧)	୧୮୭(୩)	୭୫(୨)
୩୫ଶ.	୮୦	୧୯୯(୩)	୮୩(୧)
୩୬ଶ.	୭୪	୧୮୦	୮୪(୧)
୩୭ଶ.	୭୩	୧୭୪	୯୪(୨)
୩୮ଶ.	୬୯(୧)	୧୭୪	୯୪(୨)

୩୯ଶ.	୭୪(୨)	୧୬୩(୧)	୮୭(୨)
୪୦ଶ.	୬୯	୧୬୦(୧)	୯୧(୧)
ଚତୁର୍ଥ ଦଶ ବର୍ଷର			
ମୋଟ୍	୭୨୮ (୪)	୧୬୮୪(୮)	୮୨୯(୧୫)
୪୧ଶ.	୭୧(୧)	୧୯୨(୧)	୧୦୦(୧୦)
୪୨ଶ.	୭୪	୧୭୭(୨)	୮୮(୧୦)
୪୩ଶ.	୬୭	୨୧୬(୨)	୮୮(୭)
୪୪ଶ.	୭୬(୨)	୧୮୬(୧)	୮୯(୧)
୪୫ଶ.	୭୨	୨୧୫(୨)	୯୩(୭)
୪୬ଶ.	୭୦	୨୩୪	୯୮(୭)
୪୭ଶ.	୭୯(୧)	୨୨୫(୧)	୧୧୯(୧୧)
୪୮ଶ.	୮୮	୨୫୧(୧)	୧୧୦(୧୧)
୪୯ଶ.	୮୦	୨୬୩	୧୧୫(୧୨)
ଶେଷଛଅ ବର୍ଷର			
ମୋଟ୍	୬୭୬(୪)	୧୯୫୯(୧୦)	୯୦୦(୬୬)
୪୯ ବର୍ଷ ଯାଏ			
ମୋଟ୍	୩୭୭୧ (୬୪)	୬୪୪୦(୭୧)	୩୭୧୯(୨୯୦)

ବି.ଦ୍ର.:

୧. (.........) ରେ ଲେଖାଯାଇଥିବା ସଂଖ୍ୟା ଅନୁଦିତ ରଚନାର ପରିମାଣକୁ ସୂଚାଏ. ଉଦାହରଣ : ପ୍ରଥମ ବର୍ଷ ପ୍ରବଂଧରେ ଲେଖାଯାଇଥିବା ୧୫୦(୧୯) ଅର୍ଥ-ପ୍ରଥମ, ବର୍ଷରେ ୧୫୦ଟି ପ୍ରବଂଧ ପ୍ରକାଶ ପାଇଥିବା ବେଳେ ତହିଁରୁ ୧୯ଟି ଥିଲା ଅନୁଦିତ ପ୍ରବଂଧ ।

୨. ୪୯ଶ ବର୍ଷ ଯାଏ କ୍ଷୁଦ୍ରଗଳ୍ପ, ଏକାଙ୍କିକା ଓ ଉପନ୍ୟାସ ୩୭୧୯(୨୯୦) ଟି ପ୍ରକାଶ ପାଇଥିଲା । ଏହା ମଧ୍ୟରୁ ୧୧୭ଟି ଏକାଙ୍କିକା/କାବ୍ୟ ନାଟିକା ପ୍ରକାଶ ପାଇଥିଲା ଓ ୧୪(୧) ଟି ଉପନ୍ୟାସ ପ୍ରକାଶ ପାଇଥିଲା ।

ପରିଶିଷ୍ଟ

(୨)

ମତମନ୍ତବ୍ୟ

ଓଡ଼ିଆ ସାହିତ୍ୟର ବିକାଶରେ ଓ ବ୍ୟକ୍ତିଗତ ସାହିତ୍ୟ ଜୀବନକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ 'ଝଙ୍କାର'ର ଭୂମିକା ସଂପର୍କରେ ଦୁଇଟି ପ୍ରଶ୍ନର ଉତ୍ତର ଓଡ଼ିଶାର ଖ୍ୟାତନାମା ସାହିତ୍ୟିକଙ୍କଠାରୁ ଆହ୍ୱାନ କରାଯାଇଥିଲା ।

୧: ପ୍ରାୟ ୫୦ ବର୍ଷର ଓଡ଼ିଆ ସାହିତ୍ୟ ବିକାଶ ଓ ବିବର୍ତ୍ତନରେ 'ଝଙ୍କାର'ର ଭୂମିକା ସଂପର୍କରେ ଆପଣଙ୍କର ସଂକ୍ଷିପ୍ତ ମନ୍ତବ୍ୟ ।

୨: ଆପଣଙ୍କ ସାହିତ୍ୟିକ ଜୀବନକୁ 'ଝଙ୍କାର' କେତେଦୂର ପରିପୁଷ୍ଟ ବା ଉଦ୍‌ପ୍ରେରିତ କରିଛି ?

ବହୁ ସହୃଦୟ ସାହିତ୍ୟିକ ସେମାନଙ୍କ ଉତ୍ତର ଜଣାଇ ଗବେଷଣା କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରେରଣା ଯୋଗାଇଛନ୍ତି । ସେମାନଙ୍କର ସୁଚିନ୍ତିତ ବହୁମୂଲ୍ୟ ମତାମତ ଓ ଏ ଗବେଷକଙ୍କ ତତ୍ ସଂପର୍କୀୟ ସିଦ୍ଧାନ୍ତ ପ୍ରକାଶ କରାଗଲା ।

ଗାଁ/୬.୭.୯୫.

ଓଡିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ 'ଝଙ୍କାର'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଅର୍ଦ୍ଧ ଶତାବ୍ଦୀ ଧରି ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟକୁ 'ଝଙ୍କାର' ସର୍ବଭାରତୀୟ ମର୍ଯ୍ୟାଦା ଦେଇଛି । ଆଧୁନିକ ଚେତନା ସହ ଆମ ପରମ୍ପରା ଓ କୃଷ୍ଟିର ଅବବୋଧକୁ ମଧ ଦେଇଛି ସମ୍ଭ୍ରମ ଅହଂକାର । ଯାହାକୁ ଭିତ୍ତିକରି ଯଶସ୍ୱୀ କେତେକ ଶିଷ୍ଟ ବିଶିଷ୍ଟ ଲେଖକ ଏବେ ବି 'ଝଙ୍କାର'କୁ ଟିକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି ।

ଆଉ ମୋ ସାହିତ୍ୟିକ ଜୀବନ ! ଡକ୍ଟର ହରେକୃଷ୍ଣ ମହତାବ ଜୀଇଥିଲେ 'ଝଙ୍କାର' ନେଇ କିଛି ବକ୍ତବ୍ୟ ଥୋଇ ପାରନ୍ତି ଅକପଟ ଭାବରେ । ଏବେ ସେ ସବୁ କିଛି ନ କହି ଏବେ ଉଲ୍ଲେଖ

କରିବା ସମୀଚୀନ ହେବଯେ 'ଝଙ୍କାର'ର ମୁଁ ଲକ୍ଷେ ଖାଇଚି, ଗୁଣ ଗାଇବା ଇଁ ମଣିଷତ୍ୱ ।

ଝଙ୍କାର ମୋତେ ଅନେକ ଅନୁପ୍ରେରିତ କରିଚି ଓ ମୋ ରୁଚିବୋଧକୁ ସାହିତ୍ୟିକର ଶାଳୀନତା ଦେଇଚି ।

—କମଳାକାନ୍ତ ଲେଙ୍କା

କଟକ/୨୯.୫.୯୫

ଓଡ଼ିଆ ସାହିତ୍ୟର ବିକାଶ ଦିଗରେ 'ଝଙ୍କାର'ର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । କାରଣ 'ସହକାର' 'ନବଭାରତ' ଆଦି ପତ୍ରିକାର ବିଲୟ ପରେ ଏହି ପ୍ରଥମ ସାହିତ୍ୟ ପତ୍ରିକା ଡ଼ଃ ହରେକୃଷ୍ଣ ମହତାବଙ୍କର ନେତୃତ୍ୱରେ ନିୟମିତ ଭାବରେ ପ୍ରକାଶିତ ହେଲା ଏବଂ ଅନେକ ଉଦୀୟମାନ ଲେଖକ ସେମାନଙ୍କ ଲେଖା ଏଥିରେ ପ୍ରକାଶ କରିପାରି ପାଠକ ସମାଜରେ ନିଜକୁ ଚିହ୍ନାଇବାର ସୁଯୋଗ ପାଇପାରିଲେ । ଦ୍ୱିତୀୟରେ 'ବିଷୁବ ମିଳନ' ଜରିଆରେ ଅନୁଷ୍ଠିତ ନାନାଦି ପୁରସ୍କାରର ବ୍ୟବସ୍ଥା ସେମାନଙ୍କୁ ଯଥାବିଧି ପ୍ରୋତ୍ସାହିତ କଲା ସାହିତ୍ୟ କ୍ଷେତ୍ରରେ ଆଗେଇ ଯିବା ପାଇଁ ।

ମୁଁ ଚତୁର୍ଥ ଦଶନ୍ଧିରୁ ବିଭିନ୍ନ ପତ୍ରପତ୍ରିକାରେ ମୋର ଲେଖା ପ୍ରକାଶ କରି ଆସୁଥିଲେ ମଧ୍ୟ ୧୯୫୪ରେ ଝଙ୍କାରରେ ପ୍ରକାଶିତ ମୋର ଚାରୋଟି ଗଳ୍ପ ମୋତେ ପ୍ରଥମ ଥର ପାଇଁ ପାଠକ ସମାଜରେ ବିଶେଷଭାବେ ପରିଚିତ କରାଇଲା । ସେହିଦିନଠାରୁ ନିୟମିତ ଭାବରେ ମୁଁ ମୋର ଲେଖା 'ଝଙ୍କାର'ରେ ପ୍ରକାଶିତ କରି ଆସୁଛି । 'ଘାସଫୁଲ' ନାମକ ଛଦ୍ମନାମରେ ମୁଁ ମୋର କବିତା ମଧ୍ୟ ପ୍ରଥମ ଥର ପାଇଁ 'ଝଙ୍କାର'ରେ ପ୍ରକାଶ କରିଛି । ଏବଂ ନିକଟରେ ମୋର ଦ୍ୱିତୀୟ ଉପନ୍ୟାସ 'ନେତା ଓ ନେତ୍ରମଣି' ମଧ୍ୟ ଧାରାବାହିକ ଭାବରେ ଝଙ୍କାରରେ ପ୍ରକାଶିତ ହୋଇଛି । ଏହାଛଡା ମୋର ପ୍ରଥମ ସାହିତ୍ୟିକ ପୁରସ୍କାର ମଧ୍ୟ ମୁଁ ବିଷୁବ ମିଳନର ରଜତ ଜୟନ୍ତୀ ଉତ୍ସବ (୧୯୭୪)ରେ ପାଇଛି ଏବଂ ୧୯୯୨ରେ ମୁଁ 'ବିଷୁବ ପୁରସ୍କାର'ରେ ସମ୍ମାନିତ ହୋଇଛି । ଏହି ସମସ୍ତ କାରଣରୁ ମୁଁ 'ଝଙ୍କାର' ଏବଂ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ନିକଟରେ ବିଶେଷ ଭାବରେ କୃତଜ୍ଞ ।

— କିଶୋରୀ ଚରଣ ଦାସ

(୧) ପଚାରିବାକୁ ଅଛି ? ଝଙ୍କାର ସବୁ କିଛି କରିପାରିଛି । ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଏହାର ଭୂମିକା ଅନନ୍ୟ ।

(୨) ମୋର ବହୁ ପ୍ରବନ୍ଧ ବିଶେଷ କରି ଅଭିଲେଖ ସଂପର୍କୀୟ ଆଲୋଚନା ଏଥିରେ ସ୍ଥାନ ପାଇଛି ।

—ଠକ୍କୁର କୁଞ୍ଜ ବିହାରୀ ତ୍ରିପାଠୀ

କବିକୁଟୀର, ଭୀମପୁର, ଦାଣପୁର

(୧) ଝଙ୍କାର ଡଃ ହରେକୃଷ୍ଣ ମହତାବଙ୍କର ସାରସ୍ୱତ ସାଧନାର ଏକ ଉସ୍ତ । ଯାହା ମାଧ୍ୟମରେ ସ୍ୱର୍ଗତ ମହତାବଙ୍କର ସାରସ୍ୱତ ସାଧକମାନଙ୍କ ପ୍ରତି ପ୍ରୀତି ଏବଂ ଆଶୀର୍ବାଦ ବିଶେଷଭାବରେ ମହତ୍‌ଲଭ୍ୟ । ଓଡ଼ିଶାର ଦେଦୀପ୍ୟମାନ ଜ୍ୟୋତିଷ୍କ ଶ୍ରୀଯୁକ୍ତ ମହତାବ ଯେ ସମଗ୍ର ଦୃଷ୍ଟିରୁ ଉଚ୍ଚ ସୋପାନରେ ଆରୋହଣ କରିଥିଲେ, ପରନ୍ତୁ ଅସୂୟାଶୂନ୍ୟ ଭାବରେ ପ୍ରତ୍ୟେକଙ୍କୁ ଆହ୍ୱାନ ଦେଉଥିଲେ ବଡ଼ ହେବାଲାଗି । ମାତୃଭାଷାର ଉନ୍ନତି କଳ୍ପେ 'ଝଙ୍କାର' ପତ୍ରିକା ଜନ୍ମ ନିଏ ୧୯୪୯ ମସିହାରେ । ନିଜେ ତ ସଂପାଦନା କରୁଥିଲେ । ତଥାପି ଓଡ଼ିଶାର ଏକନିଷ୍ଠ ସାରସ୍ୱତ ସାଧକଗଣ ମଧ୍ୟ ଏହାର ସଂପାଦନା ମଣ୍ଡଳୀରେ ରହିଥିଲେ ଡଃ ମାୟାଧର ମାନସିଂହ, କରୁଣାକର କର ପ୍ରମୁଖ ।

ସ୍ୱକର୍ମର ପ୍ରଶଂସା ଶୁଣିଲେ କର୍ମ ପ୍ରତି ଯେପରି ବ୍ୟାମୋହ ଭାବ ବଢ଼ିଚାଲେ ଠିକ୍ ସେହିପରି ନୂତନ ପ୍ରେରଣା ଜାଗିଉଠେ । 'ଝଙ୍କାର' ହିଁ ଥିଲା ଠିକ୍ ସେହିପରି ତତ୍କାଳୀନ ସାହିତ୍ୟିକମାନଙ୍କର ଏକ ପ୍ରେରଣାର ଉତ୍ସ । ସେଥିରେ କବିତା କିମ୍ବା କ୍ଷୁଦ୍ରଗଳ୍ପ ଯାହାର ସ୍ଥାନ ପାଏ ସେ ନିଜକୁ ଭାଗ୍ୟବାନ ମନେକରେ । ତାହାର କାରଣ 'ଝଙ୍କାର' ଏକ ଉଚ୍ଚମାନର ପତ୍ରିକା । ଯାହି ତାହି ଲେଖା ସେଥିରେ ସ୍ଥାନ ପାଏ ନାହିଁ । ବୁଦ୍ଧିଜୀବୀମାନଙ୍କର ପତ୍ରିକା ହିସାବରେ ଏହାର ପରାକାଷ୍ଠା ତତ୍କାଳୀନ ସମୟରେ ସର୍ବଜନ ବିଦିତ ଥିଲା । ସେତେବେଳେ ନୂଆ ନୂଆ ହୋଇ ଗୋପାଳ ମିଶ୍ର, ବଂଶୀଧର ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ବିନୋଦ ଚନ୍ଦ୍ର ନାୟକ ପ୍ରମୁଖ ଲେଖୁଥାନ୍ତି । ସେମାନଙ୍କର ଲେଖା ବାହାରେ, ତାଙ୍କର ଗବେଷଣାମୂଳକ ନିବନ୍ଧ ପ୍ରକାଶ ପାଏ । ସେତେବେଳେ ଓଡ଼ିଆ ସାହିତ୍ୟ କହିଲେ ବୁଝାଯାଏ 'ଝଙ୍କାର' । ମୁଁ, ରାଧାମୋହନ ଗଡନାୟକ, ସଚ୍ଚି ରାଉତରାୟ ମିଶି ଲେଖୁଥାଉ । ମଝିରେ ମଝିରେ ଥଟ୍ଟା ଏବଂ ବ୍ୟଙ୍ଗ ହୋଇ କଥାବାର୍ତ୍ତା ହେଉ । ପରସ୍ପରର ଦେଖା ସାକ୍ଷାତ ହୁଏ ଝଙ୍କାର ପତ୍ରିକା ମାଧ୍ୟମରେ । କାରଣ ଆଜିକାଲି ପରି ତ ବହୁଳ ପରିମାଣରେ ଗାଡି ବସ୍ ନ ଥାଏ ସାକ୍ଷାତ ପାଇଁ । ମୋଟାମୋଟି ଭାବରେ କହିବାକୁ ଗଲେ 'ଝଙ୍କାର' ସେତେବେଳେ ଥିଲା ସାରସ୍ୱତ ସାଧକମାନଙ୍କର କର୍ମଶାଳା । କିନ୍ତୁ ଧାରାବାହିକ ଭାବରେ ଝଙ୍କାର ପାଠକରି ଆମେ ଜାଣିବାକୁ ପାଇଛୁ ଯେ, ଏହିପରି ଲେଖି ଲେଖି ପ୍ରତ୍ୟେକ ଯେଝା ବାଟ ଆଦରି ନେଲେ । ଉଦାହରଣ ସ୍ୱରୂପ - ସଚ୍ଚି ରାଉତରାୟ ଅତ୍ୟାଧୁନିକ ରାସ୍ତା ବାଛିଲେ । ରାଧାମୋହନ ଗଡନାୟକ ଛନ୍ଦର କବି ହିସାବରେ ବାଛି ହୋଇ ପଡ଼ିଲେ । ଓଡ଼ିଆ ସାହିତ୍ୟର ଅଗ୍ରଗତିରେ ତଥା ବିବର୍ତ୍ତନର ଧାରାରେ ଝଙ୍କାରରେ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ଚିତ୍ତାକର୍ଷକ ।

ସେମାନେ ମଧ୍ୟ ଝଙ୍କାରର ଲେଖକ ହୋଇଗଲେ । ଏହା ସତ୍ତ୍ୱେ ଝଙ୍କାର କେବେ ନିମ୍ନମାନର ହୋଇନାହିଁ ମୁଁ କହିବି ।

(୨) ମୋର ସାହିତ୍ୟିକ ଜୀବନର ଅୟମାରମ୍ଭ କାଳରେ 'ଝଙ୍କାର' ସହିତ ମୋର ନିବିଡ ସଂପର୍କ ସ୍ଥାପିତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ମୋର ଲେଖା ଗୋଟେ ଗୋଟେ ହୋଇ ସେଥିରେ ବାହାରୁଥାଏ । ତତ୍‌ଜନିତ ଆତ୍ମପ୍ରସାଦ ମଧ୍ୟ ମୁଁ ଲାଭ କରୁଥାଏ । ଓଡ଼ିଶାର ସାହିତ୍ୟିକମାନଙ୍କୁ ଏକତ୍ରିତ କରିବାର ପ୍ରୟାସ ନେଇ ଡକ୍ଟର ହରେକୃଷ୍ଣ ମହତାବ 'ବିଷୁବ ମିଳନ' କଲେ ଏବଂ ସେହି ଉପଲକ୍ଷେ ଜଣେ ଜଣେ ସାହିତ୍ୟିକଙ୍କୁ ସଂବର୍ଦ୍ଧନା ଓ ପୁରସ୍କାର ମଧ୍ୟ ପ୍ରଦାନ କରୁଥିଲେ ଉତ୍ସାହିତ କରିବା ଲାଗି । ସାରସ୍ୱତ ସାଧକ ଏହି ଗୌରବ ଲାଭକରି ନିଜକୁ ହୁଏତ ଅସହାୟ ମନେ କରିବ ନାହିଁ ଏହାହିଁ ଥିଲା ତାଙ୍କର ମୂଳ ଲକ୍ଷ୍ୟ । ଏହି ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ହରେକୃଷ୍ଣ ମହତାବଙ୍କ ହାତରୁ ମୁଁ ଦୁଇଥର ପୁରସ୍କାର ପାଇଛି । ପୁନର୍ବାର ଏବେ ନିକଟରେ ସଂବର୍ଦ୍ଧିତ ହୋଇଛି । ମହତାବଙ୍କ ରୁଚି ମାନବବାଦ । ମୋର ମାନବବାଦ ଲେଖା ତାଙ୍କୁ ହୁଏତ ବିଶେଷ ମୁଗ୍ଧ କରିଥିଲା । ତେଣୁ ସେ ମୋତେ ତାଙ୍କ ଭାଷଣରେ Prolific Writer ବୋଲି ସଂବୋଧନ କରିଥିଲେ । ସାହିତ୍ୟିକ ଜୀବନର ପ୍ରଥମ ପାଦରେ ମୁଁ ବିପ୍ଳବାତ୍ମକ କବିତା ଲେଖୁଥିଲି । ସେହିଠାରୁ ମୋର କବିତାରେ ମାନବବାଦ ହିଁ ଜନ୍ମ ନେଇଛି ଯେତେବେଳେ ବିଷୁବ ମିଳନରେ ମୁଁ ମୋର ମାନବବାଦ ସାହିତ୍ୟ ପାଇଁ ପୁରସ୍କୃତ ହେଲି । ଏହି ହେତୁରୁ ମୁଁ କହିପାରେ ଯେ 'ଝଙ୍କାର' ମୋର କାବ୍ୟିକ ଜୀବନରେ ଗତି ପଥ ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ମାନବବାଦୀ ଦରଦୀ କବି ହିସାବରେ ମୋର ସାଫଲ୍ୟ ଆଣି ପାରିଛି ।

— କୃଷ୍ଣ ଚନ୍ଦ୍ର ତ୍ରିପାଠୀ

କଟକ/୯.୬.୯୫

(୧) ପ୍ରଜାତନ୍ତ୍ରର ନୂତନ ପ୍ରସ୍ଥ ୧୯୪୭ ମସିହାରେ ପ୍ରକାଶିତ ହେଲା । ପୂର୍ବେ ଏହା ବାଲେଶ୍ୱରରୁ ବାହାରି ପ୍ରତିକୂଳ ପରିସ୍ଥିତିରେ ବନ୍ଦ ହୋଇଯାଇଥିଲା । ପ୍ରଜାତନ୍ତ୍ରର ସାପ୍ତାହିକୀ ସାହିତ୍ୟ ପୃଷ୍ଠା 'ରବିବାର ପ୍ରଜାତନ୍ତ୍ର'ରେ ତରୁଣ/ନବୀନ ସ୍ରଷ୍ଟାଙ୍କ ସାରସ୍ୱତ କୃତି ପ୍ରକାଶ କରାଗଲା । ପରେ ଏହି ତରୁଣମାନଙ୍କ ପରିପକ୍ୱ ରଚନାକୁ, ଓଡ଼ିଶାର ପ୍ରବୀଣ ସାରସ୍ୱତ ସାଧକଙ୍କ ସାହିତ୍ୟ ସୃଷ୍ଟିକୁ ପ୍ରକାଶ କରି ଓଡ଼ିଆ ସାହିତ୍ୟର ବିକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଓଡ଼ିଶାର ପାଠକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପ୍ରଜାତନ୍ତ୍ର ପ୍ରଚାର

ସମିତି ତରଫରୁ ପ୍ରକାଶିତ ହେଲା ମାସିକ ସାହିତ୍ୟ ପତ୍ରିକା 'ଝଙ୍କାର' । ଝଙ୍କାର (୧୯୪୯) ପ୍ରକାଶ କାଳରେ ସମୃଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ', 'ମୁକୁର', 'ସତ୍ୟବାଦୀ', 'ନବଭାରତ', ପ୍ରକାଶନ ବନ୍ଦ ହୋଇଯାଇଥିଲା । ବାଳକୃଷ୍ଣ କରଙ୍କ ସଂପାଦିତ ପତ୍ରିକା 'ସହକାର' ପ୍ରକାଶ ପାଉଥିଲେ ହେଁ ଏହା ଭଲ ଅବସ୍ଥାରେ ନ ଥିଲା । ଏଣୁ ଓଡ଼ିଆ ସାହିତ୍ୟ ପତ୍ରିକାର ଅଭାବବୋଧ ମଧ୍ୟରେ 'ଝଙ୍କାର'ର ଆତ୍ମପ୍ରକାଶ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟପ୍ରେମୀ ଡଃ ମହତାବଙ୍କ ଦୂରଦୃଷ୍ଟି ଏହି ପତ୍ରିକାର ଆତ୍ମପ୍ରକାଶ ପାଇଁ ସର୍ବାଦୌ ଦାୟୀ ।

ଝଙ୍କାର ଆତ୍ମପ୍ରକାଶ ସମୟରୁ ଆଜିଯାଏ ଦୀର୍ଘ ୪୬ ବର୍ଷ ଧରି କ୍ରମାଗତ ପ୍ରକାଶିତ ହୋଇଛି । ଓଡ଼ିଶାରେ ସାହିତ୍ୟିକ ସୃଷ୍ଟି ଓଡ଼ିଆ ସାହିତ୍ୟକୁ ମୁଷ୍ଟିମେୟ ଲୋକଙ୍କ ଭିତରେ ସୀମିତ ନ ରଖି ସମସ୍ତଙ୍କ ନିକଟରେ ପହଞ୍ଚାଇବା, ପୁରାତନ ନିଗଡ଼ ବନ୍ଧନରୁ ମୁକ୍ତ ରଖି ସାହିତ୍ୟର ବିଭିନ୍ନ ବିଭାଗରେ ନୂତନତା ଆଣୁଥିବା ସ୍ରଷ୍ଟାମାନଙ୍କୁ ଅଗ୍ରାଧିକାର ଦେବାର 'ଝଙ୍କାର' ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । କେବଳ ସାହିତ୍ୟ ବିଷୟକ ଆଲୋଚନା ପ୍ରବଂଧ 'ଝଙ୍କାର'ରେ ପ୍ରକାଶ ପାଉ ନଥିଲା । ଅର୍ଥନୀତି, ରାଜନୀତି, ବିଜ୍ଞାନ, ଭାଷାତତ୍ତ୍ୱ ଆଦି ବିଭିନ୍ନ ବିଷୟର ଉଚ୍ଚକୋଟୀର ପ୍ରବଂଧମାନ 'ଝଙ୍କାର'ରେ ପ୍ରକାଶ ପାଇବାରେ ଲାଗିଲା । ଏଗୁଡ଼ିକ ସେତେବେଳେ ପ୍ରତିଷ୍ଠିତ ପ୍ରାବଂଧିକମାନେ ଲେଖୁଥିଲେ ।

(୨) ୧୯୫୪-୫୫ରେ ଶାନ୍ତି ନିକେତନରେ ଏମ୍.ଏ. ଅଧ୍ୟୟନ ସମୟରୁ ୧୯୮୨ ମସିହା ଯାଏ ଝଙ୍କାର ସହ ମୁଁ ଜଡ଼ିତ ଥିଲି । 'ଏଷଣା' ପତ୍ରିକା ସଂପାଦନା କଲାପରେ ଝଙ୍କାର ସହ ପୂର୍ବ ସଂପର୍କ ଆଉ ନାହିଁ । ପୂର୍ବରୁ ରବିବାର ପ୍ରଜାତନ୍ତ୍ରରେ ମୋର ବହୁ ରଚନା ସ୍ଥାନ ପାଇଥିଲା । ମୋର ପ୍ରଥମ ଅନୂଦିତ ପ୍ରବଂଧ ଝଙ୍କାରରେ ୫ମ ବର୍ଷ ୬ଷ୍ଠ ଓ ୭ମ ସଂଖ୍ୟାରେ ପ୍ରକାଶ ପାଇଥିଲା । ଏହି ପ୍ରବଂଧର ମୂଳ ଲେଖକ ଥିଲେ ଅନ୍ନଦା ଶଙ୍କର ରାୟ ପରେ ୬ଷ୍ଠ ବର୍ଷ ୮ମ ସଂଖ୍ୟାରେ ମୋର 'ପ୍ରୀତି ସାହିତ୍ୟ' ଶୀର୍ଷକର ପ୍ରବଂଧଟିଏ ସ୍ଥାନିତ ହୋଇଛି । ଡଃ ମହତାବଙ୍କ ସହ ବ୍ୟକ୍ତିଗତ ସଂପର୍କ ମଧ୍ୟ ଥିଲା । ବହୁ ସମୟରେ ଝଙ୍କାରକୁ ଲେଖା ପଠାଇବା ପାଇଁ ସେ ମୋତେ କହୁଥିଲେ । ଏହି ପରିପ୍ରେକ୍ଷୀରେ ମୋର ଦୀର୍ଘ ସାହିତ୍ୟ ଆଲୋଚନା 'ଓଡ଼ିଆ ସାହିତ୍ୟରେ ଇସ୍‌ଲାମୀ ପ୍ରଭାବ' ଧାରାବାହିକ ଭାବେ ଝଙ୍କାରରେ ପ୍ରକାଶିତ ହୋଇଥିଲା ।

— [illegible]

ଶେଖବଜାର
କଟକ/୯.୬.୯୫

(୧) ଷାଠିଏ ଦଶନ୍ଦରେ ରେଭେନ୍ସାରେ ଅଧ୍ୟୟନ କାଳରେ କଳା, ସାହିତ୍ୟ ଓ ସଂସ୍କୃତି ସହ ଜଡିତ ବନ୍ଧୁମାନେ କୁହାକୁହି ହୁଅନ୍ତି ଯେ ଯେଉଁ ପର୍ଯ୍ୟନ୍ତ ଜଣେ କବି ବା ଗାଳ୍ପିକ ଅଥବା ଆଲୋଚକର କୃତି ମର୍ଯ୍ୟାଦା ପୂର୍ଣ୍ଣ ସାରସ୍ୱତ ପତ୍ରିକା ଝଙ୍କାରରେ ପ୍ରକାଶ ନପାଇଛି ସେ ପର୍ଯ୍ୟନ୍ତ ସେ ସାହିତ୍ୟିକର ପଦବାଚ୍ୟ ହୋଇପାରିବ ନାହିଁ । ଅନ୍ୟ ଅର୍ଥରେ ଝଙ୍କାର ହିଁ ନୂତନ ଲେଖକକୁ ପ୍ରବୀଣର ସ୍ୱୀକୃତି ଦେଇ ଆସିଛି । ଯୁବ ପ୍ରତିଭାଧର ଲେଖକମାନଙ୍କୁ ପ୍ରେରଣା ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ପ୍ରତିଷ୍ଠିତ କରିବା ଦିଗରେ ଝଙ୍କାରର ଭୂମିକା ସର୍ବାଦୌ ଅଗ୍ରଗଣ୍ୟ ।

(୨) କଲେଜ ଜୀବନରୁ ହିଁ 'ଝଙ୍କାର' ପତ୍ରିକା ମୋତେ ସାହିତ୍ୟର ବୈଚିତ୍ର୍ୟମୟ ଦିଗଦିଗନ୍ତ ସଂମ୍ପର୍କରେ ଆକର୍ଷିତ କରିଥିଲା । ମତେ ରଚିବନ୍ତ ରଙ୍ଗିମୟ ସୃଷ୍ଟି-କର୍ମ ପ୍ରତି ଅନୁରକ୍ତି କରାଇଥିଲା । ଏଥିରେ ପ୍ରକାଶିତ ବହୁ ରଚନା ମୋ ମନରେ ଧାରଣା ଜନ୍ମାଇଥିଲା । ସାମାଜିକ ଚେତନା ଓ ମାନବିକ ମୂଲ୍ୟବୋଧ ସଂପର୍କରେ ମତେ ଗଭୀରଭାବେ ପ୍ରଭାବିତ କରିଥିଲା । କଲେଜ ଜୀବନରେ ହିଁ ମୁଁ ଦୈନିକ ପ୍ରଜାତନ୍ତ୍ରର ସଂପାଦକୀୟ ବିଭାଗରେ ଚାରିବର୍ଷ ଧରି (୧୯୬୭-୭୧) ସାମୟିକ ଭାବେ କାର୍ଯ୍ୟ କରିବା ଅବସରରେ ଝଙ୍କାର ସହ ପ୍ରତ୍ୟକ୍ଷ ସଂପର୍କରେ ଆସିବାର ସୌଭାଗ୍ୟ ଲାଭ କରିଥିଲି । କେବଳ ସେତିକି ନୁହେଁ ଡଃ ହରେକୃଷ୍ଣ ମହତାବ, ଶ୍ରୀହର୍ଷ ମିଶ୍ର ଓ ସରୋଜ ରଂଜନ ମହାନ୍ତି ମୋର ସୃଷ୍ଟି କ୍ରିୟାସହ ମୋତେ ସାଂସ୍କୃତିକ ସାରସ୍ୱତ ଓ ସଂଗଠନ ପାଇଁ ମଧ୍ୟ ଅନୁପ୍ରାଣିତ କରିଥିଲେ । ଝଙ୍କାରରେ ୧୯୭୧ରେ ପ୍ରକାଶିତ ମୋର ଛୋଟନାଟକ 'ଦର୍ପଣ' ପ୍ରଥମେ ପ୍ରକାଶ ପାଇଥିଲା । ଏଇ ନାଟକଟି ପରବର୍ତ୍ତୀ କାଳରେ ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ଗୃହୀତ ହୋଇ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରକାଶ ପାଇଥିଲା । ସେହିପରି ୧୯୭୫ରେ ଝଙ୍କାରରେ ପ୍ରକାଶିତ ମୋ ନାଟକ 'ମହାଭାରତର ଅନୁତାପ' ପ୍ରକାଶିତ ହୋଇଥିଲା । ୧୯୮୯ ମସିହାରେ ମୋର ଅନ୍ୟ ଏକ ନାଟକ 'ଆହୁତିଃ ମମତାର' ପ୍ରକାଶିତ ହୋଇଥିଲା । ୧୯୭୭ରେ ମୋର ନାଟ୍ୟ କୃତିପାଇଁ ମୋତେ ଝଙ୍କାର ପକ୍ଷରୁ ବିଷୁବ ମିଳନରେ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ୧୯୯୦ରେ ମୋର ସାଧନାକୁ ସ୍ୱୀକୃତି ଜଣାଇ ମୋତେ ଝଙ୍କାର ପୁରସ୍କାରରେ ସମ୍ମାନିତ କରାଗଲା ।

— କାର୍ତ୍ତିକ ଚନ୍ଦ୍ର ରଥ

ଶାନ୍ତି ନିକେତନ/୩୦.୬.୯୫

(୧) ଓଡ଼ିଆ ସାହିତ୍ୟରେ ଉଦ୍‌ବର୍ତ୍ତନ ଅଦ୍ୟାବଧି ମାତ୍ର ଦୁଇଟି ସାହିତ୍ୟ ପତ୍ରିକା ଉପରେ ନିର୍ଭର କରି ଆସିଛି । ପ୍ରଥମରେ 'ଉତ୍କଳ ସାହିତ୍ୟ' ଏବଂ ତା'ପରେ 'ଝଙ୍କାର' । ବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ, ସଂସ୍କୃତି, ସମାଜ — ସବୁ ବିଷୟରେ କ୍ରମ ବିକାଶ ଟିକେ ଟିକେ ଜାଣିବା ପାଇଁ ଏହି ପତ୍ରିକା ଦ୍ୱୟ ଅବଲମ୍ବନୀୟ । ମୁଁ ବି ବିଶ୍ୱାସ ରଖୁଛି, ଏକବିଂଶ ଶତାବ୍ଦୀରେ 'ଝଙ୍କାର' ଆହୁରି ଶକ୍ତ ନିର୍ଭରତା ପ୍ରଦାନ କରିବ ।

(୨) ମୁଁ ବହୁତ କମ୍ ଲେଖେଁ— କେବଳ ଆଲୋଚନା । ବର୍ଷରେ ୨ଟି ପ୍ରବଂଧ ଝଙ୍କାରକୁ ଦେଲାଭଳି ଲେଖି ପାରିଲେ ବହୁତ ଆତ୍ମତୃପ୍ତି ଲାଭକରେ । ମୋର ସମସ୍ତ ଶ୍ରେଷ୍ଠ ଆଲୋଚନା ଝଙ୍କାର ପୃଷ୍ଠାରେ ପ୍ରକାଶିତ ହୋଇଛି । ''ସମାଲୋଚନାର ଦିଗ ଦିଗନ୍ତ'' -୨ ଖଣ୍ଡ'ରେ ସେସବୁ ସଂକଳିତ ।

ଝଙ୍କାରରେ ଲେଖିବାରେ ଗୋଟେ ଗର୍ବ ଥିଲା । ସବୁଠୁ ବଡ଼ ଲେଖକ ଓ ଚିନ୍ତାଶୀଳ ବ୍ୟକ୍ତି କେବଳ ସେଥିରେ ଲେଖୁଥିଲେ । ସେମାନଙ୍କ ଲେଖା, ପରସ୍ପର ମଧ୍ୟରେ ବିତର୍କ ସଦା ସର୍ବଦା ଆମକୁ ଉଦ୍‌ବୁଦ୍ଧ କରିଛି ।

ଗତ କେତେ ବର୍ଷ ହେଲା, ଡଃ ମହତାବଙ୍କ ମହାପ୍ରୟାଣ ପରେ ମୁଁ ବହୁତ କମ୍ ଝଙ୍କାରରେ ଲେଖୁଅଛି । ସେଆଡୁ ଅନୁପ୍ରେରଣାର ଅଭାବ, ଏଆଡ଼େ ନିଜର କର୍ମ ବ୍ୟସ୍ତତା ହିଁ କାରଣ । ଆଉ ଏକ କାରଣ ଖୁବ୍ ସଂକୋଚରେ କହୁଛି - କ୍ରମାନ୍ୱୟରେ ଲେଖିବାର ଗର୍ବ ଓ ଗୌରବ ପ୍ରତି ଲାଳସା ଆସୁନାହିଁ ।

— ଖଗେଶ୍ୱର ମହାପାତ୍ର

କଟକ/୨.୬.୯୫

(୧) ଏ ପ୍ରଶ୍ନର ଉତ୍ତର ମୁଁ ଗୋଟିଏ ଶବ୍ଦରେ ଦେବି - ମହାନ୍ । ମୁଁ ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରିବା ପୂର୍ବରୁ କେତେକ ପତ୍ରିକାର ଅକାଳ ବିୟୋଗ ଘଟି ସାରିଥିଲା ।

୧୯୪୯ର ବିଷୁବ ସଂକ୍ରାନ୍ତି ଦିନ ଜନ୍ମନେଲା ଶ୍ରୀଯୁକ୍ତ ଡଃ ମହତାବଙ୍କ ସଂପାଦିତ ପତ୍ରିକା 'ଝଙ୍କାର' ଯାହାର ପ୍ରତି ପୃଷ୍ଠାରେ ଓଡ଼ିଆ ସାହିତ୍ୟର ରସ ଝଙ୍କୃତ ହେଲା । 'ଝଙ୍କାର' ଯେତେବେଳେ ପ୍ରକାଶ ପାଇଲା ସେତେବେଳେ ମୋ ଅନୁମାନରେ ନବୀନ ଓ ପ୍ରବୀଣ ସାହିତ୍ୟିକମାନଙ୍କ ସଂଖ୍ୟା ପ୍ରାୟ ସମାନ ଥିଲା । ପ୍ରତିଷ୍ଠିତମାନଙ୍କର ତ ଲେଖା ଝଙ୍କାର ପୃଷ୍ଠା ମଣ୍ଡନ କରୁଥିଲା, ନବୀନମାନେ ପ୍ରବଳ ଉତ୍ସାହରେ ଲେଖା ପଠାଉଥିଲେ ତାହା ପ୍ରକାଶ ହେଉ ବା ନ ହେଉ । କାଳକ୍ରମେ ବହୁ ପତ୍ରିକା ମୁଣ୍ଡ ଟେକି ଥିଲା ମାତ୍ର ସମୟର ବିବର୍ତ୍ତନରେ

ସେମାନେ ଝାଉଁଳି ପଡିଲେ । ମାତ୍ର ଝଙ୍କାର ପ୍ରତ୍ୟେକଙ୍କ ହୃଦୟରେ ଯେଉଁ ସାରସ୍ୱତ ଝଙ୍କାର ତୋଳିଥିଲା, ତାହା ଅଦ୍ୟାବଧି ଝଙ୍କୃତ ହେଉଛି ଓ ହେଉଥିବ ମଧ୍ୟ । ଏହି ପତ୍ରିକା ମାଧ୍ୟମରେ ବହୁ ସାହିତ୍ୟିକ ଲୋକଲୋଚନକୁ ଆସିପାରିଛନ୍ତି । ଜୀବନର ଏହି ଉତ୍ତର ବୟସରେ ବସି ଚିନ୍ତା କଲାବେଳେ ମନେପଡେ ଯଦି 'ଝଙ୍କାର' ପତ୍ରିକା ନ ଥାନ୍ତା ତେବେ ମୋର ସାରସ୍ୱତ ସାଧନା ହୁଏତ ବ୍ୟାହତ ହୋଇଥାନ୍ତା ।

(୨) x x x ମନରେ ବେଳେ ବେଳେ କିଛି ଅବଶୋଷ ଜାଗେ ମୁଁ କ'ଣ ଜଣେ ଗାଳ୍ପିକ ବା କବି ହୋଇପାରିବିନି ? ଏହି ଅନୁଚିନ୍ତାରୁ ହଠାତ୍ ଦିନେ ଗଳ୍ପଟିଏ ଲେଖା ଆରମ୍ଭ କଲି । ଗଳ୍ପଟି ଲେଖି ଦ୍ୱିତୀୟ ବର୍ଷ ଝଙ୍କାରର ବିଷୁବ ସଂଖ୍ୟା ପାଇଁ ପଠାଇ ଦେଲି । ମାତ୍ର ସେହି ସଂଖ୍ୟା ପ୍ରକାଶନର ଆଉ ୫/୬ ଦିନ ବାକିଥାଏ । ସେଥିପାଇଁ ଗଳ୍ପଟି ତ ଆଉ ସେ ସଂଖ୍ୟାରେ ପ୍ରକାଶ ପାଇବ ନାହିଁ ପୁଣି ପରବର୍ତ୍ତୀ ସଂଖ୍ୟା ପାଇଁ ତାଙ୍କ ଫାଇଲ ଭିତରେ କୁଆଡେ ହଜିଯିବ । ସେଥିପାଇଁ ମୁଁ ଧରିନେଲି ଯେ ଗଳ୍ପଟି ଆଦୌ ପ୍ରକାଶ ପାଇବ ନାହିଁ । ସେ ବର୍ଷ ବିଷୁବ ମିଳନରେ ଯୋଗଦେବା ପାଇଁ ନିମନ୍ତ୍ରଣ ଆସିଲା ମୁଁ ତରବରେ ଯୋଗ ଦେବା ପାଇଁ ଗଲି, ସେଇଠି ମୋ ହାତକୁ ଝଙ୍କାର ଖଣ୍ଡେ ଆସିଲା ଓ ଏହାର ଶେଷ ଗଳ୍ପ 'ମରିଚି' ମୋର ଥିଲା । ଏହା ପରେ ଝଙ୍କାରରେ ନିୟମିତ ଲେଖା ବାହାରିଛି । ବାସ୍ତବରେ ମୋର ଗଳ୍ପ 'ଫୁଲ' ପାଇଁ ମୁଁ ଅଧିକ ସ୍ୱୀକୃତି ପାଇଛି ।

ଝଙ୍କାରର ଦ୍ୱିତୀୟ ବର୍ଷ ଅର୍ଥାତ୍ ୧୯୫୦ ମସିହାରେ ଯେଉଁ ବର୍ଷ ପ୍ରଜାତନ୍ତ୍ର ପୁରସ୍କାର ଦେବାକୁ ଆରମ୍ଭ କଲା ମୁଁ ନାଟକ ରଚନା ପାଇଁ ପୁରସ୍କୃତ ହେଲି । ମୁଁ ସ୍ୱୀକାର କରୁଛି ଯେ ଝଙ୍କାର ପାଇଁ ମୋ ସାହିତ୍ୟିକ ଜୀବନ ଯାତ୍ରା ସଫଳ ହୋଇଛି । ୧୯୯୩ରେ ମୋତେ ବିଷୁବ ପୁରସ୍କାରରେ ସମ୍ମାନିତ କରାଯାଇଛି ।

— ଗୋପାଳ ଛୋଟରାୟ

ଭୁବନେଶ୍ୱର/୩.୬.୯୫

(୧) ବିଗତ ୫୦ ବର୍ଷର 'ଝଙ୍କାର'ର ସଂଖ୍ୟାମାନ ହିଁ ଆପଣଙ୍କୁ ପ୍ରକୃତ କଥାଟି କହିଦେବ ।

(୨) ଗତ ବହୁ ବର୍ଷ ଧରି ଖୁବ୍ କମ୍ ସଂଖ୍ୟକ 'ଝଙ୍କାର' ମୋ ହାତକୁ ଆସିଛି, ତେଣୁ ଏହି ପ୍ରଶ୍ନର ଉତ୍ତର ଆଉ କ'ଣ ଦେବି ?

— ଚିତ୍ତରଂଜନ ଦାସ

ଭୁବନେଶ୍ୱର/୨୦.୬.୯୫

(୧) 'ଉତ୍କଳ ସାହିତ୍ୟ' ଓ 'ସହକାର' ପରେ ପରେ 'ଝଙ୍କାର' ହିଁ ଓଡ଼ିଆ ସାହିତ୍ୟର ମଙ୍ଗ ଧରିବାକୁ ଆଗେଇ ଆସିଥିଲା ଓ ଆଜିଯାଏ ସେଇ ପରମ୍ପରାର ବାହକ ହେଇ

ଆସିଛି । ସ୍ୱାଧୀନତା ପରବର୍ତ୍ତୀ ସମସ୍ତ ସାହିତ୍ୟ ଆନ୍ଦୋଳନ ଓ ସାହିତ୍ୟର ମୋଡ ପରିବର୍ତ୍ତନର ସୂଚନା 'ଝଙ୍କାର' ହିଁ ଦେଇଛି । ଝଙ୍କାର ଓଡ଼ିଆ ସାହିତ୍ୟର ମୁଖ୍ୟ ଫାଟକ ଭାବରେ କାମ କରିଛି, ଯାହା ମଧ୍ୟ ଦେଇ ପାରି ନ ହେଲେ ଓଡ଼ିଆ ସାହିତ୍ୟର ଉଆସ ଭିତରକୁ ପ୍ରବେଶ ମିଳେ ନାହିଁ ।

(୨) ମୋର ସାହିତ୍ୟିକ କାଳରେ ପ୍ରତିଷ୍ଠା ଝଙ୍କାରରୁ ହିଁ । ୧୯୬୧ରୁ ଝଙ୍କାର ମୋତେ ନିରବଚ୍ଛିନ୍ନ ଭାବରେ ଉତ୍ସାହିତ କରି ଆସିଛି । ମୋର ଆଜିର ପ୍ରତିଷ୍ଠା - ମୁଁ ଭାବେ - ଝଙ୍କାର ହିଁ ମୋତେ ଆଣି ଦେଇଛି । ମୋ'ର ମାଷ୍ଟରପିସ୍ ଲେଖାସବୁ ଝଙ୍କାରରେ ହିଁ ସ୍ଥାନିତ ହୋଇଛି ଓ ଚର୍ଚ୍ଚିତ ହୋଇଛି ।

— ଜଗଦୀଶ ମହାନ୍ତି

ଭୁବନେଶ୍ୱର/୨୬.୬.୯୫

(୧) (କ) ନୂତନ ତଥା ପ୍ରବୀଣ ଲେଖକଙ୍କ ରଚନା ପ୍ରକାଶ କରି ସେମାନଙ୍କୁ ଅଧିକ ଉତ୍ସାହିତ କରାଯାଇପାରିଛି ।

(ଖ) ଲେଖକଙ୍କ ମଧ୍ୟରୁ କେତେକଙ୍କୁ ସେମାନଙ୍କ ରଚନା ପାଇଁ ପୁରସ୍କୃତ ଓ ସମ୍ମାନିତ କରାଇ ସେମାନଙ୍କୁ ସାହିତ୍ୟ କ୍ଷେତ୍ରରେ ସ୍ୱୀକୃତି ପ୍ରଦାନ କରାଯାଇଛି ।

(୨) ମୋର ସାହିତ୍ୟିକ ଜୀବନକୁ ଏହି ପତ୍ରିକା ବହୁ ଭାବରେ ଉତ୍ପ୍ରେରିତ କରିଛି ।

(କ) ମୋ ରଚିତ ବହୁ କବିତା, ପ୍ରବଂଧ ସର୍ବାଦୌ ଏହି ପତ୍ରିକାରେ ପ୍ରକାଶିତ ହୋଇଥିଲା ।

(ଖ) କବିତା, ପ୍ରବଂଧ ଲାଗି ଏହି ଅନୁଷ୍ଠାନରୁ ମୁଁ ତିନିଥର ପୁରସ୍କୃତ/ସମ୍ମାନିତ ହୋଇଛି ।

— ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ଭୁବନେଶ୍ୱର/୧୫.୬.୯୫

(୧) ଝଙ୍କାର ପ୍ରକାଶ ପାଇଲା ସେହି ସନ୍ଧିକ୍ଷଣରେ ଯେତେବେଳେ ମୋ ପରି ବହୁ ଯୁବ ସାହିତ୍ୟିକ ନିଜର ଲେଖା ପ୍ରକାଶ କରିବା ପାଇଁ ଅଣନିଃଶ୍ୱାସୀ ହୋଇ ଏକ ଉପଯୁକ୍ତ ପତ୍ରିକା ଖୋଜୁଥିଲେ । ସେ ସମୟରେ ମହତାବ ବାବୁ ଏହି ପତ୍ରିକା ପ୍ରକାଶ କରି ବହୁ ଲେଖକଙ୍କୁ ଆଲୋକର ପଥକୁ ଆଣିଥିଲେ । ସେମାନଙ୍କର ଉତ୍ସାହ ବଢିଲା । ସାମୟିକ ବଂଧୁ ମିଳନ, ବାର୍ଷିକ ବିଷୁବ ମିଳନ ପ୍ରଭୃତି ହେଲା । ଲେଖକ/ଲେଖିକାଙ୍କର ଏକ ଗୋଷ୍ଠୀ

ହେଲା । ଭାବର ଆଦାନ ପ୍ରଦାନ ହେଲା । ପ୍ରଥମ ହୋଇ 'ପ୍ରୀତ୍ୟୁପହାର' ମିଳିଲା । ଲେଖକ ଜୀବନର ଅଭାବବୋଧ ହ୍ରାସ ପାଇଲା । ସୁସ୍ଥ ପ୍ରତିଯୋଗିତା ମଧ୍ୟ ଉଦୟ ଲାଭ କଲା । ଜଣେ ନେତୃସ୍ଥାନୀୟ ବରିଷ୍ଠ ସାହିତ୍ୟିକ ସମସ୍ତଙ୍କୁ ନିଜର ସନ୍ତାନ ଜ୍ଞାନ କରି ପ୍ରେରଣା, ଉତ୍ସାହ ଦେଲେ । ଏହା ଲେଖକମାନେ ଜାଣିନଥିଲେ କେବେହେଲେ ।

(୨) ମୋର ସାହିତ୍ୟିକ ଜୀବନର ଆରମ୍ଭ 'ପ୍ରଜାତନ୍ତ୍ର' ରବିବାର ସଂଖ୍ୟା ଓ 'ଝଙ୍କାର'ରେ । ମହତାବ ବାବୁଙ୍କର ପ୍ରତ୍ୟକ୍ଷ ପ୍ରେରଣାରେ ମୋର ଲେଖନୀ ସକ୍ରିୟ ହୋଇଥିଲା । ମୋଠାରୁ ଲେଖାଟିଏ ନ ପାଇଲେ, ସେ ବସେଇ ଉଠେଇ ଦେଉ ନଥିଲେ । କବିତା ସହିତ ଗଳ୍ପ ଲେଖିବା ପାଇଁ ସେ ବାରମ୍ବାର କହିଲେ ମୋତେ । ଗଳ୍ପ ଓ କବିତା ଉଭୟ ପ୍ରକାଶିତ ହେଲା ଝଙ୍କାରରେ । ସାହିତ୍ୟ ଜଗତରେ ମୁଁ ପରିଚିତ ହେଲି ଝଙ୍କାର ଜରିଆରେ । ଜୀବନର ଅପରାହ୍ନରେ ଡଟ୍ ପେନ୍‌ର ରିଫିଲ୍ ସରିଆସିଲା ବେଳକୁ ଯାହା ଲେଖୁଛି ତାହା ପ୍ରଥମେ ଝଙ୍କାର ପାଇଁ ନିବେଦନ କରିସାରି ପରେ ଅନ୍ୟ ପତ୍ରିକାକୁ ପଠାଉଛି ।

— ଦୁର୍ଗାମାଧବ ମିଶ୍ର

ଭୁବନେଶ୍ୱର/୪.୬.୯୫

(୧) ୧୯୪୯ ଠାରୁ ଏ ଯାବତ୍ ଓଡ଼ିଶାରେ 'ଝଙ୍କାର' ଭଳି ନିର୍ଭରଯୋଗ୍ୟ ସାହିତ୍ୟ ପତ୍ରିକା କାହିଁ ? ଏଣୁ ଏ ପ୍ରଶ୍ନ କାହିଁକି ?

(୨) ମୋର ଲେଖକ ଜୀବନ ଝଙ୍କାରରୁ ହିଁ ସୃଷ୍ଟି । ପ୍ରଥମେ ନୂତନ ଲେଖକମାନଙ୍କୁ 'ରବିବାର ପ୍ରଜାତନ୍ତ୍ର'ରେ ଲେଖିବାର ସୁଯୋଗ ମିଳୁଥିଲା । ରବିବାର ପ୍ରଜାତନ୍ତ୍ର ବାଟ ଦେଇ ସମସ୍ତ ଲେଖକ ଝଙ୍କାର ପତ୍ରିକାକୁ ଆସିଥାନ୍ତି । ମୋ ଦ୍ୱାରା ଲିଖିତ 'ଓଡ଼ିଆ ଅକ୍ଷର ସହଜ ଶିକ୍ଷା ପ୍ରଣାଳୀ' ୧୯୪୯ ରେ ପ୍ରଜାତନ୍ତ୍ର ରବିବାର ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ତାହା ମୋର ପ୍ରଥମ ଲିଖିତ ପ୍ରବନ୍ଧ । ସେହି ବର୍ଷ ବିଷୁବ ମିଳନରେ ଏଥିପାଇଁ ମୁଁ ବହୁ ପ୍ରଶଂସା ପାଇଥିଲି । ମୋର ଝଙ୍କାରର ପ୍ରଥମ ଲେଖା ହେଉଛି 'ବିଦଗ୍ଧ ଚିନ୍ତାମଣି: ଏକ ଅଧ୍ୟୟନ' । ବିଦଗ୍ଧ ମାଧବ ସହିତ ବିଦଗ୍ଧ ଚିନ୍ତାମଣିର ଏହା ତୁଳନାତ୍ମକ ଅଧ୍ୟୟନ । ନବଭାରତ, ନବଜୀବନରେ ମୋର ଅଳ୍ପ କେତୋଟି ପ୍ରବନ୍ଧ ଓ ସମାଲୋଚନା ବାହାରି ଥିଲେ ହେଁ ମୁଖ୍ୟତଃ ଝଙ୍କାର ଓ ଡଗରରେ ମୋର ପ୍ରବନ୍ଧ/ସମାଲୋଚନା ପ୍ରକାଶ ପାଉଥିଲା ।

—ନଟବର ସାମନ୍ତରାୟ

ଭୁବନେଶ୍ୱର/୨୫.୬.୯୫

(୧) ଗତ ପଚାଶ ବର୍ଷ ମଧ୍ୟରେ 'ଝଙ୍କାର'ରେ ଯେଉଁ ଲେଖାମାନ ପ୍ରକାଶ ପାଇଛି, ତାହା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭବକୁ ସମୃଦ୍ଧ କରିଛି । ବିଶେଷତଃ କେତେଜଣ ବିଶିଷ୍ଟ ଆଲୋଚକଙ୍କ ଗବେଷଣାମୂଳକ ଓଡ଼ିଆ ସାହିତ୍ୟ ଇତିହାସ ନବଦିଗନ୍ତ ସୃଷ୍ଟି କରିଛି । ଝଙ୍କାରରେ ଆଲୋଚିତ କେତୋଟି ଲେଖା ଅତ୍ୟନ୍ତ ମୂଲ୍ୟବାନ । 'ଝଙ୍କାର' ପରି ଦ୍ୱିତୀୟ ପତ୍ରିକା ଏ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରକାଶ ପାଇନାହିଁ । ବିଶିଷ୍ଟ କବି, କାହାଣୀକାର ଓ ପ୍ରାବନ୍ଧିକ, ଗବେଷକ ଏହାର ପୃଷ୍ଠା ମଣ୍ଡନ କରି, ଅନେକ ବହୁ ଚର୍ଚ୍ଚିତ ବିଷୟ ଏଥିରେ ସନ୍ନିବେଶିତ କରିଛନ୍ତି, ଏଥିରେ ସନ୍ଦେହ ନାହିଁ ।

(୨) ମୁଁ ମୋର କେତୋଟି ଗବେଷଣାମୂଳକ ପ୍ରବଂଧ ଝଙ୍କାରରେ ପ୍ରକାଶ କରି କେତେକ ନୂତନ ତଥ୍ୟ ଓଡ଼ିଆ ପାଠିକା ଓ ପାଠକଙ୍କୁ ଦେଇ ପାରିଛି । ତେଣୁ ମୋ' ସାହିତ୍ୟିକ ଜୀବନକୁ ଝଙ୍କାରର ଅବଦାନ ଅତୁଳନୀୟ । କେବଳ ମୋ' ସାହିତ୍ୟିକ ଜୀବନକୁ କାହିଁକି, ଓଡ଼ିଶାର ବହୁ ସାହିତ୍ୟିକଙ୍କ ଜୀବନ ଝଙ୍କାରର ଲେଖା ପରିପୁଷ୍ଟ ତଥା ଉତ୍ପ୍ରେରିତ କରିଛି ।

— ନୀଳମଣି ମିଶ୍ର

ଶାନ୍ତିନିକେତନ/୨୦.୬.୯୫

(୧) ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ଏକ ନୂତନ ଦିଗ ପରିବର୍ତ୍ତନ ଲାଗି ଉନ୍ମୁଖ ହେବା ବେଳେ ଝଙ୍କାର ପତ୍ରିକାର ପ୍ରତିଷ୍ଠା । ଝଙ୍କାରକୁ କେନ୍ଦ୍ରକରି ପ୍ରତ୍ୟେକ ଆଧୁନିକତା ପନ୍ଥୀ ଓ ପ୍ରଗତିଶୀଳ ଲେଖକମାନଙ୍କର ସାହିତ୍ୟିକ ବିକାଶ ଘଟିଛି । ଏକ ସଚେତନଶୀଳ ପାଠକଗୋଷ୍ଠୀ ସୃଷ୍ଟି କରିବାରେ 'ଝଙ୍କାର'ର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରାୟ ସମସ୍ତ ପ୍ରତିଷ୍ଠିତ ଲେଖକ 'ଝଙ୍କାର'ର ଲେଖକ ।

(୨) 'ଝଙ୍କାର'ର ଆଶ୍ରୟରେ ହିଁ ମୋର ସାହିତ୍ୟିକ ବିକାଶ ଓ ପ୍ରତିଷ୍ଠା । ମୋର ଅଧିକାଂଶ ଶ୍ରେଷ୍ଠ ରଚନା (କବିତା, ନାଟକ ଓ ସମାଲୋଚନା ପ୍ରବନ୍ଧ) 'ଝଙ୍କାର'ରେ ପ୍ରକାଶିତ । ଏଥିରେ ପ୍ରକାଶିତ ବହୁ ସୃଷ୍ଟି ଉପରେ ପାଠକମାନଙ୍କର ସପ୍ରଶଂସ ମତାମତ ମୋତେ ବିଶେଷ ଭାବରେ ଉତ୍ସାହିତ କରିଛି । 'ଝଙ୍କାର' ଓ ଏହାର ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ ଡଃ ହରେକୃଷ୍ଣ ମହତାବଙ୍କ ନିକଟରେ ମୋର କୃତଜ୍ଞତାର ଶେଷନାହିଁ ।

— ନୀଳାଦ୍ରି ଭୂଷଣ ହରିଚନ୍ଦନ

କଟକ/୨୮.୫.୯୫

(୧) ୧୯୩୯ରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୁଏ । ଏ ପ୍ରକାର ପ୍ରଳୟଙ୍କରୀ ମହାଯୁଦ୍ଧ

ସମଗ୍ର ପୃଥିବୀର ମାନଚିତ୍ରକୁ ଓଲଟ ପାଲଟ କରି ଦିଏ । ବୈଷୟିକ ରାଜ୍ୟ, ବୈଜ୍ଞାନିକ ରାଜ୍ୟରେ, ଭୌତିକ ଜଗତରେ, ସାଂସ୍କୃତିକ ଚିନ୍ତାଧାରାରେ ଅଭାବନୀୟ ପରିବର୍ତ୍ତନ ଘଟୁଥାଏ । ମହାଯୁଦ୍ଧର ଧ୍ୱଂସକାରୀ ତାଣ୍ଡବଲୀଳା ଜନମାନସରେ ଆଣିଦେଇଥାଏ ଭୟଙ୍କର ବିକୃତି ଓ ପ୍ରତିକ୍ରିୟା । ଅତ୍ୟନ୍ତ ଦୁଃଖର କଥା, ୧୯୩୯ରୁ ୧୯୪୯ମଧ୍ୟରେ ଉପଯୁକ୍ତପତ୍ରିକାର ନେତୃତ୍ୱ ଅଭାବରୁ ଓଡ଼ିଶାର ବୁଦ୍ଧିଜୀବୀ ଜନମାନସରେ ଏହିସବୁ ଚିନ୍ତାଧାରାର ପ୍ରତିଫଳନ ଆଦୌ ସ୍ପର୍ଶ କରୁନଥାଏ । ଜାଗତିକ ଚିନ୍ତାଧାରା ସହିତ ସମଭାବରେ ଗତି ନକଲେ ଜାତିର ପ୍ରଗତି ପ୍ରତିହତ ହୋଇଯିବ । ସତେ ଯେପରିକି ଏହି ପ୍ରକାର ସ୍ଥବିର ବାତାବରଣରୁ ମୁକ୍ତି ଲାଭ କରିବା ପାଇଁ 'ଝଙ୍କାର'ର ଆବିର୍ଭାବ ହୋଇଥିଲା । ଗତ କେତେ ବର୍ଷ ଧରି ଓଡ଼ିଶାର ପତ୍ରପତ୍ରିକାର ରୂପାୟନ ହେଉଛି ପର୍ଯ୍ୟାପ୍ତ କବିତା, ଅଳ୍ପ କେତୋଟି ଗଳ୍ପ ଏବଂ ଅତି ସାମାନ୍ୟ କେତୋଟି ଗତାନୁଗତିକ ସମାଲୋଚନା । କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ କାଳର ଅଥବା ସ୍ୱାଧୀନତା ପରବର୍ତ୍ତୀ କାଳର ଚିନ୍ତା ରାଜ୍ୟରେ ଯେଉଁ ସବୁ ପରିବର୍ତ୍ତନ ସଂଗଠିତ ହେଉଥିଲା, ଯେଉଁ ପ୍ରକାର ସଂଭାବନା ଦେଖା ଯାଉଥିଲା ତାକୁ ଉପଲକ୍ଷ୍ୟ କରି ବହୁ ପ୍ରତିଭାଯୁକ୍ତ ଲେଖକ ଧାରାବାହିକ ଭାବରେ ବର୍ଷାଧିକ କାଳ ଝଙ୍କାର ପୃଷ୍ଠା ମଣ୍ଡିଛନ୍ତି । ସାହିତ୍ୟ ଜୀବନର ମୁକୁର, ସମାଜର ପ୍ରତିଛବି ଦୀର୍ଘକାଳ ପର୍ଯ୍ୟନ୍ତ ଝଙ୍କାର ଓଡ଼ିଆ ଜନ ଜୀବନର, ଓଡ଼ିଆ ଚିନ୍ତାରାଜ୍ୟର ନିଛକ ପ୍ରତିଛବି ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ, ଓଡ଼ିଆ ସାହିତ୍ୟକୁ ତାହା ହିଁ ତାହାର ଅମୂଲ୍ୟଦାନ ।

(୨) ତରୁଣ ମଧ୍ୟରେ ବଳିଷ୍ଠ ବ୍ୟକ୍ତିତ୍ୱ ବିକାଶ 'ଝଙ୍କାର' ଦ୍ୱାରା ହିଁ ସମ୍ଭବ । ଏହା ଗଭୀର ଆତ୍ମବିଶ୍ୱାସ ଆଣି ଦେଇଛି । ସାହିତ୍ୟରେ ସୃଷ୍ଟିକାରୀ ସାହିତ୍ୟିକ ଅନୁପ୍ରେରଣା ଦେବାର ମନୋଭାବ ଝଙ୍କାର ହିଁ ସୃଷ୍ଟି କରିଛି । ବହୁ ତରୁଣ ସାହିତ୍ୟିକଙ୍କ ପରି ମୋତେ ମଧ୍ୟ ଲେଖିବାକୁ ପ୍ରେରଣା ଝଙ୍କାର ଓ ପ୍ରଜାତନ୍ତ୍ରରୁ ମିଳିଥିଲା । ଏହି ସାହିତ୍ୟ ଓ ସାଧନାକୁ ଜାରି ରଖିବାର ଭୂମିକା ରହିଛି ଝଙ୍କାର ଓ ପ୍ରଜାତନ୍ତ୍ରର । ମାସିକ ସାହିତ୍ୟ ପତ୍ରିକା ଝଙ୍କାର ସ୍ୱାଧୀନତା ପରବର୍ତ୍ତୀ କାଳର ତରୁଣ ସାହିତ୍ୟ ସେବୀମାନଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେବାରେ ଅଗ୍ରଣୀ ହୋଇଥିଲା । ସୌଭାଗ୍ୟକ୍ରମେ ଝଙ୍କାର ପରିବାରର ଅନ୍ୟତମ ସଦସ୍ୟ ଭାବେ ଏ ଲେଖକ ସେ ଆଦର୍ଶବାଦଗୁଡିକ ସାହିତ୍ୟକ୍ଷେତ୍ରରେ କିଛି କିଛି କରିବା ପାଇଁ ଆଜୀବନ ଉତ୍ସାହିତ ହୋଇଅଛି ।

— ପଠାଣି ପଟ୍ଟନାୟକ

ଝଙ୍କାର ହେଉଛି ଉତ୍କଳ ଭାରତୀଙ୍କର ସାରସ୍ୱତ ଝଙ୍କାର । ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ପଥରେ ଉତ୍କଳ ଦର୍ପଣ, ଉତ୍କଳ ସାହିତ୍ୟ ଓ ମୁକୁର ଇତ୍ୟାଦି ପତ୍ରିକାମାନ ଯେଉଁ

ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷାର ରଖିଛନ୍ତି 'ଝଙ୍କାର' ମଧ ସେଇ ଅମ୍ଳାନ ସ୍ୱାକ୍ଷର ଲେଖିଛି । ଉତ୍କଳ ସାହିତ୍ୟ ସୃଷ୍ଟି କରିଥିଲା ରାଧାନାଥ ଯୁଗୀୟ ଏବଂ ସବୁଜ ଗୋଷ୍ଠୀର ସାହିତ୍ୟିକ ମାନଙ୍କୁ । ଝଙ୍କାର ସେମିତି ସୃଷ୍ଟି କରିଚାଲିଛି ଆଧୁନିକ ଯୁଗର ସାହିତ୍ୟକାରମାନଙ୍କୁ । ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ବିକାଶ ଦିଗରେ ଝଙ୍କାରର ଅବଦାନ ଅନନ୍ୟ ଏବଂ ଅନସ୍ୱୀକାର୍ଯ୍ୟ । ଝଙ୍କାର କେବଳ ପ୍ରବୀଣମାନଙ୍କର ନୁହେଁ-ପ୍ରବୀଣ ଓ ତରୁଣ ସାହିତ୍ୟକାର ଝଙ୍କାର ପୃଷ୍ଠାରେ ସ୍ୱସ୍ୱ ପ୍ରତିଭାର ସ୍ୱାକ୍ଷର ରଖନ୍ତି ନିର୍ବିବାଦରେ । ସାହିତ୍ୟିକ ମାନ ହିଁ ଝଙ୍କାର ପତ୍ରିକାରେ ସ୍ଥାନିତ ହେବାର ଏକମାତ୍ର ମାନଦଣ୍ଡ । ଝଙ୍କାର ଜନ୍ମଦାତା ନବଉତ୍କଳର ନିର୍ମାତା ସାହିତ୍ୟିକ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦାର ମାନସର ପରିଚୟ ମିଳେ ତାଙ୍କର ଏକଦା ବକ୍ତବ୍ୟରୁ "ଯଦି ନବୀନ ଲେଖକ ମାନଙ୍କ ସଂଗରେ ଧାଡ଼ି ହେବାପାଇଁ କାହାରି ଅନିଚ୍ଛା ଥାଏ, ତେବେ ଆମ୍ଭେମାନେ ନାଚାର । ସାହିତ୍ୟ କାହାରିକୁ ଅପେକ୍ଷା କରେ ନାହିଁ; ସେ ତା'ର ଗତି କରିଯିବ, କେହି ସେଥିରେ ଯୋଗ ଦେଉ ବା-ନ ଦେଉ (ଝଙ୍କାର ୧/୮)" । ଡକ୍ଟର ମହତାବଙ୍କର ଏହି ପ୍ରେରଣା ବହନ କରି ଝଙ୍କାର ପ୍ରବୀଣମାନଙ୍କୁ ପ୍ରତିଷ୍ଠା ଦେବା ସଙ୍ଗେ ସଙ୍ଗେ ତରୁଣମାନଙ୍କୁ ଡାକି ବସାଇ ଥିଲା ସାହିତ୍ୟ ବେଦୀର ଆଗଧାଡିରେ । ସେହି ତରୁଣମାନେ ଝଙ୍କାରର ପୃଷ୍ଠାରେ ପୂର୍ଣ୍ଣ ବିକାଶିତ ହୋଇ ହୋଇଥିଲେ ପ୍ରବୀଣ । କାବ୍ୟ କବିତା, ଗଳ୍ପ ଉପନ୍ୟାସ, ନାଟକ ଏକାଙ୍କିକା, ପ୍ରବନ୍ଧ ସମାଲୋଚନାର ନବଦିଗନ୍ତ ଝଙ୍କାର ପୃଷ୍ଠାରେ ଉଙ୍କି ଆସିଥିଲା ସାବଲୀଳ ଗତିରେ । ସୃଜନ ଧର୍ମିତାର ମହିମାରେ ଝଙ୍କାର ପୃଷ୍ଠା କେବଳ ମହିମା ମଣ୍ଡିତ ହୋଇନଥିଲା - ମହିମା ମଣ୍ଡିତ ହୋଇଥିଲେ ସାରସ୍ୱତ ବ୍ୟକ୍ତିତ୍ୱମାନେ । ଝଙ୍କାରର ସାମଗ୍ରିକ ମୂଲ୍ୟାୟନ କଲାବେଳେ ଏତିକି କୁହାଯାଇ ପାରେ ଯେ ଝଙ୍କାର ହେଉଛି ଆଧୁନିକ ଓଡିଆ ସାହିତ୍ୟର ଜନ୍ମ, ବିକାଶ ଓ ଉତ୍ତରତାର ସିଦ୍ଧିଭୂମି ଯିଏ ସାହିତ୍ୟର ପୂର୍ବପୁରୁଷଙ୍କୁ ସୃଷ୍ଟିକରି ଥକିଯାଇ ନାହିଁ - ଉତ୍ତରପୁରୁଷଙ୍କୁ ମଧ ସୃଷ୍ଟି କରିଚାଲିଛି ।

'ଝଙ୍କାର' ମୋ ସାହିତ୍ୟିକ ଜୀବନର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୀନାବଜାରରୁ ପ୍ରଜାତନ୍ତ୍ରର ସାହିତ୍ୟ ବିଭାଗ ଏବଂ ତା'ପରେ ଝଙ୍କାରର ପୃଷ୍ଠାରେ ଗୋଟିଏ ଗୋଟିଏ ପାଦ ପକାଇ ସାହିତ୍ୟ ଯାତ୍ରା କରିନଥିଲେ ଆଜି ମୁଁ ଉତ୍କଳଭାରତୀଙ୍କର ଯେଉଁ ସାମାନ୍ୟ ସେବାରେ ବ୍ରତୀ ହୋଇଛି ତାହା ସମ୍ଭବ ହୋଇଥାନ୍ତା କି ନା ତାହା ଏକ ପ୍ରଶ୍ନବାଚୀ । ଝଙ୍କାର ପୃଷ୍ଠାରେ ଲେଖାଟିଏ ପ୍ରକାଶ ପାଇଲେ ତାହା ସୁଧୀବର୍ଗଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ତେଣୁ ଝଙ୍କାର ପୃଷ୍ଠାରେ ସ୍ଥାନୀତ ହେବା ଆମ ପିଢିର ସବୁ

ସାହିତ୍ୟିକଙ୍କର ଥିଲା ସ୍ୱପ୍ନ ଓ ଅଭୀପ୍ସା । ଝଙ୍କାର ଯୁବପିଢ଼ି ପାଇଁ କେବଳ ସିଦ୍ଧି ନଥିଲା, ଥିଲା ସାଧନା । ୧୯୬୧ ମସିହାରେ ରେଭେନ୍ସା କଲେଜ ପ୍ରାକ ବିଶ୍ୱବିଦ୍ୟାଳୟ ବିଜ୍ଞାନର ପ୍ରଥମ ବାର୍ଷିକ ଛାତ୍ରୀର ଝଙ୍କାରରେ ସ୍ଥାନୀତ ହେବା ସ୍ୱପ୍ନ ନଥିଲା ଥିଲା ଦୁରାକାଂକ୍ଷା । କିନ୍ତୁ ସେ ଦୁରାକାଂଖା ଦିନେ ସତ୍ୟରୂପ ବହନ କରି ମୋର କବିତା ''ପାଞ୍ଚ ଅନାରେ ଫେରି''କୁ ଝଙ୍କାର ପୃଷ୍ଠାରେ ସ୍ଥାନ ଦେଇ ମତେ ଚମକୃତ କରିଦେଲା । ସେ ମୁହୂର୍ତ୍ତ ଥିଲା ମୋ ସାରସ୍ୱତ ଜୀବନର ଉଦ୍‌ଘାଟନର ମୁହୂର୍ତ୍ତ ଏବଂ ପ୍ରତିଜ୍ଞାର ମୁହୂର୍ତ୍ତ । କବିତାଟି ରେଭେନ୍ସା କଲେଜର 'ସ୍ୱରଚିତ କବିତା ବୃତ୍ତି' ପ୍ରତିଯୋଗିତାରେ ଦ୍ୱିତୀୟସ୍ଥାନ ଅଧିକାର କରି ସପୁରସ୍କୃତ ହୋଇଥିଲା ଏବଂ ସେଇ ଦୁଃସାହସରେ କବିତାଟିକୁ ପଠାଇ ଦେଇଥିଲି ଝଙ୍କାରକୁ । ସେତେବେଳେ ମୋର ସାଙ୍ଗମାନେ କହିଥିଲେ ନାମ ପୂର୍ବରୁ ଅଧ୍ୟାପକ ବା ଅଧ୍ୟାପିକା ନ ଲାଗିଲେ ଝଙ୍କାରରେ ଲେଖା ପ୍ରକାଶ ହୁଏନି । ସେଇ ଧାରଣା ମୋର ମଧ ଥିଲା, ତେଣୁ କଲେଜରେ ପ୍ରଥମବର୍ଷ ପାଦ ଦେଇଥିବା ଅନାଡ଼ି ହାତରେ ଲେଖା କବିତାଟି ଯେ ପ୍ରକାଶ ପାଇବ ଏ ଆଶା ନଥିଲା । ଝଙ୍କାରରେ ପ୍ରକାଶ ହେଉ ବା ନ ହେଉ କେବଳ 'ଝଙ୍କାର' କୁ ଲେଖା ପଠାଇବାର ଆନନ୍ଦ କିଛି କମ ନ ଥିଲା । ଦିନେ ଝଙ୍କାର ପୃଷ୍ଠାରେ କବିତାଟି ଆତ୍ମପ୍ରକାଶ କଲା ଏବଂ ମୋ ସାହିତ୍ୟ ସାଧନାର ପ୍ରତିଜ୍ଞାଟିଏ ଜନ୍ମନେଲା । ଝଙ୍କାରର ଦାନକୁ କ'ଣ ଅସ୍ୱୀକାର କରିହୁଏ ?

— ପ୍ରତିଭା ରାୟ

ଭୁବନେଶ୍ୱର/୨.୭.୯୫

(୧) ଝଙ୍କାର ଆପାତତଃ ୪୬ ବର୍ଷ ହେବ ବାହାରିଛି । ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ଦ୍ଧନରେ ଝଙ୍କାର ଏକ ବଡ଼ ଅଭାବ ପୂରଣ କରିଛି । ଗଡଜାତ ମିଶ୍ରଣ ପରେ ଯେତେବେଳେ 'ଶଙ୍ଖ' ଓ 'ଚତୁରଙ୍ଗ' ବନ୍ଦ ହୋଇଗଲା, ସେତେବେଳେ ଝଙ୍କାର ପ୍ରକାଶ ପାଇବାରୁ ଓଡ଼ିଆ ଲେଖିକା ଓ ଲେଖକମାନେ ସେଥିରେ ଆତ୍ମପ୍ରକାଶର ସୁଯୋଗ ପାଇଲେ ଏଣୁ ଆପାତତଃ ବର୍ତ୍ତମାନ କାଳୀନ ଲେଖକ-ଲେଖିକା ବର୍ଗ ସେଥିରେ କଲମ ଚୋଇବାର ସୁବିଧା ସୁଯୋଗ ପାଇଲେ । ଡ଼ଃ ମହତାବଙ୍କୁ ଘେରି ନୂଆ ଯୁଗର ସାହିତ୍ୟ ସୃଷ୍ଟି ହୋଇ ପାରିଲା । ମହତାବ ପୃଷ୍ଟପୋଷକ ରହି ରବିବାର ପ୍ରଜାତନ୍ତ୍ର ଠାରୁ ଆରମ୍ଭ କରି ଝଙ୍କାର ମାଧ୍ୟମରେ ସର୍ବଶ୍ରୀ ମହାପାତ୍ର ନୀଳମଣି ସାହୁ, ତାରିଣୀ ଚରଣ ଦାସ, ରାଜକିଶୋର ମହାନ୍ତି, ପଠାଣି ପଟ୍ଟନାୟକ, ରମାକାନ୍ତ ରଥ ପ୍ରମୁଖ ପ୍ରତିଷ୍ଠିତ ହେଲେ ।

(୨) ମୋର ସାହିତ୍ୟିକ ଓ ଶିଳ୍ପୀ ଜୀବନକୁ ଝଙ୍କାର ବହୁ ପରିମାଣରେ ପରିପୁଷ୍ଟ

କରିଛି । ବିଷୁବ ମିଳନରୁ ମୁଁ ବହୁବାର ପୁରସ୍କୃତ ହୋଇଛି । ମୋର ବହୁ ପ୍ରବନ୍ଧ ଓ କବିତା ଝଙ୍କାରରେ ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟ ଏକାଡେମୀରୁ ପୁରସ୍କୃତ 'ଓଡ଼ିଶୀ ଚିତ୍ର' ବହିଟି ପ୍ରଥମେ ଧାରାବାହିକ ଭାବେ ଝଙ୍କାରରେ ମୁଦ୍ରିତ ହୋଇଛି ।

— ବିନୋଦ ରାଉତରାୟ

ଭୁବନେଶ୍ୱର/୪.୭.୯୫

(୧) ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟକୁ ଯଥାର୍ଥରେ ଆଧୁନିକରଣ ଆଣି ଦେବାରେ 'ଝଙ୍କାର' ଅବଦାନ ଅସାମାନ୍ୟ । ପ୍ରାଚୀନ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟ ସଂପର୍କରେ ନୂତନ ଆଲୋକପାତ କରିବା, ଆକ୍ଷରିକ ଅର୍ଥରେ ଆଧୁନିକ ଗଳ୍ପ, କବିତା ସୃଷ୍ଟିରେ 'ଝଙ୍କାର' ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଛି ।

(୨) କବି ହରପ୍ରସାଦ ଦାସଙ୍କ ଭାଷାରେ ମୋର ସବୁ ସ୍ମରଣୀୟ ଶ୍ରେଷ୍ଠ ଗଳ୍ପ 'ଝଙ୍କାର' ପୃଷ୍ଠାରେ ହିଁ ପ୍ରକାଶିତ ହୋଇଛି ।

— ବିଭୂତି ପଟ୍ଟନାୟକ

କୁଦିଆରୀ/୩.୭.୯୫

(୧) ଗତ ଅର୍ଦ୍ଧ ଶତାବ୍ଦୀର 'ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନ'ରେ ଝଙ୍କାରର ଭୂମିକା ଉଲ୍ଲେଖଯୋଗ୍ୟ ଓ ଅଗ୍ରଗଣ୍ୟ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଲେଖକ ଓ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହାହିଁ ଏକମାତ୍ର ସାରସ୍ୱତ ମାଧ୍ୟମ । ଆଜିର ବହୁ ବିଖ୍ୟାତ କବି, ଗାଳ୍ପିକ ଓ ପ୍ରାବନ୍ଧିକ 'ଝଙ୍କାର'ର ସୃଷ୍ଟି । ଡଃ ମହତାବଙ୍କ ଭଳି ଗୁଣଗ୍ରାହୀ, ସାହିତ୍ୟ ରସିକ ଝଙ୍କାର ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ନବଯୁଗର ସୃଷ୍ଟି କରି ଯାଇଛନ୍ତି । ଏ ଯୁଗ 'ଝଙ୍କାର' ଯୁଗ ।

(୨) ମୋର ସାହିତ୍ୟିକ ଜୀବନରେ ଯଦି କୌଣସି ସଫଳତା ବା ସାର୍ଥକତା ଥାଏ ତା'ର ସମସ୍ତ ଗୌରବ 'ଝଙ୍କାର'ର । ମୁଁ ୧୯୬୫ ମସିହା ବିଷୁବ ଉତ୍ସବରେ "ଲଳିତ ଛନ୍ଦଯୁକ୍ତ ସରସ କବିତା" ରଚନା ନିମନ୍ତେ ପୁରସ୍କୃତ ଓ ମାନପତ୍ର ପ୍ରାପ୍ତ ହୋଇଥିଲି । ମୋର ଅସଂଖ୍ୟ କବିତା, ପ୍ରବଂଧ ଝଙ୍କାର ପୃଷ୍ଠାରେ ପ୍ରକାଶିତ ହୋଇ ମୋତେ ବହୁଭାବରେ ପ୍ରେରିତ ଓ ଉତ୍ସାହିତ କରିଛି । ମୁଁ ଝଙ୍କାର ନିକଟରେ ଋଣୀ ।

— ବିଭୁଦତ୍ତ ମିଶ୍ର

(୧) ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର ଏକ ବଳିଷ୍ଠ ଭୂମିକା ଗ୍ରହଣ

କରିଛି । ଯେତେବେଳେ ଯାହାକିଛି ସାମାଜିକ, ସାଂସ୍କୃତିକ ଓ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି ତାକୁ ଆଧାରକରି ବହୁ ରଚନା ଝଙ୍କାରରେ ପ୍ରକାଶିତ ହୋଇଛି ଓ ଜନମାନସକୁ ତାହା ପ୍ରଭାବିତ କରିଛି । ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାର ସ୍ୱାକ୍ଷର ରହିଛି ଝଙ୍କାର ପୃଷ୍ଠାରେ । ଡକ୍ଟର ମହତାବଙ୍କ ସଂପାଦକୀୟ ତା'ର ଜ୍ୱଳନ୍ତ ପ୍ରମାଣ । ଜରୁରୀକାଳୀନ ପରିସ୍ଥିତିରେ ଝଙ୍କାର ପୃଷ୍ଠାରେ ତାକୁ କିଛି ପରିମାଣରେ ମୁକାବିଲା କରିବାର ଆତ୍ମବଳ ସଂଚୟ କରିଥିଲେ । ଝଙ୍କାର ପୃଷ୍ଠା ପରିବର୍ତ୍ତନ ଓ ବିବର୍ତ୍ତନର ମୁଖ୍ୟ ସାକ୍ଷୀ ବୋଲି କହିବାକୁ ହେବ ।

(୨) ବ୍ୟକ୍ତିଗତ ଭାବେ ମୁଁ ଅନୁଭବ କରେ ଆଜି ଯେଉଁ ସ୍ୱୀକୃତି ଓ ସମ୍ମାନ ଲାଭ କରିଛି ତା'ର ପୃଷ୍ଠଭୂମି ପ୍ରସ୍ତୁତ କରିଛି ଝଙ୍କାର ଏବଂ ଏହା ମଧ୍ୟ ଭବିଷ୍ୟତ ପାଇଁ ଦିଗଦର୍ଶନ ଦେଉଛି । ମୋର ପ୍ରସିଦ୍ଧି ଲାଭ କରିବା ସମସ୍ତ ଗଳ୍ପ ଝଙ୍କାରରେ ପ୍ରକାଶ ପାଇଛି । ମୋର ଅନ୍ଧକାରର ଛାଇ ଯାହା ଭଙ୍ଗାସିଲଟ୍ ନାମରେ ଫିଲ୍ମହୋଇ ଜାତୀୟ ପୁରସ୍କାର ପାଇଛି ତାହା ୧୯୭୨ ମସିହାରେ ଝଙ୍କାରରେ ପ୍ରକାଶ ପାଇଥିଲା । ଠିକ୍ ସେହିପରି ୧୯୮୫ ମସିହାରେ ମୋର 'ପାଟଦେଇ' ଗପ ଝଙ୍କାରରେ ସ୍ଥାନ ପାଇଥିଲା । 'ପାଟଦେଇ' ଗଳ୍ପ ସଂକଳନ ପାଇଁ ମୁଁ ଲାଭକରିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

ଝଙ୍କାର ନଥିଲେ ମୁଁ ବୋଧେ ଏତେ ବାଟ ଆସି ନ ଥାନ୍ତି । କୌଣସି ପ୍ରଜାତନ୍ତ୍ର ଉତ୍ସବରେ ଯୋଗଦେଲାବେଳେ ମୋତେ ଲାଗେ ଯେ ଆମେ ଯେପରି ଏକ ପରିବାରରେ ରହିଛୁ । ଆତ୍ମିକ ସଂସ୍କାର ପ୍ରଜାତନ୍ତ୍ର ଓ ଝଙ୍କାର ଦେଇଛୁ । ବିଷୁବ ମିଳନକୁ ଆସିଲେ ବହୁ ସ୍ୱପ୍ନ ଆମ ହୃଦୟ ମଧ୍ୟରେ ଉଡିମାରେ । ନିଜେ ଡକ୍ଟର ମହତାବ ଝଙ୍କାର/ପ୍ରଜାତନ୍ତ୍ରରେ ଲେଖିବାକୁ ପ୍ରୋତ୍ସାହନ ଦେଉଥିଲେ । ମୁଁ ମଧ୍ୟ ଶୈଳବାଳା କଲେଜରେ ଡକ୍ଟର ମହତାବଙ୍କ ଉପନ୍ୟାସ 'ପ୍ରତିଭା'ର ନାଟ୍ୟରୂପେ ପ୍ରସ୍ତୁତ କରି ଅଭିନୟ କରାଇଥିଲି ।

କେବଳ ମୋତେ ନୁହେଁ, ବହୁ ଲେଖକ ଲେଖିକାଙ୍କୁ ପ୍ରଜାତନ୍ତ୍ର/ଝଙ୍କାର ସ୍ୱୀକୃତି ଦେଇଛି ।

— ବୀଣାପାଣି ମହାନ୍ତି ।

ବ୍ରହ୍ମପୁର/୨୨.୬.୯୫

(୧) ଚାଳିଶ ଦଶକରୁ ଏ ଯାଏଁ ଯେଉଁ କେତୋଟି ପ୍ରମୁଖ ମାସିକ ପତ୍ରିକା ପ୍ରକାଶିତ ହୋଇ ଆସୁଛି ତା ମଧ୍ୟରେ 'ଝଙ୍କାର' ଓଡ଼ିଆ ସାହିତ୍ୟର ପୁଷ୍ଟି ସାଧନକରିବାରେ ଅନ୍ୟତମ, ଏଥିରେ ଦ୍ୱିମତ ନାହିଁ ।

(୨) ମୋର ପ୍ରାବଂଧିକ ଜୀବନର ପ୍ରଥମ ଆଲୋକ ଦେଖିଥିଲି ୪୮ ମସିହା 'ଝଙ୍କାର'ରେ - 'ଭରତ କାହାର' ଶୀର୍ଷକ ପ୍ରବଂଧରେ, ଯାହା ଏ ଯାଏଁ ମୋତେ ଉଦ୍‌ବୁଦ୍ଧ କରି ଆସିଛି । ଏଣୁ 'ଝଙ୍କାର' ହିଁ ମୋ ସାହିତ୍ୟିକ ଜୀବନର ପଥ ପ୍ରଦର୍ଶକ କହିଲେ ଅତ୍ୟୁକ୍ତି ହେବନାହିଁ ।

— ବେଣୀ ମାଧବ ପାଢୀ

କଟକ/୧୦.୬.୯୫

(୧) ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ପାରମ୍ପରିକ ଗୋଟାଏ ପ୍ରକାର ରୀତିମାର୍ଗୀ ସାହିତ୍ୟର ଧାରାରେ କ୍ରମ ପରିବର୍ତ୍ତନ ଆଣିବା ହେଲା ପତ୍ର ପତ୍ରିକା, Journal ବା ମାଗାଜିନ - ନିର୍ଭର ସମାବେଶ ସାହିତ୍ୟର ବୈଶିଷ୍ଟ୍ୟ । ସେହି ସାହିତ୍ୟ ଗଡ୍‌ଡାଳିକା ପ୍ରବାହରୁ ମୁକ୍ତ ହେଲା, ପକ୍ଷାନ୍ତରେ ଏହି ନୂତନ ସାରସ୍ୱତ ପୀଠରେ ବହୁ ଲେଖକ କବିତା, ଗଳ୍ପ ଆଲୋଚନା ଆଦି ଭିନ୍ନ ଭିନ୍ନ ଢଙ୍ଗର ଲେଖା ଏବଂ ଚିନ୍ତା, ଭାବନାମାନ ପ୍ରକାଶ କରିବାର ସୁଯୋଗ ପାଇଲେ । ପରମ୍ପରା ଭଙ୍ଗ କରିବାର କାଳକ୍ରମିକ ଏହି ଆନ୍ଦୋଳନରେ ଆମ ଓଡ଼ିଆ ସାହିତ୍ୟର ମୁଖ୍ୟ ଭୂମିକା ନେଇଆସିଛି; ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ, ସହକାର, ନବଭାରତ, ଝଙ୍କାର ଏବଂ ଲୋକପ୍ରିୟ ପତ୍ରିକା ହେଉଛନ୍ତି ଚତୁରଙ୍ଗ, ଶଙ୍ଖ, ବୀଣା, ଆସନ୍ତାକାଲି, ନବଜୀବନ, କୁଙ୍କୁମ ତଥା ୧୯୩୪ ରୁ ମହାଯୁଦ୍ଧକାଳୀନ ମହର୍ଗ କାଳରେ ନିରବଚ୍ଛିନ୍ନ ଭାବେ ପ୍ରକାଶିତ 'ବନବୀଣା' ପ୍ରଭୃତି ।

ତେବେ ମନେହୁଏ ଏହି ସମସ୍ତ ମଧ୍ୟରେ ଝଙ୍କାର ସର୍ବାଧିକ ପ୍ରତିଷ୍ଠିତ ନିରବଚ୍ଛିନ୍ନ ସାହିତ୍ୟ ପତ୍ରିକା ଏବଂ ବାର୍ଷିକ ଦ୍ରିବାସରୀୟ ସମାବେଶ ବିଷୁବ ମିଳନ ଦ୍ୱାରା ଏହା ହୋଇ ଆସିଛି ସମୃଦ୍ଧ । ଏହାର ପ୍ରତିଷ୍ଠାତା ଏବଂ ସମ୍ପାଦକ ସୁସାହିତ୍ୟିକ ଓ ଔପନ୍ୟାସିକ ହରେକୃଷ୍ଣ ମହତାବଙ୍କ ତିରୋଧାନ ପରେ ଏହା ପ୍ରଗତି କରିଥିବା ପଥ ଶିଥିଳ ହୋଇ ପଡିଛି । ଅଧିକନ୍ତୁ ଏହାର ଆନୁସଙ୍ଗିକ କିଶୋର ଲେଖକ ଲେଖିକା ସୃଷ୍ଟି କରିବା ଭୂମିକା ହେଉଛି ରବିବାସରୀୟ ସାହିତ୍ୟ ପୀଠ ।

(୨) ଦ୍ୱିତୀୟ ମହାଯୁଦ୍ଧ କାଳରେ ସୁଦ୍ଧା ଓଡ଼ିଶାର କେନ୍ଦୁଝରରୁ ନିୟମିତ ପ୍ରକାଶିତ ହେଉଥିବା 'ବନବୀଣା' ପତ୍ରିକାରେ ୧୯୩୯ରେ ମୋର କବିତା ପ୍ରକାଶ ହୁଏ । ଏହାର ଦୁଇବର୍ଷ ପରେ କାଳିନ୍ଦୀ ଚରଣଙ୍କ 'ସୌମ୍ୟା'ର ଶୈଳୀରେ ମୋର ମୌଳିକ କାବ୍ୟ ନାଟିକା 'ମିଳନ' ସଂପୂର୍ଣ୍ଣ ମୌଳିକ କଳ୍ପନା ନେଇ ରଚିତ ହୁଏ । 'ଡଗର' (୧୯୪୨) ପୂଜା ସଂଖ୍ୟାରେ ଏହା ସଂପର୍କରେ ଉଚ୍ଚ ପ୍ରଶଂସା ଦ୍ୱାରା ମୁଁ ବିଶେଷ ଉତ୍ସାହିତ ହୋଇଥିଲି । ମୁଁ ଥିଲି ଏକାଦଶ ଶ୍ରେଣୀର ଛାତ୍ର । ରେଭେନ୍ସା କଲେଜକୁ ଆସିବା ପରେ 'ଡଗର',

'ଚତୁରଙ୍ଗ'; 'କୁଙ୍କମ' ଆଦି କେତେକ ପତ୍ରିକାରେ କବିତା ଲେଖି ଆଶାତୀତ ପ୍ରତିଷ୍ଠାର ଅଧିକାରୀ ହୋଇଥିଲି । ସୁପାଠକ ଜୀବନାନନ୍ଦ ପାଣିଙ୍କର ଡଗରରେ ପ୍ରକାଶିତ ଗୋଟିଏ କବିତାରେ ମୋତେ ବିଶେଷ ପ୍ରେରଣା ଦେଇଥିବା ସ୍ୱୀକୃତିଟି - 'ମୁଁ ନୁହେଁ ସଚ୍ଚିରାଉତରାୟ କିମ୍ବା ନୁହେଁ ବେଣୁଧର ରାଉତ' ।

କିନ୍ତୁ ପ୍ରକୃତରେ ଝଙ୍କାର ପତ୍ରିକାରେ କେବଳ କବିତା କ୍ଷେତ୍ରରେ ନୁହେଁ ଆଲୋଚନା ଆଦି ଗଦ୍ୟ ସୃଷ୍ଟିରେ ମଧ ମୋତେ ବିଶେଷ ପ୍ରତିଷ୍ଠା ମିଳିଥିଲା । ଗୋଟିଏ ଦୁଇଟି ଉଦାହରଣ ଦେଲେ ଯଥେଷ୍ଟ ହେବ । ୧୯୫୦ ସାଲରେ ଝଙ୍କାରରେ ପ୍ରକାଶିତ 'ସୁନାସିଂହର ସ୍ୱପ୍ନ' କବିତା ସ୍ୱାଧୀନ ଭାରତ ସଂପର୍କରେ ସ୍ୱପ୍ନଭଙ୍ଗ ହେବାର ଭାରତୀୟ ସାହିତ୍ୟ କ୍ଷେତ୍ରରେ ଜାତୀୟତା ସଚେତନ ପ୍ରଥମ କବିତା ହୋଇପାରେ ବୋଲି ନିଖିଳ ଓଡ଼ିଶା ଇତିହାସ ସମ୍ମିଳନୀର ଦ୍ୱିତୀୟ ଦିବସରେ ସଭାପତି ନୀଳକଣ୍ଠ ମତ ଦେଇଥିଲେ ।

ମୋର ଏକମାତ୍ର ପ୍ରକାଶିତ କବିତା ସଂକଳନ 'ପିଙ୍ଗଳାର ସୂର୍ଯ୍ୟ'ରେ ପ୍ରକାଶିତ ଅଧିକାଂଶ କବିତା 'ଝଙ୍କାର' ପତ୍ରିକା ଦ୍ୱାରା ପାଠକ ସମାଜରେ ପରିବେଷିତ ହୋଇଅଛି । ଏପରିକି ପୂର୍ବ ଭାରତୀୟ କବି ସମ୍ମିଳନୀରେ ଝଙ୍କାରରେ ପ୍ରକାଶିତ 'କାଠଘୋଡା ପାଣି ପି' କବିତାକୁ ଉତ୍କୃଷ୍ଟ ଆଧୁନିକ କବିତା ଭାବେ ଆଲୋଚନା କରିଥିଲେ ବଙ୍ଗୀୟ ସୁସାହିତ୍ୟିକ ଜଗନ୍ନାଥ ଚକ୍ରବର୍ତ୍ତୀ । ଏହି ପରି 'ଝଙ୍କାର'ରେ ପୂର୍ବରୁ ପ୍ରକାଶିତ ମୋର ଅଧିକାଂଶ କବିତା ମୋର ଏକମାତ୍ର କବିତା ସଙ୍କଳନ 'ପିଙ୍ଗଳାର ସୂର୍ଯ୍ୟ'ରେ ପ୍ରକାଶିତ । ଏହି ସଂକଳନଟି ୧୯୬୫-୬୬-୬୭ ସାଲର ପ୍ରକାଶିତ ଓଡ଼ିଆ କାବ୍ୟ କବିତା ଓ ନାଟକ ବିଭାଗରେ ସର୍ବୋତ୍ତମ ବିବେଚିତ ହୋଇ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିଲା ଏବଂ ମୋତେ ଆଧୁନିକ ସାହିତ୍ୟର କବିତା ବିଭାଗରେ ସୁପ୍ରତିଷ୍ଠିତ କରାଇ ଥିଲା । ଏ ସମସ୍ତ ଗୌରବ ପ୍ରତିଷ୍ଠାରେ ମୁଖ୍ୟ ଅଂଶୀଦାର ହେଉଛି ଝଙ୍କାର ପତ୍ରିକା ।

— ବେଣୁଧର ରାଉତ

କଟକ/୬.୬.୯୫

(୧) 'ଝଙ୍କାର' ଆଧୁନିକ ଓଡିଆ ସାହିତ୍ୟର ବିକାଶରେ ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । କେବଳ ଆଧୁନିକ ସାହିତ୍ୟ ନୁହେଁ ; ପ୍ରାଚୀନ ସାହିତ୍ୟ ଓ ମଧ ଯୁଗୀୟ ସାହିତ୍ୟ ତଥା ଆଧୁନିକ ଓଡିଆ ସାହିତ୍ୟର ଆଦି/ମଧ ପର୍ବର ସାହିତ୍ୟ ସଂପର୍କିତ ମୂଲ୍ୟାୟନରେ 'ଝଙ୍କାର'ର ଅବଦାନ ସ୍ୱୀକାର୍ଯ୍ୟ । ମୁକୁର (୧୯୦୬), ସତ୍ୟବାଦୀ (୧୯୧୫), ସହକାର (୧୯୧୯/୩୦), ନବଭାରତ (୧୯୩୪), ଡଗର (୧୯୩୪), ଆରତି, ଶଙ୍ଖ, ଇତ୍ୟାଦି ପତ୍ରିକା ପରେ ଯେତେବେଳେ ଆଉ କୌଣସି ପତ୍ରିକା ସାହିତ୍ୟର ଦିଗ ଦର୍ଶନ ପାଇଁ ନଥିଲା,

ସେହି ସମୟରେ ସ୍ୱାଧୀନତାର ଠିକ୍ ପରେ ପରେ 'ଝଙ୍କାର' (୧୯୪୯) ପ୍ରକାଶ ପାଇଲା ଓ ଡଃ ମହତାବଙ୍କ ସଂପାଦକତ୍ୱରେ ଏହା କ୍ରମେ ସମଗ୍ର ଓଡିଶାରେ ନେଲା ଗୁରୁତ୍ୱପୂର୍ଣ୍ଣ ଭୂମିକା । ପୂର୍ବର ଲେଖକ ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ବିନୋଦ ନାୟକ, ଗୋପୀନାଥ ମହାନ୍ତି ପ୍ରମୁଖ ଝଙ୍କାରରେ ଲେଖିଲେ ଓ ନୂତନ ଲେଖକ ମଧ୍ୟ ଝଙ୍କାରର ପୃଷ୍ଠା ମଣ୍ଡନ କଲେ ।

ସାଂପ୍ରତିକ କବିତାର ରୂପ ଓ ଭାବର ବିବର୍ତ୍ତନରେ ଝଙ୍କାରରେ ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ବେଣୁଧର ରାଉତ, ଚିନ୍ତାମଣି ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ରକିଶୋର ପଣ୍ଡା, ଦୀପକ ମିଶ୍ର, ହରି ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ ଏହିପରି ଅନେକ କବିଙ୍କର ସ୍ରଷ୍ଟା ଝଙ୍କାର । ଆନ୍ତର୍ଜାତିକ କବିତାର ଧାରା ସହିତ ଝଙ୍କାର ଓଡ଼ିଆ କବିତାକୁ ସମତାଳ ଦେଇ ଗତି କରିବାକୁ ପ୍ରେରଣା ଦେଇଛି । ଏହିପରି ଗଳ୍ପ, ପ୍ରବନ୍ଧ, ସମାଲୋଚନା ଓ ଅନ୍ୟାନ୍ୟ ନାନା ବିଷୟରେ ସର୍ବଭାରତୀୟ ମାନ୍ୟତା ସୃଷ୍ଟି କରିବାରେ ଝଙ୍କାରର ଅବଦାନ ଅନସ୍ୱୀକାର୍ଯ୍ୟ । ଓଡ଼ିଆ ସମାଲୋଚନାର ନୂତନଧାରା ସୃଷ୍ଟିରେ ଝଙ୍କାରର ଭୂମିକା ମଧ୍ୟ ସ୍ୱୀକାର୍ଯ୍ୟ । 'ବିଷୁବ ମିଳନ' ଅବସରରେ ସାହିତ୍ୟିକ ମିଳନ ଓ ସାହିତ୍ୟ ସଂପର୍କିତ ଆଲୋଚନା ନିଶ୍ଚିତ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ଝଙ୍କାରର ସମ୍ପାଦକୀୟ ନିର୍ଦ୍ଦିଷ୍ଟ ଆଭିମୁଖ୍ୟପୂର୍ଣ୍ଣ । ବିଶେଷତଃ ଡଃ ମହତାବଙ୍କ ସମ୍ପାଦକୀୟ ଓଡିଆ ସାହିତ୍ୟ ପ୍ରତି ଯଥାର୍ଥ ପ୍ରେରଣା ।

ବିଶ୍ୱର ବିଭିନ୍ନ ଦେଶର ସାହିତ୍ୟକୁ ଓଡ଼ିଆ ପାଠକ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଝଙ୍କାରର ଅବଦାନ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ମୋ ବିଚାରରେ ଝଙ୍କାର ୧୯୪୯ରୁ ଏଯାବତ୍ ଓଡ଼ିଆ ସାହିତ୍ୟକୁ ଦେଇଛି ମାନ୍ୟତା, ସର୍ବଭାରତୀୟ ସ୍ୱୀକୃତି ଓ ଆନ୍ତର୍ଜାତୀୟ ପରିଚିତି । ତଥାପି ଏକଥା କହିଲେ ସତ୍ୟର ଅପଲାପ ହେବନାହିଁ ଯେ ଝଙ୍କାର ଆଧୁନିକ କବିତାରେ ଅଯଥା ବୌଦ୍ଧିକତା ଓ ଦୁର୍ବୋଧ୍ୟତା ସୃଷ୍ଟି କରିବାରେ କମ୍ ପ୍ରେରଣା ଦେଇନାହିଁ ।

(୨) ମୋର ସାହିତ୍ୟିକ ଜୀବନକୁ ଝଙ୍କାର ଅନେକାଂଶରେ ଉତ୍ପ୍ରେରିତ କରିଛି । ଝଙ୍କାର ପୃଷ୍ଠାରେ ପ୍ରକାଶିତ ବିଭିନ୍ନ ସମାଲୋଚନା, ପ୍ରବଂଧ, ଗଳ୍ପ ଓ ପୁସ୍ତକ ସମୀକ୍ଷା ମୋତେ ପ୍ରେରଣା ଦେଇଛି ଓ ମୋର ମଧ୍ୟ ଅନେକ ସମାଲୋଚନା, ପୁସ୍ତକ ସମୀକ୍ଷା, ପ୍ରବଂଧ ଝଙ୍କାରରେ ପ୍ରକାଶ ପାଇଛି । ଝଙ୍କାର ମଧ୍ୟ ମୋର ସାହିତ୍ୟକୁ ସ୍ୱୀକୃତି ଜଣାଇ ପୁରସ୍କୃତ କରିଛି । ଝଙ୍କାରର ଉଦାର ଓ ମହନୀୟ ଜାତୀୟ ଦୃଷ୍ଟିକୋଣ ଓ ସର୍ବୋପରି ସାହିତ୍ୟକୁ କ୍ଷୁଦ୍ର ପରିସରରୁ ନେଇ ବୃହତ୍ତର ପରିସରରେ ପ୍ରତିଷ୍ଠା ଦେବାର ପ୍ରୟାସ ମୋତେ ମୁଗ୍ଧ କରିଛି ।

— ବୈଷ୍ଣବ ଚରଣ ସାମଲ

ସୁନହଟ /ବାଲେଶ୍ୱର/୨୬.୬.୯୫

(୧) ଯେତେବେଳେ ଉତ୍କଳ ସାହିତ୍ୟ, ମୁକୁର, ଶଙ୍ଖ, ଚତୁରଙ୍ଗ ଇତ୍ୟାଦି ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାମାନ ବନ୍ଦ ହୋଇ ଯାଇଥିଲା, ସେତେବେଳେ 'ଝଙ୍କାର' ପ୍ରକାଶନ ଦ୍ୱାରା ଓଡ଼ିଆ ସାହିତ୍ୟରେ ଏକ ବିରାଟ ଶୂନ୍ୟସ୍ଥାନ ପୂରଣ କରାଯାଇ ପାରିଥିଲା । ପୂର୍ବ ପତ୍ରିକାମାନଙ୍କର ମାନ (Standard) କୁ ଲକ୍ଷ୍ୟରଖି ଓଡିଆ ସାହିତ୍ୟର ଚଳନ୍ତି ଗତିଧାରା ସହ ତାଳଦେଇ ଏକ ଉଚ୍ଚ ଚିନ୍ତାଚେତନାଧର୍ମୀ ଓ ଗବେଷଣାମୂଳକ ପତ୍ରିକା ଭାବରେ 'ଝଙ୍କାର'କୁ ପ୍ରକାଶ କରିଥିଲେ ଦୂରଦର୍ଶୀ ଡଃ ମହତାବ । ସାହିତ୍ୟରେ ପରୀକ୍ଷା-ନିରୀକ୍ଷାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରତିଭାବାନ ଯୁବ ଲେଖକଙ୍କୁ ପ୍ରତିଷ୍ଠା ଦେବାରେ 'ଝଙ୍କାର'ର ଐତିହାସିକ ଅବଦାନ ଅନସ୍ୱୀକାର୍ଯ୍ୟ । ସାହିତ୍ୟରେ ସମୟୋଚିତ ପଦକ୍ଷେପ ଝଙ୍କାରର ବୈଶିଷ୍ଟ୍ୟ ।

(୨) ମୋର ଆଦି ସାହିତ୍ୟିକ ଜୀବନକୁ 'ଝଙ୍କାର' ପରିପୁଷ୍ଟ କରି ନଥିଲେ ମଧ୍ୟ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ମୋତେ ଯଥେଷ୍ଟ ଉତ୍ସାହିତ ଓ ଅନୁପ୍ରେରିତ କରିଛି । ମୋର କାବ୍ୟିକ ବିକାଶରେ ଝଙ୍କାରର ଅମୂଲ୍ୟ ଅବଦାନକୁ ଭୁଲି ପାରିବି ନାହିଁ । ପ୍ରଜାତନ୍ତ୍ର ପ୍ରଚାର ସମିତିର ରଜତ ଜୟନ୍ତୀ ସମାରୋହରେ ଝଙ୍କାରର ଶ୍ରେଷ୍ଠ କବିଭାବରେ ପୁରସ୍କୃତ ହେବା ଗର୍ବ ଓ ଗୌରବର ବିଷୟ । ସେ ପାଇଁ ଝଙ୍କାର ଓ ତା'ର ପ୍ରାଣ ପ୍ରତିଷ୍ଠାତା ଡଃ ମହତାବଙ୍କ ନିକଟରେ ମୁଁ ଚିର କୃତଜ୍ଞ ।

— ବ୍ରଜନାଥ ରଥ

କାଳୀଗଳି, କଟକ/୫.୭.୯୫

(୧) ଝଙ୍କାର ଏକ ସମୟରେ ଏକମାତ୍ର ଧାରାବାହିକତା ରକ୍ଷା କରୁଥିବା ପତ୍ରିକା ହିସାବରେ ଆତ୍ମପ୍ରକାଶ କରିଥିଲା । ଯଦିଓ ମୁଁ ନିୟମିତ ଭାବରେ ଝଙ୍କାର ପଢେନାହିଁ, ତଥାପି ମୋର ମନେହୁଏ, ଆଗର ମାନ କିଛି ପରିମାଣରେ କ୍ଷୁଣ୍ଣ ହୋଇଛି ।

(୨) ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ମୋର ପ୍ରଥମ କବିତା ଝଙ୍କାରରେ ପ୍ରକାଶ ପାଇଥିଲା । ଛାପା ଅକ୍ଷରରେ କବିତା ଦେଖି ନିଶ୍ଚିତ ଭାବେ ପୁଲକିତ ହୋଇଥିଲି । ସେ ସମୟରେ ମୋର କବିତା ପ୍ରାୟ ଝଙ୍କାରରେ ହିଁ ବାହାରୁଥିଲା । ତା'ପରେ କୌଣସି ଅଜଣା କାରଣରୁ ମୋ କବିତା ଆଉ ବାହାରିଲା ନାହିଁ । ପୁଣି ଦୀର୍ଘ ବ୍ୟବଧାନ ପରେ ଗଲା ବର୍ଷ ପୂଜା ସଂଖ୍ୟାରେ ମୋ କବିତା ବାହାରିଛି ।

— ଭାନୁଜୀ ରାଓ

କଟକ/୪.୬.୯୫

(୧) ଝଙ୍କାରର ଜନ୍ମ ହୁଏ ସ୍ୱାଧୀନତା ପ୍ରାପ୍ତିର ଦୁଇବର୍ଷ ପରେ । ଏ ଦୀର୍ଘ ୪୬ ବର୍ଷ ଧରି ଝଙ୍କାର ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇ ଓଡିଆ ସାହିତ୍ୟକୁ ଯେଉଁ ଅମୂଲ୍ୟ ଦାନରେ ସମୃଦ୍ଧ କରିଛି ତା'ର ତୁଳନା ନାହିଁ । ସ୍ୱାଧୀନତା ପରେ ସବୁ କ୍ଷେତ୍ରରେ ବିଶେଷ କରି ସାହିତ୍ୟ କ୍ଷେତ୍ରରେ ଆଗେଇ ଯିବା ପାଇଁ ଓଡିଆ ଜାତିର ମନରେ ଯେଉଁ ପିପାସା ଜାଗି ଉଠିଲା ତାହା ନିଷ୍ଠାପର ଭାବେ ପୂରଣ କରିବାର ଉଦ୍ୟମ କରିଥିଲା 'ଝଙ୍କାର' । ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ପାଇଁ ଝଙ୍କାର ଯୁବ ସାହିତ୍ୟିକମାନଙ୍କୁ ଉତ୍ସାହିତ କରିଥିଲା...ଏକାଠି କରିଥିଲା ନିଜ ପୃଷ୍ଠାରେ । ଆଜି ଯେଉଁ ମାନଙ୍କର ଅଭ୍ୟୁଦୟ ହୋଇଗଲା ଝଙ୍କାରର ସାହାଯ୍ୟରେ, ସେମାନେ ଉଚ୍ଚ ଆସନରେ ପ୍ରତିଷ୍ଠିତ । ଝଙ୍କାର ଦ୍ୱାରା ଯାହା ସଂଭବ ହୋଇଛି ତାହା ଅନ୍ୟ ପତ୍ରିକା ଦ୍ୱାରା ସଂଭବ ହୋଇନାହିଁ ।

(୨) ଝଙ୍କାରର ଅବଦାନ ମୋ ପାଇଁ ଅନସ୍ୱୀକାର୍ଯ୍ୟ । ତେବେ ଗୋଟିଏ ମାସିକ ପତ୍ରିକା ଦ୍ୱାରା ଜଣେ ଲେଖକ ଯେତିକି ପରିମାଣରେ ସାହାଯ୍ୟ ସହଯୋଗ ପାଇବା କଥା ସେଥିରୁ ମୋତେ ବଂଚିତ ହେବାକୁ ପଡିଛି, କାରଣ ନାଟକ ଲେଖୁଥିବାରୁ । କେବଳ ନବରବି ପୂର୍ଣ୍ଣାଙ୍ଗ ନାଟକ ପ୍ରକାଶ କରିଛି, ଅନ୍ୟ କେହି ଏଯାଏଁ ଏହା କରିନାହାନ୍ତି, ଯେପରି ବଙ୍ଗଳାର 'ବହୁରୂପୀ'ର ବାର୍ଷିକ ସଂଖ୍ୟା କରୁଥିଲା । ଏକାଙ୍କିକା ଛାପିବା କ୍ଷେତ୍ରରେ ଝଙ୍କାରର ଏହି ସଂପ୍ରସାରିତ ଚିନ୍ତାଧାରାର ସୁଯୋଗ ମୋତେ ମିଳିଲା ମୁଁ ଆକାଶବାଣୀରେ ୧୯୫୮ରେ ଯୋଗ ଦେବା ପରେ, ଯେତେବେଳେ ମୋତେ ଅଧିକ ନାଟକ ଲେଖିବାର ସୁଯୋଗ ମିଳିଲା । ଆକାଶବାଣୀରେ ପ୍ରଚାରିତ ମୋର ତିନୋଟି ଏକାଙ୍କିକା 'ଏକାନ୍ତ ଗୋପନୀୟ', 'ଅତିମାନବ' ଓ 'ଆବିଷ୍କାର' ଝଙ୍କାରରେ ପ୍ରଥମେ ପ୍ରକାଶ ପାଇଥିଲା । ଏହି ତିନି ନାଟକ ଥିବା ସଂକଳନଟି ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ୧୯୬୪ରେ ପାଇଲା । କହିବାକୁ ଦ୍ୱିଧା ନାହିଁ ଯେ ଏକାଙ୍କିକାଗୁଡିକ ଝଙ୍କାରର ତିନୋଟି ସଂଖ୍ୟାରେ ପ୍ରକାଶ ପାଇବା ଦ୍ୱାରା ମୋର ଲେଖା ପ୍ରତି ସାହିତ୍ୟିକ, ସମାଲୋଚକମାନଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷିତ ହୋଇଥିଲା ଏବଂ ତା'ର ସଫଳତା ମୁଁ ଅନୁଭବ କଲି ଛାପା ହେବା ଗୋଟିଏ ବର୍ଷ ଭିତରେ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା ପରେ ।

ପରୋକ୍ଷ ଭାବେ ମୋତେ ଏ ପର୍ଯ୍ୟନ୍ତ ବି ଉତ୍ସାହିତ ଓ ଅନୁପ୍ରାଣିତ କରୁଛି ଝଙ୍କାର । ଏବେ ବହୁ ବର୍ଷ ଧରି ମୁଁ ଝଙ୍କାରକୁ ଲେଖା ଦେଇ ପାରିନାହିଁ । କିନ୍ତୁ ମୋର ନାଟକ ସଂପର୍କିତ ସମାଲୋଚନାଗୁଡିକ ଝଙ୍କାରର ପୃଷ୍ଠା ମଣ୍ଡନ କରୁଛି । ଜଣେ ଲେଖକ ପକ୍ଷରେ

ଏହା କମ୍ ବଡ଼ ସୌଭାଗ୍ୟର କଥା ନୁହେଁ । ଏହି ସମାଲୋଚନାଗୁଡ଼ିକ ମତେ ଉତ୍ସାହିତ କରିଛି - ଆଉ ପ୍ରଭାବିତ କରିଛି ।

— ମନୋରଂଜନ ଦାସ

ଆକାଶ ପାତାଳ
ଭୁବନେଶ୍ୱର/୫.୬.୯୫

(୧) ଆଧୁନିକ ଓଡିଆ ସାହିତ୍ୟ (ଗଳ୍ପ, କବିତା, ପ୍ରବଂଧ, ସମାଲୋଚନା ଓ ଗବେଷଣା) କହିବାକୁ ଗଲେ 'ଝଙ୍କାର' ଗର୍ଭରୁ ଜନ୍ମ ହୋଇଛି ଓ ପୁଷ୍ଟ ହୋଇଛି । ବର୍ତ୍ତମାନର ବିଶିଷ୍ଟ ସାହିତ୍ୟ ସ୍ରଷ୍ଟାମାନେ ହିଁ 'ଝଙ୍କାର' ମାଧ୍ୟମରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଭାଷା, ଭାବ ଓ ଚିନ୍ତାର ପ୍ରକାଶ ଦ୍ୱାରା ଇ ସମ୍ଭବ ହୋଇଛି । ଝଙ୍କାର ହିଁ ସାହିତ୍ୟ କ୍ଷେତ୍ରରେ ରକ୍ଷଣଶୀଳତାକୁ ଭାଙ୍ଗିଲା ଓ ନାନା ପ୍ରକାର ପରୀକ୍ଷାନିରୀକ୍ଷା ପାଇଁ ଲେଖକମାନଙ୍କୁ ସୁଯୋଗ ଦେଲା । ଏହାର ମୁଖ୍ୟସଂପାଦକ ଡଃ ହରେକୃଷ୍ଣ ମହତାବ - ଏ ଦିଗରେ ହେଲେ ପ୍ରଧାନ ପ୍ରେରଣାଦାତା । ସେ ନିଜେ ସମସ୍ତଙ୍କର ଲେଖା ପଢୁଥିଲେ ଓ ଆଲୋଚନା କରୁଥିଲେ । ପ୍ରଥମେ ପ୍ରଥମେ ବହୁ ବର୍ଷ ଧରି ସେ ଅନେକ ପାଠକଙ୍କୁ ଧରି ସାହିତ୍ୟିକ ପାଠଚକ୍ର କରୁଥିଲେ । ତାଙ୍କ ସହିତ ଲେଖକମାନେ ତର୍କ କରୁଥିଲେ ଅବାଧରେ । କେବଳ ଝଙ୍କାର ନୁହେଁ ରବିବାର ପ୍ରଜାତନ୍ତ୍ର ଓ ପ୍ରଜାତନ୍ତ୍ରର ଶିଶୁ ଓ ନାରୀ ବିଭାଗ ମଧ୍ୟ ଆଧୁନିକ ସାହିତ୍ୟ ସୃଷ୍ଟି କରିବାରେ ବହୁ ଭୂମିକା ଗ୍ରହଣ କରିଥିଲେ । ସାହିତ୍ୟ ଭିତରକୁ ଇତିହାସ, ମନସ୍ତତ୍ତ୍ୱ ଦର୍ଶନ, ଆଧ୍ୟାତ୍ମିକତା, ରାଜନୈତିକ ଚିନ୍ତାଧାରା, ନୃତତ୍ତ୍ୱ ଓ ବିଜ୍ଞାନ ପ୍ରବେଶ କଲା ଝଙ୍କାର ମାଧ୍ୟମରେ ଓ ପ୍ରଜାତନ୍ତ୍ର ମାଧ୍ୟମରେ । ସାହିତ୍ୟିକମାନଙ୍କର ଚିନ୍ତାର ପରିସର ବଢିଗଲା । କବି ଲେଖକମାନଙ୍କ ପାଇଁ କଳ୍ପନା ରାଜ୍ୟର ଦ୍ୱାର ଉନ୍ମୁକ୍ତ ହେଲା । ସବୁପ୍ରକାର ଭାବ ଓ ମତ ପ୍ରକାଶ ପାଇଁ ଝଙ୍କାରର ଦ୍ୱାର ମୁକ୍ତ ଥିଲା । ଝଙ୍କାରରେ 'ମୋ ସମୟରେ' ପ୍ରଥମ କରି ଆଧୁନିକ କବି ଓ ଲେଖକମାନଙ୍କର କୃତି ସଂବନ୍ଧେ ଆଲୋଚନା/ସମାଲୋଚନାମାନ ପ୍ରକାଶ ପାଇଲା । ନିର୍ଭୀକ ଭାବେ ପୁସ୍ତକ ସମାଲୋଚନା ପ୍ରକାଶ ପାଇଲା ।

(୨) ଝଙ୍କାର ପ୍ରକାଶ ପୂର୍ବରୁ ମୋର ଲେଖା ଓଡ଼ିଶାର ଅନ୍ୟ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା ଓ ଆଦୃତ ହୋଇଥିଲା । ମାତ୍ର 'ଝଙ୍କାର' ଭିତରୁ ମୁଁ ପୁନର୍ଜନ୍ମ ଲାଭ କଲି । ଝଙ୍କାର ପତ୍ରିକାରେ ମୁଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଗଳ୍ପ ଲେଖୁଥିଲି ଓ ପ୍ରତିଷ୍ଠା ପାଇଲି

ମଧ୍ୟ । ମୋର କହିବାରେ ଦ୍ୱିଧା କାହିଁ ଯେ 'ଝଙ୍କାର' ପତ୍ରିକାକୁ ତାର ଜନ୍ମ ଦିନରୁ ମୁଁ ଓ ମୋର ଅନ୍ୟ ପ୍ରତିଭାଧର ଲେଖକ ବନ୍ଧୁମାନେ ପାଳି ଆସିଛୁ ଓ ଗଢ଼ି ଆସିଛୁ । ଏବଂ ତା' ସଙ୍ଗେ ସଙ୍ଗେ 'ଝଙ୍କାର' ପତ୍ରିକା ମଧ୍ୟ ଆମ୍ଭମାନଙ୍କୁ ପାଳି ଆସିଛି ଓ ଗଢ଼ି ଆସିଛି । ଅନ୍ୟଭାଷାରେ କହିଲେ ଝଙ୍କାରକୁ ଆମେ ସୃଷ୍ଟି କରିଛୁ ଓ ଝଙ୍କାର ଆମକୁ ମଧ୍ୟ ସୃଷ୍ଟି କରିଛି ।

ମୁଁ ବହୁବାର 'ଝଙ୍କାର' ଓ 'ପ୍ରଜାତନ୍ତ୍ର' ଦ୍ୱାରା 'ବିଷୁବ ମିଳନ' ସମ୍ମାନ ଓ ଉପାୟନ ପାଇଛି । ସାଲ ଓ ସୁନାମୁଦି ପାଇଛି । ରୁପାର ତାରକସୀ କାମ ପାଇଛି ।

— ମହାପାତ୍ର ନୀଳମଣି ସାହୁ

କଟକ/୨୯.୫.୯୫

(୧) ସାହିତ୍ୟର ବିକାଶ ପ୍ରଶ୍ନ ଏକ ଗୁରୁତର ପ୍ରଶ୍ନ । ଇତିହାସ ଯେପରି ସନ, ତାରିଖ କଂଟକିତ, ରାଜାରାଣୀଙ୍କ ଅଭିଷେକର କାହାଣୀ ନୁହେଁ ଏବଂ ତାହା ଅତୀତ ଓ ବର୍ତ୍ତମାନ ଘଟଣାର ଅନାସକ୍ତ ମୂଲ୍ୟାୟନ, ଠିକ୍ ସେହିପରି ସାହିତ୍ୟର ବିକାଶ ସାମାଜିକ ଘନଘଟା ଜନଜୀବନ ମଧ୍ୟସ୍ଥ ରାଜନୀତିକ, ସାମାଜିକ, ସାଂସ୍କୃତିକ ଉତ୍ଥାନ ପତନ ଉପରେ ପ୍ରାୟ ନିର୍ଭରଶୀଳ କାରଣ ସାହିତ୍ୟ ଏକ ଅନାସକ୍ତ ଯୋଗାଭ୍ୟାସ ନୁହେଁ ଯଦିଓ ତାହା ବୈକ୍ତିକ କିନ୍ତୁ ତାହା ସାମାଜିକ । ଆଧୁନିକ ଓଡିଆ ସାହିତ୍ୟର ବିକାଶ ଏବଂ ଅଭିବୃଦ୍ଧିରେ ଝଙ୍କାରର ଅବଦାନ ମୋଟେ ଗୌଣ ନୁହେଁ । ବରଂ ଅତୁଳନୀୟ । ଝଙ୍କାରର ଜନ୍ମଲଗ୍ନଠାରୁ ଏ ଯାବତ୍ ତାର ଗଣତାନ୍ତ୍ରିକତା ବହୁ ନବୀନ କବି,ଲେଖକ, ନିବନ୍ଧକାର ଓଗେରଙ୍କର ସ୍ୱାକ୍ଷର ନିଜ ପୃଷ୍ଠାରେ ବହନ କରିବା ସାଥେ ସାଥେ ସେମାନଙ୍କୁ ଯୋଗାଇଛି ସୃଷ୍ଟିର ପ୍ରେରଣା ଏବଂ ଉପାଦାନ । ଝଙ୍କାରର ସାରସ୍ୱତ ଦ୍ୱାର ଉନ୍ମୁକ୍ତ ଥିଲା ନବୀନମାନଙ୍କ ପାଇଁ ।

(୨) ମୋର କବି, ଲେଖକ, ସମାଲୋଚକ ଜୀବନରେ ଝଙ୍କାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଝଙ୍କାର ପୃଷ୍ଠାକୁ ମୁଁ ପ୍ରାରମ୍ଭରୁ ଆସି ନ ଥିଲି । ଯେଉଁ ଦିନ ଝଙ୍କାର ପୃଷ୍ଠାରେ ମୋର ପ୍ରଥମ କବିତା ସ୍ଥାନିତ ହୋଇଥିଲା ସେ ଦିନର ଆନନ୍ଦ ଉଲ୍ଲାସ ଆଜି ବର୍ଣ୍ଣନା କରିବା ପାଇଁ ଯୋଗ୍ୟ ଭାଷା ନାହିଁ ।

ସାମଗ୍ରିକ ଭାବରେ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନ କ୍ଷେତ୍ରରେ ଝଙ୍କାରର ଭୂମିକା ଅତ୍ୟନ୍ତ ଗଠନାତ୍ମକ, ଗଣତାନ୍ତ୍ରିକ ଓ ଅନାଗତର ନାନ୍ଦୀପାଠକାରୀ ।

— ରବି ସିଂ

ଭୁବନେଶ୍ୱର/୧.୭.୯୫

(୧) ଏହି ସମୟରେ ଓଡିଆ ସାହିତ୍ୟର ସମୃଦ୍ଧି ପାଇଁ ଝଙ୍କାରର ଅବଦାନ ଅମୂଲ୍ୟ । ଝଙ୍କାର ନ ଥିଲେ ଓଡିଆ ସାହିତ୍ୟ ନିଶ୍ଚିତ ଭାବେ ଅଲଗା ଓ ଦରିଦ୍ରତର ହୋଇଥାନ୍ତା । ନିୟମିତ ଭାବେ ପ୍ରକାଶ ପାଉଥିବା ରୁଚିସମ୍ପନ୍ନ ସାହିତ୍ୟ ପତ୍ରିକାଟି ନଥିଲେ ସାହିତ୍ୟିକ ସୃଜନଶୀଳତାର ମାଧ୍ୟମଟିଏ ରହନ୍ତାନାହିଁ କି ପାଠକର ସାହିତ୍ୟାନୁଭୂତି ମାର୍ଜିତ ହୁଅନ୍ତା ନାହିଁ । କେତେକ ପତ୍ରିକା ଉଚ୍ଚମାନର ହୋଇ ବି ଅନିୟମିତ । ତେଣୁ ସଂକ୍ଷେପରେ କହିଲେ ଝଙ୍କାର ବ୍ୟତିରେକେ ଓଡିଆ ସାହିତ୍ୟ କଳ୍ପନା କରି ହେଉନାହିଁ ।

(୨) ଝଙ୍କାରରେ କବିତା ପ୍ରକାଶ ପାଇବା ପରେ ମୋର ଆତ୍ମପ୍ରତ୍ୟୟ ବଢ଼ିଗଲା । ତଦ୍ଦ୍ୱାରା ମୁଁ ଖୁବ୍ ଅନୁପ୍ରାଣିତ ହୋଇଥିଲି ବୋଲି କହିବାରେ ମୋର ଦ୍ୱିଧା ନାହିଁ । ପ୍ରତିଷ୍ଠିତ କବିମାନଙ୍କ ଗହଣରେ ପ୍ରକାଶିତ ହେବା ଫଳରେ ଦାୟିତ୍ୱବୋଧ ଆସିଲା; ସେ ଦାୟିତ୍ୱ ତୁଲାଇବାରେ ଏତେ ବର୍ଷ କଟିଗଲା । ଝଙ୍କାରରେ ପ୍ରକାଶିତ କବିମାନଙ୍କୁ ସହପାଠୀମାନେ ଶ୍ରଦ୍ଧା ସହିତ ଓ ବୟୋଜ୍ୟେଷ୍ଠମାନେ ସ୍ନେହ ପୂର୍ବକ ଦେଖୁଥିଲେ । ସେ ଅଭିଜ୍ଞତା ନଥିଲେ ମୁଁ ବୋଧହୁଏ ଏତେ ଦିନ ଧରି ଲେଖୁ ନଥାନ୍ତି ।

— ରମାକାନ୍ତ ରଥ

ଭୁବନେଶ୍ୱର/୨.୭.୯୫

(୧) ଗତ ପଚାଶ ବର୍ଷ ମଧ୍ୟରୁ ପ୍ରାୟ ପ୍ରଥମ ୨୫ବର୍ଷ ଆଧୁନିକ ଓଡ଼ିଆ ସାହିତ୍ୟକୁ ଗଢ଼ିବା ଦିଗରେ ଝଙ୍କାର ସଚେତନ ଭାବେ ଉଦ୍ୟମ କରିଛି ଓ ସଫଳ ହୋଇଛି ମଧ୍ୟ । ପ୍ରଜାତନ୍ତ୍ରର ସଂପାଦକ ଝଙ୍କାରର ମୁଖ୍ୟ ସଂପାଦକ ଥିଲେ ମଧ୍ୟ ଆଉ ଜଣେ ସଂପାଦକ ଏହାକୁ ସଂଭାଳନ୍ତି । କହିବା ବାହୁଲ୍ୟ ପରିବର୍ତ୍ତନଶୀଳ ପୃଥିବୀକୁ ଓଡ଼ିଆ ସାହିତ୍ୟର ଆବଶ୍ୟକତା ପ୍ରତି ଦୃଷ୍ଟି ରଖି ଝଙ୍କାର ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଗଢ଼ିବା ଓ ଆଗକୁ ବଢ଼ାଇବାର ଉତ୍ସାହ ଥିବା ଭଳି ସଂପାଦକ ଝଙ୍କାରରେ ପଚିଶ ବର୍ଷ ହେବ ନାହାନ୍ତି ।

(୨) ଲେଖକ ଜୀବନ ଆରମ୍ଭରେ ଝଙ୍କାରରେ ମୁଁ ଅନେକ ଲେଖାଲେଖି କରିଛି । ଦଶବାର ବର୍ଷ ଧରି ଝଙ୍କାରଠାରୁ ପ୍ରେରଣା ମଧ୍ୟ ପାଇଛି । କୋଡିଏ ବର୍ଷ ହେବ ସେସବୁ ନାହିଁ ।

— ଶରତ କୁମାର ମହାନ୍ତି

ଭୁବନେଶ୍ୱର/୪.୬.୯୫

(୧) ପ୍ରାକ୍ ସ୍ୱାଧୀନତା କାଳରେ ଅଧିକାଂଶ ପତ୍ରପତ୍ରିକାରେ କୁତ୍ସା, ଚରିତ୍ର ସଂହାର,

ଅସୂୟା, ହିଂସାଦ୍ୱେଷ ପ୍ରଭୃତି ଯାବତୀୟ ଭାରତୀୟ ଚେତନା ବିରୋଧୀ ଚିନ୍ତାଧାରାକୁ ସମାଲୋଚକ/ସଂପାଦକମାନେ ଅତ୍ୟାଧୁନିକ ଚିନ୍ତାଧାରା ମନେକରି ସେହି ଶ୍ରେଣୀର ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଲେଖକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ; କିନ୍ତୁ ଡଃ ମହତାବଙ୍କ ସଂପାଦନାରେ ପ୍ରକାଶିତ ମାସିକ 'ଝଙ୍କାର' ଏକ ଭିନ୍ନ ଧରଣର ସାହିତ୍ୟ ପତ୍ରିକା ରୂପେ ଆନ୍ତର୍ଜାତୀୟ ଚେତନା ସଂପନ୍ନ ଲେଖକମାନଙ୍କ ଦ୍ୱାରା ଗୃହୀତ ହେଉଥିଲା । ଝଙ୍କାରର ସଂପାଦକ ଡଃ ହରେକୃଷ୍ଣ ମହତାବ ଆଧୁନିକ ସାହିତ୍ୟର ବିକାଶ ପାଇଁ ଆବଶ୍ୟକ ଉପାଦାନ ସଂପର୍କରେ ଯଥେଷ୍ଟ ସଚେତନ ଥିଲେ । ତେଣୁ ସେ ଯୁବଗୋଷ୍ଠୀକୁ ମୌଳିକ ଚିନ୍ତନ ପାଇଁ ପ୍ରୋତ୍ସାହନ ଦେଉଥିଲେ । ବିଶେଷତଃ ପରୀକ୍ଷା ମୂଳକଭାବେ ରଚନାତ୍ମକତା ପାଇଁ ସେ କେବେ ନାକ ଟେକୁନଥିଲେ । ଏହାର ଫଳରେ ବିଗତ ପଚାଶବର୍ଷ ଧରି ଓଡ଼ିଆ ସାହିତ୍ୟର ଉନ୍ମେଷରେ କ୍ରମଶଃ ପରିବ୍ୟାପ୍ତ ହେଉଛି ଓ ଆଜି ଝଙ୍କାରର ପ୍ରକାଶିତ ଗଳ୍ପ, କବିତା ପ୍ରଭୃତି ଆନ୍ତର୍ଜାତିକ ବିଚାର ମାନଦଣ୍ଡରେ ସନ୍ତୁଳିତ ହେଉଛି ।

ଝଙ୍କାର ଆଧୁନିକତାର ଏକ ମୁକ୍ତ ବାତାୟନ ।

(୨) ୧୯୫୯ରେ ମୁଁ ଗଳ୍ପ ଲେଖା ଆରମ୍ଭ କଲି । ଗୋଟିଏ ଦୁଇଟା ଗଳ୍ପ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି'ରେ ବାହାରିଲା । କିନ୍ତୁ ତାହା ମୋତେ ଯଥେଷ୍ଟ ସ୍ୱୀକୃତି ଦେଇ ନଥିଲା । ୧୯୫୯ରେ ଝଙ୍କାରରେ ମୋର 'ମନମର୍ମର' ପ୍ରକାଶିତ ହେଲା । ତାପର ବର୍ଷ ୧୯୬୧ ଭିତରେ ମୋର ଦୁଇଟି ତିନୋଟି ଗଳ୍ପ ଝଙ୍କାରରେ ମଧ୍ୟ ପ୍ରକାଶିତ ହେଲା । ୧୯୬୧ରେ ମୋତେ ସେ ବର୍ଷର 'ବିଷୁବ ପୁରସ୍କାର' ମିଳିଲା । ଡଃ ମହତାବଙ୍କ ସଂପର୍କରେ ଆସିବାର ସୁଯୋଗ ପାଇବା ପରେ ମୋ ଆତ୍ମବିଶ୍ୱାସ କ୍ରମଶଃ ବଢ଼ିବାକୁ ଲାଗିଲା । ତା ଛଡା ଝଙ୍କାର ଏକ ମାନ୍ୟତା ପ୍ରାପ୍ତ ସାହିତ୍ୟିକ ପତ୍ରିକା ହୋଇଥିବାରୁ ମୋର ସମ୍ମାନ ବଢିବାର ଅନୁଭବ କଲି । କ୍ରମେ ଗଳ୍ପ ଲେଖାରୁ ଉପନ୍ୟାସ ଲେଖା ଆରମ୍ଭ କଲି । ୧୯୬୨ରେ ପ୍ରକାଶିତ ହେଲା ମୋର 'ନରକିନ୍ନର' ଓ ଏହି ପୁସ୍ତକର ପ୍ରଥମ ଆଲୋଚନା ପ୍ରକାଶିତ ହେଲା 'ଝଙ୍କାର'ରେ । ୧୯୬୭ରେ 'ଝଙ୍କାର'ର ବିଷୁବ ମିଳନ ଉତ୍ସବର ପ୍ରଥମ ସଂଧ୍ୟା ଅଧିବେଶନରେ ସଭାପତି କରିବା ପାଇଁ ଡଃ ମହତାବ ନିମନ୍ତ୍ରଣ କଲେ । ପ୍ରଜାତନ୍ତ୍ର ପରିବାର ତଥା ଝଙ୍କାର ଅଫିସ୍ ମୋ ପାଇଁ ଏକ ନୂତନ କର୍ମକ୍ଷେତ୍ର ଭଳି ଆକର୍ଷଣ ସୃଷ୍ଟିକଲା । ମୋର ସାହିତ୍ୟିକ ଜୀବନର ଅଯମାରମ୍ଭ ଝଙ୍କାର ପୃଷ୍ଠାରେ ପ୍ରକାଶିତ 'ମନମର୍ମର' ଗଳ୍ପରୁ ବୋଲି ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରେ ।

— ଶାନ୍ତନୁ ଆଚାର୍ଯ୍ୟ

ଓଡିଶା ସାହିତ୍ୟ ଏକାଡେମୀ/୩.୮.୯୫

(୧) କୌଣସି ବି ସାରସ୍ୱତ ପତ୍ର କୌଣସି ସାହିତ୍ୟର ବିବର୍ତ୍ତନରେ ବିକାଶରେ ଏକାକୀ ଏକ ସ୍ୱୟଂ ସଂପୂର୍ଣ୍ଣ ସହାୟକର ଭୂମିକା ଗ୍ରହଣ କରେ ନାହିଁ । ବିକାଶ ଓ ବିବର୍ତ୍ତନରେ ପ୍ରକାଶିତ ଏବଂ ଉଚ୍ଚାରିତ ହୁଏ କାଳର ସ୍ୱର । ସାହିତ୍ୟ ପତ୍ର ଏକ ମଞ୍ଚ ପ୍ରଦାନ କରେ । ଝଙ୍କାର ଏକ ଅତ୍ୟନ୍ତ ସାର୍ଥକ ଓ ଯଥାର୍ଥ ମଂଚ ପ୍ରଦାନ କରିଛି ଏହା ନିଃସନ୍ଦେହରେ କୁହାଯାଇପାରିବ । ଝଙ୍କାର ନିୟମିତ ଭାବରେ ଆଗାମୀକାଳ ପାଇଁ ଏକ ସମର୍ଥ ସ୍ରଷ୍ଟାସମୂହର ସର୍ଜନା କରିଆସିଛି, କରୁଛି ଓ କରୁଥିବ ।

(୨) ଆମମାନଙ୍କର (ମୋର ସମସ୍ତ ସମବୟସ୍କ ସ୍ରଷ୍ଟାମାନଙ୍କୁ) ପ୍ରାରମ୍ଭିକ ରଚନାଶୀଳ ଜୀବନରେ ଝଙ୍କାରରେ ପ୍ରକାଶିତ ଆମର କବିତା କି ଗପଟି ଆମମାନଙ୍କ ଭିତରେ କେହି କହିବେ ନାଇଁ ଯଦି ମୁଁ କହୁଛି) ଆଗକୁ ଚାଲିବାର ଆଗ୍ରହ ଓ ଦମ୍ ଅବଶ୍ୟ ଭରିଥିଲା ।

— ଶ୍ରୀନିବାସ ଉଦ୍‌ଗାତା

କଟକ/୨୮.୫.୯୫

(୧) ଝଙ୍କାର ଏକ ମାସିକ ସାହିତ୍ୟ ପତ୍ରିକା ଏବଂ ଏହା ପ୍ରାୟ ନିଶ୍ଚିତ ନିୟମିତ ଗତ ୪୭ ବର୍ଷ ଧରି ପ୍ରକାଶ ପାଇ ଆସୁଛି । ଏହାର ପ୍ରତିଷ୍ଠାତା ଏବଂ ସଂପାଦକ ଥିଲେ ଡଃ ହରେକୃଷ୍ଣ ମହତାବ, ଯିଏ କି ନିଜେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ । ତେଣୁ ବହୁ ଲେଖକ ଲେଖିକା ଏହି ପତ୍ରିକା ମାଧ୍ୟମରେ ନିଜ ନିଜ ଲେଖା ପ୍ରକାଶ କରିବାର ସୁଯୋଗ ପାଇଲେ । କବିତା, ଗଳ୍ପ ଏବଂ ଉଚ୍ଚକୋଟୀର ପ୍ରବନ୍ଧମାନ ବହୁ ନୂତନ ଓ ପ୍ରବୀଣ ଲେଖକ/ ଲେଖିକାମାନଙ୍କ ଦ୍ୱାରା ଲିଖିତ ହୋଇ ଏହି ପତ୍ରିକାରେ ସ୍ଥାନିତ ହୋଇଛି । ଏହାଛଡା ବିଷୁବ ମିଳନ ସାହିତ୍ୟିକମାନଙ୍କୁ ଉତ୍ସାହ ପ୍ରଦାନ କରିବାରେ ଏବଂ ଭାବର ଆଦାନ ପ୍ରଦାନ କରିବାରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ଏହି ସବୁ କାରଣରୁ ଝଙ୍କାରର ଅବଦାନ ଓଡ଼ିଆ ସାହିତ୍ୟରେ ଅବିସ୍ମରଣୀୟ ହୋଇ ରହିବ ।

(୨) ଝଙ୍କାରରେ ମୋର ଅନେକ କବିତା ଓ ପ୍ରବଂଧ ପ୍ରକାଶ ପାଇ ଆସୁଛି । ମୁଁ ପ୍ରାୟ ଆରମ୍ଭରୁ ହିଁ ଝଙ୍କାର ସହିତ ଘନିଷ୍ଠ ଯୋଗସୂତ୍ରରେ ଆବଦ୍ଧ କହିଲେ ଚଳେ । ତେଣୁ ଝଙ୍କାର ମୋର ଲେଖା ପ୍ରକାଶ କରିବାର ବିଶେଷ ସୁଯୋଗ ଦେଇଛି । ଝଙ୍କାର ପ୍ରକାଶ ପାଇଲା ବେଳେ ଅର୍ଥାତ୍ ୧୯୪୯ ରୁ ୧୯୬୨ ପର୍ଯ୍ୟନ୍ତ ମୁଁ କଲିକତାରେ ରହୁଥିଲି । ସେଠାରୁ

ଝଙ୍କାରକୁ ଲେଖା ପଠାଉଥିଲି ଓଡ଼ିଶାଠାରୁ ଦୂରରେ ରହି ମୁଁ ଝଙ୍କାର ମାଧ୍ୟମରେ ହିଁ ଓଡ଼ିଆ ପାଠକପାଠିକାମାନଙ୍କଠାରେ ପହଞ୍ଚିପାରିଥିଲି ।

— ସଚ୍ଚିଦାନନ୍ଦ ରାଉତରାୟ

ଶ୍ରୀବିହାର - ପୁରୀ/୬.୭.୯୫

(୧) ଡକ୍ଟର ମହତାବଙ୍କ ଉଦ୍ୟମରେ 'ଝଙ୍କାର' ପ୍ରକାଶ ପାଇ ବହୁ ଲବ୍ଧପ୍ରତିଷ୍ଠ ଲେଖକ ଲେଖିକାଙ୍କୁ ଉତ୍ସାହିତ କରାଯାଇଛି । ଏକା ଝଙ୍କାର ହିଁ ଓଡ଼ିଶାର ପ୍ରାଚୀନ 'ଉତ୍କଳ ସାହିତ୍ୟ' ପତ୍ରିକାର ଅବକ୍ଷୟ ପରେ ସାହିତ୍ୟ କ୍ଷେତ୍ରରେ ମହତାବଙ୍କ ଉଦ୍ୟମରେ ଉନ୍ମେଷିତ ହୋଇଥିଲା ।

(୨) ମୋର ମନେ ପଡୁଛି 'ଝଙ୍କାର' ପ୍ରଥମେ ପ୍ରକାଶ ହେଲା ପରେ ସେଥିରେ ଅଗ୍ରଲେଖାରେ 'ଓଡ଼ିଆ ଅକ୍ଷରର ଉତ୍ପତ୍ତି' ବିଷୟକ ମୋର ଗୋଟିଏ ପ୍ରବଂଧ ପ୍ରକାଶିତ ହୋଇଥିଲା । ପରେ ମୋର କେତେକ ଗବେଷଣାମୂଳକ ପ୍ରବଂଧ ଏଥିରେ ପ୍ରକାଶ ପାଇଛି ।

— ସତ୍ୟନାରାୟଣ ରାଜଗୁରୁ

ନୂଆଦିଲ୍ଲୀ

(୧) ସାହିତ୍ୟିକ ପତ୍ରିକା ହିସାବରେ ଝଙ୍କାର କେବଳ ନିଜର ସ୍ଥାୟିତ୍ୱ ନୁହେଁ ବରଂ ଗୁଣାତ୍ମକ ଉତ୍କର୍ଷ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିଛି ।

(୨) ମୋର ଯେତେଦୂର ମନେହୁଏ ଝଙ୍କାର ହିଁ ପ୍ରଥମ ସାହିତ୍ୟ ପତ୍ରିକା ଯେଉଁଥିରେ ୬ଷ୍ଠ ଦଶକରେ ମୋର କବିତା ସ୍ଥାନିତ ହୋଇଥିଲା । ୧୯୬୪ ଜାନୁୟାରୀ (?) ରେ ପ୍ରକାଶିତ ଦୀର୍ଘ କବିତା 'ମାଟି ଓ ମଣିଷ' ସମାଲୋଚକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଓ ଚର୍ଚ୍ଚିତ ହୋଇଥିଲା ।

ଝଙ୍କାରରେ ବିଶେଷ କରି ତାର ବିଷୁବ ଓ ପୂଜାସଂଖ୍ୟାରେ ବିଗତ ତିନି ଦଶକ ଧରି ମୁଁ ଲେଖି ଆସିଛି ।

— ସୀତାକାନ୍ତ ମହାପାତ୍ର

ଭଂଜ ବିହାର

(୧) ଗତ ୫୦ ବର୍ଷ ମଧ୍ୟରେ ଝଙ୍କାରର ଯୋଗ୍ୟ ପ୍ରତିଦ୍ୱନ୍ଦୀ ଭାବେ କୌଣସି ସାହିତ୍ୟ ପତ୍ରିକା ନିଜକୁ ସାବ୍ୟସ୍ତ କରି ପାରିନାହିଁ । ଏହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଝଙ୍କାର ଅନନ୍ୟ ଦିଗ୍‌ଦର୍ଶନ ଦେଇଛି ।

(୨) ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଝଙ୍କାର ସହିତ ମୋର ସଂପର୍କ । ମୋତେ ଭଲ ଲାଗୁଥିବା ଲେଖାଟି ହିଁ ଝଙ୍କାର ପାଇଁ ଅଲଗା କରି ରଖି ଅନ୍ୟାନ୍ୟ ଲେଖା ମୁଁ ଝଙ୍କାରେତର ପତ୍ରିକାମାନଙ୍କୁ ଦେଇ ଆସିଛି । ମୋ ବ୍ୟକ୍ତିଗତ ସାହିତ୍ୟିକ ଜୀବନର ପୁଷ୍ଟି ପାଇଁ ଝଙ୍କାରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମୋର ଧାରଣା ଓ ବିଶ୍ୱାସ ।

— ସୌଭାଗ୍ୟ କୁମାର ମିଶ୍ର

(୧) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଗୁଣାତ୍ମକ ଅଭିବୃଦ୍ଧି ନିମନ୍ତେ 'ଝଙ୍କାର'ର ଅବଦାନ ସଂପର୍କରେ କେବଳ ଏତିକି କୁହାଯାଇ ପରେ ଯେ, ଆଜି ଝଙ୍କାରର ଇତିହାସ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ଏକ ଏବଂ ଅଭିନ୍ନ ହୋଇଯାଇଛି । ଗୋଟିକରୁ ଅପରକୁ ବିଚ୍ଛିନ୍ନ କରି ବିଚାର କରିବା ଏକ ଅସମ୍ଭବ ବ୍ୟାପାର ।

(୨) ଜଣେ ଗବେଷକ ସାହିତ୍ୟ ସଂପର୍କରେ ମୋର ମତାମତ ଚାହିଁବେ, ଏହା କ'ଣ ମୋ ପାଇଁ କମ୍ ପ୍ରେରଣାଦାୟକ ? ଝଙ୍କାର ତ ମୋର ଏଇ ପରିଚୟ ଆପଣଙ୍କ/ ଆପଣମାନଙ୍କ ପାଖରେ ଉପସ୍ଥାପିତ କରିଛି ।

— ହେମନ୍ତ କୁମାର ଦାସ

ନିଷ୍କର୍ଷ :

ଏଇ ହେଲା ଓଡ଼ିଶାର ଜଣାଶୁଣା ସ୍ରଷ୍ଟାଙ୍କୁ ମୋ ଦ୍ୱାରା ପଚରାଯାଇଥିବା ପ୍ରଶ୍ନ ଦ୍ୱୟର ଉତ୍ତର । ଏହି ଉତ୍ତରରୁ ସୁସ୍ପଷ୍ଟ ଯେ ପ୍ରାୟ ୭ରୁ କମ୍ ପ୍ରତିଶତ ପଚରା ଯାଇଥିବା ପ୍ରଶ୍ନାନୁଯାୟୀ ଉତ୍ତର ଦେଇନାହାନ୍ତି । ୩ ପ୍ରତିଶତରୁ କମ୍ ପ୍ରଶ୍ନ ଦ୍ୱୟକୁ ସଂପୂର୍ଣ୍ଣ ଏଡାଇ ଦେଇଛନ୍ତି । ଅନ୍ୟ ସମସ୍ତେ ଏକମତ ଯେ, ସେମାନଙ୍କର ସାହିତ୍ୟିକ ଜୀବନକୁ ଉତ୍ସାହିତ କରିବାରେ ତଥା ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାରର ଭୂମିକା ମହାନ୍ । ୮ ପ୍ରତିଶତରୁ କମ୍ ସାହିତ୍ୟିକ ଝଙ୍କାରର ମାନହ୍ରାସ ହେଉଥିବା କଥା ଓ ପ୍ରାୟ ୭ ପ୍ରତିଶତ ଝଙ୍କାରର ସଂପାଦନାର ଦୁର୍ବଳତା ସଂପର୍କରେ କ୍ଷୋଭ ପ୍ରକାଶ କରିଛନ୍ତି । ସମସ୍ତ ସାହିତ୍ୟିକ ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଏବଂ ସେମାନଙ୍କର ସାହିତ୍ୟିକ ଜୀବନକୁ ପ୍ରୋତ୍ସାହିତ କରିବାରେ ଝଙ୍କାରର ଭୂମିକାକୁ ସ୍ୱୀକାର କରିଛନ୍ତି ।

ଏଣୁ ସବୁମତକୁ ଯଦି ଗ୍ରହଣ କରାଯାଏ ତେବେ କୁହାଯିବ ଯେ ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର ଭୂମିକା ସ୍ୱୀକାର୍ଯ୍ୟ ଏବଂ ଏହି ସମୃଦ୍ଧ ସାହିତ୍ୟ ପତ୍ରିକାର ସଂପାଦନା ଓ ପରିଚାଳନାଗତ ତ୍ରୁଟି ସୁଧାରିବା ଆବଶ୍ୟକ ।

ପରିଶିଷ୍ଟ

୩

ଝଙ୍କାରରେ ପ୍ରକାଶିତ

ଗଳ୍ପ, ନାଟକ, ଏକାଙ୍କିକା, ନାଟିକା ଓ ଉପନ୍ୟାସ

ଅଗ୍ରୱାଲ, ରାମ କୁମାର : ନୀରଜ (୨୨/୩), ନଦୀର ନାମ ତୃଷ୍ଣା (୨୨/୧୦)

ଅଧିକାରୀ, ପରମାନନ୍ଦ :ମଣିଷ (୧୭/୧୦), ପୁତ୍ର ନିବେଶି ପଦ୍ମାପାଣେ (୧୮/୫)

ଶ୍ରୀମତୀ ଅମୃତ ଦେବୀ : ଅନନ୍ୱିତ ସ୍ୱର: ଅନ୍ୱିତ ଆଳାପ (୩୫/୨), ସାରଥି ନିଅ ରଥ ବାହି(୩୬/୧୧)

ଅରୁଣ : କୁକୁରବାଲା (୫୦/୯)

ଆକବରୀ ଜଫର : ପ୍ରଶ୍ନଟିଏ (୪୮/୨)

ଆଗ୍ନେୟ : ସତରଞ୍ଜି ଖେଳଓ୍ୱାଡ(୬/୧୨)

ଆକାଶ କିଶୋର : ମୃତ ସ୍ୱପ୍ନର ସାଏରୀ (୪୯/୫)

ଆଚାର୍ଯ୍ୟ, କୁନ୍ତଳା କୁମାରୀ : ମନ ଓ ମଣିଷ (୧୫/୨) ମନ ତିମିରେ (୧୫/୧୧), ସୁଖ ସମ୍ବାଦ (୩୯/୩), ବିଳାପ (୩୯/୧୧), ବେସୁର ରାଗିଣୀ (୨୩/୪)

ଆଚାର୍ଯ୍ୟ, ନାରାୟଣ : ମୃତଦାର (୪/୮), ପଥର (୬/୪), ଦିଗ୍‌ବଳୟର ତଳେ (୫/୬)

ଆଚାର୍ଯ୍ୟ, ଅ. ଶାନ୍ତନୁ କୁମାର : ପ୍ରତୀକ (୧୧/୮), ମୃତ୍ତିକା ଦର୍ଶନ (୧୧/୧୦), ମନମର୍ମର (୧୨/୧), ପାଶ୍ଚାତ୍ ଯାତ୍ରୀ (୧୨/୩), ପୁତ୍-ନରକ (୧୨/୫), ବନଜାତକ (୧୨/୯), କଳଙ୍କ ଶରୀର (୧୨/୧୦), ସମସପ୍ତକ (୧୩/୧), ମନ ଗଛ (୧୩/୨), ଆଜିର ଶ୍ରେଷ୍ଠ ଶିଶୁ (୧୩/୪), ମାଟିତେଲ (୧୩/୮), ମଣ୍ଟୁ (୧୩/୧୦), ଜାପାନୀ କପ୍ (୧୩/୧୨), ଏକ ଡାନ୍ କ୍ୱିକ୍ ସୋଟୀୟ ସଂଧ୍ୟାର ଟ୍ରାଜେଡି (୧୪/୧), ଦୁର୍ବାର (୧୪/୫), ଇନ୍ଦ୍ର ଓ ଇନ୍ଦୁର (୧୪/୭), ବଣ ଆଉ ମଣିଷ (୧୪/୮), ମୂଳ (୧୫/୧), + ଓ - ୭୦ (୧୫/୬),ଏକ ଅଧ୍ୟାୟ (୧୫/୧୦), ନିଷିଦ୍ଧ ନଚିକେତା (୧୬/୧), ଛାୟା (୧୬/୧୦), ପିଠି (୧୯/୫), ତୁମେ ଓ ମୁଁ (୧୯/୭),

ପରିବାର ବୃକ୍ଷ (୨୦/୬), ଅଧିକାର (୧୩/୧), ଚିଠି ଲେଖାଳୀ(୨୫/୧), କଥୋପକଥନ ଗତ ରାତ୍ରୀର (୨୫/୭), ରାଜା (୨୬/୧), ଚିତ୍ରେଙ୍ଗୀ(୨୬/୧୦), ହରିଜନ (୨୭/୧), ରମା (୨୭/୭), ଭୁଲି ଗଲିକିରେ (୨୯/୭), ମଶାଣିକୁ ଯିବା (୩୦/୧), ସକାଳର ଶୋକ (୩୦/୯), ଚରିତ୍ର ଅନୁସନ୍ଧାନ (୩୭/୧), ମହାକବି ସାକ୍ଷୀ (୩୭/୭), ନଦୀୟା ଓ ଗିରିଆ (୩୮/୭) କୋକି (୩୯/୭) ସମାନ୍ତବାଦୀ (୪୦/୧) ପିତୃରଣ (୪୦/୭) ମୁଖ୍ୟବକ୍ତା (୪୬/ ୧),ଓଟିଓନିର ଜଗନ୍ନାଥ (୪୬/୭), ବିଦାୟ କାର୍ଲ (୪୭/୬), ଜଣିକିଆ ମାସ୍ତ୍ରିଲ୍ (୪୮/ ୧), ବଉଳ ଫୁଲର ମାଳ (୪୮/୭), 'ବିଲିଗୋଟ' ବନାମ 'ଉରୁବେଳ ଘୋଟକ' (୪୯/୧) ଏଗାର ଜଣ କାପୁରୁଷ ଓ ଜଣେ ନାରୀ (୫୦/୧), ମହାଦଶା, (୫୦/୬)

ଅଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ : ସୁଖ (୭/୮), ଉମାଦେବୀ (୭/୧୧), (୭/୧୨)

ଆବାସ ମହମ୍ମଦ ଖଲ୍ଲୀଲ : ଅନୁମାନ (୧୮/୩୪)

ଆର୍ଯ୍ୟ ଯଜ୍ଞଦତ୍ତ : ଅନୁଘୋଟକର କାହାଣୀ (୩୨/୧୨), ସିଂହାବତରଣ (୩୩/୧୧), ହାତୁଡି (୩୪/୧୦), ରକ୍ତ ସରସୀର ହଂସୀ (୩୫/୨), ପୂର୍ଣ୍ଣପ୍ରୀତିର କାୟା (୪୭/୧୦), ଅନ୍ଧ ଦେଶକୁ ଗଲି ଦର୍ପଣ ବିକି (୪୯/୧), ନିଶାନ୍ତର ନିକ୍ୱଣ (୫୦/୬)

ଓତା, ଶ୍ରୀମତୀ ବିଷ୍ଣୁପ୍ରିୟା : ଗାଙ୍ଗରିନ୍ (୩୭/୧୨)

ଇନ୍ଦ୍ର ସିଂ, ଚିରଶ୍ରୀ : ବର୍ଷା (୪୪/୧୧), ମାନବୀୟ (୪୭/୪)

ଓହିନ୍ଦ, ଏମ୍.ଏ. : ଦୁଇଟି ବିନୋଦିନୀ (୧୯/୨)

ଉଦ୍‌ଗାତା, ଶ୍ରୀନିବାସ : କାକ ବୋଲେ ପିକ (୨୦/୩), ସଂଦୀପ ଓ ଅରୁଣା (୨୧/୬), କସ୍ତୁରିକା (୨୧/୧୨), ବର୍ଷାସ୍ୱାତୀର (୨୩/୫), ଦିବ୍ୟପୁରୁଷ (୩୪/୭),ସ୍ୱପ୍ନର ସ୍ୱରଲିପି (୩୯/୨), ରିହର୍ସାଲା ଚାଲିଛି (୩୯/୭), ନିଶାପ (୩୯/୧୨), କେବେ (୪୦/୨), ମୁଖର ନୀରବତା (୪୬/୧), ଅଦେଖା ଦେଖା (୪୭/୪)

ଉଦ୍‌ଗାତା, ସୌଦାମିନୀ : ଏତେ ଭଲ ଦିନ(୨୭/୧୨), ବିମଳା ତା'ର ନାଆଁ (୩୦/୮)

ଉପାଧ୍ୟାୟ, ନରହରି : ପଥର ପୁଅ (୩୪/୬), ଅଚିହ୍ନା ରୋଗ (୩୭/୧୦)

କଥାପ୍ରିୟ : ସୁନାହାର (୪୧/୨)

କାନୁନ୍‌ଗୋ, ରବି : ଯଶସ୍ୱୀ (୪୮/୩), ମାନହାନି (୪୯/୪)

କବି, ଅସିତ୍ : ସଂଘମିତ୍ରା (୧୦/୪), ତା'ପରେ (୧୧/୧୦), ଦ୍ୱାପରର ଶେଷ ଚକ୍ରାନ୍ତ (୪୩/ ୭), ଜନ୍ମାନ୍ତର (୩୧/୨)

କର, ଅଚ୍ୟୁତାନନ୍ଦ : ସେ ଏକ ନାରୀ (୪୩/୧୧), ଅଥଚ ବାଲ୍ମୀକି (୪୪/୭), ମୁକ୍ତିର ଅନାହତ ସ୍ୱର (୪୪/୧୨), ଚଳନ୍ତା ଛାଇର ସଂସାର (୪୫/୮)

କର, ନିରୂପମା : ବଡଦିନ ଉପହାର (୩/୮)

କର, ପ୍ରଫୁଲ୍ଲ : ଶ୍ୟାମସୁନ୍ଦରଙ୍କ ସ୍ୱପ୍ନ (୧୦/୧୧), ଅବମାନନା (୧୧/୧୦), ଦଳିତ ଶିକ୍ଷକ ସଂଘ (୧୩/୨)

କର, ପ୍ରଶାନ୍ତ କୁମାର : ପ୍ରଶ୍ନବାଚୀ (୪୩/୪)

କର, ପ୍ରାଣବଂଧୁ : ପ୍ରବୀର ଦାସ (୪/୧), ଶୋଭାବର୍ଦ୍ଧନ (ନାଟିକା) (୪/୩), କିଛି ନାହିଁ ସେଥିରେ (୬/୧), ସଞ୍ଚୟ ସମସ୍ୟା (ଏକାଙ୍କିକା) (୬/୩), ରାମଚନ୍ଦ୍ରର ସାଧନା (୭/୧), ହେମମୃଗ (୯/୬), ଖିଣ୍ଣୁ (ଏକାଙ୍କିକା) (୯/୯), ମଶା (୧୦/୩), ସଂଧ୍ୟା ଆସରର ଭୂତ (ଏକାଙ୍କିକା)(୧୩/୭), ସ୍ମୃତି ବିଭ୍ରାଟ (୧୩/୧୦)

କର, ବିଚିତ୍ରାନନ୍ଦ : ମନ୍ତ୍ରୀଯୋଗ (୩୨/୬), ସାକ୍ଷାତକାର (୩୩/୪), ସେଇ ଅନ୍ଧ ପିଲାଟି (୩୪/୫), ଝିଅ ବାହାଘର (୩୪/୯), ସେ ଏକ ନାରୀ(୩୫/୬) ଦୁଇ ବୁଢ଼ାଙ୍କ ଗପ (୩୬/୯) କେବିନ୍ ଭଙ୍ଗା (୩୭/୯) ଏକ ଦୁଃସ୍ୱପ୍ନ (୩୮/୯) ଭଉଁରୀ (୩୯/୫)

କର, ରଜତ କୁମାର : ଦୁର୍ନୀତିର ନୀତି (୨୦/୬), ପଥେ ପ୍ରାନ୍ତେ ପ୍ରିୟା ପ୍ରୀତି (୨୬/୩), କଦଳୀ ଓ ବଦଳି (୩୩/୫)

ଲବଙ୍ଗଲତା ଦେବୀ ବିଦ୍ୱେଷୀ : ପାଗଳୀ ବୋହୂ (୫/୭)

